
REBATI AMA MATIRA SWARA
ଅକ୍ଟୋବର ୨୦୧୯ • ୫୦ ଟଙ୍କା
ରେବତୀ
ଆମ ମାଟିର ସ୍ୱର
ଶାରଦୀୟ ସଂଖ୍ୟା


New Product
HDPE Pipes
SAVE WATER!
WATER IS LIFE.
Agriculture / Irrigation / Industries / Domestic
Ohm PVC Pipes
Ohm
PVC
HDPE
Pipes & Fittings
"An ISO 9001:2008 Certified Company"
OHM PIPES PVT.LTD.
PLOT NO-D-7,8,49&50, SOMANATHPUR IID CENTRE,
BALASORE-765019, ODISHA, Ph. No : +919238100443

RNI Title Code : ODIODI 07916

# REBATI AMA MATIRA SWARA

*A Family Feature monthly Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ପ୍ରଥମ ବର୍ଷ : ୧୨ଶ ସଂଖ୍ୟା, ଅକ୍ଟୋବର, ୨୦୧୯ ■ Vol-1, Issue-12, October, 2019



ମାର୍ଗଦର୍ଶକ | Advisor
ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor
ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**


ଆରାଧ୍ୟ

**ଫକୀରମୋହନ ସେନାପତି**

କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା

**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**

ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ

**କୃଷ୍ଣ କୁମାର ମହାନ୍ତି**

ଅଳଂକରଣ ବିଭାଗ

- ଚିତ୍ରକଳା(ମୁଖ୍ୟ) : ସଂଜୟ ଭଟ୍ଟ
- ଚିତ୍ରକଳା(ସହଯୋଗୀ) : ସଂଜୟ କୁମାର ରାଉଳ
- ଲେ-ଆଉଟ୍ : ଦିଲ୍ଲୀପ କୁମାର ସେଣ
- ଅକ୍ଷର : ନିରଞ୍ଜନ ସାହୁ
- ରେବତୀ ନାମାଙ୍କନ : ଶିଳ୍ପୀ ଶଶିକାନ୍ତ ରାଉତ



**ସମ୍ପାଦକୀୟ କାର୍ଯ୍ୟାଳୟ** | **Editorial Office**


ସମ୍ପାଦିକା : ରେବତୀ
ଓ.ଟି. ରୋଡ୍, ବାଲେଶ୍ୱର
ପିନ୍- ୭୫୬୦୦୧
ଫୋନ୍ : ୯୪୩୭୦୮୦୦୦୩
୭୦୦୮୮୪୫୯୨୦

Editor : **Rebati Ama Matira Swara**
O.T. Road, Balasore
Pin - 756001, Odisha
Phone : 9437080003
7008845920

E-mail : ***rebati.rebati2018@gmail.com***


Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : ୫୦ ଟଙ୍କା ମାତ୍ର ■ Price : **INR 50/- Only**



# ସୂଚୀପତ୍ର

୧ମ ବର୍ଷ ୧୨ଶ ସଂଖ୍ୟା । ଅକ୍ଟୋବର ୨୦୧୯ ।

ଛୋଟ ଗାଁ
ଆମ ମାଟିର ସ୍ୱର




୯ ସମ୍ପାଦକୀୟ : ମାତୃଶକ୍ତିର .... : ସୁବାସିନୀ ଜେନା




୧୦
ପ୍ରସଙ୍ଗ : ନବଦୁର୍ଗାଙ୍କ ନାନା ରୂପ
: ରବୀନ୍ଦ୍ର କୁମାର ବେହୁରିଆ

୧୮
ପରମ୍ପରା : ପାର୍ବଣର ପାଇକ ଖେଳ
: ଗାୟତ୍ରୀ ଦାସ

୨୩
ମାନନୀୟାସୁ : ଆମ ପାଟଦେଈ :
ଶ୍ରଦ୍ଧାଞ୍ଜଳି କାନୁନଗୋ

୩୦
ପ୍ରବାସ : ମାଲେସିଆର ମହକ
: ବୀଣାପାଣି ପ୍ରଧାନ

୩୪
ଜନଜାତି : ଆଦିବାସୀଙ୍କ ପାରମ୍ପରିକ...
: ନିରଞ୍ଜନ ନାୟକ

୩୭ ସୃଜନ-ସମ୍ପର୍କ : ପ୍ରବୀଣା ମହାନ୍ତି
୪୩ ଅନୁଶୀଳନ : ଡକ୍ଟର ଜୟନ୍ତ କୁମାର ଦାସ
୪୮ ପ୍ରେରଣା : ଅନନ୍ୟା ପ୍ରିୟଦର୍ଶିନୀ
୫୪ କବି ଓ କବିତା : ଅମରେନ୍ଦ୍ର ମାଧବ ଦାଶ
୫୬ ସମକାଳ କବିତା : ତପନ ପଟ୍ଟନାୟକ
୫୭ : ବଂଶୀଧର ଚୌଧୁରୀ
୫୮ : ମନୋଜ ମେହେର
୫୯ : ଡକ୍ଟର କୁଞ୍ଜବିହାରୀ ଧଳ
: ଅକ୍ଷୟ ସାମଲ
୬୦ : ସଂଜିତ୍ କୁମାର ବଳ
୬୧ : ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ର
: ଶ୍ୱେତା ରାଉତ
୬୨ : ପ୍ରଣତି ବେହେରା
: ପ୍ରଭାତ ନଳିନୀ ମହାପାତ୍ର
୬୩ : ଉମାଶଙ୍କର ପାଳ
: ମନସ୍ୱିନୀ ଦେବୀ
୬୪ : ସଦାଶିବ ଦାଶ
: ସୁରଞ୍ଜନ ପାତ୍ର
୬୫ : ନରେନ୍ଦ୍ର କୁମାର ସେଠୀ
: ସୁକୁମାର ଦାସ
୬୬ ଖାଦ୍ୟ-ସଂସ୍କୃତି : ନିରଞ୍ଜନ ପତି
















**୭୦** ବିହଙ୍ଗ-ବିତାନ : **ସଂଗ୍ରାମ କେଶରୀ ପୃଷ୍ଟି**

**୭୬** ମୋ ବାପା : **ସିତାଂଶୁ ଲେଙ୍କା**

**୮୧** ଦେବାଳୟ : **ନାରାୟଣ ରାଉତରାୟ**

**୮୬** କଥା-କାହାଣୀ : **ଝରଣା ପଟ୍ଟନାୟକ**

**୯୦** ଶିଶୁ କାହାଣୀ : **କଇଳାଶ ପଟ୍ଟନାୟକ**





## ନିୟମିତ ବିଭାଗ


**୯୩** ଗୃହ ସମସ୍ୟା : **ଡକ୍ଟର ହରପ୍ରସନ୍ନ ଦାସ**

**୯୫** ଫ୍ୟାଶନ୍ : **ସ୍ନିଗ୍ଧା ତ୍ରିପାଠୀ**

**୯୮** ରୂପ-ରାଗ : **ସସ୍ମିତା ମେହେର**

**୧୦୦** ରୋଷେଇ : **ରାଜଲକ୍ଷ୍ମୀ ସାମଲ**

**୧୦୨** ଛାୟାଚିତ୍ର : **ଅନୁ ଚୌଧୁରୀ**

**୫୩** ମୁଦ୍ରା : **ସରୋଜିନୀ ସାହୁ**






**୧୦୬** ଶେଷପୃଷ୍ଠା : **ଲେଖକର ପର୍ବ : କୃଷ୍ଣ କୁମାର ମହାନ୍ତି**









ପ୍ରଚ୍ଛଦ ଭାବନା : **କୃଷ୍ଣ କୁମାର ମହାନ୍ତି**
ପ୍ରଚ୍ଛଦ ଦୃଶ୍ୟାଙ୍କନ : **ଆର୍ଟ ଅଫ୍ ଇମେଜ**
ପ୍ରଚ୍ଛଦ ଫଟୋଗ୍ରାଫି : **ବ୍ରହ୍ମାନନ୍ଦ ଜେନା**
ପ୍ରଚ୍ଛଦ ମଡେଲ୍ : **ଇପ୍ସିତା ଦାସ**
ଉଚ୍ଚତା : **୫ ଫୁଟ୍ ୪ ଇଞ୍ଚ**
ଶିକ୍ଷା : **ସାମ୍ବାଦିକତାରେ ସ୍ନାତକୋତ୍ତର**
ବୃତ୍ତି : **ଅଭିନୟ**
ମେକ୍ଅପ୍ : **ବୀଣାପାଣି ଦାସ**
କଷ୍ଟ୍ୟୁମ୍ : **ପ୍ରୀତି ପ୍ରିୟଦର୍ଶିନୀ ମହାନ୍ତି**
ସ୍ଥାନ : **ତିନିକୋଣିଆ ବଗିଚା, କଟକ**


**ମଲାଟ କଥା :** ଅଧା ଦୃଶ୍ୟ ଅଧା ଅଦୃଶ୍ୟରେ ନାରୀ ଆନନ୍ଦିକା । ଦୃଶ୍ୟତକ ହେଉ ଆଲୋକ, ଅଂଧାର ହେଉ ଅଦୃଶ୍ୟ । ନାରୀ ତାର ସନ୍ତାନକୁ ମଧ୍ୟ ଦେଖାଏ ନାହିଁ ଏ ଅଂଧାର । ଯେଉଁ ଜୀବନର ଅର୍ଦ୍ଧେକ ଅଂଶ ସେ ବୋଲି ସମାଜ ତାକୁ କହେ, ତା ଠାରୁ ବି ଅଛୁଆଁ କରି ରଖେ ଏ ଅଦୃଶ୍ୟକୁ ସେ । ନାରୀ ଆକାଶିନୀ ସିନା, ଆକାଶ ପରି ବ୍ୟାପ୍ତ ନୁହେଁ ସେ । ତାର ହଲେ ଡେଣା ଥାଇପାରେ, ହେଲେ ସେ ହଳକ ଭିତରୁ ଗୋଟିଏ ତାର । ଆର ଅଧକରେ ପଡ଼ିଥାଏ ଚାବି ନଥିବା ଏକ ତାଲା । ସେ ଉଡ଼ି ପାରେନା ସତ କିନ୍ତୁ ଅଧା ଜୀବନକୁ ନେଇ ସେ ବେଶ୍ ଆନନ୍ଦ ଫୁଟାଇପାରେ ମୁହଁରେ । ପବନ ପରି ଖେଳେଇ ପାରେ ହସଫୁଲ ତା ଅଧରରେ । ଅଦୃଶ୍ୟରେ ରଖି ଅଂଧାରକୁ ଅଧା ଆଲୋକରେ ସେ ଦେଇପାରେ ସୁରକ୍ଷା, ସଂସାରକୁ । ଦେଇପାରେ ବି ଉତ୍ସବର ପୂର୍ଣ୍ଣାଙ୍ଗ ଆନନ୍ଦ । ପାର୍ବଣରେ ଦେବୀ ଆବାହନର ମାଙ୍ଗଳିକ ମୁହୂର୍ତ୍ତକୁ ନାରୀର ମହନୀୟତା ସହ ତୋଳି ଧରିଛି 'ରେବତୀ' ଏଥରର ପ୍ରଚ୍ଛଦରେ ।







## ମନୋଜ ମେହେରଙ୍କ 'ମନସ୍ୱିନୀ ମନୋରମା' ଆଲେଖ୍ୟଟି ସୁଖପାଠ୍ୟ

● 'ରେବତୀ'ର ଅଗଷ୍ଟ-ସେପ୍ଟେମ୍ବର ସଂଖ୍ୟାର 'ଶେଷକଥା'ରେ କୃଷ୍ଣ କୁମାର ମହାନ୍ତିଙ୍କ 'ଲେଖକର ଜାତିଗୋତ୍ର' ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ ଓ ସମୟୋପଯୋଗୀ ମନେହୁଏ । ତାଙ୍କୁ ମୋର ବିଶେଷ ଅଭିନନ୍ଦନ ଓ ଶୁଭେଚ୍ଛା । କବିତା ପୃଷ୍ଠାରେ ସମକାଳର ଚର୍ଚ୍ଚିତ କବିମାନଙ୍କୁ ପଢ଼ି ମୁଗ୍ଧ ହେଲି । ଯୁବକବି ମନୋଜ ମେହେରଙ୍କ 'ମନସ୍ୱିନୀ ମନୋରମା' ଆଲେଖ୍ୟ ଓ ଆଳାପଟି ମନୋଜ୍ଞ ଓ ସୁଖପାଠ୍ୟ ହୋଇଛି । କବି ଦୁର୍ଗା ପ୍ରସାଦ ପଣ୍ଡାଙ୍କ 'ମୃତ୍ୟୁର ମହୋତ୍ସବ'ରେ ଜୀବନ ଓ ମୃତ୍ୟୁର ଲୁଚକାଳି ଖେଳ ଭିତରେ ହରିଶ୍ଚନ୍ଦ୍ର ଘାଟର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ଚିତ୍ର ବେଶ୍ ସ୍ମରଣୀୟ । ଡକ୍ଟର ସୁଷମା ମିଶ୍ରଙ୍କ ଫକୀରମୋହନଙ୍କ 'ରେବତୀ' ସମ୍ପର୍କରେ 'ସେ କାଳରୁ ଏକାଳ' ପର୍ଯ୍ୟନ୍ତ ଲେଖାଟି ଖୁବ୍ ଭଲ ଲାଗିଲା । 'ରେବତୀ'କୁ ମୋର ଅଜସ୍ର ଓ ସୁମନାସ ।

**ସୌଭାଗ୍ୟବନ୍ତ ମହାରଣା,**
ସମ୍ବଲପୁର

## 'ବନାରସର ହରିଶ୍ଚନ୍ଦ୍ର ଘାଟ' ଜୀବନ୍ତ

● କୃଷ୍ଣ କୁମାର ମହାନ୍ତିଙ୍କ 'ଶେଷକଥା'ରେ ଲେଖକଙ୍କ ଜାତିଗୋତ୍ର ଆଲେଖ୍ୟଟି ଭଲ ଲାଗିଲା । ତାଙ୍କର ମତ ସ୍ୱାଗତଯୋଗ୍ୟ ଓ ଗ୍ରହଣୀୟ । ସବୁ ଲେଖକ ଏ ଲେଖାଟି ପଢ଼ିବା ଦରକାର । 'ବନାରସର ହରିଶ୍ଚନ୍ଦ୍ର ଘାଟ' ଉପରେ ବନ୍ଧୁ ଦୁର୍ଗା ପ୍ରସାଦ ପଣ୍ଡାଙ୍କ ଅନୁଭବର ବର୍ଣ୍ଣନା ଖୁବ୍ ଜୀବନ୍ତ ଓ ହୃଦୟସ୍ପର୍ଶୀ ହୋଇଛି । କବିତା ବିଭାଗରେ ସବୁ କବିତା ସୁପାଠ୍ୟ । ବିଶେଷ କରି କବି ରାମକୃଷ୍ଣ ସାହୁଙ୍କ କବିତାରେ ଗଭୀର ଜୀବନାନୁଭବ ସଜଳ ଭାବେ ବାରିହେଲା ।

**ସୁଶ୍ରୀ ପାଣିଗ୍ରାହୀ,** ସମ୍ବଲପୁର

## ଚମତ୍କାର ବିଭାଗ 'ମୋ ବାପା'

● କବି ଶୁଭ ନାରାୟଣ ସ୍ୱାଇଁ ଯେଉଁଭଳି ଭାବରେ ତାଙ୍କ କବି-ପିତା ଜଳଧର ସ୍ୱାଇଁଙ୍କ ବିଷୟରେ ଆଲେଖ୍ୟଟି ପ୍ରସ୍ତୁତ କରିଛନ୍ତି ତାହା ମୋତେ ଗଭୀର ଭାବେ ଆଲୋଡ଼ିତ କଲା । ଏହା ନିଶ୍ଚିତ ଭାବରେ ଜଣେ କବି-ପୁତ୍ରଙ୍କ ଏକ ଯଥାର୍ଥ ଶ୍ରଦ୍ଧା ନିବେଦନ ବାପାଙ୍କ ପ୍ରତି । 'ରେବତୀ'ର 'ମୋ ବାପା' ବିଭାଗଟି ଚମତ୍କାର ବିଭାଗଟିଏ । ଯାହା ସବୁବେଳେ ମୋତେ ପ୍ରଭାବିତ କରେ ।

**ଦୁର୍ଗା ପ୍ରସାଦ ପଣ୍ଡା,** ସମ୍ବଲପୁର

## ସର୍ବାଙ୍ଗ ସୁନ୍ଦର ଓ ପାଠକାଭିମୁଖୀ କରାଯାଇଛି 'ରେବତୀ'କୁ

● ଅଗଷ୍ଟ-ସେପ୍ଟେମ୍ବର ସଂଖ୍ୟାର 'ରେବତୀ' ପଢ଼ିଲି । ଏହାର ଛପା, ପରିପାଟୀ ଓ ଉପସ୍ଥାପନା ଆକର୍ଷଣୀୟ । ମୋତେ ସବୁଠୁ ଭଲ ଲାଗିଲା 'କରୁଣାମୟୀ କସ୍ତୁରବା' । ପୁଷ୍ପାଞ୍ଜଳି କରଙ୍କ 'ନେପଥ୍ୟ ନାୟିକା' ପୁସ୍ତକର ମୂଲ୍ୟାୟନ ବେଶ୍ ସୁନ୍ଦର । ଏଥିରେ କସ୍ତୁରବାଙ୍କ ତ୍ୟାଗ, ସହନଶୀଳତା ଓ ସେବାକୁ ଯେପରି ଗରିମାମୟ କରାଯାଇଛି, ବାସ୍ତବିକ ପ୍ରେରଣାଦାୟକ । ଏପରି ଲେଖାକୁ ପାଠକ ସବୁବେଳେ ଖୋଜେ । କବି ରାମକୃଷ୍ଣ ସାହୁଙ୍କ କବିତା 'କାଠଗଡ଼ାରେ ଜୀବନ' ମନ୍ତ୍ରମୁଗ୍ଧ କଲା । କ୍ଷଣଭଙ୍ଗୁର ଜୀବନର ଅସାରତାକୁ ଖୁବ୍ ଅର୍ଥମୟ ଭାବେ ଚିତ୍ରଣ କରାଯାଇଛି । ଲକ୍ଷ୍ମୀପ୍ରିୟା ଓଝାଙ୍କ ଭ୍ରମଣ ବୃତ୍ତାନ୍ତ 'ସାବରମତୀରେ ଦିନେ'ର ଆବେଦନ ନିଆରା । ତେବେ ଏପରି ଲେଖାରେ ସରସତାକୁ ଜୀବନ୍ତ କଲେ ହିଁ କୁଶଳୀ ଲେଖକର ମାନ୍ୟତା ମିଳେ । ହରିଶ୍ଚନ୍ଦ୍ର ବେହେରାଙ୍କ 'ଯେଉଁ ସଡ଼କ ଛୁଇଁଲେ ଛୁଇଁହୁଏ ଶ୍ରୀ ଜଗନ୍ନାଥଙ୍କୁ' ଆଲେଖ୍ୟର ଐତିହାସିକ ଦିଗଟି ଉଲ୍ଲେଖନୀୟ । ପତ୍ରିକାଟିର ନାମ ଯେହେତୁ କି ଓଡ଼ିଆ ସାହିତ୍ୟର ପ୍ରଥମ ଗଳ୍ପର ନାମ ଆଧାରରେ ହେବା ସହ ଏକ ସାର୍ଥକ ଐତିହ୍ୟ ଓ ମିଥ୍‌ର ସଂକେତ ବହନ କରୁଛି, ଏଣୁ ଏହାର ପ୍ରଚ୍ଛଦରେ ନାନ୍ଦନିକତା ଓ ଗାମ୍ଭୀର୍ଯ୍ୟ ଅଧିକ ପ୍ରତିଫଳିତ ହେବାର ଆବଶ୍ୟକତା ରହିଛି । 'ସୃଜନ ବିତର୍କ' ପୃଷ୍ଠା ସଂଯୋଜନା କଲେ ପତ୍ରିକାର ମହତ୍ତ୍ୱ ବୃଦ୍ଧି ପାଆନ୍ତା । ପତ୍ରିକାଟିକୁ ସର୍ବାଙ୍ଗ ସୁନ୍ଦର ଓ ପାଠକାଭିମୁଖୀ କରିବା ପାଇଁ ଯେପରି ଉଦ୍ୟମ ହୋଇଛି ସେଥିପାଇଁ ସାଧୁବାଦ ଓ ଅଭିନନ୍ଦନ ।

**ମନୋଜ କୁମାର ମେହେର,** 'ସମାଜ' କାର୍ଯ୍ୟାଳୟ, କଟକ

**ଆମ ଉତ୍ତର :** ପ୍ରଚ୍ଛଦର ନାନ୍ଦନିକତା ଦିଗ ପ୍ରତି ଆମେ ଧ୍ୟାନ ରଖିଛୁ । ତେବେ ଏହାକୁ ଗାମ୍ଭୀର୍ଯ୍ୟପୂର୍ଣ୍ଣ କରିବା ସପକ୍ଷରେ ଆମେ ନାହୁଁ । ପାରିବାରିକ ପତ୍ରିକା ହୋଇଥିବାରୁ ପରମ୍ପରା ଓ ଚଳଣିକୁ ଗୁରୁତ୍ୱ ଦେଉଛୁ । ବିତର୍କ ପୃଷ୍ଠା ଆରମ୍ଭ ହେବ ଶିଘ୍ର । କିନ୍ତୁ କେବଳ ସୃଜନ ବିତର୍କ କାହିଁକି ? ସବୁ ପ୍ରସଙ୍ଗକୁ ଆମେ ଧ୍ୟାନ ଦେବୁ ।

## 'ଶେଷପୃଷ୍ଠା'ର ପ୍ରସଙ୍ଗ ବେଶ୍ ଚମତ୍କାର ହୋଇଛି

● ମୁଁ ଏଥରକ ମଧ୍ୟ 'ରେବତୀ'କୁ ପଛପୃଷ୍ଠାରୁ ପଢ଼ିବା ଆରମ୍ଭ କଲି । ଅନ୍ୟାନ୍ୟ ପ୍ରସଙ୍ଗ ସବୁ ପଢ଼ିସାରି ମତାମତ ଦେଲି । କିନ୍ତୁ 'ଶେଷପୃଷ୍ଠା' ଉପରେ ତୁରନ୍ତ ମନଖୋଲା ମତାମତ ନଦେଇ ରହିପାରୁନାହିଁ । କୃଷ୍ଣ ସାର୍ ପୁନଶ୍ଚ ସାହିତ୍ୟର ନିତାନ୍ତ ଏକ ଅଣଦେଖା, ଅନାଲୋଚିତ ତଥା ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ବିହଙ୍ଗାବଲୋକନ କରି ତାଙ୍କର ମହନୀୟତା ଦର୍ଶାଇଛନ୍ତି । ବାସ୍ତବିକ ସାହିତ୍ୟ-ସାହିତ୍ୟ । ସାହିତ୍ୟର ସ୍ଥାନ ସର୍ବଦା ଜାତିଗତ, ଦଳଗତ, ସାମ୍ପ୍ରଦାୟିକତା ଠାରୁ ବହୁ ଉର୍ଦ୍ଧ୍ୱରେ । ଅନେକ ବିଶିଷ୍ଟ ସାହିତ୍ୟିକ ନିମ୍ନଶ୍ରେଣୀରୁ ତଥା ଅତ୍ୟନ୍ତ ଗରୀବ ପରିବାରରୁ ହିଁ ଆସିଥାନ୍ତି । ଯେଭଳି ଈଶ୍ୱର ସର୍ବବିଦ୍ୟମାନ କିନ୍ତୁ ଅଦୃଷ୍ଟ, ସେହିପରି ସାହିତ୍ୟର ସଂଜ୍ଞା ଓ ସଂସ୍ଥିତି ସର୍ବତ୍ର ଗଚ୍ଛିତ । ତାକୁ ଖାଲି ଦରକାର କବିଟିଏର ଲେଖନୀର କୋମଳ ସ୍ପର୍ଶ । ତେଣୁ ଜାତି-ଗୋତ୍ର-ଧର୍ମ-ବର୍ଣ୍ଣ-ସମ୍ପ୍ରଦାୟର ବହୁ ଉର୍ଦ୍ଧ୍ୱକୁ ଯାଇ ଲେଖକମାନେ ସାହିତ୍ୟ ସାଧନାରେ ବ୍ରତୀ ହେବା ଆବଶ୍ୟକ । 'ସମକାଳ କବିତା' ପୃଷ୍ଠାରେ ପତ୍ରସ୍ଥ ସମସ୍ତ କବିତା ଦମ୍‌ଦାର୍ ହୋଇଛି । 'କାଠଗଡ଼ାରେ ଜୀବନ' ଏବଂ 'ଯାହାକୁ ଯାହାର ଦିନ' କବିତା ଦ୍ୱୟ ଭିତରେ ମୁଁ ହଜିଗଲି ଓ ମଜିଗଲି । ଓଃ ! କି ସୁନ୍ଦର କବିତା ! କବିଙ୍କୁ ଶୁଭେଚ୍ଛା ତଥା ଅଭିନନ୍ଦନ ।

**ଯଶୋବନ୍ତ ସେଠୀ,**
ଏ.ସି.ପି., କମିଶନରେଟ୍ ପୋଲିସ୍, ଭୁବନେଶ୍ୱର

## କୃଷ୍ଣ କୁମାର ମହାନ୍ତିଙ୍କ 'ଲେଖକର ଜାତିଗୋତ୍ର' ଲେଖାଟି ବେଶ୍ ଉପାଦେୟ

● 'ରେବତୀ' ମୋ ହାତକୁ ଆସୁ ଆସୁ ପ୍ରଥମେ ପଢ଼ି ପକେଇଲି କୃଷ୍ଣ କୁମାର ମହାନ୍ତି ସାର୍‌ଙ୍କର 'ଶେଷକଥା' । ଖୁବ୍ ଉପାଦେୟ ଆଲେଖ୍ୟ । ଲେଖକଟିଏ କେମିତି ମନୋବୃତ୍ତିରେ ରହିବା କଥା ତାର ସଠିକ୍ ବିବରଣୀ ସେ ଏଠି ସୁନ୍ଦର ଉଦାହରଣ ଦେଇ ସୂଚେଇ ଦେଇଛନ୍ତି । ଲେଖକ ଏକ ସୃଜନଶୀଳ ପ୍ରତିଭା ବିଶିଷ୍ଟ ଅନନ୍ୟ ନାୟକ- ଏଥିରେ ଦ୍ୱିମତ ନାହିଁ । ତା ପାଇଁ ଆଉ ଭିନ୍ନ ପରିଚୟ କି ଲୋଡ଼ା ହୁଏ ? ଆହୁରି ରୋଷେଇଶାଳ (ଯାହାକି 'ରେବତୀ'କୁ ବେଶ୍ ମହକେଇ ଦେଇଛି ଏଥର), ସ୍ୱାସ୍ଥ୍ୟଶାଳା, ହସଖୁସିର ପରିବାର, ପଞ୍ଚତନ୍ତ୍ର କାହାଣୀ ଇତ୍ୟାଦି ପଢ଼ି ମୁଗ୍ଧ ହେଲି ।

**ସସ୍ମିତା ମେହେର,** ସୋନପୁର

**ଆମ ଉତ୍ତର :** ଗତ ସଂଖ୍ୟା (ଅଗଷ୍ଟ-ସେପ୍ଟେମ୍ବର)ରେ ସସ୍ମିତା ମେହେରଙ୍କ 'ରୂପ-ରାଗ' ବିଭାଗରେ ପ୍ରକାଶିତ ଲେଖାର ଶୀର୍ଷକ 'ବର୍ଷାଋତୁରେ କେଶ ଓ ତ୍ୱଚାର ଯତ୍ନ' ବୋଲି ପଢିବାକୁ ଅନୁରୋଧ । ତ୍ରୁଟି ପାଇଁ ଦୁଃଖିତ ।

## ଦିଲ୍ଲୀପ ବେହେରାଙ୍କ 'ସନାଗୌଡ଼...' ଗପଟି କାଳଜୟୀ ପର୍ଯ୍ୟାୟର



● 'ରେବତୀ ଆମ ମାଟିର ସ୍ୱର' ନୁହେଁ ତ, ତଥ୍ୟ ସମ୍ବଳିତ ଗୋଟେ ଗନ୍ତାଘର । ସାହିତ୍ୟ, ସମାଜ, ଇତିହାସ, ଭୂଗୋଳ, ସ୍ୱାସ୍ଥ୍ୟ, ଗୃହ ସମସ୍ୟା, ଖାଦ୍ୟ ଆଦିକୁ ନେଇ ଏକ ସ୍ୱୟଂସମ୍ପୂର୍ଣ୍ଣ ପତ୍ରିକା । 'ସମ୍ପାଦକୀୟ'ରେ ମିଳେ ନାରୀମୁକ୍ତିର ମନ୍ତ୍ର ଆଉ 'ଶେଷକଥା'ରେ ଅଛି: ଆଞ୍ଚଳିକତା ନୁହେଁ ଭଲ ଲେଖା ହିଁ ପରିଚୟ ହେଉ ଲେଖକର । ଜାତିଗୋତ୍ର ନୁହେଁ । ଖୁବ୍ ଅଭିନନ୍ଦନୀୟ । ବିଭୂତି ସାର୍‌ଙ୍କ ଆଲେଖ୍ୟରୁ ଜାଣି ପାରିଲି ଗୋହତ୍ୟା, ଗୋରକ୍ଷା ମୁଦ୍ଦା ଏବେର ନୁହେଁ, ଅନେକ କାଳର । ୧୯୬୬ ମସିହାର ସାମାଜିକ, ରାଜନୈତିକ, ଆର୍ଥିକ ଅବସ୍ଥା ସହ ଅବଗତ ହେବା ସହିତ ଶେଷ ଶବ୍ଦ ହେନରୀ ମିଲାର୍‌ଙ୍କ ନିଷିଦ୍ଧ ଉପନ୍ୟାସ ଆଲେଖ୍ୟର ଟୁଇଷ୍ଟ୍ ଖୁବ୍ ଭଲ ଲାଗିଲା । ସୁଷମା ମାଡ଼ାମ୍‌ଙ୍କ ରେବତୀ ଭିତରେ ଜିଇଁଗଲି ପୁରା ପଚାଶ ବର୍ଷର ଜୀବନ । 'ଦେଉଳଝରିର ଦିଅଁ'ରୁ ଜାଣିବାକୁ ପାଇଲି ଏତେ ସୁନ୍ଦର ଧାର୍ମିକ ଭ୍ରମଣ ସ୍ଥାନଟିଏ ଓଡ଼ିଶାରେ ଅଛି ଯାହା ଅନେକ ଲୋକଙ୍କ ଆଗୋଚରରେ । ଲୋକଲୋଚନକୁ ଆଣିଥିବାରୁ ଉଭୟ ଲେଖକ ଓ 'ରେବତୀ' ପରିବାର ଧନ୍ୟବାଦର ପାତ୍ର । ଶୈଳବାଳାରେ ପଢୁଥିଲା ବେଳେ ମୁଁ ଲୋକସେବକ ମଣ୍ଡଳର ସଦସ୍ୟ ଥିଲି । ସେଇ ଆଳରେ ମନୋରମା ମାଡ଼ାମ୍‌ଙ୍କ ସହ ବହୁତ ଆଳାପ ଆଲୋଚନା ହେଉଥିଲା ସାହିତ୍ୟକୁ ନେଇ । ଆଜି ସେ ସ୍ମୃତି ସତେଜ ହେଇଗଲା 'ମନସ୍ୱିନୀ ମନୋରମା' ପାଠ କରି । ଦ୍ୱିତୀଙ୍କ ଲେଖାରୁ ଜାଣିବାକୁ ପାଇଲି ଶୈବ, ଶାକ୍ତ, ବୈଷ୍ଣବ, ବୌଦ୍ଧ, ଜୈନ ସଂସ୍କୃତିର ମିଳନସ୍ଥଳ ବଂଶଧାରାର ଇତିହାସ ଭୂଗୋଳ । ଖୁବ୍ ସୁନ୍ଦର ଆଲେଖ୍ୟ । ଆଲେଖ୍ୟରୁ ଯେତିକି ବୁଝିଲି ପୁଷ୍ପାଞ୍ଜଳି ମାଡ଼ାମ୍‌ଙ୍କ ଡ଼ନେପଥ୍ୟ ନାୟିକାଡ଼ ଭଲ ବହି ନିଶ୍ଚିତ । ତେଣୁ କିଣି ସାରିଲିଣି । 'ଯେଉଁ ସଡ଼କ ଛୁଇଁଲେ ଛୁଇଁ ହେଇଯାଏ ଜଗନ୍ନାଥଙ୍କୁ' ଲେଖାରୁ ପଢ଼ିଲି ସଡ଼କର ଜନ୍ମ ଜାତକର କାହାଣୀ । ନିମିଷକ ଦେଖାରେ ଯେ ଜଣେ ପାରୁଲ୍‌ମୟ ହେଇପାରେ ଜାଣି ଆଶ୍ଚର୍ଯ୍ୟ ହେଲି । ଶେଷ ପଂକ୍ତି ମନକୁ ଖୁବ୍ ଛୁଇଁଲା । ଦିଲ୍ଲୀପ ବେହେରାଙ୍କ 'ସନାଗୌଡ଼...' ଗପକୁ ବର୍ଣ୍ଣନା କରିବାକୁ ମୋ ପାଖରେ ଭାଷାର ଅଭାବ । ଏତିକି କହିବି କାଳଜୟୀ ଗପ । 'ମୃତ୍ୟୁର ମହୋତ୍ସବ' ପଢି ଲାଗିଲା ଯେମିତି ମୋ ଅନୁଭୂତିକୁ ଦୁର୍ଗା ପ୍ରସାଦ ପଣ୍ଡା ଅବିକଳ କାଗଜରେ ଉତାରିଛନ୍ତି । ଅଞ୍ଜଳି ସାହୁଙ୍କ ଗପରେ ଲୁପ୍ତ ହେଉଥିବା ଢଗଢମାଳିକୁ ଜୀବନ୍ତ କରିବାକୁ ସଫଳ ପ୍ରୟାସ ହୋଇଛି । କବିତା ବିଭାଗ, ସ୍ୱାସ୍ଥ୍ୟ, ଗୃହ ସମସ୍ୟା, ରୋଷେଇ, ରାଜନୀତିର ରେଖାଚିତ୍ର, ମୋ ବାପା, ପଞ୍ଚତନ୍ତ୍ରର କାହାଣୀ ସମସ୍ତଙ୍କର ବଳିଷ୍ଠ ଲେଖନୀ ମୁନରେ 'ରେବତୀ' ସମୃଦ୍ଧ । ସ୍ଥାନ ବିଶେଷରେ ମୁଦ୍ରଣ ଗତ ତ୍ରୁଟି ପ୍ରତି ଧ୍ୟାନ ଦେବାକୁ ଅନୁରୋଧ ।

**ଲକ୍ଷ୍ମୀପ୍ରିୟା ଓଝା**

**ବି-୪୦୧, ଦି ଆଟ୍‌ଲାଣ୍ଟିକ, ଏସ୍‌ଆର୍‌ପି ଗ୍ରାଉଣ୍ଡ-୯ ପାଖରେ, ମକରପୁରା ରୋଡ଼, ବରୋଦା, ଗୁଜରାଟ-୩୯୦୦୧୦**

ଆମ ଉତ୍ତର **: ଆପଣଙ୍କର ବିସ୍ତାରିତ ମତାମତ ବେଶ୍ ଉତ୍ସାହପ୍ରଦ । ସେଥିପାଇଁ ଧନ୍ୟବାଦ ଜାଣିବେ । ମୁଦ୍ରଣ ପ୍ରମାଦ ବିଷୟରେ ଆପଣ ଯାହା ସୂଚନା ଦେଇଛନ୍ତି ଆମେ ସ୍ୱୀକାର କରୁଛୁ । ଆମେ ସେଥିପ୍ରତି ଧ୍ୟାନ ଦେବୁ ।**

## 'ସମ୍ପାଦକୀୟ'ରେ ନାରୀ ମୁକ୍ତିର ମନ୍ତ୍ରଧ୍ୱନି ମନକୁ ଆଚ୍ଛାଦିତ କଲା

● ଅଗଷ୍ଟ-ସେପ୍ଟେମ୍ବର ସଂଖ୍ୟା 'ରେବତୀ' ପଢ଼ିଲି । ପ୍ରତ୍ୟେକଥର ପରି ଏଥର ମଧ୍ୟ ମୁଁ 'ଶେଷକଥା'ରୁ ପଢ଼ିବା ଆରମ୍ଭ କଲି । 'ଶେଷକଥା' ମୋ ହୃଦୟରେ ବିଶାଳ ବୃକ୍ଷଟିଏ ହୋଇ ଗଜୁରି ଉଠିଲା । ପ୍ରକୃତରେ କବି ତ କବି । ତାର ଜାତି, ଗୋତ୍ର କ'ଣ ! 'ସମ୍ପାଦକୀୟ'ରେ ନାରୀ ମୁକ୍ତିର ମନ୍ତ୍ରଧ୍ୱନି ମନକୁ ଆଚ୍ଛାଦିତ କଲା । ବିଭୂତି ପଟ୍ଟନାୟକ ସାର୍‌ଙ୍କ ଫିଚର୍‌ରୁ ଅନେକ ଅଜଣା କଥା ଜାଣିବାର ସୁଯୋଗ ମିଳିଲା । ଡକ୍ଟର ସୁଷମା ମିଶ୍ରଙ୍କ 'ରେବତୀ: ସେକାଳରୁ ଏକାଳ ପର୍ଯ୍ୟନ୍ତ', ବେଶ୍ ବାସ୍ତବଧର୍ମୀ ହୋଇଛି । ଲେଖିକା ଲକ୍ଷ୍ମୀପ୍ରିୟା ଓଝାଙ୍କ 'ସାବରମତୀରେ ଦିନେ' ଓ ସଂଗ୍ରାମ କେଶରୀ ପୃଷ୍ଟିଙ୍କ 'ଦେଉଳଝରି', ମନୋଜ ମେହେରଙ୍କ 'ମନସ୍ୱିନୀ ମନୋରମା', ବଂଶଧାରାର ବୈଚିତ୍ର୍ୟ, କରୁଣାମୟୀ କସ୍ତୁରବା, ଡକ୍ଟର ହରିଶ୍ଚନ୍ଦ୍ର ବେହେରାଙ୍କ 'ଯେଉଁସଡ଼କ ଛୁଇଁଲେ ଛୁଇଁହୁଏ ଶ୍ରୀଜଗନ୍ନାଥଙ୍କୁ' ଏବଂ ପାରୁଲ୍ କିଏ ଓ କାହିଁକି- ଏହିପରି ସମସ୍ତ ବିଭାଗ 'ରେବତୀ'କୁ ଋଦ୍ଧିମନ୍ତ କରିଛି । କବିତା ବିଭାଗରେ ପ୍ରତ୍ୟେକଟି କବିତା ହୃଦୟକୁ ଆନ୍ଦୋଳିତ କଲା । 'ରେବତୀ'ର ଦୀର୍ଘ ଜୀବନ ମହାଶକ୍ତିଙ୍କ ଠାରେ କାମନା କରୁଛି ।

**ପ୍ରମୀଳା ଶତପଥୀ,**_ବାଲିଆ, ବାଲେଶ୍ୱର

## ସର୍ବାଙ୍ଗ ସୁନ୍ଦର 'ରେବତୀ' ଦୀର୍ଘାୟୁ ହେଉ

● ସମ୍ପାଦିକା ସୁବାସିନୀ ଜେନାଙ୍କ ସମ୍ପାଦକୀୟ ଲେଖାଟି ବେଶ୍ ସୁନ୍ଦର, ମନଛୁଆଁ ତଥା ହୃଦୟସ୍ପର୍ଶୀ ହୋଇଛି । ମା' ବିନା ଦୁନିଆରେ ସବୁ ଅନ୍ଧାର । ଶିଶୁଟିର ପ୍ରଥମ ଉଚ୍ଚାରିତ ଶବ୍ଦ ହେଉଛି ମା' । ତେଣୁ 'ମାଆକୁ ମର୍ଯ୍ୟାଦା' ବେଶ୍ ପ୍ରାସଙ୍ଗିକ ମନେହେଲା ।

**ପ୍ରତିଭା ସାହୁ,**_ଅନୁଗୁଳ

## ଅଂଜଳି ସାହୁଙ୍କ ଗଳ୍ପ 'କଜଳୀ ମାଆର ପ୍ରଶ୍ନପେଡ଼ି' ଖୁବ୍ ମନଛୁଆଁ

● ସାଦର ନମସ୍କାର ନିଅନ୍ତୁ । 'ରେବତୀ' ପତ୍ରିକାଟି ପ୍ରକାଶ ପାଇବା ସମ୍ପର୍କରେ ଜାଣିଥିଲେ ମଧ୍ୟ ପତ୍ରିକାଟିକୁ ଭେଟିବାର ସୁଯୋଗ ଏଯାବତ୍ ପାଇନଥିଲି । ଅନେକଥର ପତ୍ରିକା ଷ୍ଟଲ୍‌ରେ ପଚାରି ନିରାଶ ହୋଇଛି । ଏଥର ମୋ ପାଇଁ କପିଟିଏ ରଖିବାକୁ ସ୍ଥାନୀୟ ପତ୍ରିକା ଦୋକାନୀଙ୍କୁ କହିଥିବାରୁ କପିଟିଏ ପାଇବାର ସୁଯୋଗ ପାଇଲି । ଯୋଗକୁ ଏହି ଅଗଷ୍ଟ-ସେପ୍ଟମ୍ବର ୨୦୧୯ ସଂଖ୍ୟାରେ ମୋ ଉପରେ ଫିଚର୍‌ଟିଏ ପୁଅ ଶୁଭନାରାୟଣ ସ୍ୱାଇଁଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇ ପ୍ରକାଶ ପାଇଥିବା ଦେଖି ଖୁସି ହେଲି । ପତ୍ରିକାଟିକୁ ଆମୂଳଚୂଳ ପାଠ କଲା ପରେ ଅନୁଭବ କଲି ବାସ୍ତବରେ ଏହା ଏକ ଉଚ୍ଚକୋଟୀର ପାରିବାରିକ ଫିଚର୍ ପତ୍ରିକା । ପ୍ରଚ୍ଛଦ ପୃଷ୍ଠାରୁ ଆରମ୍ଭ କରି ଶେଷପୃଷ୍ଠାର ଶେଷକଥା ଯାଏଁ ପ୍ରତିଟି ପୃଷ୍ଠା ଯେମିତି ଲୋଭନୀୟ, ସେମିତି ଶୋଭନୀୟ ହୋଇପାରିଛି ମଧ୍ୟ । ଏ ସଂଖ୍ୟାର ସମ୍ପାଦକୀୟ ପୃଷ୍ଠାରେ ନାରୀର ମୁକ୍ତିକୁ ନେଇ ଯେଉଁ ମାନସିକତାର ପରିବର୍ତ୍ତନ କଥା କୁହାଯାଇଛି ତାହା ଉଭୟ ନାରୀ ଓ ପୁରୁଷ ପଇଁ ବେଶ୍ ସମୟୋପଯୋଗୀ ମନ୍ତ୍ରଟିଏ ନିଶ୍ଚୟ । ସୁଚିନ୍ତିତ ସମ୍ପାଦକୀୟ ପାଇଁ ଆନ୍ତରିକ ଅଭିନନ୍ଦନ ଜଣାଉଛି । ଡକ୍ଟର ସୁଷମା ମିଶ୍ରଙ୍କ 'ରେବତୀ : ସେକାଳରୁ ଏକାଳ ପର୍ଯ୍ୟନ୍ତ', 'ସ୍ମୃତିର ସାବରମତୀ'ରେ ଲକ୍ଷ୍ମୀପ୍ରିୟ ଓଝାଙ୍କ ଦର୍ଶନାନୁଭୂତି, ମନୋଜ ମେହେରଙ୍କ 'ମନସ୍ୱିନୀ ମନୋରମା', ଦ୍ୱିତୀଚନ୍ଦ୍ର ସାହୁଙ୍କ 'ଜୀବନଧାରା-ବଂଶଧାରା', କବି ଓ କବିତା ପୃଷ୍ଠାରେ ବନ୍ଧୁ ବିଷ୍ଣୁ ବାବୁଙ୍କ 'ପାରୁଲ୍‌ପ୍ରେମିକା' ଅଙ୍ଗୁରବାଳା ପରିଡ଼ାଙ୍କ 'ପ୍ରାର୍ଥନା', କଥା-କାହାଣୀ ପୃଷ୍ଠାରେ ଅଞ୍ଜଳି ସାହୁଙ୍କ 'କଜଳୀ ମାଆର ପ୍ରଶ୍ନପେଡ଼ି' ପ୍ରଭୃତି ବେଶ୍ ମନଛୁଆଁ ହୋଇପାରିଛି । 'ଶେଷକଥା'ରେ 'ଲେଖକର ଜାତିଗୋତ୍ର'କୁ ନେଇ ସହଯୋଗୀ ସମ୍ପାଦକ କୃଷ୍ଣ କୁମାର ବାବୁଙ୍କ ଚିନ୍ତନର ଯଥାର୍ଥତା ଅନୁଭବ କରାଯାଇ ପାରିଲେ ଲେଖକ ଲେଖକ ମଧ୍ୟରେ ଥିବା ଭେଦଭାବର ପ୍ରାଚୀର ଉଠି ଯାଇପାରନ୍ତା ଓ ସାନବଡ଼ ନିର୍ବିଶେଷରେ ସମସ୍ତ ଲୋକଙ୍କ ଭିତରେ ଗୋଟାଏ ଉଦାର ମନୋଭାବ ସୃଷ୍ଟି ହୋଇପାରନ୍ତା । ସୁନ୍ଦର ଚିନ୍ତନଟିଏକୁ 'ଶେଷକଥା'ରେ ଉପସ୍ଥାପନ କରିଥିବାରୁ କୃଷ୍ଣ କୁମାର ବାବୁଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇ ରହୁଛି ।




**ଜଳଧର ସ୍ୱାଇଁ,**

**ସଭାପତି : ସଓା ସାହିତ୍ୟ ସଂସଦ, କୋରାପୁଟ**
**ଫୋନ:୯୮୬୧୫୫୩୫୩୯**


THE Glam STUDIO
Believe Urself...
B U
BELIEVE URSELF
Dadi's
Nail Studio
Ladies Gym
Gold | Diamond | Silver
Boutique
Ladies Salon
Ladies Spa
Bridal Makeover
303, The Landmark, Sanjay Heights, Nalamganj,
Near Gadagadia Chhak, Balasore - 756003
Mob : 8763311822
theglamstudio.2017@gmail.com
Visit us @ www.theglamstudio.info
Advt design Rebati

ସମ୍ପାଦକୀୟ

# ମାତୃଶକ୍ତିର ମହନୀୟତା

ଜଗତର କଲ୍ୟାଣ ପାଇଁ ମାତୃଶକ୍ତିର ଆବଶ୍ୟକତା ଅପରିହାର୍ଯ୍ୟ ବୋଲି ଆମେ ଜାଣୁ । ପ୍ରତ୍ୟେକଟି ବିପଦ ଓ ଶଙ୍କଟ କାଳରେ ମାତୃଶକ୍ତିର ଆବାହନ ଏକମାତ୍ର ପଥ, ମଣିଷ ସମାଜର । ସେହିପରି ଜଗତର ସୁରକ୍ଷା, ଜଗତ ପ୍ରତି ବିପଦ ଆସିଲେ ଆମେ ସମସ୍ତେ ମାତୃଶକ୍ତି ପାଖରେ ସମର୍ପିତ ହୋଇଥାଉ । 'ମାଆ' ହେଉଛି ଶକ୍ତି । ଜଗତଜନନୀ ମାଆଙ୍କର ସେଇ ଶକ୍ତି ବଳରେ ଆମେ ସମସ୍ତେ ସୁରକ୍ଷିତ ।

କୁହାଯାଏ, ମାଆଙ୍କ ସ୍ଥାନ ପିତାଙ୍କ ଠାରୁ ସହସ୍ରଗୁଣ ଅଧିକ । ନାରୀଟିଏ ଭିତରେ ଏଇ ମାତୃ ରୂପଟି ସଦା ବିଦ୍ୟମାନ, ଯାହା ତାକୁ ଯୁଗେ ଯୁଗେ 'ଶକ୍ତି' ଦାୟିନୀ କରିଥାଏ । ମାତୃ-ରୂପରେ ନାରୀଟିଏ ସର୍ବଦା ଶକ୍ତିଶାଳୀ ଓ କଲ୍ୟାଣମୟୀ । ସେତେବେଳେ ସେ ସଂହାର କରିପାରେ, ସୁରକ୍ଷା ବି କରିପାରେ । ସୁତରାଂ ନାରୀଟିକୁ ଏ ସମାଜ କଦାଚିତ୍ ସାଧାରଣ ମନେ କରିବା ଉଚିତ ନୁହେଁ । ସେ ଅସାମାନ୍ୟ, ଅସାଧାରଣ ଏବଂ ଶକ୍ତିବାହିନୀ । ସେ ଚାହିଁଲେ କ୍ଷଣକରେ ବିନାଶ କରିପାରିବ । ସେ ଚାହିଁଲେ ଗଢ଼ି ଦେଇପାରିବ ସ୍ୱର୍ଗ । ସୁତରାଂ ଶକ୍ତି ସ୍ୱରୂପିଣୀ ନାରୀଟିକୁ ଆମେ ସବୁବେଳେ ଆପଣାର ଶକ୍ତି ଭାବରେ ସାଇତି ରଖିବା । ଜୀବନ ମାତ୍ରେ ହିଁ 'ଶକ୍ତି'ର ଆବଶ୍ୟକତା ରହିଛି । ତାହା ହୋଇପାରେ ମାନସିକ ଶକ୍ତି, ଅବା ହୋଇପାରେ ଶାରୀରିକ ଶକ୍ତି । କିନ୍ତୁ ଶକ୍ତି ହିଁ ଅପରିହାର୍ଯ୍ୟ ।

ହିନ୍ଦୁ ଧର୍ମରେ ଶକ୍ତି ଉପାସନାର ପରମ୍ପରା ବେଶ୍ ପ୍ରାଚୀନ । ସେହିପରି ମାତୃଶକ୍ତି ଉପାସନାର ମଧ୍ୟ ରହିଛି ଏକ ବିଶେଷ ମହତ୍ୱ । ସଂସାରର ହିତ ସାଧନ ନିମନ୍ତେ ମାତୃଶକ୍ତି ହିଁ ମୂଳବୀଜ । ଆଦି ଦାନବ ମହିଷାସୁର ରୂପକ ଅପଶକ୍ତିକୁ ଏହି ମାତୃଶକ୍ତି ହିଁ ସଂହାର କରିଛି । ଏଇଥିରୁ ବେଶ୍ ବୁଝିହୁଏ ଯେ, ନାରୀ ଆମ ସଂସ୍କୃତି ଓ ପରମ୍ପରାର ରକ୍ଷାକର୍ତ୍ତ୍ରୀ କେବଳ ନୁହଁ, ସେ ଉତ୍ପତ୍ତି ଓ ପାଳନର ମଧ୍ୟ ମୂଳଉତ୍ସ । ତେଣୁ ନାରୀର ଶକ୍ତି ମାତୃଶକ୍ତି ପ୍ରତି ଆମେ ସମସ୍ତେ ସବୁବେଳେ ସମର୍ପିତ ରହିବା ଦରକାର ।

କହିବାର ଅର୍ଥ ହେଲା, ସଂସାରରେ ମା'ଣ ଶକ୍ତି ବା ମାତୃଶକ୍ତି ହେଉଛି ସର୍ବଶ୍ରେଷ୍ଠ ଶକ୍ତି । ଏ ଅବବୋଧ ଆମ ସମସ୍ତଙ୍କର ରହିବା ଦରକାର । ଆମେ ମାଆ ଜଗଜ୍ଜନନୀ ଦୁର୍ଗାଙ୍କ ପୂଜା ଆରାଧନା କରୁଥିବା ବେଳେ ଆମ ଘର ପରିବାର କଲ୍ୟାଣ ଓ ସୁରକ୍ଷା ପାଇଁ ନିଜ ଜୀବନକୁ ବାଜି ଲଗେଇ ଦେଉଥିବା ନାରୀଟି ପ୍ରତି ଆଖି ବୁଜିଦେବା ଉଚିତ ହେବନାହିଁ । କାରଣ ସେ ନାରୀଟି ଭିତରେ ବି ଲୁକ୍କାୟିତ ହୋଇ ରହିଛି ସେଇ 'ମାତୃଶକ୍ତି'ର ବୀଜ । ତାକୁ ଆମକୁ ଅନୁଭବ କରିବାକୁ ପଡ଼ିବ । ନହେଲେ ଏ ପୂଜାଆରାଧନା, ଏ ଦେବୀ ଆବାହନର ମୂଲ୍ୟ ହିଁ ରହିବ ନାହିଁ ।

ମାତୃଶକ୍ତି ହେଉଛି ସୃଷ୍ଟି ଓ ସୃଜନର ଆଦିବିନ୍ଦୁ । ଦେବୀଙ୍କ ଆବାହନ ପାପର ସଂହାର ନିମନ୍ତେ, ସୃଷ୍ଟିର ବିଲୟ ନିମନ୍ତେ ନୁହେଁ । ସୃଜନର ପାହାଚରେ ସୁତରାଂ ମାତୃଶକ୍ତିର କଲ୍ୟାଣକାରୀ ସ୍ୱର୍ଶ ବିଞ୍ଚି ହୋଇପଡ଼ିଥାଏ । ତେଣୁ ତ ପାର୍ବଣର ଏ ମାହେନ୍ଦ୍ର ବେଳାରେ ଝରିପଡ଼େ ଆମ ଲେଖକ ଲେଖିକାଙ୍କ କଲମରୁ କେତେ କେତେ ସୃଷ୍ଟିର ସମ୍ଭାର । ପ୍ରତିଟି ପ୍ରାଣରେ ବିଚ୍ଛୁରିତ ହୋଇଉଠେ ସେଇ ମାତୃଶକ୍ତିର ଅପାର ଓଁକାର । ଯେପରି ଏଇ 'ଶକ୍ତି' ହିଁ ଏକମାତ୍ର ଧ୍ୟେୟ । ଆଉ ଯେତେକ ଶକ୍ତି ଦେଖାଉ ଆମେ, ସେସବୁ ଆମର ଅହଂକାର । ତୁଚ୍ଛା ବାହାସ୍ଫୋଟ ।

ନାରୀ କେବଳ ନାରୀଟିଏ ନୁହେଁ, ସେ ଜଣେ ମାଆ । ସେ ସୃଷ୍ଟିକରେ, ସେ ପାଳନ କରେ । ସେ ଧାରଣ କରେ । ଏସବୁ ଶକ୍ତିର ସମାହାରରେ ନାରୀ ଆମ ପାଇଁ ବନ୍ଦନୀୟା । ନାରୀର ଏହି ମାତୃରୂପ ହିଁ ତ 'ଶକ୍ତି'ର ପ୍ରତୀକ । ମାଆଟିଏ ସଶରୀରେ ତା' ସନ୍ତାନ ପାଖରେ ଥାଉକି ନଥାଉ, କିନ୍ତୁ ତା'ର ମନ-ପ୍ରାଣ-ଆତ୍ମା ସବୁବେଳେ ଘେରି ରହିଥାଏ ତା' ସନ୍ତାନର ଚାରିପାଖରେ । କେତେବେଳେ ବି କୌଣସି ବିପତ୍ତି ବା ବିଫଳତା ଆବୋରି ବସିଲେ, ସେତେବେଳେ ହିଁ ମାଆର ସେଇ ଶକ୍ତି ପୋଛିନିଏ ସବୁକିଛି । ଆତ୍ମବିଶ୍ୱାସ ଓ ପ୍ରେରଣା ଭରିଦିଏ ପୁଣିଥରେ ସନ୍ତାନ ପ୍ରାଣରେ । ସେ ହେଉଛି ମାଆ । ଯା'ର ସ୍ଥାନ ଆଉ କେହି ବି ନେଇପାରିବ ନାହିଁ ଏ ଜଗତରେ । ଆଉ ସେଇଥିପାଇଁ, ସେ ପ୍ରାପ୍ତ ହୋଇଥାଏ ଏଇ 'ମାତୃଶକ୍ତି'ଏ ଯା'ର ବିକଳ୍ପ ହିଁ ନାହିଁ ।

'ମାତୃଶକ୍ତି'ର ମର୍ଯ୍ୟାଦା ଓ ମାତୃଶକ୍ତିର ଉପାସନା ହିଁ ସମାଜର କଲ୍ୟାଣ । ପାର୍ବଣ ମୁଖର ଏ ସମୟରେ ମାଆ ଦୁର୍ଗାଙ୍କୁ ମୋର ପ୍ରାର୍ଥନା ଆମକୁ ଏକ ବିକଶିତ ଓ ସଚେତନ ସମାଜର ସନ୍ଧାନ ଦେଇ ଆମ ପ୍ରତି କଲ୍ୟାଣ କରନ୍ତୁ । 'ରେବତୀ'କୁ ପ୍ରକାଶନର ଗୋଟିଏ ବର୍ଷ ପୂରଣ ହେଲା । ଏ ଗୋଟିଏ ବର୍ଷ ଆପଣମାନେ ସମସ୍ତେ ଅକାତରେ ଭଲପାଇବା ଦେଇଛନ୍ତି । ଆଶା, ଆପଣମାନଙ୍କର ଏ ଭଲପାଇବା ଓ ଶ୍ରଦ୍ଧା ବଳବତ୍ତର ରହିବ । ସଭିଙ୍କ କଲ୍ୟାଣ ପାଇଁ ଜଗଜ୍ଜନନୀଙ୍କ ଠାରେ ପ୍ରାର୍ଥନା ।




ସମ୍ପାଦିକା

# ନବଦୁର୍ଗାଙ୍କ ନାନା



ରୂପ

# ଶ୍ରୀଶ୍ରୀ ଦୁର୍ଗା ତତ୍ତ୍ୱରେ ନବଦୁର୍ଗା







**ରବୀନ୍ଦ୍ର କୁମାର ବେହୁରିଆ**

ସଭାପତି, ଚାନ୍ଦବାଲି ସାଂସ୍କୃତିକ ପରିଷଦ,
ଚାନ୍ଦବାଲି, ଭଦ୍ରକ (ଓଡ଼ିଶା) ପିନ୍ : ୭୫୬୧୩୩
ଫୋନ : ୯୭୭୮୪୫୮୩୦୫


"ଦୁର୍ଗୋ ଦୈତ୍ୟେ ମହାବିଘ୍ନେ ଭବବନ୍ଧେ କୁକର୍ମଣି ।
ଶୋକେ ଦୁଃଖେ ନରକେ ଯମଦଣ୍ଡେ ଚ ଜନ୍ମନି ।
ମହା ଭୟେଽତିରୋଗେ ଚାପାଶବ୍ଦୋ ହନ୍ତୁବାଚକଃ
ଏତାନ୍ ହନ୍ତ୍ୟେବ ଯା ଦେବୀ ସା ଦୁର୍ଗା ପରିକୀର୍ତ୍ତିତା ।"
(ବ୍ରହ୍ମବୈବର୍ତ୍ତ ପୁରାଣ, ପ୍ରକୃତି ଖଣ୍ଡ ୫୩ ଅଧ୍ୟାୟ)

ଦୁର୍ଗା ଶବ୍ଦରେ ଦୈତ୍ୟ, ମହାବିଘ୍ନ, ଭବବନ୍ଧନ, କୁକର୍ମ, ଶୋକ, ଦୁଃଖ, ନରକ, ଯମଦଣ୍ଡ, ଜନ୍ମ, ମହାଭୟ,ଅତିରୋଗ ଏବଂ ଆ'ଶବ୍ଦରେ ହନନ- ଯିଏ ଏଇ ସବୁକୁ ହନନ ଅର୍ଥାତ ଛେଦନ କରନ୍ତି, ସେହିଁ ବାସ୍ତବରେ ଦୁର୍ଗା ନାମରେ ଅଭିହିତ ହୋଇଥାନ୍ତି ।

**(ଶବ୍ଦକଳ୍ପଦ୍ରୁମ ଅନୁସାରେ ବ୍ୟାଖ୍ୟା)**

ଭାରତୀର ସଂସ୍କୃତିରେ ଦୁର୍ଗାପୂଜା ଏକ ବିଶେଷ ଗୁରୁତ୍ୱପୂର୍ଣ୍ଣ ତାତ୍ପର୍ଯ୍ୟ ବହନ କରିଆସୁ ଅଛି । ଦେବୀଦୁର୍ଗା ସେ ଥରେ ଯେପରି ଦୁର୍ଗତିନାଶିନୀ, ଜଗଜ୍ଜନନୀ, ଆଦ୍ୟାଶକ୍ତି, ଅପରପକ୍ଷରେ ସେ ସେହିପରି କନ୍ୟା, ସ୍ନେହର ଦୁଲାଳୀ ଗୌରୀ । ଏଇ ଦ୍ୱିଭାବର ରୂପ ମଧ୍ୟରେ ଓଡ଼ିଆ ଦେବୀ ଦୁର୍ଗାର ସଂସ୍କୃତିକୁ ଆବାହମାନକାଳ ଧରି ଐତିହ୍ୟର ଧାରା ବହନ କରିଚାଲିଛି ।

ଋଗ୍ ବେଦର ଦଶମ ମଣ୍ଡଳର ଗୋଟିଏ ସୂକ୍ତରେ (୧୨୫) ଯେଉଁ ଦେବୀ ବନ୍ଦନା ଅଛି ସେଥିରେ ଦେବୀ ସୂକ୍ତର ବର୍ଣ୍ଣନା ରହିଛି । ଅନାର୍ଯ୍ୟ ସଂପ୍ରଦାୟ ମଧ୍ୟରେ ଦେବୀ ପୂଜା ଯାହା ମାତୃ ଆରାଧାନାର ବେଶି ପ୍ରଚଳନ ଥିଲା । ସିନ୍ଧୁ ସଭ୍ୟତାର ମହେଞ୍ଜୋଦାରୁ ଓ ହରପ୍ପାର ଖନନ କାର୍ଯ୍ୟ ଫଳରେ ପ୍ରସ୍ତର ନିର୍ମିତ ଅନେକଗୁଡିଏ ସ୍ତ୍ରୀ ମୂର୍ତ୍ତିର ସନ୍ଧାନ ମିଳିଛି । ଏଇ ସମସ୍ତ ମୂର୍ତ୍ତି ହେଉଛି ମାତୃମୂର୍ତ୍ତି । ପଣ୍ଡିତମାନଙ୍କର ଅନୁମାନ ଏହା ସବୁ 'ଲିଙ୍ଗ' ଓ 'ଯୋନି'ର ପ୍ରତୀକ ।

ଅନାର୍ଯ୍ୟଗଣ 'ଶିଶ୍ନଦେବ' ବୋଲି ଉଲ୍ଲେଖ କରିଛନ୍ତି । 'ଶିଶ୍ନ' କଥାଟିର ଅର୍ଥ ଲିଙ୍ଗ । ଅନାର୍ଯ୍ୟଗଣ ପିତୃ ଦେବତାର ଜନନ ଯନ୍ତ୍ରକୁ 'ଲିଙ୍ଗ' ବୋଲି ଏଆଁ'ଶ୍ରୀ'ଶକ୍ତିର ପ୍ରତୀକ ହିସାବରେ ପୂଜା କରିଥାନ୍ତି । ପରବର୍ତ୍ତୀ କାଳରେ ଅର୍ଯ୍ୟଗଣ କର୍ତ୍ତୃକ ଲିଙ୍ଗ ଓ ଯୋନିର ସମନ୍ୱୟରେ ଶିବ ପୂଜାର ପ୍ରଚଳନ କଲେ । ଶିବ ଓ ଶକ୍ତି ଆଦି ଦୁଇ ଦେବତାର ପ୍ରାଧାନ୍ୟ ଏଇ ଅନାର୍ଯ୍ୟ ସଭ୍ୟତା ଠାରୁ ଆସିଛି ବୋଲି ଆମ୍ଭମାନଙ୍କ ଅନୁମାନ । ଏହା ହିଁ ଭାରତୀୟ ସଂସ୍କୃତିରେ ମିଶ୍ରଫଳ ରୂପେ ଶକ୍ତି ପୂଜାର ଉତ୍ସ ରୂପେ ଚିହ୍ନିତ ।

ଭାରତୀୟ ମାତୃପୂଜାର ଧାରା ବୈଚିତ୍ରପୂର୍ଣ୍ଣ ମାତୃକା ଶକ୍ତିର ପ୍ରତୀକ ଭାବରେ ଆମେ ଅସଂଖ୍ୟ ସ୍ତ୍ରୀ ଦେବତାର ରୂପ ଦେଖିବାକୁ ପାଉଁ (କ) ପୃଥିବୀ ଦେବୀ, (ଖ) ପାର୍ବତୀ ଉମା, (ଗ) ଦକ୍ଷକନ୍ୟା ସତୀ, (ଘ) ଦେବୀ ଦୁର୍ଗା, (ଙ) ଦେବୀ ଚଣ୍ଡୀକା (ଚ)ଦେବୀକାଳୀକା ଏମାନେ ସବୁ ମାତୃପୂଜାର ଧାରା ଠାରୁ ଉଦ୍ଭୂତ । ଏହା ମଧ୍ୟରୁ ପୃଥିବୀ ଦେବୀ ହେଲେ ବହୁ ପ୍ରାଚୀନ ଦେବୀ ପୃଥିବୀ ମାତା ଧରିତ୍ରୀ । ଅର୍ଥାତ୍ ଆକାଶ ହେଉଛନ୍ତି ପିତା । ଦୌରୂପ ପିତାଙ୍କ ବର୍ଷାରୂପ ବର୍ଷଣ ଫଳରେ ମାତା ଧରିତ୍ରୀର ଗର୍ଭ ସଂଚାର ହୁଏ ଏବଂ ସେ ବୃକ୍ଷଲତାଦିରେ ଫୁଲ ଫଳରେ, ବିଚିତ୍ର ଶଯ୍ୟା ସମ୍ଭାରରେ ଭୂଷିତ ହୋଇଉଠେ । ଋକ୍‌ବେଦରେ ଏହାର ପ୍ରମାଣ ଅଛି । ପୁନଶ୍ଚ ପୃଥିବୀ ଦେବୀ ହିଁ ମଙ୍ଗଳଚଣ୍ଡୀ, ଅନ୍ନପୂର୍ଣ୍ଣା, ନବଦୁର୍ଗା ଇତ୍ୟାଦି ଦେବୀ କଳ୍ପନାର ଆଦି ଉତ୍ସ ବୋଲି ଆମ୍ଭମାନଙ୍କର ଅନୁମାନ ।

ଶଙ୍କରାଚାର୍ଯ୍ୟ ତାଙ୍କ ରଚିତ ଆନନ୍ଦ ଲହରୀରେ ସମସ୍ତ ବିଶ୍ୱକୁ ନାରୀମୂର୍ତ୍ତି ଓ ଶକ୍ତି ମଧ୍ୟ ଦେଇ ବର୍ଣ୍ଣନା କରିଛନ୍ତି– ଚନ୍ଦ୍ର, ସୂର୍ଯ୍ୟର ଆକାଶ, ପୃଥିବୀ ସବୁକିଛି । ଏହି ସଂପର୍କରେ ବିଶ୍ୱକବି ରବୀନ୍ଦ୍ରନାଥ ମଧ୍ୟ ଲେଖିଛନ୍ତି, 'ଆନନ୍ଦ ଲହରୀ' ରେ ଯାହାର ସ୍ତବଗାନ ଅଛି, ସେ ହେଉଛନ୍ତି ହିନ୍ଦୁ ଧର୍ମ– ସମ୍ମତ ନାରୀଶକ୍ତି ବିଶ୍ୱଗତ ଆନନ୍ଦକୁ ଆନନ୍ଦ ଲହରୀର କବି ନାରୀଶକ୍ତି ରୂପେ ଦେଖିଛନ୍ତି । ଆନନ୍ଦ ଲହରୀର ନିର୍ଯ୍ୟାସ ହେଲା, "ଶିବଃ ଶକ୍ତ୍ୟାଯୁକ୍ତ ଯଦି ଭବତି ମକ୍ତଃ ପ୍ରଭିବିତୁଂ । ନ ଚେ ଦେବଂ ଦେବତା ନ ଖଳୁ କୁଶଳଃ ସ୍ପନ୍ଦିତୁମପି ।" ଅର୍ଥ ହେଲା– ଶିବ, ଶକ୍ତିର ସହ ଯୁକ୍ତ ହେଲେ ହିଁ ସ୍ୱକୀୟ ପ୍ରଭାବ ଦର୍ଶାଇବାରେ ସକ୍ଷମ । ଅର୍ଥାତ୍ ଏହା ଫଳରେ ହିଁ ଅନୁଷ୍ଠୟ କର୍ମ ସାଧିତ ଓ ସଫଳ ହୋଇପାରେ । ବିଶ୍ୱର ମୂଳ ତତ୍ତ୍ୱରୁ ଆରମ୍ଭ କରି କ୍ଷୁଦ୍ରାତିକ୍ଷୁଦ୍ର ଜୀବ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଏହା ପ୍ରଯୁଜ୍ୟ । "

ଶାରଦୀୟ ଦୁର୍ଗାପୂଜା ମାତୃପୂଜା । ଏହାର ପ୍ରଚଳନ କରନ୍ତି, ତ୍ରେତାଯୁଗର ଅବତାର ଶ୍ରୀରାମଚନ୍ଦ୍ର । ସେ ସର୍ବ ଗୁଣରେ ଗୁଣାନ୍ୱିତ ତଥା ଚତୁର୍ବେଦ ଓ ଷଡ଼ଦର୍ଶନାଦି ଜ୍ଞାନରେ ମହାଜ୍ଞାନୀ ଥିଲେ ମଧ୍ୟ ସେ ରାବଣ ବଧ ଓ ସୀତାଙ୍କ ଉଦ୍ଧାର ଲାଗି ଦୁର୍ଗତିନାଶିନୀ ଦୁର୍ଗା ଅକାଳ ବୋଧନ କରି ନବରାତ୍ର ବ୍ରତ ପାଳନ କରିଥିଲେ । ମହର୍ଷି ବାଲ୍ମିକୀ କର୍ତ୍ତୃକ ଜିଜ୍ଞାସିତ ହୋଇ ନାରଦ ଶ୍ରୀରାମ ଚନ୍ଦ୍ରଙ୍କୁ କହିଥିଲେ "ଶ୍ରଦ୍ଧାଯୁକ୍ତ ହୋଇ ଆଶ୍ୱିନ ମାସରେ ଏହି ନବରାତ୍ର ବ୍ରତ, ଉପବାସ ଓ ଭଗବତୀଙ୍କ ପୂଜାକରି– ପୂର୍ବେ ବିଷ୍ଣୁ ମହାଦେବ (ଏବଂ ପରେ ଇନ୍ଦ୍ର ମଧ୍ୟ) ଏହି ବ୍ରତ ପାଳନ କରି ଥିଲେ । ଏହା ଫଳରେ ଇନ୍ଦ୍ର ବୃତାସୁରକୁ, ଶିବ ତ୍ରିପୁରାସୁରକୁ ଏବଂ ହରି ମଧୁ ଦୈତ୍ୟକୁ ବଧ କରିଥିଲେ ।" ରାମଚନ୍ଦ୍ର ଏହି ବ୍ରତ ବିଷୟରେ ନାରଦଙ୍କୁ ଜିଜ୍ଞାସା କରିବାରୁ ନାରଦ କହିଥିଲେ, "ସମତଳ ସ୍ଥାନରେ ବେଦି ନିର୍ମାଣ କରି, ଜଗଦମ୍ବାଙ୍କୁ ସ୍ଥାପନା କରି ବିଧି ପୂର୍ବକ ନଅ ଦିନ ଉପବାସ କରନ୍ତୁ । ମୁଁ ଏହି କାର୍ଯ୍ୟରେ ଆଚାର୍ଯ୍ୟ ହୋଇ ଦେବକାର୍ଯ୍ୟ କରିବି ।" ଏବଂ ରାମଚନ୍ଦ୍ର ନାରଦଙ୍କ ଏହି ଉପଦେଶ ଅନୁସାରେ ଏହି ବ୍ରତ ପାଳନ କରିଥିଲେ– ଆଶ୍ୱିନ ଶୁକ୍ଳ ପ୍ରତିପଦ ଠାରୁ ନବମୀ ପର୍ଯ୍ୟନ୍ତ । ଦଶମୀର ମଧ୍ୟରାତ୍ରରେ ଦେବୀ ତୁଷ୍ଟ ହୋଇ ଆବିର୍ଭୂତା ହେଲେ ଏବଂ ବରଦାନ ଦେଲେ ।

କାଳିକା ପୁରାଣ ଅନୁସାରେ ଦେବୀ ପୂଜା କୃଷ୍ଣ ଚତୁର୍ଦ୍ଦଶୀ ଠାରୁ ଶୁକ୍ଳ ନବମୀ ପର୍ଯ୍ୟନ୍ତ ମୋଟ ଏଗାର ଦିନ କିନ୍ତୁ ପ୍ରାୟ ସମସ୍ତ ଭାରତ ବର୍ଷରେ, ଆଶ୍ୱିନ ଶୁକ୍ଳ ପ୍ରତିପଦ ଠାରୁ ନବମୀ ପର୍ଯ୍ୟନ୍ତ ଏହି ନବରାତ୍ର ବ୍ରତ ପାଳନ କରାଯାଏ । ଏବଂ ଏହାପରଦିନଟି ଦଶହରା ନାମରେ ଖ୍ୟାତ । ରାମଚନ୍ଦ୍ରଙ୍କ ଦ୍ୱାରା ରାବଣ ବିଜୟ ଉଦ୍ଦେଶ୍ୟରେ ଏହି ଉତ୍ସବ ପାଳିତ ହେଉଥିବା କାରଣରୁ ଏହି ଦଶମୀକୁ ବିଜୟାଦଶମୀ ମଧ୍ୟ କୁହାଯାଏ ।

ରାବଣ ନିହତ ହେବା ପରେ, ସକଳ ଦେବତାଙ୍କ ସହ ପିତାମହ ବ୍ରହ୍ମା, ଦୁର୍ଗାଙ୍କ ବିଶେଷ ପୂଜା କରନ୍ତି । ବୃହର୍ଦ୍ଧମ ପୁରାଣ ଅନୁସାରେ ଏହି ସମସ୍ତ ପୂଜା କରିଥିଲେ ସ୍ୱୟଂ ବ୍ରହ୍ମା, ଏବଂ ରାମଚନ୍ଦ୍ରଙ୍କ ପାଇଁ, ପୂଜା କରି ସେ ପ୍ରାର୍ଥନା କରିଥିଲେ –

" ଓଁ ରାବଣସ୍ୟ ବଧାର୍ଥାୟ ରାମସ୍ୟାନୁ ଗ୍ରହୟଚ
ଅକାର୍ଥେତୁ ଶିବେ ବୋଧସ୍ତବ ଦେବ୍ୟାୟ କୃତମୟା ॥
ତସ୍ମ୍ବଦଦ୍ୟା ଦୟାଯୁକ୍ତ, ନବମ୍ୟା ମାଶ୍ୱିନେ ଶୁଭେ
ରାବଣସ୍ୟ ବଧଂ ଯାବଦଚୟ ଯାମହେ ବୟମ୍ ॥"

ଅର୍ଥାତ୍, ରାବଣର ବଧ ଏବଂ ରାମର ଅନୁଗ୍ରହ ନିମିତ୍ତ, ହେ ଶିବେ, ମୁଁ ତୁମ ବୋଧନ କରୁଛି । ସୁତରାଂ ଶୁଭ ଆଶ୍ୱିନ ମାସରେ ଆର୍ଦ୍ରା ନକ୍ଷତ୍ର ଯୁକ୍ତ ନବମୀ ତିଥିରେ ରାବଣର ବଧ ପର୍ଯ୍ୟନ୍ତ ଆମେ ତୁମ ଅର୍ଚ୍ଚନା କରିବୁ ।

ମାର୍କଣ୍ଡେୟ ଚଣ୍ଡୀ: ଦେବୀ କବଚ ଅଂଶରେ ନବଦୁର୍ଗାଙ୍କର ବିସ୍ତାରିତ ବ୍ୟାଖ୍ୟା ରହିଛି । ଏଇ ନାମସବୁ ଚତୁର୍ମୁଖ ବ୍ରହ୍ମା ଦେବୀଙ୍କ ଉଦ୍ଦେଶ୍ୟରେ ନଅଟି ନାମକରଣ କରିଛନ୍ତି –

"ପ୍ରଥମଂ ଶୈଳପୁତ୍ରୀଚ ଦ୍ୱିତୀୟଂ ବ୍ରହ୍ମଚାରିଣୀ
ତୃତୀୟଂ ଚନ୍ଦ୍ର ଘଣ୍ଟେତି କୁସ୍ମାଣ୍ଡେତି ଚତୁର୍ଥକମ
ପଞ୍ଚମଂ ସ୍କନ୍ଦମାତେତି ଷଷ୍ଠଂ କାତ୍ୟାୟିନୀ ତଥା
ସପ୍ତମଂ କାଳରାତ୍ରୀନି ମହାଗୌରୀ ଚାଷ୍ଟକମ ।
ନବମଂ ସିଦ୍ଧିଦାତ୍ରୀଚ ନବଦୁର୍ଗାଃ ପ୍ରକୀର୍ତ୍ତିତାଃ ।
ଉକ୍ତାନ୍ୟୋତାନି ନାମାନି ବ୍ରହ୍ମଣୈବ ମହାତ୍ମନା ॥"

ଶ୍ରୀ ଶ୍ରୀ ଚଣ୍ଡୀ ମଧ୍ୟରେ ଆମେ ଦେବୀଙ୍କର ନଅଟି ରୂପ ପାଇଥାଉଁ । ଯଥା– (୧) ଶୈଳପୁତ୍ରୀ, (୨) ବ୍ରହ୍ମଚାରିଣୀ, (୩) ଚନ୍ଦ୍ରଘଣ୍ଟା, (୪) କୁଷ୍ମାଣ୍ଡ, (୫) ସ୍କନ୍ଦମାତା, (୬) କାତ୍ୟାୟିନୀ, (୭) କାଳରାତ୍ରି, (୮) ମହାଗୌରୀ, (୯) ସିଦ୍ଧିଦାତ୍ରୀ । ସ୍ୱୟଂ ବ୍ରହ୍ମାହିଁ ଏଇ ନଅଟି ନାମକରଣ କରିଅଛନ୍ତି । ନବରାତ୍ରିର ସମୟ ପ୍ରତିପଦ ଠାରୁ ନବମୀ ତିଥି ପର୍ଯ୍ୟନ୍ତ ଦେବୀର ଏଇ ନଅଟି ରୂପ ହିଁ ନୁହେଁ, ଦୁର୍ଗା ପୂଜାର ନବପତ୍ରିକା ପ୍ରଚଳିତ । ଯେହେତୁ ଏହାକୁ ଗଣେଶଙ୍କ ପାଖରେ ସ୍ଥାପନ କରାଯାଏ । ସାଧାରଣ ଅର୍ଥରେ ତାହାକୁ ଗଣେଶର 'କଳା ବୋଉ' ବା ଗଣେଶର 'ବୋଉ' କୁହାଯାଏ । ବାସ୍ତବରେ ଏହା ଗଣେଶଙ୍କର ବୋଉ ନୁହନ୍ତି କାରଣ ଗଣେଶ ଥିଲେ ଆଜୀବନ କୌମାର୍ଯ୍ୟ ବ୍ରତଧାରୀ । ନବ ପତ୍ରିକା ଦୁର୍ଗାଙ୍କର ଏକ ପ୍ରତୀକ ରୂପ ଅନାର୍ଯ୍ୟ ସଂସ୍କୃତିରେ ଦେବୀ ଦୁର୍ଗା ପୂଜାର ପ୍ରଚାର ନବ ପତ୍ରିକା ସହିତ ଯୁକ୍ତ ହୋଇଅଛି । ଏହା କୃଷି ସଭ୍ୟତାର ପ୍ରତୀକ ହିସାବରେ ଚିହ୍ନିତ । ଦେବୀ ଦୁର୍ଗା ଏଠାରେ ଶସ୍ୟରୂପରେ ପୂଜିତା ହୁଅନ୍ତି । ନବ ପତ୍ରିକା ନଅଟି ବୃକ୍ଷକୁ ଏକତ୍ର କରି କଳ୍ପନା କରା ଯାଇଛି । (୧) କଦଳୀ ଗଛକୁ ବ୍ରାହ୍ମଣୀ, (୨) ସାରୁ ଗଛକୁ କାଳିକା, (୩) ହରିଦ୍ରା ଗଛକୁ ଦୁର୍ଗା, (୪) ଜୟନ୍ତୀ ଗଛକୁ କାର୍ତ୍ତିକୀ ଅର୍ଥାତ୍ ସ୍କନ୍ଦମାତା, (୫) ବେଲଗଛକୁ ଶିବା, (୬) ଡାଳିମ୍ବ ଗଛକୁ ରକ୍ତଦନ୍ତିକା, (୭) ଅଶୋକ ଗଛକୁ ଶୋକରହିତା, (୮) ମାନ ସାରୁ ଗଛକୁ ଚାମୁଣ୍ଡା, (୯) ଧାନ ଗଛକୁ ଲକ୍ଷ୍ମୀ ରୂପେ କଳ୍ପନା କରାଯାଏ ।



## ନବ ଦୁର୍ଗାଙ୍କର ପ୍ରତ୍ୟେକଟି ରୂପ ବର୍ଣ୍ଣନା କରାଯାଇପାରେ :

### (୧) ଦେବୀ ଦୁର୍ଗାଙ୍କର ପ୍ରଥମ ରୂପ ଶୈଳପୁତ୍ରୀ ।

ପର୍ବତରାଜ ହିମାଳୟ କନ୍ୟା ସେ । ଗିରିରାଜ ହିମାଳୟ ଓ ମେନକାର ତପସ୍ୟାରେ ସନ୍ତୁଷ୍ଟ ହୋଇ ତାଙ୍କର ପୁତ୍ରୀ ରୂପେ ଜନ୍ମଗ୍ରହଣ କରନ୍ତି । ପୁନର୍ବାର ଶିବଙ୍କ ସହିତ ଦେବୀଙ୍କର ବିବାହ ହୁଏ । ଇଏ ଉମା ବା ପାର୍ବତୀ ନାମରେ ଖ୍ୟାତ । କେନୋପନିଷେଦରେ ଉମାଙ୍କ ପ୍ରଥମ ଉଲ୍ଲେଖ ରହିଛି । ସେଠାରେ ତାଙ୍କୁ କୁହା ଯାଇଛି ବ୍ରହ୍ମବିଦ୍ୟା । ଇନ୍ଦ୍ରଙ୍କ ଅଗାଧ ଭକ୍ତିରେ ଇଏ ସୁଶୋଭନା ଅଳଙ୍କାର ଭୂଷିତା ହୋଇ ଉମା ହୈମବତୀ ରୂପେ ଦୃଷ୍ଟିଗୋଚର ହୁଅନ୍ତି । ପରେ ଦେବଦୂତ ମନୁଙ୍କ ଅଧିକାର କାଳରେ ହିମାଳୟ ଓ ମେନକାର କନ୍ୟା ହୋଇ ଜନ୍ମ ଗ୍ରହଣ କରନ୍ତି । କାଳିକା ପୁରାଣ ମତରେ ଏହାଙ୍କ ନାମ ପାର୍ବତୀ ଯିଏ ପୂର୍ବଜନ୍ମରେ ଦକ୍ଷଙ୍କ କନ୍ୟା ସତୀ ଓ ଶିବଙ୍କ ଗୃହିଣୀ ଥିଲେ । ଦକ୍ଷ ଯଜ୍ଞରେ ସତୀ ଦେହତ୍ୟାଗ କରନ୍ତି ଓ ଶିବ ରୁଦ୍ର ମୂର୍ତ୍ତି ଧାରଣ କରନ୍ତି । ସେତେବେଳେ ସତୀଙ୍କ ଦେହ ବିଷ୍ଣୁଙ୍କ ଚକ୍ରରେ ଛିନ୍ନ ହୁଏ, ୫୧ଟି ପିଠରେ ପରିଣତ ହୁଏ । ପର ଜନ୍ମରେ ସତୀ ହିଁ ଉମା । ତାରକାସୁରର ଅତ୍ୟାଚାରରେ ଦେବତାମାନେ ନିଗ୍ରହୀତ ହୋଇ ବ୍ରହ୍ମାଙ୍କ ଶରଣାପନ୍ନ ହୁଅନ୍ତି ଏବଂ ଜାଣିବାକୁ ପାଇଲେ ଶିବ ଓ ଉମାଙ୍କ ପୁତ୍ର କାର୍ତ୍ତିକେୟ ତାରକାସୁର ନିଧନ କରିବାକୁ ସମର୍ଥ । ସେତେବେଳେ ଦେବତାମାନେ ଶାନ୍ତି ପାଇଁ ତପସ୍ୟାମଗ୍ନ ହୋଇ ଶିବଙ୍କ ମନରେ କାମ ସଞ୍ଚାର କରିବାକୁ ଯାଇ ବସନ୍ତସଖା ମଦନଦେବ ଭସ୍ମୀଭୂତ ହେଲେ । ପରେ ଉମାଙ୍କ ତପସ୍ୟାରେ ମୁଗ୍ଧ ହୋଇ ଶିବ ତାଙ୍କୁ ବିବାହ କଲେ । ଗଣେଶ ଓ କାତ୍ତିକ ପୁତ୍ରଦ୍ୱୟ ଜନ୍ମଗ୍ରହଣ କଲେ । ପାର୍ବତୀଙ୍କ କଠୋର ତପସ୍ୟାରେ ମା'ମେନକା ଏତେ ତପସ୍ୟା କରିବାକୁ ବାରଣ କରିଥିଲେ ବୋଲି ତାଙ୍କର ନାମ ଉ'-(ନା)ମା । ଉମା 'ଅମ୍ବିକା'ନାମରେ ମଧ ପରିଚିତା । ସେ ହିମାଳୟ କନ୍ୟା ବୋଲି 'ହୈମବତୀ' । କାର୍ତ୍ତିକେୟ ଦେବତାମାନଙ୍କ ସେନାପତି ହୋଇ ତାରକାସୁରକୁ ବଧ କରିଥିଲେ ।

**ଶୈଳପୁତ୍ରୀଙ୍କ ପ୍ରଣାମଧ୍ୟାନ ମନ୍ତ୍ର :**

**ପ୍ରଣାମ :**

ଓଁ ଶୈଳପୁତ୍ରୀଂ ପ୍ରପଦ୍ୟେ ପୂନିର୍ଭୂମୟୋଭୂମାଃ କନ୍ୟାଂ ଶିଖଣ୍ଡିନୀଂ, ପାଶହସ୍ତାଂ ଯୁବତୀଂ କୁମାରୀନାମ୍ ।

**ଧ୍ୟାନ ମନ୍ତ୍ର :**

*ଶଶିକୋଟିପ୍ରଭ୍ୟାଂ, ଚାରୁଚନ୍ଦ୍ରାର୍ଧ, କୃତଶେଖରାମ୍*
*ତ୍ରିଶୂଳ ବରହସ୍ତାଞ୍ଚ କାଟାମଣ୍ଡିତ ମସ୍ତକାମ୍ ।*

ଅର୍ଥାତ୍ କୋଟିଚନ୍ଦ୍ରଙ୍କ ପ୍ରଭାବବିଷ୍ଟ, ମନୋଜ୍ଞ ଅର୍ଧଚନ୍ଦ୍ର ବନ୍ଧକେଶୀ, ହସ୍ତଦ୍ୱୟେ ତ୍ରିଶୂଳ ବର-ଧାରିଣୀ, କଟା ମଣ୍ଡିତ ମସ୍ତକ ଶୈଳପୁତ୍ରୀର ଦେବୀଙ୍କ ଧ୍ୟାନ କରୁଛି ।

### (୨) ଦେବୀ ଦୁର୍ଗାର ଦ୍ୱିତୀୟ ରୂପ ବ୍ରହ୍ମଚାରିଣୀ ।

ଏଠାରେ ବ୍ରହ୍ମ ଶବ୍ଦର ଅର୍ଥ ତପସ୍ୟା । ଅର୍ଥାତ୍ ତପସ୍ୟା ଆଚରଣ କାରିଣୀ । ତା'ର ଡ଼ାହାଣ ହାତରେ ଜପର ମାଳା ଓ ବାମହସ୍ତରେ କମଣ୍ଡଳୁ । ଶୈଳପୁତ୍ରୀ ଥିବା ସମୟରେ ସେ ଶିବଙ୍କୁ ପତି ରୂପରେ ପାଇବା ପାଇଁ ନାରଦଙ୍କ ଉପଦେଶ କ୍ରମେ ତପସ୍ୟା କରିଥିଲେ । ସାଧକଙ୍କ ପାଖରେ ସେ ମହାଶକ୍ତି । ଏଇ ମହାଶକ୍ତି ମୋକ୍ଷ ମାର୍ଗର ପ୍ରଥମ ସେପାନ । ତେଣୁ ସେ ବ୍ରହ୍ମଜ୍ଞାନ ପ୍ରଦାନ କରନ୍ତି । "ବ୍ରହ୍ମ ଚାରିୟିତୁଂ ଶୀଳମସ୍ୟାଃ ।" ଅର୍ଥାତ୍, ବ୍ରହ୍ମଜ୍ଞାନ, ଦାନ ଓ ବ୍ରହ୍ମକୁ ପ୍ରାପ୍ତ କରାଇବା ତାଙ୍କ ସ୍ୱଭାବ । ଦେବରାଜ ଇନ୍ଦ୍ରଙ୍କୁ ସେ ବ୍ରହ୍ମଜ୍ଞାନ ଦେଇଥିଲେ ବ୍ରହ୍ମଚାରିଣୀ ରୂପେ ।

କେନୋପନିଷେଦରେ ଉଲ୍ଲେଖ ଅଛିଯେ, ଥରେ ଦେବାସୁର ସଂଗ୍ରାମରେ ବିଜୟୀ ହେବାରୁ ଦେବତାମାନେ ଖୁବ୍ ଗର୍ବ ଅନୁଭବ କଲେ । ଅହଙ୍କାର ହେତୁ ସେମାନେ ବିଜୟର ମୂଳ କର୍ତ୍ତାଙ୍କୁ ଭୁଲିଗଲେ । ହଠାତ୍ ସେମାନେ ଦେଖିଲେ ଅନତି ଦୂରେ ଏକ ଜ୍ୟୋତିର୍ମୟ ରୂପ । ଇନ୍ଦ୍ର ଅଗ୍ନିଙ୍କୁ ଆଦେଶ ଦେଲେ ଜ୍ୟୋତିର୍ମୟ ରୂପଟି ସଂପର୍କରେ ଜାଣି ଆସିବା ପାଇଁ : "ଆପଣ କିଏ ?" ଅଗ୍ନି ପ୍ରଶ୍ନ ପଚାରିଲେ ସେଇ ଜ୍ୟୋତିର୍ମୟ ରୂପଙ୍କୁ । ପ୍ରତି ପ୍ରଶ୍ନ ହେଲା "ଆପଣ



କିଏ ?" "ମୁଁ ଅଗ୍ନି", କହିଲେ ଅଗ୍ନି । "କେଉଁ କାମ କରନ୍ତି ଆପଣ ?" ପ୍ରଶ୍ନ କଲେ ଜ୍ୟୋତିର୍ମୟ ମୂର୍ତ୍ତି । "ବିଶ୍ୱବ୍ରହ୍ମାଣ୍ଡରେ ଯାହାକିଛି ସବୁଙ୍କୁ ଭସ୍ମୀଭୂତ କରିପାରେ ମୁଁ ।" ଗର୍ବିତ କଣ୍ଠରେ ଜବାବ ଦେଲେ ଅଗ୍ନି । "ତାହେଲେ ଏହାକୁ ଭସ୍ମୀଭୁତ କର" କହି ଅଗ୍ନି ସମ୍ମୁଖରେ ଏକ ତୃଣ ଥୋଇଦେଲେ, ସେହି ଜ୍ୟୋତିର୍ମୟ ମୂର୍ତ୍ତି । କି ଆଶ୍ଚର୍ଯ୍ୟ ! ନିଜର ସମସ୍ତ ଶକ୍ତି ପ୍ରୟୋଗ କରି ମଧ୍ୟ ଅଗ୍ନି ତୃଣଟିକୁ ଦଗ୍‌ଧ କରିପାରିଲେ ନାହିଁ । ତାପରେ ଇନ୍ଦ୍ର ପଠାଇଲେ ପବନ ଦେବଙ୍କୁ । ପବନ ଦେବଙ୍କ ଅବସ୍ଥା ମଧ୍ୟ ସେହିପରି ହେଲା, ନିଜର ସମସ୍ତ ଶକ୍ତି ପ୍ରୟୋଗ କରି ମଧ୍ୟ ସେ ତୃଣଟିକୁ ଉଡାଇ ଦେଇପାରିଲେ ନାହିଁ । ଶେଷରେ ଇନ୍ଦ୍ର ଆସିଲେ । ନିଜେ ଏବଂ ଏଥର ଜ୍ୟୋତିର୍ମୟ ରୂପ ଭିତରୁ ଉମା ହୈମବତୀ ଆତ୍ମପ୍ରକାଶ କରି ଇନ୍ଦ୍ରଙ୍କୁ ବ୍ରହ୍ମଜ୍ଞାନ ଦେବାଆଳରେ ବୁଝାଇ ଦେଲେ ଯେ, ସବୁ ଶକ୍ତିର ଉତ୍ସ ଅଟନ୍ତି ଏଇ ବ୍ରହ୍ମ ଏବଂ ତୁମ୍ଭମାନଙ୍କ ବିଜୟ ଘଟାଇଛନ୍ତି ଏଇ



ବ୍ରହ୍ମ । (୨) ଏଣୁ ତୁମ୍ଭମାନଙ୍କ ଗର୍ବ ଅନାବଶ୍ୟକ । ତାପରେ ସେ ଅଦୃଶ୍ୟ ହୋଇଗଲେ ଏବଂ ଇନ୍ଦ୍ର ଜାଣି ପାରିଲେ ଯେ ଏହି ଜ୍ୟୋତିର୍ମୟୀ ରୂପିଣୀ ଉମା ବି ବ୍ରହ୍ମମୟୀ ଯିଏକି ତାଙ୍କୁ ବ୍ରହ୍ମଜ୍ଞାନ ପ୍ରଦାନ କଲେ ।

**ପ୍ରଣାମ ମନ୍ତ୍ର :**

*ଓଁ ବିନ୍ଧ୍ୟ ସ୍ଥାଂ ବିନ୍ଧ୍ୟନିଳୟାଂ ଦିବ୍ୟସ୍ଥାନ ନିବାସିନୀ*
*ଯୋଗିନୀଂ ଯୋଗମାତାଂଚ ଚଣ୍ଡିକାଂ ପ୍ରଣମ୍ୟାମହମ ।*

### ୩. ଚନ୍ଦ୍ର ଘଣ୍ଟା

କାରଣ ତାର ସ୍ୱରୂପ ଚନ୍ଦ୍ରପରି ନିର୍ମଳ, ପରମ ଶାନ୍ତିଦାୟକ ଓ କଲ୍ୟାଣକାରୀ। ସେ ଚନ୍ଦ୍ର ଠାରୁ ମଧ୍ୟ ଅଧିକ ଲାବଣ୍ୟମୟୀ ଓ ଆହ୍ଲାଦକାରିଣୀ, ତେଣୁ ଚନ୍ଦ୍ରଘଣ୍ଟା । ତା'ର ସ୍ୱରୂପ ସୁନା ରଂଗ ପରି । ତାର ବାହନ ସିଂହ । ତାର ଦଶଗୋଟି ହାତ । ତାର ଦଶ ହାତରେ ଖଡ୍‌ଗ, ବାଣ, ତ୍ରିଶୂଳ, ଗଦା, ପଦ୍ମ, ଫୁଲ ଓ ଅସ୍ତ୍ରଶସ୍ତ୍ର ସଜ୍ଜିତ । ତାଙ୍କରି ସାଧନାରେ ସାଧକର ସମସ୍ତ ପାପ ଓ ବାଧାବିଘ୍ନ ବିନିଷ୍ଟ ହୁଏ ।



ଏଇ ଘଣ୍ଟା ମଧ୍ୟରେ ଗଜରାଜ ଐରାବତର ମହାଶକ୍ତି- "ତଦୌତସୌ ସହସ୍ରାକ୍ଷ ଘଣ୍ଟାଂ ଐରାବତ ଗଜାତ୍‌"  ଏଥିପାଇଁ ଅତି ଏଇ ଘଣ୍ଟାଧ୍ୱନି । ପଣ୍ଡିତ ମାନଙ୍କ ମତରେ ଘଣ୍ଟା 'ସର୍ବବାଦ୍ୟମୟୀ' । ମହାବିଶ୍ୱର ମୂଳରେ ଯେଉଁ ଶବ୍ଦ ବା ନାଦବ୍ରହ୍ମ, ତାହା ଏହି ଘଣ୍ଟାର ଧ୍ୱନିଠାରୁ ଜାତ ।

**ପ୍ରଣାମ ମନ୍ତ୍ର :**

*"କାଳୀ କରାଳ ବଦନା ବିନିଷ୍କ୍ରାନ୍ତା ସିପାଶିନୀ*
*ବିଚିତ୍ର ଖଟ୍ୱାଙ୍ଗଧର, ନରମାଳା ବିଭୂଷଣା ।*
*ଦ୍ୱୀପି ଚର୍ମ ପରିଧାନା, ଶୁଷ୍କ ମାଂସାତି ଭୈରବା*
*ଅତି ବିସ୍ତାର ବଦନା ଜିହ୍ୱାଲଳନ ଭୀଷଣା*
*ନିମଗ୍ନା ରକ୍ତନୟନା, ନାଦପୂରିତ ଦିଙ୍‌ମୁଖା ।"*

### ୪. କୁଷ୍ମାଣ୍ଡ :



ଦେବୀ ଦୁର୍ଗାର ଚତୁର୍ଥ ରୂପ କୁଷ୍ମାଣ୍ଡ । 'କୁ' ଶବ୍ଦର ଅର୍ଥ କୁତ୍ସିତ ପୁଣି 'ଉଷ୍ମ' ଶବ୍ଦର ଅର୍ଥ ସନ୍ତାପତ୍ରୟ । କୁତ୍ସିତ ସନ୍ତାପତ୍ରୟ ଯାର ହୃଦୟରେ ବା ଅଣ୍ଡରେ ଅର୍ଥାତ୍ ବ୍ରହ୍ମାଣ୍ଡରେ ସେହି କୁଷ୍ମାଣ୍ଡ । ଯେତେବେଳେ ସୃଷ୍ଟିର ଅସ୍ତିତ୍ୱ ନଥିଲା ଏବଂ ଚତୁର୍ଦ୍ଦିଗ ଅନ୍ଧକାରରେ ନିମଜ୍ଜିତ ଥିଲା ସେତେବେଳେ ସେହିଁ ଏଇ ବ୍ରହ୍ମାଣ୍ଡ ରଚନା କରିଥିଲେ । ସୂର୍ଯ୍ୟାଲୋକରେ ବସବାସ କରିବାର କ୍ଷମତା ଏଇ ଦେବୀଙ୍କ ପାଖରେ ଅଛି । ସେ ବ୍ରହ୍ମାଣ୍ଡର ସବୁ ବସ୍ତୁ ଓ ପ୍ରାଣୀମାନଙ୍କ ମଧ୍ୟରେ ଅବସ୍ଥିତ ତେଜର ଛାୟା । ତେଣୁ ତାଙ୍କୁ ଅଷ୍ଟଭୂଜା ଦେବୀ କୁହାଯାଏ । ତାଙ୍କର ବାହନ ସିଂହ, ତାଙ୍କ ହାତରେ କମଣ୍ଡଳୁ, ଧନୁ, ବାଣ, ଚକ୍ର, ଗଦା ଓ ପଦ୍ମଫୁଲ, ଅମୃତ କଳସ, ଜପମାଳା । ଦେବୀ କୁଷ୍ମାଣ୍ଡଙ୍କ ପୂଜା କରିଲେ ରୋଗ, ଶୋକ ବିନିଷ୍ଟ ହୁଏ । ଆୟୁ, ଯଶ ବଳ ଓ ଆରୋଗ୍ୟ ଲାଭ ହୁଏ ।

**ପ୍ରଣାମ ମନ୍ତ୍ର :**

*କୁଷ୍ମାଣ୍ଡ ଗମ୍ଭୀରା ଶାନ୍ତା ନିତ୍ୟାଂଧ୍ୟାନ ପରାୟଣା*
*ଶିବସାନ୍ନିଧ ଲଭାୟ ଯତନ୍ତି ନିୟତଂ ନରାଃ ॥*



**୫. ସ୍କନ୍ଦମାତା :**

ଦେବୀ ଦୁର୍ଗାଙ୍କ ପଞ୍ଚମ ରୂପ ସ୍କନ୍ଦମାତା । ଦେବୀ ଦୁର୍ଗା ଓ ଶିବଙ୍କ ବିବାହ ହୋଇଥିଲା ସେନାପତି ପୁତ୍ର କାର୍ତ୍ତିକେୟଙ୍କ ଜନ୍ମ ପାଇଁ । ଦେବାସୁର ଯୁଦ୍ଧରେ ଦେବତାମାନଙ୍କ ସେନାପତିର ଆବଶ୍ୟକ ହେବାରୁ କାର୍ତ୍ତିକେୟ ଜନ୍ମଲାଭ କରନ୍ତି । କାର୍ତ୍ତିକେୟଙ୍କ ଅନ୍ୟ ନାମ ସ୍କନ୍ଦ । ତେଣୁ ଦେବୀ ଦୁର୍ଗାଙ୍କ ଅନ୍ୟ ନାମ ସ୍କନ୍ଦମାତା । ଦେବୀଙ୍କ କୋଳରେ ବାଳକ ରୂପେ କାର୍ତ୍ତିକେୟର ଅବସ୍ଥାନ । ତାଙ୍କର ବାହନ ସିଂହ । ତାଙ୍କର ଚାରୋଟି ହାତ, ଉପର ଦୁଇ ହାତରେ ପଦ୍ମଫୁଲ ଓ ତଳ ଗୋଟିଏ ହାତରେ ବରମୁଦ୍ରା ଓ ଅନ୍ୟ ହସ୍ତରେ କାର୍ତ୍ତିକେୟଙ୍କୁ କୋଳରେ ଧରିଛନ୍ତି । ତାଙ୍କୁ ପୂଜା କଲେ ଭକ୍ତର ମନସ୍କାମନା ପୂର୍ଣ୍ଣ ହୁଏ ।

**୬. କାତ୍ୟାୟିନୀ :**

ଦେବୀ ଦୁର୍ଗାର ଷଷ୍ଠରୂପ କାତ୍ୟାୟନ ଆଶ୍ରମରେ କାତ୍ୟାୟନ ମୁନିଙ୍କ କନ୍ୟାତ୍ୱ ସ୍ୱୀକାର କରି ଦେବକାର୍ଯ୍ୟ ପାଇଁ ଜନ୍ମ ଗ୍ରହଣ କରନ୍ତି । ସେ ହେଉଛନ୍ତି କାତ୍ୟାୟିନୀ । ମହର୍ଷି କାତ୍ୟାୟନ ହିମାଳୟରେ ଆଶ୍ରମ କରି କଠୋର ତପସ୍ୟାରେ ମଗ୍ନଥିଲେ । ଏକଦା ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ତାଙ୍କ ଆଶ୍ରମକୁ ଆସି ମହିଷାସୁର



ବଧ ପାଇଁ କ୍ରୋଧ ହୋଇ ପ୍ରତ୍ୟେକର ଦେହରେ ନିଜଶକ୍ତି ବାହାର କରି ଦେବୀ ଦୁର୍ଗାଙ୍କୁ ସୃଷ୍ଟି କରନ୍ତି । ଏଇ ଦେବୀଙ୍କୁ ମହର୍ଷି କାତ୍ୟାୟନ ପ୍ରଥମେ ପୂଜା କରିଥିଲେ ବୋଲି ଦେବୀ ଦୁର୍ଗାଙ୍କର ଗୋଟିଏ ନାମ କାତ୍ୟାୟିନୀ । ଏଇ ଦେବୀ ଦୁର୍ଗା ଆଶ୍ୱିନ ମାସର କୃଷ୍ଣ ଚତୁର୍ଦ୍ଦଶୀ ତିଥିରେ ସୃଷ୍ଟି ହୋଇଥିଲେ ଏବଂ ଶୁକ୍ଳ ସପ୍ତମୀ, ଅଷ୍ଟମୀ ଓ ନବମୀରେ କାତ୍ୟାୟନ ମୁନିଙ୍କ ଦ୍ୱାରା ପୂଜିତ ହୁଅନ୍ତି । ଦଶମୀରେ ମହିଷାସୁରକୁ ବଧ କରନ୍ତି । ତାଙ୍କର ଚାରୋଟି ହାତ । ଡାହାଣ ପାଖ ଉପର ହାତରେ ଅଭୟ ମୁଦ୍ରା ଓ ତଳ ହାତରେ ବରମୁଦ୍ରା ପୁଣି ବାମ ପାର୍ଶ୍ୱର ଉପର ହାତରେ ତରବାରୀ ଓ ତଳ ହସ୍ତରେ ପଦ୍ମଫୁଲ । ତାଙ୍କର ପରିପୂର୍ଣ୍ଣ ଆତ୍ମଦାନ ଦ୍ୱାରା ପୂଜାକରିଲେ ସହଜରେ ଧର୍ମ, ଅର୍ଥ, କାମ, ମୋକ୍ଷଫଳ ପ୍ରାପ୍ତି ହୁଏ । ପୁଣି ରୋଗ, ଶୋକ, ସନ୍ତାପ ବିନିଷ୍ଟ ହୁଏ ।

**କାତ୍ୟାୟିନୀଙ୍କ ପ୍ରଣାମ ମନ୍ତ୍ର :**

*କାତ୍ୟାୟିନୀଂ ଦଶଭୂଜାଂ ମହିଷାସୁର ମର୍ଦ୍ଦିନୀମ୍*
*ପ୍ରସନ୍ନ ବଦନାଂ ଦେବୀଂ ବରଦାତାଂ ନମାମହ୍ୟମ୍ ।*
*ଯଂଯଂ ପ୍ରଣ୍ୟମହଂ ଦେବୀ ସ୍ଥାବର ଜଙ୍ଗମେଷୁଚ*
*ତଂତଂ ବ୍ୟାପ୍ତଂ ତ୍ୱୟା ସର୍ବଂ କାତ୍ୟାୟିନୀ ନମସ୍ତୁତେ ।*

**୭. କାଳରାତ୍ରୀ :**

ଦେବୀ ଦୁର୍ଗାଙ୍କର ସପ୍ତମ ରୂପ କାଳରାତ୍ରୀ । ଋଗ୍ ବେଦର ଦଶମ ମଣ୍ଡଳର 'ରାତ୍ରି' କୁହାଯାଇଛି । ପରମବ୍ରହ୍ମ ହିଁ ରାତ୍ରି ଏବଂ ବ୍ରହ୍ମମୟୀ ମା ଏହି ରାତ୍ରିର ହିଁ



ଶକ୍ତି । ସେ ସର୍ବମାରକ ଯେ କାଳ ତାର ଓ ବିନାଶ କରନ୍ତି । ତାଙ୍କର ରଂଗ ଅନ୍ଧକାର ପରି ପୂରାପୂରି କଳା, ମସ୍ତିକର ଚୂଳ ଛିନ୍ନ ବିଛିନ୍ନ, ଗଳାରେ ବିଦ୍ୟୁତ ପରି ମାଳା । ତାଙ୍କର ପ୍ରଭାବରେ ଅଗ୍ନି ପରି ଜ୍ୱଳନ ବାହାରେ । ତାଙ୍କର ବାହନ ଗଧ । ତାଙ୍କର ଚାରୋଟି ହାତ । ଅନ୍ୟଦିଗର ଉପର ହସ୍ତରେ ଖଡ୍‌ଗ ଓ ତଳ ହାତର ଲୌହ କଣ୍ଟା । ତାଙ୍କୁ ଦେଖିଲେ ଲାଗେ ସେ ଭୟଙ୍କରୀ କିନ୍ତୁ ସେ ପ୍ରଚୁର ଫଳ ପ୍ରଦାନ କରନ୍ତି । ତେଣୁ ତାଙ୍କୁ ଦେଖି ଆତଙ୍କିତ ହେବାର କିଛି ପ୍ରୟୋଜନ ନାହିଁ । ତାଙ୍କୁ ପୂଜା କରିଲେ ଦେବ ଦାନବର, କଙ୍କାଳ, ଭୂତ ପ୍ରେତ ସବୁ ଭୟଭୀତ ହୁଅନ୍ତି, ଏବଂ ପଳାୟନ କରନ୍ତି । ଅଗ୍ନି, ଜଳ, ଜନ୍ତୁ, ଶତ୍ରୁ ଇତ୍ୟାଦିର ଭୟ ଦୂରୀଭୂତ ହୁଏ । ଶ୍ରୀ ଶ୍ରୀ ଚଣ୍ଡୀରେ ଉଲ୍ଲେଖ ଅଛି-

*"ଯୋଗନିଦ୍ରା ଯଦାବିଷ୍ଣୁ ଜଗତୋ କାର୍ଣ୍ଣବୀ କୃତେ*
*ଆସ୍ତିର୍ଯ୍ୟ ଶେଷମଭଜତ୍ କଳ୍ପାନ୍ତେ ଭଗବାନ ପ୍ରଭୁଃ ।"*



ଏବଂ ଏହି ଯୋଗନିଦ୍ରା ହିଁ ମହାକାଳିକା ବା କାଳରାତ୍ରିକା ଦେବୀଙ୍କ ଅଂଶଭୂତା କୁଣ୍ଡଳିନୀ କାଳିକା, ବିଶ୍ୱକୁ ବିଶ୍ୱ ଜୀବଙ୍କୁ ବିଶ୍ୱନାଥଙ୍କୁ କାଳଶକ୍ତିଙ୍କୁ ଯିଏ ସ୍ତବ୍ଧ ରଖନ୍ତି ସେ ହେଉଛନ୍ତି କାଳରାତ୍ରି ।

**ପ୍ରଣାମ ମନ୍ତ୍ର**

"କାଳୀ କାଳୀ ମହାକାଳୀ କାଳିକେ କାଳରାତ୍ରିକେ
ଧର୍ମାର୍ଥ ମୋକ୍ଷଦେ ଦେବୀ କାଳରାତ୍ରି- ନମୋସ୍ତୁତେ ।"

**୮. ମହାଗୌରୀ :**

ଦେବୀଦୁର୍ଗାଙ୍କର ଅଷ୍ଟମ ରୂପ ମହାଗୌରୀ । ଦେବୀ ପାର୍ବତୀ ପ୍ରଥମେ କୃଷ୍ଣବର୍ଣ୍ଣା ଥିଲେ । ମହାଦେବ ତାଙ୍କୁ କାଳିକା ସମ୍ବୋଧନ କରନ୍ତେ ସେ ଦୁଃଖିତ ହୁଅନ୍ତି ଏବଂ ଗୌରବର୍ଣ୍ଣ ହେବା ସକାଶେ ତପସ୍ୟା କରନ୍ତି । ତାଙ୍କ ତପସ୍ୟାରେ ପ୍ରସନ୍ନ ହୋଇ ମହାଦେବ ଯେତେବେଳେ ଗଂଗାଜଳରେ ଧୌତକରନ୍ତି ସେ ସେତେବେଳେ ଗୌରବର୍ଣ୍ଣରେ ପରିଣତ ହୁଅନ୍ତି । ତେଣୁ ତାଙ୍କର ନାମ ମହାଗୌରୀ । ତାଙ୍କର ବାହନ ବୃଷ । ତାଙ୍କର ଚାରୋଟି ହାତ । ଡାହାଣ ପାର୍ଶ୍ୱ ଉପର ହସ୍ତରେ ଅଭୟ ମୁଦ୍ରା, ତଳ ହାତରେ ତ୍ରିଶୂଳ । ବାମ ପାର୍ଶ୍ୱର ଉପର ହସ୍ତରେ ଡମ୍ବରୁ ଆଉ ତଳ ହସ୍ତରେ ବରମୁଦ୍ରା । ତାଙ୍କର ପୂଜା କରିଲେ ସମସ୍ତ ପାପ ବିନିଷ୍ଟ ହୁଏ ଓ ପାପ, ସନ୍ତାପ, ଦୈନ୍ୟ, ଦୁଃଖ କଦାପି ସ୍ପର୍ଶ କରେ ନାହିଁ । ମହାକାଳୀ ଥିଲେ ସନ୍ତାନବତ୍ସଳା, ମହାଗୌରୀ ହେଲେ ସୀମା ସୋହାଗିନୀ ।

**ପ୍ରଣାମ ମନ୍ତ୍ର :**

*"ବୃଷାରୁଢଂ, ଶୁଭାଂ, ଶୁଭ୍ରାଂ ତ୍ରିନେତ୍ରାଂବରଦାଂ ଶିବମ୍*
*ମହାଗୌରୀଂ, ନମାମ୍ୟଦ ସୃଷ୍ଟି ସଂହାରକାରିଣୀମ୍ ॥"*

**୯. ସିଦ୍ଧିଦାତ୍ରୀ :**

ଦେବୀଙ୍କର ନବମ ନାମ ସିଦ୍ଧିଦାତ୍ରୀ କାରଣ ସେ ଭକ୍ତ ଓ ସାଧକକୁ ସିଦ୍ଧିଦାନ କରନ୍ତି । ଭଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି- "ଯେ ଯଥା ମାଂ ପ୍ରପଦ୍ୟନ୍ତେ- ତାନ ତଥୈବ ଭଜାମ୍ୟହଂ ।" ଅର୍ଥାତ୍ ଯିଏ ମୋତେ ଯେଉଁଭଳି ଭାବେ ଉପାସନା କରେ, ତାଙ୍କୁ ମୁଁ ସେଇଭଳି ସନ୍ତୁଷ୍ଟ କରିଥାଏ । ତାଙ୍କ ଅନୁକଂପାରେ ଶିବଙ୍କ ଅର୍ଦ୍ଧେକ ଶରୀର ନିଜର ପୁଣି ବାକି ଶରୀର ଏଇ ଦେବୀଙ୍କର ହୋଇଥିଲା । ତେଣୁ ଶିବଙ୍କୁ ଅର୍ଦ୍ଧନାରୀଶ୍ୱର କୁହାଯାଏ । ତାଙ୍କର ଚାରୋଟି ହାତ । ତାଙ୍କ ବାହନ ସିଂହ । ସେ ପଦ୍ମଫୁଲ ଉପରେ ଆସୀନ । ତାଙ୍କର ଡାହାଣ ପାର୍ଶ୍ୱ ତଳ ହାତରେ ଚକ୍ର ଓ ଉପର ହସ୍ତରେ ଗଦା । ବାମ ପାର୍ଶ୍ୱ ତଳ ହସ୍ତରେ ଶଙ୍ଖ ଓ ଉପର ହସ୍ତରେ ପଦ୍ମଫୁଲ । ତାଙ୍କର ପୂଜାକରିଲେ ଭକ୍ତ ସାଧକର ଲୌକିକ ଓ ପରା ଲୌକିକ ସମସ୍ତ ପ୍ରକାର କାମନା ବାସନା ପୂର୍ଣ୍ଣ ହୁଏ । ଶିବ ଦେବୀ ଦୁର୍ଗାଙ୍କର ଯେଉଁ ଦଶଟି ରୂପ ଦେଖିଥିଲେ ତାହା 'ଦଶ ମହାବିଦ୍ୟା' ଭାବେ ପୂଜିତ । ଏଇ ଦଶଟି ଦେବୀମୂର୍ତ୍ତି ମଣିଷର ସକଳ କାମନାର ସିଦ୍ଧିଦାନ କରନ୍ତି ବୋଲି ତାହାକୁ ମହାବିଦ୍ୟା କୁହାଯାଏ । ଦଶ ମହାବିଦ୍ୟାର ରୂପ ଗୁଡ଼ିକ ହେଲା :

୧. କାଳୀ ୨. ତାରା ୩. ଷୋଡଶୀ ୪. ଭୁବନେଶ୍ୱରୀ ୫. ଭୈରବୀ ୬. ଛିନ୍ନମସ୍ତା ୭. ଧୂମାବତୀ ୮. ବଗଳା ୯. ମାତଙ୍ଗୀ ୧୦. କମଳା

**ପ୍ରଣାମ ମନ୍ତ୍ର :**

*"ସର୍ବବେଦମୟୀ ଦେବୀଂ, ସର୍ବରୋଗ ଭୟାପ୍ରହ୍ୟମ୍*
*ବ୍ରହ୍ମେଶ ବିଷ୍ଣୁ ନମିତାଂ ପ୍ରଣମାମି ସଦାଶିବାମ୍ ॥"*

ଦେବୀଦୁର୍ଗା ଏକ ଓ ଅଭିନ୍ନ । ସେ ଆଦ୍ୟାଶକ୍ତି, ବିଶ୍ୱଜନନୀ, ଜଗନ୍ମାତା, ପ୍ରକୃତି ପୁରୁଷଙ୍କୁ ଲାଳନ ପାଳନ କରେ । ଏଇସବୁ ରୂପ ମଧ୍ୟରେ ସେ ମଙ୍ଗଳମୟୀ, କଲ୍ୟାଣମୟୀ, ସ୍ନେହମୟୀ ମା, ତାଙ୍କ ଚରଣରେ କୋଟି କୋଟି ପ୍ରଣାମ ।



ASHUTOSH MAHARAJ COLLEGE OF MANAGEMENT & TECHNOLOGY
Ward No.-12, Prafullanagar, Pratappur Road
Station Bazar, Baripada, Mayurbhanj
Ashutosh Maharaj College of Management & Technology
Ward No.-12, Prafullanagar, Baripada
Offers Courses
BACHELOR IN HOTEL MANAGEMENT
COMPUTER COURSES:
CONSIGNMENT TRACKING EXECUTIVE
DOCUMENTATION ASSISTANT
6370626187
9583240822
8328820557
Advt design : Rebati

# ନୂଆପାଣୀର ପାର୍ବଣ ପକ୍ଷ




**ଗାୟତ୍ରୀ ଦାସ**
ଗୀତାଗ୍ରାମ, ଅନୁଗୋଳ
ଫୋନ : ୯୪୩୮୭୭୧୯୧୫
ଫଟୋ ସୌଜନ୍ୟ : ଲେଖିକା

ଅଶିଣ ଆକାଶରେ ହୁଲିଡଙ୍ଗା ପରି ବାଦଲ । ପାଟ ଗୋହିରୀରେ ମଥା ହଲାଏ କାଶତଣ୍ଡି । ଶରତର ଶ୍ୟାମଳ ସବୁଜିମାରେ ସଜେଇ ହୋଇଥିବା ଋତୁ ପାର୍ବଣ । ପାର୍ବଣ ଆସିଲେ ଗାଁରୁ ସହର ଦେବୀମୟ ହୋଇଯାଏ । ଦାମୀ ପୂଜା ମଣ୍ଡପରେ ସୁନାରୂପାର ତାରକସୀ ସୌନ୍ଦର୍ଯ୍ୟରେ ପାର୍ବଣର ପ୍ରତିଯୋଗିତା ଚାଲେ । କିନ୍ତୁ ଓଡ଼ିଶାରେ ଏପରି କିଛି ଗାଁ ଅଛି, ଯେଉଁଠି ଦଶହରାରେ ଦେବୀଙ୍କର ମୃଣ୍ମୟୀ ପ୍ରତିମାର ପୂଜା ବ୍ୟତୀତ ପାଳିତ ହୋଇଥାଏ 'ପାଇକ ସଭାର କୌଶଳ' ବା ପାଇକ ଖେଳର ଭିନ୍ନ ପରମ୍ପରା ।

ଅବିଭକ୍ତ ପୁରୀ ଖୋର୍ଦ୍ଧା, ନୟାଗଡ଼, ଢେଙ୍କାନାଳ, ଅନୁଗୁଳ ଆଦି ଜିଲ୍ଲାର କ୍ଷତ୍ରିୟ ସମ୍ପ୍ରଦାୟ ବାସ କରୁଥିବା ଅନେକ ଅଞ୍ଚଳରେ ଏକଦା ମହାସମାରୋହରେ ପାଳିତ ହେଉଥିଲା ପାଇକ ଖେଳ । ଏହା ସମର ବିଦ୍ୟାର ରଣ କୌଶଳ ଅବା 'ପାଇକ ଖେଳ' । କାଳର କରାଳ ଗର୍ଭରେ ଅନେକ ଗାଁର ଏହି ପାରମ୍ପରିକ ଐତିହ୍ୟ ଲୀନ ହୋଇ ସାରିଥିବା ବେଳେ ମାତ୍ର ହାତଗଣତି କିଛି ଗାଁର ଯୁବପିଢ଼ି ଏହାକୁ ଉଜ୍ଜୀବିତ କରି ରଖିଛନ୍ତି । ସେହି ଐତିହ୍ୟସଂପନ୍ନ ହାତଗଣତି ଗାଁମାନଙ୍କ ମଧ୍ୟରୁ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ସବ୍‌ଡିଭିଜନ ଅନ୍ତର୍ଗତ ଗୋଟିଏ ଛୋଟ କୁଳୀନ କ୍ଷତ୍ରିୟ ଗାଁ 'ନୂଆପାଣୀ' । ଏହି ଗାଁରେ ଖୁବ୍ ଉତ୍ସାହର ସହ ପାଳିତ ହୁଏ ଏହି ଅନନ୍ୟ ପରମ୍ପରା ।



# ପାଇକ ଖେଳ





### ନୂଆପାଣୀର ପାର୍ବଣ କାହାଣୀ :

ଆଶ୍ୱିନ ମାସ ଶୁକ୍ଳପକ୍ଷ ବିଜୟା ଦଶମୀରେ ଏହି ପର୍ବ ଖୁବ୍ ହର୍ଷୋଲ୍ଲାସର ସହିତ ପାଳନ କରାଯାଇଥାଏ । ବିଜୟା ଦଶମୀର ଅନେକଦିନ ପୂର୍ବରୁ ଆଖଡ଼ା ଘରେ ଗାଁର ସମସ୍ତ ଆଗ୍ରହୀ ଯୁବକ ଏବଂ ମଧ୍ୟବୟସ୍କ ସମରାଭ୍ୟାସ କରିଥାଆନ୍ତି । ଜଣେ ଅଭିଜ୍ଞ ଓସ୍ତାଦ୍ ସମସ୍ତ ସମର କଳାକୁ ଖୁବ୍ ମନଯୋଗ ଦେଇ ଶିକ୍ଷା ଦେଇଥାଆନ୍ତି । ଏହା କ୍ଷତ୍ରିୟମାନଙ୍କର ସବୁଠାରୁ ବଡ଼ ପର୍ବ ଅଟେ । ପରେ ପରେ ନାନା ରକମର ପିଠା, ପଣା, ମାଛ, ମାଂସର ଆସର ବସେ । ପିଲାଠାରୁ ବୁଢ଼ା ଯାଏଁ ପରିବାରର ସମସ୍ତ ନୂଆ ବସ୍ତ୍ର ପିନ୍ଧିବାର ଏକ ଅଲିଖିତ ନିୟମ ଥାଏ । ପୂର୍ବକାଳରେ ରାଜା ମହାରାଜାମାନେ ଏହିଦିନ ଦେବୀଙ୍କ ଆଗରେ ବିଜୟ ପ୍ରାର୍ଥୀନାର ପୂଜା କରି ରାଜ୍ୟ ଜୟରେ ବାହାରି ଯାଇଥିଲେ । ବୋଧହୁଏ ସେଥିପାଇଁ ପୁରୁଷାନୁକ୍ରମେ ଠାକୁର ଘରେ ସାଇତା ହୋଇଥିବା ଖଣ୍ଡା, ବର୍ଚ୍ଛା, ଭାଲା, ବନ୍ଧୁକ ସବୁକୁ ସଫା କରି ନୂଆ ଛଡ଼ିଟ ପିନ୍ଧାଇ ନୂଆ କପଡ଼ା, ଅବା କଦଳୀପତ୍ର ଉପରେ ରଖାଯାଇଥାଏ । ନାନା ପ୍ରକାରର ଫଳ, ପିଠା, ମିଠା, ଫୁଲ, ଧୂପ, ଆଳତୀର ଉପଚାରରେ 'ଦେବୀ ଦଶଭୂଜା'ଙ୍କୁ ଆବାହନ କରାଯାଇଥାଏ । ପ୍ରସାଦ ଅର୍ପଣ କଲା ପରେ ମଧ୍ୟ ଦେବୀଙ୍କୁ 'ବଳି' ଭୋଗ ଦେବାର ପରମ୍ପରା ରହିଛି, ପୂର୍ବରୁ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଲୋକମାନେ ପଶୁବଳି ଦେଉଥିଲେ । ଏପରି ମଧ୍ୟ ଶୁଣାଯାଏ ଯେ, ରାଜାମାନେ ସନ୍ଧି ପୂଜାରେ ମଣିଷ ବଳି ମଧ୍ୟ ଦେଉଥିଲେ । ଯାହା ପାଇଁ 'ବେଦେକେରା' (ବଳି ପାଇଁ ମଣିଷ ଛୁଆ ଯୋଗାଡ଼ କରୁଥିବା ଲୋକ) ପରି ଏକ ଭୟାତୁର ଶବ୍ଦର ସୃଷ୍ଟି । ଅଧୁନା ପଶୁବଳି ସଂପୂର୍ଣ୍ଣ ବନ୍ଦ ହେବା ପରେ ପାଣି କଖାରୁ କିମ୍ବା ଫୁଲ ଲାଗିଥିବା ତରଡ଼ାକୁ ଖଣ୍ଡାରେ ଦି'ଗଡ଼ କରି ପ୍ରତୀକାତ୍ମକ ବଳି ଭାବରେ ମା' ଦୁର୍ଗାଙ୍କୁ ଅର୍ପଣ କରାଯାଉଛି । ଖଣ୍ଡାପୂଜା ଘରର ବୟୋଜ୍ୟେଷ୍ଠ ପୁରୁଷ ହିଁ କେବଳ କରିଥାଆନ୍ତି । ମହିଳା, ବିଶେଷ କରି ଝିଅମାନଙ୍କୁ ସେ ପୂଜା ଦେଖିବା ପାଇଁ ମଧ୍ୟ ବାରଣ ଥାଏ, ପୂଜା ପରେ ସାହି, ଭାଇ, ବନ୍ଧୁ, ସାଙ୍ଗସାଥି ମିଶି ମଧ୍ୟାହ୍ନ ଭୋଜନ କରନ୍ତି ।



ଅପରାହ୍ନରେ ସମସ୍ତଙ୍କ ଘରେ ଆରମ୍ଭ ହୁଏ ସଜବାଜ । ନୂଆ ପ୍ୟାଣ୍ଟ, ସାର୍ଟ, ଧୋତି, କୁର୍ତ୍ତା, ପାଇଜାମା ପ୍ରଭୃତି ନିଜ ମନମୁତାବକ ପୋଷାକ ସହିତ ମୁଣ୍ଡରେ ବାଧ୍ୟତାମୂଳକ ଭାବରେ ପଗଡ଼ି ଓ ମଥାରେ ମା'ଙ୍କର ବିଜୟ ତିଳକ ପିନ୍ଧି ଘରର ଛୋଟ ଠାରୁ ବଡ଼ ସବୁ ପୁରୁଷ ଘରଅଗଣାରେ ଏକତ୍ରିତ ହୁଅନ୍ତି । ପରିବାରର ମୁରବୀ ମହିଳା ଜଣେ ବନ୍ଦାଣ ଥାଳିରେ ବନ୍ଦାପନା କଲା ପରେ ସମସ୍ତେ ବାହାରି ଯାଆନ୍ତି ଗାଁ ମଝି ଦାଣ୍ଡକୁ । ସେଇଠି ସମସ୍ତେ ଗ୍ରାମବାସୀ ଏକତ୍ରୀତ ହେବା ପରେ କ୍ରମାନ୍ୱୟରେ ପଟୁଆରରେ ସଜେଇ ହୁଅନ୍ତି । ସେଇ ଗାଁ ଦାଣ୍ଡରେ ମୁରବୀ ସ୍ଥାନୀୟ ମହିଳା ଜଣେ ସମ୍ପୂର୍ଣ୍ଣ ପଟୁଆରକୁ ବନ୍ଦାପନା କରିଥାଆନ୍ତି । ଏବେ ପଟୁଆର ଆଉ ଢୋଲ, ନିଶାଣ, ଭେରୀ, ତୂରୀ, ବିଜୟ କାହାଳୀ ବଜେଇ ଗାଁ ପରିକ୍ରମା କରି ବାହାରି ପଡ଼େ ଦଶହରା ପଡ଼ିଆ ଅଭିମୁଖେ ।



ଆମ ଗାଁ 'ନୂଆପାଣୀ' ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ସବ୍‌ଡିଭିଜନ ଅନ୍ତର୍ଗତ ଜାତୀୟ ରାଜପଥ ୫୩ର ଉଭୟ ପାର୍ଶ୍ୱରେ ଅବସ୍ଥିତ ଏକ ଛୋଟ ଗାଁ । ଆମ ଗାଁରେ କୁଳୀନ କ୍ଷତ୍ରୀୟମାନେ ବାସ କରନ୍ତି । ଆମେ ସେଇମାନଙ୍କର ଦାୟାଦ, ଯିଏ ଗଙ୍ଗା ଠାର ଗୋଦାବରୀ ପର୍ଯ୍ୟନ୍ତ ଜୟ କରିଥିଲେ । ଆମେ ସେଇମାନଙ୍କର ଦାୟାଦ, ଯେଉଁମାନଙ୍କୁ ସେନାପତି ରୂପେ ଅବସ୍ଥାପିତ କରି ତତ୍କାଳୀନ ଢେଙ୍କାନାଳ ରାଜା ସୁରପ୍ରତାପ ମହେନ୍ଦ୍ର ବାହାଦୂରଙ୍କ ନେତୃତ୍ୱରେ ଅବିଭକ୍ତ ଢେଙ୍କାନାଳ ଗଡ଼ଜାତରୁ ମରହଟ୍ଟା, ଗାର୍ଗି, ମୋଗଲମାନଙ୍କ ଆକ୍ରମଣକୁ ପ୍ରତିହତ କରିଥିଲେ । ତାର ମୂକ ସାକ୍ଷୀ ଢେଙ୍କାନାଳର ଷାଠିଏ ବାଟିଆ ମୌଜା ।

ଆମ ଗାଁରେ ପାଳିତ ବିଭିନ୍ନ ପର୍ବପର୍ବାଣୀ ମଧ୍ୟରୁ ଦଶହରା ପ୍ରମୁଖ ପର୍ବ ଅଟେ । ଦଶହରାର ପ୍ରାୟ ମାସେ ପୂର୍ବରୁ ଆମ ଗ୍ରାମର ଯୁବକମାନେ ଆଖଡ଼ା ଘରେ, ଖଡ୍‌ଗ ଚାଳନା, ଧନୁତୀର ଚାଳନା, ଭାଲା, ବର୍ଚ୍ଛା, ଲାଠିଚାଳନା ଆଦି ବିଲୁପ୍ତ ପ୍ରାୟ ସମର କୌଶଳର ଅଭ୍ୟାସ କରନ୍ତି । ଦଶହରା ଦିନ ଆମ ଗାଁରେ ମୃଣ୍ମୟୀ ଏବଂ ପୀଠ ପୂଜା ଉଭୟ ହୋଇଥାଏ । ଅପରାହ୍ନରେ ସମସ୍ତ ଯୋଦ୍ଧା ପଗଡ଼ି ପିନ୍ଧି, ପାରମ୍ପରିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ, ଢୋଲ, ନିଶାଣ, ବିଜୟକାହାଳୀ ବଜେଇ ଗ୍ରାମର ଭୈରବୀ ପୀଠରେ ପହଞ୍ଚି ପୂଜାର୍ଚ୍ଚନା କରି ସମର କଳାର ପ୍ରଦର୍ଶନ କରନ୍ତି । ଏସବୁ ଦେଖିବା ପାଇଁ ଆଖପାଖ ଗାଁର ଜନ ସାଧାରଣ ଓ ବନ୍ଧୁବାନ୍ଧବ ପଡ଼ିଆରେ ରୁଣ୍ଡ ହୁଅନ୍ତି । ଗ୍ରାମଟି ଉତ୍ସବମୁଖର ହୋଇଉଠେ । ପୂର୍ବ ପୁରୁଷରୁ ଚାଲି ଆସିଥିବା ଏହି ପାରମ୍ପରିକ ସମର କଳାକୁ ବଞ୍ଚେଇ ରଖିବା ପାଇଁ ଆମ ଗ୍ରାମର ସମସ୍ତ କ୍ଷତ୍ରିୟ ଯୁବକମାନେ ପ୍ରୟାସ ଜାରି ରଖିଛନ୍ତି । ପ୍ରତିବର୍ଷ କାମାକ୍ଷାନଗର ମହୋତ୍ସବରେ ବରିଷ୍ଠ ଆଇନଜୀବୀ ନାରାୟଣ ସାମଲଙ୍କ ନେତୃତ୍ୱରେ ପାଇକ ଆଖଡ଼ାର ଆୟୋଜନ ହୋଇ ଆସୁଛି ।

**ଦେବୀଦତ୍ତ ସାମଲ,** ଆଡ଼ଭୋକେଟ୍, କାମାକ୍ଷାନଗର



ଗାଁ ମଝିରେ ଏକ ବିରାଟ ପଡ଼ିଆରେ ଭୈରବୀ (ଦେବୀ ଦୁର୍ଗାଙ୍କର ଏକ ରୂପଙ୍କର ପାଶାଣୀ ମୂର୍ତ୍ତି), ସେଠି ବ୍ରାହ୍ମଣ ପୂଜା ପାଠ କଲା ପରେ ପଟୁଆରର ଆଗରେ ଥିବା ମୁଖ୍ୟ ଯୋଦ୍ଧା ବନ୍ଧୁକରୁ ଗୁଳି ଶୂନ୍ୟକୁ ଫୁଟାଇ ଆରମ୍ଭ କରନ୍ତି ଖଡ୍‌ଗ ଚାଳନାର ଅଦ୍ଭୁତ ଖେଳ । ପୂର୍ବ ପ୍ରଶିକ୍ଷିତ ଯୋଦ୍ଧାଙ୍କ ମଧ୍ୟରେ ଚାଲେ ଖଣ୍ଡା, ତଲ୍‌ୱାରର ଲଢ଼େଇ । ଲଢ଼େଇ ବେଳେବେଳେ ପ୍ରତିଯୋଗିତାତ୍ମକ ହୋଇ ବାସ୍ତବ ରୂପ ନିଏ, ଏବଂ ଅସାବଧାନତା ବଶତଃ ଥିବା ଯୁଦ୍ଧଖୋର୍ ମନୋଭାବ ନେଇ ଲଢ଼ିବା ବେଳେ କେହି କେହି ଆହତ ହୁଅନ୍ତି ମଧ୍ୟ । ଖଣ୍ଡା ଖେଳ ବ୍ୟତୀତ ଲାଠି, ଫାର୍ଶା, ଛୁରୀ, ବନ୍ଧୁକ ଚାଳନା, ମଲ୍ଲଯୁଦ୍ଧ, ଧନୁତୀର ଚାଳନା, ଶୂନ ସାଧନ ଆଦି ସମର କୌଶଳର ମଧ୍ୟ ପ୍ରଦର୍ଶନ ହୋଇଥାଏ । ଗାଁର ପ୍ରାୟ ସମସ୍ତ ଝିଅବୋହୂ, ବନ୍ଧୁବାନ୍ଧବ, ପାଖଗାଁର ଅନେକ ଆଗ୍ରହୀ ଦର୍ଶକ ତାଳିମାରି ଉତ୍ସାହିତ କରୁଥାଆନ୍ତି ସେମାନଙ୍କୁ । ପଡ଼ିଆ ସାରା ଜନାରଣ୍ୟ । ହସ, ମଜା, କୌତୁକରେ ପଡ଼ିଆଟି ଲାଗୁଥାଏ ପ୍ରାଣବନ୍ତ । ସମସ୍ତ କୌଶଳର ପ୍ରଦର୍ଶନ ପରେ ପୁନର୍ବାର ପରିକ୍ରମାରେ ପଟୁଆର ଫେରି ଆସେ ଗାଁ ଦାଣ୍ଡକୁ । ସେହି ଗାଁ ଦାଣ୍ଡରେ ଖେଳର ଉସ୍ତାଦ୍ ବୀର ସଂଗୀତ ଗାଇ ଦେଖେଇ ଥାଆନ୍ତି ନିଜ ଉସ୍ତାଦିପଣର ପରାକାଷ୍ଠା । ସେହି ବୀର ସଙ୍ଗୀତ ମଧ୍ୟରୁ ଗୋଟିଏ ଏପରି :

ସୁନାର ମା' ମୋର / ତୋ ପାଦେ ଜଣାଏ ପ୍ରଣତି / ସାଜିଛି, ଗାଇବି / କଳିଙ୍ଗ ଗଉରବ ଗୀତି / ସେ ତ ବାର ବରଷ ଧରମା / ଶିଳ୍ପ ବିଚିତ୍ର ରୂପେ ସେ କରମା / ଏକା ଦେଉଳର ମୁଣ୍ଡି ମାରିଣ / ରଖି ଦେଇଗଲେ ଜାତି ଜୀବନ / ଆମେ ବି ତା'ପରି ଦେଶ ପାଇଁ ପାତିବା ଛାତି ।





ମୋ ଶାଶୁଘର ଗାଁ 'ନୂଆପାଣୀ' ଢେଙ୍କାନାଳ ଜିଲ୍ଲା, କାମାକ୍ଷାନଗର ସବ୍‌ଡିଭିଜନ ଅନ୍ତର୍ଗତ ଏକ ଛୋଟ ଗାଁ । ଏହି ଗାଁର ବର୍ଷସାରା ସବୁଠାରୁ ବଡ଼ ପର୍ବ ଦଶହରା । ଜୀବନ ଜୀବିକା ଦାୟରେ ଗାଁ ଠାରୁ ବାହାରେ ରହୁଥିବା ସମସ୍ତ ଗ୍ରାମବାସୀ ଏହି ପର୍ବରେ ଏକାଠି ହୁଅନ୍ତି । ଏହି ପର୍ବର ମୁଖ୍ୟ ଆକର୍ଷଣ 'ପାଇକ ଖେଳ'ର ଅନନ୍ୟ ପରମ୍ପରା । ଯୁଦ୍ଧାସ୍ତ୍ର ଓ ଯୁଦ୍ଧ ପଟିପାଟୀରେ ବାହାରିଥିବା ମୋ ଘରର ଯୋଦ୍ଧାମାନଙ୍କୁ ଘିଅ ଦୀପ, ଅକ୍ଷତ ଦେଇ ମୁଁ ବନ୍ଦାପନା କରିଥାଏ । ମଥାରେ ବିଜୟ ତିଳକ ହାତରେ ଖଡ୍‌ଗ, ଢାଲ ଧରି ବାହାରିଗଲା ବେଳେ ନିଜକୁ ପାଇକ ବଧୂ ବୋଲି ଖୁବ୍ ଗର୍ବ ଅନୁଭୂତ ହୁଏ । ମୋ ଛୋଟ ପୁଅ ମଧ୍ୟ ମୁଣ୍ଡରେ ପାଟପଗଡ଼ି ବାନ୍ଧି ଖଣ୍ଡା ଧରି ଆଗରେ ବାହାରି ପଡ଼େ । ମନେ ପଡ଼ିଯାଏ ସ୍କୁଲ୍‌ରେ ସାହିତ୍ୟ ବହିରେ ପଢ଼ିଥିବା ଏଇ ଯେ ଦିଶୁଛି ଲାଲମାଟିର ଖୋର୍ଦ୍ଧାଗଡ଼ କବିତାର ପଂକ୍ତିଟିଏ- "ପାଇକ କିଶୋରୀ ନବ ଯଉବନୀ / ସଂଗ୍ରାମେ ଏଥି ସାଜିଛି ସଇନୀ / ପ୍ରିୟରେ କହିଛି ଚାଲ ରଣେ ପଲ / ନିଅ ଏ ଖଣ୍ଡା ନିଅ ଏ ଢାଲ ।"

ବର୍ଷ ପରେ ବର୍ଷ ଏହି ନିଆରା ପରମ୍ପରାକୁ ଆମ ଗାଁର ଯୁବପିଢ଼ି ବଜାୟ ରଖିବା ଖୁବ୍ ଗର୍ବ ଏବଂ ଗୌରବର କଥା ନିଶ୍ଚୟ ।

**ଗୌରୀ ସାମଲ,** ଗୃହିଣୀ, ନୂଆପାଣୀ



ଆମ ଗାଁ 'ନୂଆପାଢ଼ୀ' ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ସବ୍‌ଡିଭିଜନର ବାଲିଶୋରଡ଼ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଏକ ଛୋଟ କ୍ଷତ୍ରୀୟ ସଂପ୍ରଦାୟର ଗାଁ ଅଟେ । ଆମ ଗାଁର ପ୍ରଜାମାନେ ରାଜରାଜୁଡ଼ା ଅମଳରେ ରାଜାଙ୍କର ସୈନ୍ୟ ବାହିନୀରେ ସୈନିକ ରୂପେ କାର୍ଯ୍ୟ କରୁଥିଲେ । ସେତେବେଳେ ଖଣ୍ଡା ଥିଲା ମୁଖ୍ୟ ଯୁଦ୍ଧାସ୍ତ୍ର । ଖଣ୍ଡା କ୍ଷତ୍ରୀୟମାନଙ୍କର ଶକ୍ତି ଏବଂ ବୀରତାର ପ୍ରତୀକ । ଏହି ଖଣ୍ଡାଖେଳ ପୁରୁଷାନୁକ୍ରମେ ଆମ ଗାଁରେ ପାଳିତ ହୋଇଆସୁଛି । ୧୯୬୦ ମସିହାରେ କମର ଗ୍ରାମର ଓସ୍ତାଦ ଦୟାନିଧି ମୁକୁଟ ପ୍ରଥମେ ବିଧିବଦ୍ଧ ଭାବରେ ଆମ ଗାଁରେ ଆଖଡ଼ାଘର କରି ସେତେବେଳର ପିଲାମାନଙ୍କୁ ସମର କଳାର ଶିକ୍ଷା ଦେଉଥିଲେ । ତାଙ୍କ ପରେ ଆମ ଗ୍ରାମର ବିପ୍ରବର ସାମଲ ଓସ୍ତାଦ ଭାବରେ ଏହି କୌଶଳର ଶିକ୍ଷା ଦେଇ ପରମ୍ପରାକୁ ଉଜ୍ଜୀବିତ କରି ରଖିଥିଲା । ତାଙ୍କ ପରଲୋକ ପରେ ଆଉ କେହି ଓସ୍ତାଦ ନୂଆ ବାହାରିଲେ ନାହିଁ, ତେଣୁ ଆଖଡ଼ା ଘର ପରମ୍ପରା ହଜି ଗଲାଣି । ଆଜିର ପିଲାମାନେ ନିଜ ବାପା, ଜେଜେବାପାଙ୍କ ଠାରୁ ଯେତିକି ଶିଖିଛନ୍ତି ସେତିକି କେବଳ ପୂଜା ପଡ଼ିଆରେ ପ୍ରଦର୍ଶନ କରି ପରମ୍ପରାକୁ ବଞ୍ଚାଇ ରଖିଛନ୍ତି ।

**ରମେଶ ଚନ୍ଦ୍ର ସାମଲ,** ବରିଷ୍ଠ ଗ୍ରାମବାସୀ, ନୂଆପାଢ଼ୀ



ଏହା ମଧ୍ୟରେ ସୂର୍ଯ୍ୟଦେବତା ଅସ୍ତାଚଳରେ ଅସ୍ତ ଯାଇ ସାରିଥାଆନ୍ତି । ଦିନସାରାର ଯୁଦ୍ଧ କ୍ଳାନ୍ତି ପରେ ଖେଳ ସମାପନ କରି ସମସ୍ତେ ନିଜ ନିଜ ଘରକୁ ବାହୁଡ଼ି ଯାଇ ଥାଆନ୍ତି ।

ଏହି ପାଇକ ଖେଳର ପରମ୍ପରା କେବେ ଠାରୁ ଆରମ୍ଭ, ଏହାର କୌଣସି ସଠିକ୍ ତଥ୍ୟ ମିଳେ ନାହିଁ । ପିଢ଼ିପରେ ପିଢ଼ି ପୁରୁଷାନୁକ୍ରମେ ଏହା ଏଯାଏଁ ଚାଲି ଆସିଛି । କ୍ଷତ୍ରିୟମାନେ ସୌର୍ଯ୍ୟ, ବୀର୍ଯ୍ୟର ପ୍ରତୀକ । ଐତିହାସିକ ପୃଷ୍ଠଭୂମି ଦେଖିଲେ ମନେହୁଏ, ମୋଗଲ, ମରହଟ୍ଟ, ବ୍ରିଟିଶ୍ ଶାସନ ସମୟରେ ଶତ୍ରୁମାନଙ୍କ ଆକ୍ରମଣରୁ ନିଜ ରାଜ୍ୟକୁ ରକ୍ଷା କରିବା ପାଇଁ ତତ୍କାଳୀନ ରାଜା ମହାରାଜାମାନେ ଦୁର୍ଦ୍ଧର୍ଷ ଲଢୁଆ କ୍ଷତ୍ରିୟମାନଙ୍କୁ ଆଖଡ଼ାଶାଳରେ ପ୍ରଶିକ୍ଷଣ ଦେଇ ସେନା ବାହିନୀରେ ସଦାପ୍ରସ୍ତୁତ ରଖୁଥିଲେ । ଶତ୍ରୁ ଆକ୍ରମଣ, ପ୍ରତିଆକ୍ରମଣ, ଆତ୍ମରକ୍ଷା ଆଦି କଳା କୌଶଳରେ ଧୂରୀଣ ଥିଲେ କ୍ଷତ୍ରିୟମାନେ । ସିପାହୀ ବିଦ୍ରୋହ ସମୟରେ କ୍ଷତ୍ରିୟମାନଙ୍କ ଭୂମିକା, ସର୍ବୋପରି ଖୋର୍ଦ୍ଧାଗଡ଼ର ପାଇକ ବିଦ୍ରୋହ ଏକ ମିଶାଲ ଅଟେ । ଦେଶ ସ୍ୱାଧୀନ ହେବା ପରେ, ଦେଶର ସୁରକ୍ଷା କ୍ଷେତ୍ରରେ କ୍ଷତ୍ରିୟମାନଙ୍କର ଆଉ କିଛି ଭୂମିକା ରହିଲା ନାହିଁ । କ୍ଷତ୍ରିୟମାନେ କେବଳ ଏକ ଜାତିରେ ସୀମିତ ରହିଲେ । ସୁତରାଂ ସେମାନେ ବ୍ୟବହାର କରୁଥିବା ଖଣ୍ଡା, ଢାଲ, ତଲୱାର୍ ଆଦି ସମସ୍ତ ଯୁଦ୍ଧାସ୍ତ୍ର ଠାକୁର ଘରେ ସଜେଇ ହୋଇ ପୂଜା ପାଇଲେ କିମ୍ବଦନ୍ତୀ ପାଲଟି । ମା' ଦଶଭୂଜା ଦୁର୍ଗା ସର୍ବ ଶକ୍ତିମୟୀ, ବିଜୟର ଦେବୀ । କ୍ଷତ୍ରିୟମାନେ ଦେବୀ ଦୁର୍ଗାଙ୍କୁ ଶକ୍ତି ରୂପରେ ପୂଜା କରନ୍ତି । ସେଥିପାଇଁ ବୋଧହୁଏ ବଂଶାନୁକ୍ରମେ କ୍ଷତ୍ରିୟମାନେ ନିଜର ଐଶ୍ୱର୍ଯ୍ୟର ପ୍ରତୀକ ସମରାସ୍ତ୍ର ଗୁଡ଼ିକୁ ଧୂପ, ଦୀପ ଦେଇ ପୂଜା କଲେ ଏବଂ ବର୍ଷରେ ଗୋଟିଏ ଦିନ ବିଜୟା ଦଶମୀରେ ନିଜର କୌଳିକ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ସମର କଳାର ପ୍ରଦର୍ଶନ କଲେ ।



ଏହି କ୍ଷତ୍ରିୟ ସମର କଳା ଅବା 'ପାଇକ ଖେଳ' ଏବେ ଏକ ଲୁପ୍ତପ୍ରାୟ କଳା । ପୂର୍ବେ ଢେଙ୍କାନାଳ ଏବଂ ଅନୁଗୁଳ ଜିଲ୍ଲାର ନୂଆପାଣୀ, କନ୍ତାରିପାଟ, ଭୂବନ, କାନପୁରା, ସନ୍ତପଡ଼ା, ବୁଢ଼ାପଙ୍କ, ଗୋଡ଼ମରା, ପଳଗଡ଼, ଘଣ୍ଟପଡ଼ା, ଟିଟିରିମା ଆଦି କ୍ଷତ୍ରିୟ ବସବାସ କରୁଥିବା ଗାଁଗୁଡ଼ିକରେ ଖୁବ୍ ଯାକ ଯମକରେ ଏହି ପୁରାତନ କଳାର ପ୍ରଦର୍ଶନ କରା ଯାଉଥିବା ବେଳେ ଅଦ୍ୟାବଧି ଅନେକ ଗୁଡ଼ିଏ ଗାଁରେ ଲୋପ ପାଇ ସାରିଲାଣି । ଏହି ଲୁପ୍ତ ପ୍ରାୟ ଯୁଦ୍ଧ ବିଦ୍ୟାର କୌଣସି ସରକାରୀ ପ୍ରୋତ୍ସାହନ ନାହିଁ । ଅତୀତରେ ଢେଙ୍କାନାଳର ରାଜା ଶ୍ରୀମାନ୍ କାମାକ୍ଷା ପ୍ରସାଦ ସିଂଦେଓ, ଶଙ୍କର ପ୍ରତାପ ସ୍ମୃତିପୀଠରେ ସାରା ଓଡ଼ିଶାର ପାଇକ ଆଖଡ଼ାଙ୍କୁ ନିମନ୍ତ୍ରଣ କରି ସମ୍ମିଳନୀର ଆୟୋଜନ କରୁଥିଲେ । ଯେଉଁଠାରେ ସାରା ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ପାଇକମାନେ ଗୋଟିଏ ସ୍ଥାନରେ ଭିନ୍ନ ଭିନ୍ନ ରଣକୌଶଳ ପ୍ରଦର୍ଶନ କରିବାର ସୁଯୋଗ ପାଉଥିଲେ । ମାତ୍ର ଏବେ ରାଜା ବୟସର ଅପରାହ୍ନରେ ଏବଂ ଉତ୍ତରପିଢ଼ିଙ୍କ ପାଖରେ ଆଗ୍ରହର ଅନେକ ଅଭାବ । ଯଦିଓ ରାଜ୍ୟ କଳା ମହୋତ୍ସବରେ ୧୫୬ଟି କଳା ମଧ୍ୟରେ ଏହି ପାରମ୍ପରିକ ପାଇକ ଆଖଡ଼ା କଳାକୁ ସ୍ଥାନ ଦିଆଯାଇଛି, ଗ୍ରାମାଞ୍ଚଳରେ ଏହା ପ୍ରୋତ୍ସାହନ ଅଭାବରୁ ଲୋପ ପାଇବାକୁ ବସିଲାଣି । ଉତ୍କର୍ଷ କଳାର ରାଜ୍ୟ ଉତ୍କଳର ଏ ଅନନ୍ୟ ଐତିହାସିକ ପରମ୍ପରାକୁ ସମସ୍ତ କ୍ଷତ୍ରୀୟ ସମାଜ ଆଗ୍ରହର ସହ ବଞ୍ଚାଇ ରଖିବା ବିଧେୟ ।



ଆମ ଗାଁ ନୂଆପାଣୀ ଏକ କ୍ଷତ୍ରୀୟ ସଂପ୍ରଦାୟର ଗାଁ ଅଟେ । ଦଶହରା ଆସିଲେ ଗାଁର ଯୁବକମାନଙ୍କ ମନରେ ଏକ ଅଦ୍ଭୁତ ଉନ୍ମାଦନା ଆସେ । ନିଜକୁ କ୍ଷତ୍ରୀୟ ବୋଲି ବିଚାରି ଗର୍ବ ଅନୁଭବ ହୁଏ । ଦଶହରାରେ ଖଣ୍ଡାଖେଳ ଆମ ଗାଁର ଏକ ବହୁ ପୁରାତନ ପରମ୍ପରା । ଏହା ଆମ ଗାଁର ପରିଚୟ । ମୋ ଦାଦା ବିପ୍ରବର ସାମଲ ଓସ୍ତାଦ ଥିଲେ । ଆମେମାନେ ମଧ୍ୟ ତାଙ୍କ ଠାରୁ ଯୁଦ୍ଧବିଦ୍ୟା କିଛି କିଛି ଶିଖିଛୁ । ଏବେ ଗାଁର ଯୁବକମାନେ ପାଇକଖେଳକୁ ଟିକେ ଆକର୍ଷଣୀୟ କରିବା ପାଇଁ ମୃଣ୍ମୟୀ ମୂର୍ତ୍ତି ମଧ୍ୟ ପୂଜା କରୁଛନ୍ତି । ବିଭିନ୍ନ ମନୋରଂଜନ କାର୍ଯ୍ୟକ୍ରମ ସାମିଲ ହୋଇଛି । ତେବେ ବି ଖଣ୍ଡାଖେଳ ତା'ର ସ୍ୱତନ୍ତ୍ରତା ବଜାୟ ରଖିଛି । ହେଲେ ଦୁଃଖର ବିଷୟ ପ୍ରୋତ୍ସାହନ ଅଭାବରୁ ଏଥିପ୍ରତି ଯୁବପିଢ଼ି ଆଗ୍ରହ ଦେଖାଉ ନାହାଁନ୍ତି । ଯେମିତି ସେମିତିରେ ବର୍ଷକୁ ଥରେ ପରମ୍ପରା ବଞ୍ଚିଛି କେବଳ ।

**ଜିତେନ୍ଦ୍ରିୟ ସାମଲ,** ରାକ୍ଷୀ ଭିଡ଼ିଓ ଭିଜନ, ନୂଆପାଣୀ

# ଆମ ପାଟଦେଈ

ଆମ କଥା ପରମ୍ପରାର ଆଭା ଓ ଐଶ୍ୱର୍ଯ୍ୟ ବୀଣାପାଣି ମହାନ୍ତିଙ୍କ
କେତୋଟି ଅନ୍ତରଙ୍ଗ ମୁହୂର୍ତ୍ତର ଆଇନା ଶ୍ରଦ୍ଧାଞ୍ଜଳି ଗାନୁନ୍‌ଗୋଙ୍କ ଆଲେଖ୍ୟ



# କଥାରେ କଥାରେ
# ବୀଣାପାଣି



▶ଲେଖିକା ଶ୍ରଦ୍ଧାଞ୍ଜଳି କାନୁନ୍‌ଗୋ


## ଶ୍ରଦ୍ଧାଞ୍ଜଳି କାନୁନ୍‌ଗୋ

ଏଫ୍/୮୯୩, ସେକ୍ଟର-୭, ସି.ଡି.ଏ., କଟକ - ୭୫୩୦୧୪
ଫୋନ୍ : ୯୪୩୭୩୦୦୪୩୬


ଫଟୋ ସୌଜନ୍ୟ: ବନୋଜ ତ୍ରିପାଠୀ

ହଁ, ହୁଏତ କଥାଟି ଏଇଠୁ ଆରମ୍ଭ କରାଯାଇପାରେ ।

ମୁଁ ବସିଛି, ଟେବୁଲ୍‌ର ଏପାଖେ ଆଉ ଆରପାଖେ ବୀଣା ମାଡାମ୍... ! ପାଖାପାଖି ପଇଁତିରିଶ୍ ବର୍ଷ ପରେ, ଆମେ ଦୁହେଁ ପୁଣି ଏକାଠି ବସିଥିଲୁ । ଅବଶ୍ୟ ସେଦିନର ଛବି ଠିକ୍ ଆଜିପରି ନଥିଲା । ଗୋଟିଏ ଯୌବନୋଦୀପ୍ତ ସଜଳ, ସୁନ୍ଦର ଛବି ଭାସି ଉଠୁଥିଲା ମୋ ଆଖି ଆଗରେ ।

ଶୈଳବାଳା ମହିଳା ମହାବିଦ୍ୟାଳୟର ଶ୍ରେଣୀଗୃହ । ମାଡାମ୍ ଠିଆ ହୋଇଛନ୍ତି ଟେବୁଲ୍ ପାଖରେ ଆଉ ପଢୁଛନ୍ତି ଅର୍ଥନୀତିର ସଂଜ୍ଞା; ସେ ଠିଆ ହୋଇଛନ୍ତି ଛାତ୍ରୀନିବାସ ପାଖରେ, ପିଲାମାନଙ୍କର ପାଠପଢ଼ା ଆଉ ମହାନୁବର୍ତ୍ତିତାର ତଦାରଖ କରୁଛନ୍ତି; ସାମ୍ନାରେ ତାଙ୍କୁ ଦେଖିଦେଇ ସରମି ଯାଉଛନ୍ତି ପିଲାମାନେ, ଖୁବ୍ ଶାସନ ମାଡ଼ାମ୍‌ଙ୍କର; ମୋତେ ଦିଶି ଯାଉଥିଲା, କଲେଜ୍‌ରେ ଫଙ୍କସନ୍ ଚାଲିଛି, ପିଲାମାନେ ଡ୍ରାମାଟେ ବାଛିଦେବା ପାଇଁ ଠିଆ ହୋଇଛନ୍ତି ମାଡ଼ାମ୍‌ଙ୍କ ପାଖରେ..କେହି ଜଣେ ପଚାରୁଛି ଶ୍ରଦ୍ଧାଞ୍ଜଳିକୁ କହିବା କି ମାଡ଼ାମ୍, ଏଥରକ ଆମ ପାଇଁ ନାଟକଟେ ଲେଖି ଦବ ? ମାଡାମ୍ ଟିକେ ଭ୍ରୁକୁଞ୍ଚନ କରି କହୁଛନ୍ତି, "ନାଇଁ, ନାଇଁ, ଜମାରୁ ନୁହେଁ । ସିଏ ଖାଲି କନ୍ଦେଇଦବା ଜାଣିଛି, ଆମେ ଟିକିଏ ହସଖୁସିର ନାଟକ ବାଛିବା...ନା ?"

ମୋ ଓଠରେ ହସଟେ ଉକୁଟି ଆସିଲା ।

ସେ ବି ସ୍ମୃତିଚାରଣ କରୁଥିଲେ କି କ'ଣ... । କହିଲେ, "ଯେତେବେଳେ ମୁଁ ଶୈଳବାଳା ମହିଳା ମହାବିଦ୍ୟାଳୟର ଛାତ୍ରୀନିବାସରେ ଥିଲି, ସେତେବେଳର ଅନୁଭବ ଏକଦମ୍ ନିଆରା । ମୋ ଚାରିପାଖରେ ଲାଗିଥାଏ ଛାତ୍ରୀମାନଙ୍କର କୋଳାହଳ । ଯେମିତି ଗୋଟେ ଗହଳ, ଚହଳ ପୃଥିବୀ ଭିତରେ ଅଥଚ ତାର କୌଣସି ପ୍ରଭାବ ମୋ ଉପରେ ପଡ଼େ ନାହିଁ । ମୋର ବନ୍ଦ୍ କବାଟର କୋଠରୀ ଭିତରଟି ଏକଦମ୍ ନିଃଶବ୍ଦ । ସେ ନିଃଶବ୍ଦତାର ଛାଇ ଆଚ୍ଛନ୍ନ କରିଥାଏ ମୋ ହୃଦୟ ଭିତରକୁ । ମୋ ଭିତରର ପ୍ରଚଣ୍ଡ ନିରବତା ମୋ ଲେଖନୀକୁ ଜୀବନ୍ତ କରି ତୋଳନ୍ତି । ଆଜି ମୋ ପାଖରେ ଛାତ୍ରୀମାନେ ନାହାଁନ୍ତି । ଏଇ ଘର ଭିତରଟି କେତେ ନିର୍ଜନ ଅଥଚ ସେଦିନର ସେହି କୋଳାହଳ ଆଜି ମୋ ଭିତରେ ମଥା ଟେକେ, ଉତ୍ତାଳ ହୁଏ ଆଉ ମୁଁ ତା ଭିତରେ ମଗ୍ନ ହୋଇଯାଏ... ।"

ହଁ, ମୋର ମନେ ପଡ଼ିଯାଉଥିଲା ଗୋଟି ଗୋଟି ହୋଇ... । ତାଙ୍କ ସହିତ ମୁଁ ବି ଫେରି ଯାଉଥିଲି ପଛକୁ । ମୋ ପାଦ ଅଟକି ଯାଉଥିଲା କଲେଜ୍‌ର ଗୋଟି ଗୋଟି କୋଠରୀ ପାଖରେ । ମୁଁ ଉହୁଙ୍କି ଚାହିଁଲି । ଏଇ ତ, ଆଗରେ ବସିଛନ୍ତି ବୀଣା ମାଡ଼ମ୍ । ଶ୍ରେଣୀରେ ଆମେମାନେ ଅର୍ଥନୀତିର ଛାତ୍ରୀତକ... ।

ପାଠ ମଝିରୁ ସେ ଅଳ୍ପ ଅଳ୍ପ ହସି ପଚାରୁଛନ୍ତି, "କ'ଣ ପ୍ରଫେସର୍, ତୁମର ଖବର କ'ଣ ?" କେବେ କେବେ ମୁଁ ବସି ପଡ଼ିଛି ପାଠାଗାରର ବହିଥାକ ଭିତରେ । ବହିର ପୃଥିବୀ ଭିତରେ ବିଭୋର ଥାଇ ଭୁଲିଯାଇଛି ଯେ ଏବେ ମୋର କ୍ଲାସ୍ ଥିବ ବୋଲି ।






ରେବର୍ତ୍ତୀ ଆମ ମାଟିର ସ୍ୱର



ମାଡ଼ମ୍ କହୁଛନ୍ତି, "ଆଜି ପ୍ରଫେସର୍ ଆସିନି ନା କଣ ?"

ଆସିଛି ଜାଣିଲା ପରେ କୁହନ୍ତି, "କିଏ ଜଣେ ଯାଅ, ତାକୁ ଲାଇବ୍ରେରୀରୁ ଡାକି ଆଣ ।" ମୁଁ ଅପ୍ରସ୍ତୁତ ହୋଇପଡୁଛି । ଧଇଁସଇଁ ହୋଇ ଚାଲିଛି କ୍ଲାସ୍‌କୁ । ଦୁଆର ମୁହଁରେ ଠିଆହୋଇ କହୁଛି, "ଭୁଲ୍ ହୋଇଯାଇଛି ମାଡ଼ାମ୍, ମନେ ପଡ଼ିନି କ୍ଲାସ୍ କଥା ।"

ସେ ମୁହଁରେ କୃତ୍ରିମ ଗାମ୍ଭୀର୍ଯ୍ୟ ଫୁଟାଇ କୁହନ୍ତି, "ହଉ ହଉ, ଏ ଭୁଲ୍‌କୁ ଆଜି କ୍ଷମା ଦିଆଯାଇ ପାରିବ, କିନ୍ତୁ ସବୁଦିନ ନୁହେଁ... ।"

ମୋର ମନେପଡ଼ିଲା ଆଉ ମନ ଭିତରେ କାକରଛୁଆଁ ପବନ ପରି ସ୍ନିଗ୍ଧତାର ଶିହରଣ ଖେଳିଗଲା । ମନେ ହେଉଥିଲା, ଯଦି ଶାସନରେ ମିଠାପଣ ଥାଏ ତେବେ ଶାସିତ ହେବାରେ ବି କେତେ ଆନନ୍ଦ ଥାଏ ।

ସେ ଖାଲି ଆମମାନଙ୍କ ପାଇଁ ଅର୍ଥନୀତିର ଅଧ୍ୟାପିକା ବୀଣା ମାଡ଼ାମ୍ ନଥିଲେ, ସେ ଥିଲେ ବି ସେତେବେଳର ଓଡ଼ିଆ ସାହିତ୍ୟର ବିଶିଷ୍ଟ ଲେଖିକା **ବୀଣାପାଣି ମହାନ୍ତି** । ଚାଲିଚଳଣ, ଆଚାର ବ୍ୟବହାରରେ ଫୁଟି ଉଠୁଥିଲା ଏକ ରୁଚିଶୀଳ ବ୍ୟକ୍ତିତ୍ୱର ଛାପ । ତାଙ୍କୁ ଦେଖିଲେ ହୃଦୟରେ ଜାଗି ଉଠୁଥିଲା ଶ୍ରଦ୍ଧା ଓ ସମ୍ମାନର ଭାବ ।

ସେଦିନ କାହିଁକି ସେ ମୋତେ ପ୍ରଫେସର୍ ଡାକୁଥିଲେ ଜଣାନାହିଁ କିନ୍ତୁ ତାଙ୍କ ପରି ଜଣେ ଖ୍ୟାତିସଂପନ୍ନ ଲେଖିକା ଆଉ ଆମର ପ୍ରିୟ ମାଡ଼ାମ୍‌ଙ୍କ ମୁହଁରେ ଏ ଡାକ ଶୁଣିବାକୁ ମୋତେ ଭଲ ଲାଗୁଥିଲା ।

ଆଜି ଗୋଟେ ଦୀର୍ଘ ସମୟାନ୍ତରରେ ଆମେ ଦୁହେଁ ଏକାଠି ବସିଥିଲୁ ପାଖାପାଖି । ଏଇ ଛୋଟ ଟେବୁଲ୍‌ର ଦି'ପାଖେ ଦି'ଟା ଚେୟାର୍ । ପାଖକୁ ଲାଗି ଖଟଟିଏ ପଡ଼ିଛି । ଅସୁସ୍ଥତା ହେତୁ ଅନେକ ସମୟ ଧରି ତାଙ୍କୁ ଶୋଇ ରହିବାକୁ ପଡୁଛି । ମୁଁ କଥା ଆରମ୍ଭ କରିବାକୁ ଚାହୁଁଥିଲି । କହିଲି: ଆମମାନଙ୍କର ସମୟ ଆଜିର ସମୟ ଠୁ ଖୁବ୍ ଭିନ୍ନ ଥିଲା ମାଡ଼ାମ୍ । ଗୁରୁ-ଶିଷ୍ୟ ଭିତରେ ଏକ ଆବେଗିକ ସମ୍ପର୍କ ଥିଲା । ମନ ଭିତରେ ଭୟ ଆଉ ଭଲପାଇବା ଦି'ଟା ଯାକ ଫେଣ୍ଟାଫେଣ୍ଟି ହୋଇ ରହିଥିଲେ । ଆଉ ବୋଧହୁଏ ସେଇଥିପାଇଁ ଆଜି ମୁଁ ଆପଣଙ୍କ ପାଖରେ ବସିଥିବା ବେଳେ, ମୋ ଭିତରେ ଗୋଟେ ସତର୍କତା ବି ରହିଛି । କାଳେ ପଚାରୁ ପଚାରୁ କୋଉଠି କିଛି ଗୋଟେ ଭୁଲ୍ ହୋଇଯିବ !

ସେ ସ୍ମିତ ହସିଲେ ।

ସମୟ ଯେ ବହୁତ ଆଗକୁ ଯାଇ ସାରିଛି । ଆମେ ସିନା ତାର ହାତ ଧରି ପଛକୁ ଫେରିବାର ମିଛ ପ୍ରୟାସ କରିଥାଉ ! କିନ୍ତୁ ସତରେ କଣ ଆମେ ଆଉ ଫେରିପାରୁ ! ଆମେ ଦୁହେଁ ଏବେ ଏକ ସାବଲୀଳ ବାର୍ଦ୍ଧକ୍ୟ ଆଡ଼କୁ ପାଦ ବଢ଼େଇ ଚାଲିଛୁ । ତାଙ୍କ ଚେହେରାକୁ ଯଦିଓ ବାର୍ଦ୍ଧକ୍ୟ ଏତେବେଶି ଛୁଇଁ ପାରିନାହିଁ, ତଥାପି ଅସୁସ୍ଥତା ହେତୁ ସମ୍ଭବତଃ କ୍ଲାନ୍ତ ହୋଇପଡ଼ିଛି ତାଙ୍କ ଶରୀର । ଅଣ୍ଟାବ୍ୟଥା ଯୋଗୁଁ ବେଲ୍ଟ ଭିଡ଼ିବାକୁ ପଡୁଛି । ଚାଲିବାରେ କଷ୍ଟ ହେଉଛି । ଟଳମଳ ପାଦକୁ ସମ୍ଭାଳିବା ପାଇଁ 'ବାଡ଼ିଟେ' ଧରିବାକୁ ପଡୁଛି ।

ମୁଁ ପଚାରିଲି: ଦିନେ ଯିଏ 'ପାଟଦେଈ' ପରି ବଳିଷ୍ଠ ଚରିତ୍ରକୁ ଆଙ୍କିଥିଲେ ନିଜ କାଳିକଲମରେ, ଲେଖିଥିଲେ ସଂସାରକୁ ସାମ୍ନା କରିବାର କେତେ ଯେ ଦମ୍ଭ ଥାଏ ଜଣେ ନାରୀର ମନରେ, ସେ କ'ଣ ସମୟର ପ୍ରବାହରେ ନିଃସଙ୍ଗ ଆଉ କ୍ଲାନ୍ତ... ?

ସେ ମୁହୂର୍ତ୍ତେ ଚୁପ୍ ରହିଲେ । ନିଃଶବ୍ଦତାର ବଳୟଟିଏ ଆବୋରି ରଖିଥିଲା ଘରଟିକୁ ଯେମିତି ! ସେ ମୋତେ ପଚାରିଲେ, "ଜୀବନର ମଧୁର ସଂଗୀତ ଶୁଣିଛ କେବେ ?"

ମୁଁ ତାଙ୍କୁ ଛୁଇଁଲି ସିଧାସଳଖ । ପ୍ରଶ୍ନଟା ଭେଦିଗଲା ମୋର ଅନ୍ତରକୁ ।

ସେ କହିଲେ, "ସଂଗୀତ ସେତିକିବେଳେ ମଧୁର ହୁଏ, ଯେତେବେଳେ ସେଥିରେ କରୁଣତା ଭରିଯାଏ । ଜୀବନର ସଂଗୀତ ବି ଠିକ୍ ସେହିପରି । ଯଦି ସେଥିରେ ଦୁଃଖର ସ୍ପର୍ଶ ନ ଲାଗିଲା ତେବେ ଆଉ ତାର ମାଧୁର୍ଯ୍ୟ କାହିଁ ?"


ମୋର ମନେପଡ଼ିଲା ପ୍ରଖ୍ୟାତ ଲେଖିକା କମଳା ଦାସଙ୍କର କେଇଧାଡ଼ି କଥା । ଜୀବନର କଥା କହିବାକୁ ଯାଇ ସେ କହିଥିଲେ ଯେ, ମୁଁ ଅନେକ ସମୟରେ ଜୀବନର ଭୂମିଖଣ୍ଡ ଉପରେ ମଥାରଖି କାନ ଡେରିଦିଏ ଆଉ ସେତେବେଳେ ମୋତେ ବହି ଯାଉଥିବା ଝରଣାର ଗୀତ ପରି ଏକ ମଧୁର ସଂଗୀତର ସ୍ୱର ଶୁଭିଯାଏ । ତାହା ହିଁ ବୋଧହୁଏ ଜୀବନର ସ୍ୱର, କରୁଣ ଆଉ ମଧୁର... !

ସବୁ କବିମାନେ ବୋଧହୁଏ ଏମିତି ହିଁ । ସେମାନଙ୍କ ହୃଦୟ ତଳେ ତଳେ ବହି ଚାଲିଥାଏ ଗୋଟିଏ ଅନ୍ତଃସଲୀଳା ନଦୀ, ଅଦ୍ଭୁତ ରାଗିଣୀର ଗୀତ ଗାଇ ଗାଇ । ସେଇ ସ୍ରୋତର ଧାରରେ ତାର ମନ ବହିଯାଏ କେଉଁ ଅଜଣା ଜାଗାକୁ । ଜୀବନର ଏଇ ପ୍ରବହମାନତା ସହିତ ଅନେକକଥା ଅବକ୍ଷିପ୍ତ ବସ୍ତୁ ପରି ବହି ଚାଲିଯାଏ । ପ୍ରାପ୍ତିର ଆନନ୍ଦ, ଅପ୍ରାପ୍ତିର ଦୁଃଖ ଆଉ ଅବସୋସ ସବୁଯେମିତି ଫେଣ୍ଟାଫେଣ୍ଟି ହୋଇ ବହିଯାଏ ଗଭୀର ଆବେଗରେ ତନ୍ମୟ ହୋଇ... ।

ସେ ମୋତେ ମୋ ଭାବନାରୁ ଓହରେଇ ଆଣିଲେ । ପଚାରିଲେ, "ଖାଇକରି ଆସିଛ କିଛି ? ଏଠି ମୋର ପିଲା ଅଛନ୍ତି, କରି ଦେଇ ପାରିବେ ।"

ମୁଁ ମନା କଲି ।

ସେ କପେ ଚା' ମଗେଇଲେ ମୋ ପାଇଁ ଓ ପୁଣି କହିଲେ,




"ଏଇ ଝିଅ ଦିଟି ଗୋଟିଏ ଅନୁଷ୍ଠାନରୁ ଆସିଛନ୍ତି । ମୋର ଦେଖାଶୁଣା କରନ୍ତି । ଆମେ ଗୋଟେ ଏମିତି ସମୟରେ ପହଞ୍ଚି ଯାଉ ଯୋଉଠି ଆମର ଦେଖାଶୁଣା କରିବା ପାଇଁ ଲୋକ ଦର୍କାର ହୁଅନ୍ତି । ଏଇ ଘରଟି ମୋ ବଡ଼ଭାଇଙ୍କର । ଉପରେ ସେମାନେ ରହୁଛନ୍ତି, ତଳେ ମୁଁ । କର୍ମବହୁଳ ଜୀବନ ସମସ୍ତଙ୍କର । କିନ୍ତୁ ମୋ ଝିଆରି, ପୁତୁରାମାନଙ୍କର ମୋ ପାଇଁ ଗଭୀର ଶ୍ରଦ୍ଧା । ଜାଣିଥିଲି ସେମାନଙ୍କର ଗୋଟିଏ ଏକାନ୍ନବର୍ତ୍ତି ପରିବାର ଥିଲା । ଏକାନ୍ନବର୍ତ୍ତି ପରିବାରର ଚିତ୍ରଟି ଖୁବ୍ ମଧୁର । ମାନ,

ଅଭିମାନ, ହସଖୁସି ଭିତରେ ଜୀବନ ବହିଗଲେ ଏକ ତରଙ୍ଗାୟିତ ଛନ୍ଦରେ । ପୁଣି ଧୀରେ ଧୀରେ ସମୟ ବଦଳେ । ବଦଳିଯାଏ ବି ମଣିଷର ମାନସିକତା । ଘରେ ବାଜି ପଡ଼େ... ।

ମନ ଯେତେବେଳେ ଲେଉଟି ଯାଏ ପଛକୁ, ଗୋଟିଏ ବର୍ଷାଭିଜା ସୁଗନ୍ଧିତ ମାଟି ପରି ଆପେ ଆପେ ତାହା ଓଦା ହୋଇଯାଏ, ଆଖି କୋଣରୁ ଝରିପଡ଼େ ବେଦନାସିକ୍ତ ଅଶ୍ରୁ ବିନ୍ଦୁଟେ ।"

ଏ ଅନୁଭବ ଆମ ସମସ୍ତଙ୍କର ଊଣା ଅଧିକେ ରହିଛି । ତାଙ୍କର ବି ରହିଥିଲା ଆଉ ସେଇଥିପାଇଁ ତ ଲେଖନୀରୁ ଝରି ପଡ଼ିଥିଲା 'ନାଉଗଛ' ପରି ଏକ ଅନନ୍ୟ ଗଳ୍ପ । ଯେଉଁଥିରେ ଚିତ୍ରିତ ହୋଇଛି ଗୋଟିଏ ଯୌଥ ପରିବାରର ଶକ୍ତ ମୂଳଦୁଆ ବି କେମିତି ସମୟର ପ୍ରଖର ପବନ ସ୍ରୋତରେ ବୋହଲି ଯାଏ । ମମତା ଓ ମାଧୁର୍ଯ୍ୟର ଧଳାଚୂନଲିପା କାନ୍ଥରୁ ଖସିପଡ଼େ ଚୂନର ପରସ୍ତ । କଥାଟି ସେ ଏମିତି କରିଥିଲେ ସେଇଦିନରୁ ଯେତେବେଳେ ମଣିଷର ମନଟି ଥିଲା ସ୍ୱପ୍ତ କାଚଖଣ୍ଡ ପରି ସ୍ୱଚ୍ଛ ଆଉ ପରିଷ୍କାର । ଛୋଟ ଛୋଟ କଥା ପାଖରେ ବି ମନ ଲାଖି ରହୁଥିଲା ।

"ସେତେବେଳେ ମନ ଥିଲା ଛୋଟ, ଧୀରସ୍ଥିର । ଘର ବି ଥିଲା ଛୋଟ । ତେଣୁ ଛୋଟ କଥାରେ ସବୁରି ମନ ଲାଖି ରହୁଥିଲା ।"

"ଅଗଣା ଦି' ପାଖରେ ଦି' ସାହାଲା ଘର । ପକ୍କା ଅଗଣାର ଚଉରା । ଚଉରା ପାଖକୁ ନାଉମନ୍ଦା । ଅନେକ ନାଉ ଫଳେ... ।






କଲେଜ୍‌ରେ ପଢ଼ିଲା ବେଳେ ଘରକଥା ମନେପଡ଼ିଲେ ଆଗ ମନେପଡ଼େ ନାଉଗଛ କଥା । ଶୀତଦିନେ ଅଧାଛାଇ, ଅଧାଖରାରେ ସେଇ ନାଉଗଛ ମୂଳକୁ ଲାଗି କଦଳୀପତ୍ର ପକାଇ ସମସ୍ତେ ଖାଇ ବସନ୍ତି । ନାଉଗଛ ମୂଳେ ବସିବା ପାଇଁ ଲାଗେ ପ୍ରତିଯୋଗିତା, ରୁଷାରୁଷି । ମନେ ପଡ଼ିଲେ ସେସବୁ ଏବେ ଆଖିରେ ଲୁହ ଆସେ ।

ଗଛଟା ଯେମିତି ଜିଦ୍ କରେ, ବୋଉ ତାକୁ ପୋତିବ । ନହେଲେ ସେ ଉଠିବନି । ଯଦି ଉଠିବ ତେବେ ଫଳିବନି କି ଫୁଲଟାଏ ଫୁଟାଇବନି । ସେଇଦିନୁ ଯେତେଯାହା ହେଉ ପଛେ ବୋଉ ନିଜ ହାତରେ ଚଉରାମୂଳେ, ମଂଜିଟି ସମସ୍ତଙ୍କର ଅଜାଣତରେ ପୋତି ଦିଏ ?

'ବୋଉ' ମାନେ ଗୋଟିଏ ଯୌଥ ପରିବାରର ମୂଳପିଣ୍ଡ । ବୋଉ-ଭାରତୀୟ ନାରୀର ଆଦର୍ଶର ପ୍ରତିବିମ୍ବ । ନାରୀ, ଗୋଟିଏ ଘରର ଏରୁଣ୍ଡିବନ୍ଧ । ଯାହା ଉପରେ ପାଦ ରଖି ପୁରୁଷ ପୁରୁଷ ବ୍ୟାପୀ ଆଗକୁ ବଢ଼େ ପରିବାର । ନାରୀର ତ୍ୟାଗ ଓ ପ୍ରେମର ପଣତକାନିରେ ଗଇଣ୍ଠା ହୋଇଯାଏ ଗୋଟିଏ ଯୌଥ ପରିବାରର ଆବେଗିକ ସମ୍ବନ୍ଧର ବାନାଟିମାନ । ସେ ଗଣ୍ଠି ଫିଟିଗଲେ ପରିବାର ଭାଙ୍ଗିଯାଏ, ସଂପର୍କ, ସମ୍ବନ୍ଧର ପରିଭାଷା ମେଘୁଆ ଆକାଶର ଚାନ୍ଦ ପରି ମ୍ଳାନ ଦିଶେ ।"

ବୀଣାପାଣି ମହାନ୍ତିଙ୍କର **ନାଉଗଛ** ଗୋଟିଏ ଏକାନ୍ନବର୍ତ୍ତି ପରିବାରକୁ ଧରିରଖି ପାରିବାର ପ୍ରଚ୍ଛନ୍ନ ଅଭିମାନର ପ୍ରତୀକ । ଯେଉଁଗଛ ମୂଳେ ଠିଆ ହୋଇ ଲେଖିକା ସ୍ନେହମମତାର ଆବେଗିକତାକୁ ଅଙ୍ଗେ ନିଭେଇଛନ୍ତି, ପୁଣି ଠିକ୍ ସେଇ ଜାଗାରେ ଯେତେବେଳେ ଆଉ ନାଉଗଛ ନଥାଏ, ଲେଖିକା ଧୀରେ ଧୀରେ ଭାଙ୍ଗି ପଡୁଥିବା ସମ୍ପର୍କର ରଙ୍ଗକୁ ବି ଦେଖିଛନ୍ତି, ଦେଖିଛନ୍ତି ବୋଉର ଆଖି କୋଣରେ ଜକେଇ ଆସୁଥିବା ଲୁହକୁ ବି ।

ସେଦିନ ନାଉଗଛ ନଥାଏ, ତା' ଜାଗାରେ ଉଠିଥାଏ ନାଲି ନାଲି ଟେବୁଲ୍ ଗୋଲାପର ଚାରା । ନାଲି ଫୁଲଟି ମାନ ଆଖିକୁ ଦେଖାଯାନ୍ତି ସତେଜ ଆଉ ସୁନ୍ଦର ! ରାତିରେ ଶୋଇଲା ବେଳେ ସେ ବୋଉକୁ ପଚାରନ୍ତି ସେଇ ନାଉଗଛ ଟି କଥା ଆଉ ଉତ୍ତରରେ ବୋଉର ଆଖିରୁ ଲୁହ ନିଗିଡ଼ି ଆସେ । କୁହେ, 'ନାଉଗଛର ଆୟୁଷ ପୁରିଛି । ମୋର ବି । ଆଉ ଗୋଟିଏ ମାତ୍ର ମଞ୍ଜି ମୋ ପାଖରେ ରହି ଯାଇଛି । ସେଇଗଛର ଏଇଟି ଶେଷ ମଞ୍ଜି ।"

ଲେଖିକା କହିଛନ୍ତି, "ସେଇ ମଞ୍ଜିଟି ସେମିତି ପାଟକନାରେ ବନ୍ଧାହୋଇ ଟ୍ରଙ୍କ୍‌ରେ ଥାଏ । ପିଲାଏ କହନ୍ତି ବୋଉର କୋଉ ଟ୍ରଙ୍କ୍‌ରେ ଅଛି... ।

ଏବେ ନାଉ ବଜାରରୁ କିଣାହୋଇ ଆସେ । ନାଉ କାଟିଲା ବେଳେ ମୋର ମନେହୁଏ, ବୋଉର ସବୁ ରକ୍ତ ଯେମିତି ନାଉରେ ଜମାଟ ବାନ୍ଧି ବରଫ ପରି ଧଳା ହୋଇଯାଇଛି ।"

ଆଉ ସେଇ ବରଫର ସ୍ତୁପିକୃତି ହେମାଳ ପାହାଡ଼ ଉପରେ ଏକା ଏକା ନିର୍ଜନରେ ବସି ଲେଖିକା ସତେ ଅବା ନିଜକୁ ନିଜେ ପ୍ରଶ୍ନ କରନ୍ତି, "କାହାକୁ, କେଉଁଜଣଙ୍କୁ ମୁଁ ଦେଇଯିବି ଏ ନାଉର ମଞ୍ଜି... ?"

ମୋର ମନେ ପଡ଼ିଲା ଆଉ ଆପଣା ଛାଏଁ ଉଦାସ ହୋଇଗଲା ମନ ଭିତରଟା । ଭାବୁଥିଲି, ସତରେ ଏ ଜୀବନରେ ସଂପର୍କ ଆଉ ସମ୍ବନ୍ଧର ପରିଭାଷା କଣ ? ଯାହା ଆଜିର ମୁହୂର୍ତ୍ତରେ ମଧୁରତର ଲାଗେ କାଲି ସକାଳକୁ ତାର ରଙ୍ଗ ଯେ ଏକ୍‌ଦମ୍ ଫିକା ପଡ଼ିଯାଏ । ଆଉ ଯେଉଁମାନେ ନାଉଗଛର



ଶେଷ ମଂଜିଟିକୁ ଛାତିତଳେ ସାଇତି ରଖିଥାନ୍ତି ପାଟକନାରେ ଗୁଡ଼େଇ, ସେଇମାନେ ହିଁ କେବଳ ଆଉଟି ହୋଇଯାନ୍ତି ଦୁଃଖ ଆଉ ଅବସୋସରେ ।

ମୋର ମନେପଡ଼ିଲା ଆଉ ମୁଁ କିଛି ମୁହୂର୍ତ୍ତ ଚୁପ୍ ହେଇଗଲି । ମୋ ଆଗରେ ସେ ବି ବସିଥିଲେ ଚୁପ୍‌ଚାପ୍ । ସମ୍ଭବତଃ ସ୍ମୃତିର ସୁଦୀର୍ଘ ବେଳାଭୂମିରେ ପାଦ ଥାପି ଥାପି ଚାଲିଥିଲେ କି କ'ଣ... !

ମୁଁ ମୋର ଅନ୍ୟମନସ୍କତା ଭିତରୁ ଓହରିଲି ଆଉ ପଚାରିଲି, "କେତେ ଭାବରେ, କେତେ ରଙ୍ଗରେ ଦେଖିଲେ ଯେ ଜୀବନକୁ, କ'ଣ ପାଇଲେ ଏଥିରୁ ?"

ସେ ଉଦାସ ଥିଲେ ହୁଏତ । କହିଲେ, "ଅପୂର୍ଣ୍ଣତା ।"

ମୁଁ ପଚାରିଲି, "ତାହେଲେ ଜୀବନ କଣ ଏକ ଅପୂର୍ଣ୍ଣପାତ୍ର ବୋଲି ଆମେ ବୁଝିନେବା !" ସେ କହିଲେ, "ଜୀବନଟା ହିଁ ତ ଅପୂର୍ଣ୍ଣ । ତେଣୁ ତ ଏତେ କାବ୍ୟ, କବିତା, ଏତେ କଥା, ଉପକଥା । ମୋର ତ ମନେହୁଏ ଜୀବନ ଯଦି ସୀମାହୀନ ହୁଅନ୍ତା, ତେବେ ତ ଆହୁରି କେତେକଥା ଲେଖି ହୁଅନ୍ତା । ଜୀବନଟା ଅପୂର୍ଣ୍ଣ ଆଉ ସୀମିତ । ଅନେକ କହିବାର କଥା ତେଣୁ ବାକି ରହିଯାଏ ।"

କଥା ବାକି ରହିଯାଏ...ଜୀବନ ଗଡ଼ିଚାଲେ ଆଗକୁ । ଜୀବନର ସେଇ ଛନ୍ଦାୟିତ ଉତ୍‌ଥାନ ପତନ ଭିତରେ କେତେ ଅନୁଭବ, କେତେ ଅନ୍ତରଙ୍ଗ ମୁହୂର୍ତ୍ତର ସ୍ମୃତି ଯେ ହୃଦୟରେ ଦାଗ ଆଙ୍କିଦିଏ, ତାର ହିସାବ ନାହିଁ ।

ପାର୍ଥିବ ସଂସାରର ସୁଖ, ଐଶ୍ୱର୍ଯ୍ୟର ବିଭୋରତା ଭିତରେ ବି ମଣିଷର ମନ ଭିତରେ ଥାଏ ଅନ୍ତହୀନ ଶୂନ୍ୟତା...ତାହା ହିଁ ତ ଅପୂର୍ଣ୍ଣତା । ସେ ଶୂନ୍ୟତାର ଭରଣା କିଏ କରିପାରିବ ?

ବୀଣାପାଣିଙ୍କର ଅନ୍ୟ ଏକ ସ୍ମରଣୀୟ ଗଳ୍ପ **ତଟିନୀର ତୃଷା** ପଢ଼ିଲେ ଠିକ୍ ଏହା ହିଁ ମନେହୁଏନି କି ?

ଖ୍ୟାତନାମା ଧନୀକ ପିତାଙ୍କର ଅଲିଅଳୀ କନ୍ୟା ରୁଚି । ବିଳାସ ଓ ପ୍ରାଚୁର୍ଯ୍ୟ ଭିତରେ ଯୌବନର ଶ୍ୟାମଳ ଉପାନ୍ତରେ ଜୀବନ ପାଲଟି ଯାଇଥିଲା ତାଙ୍କ ପାଇଁ ଏକ ଖେଳଘର । ବୋଧହୁଏ ଧନ ଏବଂ ରୂପର ଅହଙ୍କାର ତାଙ୍କୁ ସ୍ୱାମୀଙ୍କ ସହ ସହବାସ କରିବାର ସୌଭାଗ୍ୟ ଦେଇ ପାରିନଥିଲା । ଅନ୍ତରଙ୍ଗ ପୁରୁଷ ବନ୍ଧୁମାନଙ୍କ ସହିତ ଚିରସ୍ଥାୟୀ ହୋଇପାରି ନଥିଲା ସମ୍ପର୍କ । ଅଥଚ ଏକଦା ତାଙ୍କୁ ପ୍ରେମ କରୁଥିବା ଓ ତାଙ୍କ ପାଇଁ ଶେଷ ପର୍ଯ୍ୟନ୍ତ ଅବିବାହିତ ରହିଥିବା ଚିନ୍ମୟଙ୍କ ସ୍ମୃତି ମନର ପରଦା ତଳେ ଅଦୃଶ୍ୟରେ ତଥାପି ସତେଜ ହୋଇ ରହିଥିଲା ।

ଅନେକ ବର୍ଷ ପରେ ଦିନେ ଭେଟ ହୋଇଛି ଚିନ୍ମୟଙ୍କ ସହିତ ରୁଚିର । ସେଦିନ ତାର ମନତଳେ ଜାଗି ଉଠିଛି ଶତ କଦମ୍ବର ରୋମାଞ୍ଚ । କିନ୍ତୁ ସମୟ ଯେ ସବୁକିଛିକୁ ପଛରେ ପକେଇ ଦେଇ ଖୁବ ଆଗକୁ ଯାଇ ସାରିଛି । ସମୟର ଦୌଡ଼ ସାଥିରେ ତାଳଦେଇ ମଣିଷ କ'ଣ କେବେ ଆଗକୁ ପାଇପାରେ ? ସମୟ ପାଖରେ ଯେ ମଣିଷ ଚିରକାଳ ଅସହାୟ !

ସେଦିନ ଇଚ୍ଛା କରିଥିଲେ ବି ଚିନ୍ମୟଙ୍କୁ ଘରକୁ ନେଇପାରି ନଥିଲେ ରୁଚି । ଚିନ୍ମୟଙ୍କ ଦେହରେ କଳଙ୍କ ଲାଗୁ, ଏ ଇଚ୍ଛା ତାଙ୍କର ନଥିଲା । ତାଙ୍କୁ ନେଇ ସେ ସିଧା ଷ୍ଟେସନ୍‌କୁ ଆସିଥିଲେ ଓ ତାଙ୍କ ଠାରୁ ବିଦାୟ ନେଲାବେଳେ ପଚାରିଥିଲେ, "ତୁମେ ବୈଜ୍ଞାନିକ, ମଣିଷର ଶରୀରକୁ ବିନାଖାଦ୍ୟରେ ବଞ୍ଚାଇ ରଖିବା ପାଇଁ ଉଦ୍ଭାବନରେ ଲାଗିଛ । କିନ୍ତୁ ମଣିଷର ମନକୁ ବଞ୍ଚାଇ ରଖିବା ପାଇଁ କ'ଣ କରୁଛ ? ଆଧୁନିକ ମଣିଷର ମାନସିକ ରିକ୍ତତାକୁ ଦୂର କରିବାର ଉପାୟ ବାହାର କରିପାରିବ ?"

ସତରେ ତ... ! ଏଇ ମାନସିକ ରିକ୍ତତାର ସ୍ରୋତରେ ହିଁ ତ ଭାସୁଥାଏ ମଣିଷ । ଉଠୁଥାଏ, ପଡୁଥାଏ, କ୍ଷତାକ୍ତ ହୁଏ, ଲହୁଲୁହାଣ ହୁଏ । ଅଥଚ ଗତି ଥମି ଯାଏନି । ସ୍ୱପ୍ନ ଦେଖା ସରି ଯାଏନି । ସେ ସ୍ୱପ୍ନ ତାକୁ କ'ଣ ଦିଏ, ନଦିଏ ଜଣା ନାହିଁ, କିନ୍ତୁ ସେଇ ଅସରନ୍ତି ସ୍ୱପ୍ନଟିକୁ ସମ୍ବଳ କରି ଜୀବନ ଗଡ଼ି ଚାଲିଥାଏ ଆଗକୁ ।

ଏକଦା 'ପ୍ରଜାତନ୍ତ୍ର' ପୃଷ୍ଠାରେ 'ମୁଁ କାହିଁକି ଲେଖେ'ରେ ଲେଖିକା ଲେଖିଥିଲେ : 'ମୁଁ ସେଇ ବୁଲ୍‌ବୁଲ୍...'ଶୀର୍ଷକ ଲେଖାଟିଏ, ଯାହାର କେତୋଟି ଧାଡ଼ି ଥିଲା ଖୁବ୍ ମାର୍ମିକ । "ଅନେକଥର କଲମ କାଗଜ ଫୋପାଡ଼ି ଦେଇ ଝର୍କାର ପର୍ଦ୍ଦା ଟେକି ମାଟିକୁ, ନିଦ୍ରିତ ଚେତନାକୁ, ନୀରବ ଆକାଶର ନକ୍ଷତ୍ରକୁ ମୁଁ ପ୍ରଶ୍ନ କରିଛି, ମତେ ସତ କଥାଟି କହିଦିଅ । ହେଲେ ସେମାନେ ମୁରୁକି ହସିଛନ୍ତି, ହାତ ଠାରି ଡ଼ାକିଛନ୍ତି ନୀରବରେ । କହିଛନ୍ତି, ଆହୁରି ରକ୍ତ ଦର୍କାର । ଆହୁରି ଯନ୍ତ୍ରଣାରେ ରକ୍ତାକ୍ତ, ଜର୍ଜରିତ ଓ ଆନ୍ଦୋଳିତ ହେବା ଦର୍କାର । ନହେଲେ ଗୋଲାପର ରଙ୍ଗ ଲାଲ୍ ହେବ ନାହିଁ ।"

ବୁଲ୍‌ବୁଲ୍ ଛାତିର ସେଇ ଲାଲ୍ ରଙ୍ଗଟି କ'ଣ ଲେଖିକାର ସଂପତ୍ତି ? ସେଇ ଗାଢ଼ ରକ୍ତର ରଙ୍ଗରେ ଭିଜିନଗଲେ କବିର ଶବ୍ଦ ଫୁଟେ ନାହିଁ ? ଲେଖକର ଲେଖନୀ ଚଳେ ନାହିଁ ?

ମୁଁ ତାଙ୍କୁ ସେଦିନ ପଚାରିଥିଲି, "ଏତେବଡ଼ ସଂସାରରେ ଏଇ ଯେ ଏକୁଟିଆ ଆଉ ନିଃସଙ୍ଗ ଜୀବନ...କେମିତି ଲାଗେ ଆପଣଙ୍କୁ ? ଏଇ ନିଃସଙ୍ଗତା ପାଇଁ କଣ ଏତେସବୁ ଅବସୋସ ? ଦୁଃଖ ?"

ଜାଣେନା, ମୋର ସେ ମୁହୂର୍ତ୍ତରେ ସେଇ ବୁଲ୍‌ବୁଲ୍‌ଟିର କଥା ମନେପଡୁଥିଲା କି କ'ଣ ? କିନ୍ତୁ ପଚାରିବାକୁ ସ୍ୱତଃ ଇଚ୍ଛାଟେ ଜାଗି ଉଠୁଥିଲା ମନ ଭିତରେ ଯେ ଏକାକୀ ରହିବାର ଦୁଃଖ କଣ ସତରେ ମେଘାବୃତ ଆକାଶଟିଏ ପରି ଆଚ୍ଛନ୍ନ କରିଛ ତାଙ୍କୁ ।

ପ୍ରେମର ଈଷତ୍ ନୀଳରଙ୍ଗଟେ ମନର ଅଗଣାକୁ ସିକ୍ତ କରିଛି କି ?

ମୋର ପ୍ରଶ୍ନରେ ସେ ଟିକିଏ ନୀରବ ରହିଲେ ଓ ତାପରେ କହିଲେ, "ହଁ, ସଂସାର ସହିତ ରହିବା ଅଲଗା କଥା ଆଉ ଏକୁଟିଆ ଜୀବନ ନେଇ ଜିଇଁବା ଅଲଗା କଥା । ଏକୁଟିଆ ଜୀବନରେ ମଣିଷ ଏକା ଏକା ଚାଲିଥାଏ । କିନ୍ତୁ ଲେଖୁଥିବା ମଣିଷଟିଏ ଆଉ ନିଃସଙ୍ଗ ହେଲା କେତେବେଳେ ମୁଁ ବୁଝି ପାରେନି । ଶବ୍ଦ ଆଉ ଅନୁଭବର ଘେରରେ ଯେ ସେ ଦିନରାତି ଘୂରି ବୁଲୁଥାଏ । ଏଇ ବିଶାଳ ପୃଥିବୀ ଟାରେ ଆତଯାତ ହେଉଥିବା କେତେ କେତେ ପ୍ରାଣୀଙ୍କ ସହିତ ତାର ସମ୍ବନ୍ଧ । ତାକୁ ଇ ନେଇ ସେ ବିଭୋର୍ ହୁଏ, ଦୁଃଖୀ ହୁଏ, ସୁଖୀ ହୁଏ– ସେଇ ତ ଲେଖକର ସଂସାର । ସେ ନିଜକୁ ନେଇ ଆଦୌ ବ୍ୟଥିତ ନୁହେଁ ଯେ ଜୀବନ କଟିବ କେମିତି । ଜୀବନ କଥା ଜୀବନ ହିଁ ଜାଣେ । ବରଂ ସେ ବ୍ୟସ୍ତ ହୁଏ ଆଖପାଖର ପରିବେଶକୁ ନେଇ, ବ୍ୟସ୍ତ ହୁଏ ସମାଜକୁ ନେଇ, ଅନ୍ୟର ହର୍ଷ, ବିଷାଦ ଭିତରେ ନିଜକୁ ଦେଖିପାରେ ।

ତାର ଆଉ କି ସଂସାର ଲୋଡ଼ା ? ସଂସାରରେ ଆଉ ଅଧିକ ଥାଏ କ'ଣ ?"

ମୋ ଭିତରକୁ ସନ୍ଧ୍ୟାର ମ୍ଳାନ ଛାଇ ପରି ଓହ୍ଲେଇ ଆସୁଥିଲା ନୀରବତା । ସ୍ୱର ଧିମେଇ ଯାଉଥିଲା । ପଚାରିଲି, "ଆଉ ଘର, ଦ୍ୱାର, ପାର୍ଥିବ ସଂସାରର ଯେଉଁ ପ୍ରାପ୍ତିକୁ ନେଇ ମଣିଷର ଏତେ ଆନନ୍ଦ...ତା' କ'ଣ ଆପଣଙ୍କୁ ଛୁଏଁ ନାହିଁ ?"

ସେ ଅଳ୍ପ ହସିଲେ । କହିଲେ, "ମୁଁ ଗୋଟେ ଘର କିଣିଥିଲି, ଭାଙ୍ଗିଗଲା । ଭଡ଼ା ନେଇ ଯୋଉଠି ରହିଲି, ସେ ଘର ବି ଭାଙ୍ଗିଗଲ । ହଷ୍ଟେଲ୍ ଚାଲିଗଲି । ପୁଣି ଘରଟିଏ କିଣିଲି ରାଜଧାନୀରେ । ପରିସ୍ଥିତି ଏମିତି ହେଲା, ସେ ଘର ମତେ ଛାଡ଼ିବାକୁ ପଡ଼ିଲା । ଏବେ ମୁଁ ଏଇ ଘରେ ରହୁଛି । ମୋ ଭାଇଙ୍କ ଘର ଏଇଟା । ସେମାନେ ଉପରେ ରହୁଛନ୍ତି । ମୁଁ ତଳେ ରହୁଛି । ଏଇ ଝିଅ ଦି'ଟି ଗୋଟିଏ ଅନୁଷ୍ଠାନରୁ ଆସିଛନ୍ତି । ମୋର ଦେଖାଶୁଣା କରନ୍ତି ।




ଘର, ଦ୍ୱାର, ପାର୍ଥିବତାର ସଂଜ୍ଞା ମୋ ପାଇଁ ଏହା ହିଁ । ଅନେକ ସମୟରେ ଭାବେ ମୋ ଭିତରେ କିଛି ପାଇବାର ଇଚ୍ଛା ନାହିଁ ବୋଲି ବୋଧହୁଏ ଜୀବନ ମୋତେ ସହଜ ଲାଗେ । ଯଦି ଥାନ୍ତା, ତାହେଲେ ଦାୟିତ୍ୱ ବି ବଢ଼ିଥାନ୍ତା, ଆହୁରି ଅନେକ କିଛି ପାଇବାର ଇଚ୍ଛା ମୋତେ ଘାରି ରଖିଥାନ୍ତା । ଅନ୍ତତଃ ସେ ମୋହରୁ ମୁଁ ମୁକ୍ତ ।"

"ଆଉ ପ୍ରେମ... ?" ପ୍ରଶ୍ନଟା ପଚାରି ଦେଇ ମୁଁ ଟିକେ ସଂକୁଚିତ ହୋଇଗଲି । କହିଲି, "ଆଜି ଯେ ମୁଁ ଆପଣଙ୍କ ସାମ୍ନାରେ ବସିଛି ଆଦୌ ସେଦିନର ଛାତ୍ରୀଟିଏର ପରିଚୟ ନେଇ ନୁହେଁ । ଆପଣ ଏତେ ବଡ଼ ଜଣେ ଲେଖିକା, ମଣିଷର ଜୀବନକୁ କେତେ ଭାବରେ ଆଙ୍କିଛନ୍ତ କଲମକାଳିରେ, ନାରୀର କଥା ବି ତ କିଛି କମ୍ ଲେଖି ନାହାନ୍ତି । ତା' ମନର କ୍ଷତବିକ୍ଷତକୁ ପ୍ରାଞ୍ଜଳ ଭାବେ ଉଭାରି ଆଣିଛନ୍ତି ଆପଣ...ବାମାବାଦର ଜଣେ ବଳିଷ୍ଠ ଲେଖିକା ବୋଲି ପାଠକମାନେ କହିଥାନ୍ତି ଆପଣଙ୍କୁ...ଆଉ ମୁଁ କାଗଜ କଲମ ଧରି ବସିଛି ଯେ ଏତେ ବିଶାଳ ବ୍ୟକ୍ତିତ୍ୱରୁ କେତେଟିକେ ବା ଏଇ ଶବ୍ଦମାନଙ୍କ ଭିତରେ ଧରି ରଖି ପାରିବି... !"

ସେ ହସି ଦେଲେ । କହିଲେ, "ପ୍ରେମ ବିନା ପୃଥିବୀ କାହିଁ? ଯଦି ଏ ଜଗତରେ ମଣିଷକୁ କେହି ବଂଚେଇ ରଖିଥାଏ, ତେବେ ତା' ହେଉଛି ପ୍ରେମ । ଯଦି ଜୀବନରୁ ପ୍ରେମ ଚାଲିଯାଏ, ତେବେ ତ ସେ ଯୌବନରେ ବି ବୁଢ଼ା ହୋଇଯାଏ ଆଉ ଯଦି ବାର୍ଦ୍ଧକ୍ୟରେ ବି ପ୍ରେମର ରଙ୍ଗ ପ୍ରଗାଢ଼ ଥାଏ ତେବେ ସେ ଆଉ ବୁଢ଼ା ହୁଏ କୋଉଠି ? ଗୋଟିଏ ସବଳ ଯୌବନୋଦୀପ୍ତ ଜୀବନ ଜିଇଁ ଯାଏ... !

ଆଉ ହଁ, ଶ୍ରଦ୍ଧାଞ୍ଜଳି ଏଇ ଯେ ବାମାବାଦର କଥା କହିଲ, ସେମିତି ନିର୍ଦ୍ଦିଷ୍ଟ ଭାବେ କେହି ବାମାବାଦୀ ନୁହଁନ୍ତି । ଲେଖକ ମାତ୍ରେ ହିଁ ବାମାବାଦୀ । ଯେଣୁ ସେ ନିଜେ କିଛି ସୃଷ୍ଟି କରେ ନାହିଁ, ଯେତେବେଳେ ତା' ମଥାରେ ବ୍ରହ୍ମ ସବାର୍ ହୁଅନ୍ତି, ସେ ଲେଖିବା ଆରମ୍ଭ କଲେ । ଆଉ ଜାଣିରଖ, ସବୁବେଳେ ଅସହାୟ ଚରିତ୍ରମାନେ ହିଁ ଲେଖକର ସମ୍ମୁଖକୁ ଆସିଥାନ୍ତି । କେବଳ ମୁଁ ନୁହେଁ ପୁରୁଷମାନେ ବି ନାରୀର ଅସହାୟତାର କଥା ଲେଖିଛନ୍ତି । ନାରୀ ପ୍ରକୃତରେ ଏବେ ବି ଅସହାୟ ଅବସ୍ଥାରେ ଅଛି । ତାକୁ ସପକ୍ଷ କରି ଯେତେ ଆଇନ୍‌କାନୁନ୍ ତିଆରି ହେଲେ ବି ହୁଏତ ତାର ଶାରୀରିକ ଦୁର୍ବଳତା ହିଁ ତାକୁ ପୁରୁଷ ଠାରୁ ପଛରେ ପକେଇ ଦେଇଛି ଓ ଅସହାୟ କରି ରଖିଛି । ଏଥିପାଇଁ ନାରୀକୁ ଶକ୍ତ ହେବାର ଆବଶ୍ୟକତା ରହିଛି । ମୋର ତ ମନେହୁଏ, ଗୋଟିଏ ମଲାଲାରେ କାମ ଚଳିବନି । ନାରୀକୁ ଶକ୍ତ ହେବାକୁ ହେଲେ, ଏ ପୃଥିବୀରେ ଶହ ଶହ ମଲାଲାଙ୍କର ଆବଶ୍ୟକତା ରହିଛି ।"

କହିଲା ବେଳେ ତାଙ୍କ ସ୍ୱରରେ ଦିଶେ ଲେଖିକାର ଦମ୍ଭ ଆଉ ନିର୍ଭୀକତା । ନା, ବୟସ ଯେମିତି ତାଙ୍କୁ ଦୁର୍ବଳ କରି ପାରିନି । ମୋର ତାଙ୍କ ଗଳ୍ପର କେତେଗୁଡ଼ିଏ ଧାଡ଼ି ପୁଣି ମନେ ପଡ଼ି ଯାଉଥିଲା ।

'ଅମୃତାଁ ଦେଉଳ'ରେ ମା' ଝିଅକୁ କହିଛି– "ଚାଲିଯା ଏ ଘରୁ । ନଗଲେ ତୁ ମଣିଷ ପରି ବଞ୍ଚି ପାରିବୁନି । ଛି, କାନ୍ଦୁଛୁ କାହିଁକି ? ତୁ ତ କିଛି ଭୁଲ୍ କରିନୁ । ଭୁଲ୍ କରିଛି ମୁଁ । ମୁଁ ବି.ଏ. ପାଶ୍ କରିଥିଲି ଅଥଚ ପଦେ କଥା କହିବାର ସାହସ ମୋର ନାହିଁ । ପଶୁ ପରି ଖାଇ ପିଇ ବଢ଼ିଛି । ଜିନିଷଟେ ପରି ମୋତେ ଗୋଡ଼ରେ ସମସ୍ତେ ଆଡ଼େଇ ଦେଇଛନ୍ତି । ମୁଁ ଚାହେଁନା, ତୁ ବି ସେମିତି ବଂଚି ରହ ।"

ନାରୀ, ତ୍ୟାଗର ପ୍ରତୀକ, ସହିଷ୍ଣୁତାର ପ୍ରତୀକ । ଅପରର କଲ୍ୟାଣ ନିମନ୍ତେ ନାରୀ ନିଜକୁ ତିଳ ତିଳ ଉତ୍ସର୍ଗ କରିବାର କଥା ଭାରତୀୟ ପରମ୍ପରାରେ ରହିଛି । କିନ୍ତୁ ଏହାର ଅର୍ଥ ନୁହେଁ ଯେ ନାରୀକୁ ଅପମାନିତା ହେବାକୁ ପଡ଼ିବ; ଲାଂଛିତା ଓ ଅତ୍ୟାଚାରିତା ହେବାକୁ ପଡ଼ିବ ଓ ସେ ନୀରବ ଅଶ୍ରୁ ସମ୍ବରଣ କରି ସମସ୍ତ ଦୁଃଖକୁ ପାନ କରି ଚାଲିଥିବ । ତେଣୁ ଲେଖିକା ତାଙ୍କ ଲେଖନୀରେ ନାରୀକୁ ନିଜ ସପକ୍ଷରେ ଅସ୍ତ୍ର ଧରି ଠିଆ ହେବା ପାଇଁ ପ୍ରେରଣା ଦେଇଛନ୍ତି । ନିଜ ବଂଚିବାର ପଥ ନିଜକୁ ହିଁ ପରିଷ୍କାର କରିବାକୁ ସାହସ ଦେଇଛନ୍ତି । ସଂସାର, ସମାଜର ଉପହାସକୁ ପାଦରେ ଆଡ଼େଇ ଦେଇ ନିଜ ଆତ୍ମମର୍ଯ୍ୟାଦାର ସୁରକ୍ଷିତ ବଳୟଟିଏ ନିଜ ଚାରିପାଖରେ ତିଆରି କରିବା ପରି ଶବ୍ଦର ଉତ୍ସାହ ଭରି ଦେଇଛନ୍ତି ତା'ମନରେ, ପ୍ରାଣରେ ଠିକ୍ 'ପାଟଦେଇ' ପରି । ବୀଣା ମାଡ଼ାମ୍‌ଙ୍କର ପ୍ରସିଦ୍ଧ ଗଳ୍ପ 'ପାଟଦେଇ' କଥା ମନେ ପଡ଼ିଲେ ମୋ ମନକୁ ଉପନିଷଦର ସେଇ ଗଳ୍ପଟି ବାରମ୍ବାର ଛୁଏଁ । ପ୍ରାଚୀନ ସମୟର ଋଷି ସତ୍ୟକାମ୍ ଜାବିଳଙ୍କର ଜୀବନ କାହାଣୀଟି ବେଶ୍ ମାର୍ମିକ ।

ବାଳୁତ ବୟସରେ ଯେତେବେଳେ ଗୁରୁକୁଳରେ ବିଦ୍ୟାରମ୍ଭ ପାଇଁ ପାଦ ଦେଲେ ସତ୍ୟକାମ, ଗୁରୁ ତାଙ୍କ ପିତାଙ୍କ ନାମ ପଚାରିଲେ । ମାତ୍ର ପ୍ରଶ୍ନର ଉତ୍ତର ନଥିଲା ପିଲାଟି ପାଖରେ । ଗୁରୁ କହିଥିଲେ, ଯା, ତୋ ମା'କୁ ପଚାରି




ଆ ଯେ ତୋର ବାପା କିଏ ? ତାପରେ ଯାଇ ତୋର ବିଦ୍ୟାରମ୍ଭ ହୋଇପାରିବ ।

ହୁଏତ ଆଜି ଠୁ ସହସ୍ର ବର୍ଷ ତଳେ ନାରୀଟିଏକୁ ସମାଜ ଆଗରେ ନିନ୍ଦିତ ଆଉ ଅପମାନିତ କରିବା ପାଇଁ ଏଇ ଶାଣିତ ପ୍ରଶ୍ନଟି ଯଥେଷ୍ଟ ଥିଲା । ଏ ପ୍ରଶ୍ନ ଥିଲା ଗୋଟେ ଅସହାୟ ନାରୀକୁ ଦର୍ପିତ ପୁରୁଷ ସମାଜର ।

କିନ୍ତୁ ନମ୍ରତା ଓ ଦମ୍ଭର ସହିତ ଉତ୍ତର ଦେଇଥିଲେ ମାତା ଜାବାଳୀ, ଯା' ପୁତ୍ର, ଋଷିବରଙ୍କୁ କହିଦେବୁ ଯେ ମୋର ମା' କହିଲେ, ସେ ବହୁ ଋଷିଙ୍କ ପଦସେବା କରୁଥିଲେ, ତେଣୁ କାହାର ପୁତ୍ର ନିର୍ଦ୍ଦିଷ୍ଟ ଭାବେ କହି ପାରିବେ ନାହିଁ । କହିବୁ, ମୁଁ ମୋର ମାତା ଜାବାଳର ପୁତ୍ର– ସତ୍ୟକାମ ଜାବାଳ ! କେଉଁ ସହସ୍ର ବର୍ଷ ତଳେ ନାରୀର ଏଇ ସ୍ୱାଭିମାନର ସ୍ୱର କାଳକୁ ଅତିକ୍ରମ କରି ଆଜି ବି ଆମ ପାଖରେ ତାର ଆସ୍ପର୍ଦ୍ଧା ବଜାୟ ରଖିଥାଏ । ବାମାବାଦର ଆରମ୍ଭ ହୁଏତ ସେଇ ଶତସହସ୍ର ବର୍ଷ ତଳୁ ଭାରତୀୟ ଦର୍ଶନ ଓ ଭାରତୀୟ ପରମ୍ପରାରେ ଅନୁରଣିତ ହୋଇଉଠେ ସେଇଦିନରୁ । **ବୀଣାପାଣି ମହାନ୍ତିଙ୍କ ପାଟଦେଇ** ସେଇ ନିର୍ଭୀକତାର ଏକ ସ୍ୱଚ୍ଛ ପ୍ରତିଫଳନ ।

'ପାଟଦେଇ' କେବଳ ଏକ କଳ୍ପିତ ଚରିତ୍ର ନଥିଲା । ଏହାର ପ୍ରଚ୍ଛଦରେ ଥିଲା ବାସ୍ତବ ଚରିତ୍ରଟିଏ । ଥରେ ବସ୍‌ରେ 'ବାଟ' ନାଁରେ ଝିଅଟିଏକୁ ଭେଟିଥିଲେ ଲେଖିକା । କେତେଜଣ ଗ୍ରାମ୍ୟମହିଳାଙ୍କ ଝିଙ୍ଗାସ ଭିତରେ ଝିଅଟି ଚୁପ୍‌ଚାପ୍ ବସି ଲୁହ ଗଡ଼ଉଥାଏ । ଲେଖିକା କଥାଟିକୁ ପଚାରି ବୁଝିଥିଲେ ଓ ଲେଖିଥିଲେ 'ପାଟଦେଇ' ପରି ଏକ ଅନନ୍ୟ ଗଳ୍ପ ।




ସ୍ୱାମୀଘରେ ଅତ୍ୟାଚାରିତା ହୋଇ ଦରିଦ୍ର ବାପା ପାଖକୁ ଫେରି ଆସିଥିବା 'ପାଟ' ମଥାରେ ଦିନେ କଳଙ୍କ ଲାଗିଲା । ହଠାତ୍ ଗୋଟିଏ ଉତ୍ସବମୁଖର ରାତିରେ ପାଟ ଅନ୍ତର୍ଦ୍ଧାନ ହୋଇଗଲା ଲୋକ ମୁହଁରେ ହଜାରେ ପ୍ରଶ୍ନଚିହ୍ନ ଆଙ୍କି ଦେଇ । ଆଉ ଯେଉଁଦିନ ଫେରିଲା, କୋଳରେ ଥିଲା ଗୋଟେ ଛୁଆ । ପାଟର ସାହସକୁ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ ଗାଁ ଲୋକେ । ଘେରି ଯାଇଥିଲେ ତାକୁ । ଗୋଟେ ଶବକୁ ଶାର୍ଦ୍ଦୁଳ ଝୁଣି ଖାଇଲା ପରି ସତେ ଅବା ଝୁଣି ଖାଇଯିବେ । ଲୋକଙ୍କ ପ୍ରଶ୍ନବାଣରେ ଜର୍ଜରିତ ହୋଇ ଉଠିଥିଲା 'ପାଟ' । ଏ ଛୁଆର ବାପ କିଏ ? କହ, କାହାର ସେ ଛୁଆ ? ମଣିଭାଉଜ ଯେତେବେଳେ ପାଟର ବେକ ଉପରେ ଗୋଡ଼ ରଖି ପଚାରିଲା, କହ ନହେଲେ ପନିକିରେ ଦି'ଗଡ଼ କରିଦେବି... ।

ସେଦିନ ପାଟର ସମସ୍ତ ଧୈର୍ଯ୍ୟର ବନ୍ଧ ଯେମିତି ଭାଙ୍ଗିଗଲା ।

'ପାଟ ଭିତରେ ସତେ ଯେମିତି ବ୍ରହ୍ମ ସବାର ହୋଇ ଉଠିଲା । ତାର ନାରୀତ୍ୱ ତାକୁ ତାର ଅଧିକାର ମାଗି ବସିଲା । ସେ ଛାଟିଦେଲା ତା'ର ଗୋଡ଼ ଦି'ଟାକୁ । ଠିଆ ହୋଇଗଲା ଦମ୍ଭରେ ଆଉ କହିଲା, "ଏ ଛୁଆର ବାପ କିଏ ପଚାରୁଛ ତ ? ଏ ଛୁଆର ବାପ ହେଇଟି ସମସ୍ତେ ଠିଆ ହୋଇଛନ୍ତି । ରମୁ, ବୀରା, ଗୋପୀ, ମାଗୁଣି, ନରିଆ ଆଉ ତା' ପଛକୁ ସେଥିରୁ ଦି'ଚାରିଟା– ସଭିଏଁ ତ... !

ମଶାଣି ହୁଡ଼ା ତଳକୁ ସେଇ ବୁଦାମୂଳରେ ଏଇ ସମସ୍ତେ ତ ମୋତେ ଘେରିଯାଇ କଣ୍ଟାରୁ ମାଉଁସ ଛଡ଼େଇ ଗବ ଗବ ଖାଇଗଲେ । ପାଟି ବନ୍ଦ ଥିଲା, ହେଲେ ଚେତା ବୁଡ଼ିବା ପୂର୍ବରୁ ସେମାନଙ୍କ ମୁହଁ ମୁଁ ଜହ୍ନରାତିରେ ଠିକ୍ ଚିହ୍ନି ପାରିଥିଲି । ହେଲେ କାହାର ଏ ଛୁଆ କେମିତି କହିବି... ?"

ଏ ପ୍ରଶ୍ନ କେବଳ କଣ ସେଇ ଜଣେ ମାତ୍ର 'ପାଟଦେଇ'ର ଥିଲା ? ସହସ୍ର ଅସହାୟା ନାରୀଙ୍କର ମନତଳର ଏଇ ପ୍ରଶ୍ନ ଯେ ଜାବାଳରୁ ପାଟଦେଇ, ପୁଣି ପାଟଦେଇରୁ ଆହୁରି ଆଗକୁ ଘୂରି ବୁଲୁଛି ସମାଜର କୋଣ ଅନୁକୋଣରେ ଅସମାହିତ...ଅମିମାଂସିତ... । କିଏ ଜାଣେ, କେବେ ଏ ପ୍ରଶ୍ନର ଶେଷ ହେବ... !

ମୁଁ **ପାଟଦେଇ** କଥା ମନେପକେଇଲି ଆଉ ସେ କହିଲେ, "ନାରୀଟିଏର ଅପରାଧ କେଉଁଠି ? କାହିଁକି ସେ ବାରମ୍ବାର ନିନ୍ଦିତ ହେବ ? ଅପମାନିତ ହେବ କାହିଁକି ତାରି ପାଇଁ ତିଆରି ହବ ଅସୁମାରୀ ପ୍ରଶ୍ନ ? ଏ ପ୍ରଶ୍ନ ମୋତେ ଆନ୍ଦୋଳିତ କରେ ବାରମ୍ବାର । ତେଣୁ ମୋ ଦୃଷ୍ଟିରେ ଓ ସୃଷ୍ଟିରେ ନାରୀ ଦେବୀ ନୁହେଁ କି ଦାସୀ ନୁହେଁ । ସେ ରକ୍ତମାଂସର ଦେହଧାରୀ ମଣିଷଟିଏ । ପ୍ରତିଟି ମଣିଷ ଭିତରେ ଯେଉଁ ଦୋଷ, ଦୁର୍ବଳତା, ଚାରିତ୍ରିକ ତ୍ରୁଟିବିଚ୍ୟୁତି ରହିଥାଏ, ନାରୀଟିଏ ଭିତରେ ବି ତ ସେସବୁ ରହିବ, ଏହା ମଣିଷ ଜୀବନର ଏକ ସ୍ୱାଭାବିକ ଧାରା, ଏଥିରେ ଭୁଲ୍ ରହିଲା କୋଉଠି ଯେ ଏଥିପାଇଁ ନାରୀକୁ ଦଣ୍ଡିତ ହେବାକୁ ପଡ଼ିବ ।"

ତାଙ୍କ କଥାର ବାସ୍ତବତା ଛୁଇଁ ଯାଉଥିଲା ମୋ ଭିତରକୁ । ମୁଁ ମୁଗ୍ଧ ହୋଇ ଶୁଣୁଥିଲି । ଟେବୁଲ୍‌ର ଦୁଇ ପଟେ ଆମେ ଦୁଇଜଣ ବସିଥିଲୁ । ଦୁଇଟି ନାରୀ.. । ହୁଏତ ପ୍ରତ୍ୟେକଙ୍କ ଜୀବନରେ ଏଇ ପ୍ରେମ, ଆବେଗ, ସ୍ନେହ, ପୁଣି ନିନ୍ଦା, ଅପମାନ, ଦୁଃଖ, ସୁଖର ଚୁନା ଚୁନା ଢେଉ ମଥା ଟେକିଥିବ ଆଉ ବିଲୀନ ହୋଇ ଯାଇଥିବ ସମୟର ଧାରାରେ । ତାରି ଭିତରେ ଆମ ଜୀବନର ବାଟଚଲା... । ବେଳ ଗଡ଼ି ଚାଲିଥିଲା । ତାଙ୍କର ଖାଇବା ପିଇବା ପୁଣି ଔଷଧ ଖାଇ ବିଶ୍ରାମ ନେବାର ସମୟ ହେଇ ସାରିଥିଲା । ତଥାପି କଥା ସରୁ ନଥିଲା ।

ଉଠିବାର ଉପକ୍ରମ କରୁକରୁ ମୁଁ କହିଲି, "ଏ ଜନ୍ମର ଏଇ ଜୀବନ ଆପଣଙ୍କୁ ଦୁଃଖ ଦେଇଛି କି ସୁଖ ଦେଇଛି ମୁଁ ଜାଣେନା, କିନ୍ତୁ ଦେଇଛି ଖ୍ୟାତି ଆଉ ପ୍ରଚୁର ଭଲପାଇବା ! ଆଉ କିଛି ପାଇବାର ଇଚ୍ଛା ଅପୂର୍ଣ୍ଣ ରହିଗଲା କି ? ଏମିତି କିଛି ଇଚ୍ଛାର ପୂର୍ଣ୍ଣତା ପାଇଁ ନିବେଦନ କରିଛନ୍ତି ଈଶ୍ୱରଙ୍କ ପାଖରେ ? ଏ ଜନ୍ମରେ ନତୁବା ଆରଜନ୍ମରେ ?"

ସେ କହିଲେ, "ନା, କେବେ କିଛି ମାଗିନି । ଏ ଜନ୍ମରେ ନୁହେଁ, ଆରଜନ୍ମ ପାଇଁ ବି ନୁହେଁ । ତେବେ ବାକି ତ ରହିଗଲା ଅନେକ କିଛି । ଯଦି ସତରେ ଆଉ ଗୋଟେ ଜନ୍ମ ଥାଏ ତେବେ ବି ଯେ ସବୁଇଚ୍ଛା ପୂରଣ ହେଇ ପାରିବ, ଏ ବିଶ୍ୱାସ ବି ମୋର ନାହିଁ । ଆମର ଇଚ୍ଛା ଓ ଚାହିଁବାର ବେଗ ଏତେ କ୍ଷିପ୍ର ଯେ ତାହା ଜୀବନକୁ ଅତିକ୍ରମ କରି ଚାଲିଯାଏ ଓ କେତେବେଳେ ନିଃଶବ୍ଦରେ ମୃତ୍ୟୁ ଆସି ଆମକୁ କୋଳାଗ୍ରତ କରି ସାରିଥାଏ, ତା' ଆମେ ଜାଣିନଥାଉ.. ।

ଆମେ ଦୁହେଁ ନୀରବ ରହିଲୁ କିଛି ମୁହୂର୍ତ୍ତ । ଘର ଭିତରଟି ହଠାତ୍ କେମିତି ମୋତେ ନିର୍ଜନ, ନିର୍ଜନ ଲାଗିଲା । ମୁଁ ଉଠି ଠିଆ ହେଲି । ହୁଏତ ମୁଁ ଅତିକ୍ରମ କରି ପାରୁ ନଥିଲି ତାଙ୍କର କୌଣସି ଶବ୍ଦକୁ...କଥାକୁ... । ମୋତେ ଲାଗୁଥିଲା ଯେମିତି ନିଃଶବ୍ଦ ସଂଗୀତଟିଏ ଗୁଞ୍ଜରିତ ହୋଇ ଉଠୁଛି ଏ ଘରର କୋଣ ଅନୁକୋଣରେ ।

...ଯଦି ତୋର୍ ଡାକ୍ କେଉ ନା ଶୁନେ ତୋବେ ଏକ୍‌ଲା ଚଲୋରେ...

ସେ ବସି ରହିଥିଲେ ଚେୟାର୍ ଉପରେ... । ଏବେ ତାଙ୍କର ଯତ୍ନ ନେଉଥିବା ଝିଅଟି ଆସିବ ଓ ତାଙ୍କୁ ଧରି ଧରି ନେଇଯିବ ଗାଧୁଆଘର ଯାଏ...ଗାଧୁଆ ଘରୁ ଖାଇବା ଟେବୁଲ୍ ଆଉ ଏଇ ଖଟ ଓ ବହିପତ୍ରର ପୃଥିବୀ ପାଖରୁ... ।

ମୁଁ ବାହାରକୁ ଆସିଲି । ମୋତେ ଲାଗୁଥିଲା କଥାଟି ଯେଉଁଠୁ ଆରମ୍ଭ କରିଥିଲି, ହୁଏତ ସେଇଠି ଛାଡ଼ି ଆସିଲି । କଥା ସରେ ନାହିଁ... । ଜୀବନ ବହିଯାଏ ନଦୀର ଧାର ଟିଏ ପରି କାହିଁ କେତେ ଆଗକୁ ହେଲେ କଥା ସରେ ନାହିଁ ।

# ମାଲେସିଆର ମହକ





# ମାଳୟ ଦେଶରେ


**ବୀଣାପାଣି ପ୍ରଧାନ**

ସୁଆସନା ସେଣ୍ଟ୍ରାଲ୍ କୋଣ୍ଡୋ ମେନିଅମ୍,
କୁଆଲାଲାମ୍ପୁର୍, ମାଲେସିଆ,
ଫୋନ: +୬୦୧୭୨୫୩୭୪୧୯


ଫଟୋ ସୌଜନ୍ୟ : ଲେଖିକା

ସେଦିନ ମାଲେସିଆ ମାଟିରେ ପାଦ ଦେଲା ବେଳକୁ ଅପୂର୍ବ ଉତ୍କଣ୍ଠାର ଶିହରଣ ଦେହସାରା । ଅଜଣା ଦେଶ ହେଲେ ମଧ୍ୟ ଭୟ ନଥିଲା । ଯେଉଁଦିନ ଶୁଣିଲି ଆମେ ମାଲେସିଆ ଯାଉଛୁ, କିଛି ପିଲାଦିନର ପୁରାଣପୋଥିର କାହାଣୀ ଆଖି ଆଗରେ ନାଚିଗଲା । ନିଜକୁ ବିଶ୍ୱାସ ହେଉନଥିଲା ସତେ କଣ ଏଇ ସେଇ ସୁବର୍ଣ୍ଣ ଦ୍ୱୀପ, ଯେଉଁଠି ଦିନେ ଓଡ଼ିଆ ସାଧବ ପୁଅ ପାଦ ରଖି ଓଡ଼ିଶାର ଇତିହାସକୁ ଋଦ୍ଧିମନ୍ତ କରିଛନ୍ତି !

କେତେ ଦୁର୍ଗମ ନଥିବ ସେ ସମୟର ଯାତ୍ରା, ଦରିଆ ପାରିର ଲୋମହର୍ଷୀ ଅନୁଭୂତି ! ସତରେ କେତେ ମହାନ, କେତେ ସାହସୀ ବୀର ଓଡ଼ିଆଜାତି । ଏମିତି ଏକ ମହାନୁଭବତାରେ ଭାବପ୍ରବଣ ହୋଇ ମାଳୟ ଦ୍ୱୀପର ପ୍ରଥମ ଉଦିତ ସୂର୍ଯ୍ୟକୁ ମୁଁ ଭେଟିଥିଲି । ଦୀର୍ଘ ପାଞ୍ଚ ଘଣ୍ଟାର ଯାତ୍ରା ପରେ କୁଆଲାଲାମ୍ପୁର୍‌ରେ ପହଞ୍ଚି ମୁଁ ଅବଶ ହୋଇନଥିଲି । ବରଂ ମୋ ଭିତରେ ପ୍ରଜାପତି ପରି ଉଡ଼ି ବୁଲୁଥିଲେ ଉତ୍ସାହମାନେ ।

ଚାରିଆଡ଼େ ଦିଗନ୍ତ ପ୍ରସାରୀ ସବୁଜିମା । ଆକାଶ ଏକାକାର ସତେକି ପ୍ରକୃତିର ସୁଷମାରେ ବିମଣ୍ଡିତା ଧରା ସହ ! ଆଖିସାରା ପାହାଡ଼ପର୍ବତର ମାନଚିତ୍ର । ଆକାଶର ଭସାମେଘ କେତେବେଳେ ଭୂଇଁ ଓଦା କରିଦେଇ



▶ ଲେଖିକା ବୀଣାପାଣି ପ୍ରଧାନ

ଯାଉଥିଲା ତ କେତେବେଳେ ମୁଁ ବି ଭିଜି ଯାଉଥିଲି ଉଚ୍ଛ୍ୱାସରେ । ମେଘମାଳା ସତେ ଯେମିତି ପୃଥିବୀକୁ ନିରେଖି ଚାହିଁଛି । ପ୍ରକୃତରେ କଳାମେଘର କର୍ତ୍ତୃତ୍ୱ ଖୁବ୍ ବେଶି ଏହି ଭୂଖଣ୍ଡରେ । ଅସମୟରେ ଘୋଟି ଆସେ ଚାରିଆଡୁ ମେଘ, ବର୍ଷାକୁ ନିମନ୍ତ୍ରଣ ଦେଇ । ବିଜୁଳି ଝଲସି ଉଠେ କଳାମେଘୀ ଆକାଶ ବୁକୁରେ । ଝୋ ଝୋ ବର୍ଷିଯାଏ ଅସରାଏ ।

ଚିରସବୁଜ ବନାନୀ ମଧ୍ୟରେ ଚଉଡ଼ା ଚିକ୍କଣ ସୁନ୍ଦର ଭାବେ ଯାଇଥିବା ରାସ୍ତାଗୁଡ଼ିକୁ ଦେଖିଲେ ଯେ କେହି ମାଲେସିଆ ଯେ ଏକ ବିକଶିତ ଦେଶ, ସହଜରେ ଅନୁମାନ କରିନେବ । ସବୁଜିମା ଭିତରେ ଗଢ଼ି ଉଠିଛି ସୁଉନ୍ନତ ସହର, ବିକାଶର ସିଡ଼ିରେ ଅଗ୍ରଣୀ ଦୁନିଆଁଟେ । ଏମିତି ଏକ ବିଭୋରମୟ ଦେଶ ହଉଛି ଗତକାଲିର **ମାଳୟ** ଓ ଆଜିର **ମାଲେସିଆ** ।

ସହରର ବିଭିନ୍ନ ପ୍ରାନ୍ତରେ ମଣିଷ ହାତ ତିଆରି ଉଦ୍ୟାନଗୁଡ଼ିକ ସହରର ଶୋଭାକୁ କରଚଥାଏ ଦ୍ୱିଗୁଣିତ । ବିଷୁବ ମଣ୍ଡଳୀୟ ଜଳବାୟୁରେ ବର୍ଷାର ପରିମାଣ ଅଧିକ । ତେଣୁ ଘଞ୍ଚ ଓ ସୁନ୍ଦର ଭାବେ ବଢିଥାଏ ଏଠିକା ବଗିଚାର ଗଛମାନ ।

ଗୋଟେପଟେ ନଭଶ୍ଚୁମ୍ବୀ ଅଟ୍ଟାଳିକ, ଆଧୁନିକ ସୌଖୀନ ସୌଧ ତ ଅନ୍ୟପଟେ ଜାତିଜାତିକା ଗଛଲତାର ସୁନ୍ଦର ବିନ୍ୟାସ । କଂକ୍ରିଟ୍ ଜଙ୍ଗଲ ସହ ପ୍ରାକୃତିକ ଜଙ୍ଗଲର କେଡ଼େ ସୁନ୍ଦର ତାଳମେଳ ସତେ ! ଏ ଦେଶ ଯେତିକି ଶିଳ୍ପବିଜ୍ଞାନରେ ବିକଶିତ, ସେତିକି ପ୍ରାକୃତିକ ସୌନ୍ଦର୍ଯ୍ୟରେ ବିଭବଶାଳୀ । ଅତ୍ୟାଧୁନିକ ଜୀବନଶୈଳୀରେ ପ୍ରାକୃତିର ବିପର୍ଯ୍ୟୟ ନାହିଁ କହିଲେ ଚଳେ । ସହର ମଧ୍ୟଭାଗରେ ବି ରେନ୍ ଫରେଷ୍ଟ ଜଙ୍ଗଲଟିଏ ଦେଖିବାକୁ ମିଳେ । କହିବାକୁ ଗଲେ, ପ୍ରକୃତି କୋଳରେ ଉନ୍ମୁଖ ହୋଇ ଦିଶୁଥିବା ବିକଶିତ ଦେଶ ନାମ : ମାଲେସିଆ ।

ସୁରମ୍ୟ ପ୍ରାସାଦ, ଆଖିଝଲସା ପଞ୍ଚତାରକା ହୋଟେଲ୍, ସୁଉଚ୍ଚ ଅଟ୍ଟାଳିକାର ଭିଡ଼ ଭିତରେ ଜୀବନ ସହଜ ଓ ସଦା ବ୍ୟସ୍ତମୟ ଅନୁଭବ ହୁଏ । ପୃଥିବୀର ବିଭିନ୍ନ ସ୍ଥାନର ଲୋକଙ୍କୁ ଏଠାରେ ଆପଣାର କର୍ମ ଓ ଜୀବନଜୀବିକାରେ ବ୍ୟସ୍ତ ଥିବା ଦେଖିବାକୁ ମିଳେ ।

ଜନଶୂନ୍ୟ ରାସ୍ତା, ଉସାମେଘରେ ଅଙ୍କା ଆକାଶକୁ ଦେଖି ମୁଁ ବି ଦିନେ ପରଖିଥିଲି ଏ ଦେଶର ମାଟିପାଣିପବନକୁ । ଯେମିତି ଚଢ଼େଇଟେ ନୂଆ ବସା ବାନ୍ଧିବା ପୂର୍ବରୁ ଗଛଡାଳ ଓ ତାର ପରିବେଶକୁ ପରଖିଥାଏ । ଦୀର୍ଘଦିନର ରହଣିରେ ଖୁବ୍ ନିଜର ଲାଗେ ଏବେ ଏଠିକାର ପାଣିପବନ । ଗୋଟେ ପାଖରେ କାଚଝରକା, ସେପାଖେ ସହରସାରା ନାଚିଯାଏ ବର୍ଷା । ବର୍ଷା ସହ ତାଳ ଦେଇ ଝୁଲୁଥିବା ଗଛଲତା ଆଉ ଅହରହ ଭିଜୁଥିବା କାଚଘର । ଅନ୍ୟପଟେ ଟ୍ୱିନ୍ ଟାୱାର୍‌ର ଜୀବନ୍ତ ମୂର୍ତ୍ତି – ସତରେ ମୋହଗ୍ରସ୍ତ କରିତୋଳେ ମନପ୍ରାଣକୁ । ଅଧ ଘଣ୍ଟା ବର୍ଷିଲା ପରେ ଏଠି ଟିକ୍ ଟିକ୍ ଖରା ଲେଉଟେ, ବର୍ଷାପରର ପାଣିଚିଆ କିରଣରେ ସବୁ ପୁଣି ସତେଜ ନବପ୍ରଭାରେ ଉତ୍‌ଫୁଲ୍ଲିତ ହୋଇଉଠେ । ସଦ୍ୟସ୍ନାତା ଫୁଲ, ବଗିଚା, ଆକାଶ ସବୁ କିଛି । ରାସ୍ତାଘାଟ, ସ୍ୱିରେଜ୍ ସିଷ୍ଟମ୍ ଏତେ ସବ୍ୟବସ୍ଥିତ ଯେ ବର୍ଷତମାମ୍ ବର୍ଷା ସତ୍ତ୍ୱେ ପାଣି ଜମି ରହିବାର ପ୍ରଶ୍ନ ଇ ଉଠେନା ।

ସନ୍ଧ୍ୟା ସମୟ ଆହୁରି ବିଭୋରମୟ ଏଠି । ହାଲୁକା ନୀଳରଙ୍ଗର ଆବରଣରେ ସଂଜ ରତରତ ହୁଏ । ସାତରଙ୍ଗି ସହରୀବତୀର ରଙ୍ଗୀନ୍ ରାତିଟେ ହାତ ଠାରି ଡାକେ । ଷ୍ଟ୍ରିଟ୍ ଲାଇଟ୍‌ସବୁ ଲମ୍ବା ଲାଇନ୍‌ରେ ଠିଆ ହୋଇଥାଆନ୍ତି ଆଖି ନପାଇବା ପର୍ଯ୍ୟନ୍ତ । ମନ୍ଦାରଫୁଲର ଲାଇଟ୍ ସଜ୍ଜା ରାସ୍ତା ପାର୍ଶ୍ୱରେ ମୁଗ୍ଧ କରିଦିଏ ରାତିର ରୂପକୁ, ଜୀବନ୍ତ ମନ୍ଦାର ଜାତୀୟ ଫୁଲ ହୋଇଥିବାରୁ ଏହା ବଗିଚାର ଅଧିକାଂଶ ଜାଗାରେ ଦେଖିବାକୁ ମିଳେ । ବିରାଟ ଘଞ୍ଚ ଗଛଗୁଡ଼ିକରେ ଆଲୋକସଜ୍ଜା ତାରାଫୁଟିଲା ପରି ନଜରକୁ ଆସିଥାଏ ଦୂରରୁ । ଅତି ସହଜରେ ଆଖି ଫେରେଇ ନେଇ ହୁଏନି ଏଇ ଲୋଭନୀୟ ଦୃଶ୍ୟରାଜିରୁ ।

ସହର ମଝିରେ ଟ୍ୱିନ୍ ଟାୱାର୍ ଛାତି ଫୁଲେଇ ନିଜର ପ୍ରତିପତ୍ତି ଜାହିର କରେ । ରୌପ୍ୟ ସଦୃଶ ଦୃଶ୍ୟମାନ ସୁଉଚ୍ଚ ଏହି ଅଟ୍ଟାଳିକା ଆଲୋକର ପ୍ରଭାବରେ ତା ସୌନ୍ଦର୍ଯ୍ୟକୁ ଶତଗୁଣିତ କରୁଥାଏ । ଏତେ ସୁନ୍ଦର ମାନବ କୃତିକୁ ଦେଖି ପର୍ଯ୍ୟଟକ ଘଡ଼ିଏ ଚାହିଁ ରହେ ।

ସୁବିଧା ଓ ସ୍ୱଳ୍ପ ବିନିମୟରେ ଯେକୌଣସି ସ୍ଥାନକୁ ଯାତ୍ରା ପାଇଁ ପ୍ରକୃଷ୍ଟ ବ୍ୟବସ୍ଥା ଏହି ଦେଶର ରାଜଧାନୀ କୁଆଲାଲାମ୍ପୁର୍‌ରେ ରହିଛି । ଶୀତ ତାପନିୟନ୍ତ୍ରିତ ଟ୍ରେନ୍, ବସ୍, ଏଲ୍.ଆର.ଟି, ଏମ୍‌ଆର୍‌ଟି, ମୋନୋରେଲ୍ ପରି ସେବାର ବ୍ୟବସ୍ଥା ନିହାତି ପ୍ରଶଂସାଯୋଗ୍ୟ । ରାସ୍ତାପାର୍ଶ୍ୱରେ ବିରାଟ ମଲ୍, ସପିଙ୍ଗ୍ ସେଣ୍ଟର୍ ବେଶ୍ ପରିଷ୍କାର ପରିଚ୍ଛନ୍ନ । ମଝିରେ ମଝିରେ ରେଷ୍ଟୋରାଁ, ଅଫିସ୍, ହୋଟେଲ । କାଚସୌଧର ଅପୂର୍ବ ସ୍ଥାପତ୍ୟଭରା ସହରଟି, ଅତ୍ୟାଧୁନିକ କାର୍ଯ୍ୟ କୌଶଳର ଆକର୍ଷଣୀୟ ଉଦାହରଣଟିଏ ।

ବିଭିନ୍ନ ସ୍ଥାନରେ ଆଧୁନିକ ଯନ୍ତ୍ରପାତିର ସଦୁପଯୋଗ ଦ୍ୱାରା ସୁବିଧାପୂର୍ଣ୍ଣ ଜୀବନକୁ ଅଗ୍ରାଧିକାର ଦିଆ ଯାଇଛି । ଭେଣ୍ଡିଙ୍ଗ୍ ମେସିନ୍, ଏସ୍‌କାଲେଟର୍ ଗୁଡ଼ିକର ବହୁଳ ବ୍ୟବହାର ଦେଖିବାକୁ ମିଳିଥାଏ । ମାଲେସିଆ ଆକାଶର ରଙ୍ଗ ଦିନସାରା ବଦଳିଥାଏ, ଯେମିତି ଶିଳ୍ପବିଜ୍ଞାନର ପ୍ରତିରୂପ ବିକାଶର ପ୍ରଖର ସୁଅରେ ବଦଳି ଚାଲେ । ଭୂଲମ୍ବିତ ବିକାଶନ୍ମୋଖୀ ମାଲେସିଆ ଭୂଖଣ୍ଡ ତାର ନକ୍ସାକୁ ଯୁଗପୋଯୋଗୀ କରିବା ସହ, ସମୟ ସହ ତାଳ ଦେଇ ବିକାଶର ପଥେ ଅଗ୍ରସର ହୋଇଛି ।

ସାମ୍ନାରେ ଥିବା ଜନ ସମାଗମକୁ ଦେଖିଲେ ବୁଝିହୁଏ ଏହି ଦେଶର ଅଧିକାଂଶ ଅଧିବାସୀ, ମାଳୟ ସଂପ୍ରଦାୟର ହେଲେ ମଧ୍ୟ ଚାଇନିଜ୍, ଭାରତୀୟ ସ୍ଥାନୀୟ ବାସିନ୍ଦାଙ୍କ ସଂଖ୍ୟା କମ୍ ନୁହେଁ । ମାଳୟ ସଂପ୍ରଦାୟର ଲୋକମାନଙ୍କ ମଧ୍ୟରେ ସରଳତା, ସାଧାରଣ ଜୀବନ ଯାପନ ଶୈଳୀ ବାରିହୋଇ ପଡୁଥିଲା ବେଳେ ତାମିଲ୍ ଭାରତୀୟ ବହୁଆଗରୁ ଭାରତରୁ ଆସି ଏ ଦେଶର ବାସିନ୍ଦା ଭାବେ ବସବାସ କରୁଛନ୍ତି । ମୁସଲିମ୍ ଧର୍ମ ପ୍ରାଧାନ୍ୟ ଦେଶ ହେଲେ ବି ସମସ୍ତଙ୍କୁ ଏ ଦେଶରେ ଜୀବନଯାପନର ସମାନ ଅଧିକାର ସମସ୍ତଙ୍କୁ ମିଳିଛି । ବୌଦ୍ଧ, ଜୈନ, ହିନ୍ଦୁ, ଚାଇନିଜ୍, କୋରିଆନ, ଇଣ୍ଡୋନେସିଆ, ଫିଲିପାଇନ୍ସ ପରି ଅନେକ ଦେଶର ଜନସମୂହ ଏଠାରେ ବସବାସ କରନ୍ତି । ମନ୍ଦିର, ମସଜିଦ୍, ଚର୍ଚ୍ଚର ଏକ ଆଖିଦୃଶିଆ ସମନ୍ୱୟ ଏଠିକା ମାଟିରେ ଗଢ଼ି ଉଠିଛି । ତାମିଲ୍ ଭାରତୀୟ ତାଙ୍କ ସଂସ୍କୃତିକୁ ବଜାୟ ରଖି ବିଭିନ୍ନ ସ୍ଥାନରେ ମନ୍ଦିର ନିର୍ମାଣ କରିଛନ୍ତି ।

ରାଜଧାନୀ କୁଆଲାଲାମ୍ପୁର ପାଖାପାଖି ଥିବା ପାହାଡ଼ ଉପରେ ଥିବା ଏକ ଚାଇନିଜ୍ ଟେମ୍ପୁଲ୍ ବେଶ୍ ଆକର୍ଷଣୀୟ ଓ ଶାନ୍ତିପୂର୍ଣ୍ଣ ବାତାବରଣ ସୃଷ୍ଟି କରେ ।





ନାଲିରଙ୍ଗରେ ସଜା ଯାଇଥିବା ଏହି ମନ୍ଦିରରେ ଡ୍ରାଗନ ପ୍ରତିମୂର୍ତ୍ତି ଚୀନ ଦେଶର କଳାନିପୁଣତାକୁ ସୁଦୂର ପ୍ରସାରୀ କରିଛି ବୋଲି ମନେହୁଏ । ଏହି ମନ୍ଦିରଗୁଡ଼ିକର ପରିସୀମା ଆକଳନ କଲେ ଚାଇନିଜ୍ ଲୋକଙ୍କ ପ୍ରଭାବ ଏ ଦେଶରେ ଦୃଢ଼ ବୋଲି କହିହେବ ।

ଏଠାରେ ସମସ୍ତ ସଂସ୍କୃତିକୁ ପ୍ରାଧାନ୍ୟ ଏବଂ ସ୍ୱତନ୍ତ୍ରତା ମିଳିଛି । ବିଭିନ୍ନ ଧର୍ମର ସାମୂହିକ ଭାବେ ପାଳନ କରିବାର ବିଶାଳ ପରମ୍ପରା ଏହାର କୋଣ ଅନୁକୋଣରେ ଦେଖାଦିଏ । ଲାଅନ୍ ଡନ୍ସ, ଦିପାବଳୀର ମନୋରଞ୍ଜନ ପୂର୍ଣ୍ଣ କାର୍ଯ୍ୟକ୍ରମ, ମୁସଲିମ୍ ପର୍ବର ଆନନ୍ଦ ଦେଇ ସବୁ ସଂସ୍କୃତିର ମିଶ୍ରଣରେ ଝୁମେ ବର୍ଷ ସାରା ମାଲେସିଆ ।

କୁଆଲାଲାମ୍ପୁର୍‌ରୁ ଅନତି ଦୂରରେ ଅବସ୍ଥିତ ଜେନ୍ ଟିଙ୍ଗ୍ ହାଇଲ୍ୟାଣ୍ଡ୍ । ଏକ ଆନନ୍ଦପ୍ରଦ ଥିମ୍ ପାର୍କ, କ୍ୟାସିନୋ ଓ ମେଘମାଳା ସହ ରୋପ୍ ୱେ ଯାତ୍ରା ବିଭିନ୍ନ ପର୍ଯ୍ୟଟକଙ୍କୁ ଚଳଚଞ୍ଚଳ ଅନୁଭୂତିଟିଏ ଦେଇଥାଏ । ଆଉଟ୍ ଡୋର୍ ଥିମ୍ ପାର୍କ ସହ ପ୍ରକୃତିକୁ ଉପଭୋଗ କରିବାର ନିଆରା ଅନୁଭୂତି, ଏହି ପର୍ଯ୍ୟଟନ ସ୍ଥଳୀର ବିଶେଷତ୍ୱ । ମେଘର ଦେହକୁ ଛୁଇଁ ଯିବାର ସ୍ମୃତି ଓ ପାହାଡ଼ ଉପରୁ ଫାର୍ମଗୁଡ଼ିକର ମନୋରମ ଦୃଶ୍ୟକୁ ଗୋଟେଇ ନେଇ ପର୍ଯ୍ୟଟକ ବେଶ୍ ଆନନ୍ଦିତ ହୁଏ । ଦେହହାତକୁ ଶୀତୁଆ ଅନୁଭବ ହେଲାବେଳେ ଆଖିଆଗରେ ଛୋଟ ବଡ଼ ପାହାଡ଼ର ସବୁଜ ଆବରଣ ଉଷ୍ମତା ଭରେ । ଏହିଠାରେ ମଧ୍ୟ ଏକ ସୁନ୍ଦର ଚାଇନିଜ୍ ମନ୍ଦିର ଦେଖିବାକୁ ମିଳେ ।

କୁଆଲାଲାମ୍ପୁର୍‌ର ଅନ୍ୟ ଏକ ଆକର୍ଷଣ ଲିଟିଲ୍ ଇଣ୍ଡିଆ । ଭାରତରେ ଯେକୌଣସି ସ୍ଥାନ ପରି ଏଠାରେ ଗହଳ ଚହଳ ଲାଗି ରହିଥାଏ । ଭାରତୀୟ କୁଟିକମର ତୋରଣ ଧାଡ଼ି ଧାଡ଼ି ଏଠାରେ ଥିବା ଭାରତୀୟଙ୍କୁ ନିଜ ଦେଶର କଳାକୁ ମନେ ପକାଇ ଦିଏ, ଗୋଟେ ଛୋଟ ଭାରତକୁ ଯେ କେହି ଅଳ୍ପ ସମୟରେ ଖୋଜି ପାଏ, ଭାରତର ଖାଦ୍ୟପେୟ ଦିଅଁ ଦେବତା, ପୋଷାକପତ୍ର ସବୁ ଏହିଠାରେ ଦେଖିବାକୁ ମିଳେ । ମାଳୟ ଖାଦ୍ୟପେୟରେ ଭାରତୀୟ ପ୍ରଣାଳୀର ଛୁଙ୍କ, ମସଲା ଇତ୍ୟାଦିର ବ୍ୟବହାର ଭାରତ ସହ ମାଲେସିଆର ପୁରୁଣା ସମ୍ପର୍କକୁ ପୁଣିଥରେ ଯୋଡ଼ିଦିଏ । ମାଲେସିଆର ପାଖାପାଖି ଦେଶ ଯାହା ଦିନେ ଜାଭା ସୁମାତ୍ରା ବୋଲି ପରିଚିତ ଥିଲା, ସେଠାରେ ଆଜି ବି ଓଡ଼ିଶାର ହସ୍ତତନ୍ତ, ରାଜାରାଣୀ, ରାମାୟଣ କାହାଣୀ, ଦେବାଦେବୀ, ଶିଳ୍ପରେ ଅଳ୍ପ ବହୁତେ ଆମ କଳାର ଛାପ ଦେଖିବାକୁ ମିଳେ । ଯେମିତି କର୍ପୁର ଉଡ଼ିଗଲା ପରେ କନା ପଡ଼ିଥାଏ, ଠିକ୍ ସେହିପରି । କଳାସଂସ୍କୃତି କ୍ଷେତ୍ରରେ ବିଭିନ୍ନତା ଥିଲେ ମଧ୍ୟ ସମସ୍ତ କଳାସଂସ୍କୃତିକୁ ଏକାକାର କରି ମୁଣ୍ଡଟେକି ଠିଆ ହେଇଛି ମାଲେସିଆର ମାଟି, ବୋହି ଚାଲିଛି ପୁରୁଣା ଐତିହ୍ୟ ଓ ପରମ୍ପରାକୁ ।

ଏତେ ଦିନର ରହଣି ପରେ ଆଜି ବି ମନେପଡ଼େ କାର୍ତ୍ତିକ ପୂର୍ଣ୍ଣିମା ବୋଇତ ବନ୍ଦାଣ, ମାଳୟ ଦୀପ, ଜାଭା ସୁମାତ୍ରା ବାଲିର ବାଣିଜ୍ୟ କଥା, ସାଧବ କାହାଣୀ, ଆକାମା ବୈ ।

କିଛି ଓଡ଼ିଆ ସ୍ମୃତିର ଛାପ ଆଜି ବି ଏ ଦେଶର ମ୍ୟୁଜିୟମ୍, ଐତିହାସିକ ସ୍ଥାନ, ସଭ୍ୟତା ଓ ଭାଷାରେ ରହିଛି । ଓଡ଼ିଆ ଭାଷା ସହ ମାଳୟ ଶବ୍ଦର ସାମଞ୍ଜସ୍ୟ ଥିବା ବିଷୟରେ ଗବେଷଣା ଜାରି ଅଛି ।

ବାପା, ଗୁରୁ, ସ୍ତ୍ରୀ, ବିନତା ପରି ପ୍ରଚଳିତ ମାଳୟ ଶବ୍ଦ ମୋତେ ମୋ ନିଜ ଭାଷାର ମଧୁରତାକୁ ବାରମ୍ବାର ମନେ ପକାଇ ଦିଏ । ମୋ ମାଟିର ମହକରେ ଦିନ ଥିଲା ମାଳୟ ବି ମହକିଥିଲା । କଳିଙ୍ଗ ନୌବାଣିଜ୍ୟରେ ତା ନାଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଛି ଇତିହାସ । ସ୍ମୃତିର ସଳିତାଟିଏ ଆଜି ବି ଜଳେ ପ୍ରତ୍ୟେକ ଓଡ଼ିଆ ପ୍ରାଣରେ କଦଳୀ ପଟୁଆରେ ପାନଗୁଆ ଥୋଇ ନଈରେ ଭସେଇ ଦେଲା ବେଳେ ।

# ଆଦିବାସୀଙ୍କ ପାରମ୍ପରିକ ବାଦ୍ୟଯନ୍ତ୍ର

ଓଡ଼ିଶାରେ ବସବାସ କରନ୍ତି ୬୨ ପ୍ରକାର ଆଦିବାସୀ । ସେଥିମଧ୍ୟରୁ ୧୩ ପ୍ରକାର ଆଦିମ ଆଦିବାସୀ ବସବାସ କରନ୍ତି ଓଡ଼ିଶାରେ । ବନବାସୀ ବା ଆଦିମ ଆଦିବାସୀମାନଙ୍କ ଏନ୍ତୁଡ଼ିଶାଳ ଅବିଭକ୍ତ କୋରାପୁଟ ମାଟିକୁ କହିଲେ ଅତ୍ୟୁକ୍ତି ହେବ ନାହିଁ । ପରଜା, ଦୁରୁଆ, କୋୟା, ସଉରା, ଗଜବା, ଭୂୟାଁ, ବଣ୍ଡା, କନ୍ଧ, ଭତ୍ରା, ଗଣ୍ଡ, (ପରଜା) ଅଙ୍ଗମାନଙ୍କ ଆଦିଭୂମି ହେଉଛି ଅବିଭକ୍ତ କୋରାପୁଟ ମାଟି । ଏମାନଙ୍କ ପାରମ୍ପରିକ ବେଶଭୂଷା, ସଂସ୍କୃତି, ପରମ୍ପରା ଓ ଭାଷା ହିଁ ଅବିଭକ୍ତ କୋରାପୁଟ ମାଟିର ରାୟଗଡ଼ା, ମାଲକାନାଗିରି, ନବରଙ୍ଗପୁର ଓ କୋରାପୁଟ ମାଟିକୁ ସବୁବେଳେ ଗୌରବାନ୍ୱିତ ଓ ଆକର୍ଷିତ କରିଆସିଛି । ଏହାସହ କେଉଁଝର, ମୟୂରଭଞ୍ଜ, ବାରିପଦା ମାଟିର ବନବାସୀ ଓଡ଼ିଶାର ପରମ୍ପରା ଓ ସଂସ୍କୃତି ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରେ । ବସବାସ କରୁଥିବା ମାଟିର ଜଳବାୟୁ ଜଙ୍ଗଲ ଓ ଜଙ୍ଗଲ ଦେବତା, ବୃକ୍ଷଲତା ମାଟିମାଙ୍କୁ ଜୀବନଭରି ଭଲପାଏ ବନବାସୀ ଅମୃତର ସନ୍ତାନ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ମାଟିରେ ଜିଏଁ ଓ ଏହି ମାଟିରେ ମରେ । ଏହାରି ଭିତରେ ସେ ମାଟି ମା'ର ପର୍ବ ଓ ପରମ୍ପରାକୁ ଜୀବନସାରା ଆଦର କରେ । ସଂସ୍କୃତି ଓ ପରମ୍ପରା ଆତ୍ମମଗ୍ନ ରୁହେ । ଜଳ, ଜମି, ଜଂଗଲକୁ ସାଇତି ରଖି ତାରି କୋଳରେ ଜୀବନର ତମାମ୍ ପରିଶ୍ରମ କରିଚାଲେ ।








## ନିରଞ୍ଜନ ନାୟକ

ଗୌଡ଼ସାହି, ଟିକିରି, କାଶୀପୁର, ରାୟଗଡ଼ା-୭୬୫୦୧୫

ଫୋନ : ୯୪୩୭୩୧୭୪୧୭

ଫଟୋ ସୌଜନ୍ୟ : ଲେଖକ




ଚାଷବାସ ଅମଳ ଆରମ୍ଭ କାଳ ଓ ଚାଷବାସ ଅମଳ ପାଇଁ ବନବାସୀ ଆଦିବାସୀ ପାଳନ କରେ ତା'ର ପଲ୍ଲୀପୁର ଆଦିବାସୀ ଗ୍ରାମରେ କେତେ ଯାନିଯାତ ପରମ୍ପରା ଓ ସଂସ୍କୃତିକୁ ନେଇ । ସଭ୍ୟତା ଆରମ୍ଭରୁ ଯାନିଯାତ ପର୍ବପର୍ବାଣି ଓ ଆଦିବାସୀ ସଂସ୍କୃତିରେ ବ୍ୟବହୃତ ହୁଏ ସେମାନଙ୍କ ନିଆରା ପାରମ୍ପରିକ ବାଦ୍ୟଯନ୍ତ୍ର । ଏଥିରୁ ସୃଷ୍ଟ ଶବ୍ଦ ଜଣେ ଆଦିବାସୀଙ୍କୁ ଟାଣି ଆଣେ ନାଚିବା ଓ ଗୁଣୁଗୁଣେଇ ଗାଇବା ପାଇଁ । ଆଦିବାସୀ ବାଦ୍ୟଯନ୍ତ୍ର ଗଠନଶୈଳୀ ଭିନ୍ନ ଧରଣର ଶବ୍ଦ ବି ନିଆରା ଢଙ୍ଗରେ ସୃଷ୍ଟି ହୁଏ । ଦିନଯାକର ଅକ୍ଳାନ୍ତ ପରିଶ୍ରମ ପରେ ଏବେ ବି ଆଦିବାସୀ ଗାଁରେ ସଞ୍ଜ ନଇଁଲେ ଚଳଚଞ୍ଚଳ ହୋଇଉଠେ । ଶ୍ରମ ଲାଘବ ପାଇଁ ସଞ୍ଜବେଳେ ଆଦିବାସୀ ଧାଙ୍ଗଡ଼ି ଆଉ ଧାଙ୍ଗଡ଼ାମାନଙ୍କ ଆସର ଜମେ ଧାଙ୍ଗଡ଼ି ଧାଙ୍ଗଡ଼ା ବସାରେ । ଟିମ୍‌ଟିମା ବାଦ୍ୟର ତାଳେ ତାଳେ ନାଚିଉଠେ ଗାଁ ଦାଣ୍ଡ । ଶୁଭୁଥାଏ: "ସାଇଲୋଡ଼ି ଲୋଚି ଲୋଚି ଲୋଚି / ତୁମର ହାତକୁ ଆମେ ଦେଲୁ ଭିଡ଼ି / ତୁଇ ପରା ମୋର ସୁନ୍ଦରୀ ନାନୀ / ଝିଞ୍ଜିଦେଲି ତୋତେ ଆମର / ଢଙ୍ଗର ପାଣି ।" ଭଳି ସୁମଧୁର ଆଦିବାସୀ ସଙ୍ଗୀତ । ଏମିତି ଏକ ଅମର ସଂସ୍କୃତିକୁ ବଂଚାଇ ରଖିଛି ସେମାନଙ୍କ ପାରମ୍ପରିକ ବାଦ୍ୟଯନ୍ତ୍ର । ନିଆରା ବାଦ୍ୟଯନ୍ତ୍ର ମଧ୍ୟରେ ଅଛି :

**ସଲପ ନିଶାନ୍‌ବାଜା** : ଏହା ବହୁତ ଓଜନ । ଚାରିଜଣ ବୋଲିଥାନ୍ତି । ଜଣେ ରବର ବେତରେ ବଜାଏ ।

**ଢାମ୍ପ:** ଚମଡ଼ା ଯୋଗୁଁ ଢାମ୍ପ ବାଜେ । ଜଣେ ଭିତରେ ଧରି ଦୁଇଟି କାଠି ଦ୍ୱାରା ବଜାଏ ।

**ଟିମ୍‌ଟିମା:** ଟିମ୍‌ଟିମା ବଜାକୁ ଜଣେ ଆଣ୍ଠୁ ଉପରେ ରଖି କାଠି ଦ୍ୱାରା ବଜାଏ । ଏହା ଫମ୍ପାକାଠ ଉପରେ ଗୋଲେଇ ହୋଇ ଏହାର ଚମଡ଼ା ଲାଗିଥାଏ ।

**ସାରଙ୍ଗୀ:** କାଠରେ ଲମ୍ବା ହୋଇଥାଏ । ଉପର ବିତ ଗୋବର ହୁଏ ତଳେ ଛୋଟ ଗୋଲେଇ ଥାଏ । ଉପର ଗୋଲେଇରେ ତାର ଜୋଡ଼ାଯାଏ । ଭାଓଲେନ୍ ଭଳି ବଜା ହୁଏ ।

**କେନ୍ଦରା:** କେନ୍ଦରା ଆଦିବାସୀ ଗାଁରେ ପ୍ରଚଳିତ ଥିଲା । କାଠର ବଡ଼ଗୋଲେଇରେ ତାର ସଂଯୋଗ କରି ତାର ଦ୍ୱାରା ବଜା ହୁଏ । ଲାଉତୁମ୍ବାରେ ମଧ୍ୟ ଆଦିବାସୀ କେନ୍ଦରା ବଜାଏ ।

**ତାମକ ବାଜା:** ଏହା ଫମ୍ପା କାଠଗଡ଼ିରେ ଦୁଇ ଫୁଟ୍ ଚମଡ଼ାରେ (ପଶୁ ଚମଡ଼ା) ଗୋଲେଇ କରି ବଜାଯାଏ ।

**ଢୋଲବାଜା:** ଗୋଟିଏ ପାର୍ଶ୍ୱ ବଡ଼ ଗୋଲେଇରେ ଆରପାର୍ଶ୍ୱ ଛୋଟ ଗୋଲେଇରେ



ଏହାକୁ ତାର ଦ୍ୱାରା ବଜାଯାଏ ।

**ମିତାଣ୍ଡବାଜା:** କାଠିଦ୍ୱାରା ବଜାଯାଏ । ଭୂମି ଉପରେ ରଖି ବଜା ହୁଏ । ଫମ୍ପାକାଠି ଓ ଗୋବରରେ ପଶୁ ଚମଡ଼ା ଲାଗିଥାଏ ।

**କଦୁଲ ବାଜା:** ଏହା ପଶୁ ଶିଙ୍ଗରେ ତିଆରି ହୁଏ । ଦୁଇଟି ପଶୁ ଶିଙ୍ଗକୁ ବାଡ଼େଇଲେ ଶବ୍ଦ ହୁଏ ।

ତୋଡ଼ି ଅର୍ଥ ତୁରୀ । ମଇଁଷି ଶିଙ୍ଗରେ ଏହା ତିଆରି । ପାଟିରେ ତୁରୀ ଭଳି ଫୁଂକାଯାଏ । ଏଥିରୁ ଅରାପିକ୍ ଯୁଗର ଯୁଦ୍ଧର ତୁରୀଭଳି ଶବ୍ଦ ହୁଏ । କାଠ ଓ ପଶୁଚମଡ଼ା, ଶିଙ୍ଗ ବ୍ୟବହାର କରି ବନବାସୀ ନିଜେ ଏହାକୁ ତିଆରି କରି ନିଆରା ବାଦ୍ୟଯନ୍ତ୍ରରୁ ସୁମଧୁର ଶବ୍ଦ ସୃଷ୍ଟି କରିପାରନ୍ତି ।

ଏହାଛଡ଼ା ବାଦ୍ୟଯନ୍ତ୍ର ମାଧ୍ୟମରେ ବିଶେଷ କରି ଆଦିବାସୀମାନେ ଜଙ୍ଗଲ ଖାଲି ଡଙ୍ଗରାର ବିଭିନ୍ନ ଶବ୍ଦ ସୃଷ୍ଟି କରୁଥିଲେ । ଜଙ୍ଗଲରେ ପଶୁ ଶିକାର କଲା ବେଳେ ପଶୁ ଆକ୍ରମଣ ସମୟର, ଜଙ୍ଗଲରୁ ପଶୁ ଶୀକାର କରି ଘରକୁ ଫେରିବା ସମୟରୁ ବନବାସୀ ଆଦିବାସୀ ପୁରୁଷମାନ ବାଦ୍ୟଯନ୍ତ୍ର ବଜାଇ ସୂଚନା ଦେଇଥାନ୍ତି । ଏବେ ବି ଆଦିବାସୀଙ୍କ ବେଣ୍ଟ ପରବରେ ଜଙ୍ଗଲରେ ବାଦ୍ୟଯନ୍ତ୍ର ବଜାଇ ଶିକାର ପାଇଁ ପଶୁକୁ ଆକ୍ରମଣ କରାଯାଏ । ଏହାସହ ଆଦିବାସୀ ବହୁଳ କେଉଁଝର ଜିଲ୍ଲାର ସାନ୍ତାଳି ଆଦିବାସୀଙ୍କ ରୋଟେବଫଲା ପରବ, କଳାହାଣ୍ଡିର ଛତରଯାତ୍ରା, କାଶୀପୁରର ଟୋକିଗରା ବିଷମକଟକର ଡଙ୍ଗରିଆମାନଙ୍କ ମେରିଆପରବ, ମୟୂରଭଞ୍ଜର ମାରାଂବୁରୁ ପରବ, କୋରାପୁଟର ଜିଲ୍ଲା ମୋହତ୍ସବ ପରବ, ମାଲକାନାଗିରିର ବାଲ୍ୟବନ୍ତ ମହୋତ୍ସବ, ନବରଙ୍ଗପୁରର ପାଣ୍ଡେଇ, ରାୟଗଡ଼ାର ଚଇତି ମହୋତ୍ସବରେ ବନବାସୀ ଆଦିବାସୀମାନଙ୍କ ଭିନ୍ନ ଭିନ୍ନ ବାଦ୍ୟ ସେମାନଙ୍କ ବଢ଼ାଇବା ଶୈଳୀର ଏକ ନିଆରା ପରିଚୟ ଓ ସ୍ୱତନ୍ତ୍ରତା ଦେଖିବାକୁ ମିଳିଥାଏ । ଆଦିବାସୀ ପ୍ରଥା 'କନିଆଁଝିକା'ରେ ବିଭିନ୍ନ ପର୍ବପର୍ବାଣୀରେ ଝିଅକୁ ଦେଖି ପୁଅ ଟାଣି ନେଇ ବାହା ହେଉଥିଲା । ଝିଅ ଘର ପୁଅଘର ପକ୍ଷକୁ ଟେକାପଥର ମାଡ଼ କରି କ୍ଷତାକ୍ତ କରୁଥିଲେ । ପରେ ଉଭୟ ଘରଲୋକଙ୍କ ଦ୍ୱାରା ଝିଅ-ପୁଅର ବାହାଘରେ ବାଦ୍ୟଯନ୍ତ୍ର ଓ ସଙ୍ଗୀତ ନୃତ୍ୟ ମାଧ୍ୟମରେ ମନୋରଞ୍ଜନ କରା ଯାଉଥିଲା । ବର୍ତ୍ତମାନ କନିଆଝିକା ପ୍ରଥା ପ୍ରାୟ ପ୍ରଚଳିତ ହେଉନାହିଁ । ପରିବର୍ତ୍ତିତ ସମାଜରେ ଏ ପ୍ରଥା କମି କମି ଆସିଛି ।

"ଟୋକିପରା ପୁଜପୁକେଇ ଦିଆଲି ସାଙ୍ଗରେ / ଚଇତ୍ରି କନିଆ ଟିକା / ପଣଡମ, ସଲପ, ହାଣ୍ଡିଆ ମହୁଲିର ନିଶା / ନିଶାରେ ନିଶାରେ ଆସ / ଅଣ୍ଟାରେ ହାତ ଧରି / ସାଙ୍ଗ ଲୋଡ଼ି ନାଚିବା ଢେମସା ।"

ବନବାସୀ ଆଦିବାସୀ ମହିଳା ସେମାନଙ୍କର ବିଶ୍ୱାସର ଦେବତା ଧରଣୀ ମା, ଝଙ୍କଡ଼ଦେବୀ, ସାହିଗୁଣ୍ଡର ସିଙ୍ଗଦୂରୀ ଠାକୁରାଣୀଙ୍କୁ ସନ୍ତୁଷ୍ଟ ଉଦ୍ଦେଶ୍ୟରେ ବିଭିନ୍ନ ପୂଜାପାଠ କରେ । ବେଦୁଣୀ ବାଜା ବଜାଇବାକୁ କହନ୍ତି । ବାଜାବାଲା ଗୁରୁଙ୍କ ନିଶାନ ବାଜାରେ ଦେବୀମାନଙ୍କ ନାମରେ ବଜାଇଥାଏ । ଏହି ସମୟରେ କାଳିଶିର ଅଙ୍ଗଭଙ୍ଗୀ ସେଇ ଦେବୀଙ୍କ ଭଳି ଦୃଷ୍ଟିଗୋଚର ହୁଏ ଆଉ ପାଦର ଛମ୍‌ଛମ୍ ଘୁଙ୍ଗୁର ବେଶ୍ ଆକର୍ଷଣ କରେ ଉପସ୍ଥିତ ଜନସାଧାରଣଙ୍କୁ । କେତେକ ହରିଜନ ସମ୍ପ୍ରଦାୟ ମଧ୍ୟ ବାଜା ବଜାଇ ପରିଚୟ ସୃଷ୍ଟି କରିଛନ୍ତି । ଟିମ୍‌ଟିମା ଟାମକ, ମହୁରୀବାଜା ଏମାନେ ବଜାନ୍ତି । ଆଦିବାସୀମାନେ କିନ୍ତୁ ବଜାନ୍ତି ନାହିଁ । ଏହା ବଦଳରେ ପୂର୍ବରୁ ସେମାନେ ବୀଣା ବଜାଇ ମନୋରଞ୍ଜନ କରୁଥିଲେ । ଏବେ ବି ବିଭିନ୍ନ ଗ୍ରାମରେ ବାଇଦ ବଜାଉଥିବା ଲୋକମାନଙ୍କୁ ବାଜାବାଲା, ଡାମ୍ପବାଲା, ମଜୁରିଆ ବୋଲି ପରିଚୟ ଦେଇଥାଆନ୍ତି । ପ୍ରତି ଅଞ୍ଚଳରେ ପରିଚୟ ରହିଛି ବାଦ୍ୟଯନ୍ତ୍ର ଓ ନୃତ୍ୟର । ଯେପରି କଳାହାଣ୍ଡିର ଘୁମୁରା ନୃତ୍ୟର ଏକ ସ୍ୱତନ୍ତ୍ର ଧରଣର ବାଦ୍ୟ ଦର୍ଶକମାନଙ୍କୁ ଆକୃଷ୍ଟ କରେ । ଗଞ୍ଜାମର ସିଙ୍ଗବାଦ୍ୟ, ଉତ୍ତର ଓଡ଼ିଶାର ଶଙ୍ଖବାଦ୍ୟ, ଅବିଭକ୍ତ କୋରାପୁଟର ନିଶାନ ବାଦ୍ୟ, ଝାମକ, ଡାଙ୍ଗବାଦ୍ୟ ସେଇ ଜିଲ୍ଲାର ଗୌରବ ବଜାୟ ରଖି ପାରିଛି ।

ବିଭିନ୍ନ ପର୍ବପର୍ବାଣି ଯାନିଯାତରେ ଆଧୁନିକ ବାଦ୍ୟଯନ୍ତ୍ରର ପ୍ରବେଶ ହୋଇଥିଲେ ମଧ୍ୟ ବର୍ତ୍ତମାନ ଆଦିବାସୀ ଗାଁ ଗୁଡ଼ିକରେ ଖୋଜା ପଡ଼େ ସେମାନଙ୍କ ପାରମ୍ପରିକ ବାଦ୍ୟ । ଯାହାର ଶବ୍ଦ ବାନ୍ଧି ରଖେ ଅଞ୍ଚଳବାସୀଙ୍କୁ । ପାରମ୍ପରିକ ବାଦ୍ୟଯନ୍ତ୍ର, ନୃତ୍ୟ ଗୀତର ଆସର କେବଳ ଆଦିବାସୀଙ୍କୁ ଆନନ୍ଦ ଓ ବିଭୋର କରେନି ବରଂ ଭାଇଚାରାର ଆଦର୍ଶ ପ୍ରତିପାଦିତ କରେ ଶବ୍ଦ, ତାଳ ଓ ଆଦିବାସୀ ରମଣୀମାନଙ୍କ ସଙ୍ଗୀତର ଲୟରେ ।

"ସାରା ଜୀବନ ଯାହାର / ଜଳ, ଜମି, ଜଙ୍ଗଲରେ / ଡଙ୍ଗର ପାଇଁ ସର୍ମପଣ / ତାହାରି କୋଳରେ ନାବଗୀତ / କେତେ ଯାନିଯାତ / ଆଦିମ ବୋଲି ବଣମୂଲକର / ସେ ଆଦିମ ଜନଜାତି ଆଦିବାସୀ ।"



# ମନୋଜୀୟ ମୁହୂର୍ତ୍ତ

ଇଂଲିଶ୍ ଓ ଓଡ଼ିଆ ଭାଷା ସାହିତ୍ୟର ମହାତ୍ମା ମନୋଜ ଦାସଙ୍କ
ସମ୍ପର୍କରେ କଥୟିତ୍ରୀ ପ୍ରବୀଣା ମହାନ୍ତିଙ୍କ ଶ୍ରଦ୍ଧାର୍ଘ୍ୟ



# ମନୋଜ ଦାସଙ୍କ ଗଳ୍ପମାନଙ୍କରେ ଭେଟୁଥିବା କୁନି ଝିଅମାନଙ୍କ ଭିତରେ ନିଜକୁ ଆବିଷ୍କାର କରୁଥିବା ଝିଅ


**ପ୍ରବୀଣା ମହାନ୍ତି**

୩୦୫, ଲୋମାନୀ ଭିଲ୍ଲା, ଗୋଠପାଟଣା,
ମଳିପଡ଼ା, ଭୁବନେଶ୍ୱର-୭୫୧୦୨୯
ଫୋନ୍: ୯୯୩୭୭୩୭୭୨୪୮

ଫଟୋ ସୌଜନ୍ୟ : ସୁବ୍ରତ ବାହିନୀପତି
ଜଳଚିତ୍ର : ସଂଜୟ କୁମାର ରାଉଳ




▶ଲେଖିକା ପ୍ରବୀଣା ମହାନ୍ତି

ସେ ପର୍ଯ୍ୟନ୍ତ ବ୍ୟକ୍ତିଗତ ଭାବରେ ମୋର ପରିଚୟ ହୋଇ ନଥାଏ ମନୋଜ ଦାସଙ୍କ ସହିତ । ମୁଁ କିନ୍ତୁ ତାଙ୍କ ଗଳ୍ପମାନଙ୍କର ଅନ୍ତରଙ୍ଗ ପାଠିକାଟିଏ ହୋଇ ସାରିଥିଲି । ନା- କେବଳ 'ପାଠିକା' କହିଲେ ଠିକ୍ ହେବନାହିଁ, ତାଙ୍କ ଗଳ୍ପର ଚରିତ୍ରମାନଙ୍କ ସହିତ ଏକାତ୍ମ ହୋଇ ଯାଇଥିଲି । ଯେତେଥର ପଢ଼ିଥିଲେ ମଧ୍ୟ ତାଙ୍କର ଗଳ୍ପ ପଢ଼ିବାରେ ମୋର କ୍ଲାନ୍ତି ନଥାଏ, ଆଗରୁ ପଢ଼ି ସାରିଥିବାର ସବ୍‌ଜାନ୍ତା ଭାବ ନଥାଏ । ପ୍ରତ୍ୟେକଥର ଯେମିତି ନୂଆ ଏକ ଦିଗନ୍ତ ଉଦ୍‌ଭାସିତ ହୁଏ ମୋ ଚେତନାରେ । 'ଲକ୍ଷ୍ମୀର ଅଭିସାର' ପଢ଼ିଲାବେଳେ ମୁଁ ମଧ୍ୟ ଲକ୍ଷ୍ମୀ ସହିତ ମନ୍ଦିରର ପାହାଚ ଚଢ଼େ, ଘୁଙ୍ଗୁଡ଼ି ମାରୁଥିବା ପଣ୍ଡିତଙ୍କୁ ସନ୍ତର୍ପଣରେ ଅତିକ୍ରମ କରି ଯାଇ ଠାକୁରଙ୍କ ପାଖରେ ପହଞ୍ଚି ଯାଏ । ଠାକୁରଙ୍କ ସହିତ ଏକ ତରଫା କଥାବାର୍ତ୍ତା କରି ଆତ୍ମସନ୍ତୋଷ ପାଏ । ବଜାରରୁ ଆଦରିଣୀ କନ୍ୟା ପାଇଁ ଫ୍ରକ୍‌ଟିଏ କିଣି ନପାରି ନିଜର ଏକମାତ୍ର ପେଡ଼ିସାଇତା ଶାଢ଼ିରେ ଲକ୍ଷ୍ମୀର ବୋଉ ତା' ପାଇଁ ଯେଉଁ ଫ୍ରକ୍‌ଟି ତିଆରି କରୁଛି, ସେଇ ବୋଉର ସ୍ନେହପ୍ରବଣ, ମମତାମୟୀ ରୂପଟିରେ ମୁଁ ବିମୁଗ୍‌ଧ ହୁଏ । ପୁଣି ମନ୍ଦିରର ପୂଜାରୀ ତଥା କେତେକ ଅବିବେକୀ ଗ୍ରାମବାସୀଙ୍କ ତାଡ଼ନାରେ ସରଳହୃଦୟା ଲକ୍ଷ୍ମୀ ଜୀବନର ଶେଷ ପରିଣତି ମୋ ହୃଦୟକୁ ଶୋକାଚ୍ଛନ୍ନ କରେ । ଏଇ ଜଟିଳ ପୃଥିବୀରେ ସରଳ ମନଟିଏ କେତେ ଅସହାୟ ସତେ ! 'ଶେଷ ବସନ୍ତର ଚିଠି' ଗଳ୍ପଟି ପଢ଼ିବା ବେଳେ କେବେ ସେହି ବୟସ୍କ ଅଧ୍ୟାପକଙ୍କ ସହିତ ତ କେତେବେଳେ ମାଆ ପାଖରୁ ଚିଠିଟିଏ ପାଇବା ଆଶାରେ ଦ୍ୱିତଳ ବାରନ୍ଦାର ରେଲିଂ ଉପରେ ଭରା ଦେଇ ରାଜପଥର ଦୃଶ୍ୟମାନ ସୀମା ଯାଏଁ ଅନାଇ ରହିଥିବା ଟିକିଝିଅ ରୀନା ସହିତ ମୁଁ ଏକାତ୍ମ ହୋଇଯାଏ । ଶେଷ ଶଯ୍ୟାରେ ଶାୟିତା ସ୍ନେହମୟୀ ଜନନୀର ଏକମାତ୍ର ଚିଠି ଭଳି ପରମ ଐଶ୍ୱର୍ଯ୍ୟଟିକୁ ଆଉ ଜଣେ ପତ୍ରାଭିଳାଷୀ ବ୍ୟାକୁଳ-ହୃଦୟ ମଣିଷ ହାତରେ ସମର୍ପି ଦେଇ ମାତୃତ୍ୱର ଗାରିମାରେ ମହିମାମୟୀ ହୋଇଉଠେ ମୁଁ । 'ମଗ୍ନ ଉପତ୍ୟକା' ଗଳ୍ପରେ କ୍ଷୁଧାର୍ତ୍ତ ଅବୋଲକରାକୁ ଅତ୍ୟନ୍ତ ସ୍ନେହର ସହିତ ଖାଦ୍ୟ ପରଷି ଦେବା ବେଳର ଆତ୍ମତୃପ୍ତି ମୋ ଭିତରକୁ ସଞ୍ଚରି ଆସେ । 'ଦୂର ନିର୍ଜନର ସ୍ୱର' ଗଳ୍ପର ଅଝଟ ଘୂର୍ଣ୍ଣିବାତ୍ୟା ପରି ଟିକିଝିଅ ମୀନାର ଅଝଟପଣ ତଥା ଅଭିମାନକୁ ଅଙ୍ଗେ ନିଭାଇବାର ଅନୁଭବ କରେ ମୁଁ- ସେହି  ଗଳ୍ପଟି ପଢ଼ିବା ବେଳେ । 'ମଧୁବନର ମେୟର୍'ଙ୍କର ଅସହାୟପଣର ଉପଲବ୍‌ଧି କରିଛି ମୁଁ- ପରିସ୍ଥିତି ହାତରେ କ୍ରୀଡ଼ନକ ହୋଇ ନିର୍ବସ୍ତ୍ର ଅବସ୍ଥାରେ ଡଙ୍ଗାରେ ବସି ନିର୍ଜନ ରାତ୍ରିରେ ନଈସୁଅ ମଧ୍ୟରେ ଭାସିଯିବା ଏବଂ ସେଇ ଅଭୁତ ମୁହୂର୍ତ୍ତରେ ନିଜର ସମସ୍ତ ଦମ୍ଭ, ଅହଂକାର ତଥା ଆତ୍ମ ଅଭିମାନରୁ ନିଜକୁ ମୁକୁଳାଇ ଆଣିବାର ଅନୁଭବରେ ହୃଦୟ ଆଲୋକିତ ହୋଇଛି । ଏହିଭଳି ଅନେକ ଗଳ୍ପ ରହିଛି- ଯାହା ମୋତେ ଅଭିଭୂତ କରିଛି । ପୁଲକିତ କରିଛି । ବିସ୍ମିତ କରିଛି ତ କେବେ ବିଷର୍ଣ୍ଣତାର କାରୁଣ୍ୟରେ ଭରି ଦେଇଛି ହୃଦୟ ।

ସେଦିନ ଥିଲା ମାର୍ଚ୍ଚ ୨୫ ତାରିଖ, ଉଣେଇଶି ଶହ ଅଣାନବେ ମସିହା । ତିଥି ଥିଲା ଦୋଳପୂର୍ଣ୍ଣିମା । ଆମ ଅନୁଷ୍ଠାନ ଆନୁକୂଲ୍ୟରେ ଏକ ବନ୍ଧୁମିଳନର ଆୟୋଜନ ହୋଇଥାଏ । ଶ୍ରୀଯୁକ୍ତ ମନୋଜ ଦାସ ସେଥିରେ ଯୋଗ ଦେଉଛନ୍ତି ଶୁଣି ମୋର ଆନନ୍ଦର ସୀମା ନଥିଲା । ତାଙ୍କର ବହିଗୁଡ଼ିକ ପଢ଼ିବା ସହିତ ମଞ୍ଚ ଉପରେ ତାଙ୍କ ପ୍ରଦତ୍ତ ଭାଷଣ କେତୋଟି ଶୁଣିବାର ସୁଯାଗ ପାଇଥିଲି । ତାଙ୍କ ଭଳି ଜଣେ ମହାନ ସାହିତ୍ୟିକଙ୍କୁ ଆମ ଅନୁଷ୍ଠାନ ପରିସରରେ ଭେଟିବାର ମହାର୍ଘ ମୁହୂର୍ତ୍ତଟିକୁ ମୁଁ ଉତ୍କଣ୍ଠିତ ଭାବରେ ଅପେକ୍ଷା କରିଥାଏ । ତାଙ୍କୁ ଭେଟିଲେ କ'ଣ ସବୁ ପଚାରିବି, ସେସବୁ କଥା ମୋ ମନ ଭିତରେ ଥାଏ । କିନ୍ତୁ ମନୋଜ ଦାସଙ୍କ ସହିତ ବିଶିଷ୍ଟ ବ୍ୟକ୍ତିମାନେ ବେଢ଼ି ରହିଥିବାର ଦେଖି ତାଙ୍କ ପାଖକୁ ଯିବାକୁ ସଂକୋଚ ହେଉଥାଏ । ଆମ ଅନୁଷ୍ଠାନ ସହ ନିବିଡ଼ ଭାବରେ ସଂପୃକ୍ତ ବିଶିଷ୍ଟ ସାହିତ୍ୟିକ ମହାପାତ୍ର ନୀଳମଣି ସାହୁ ମୋତେ କହିଲେ, "ଆ- ତୋତେ ମନୋଜ ଦାସଙ୍କ ସହିତ ପରିଚୟ କରାଇଦେବି । କ'ଣ ସବୁ ତୋର ପଚାରିବାକୁ ଅଛି ବୋଲି କହୁଥିଲୁ ପରା ?" ଖୁବ୍ ଆନନ୍ଦରେ ମୁଁ ତାଙ୍କ ସହିତ ଗଲି । ନୀଳମଣି ମଉସା ମୋତେ ମନୋଜ ଦାସଙ୍କ ଆଗରେ ପହଞ୍ଚାଇ ଦେଇ କହିଲେ, "ଇଏ ପ୍ରବୀଣା । ଭଲ ଲେଖାଲେଖି କରୁଛି । ଆମର ଏଠି ଟିଚର୍ ଅଛି ।" ମୋତେ ଲାଗିଲା ଯେମିତି ବିରାଟ ବଟବୃକ୍ଷ ନିକଟରେ ଛୋଟିଆ ଦୂବଘାସଟିକୁ ସେ ପରିଚିତ


Sanjay-

କରାଉଛନ୍ତି, ଇଏ ବି ଗୋଟେ ଗଛ ।

"ଆଚ୍ଛା ! କ'ଣ ସବୁ ଲେଖୁଛନ୍ତି ଆପଣ ?" ସ୍ନେହକୋମଳ କଣ୍ଠରେ ପଚାରିଲେ ମନୋଜ ଦାସ । ଓଡ଼ିଆ ସାହିତ୍ୟର ଏହି ପ୍ରଚଣ୍ଡ ମାର୍ତ୍ତଣ୍ଡଙ୍କର ଉଜ୍ଜ୍ୱଳ ପ୍ରତିଭା ନିକଟରେ ମୁଁ ସାମାନ୍ୟ ଜୁଳୁଜୁଳିଆ ପୋକଟିଏ ମଧ୍ୟ ନୁହେଁ । କେମିତି କହିବି, ମୁଁ ଜଣେ 'ଲେଖିକା' ବୋଲି ? ଲଜ୍ଜା ଆଉ ସଂକୋଚରେ ମାଟିରେ ମିଶିଗଲା ଭଳି ମୋର ଅବସ୍ଥା । ସଶ୍ରଦ୍ଧ ପ୍ରଣାମଟିଏ ଜଣାଇ ମୁଁ ନୀରବରେ ଠିଆ ହେଲି । "ତୁ କ'ଣ ପଚାରିବୁ ପରା ମନୋଜ ବାବୁଙ୍କୁ ?" ନୀଳମଣି ମଉସା ମନେ ପକାଇଦେଲେ । ମୋ ଭିତରେ ଆଉ କିଛି ପ୍ରଶ୍ନ ନଥିଲା । ମୋର ପ୍ରିୟ ଲେଖକଙ୍କୁ  ଭେଟିବାର ଆନନ୍ଦର ମୋ ହୃଦୟ ପରିପୂର୍ଣ୍ଣ ହୋଇଯାଇଥିଲା । କୁଣ୍ଠିତ ଭାବରେ ମୋର ଅଟୋଗ୍ରାଫ୍ ଡାଏରୀଟି ତାଙ୍କ ହାତକୁ ବଢ଼ାଇ ଦେଇ ସେଥିରେ ମୋ ପାଇଁ ଧାଡ଼ିଏ ଲେଖିଦେବାକୁ ଅନୁରୋଧ କଲି । ସେଥିରେ ଲେଖୁ ଲେଖୁ ସେ କହିଲେ, "ଆପଣଙ୍କର ଯଦି କିଛି ପଚାରିବାକୁ ଥିବ, ମୋତେ ଚିଠି ଲେଖିବେ ।" ମୁଁ ସମ୍ମତି ଜଣାଇ ତାଙ୍କ ପାଖରୁ ଚାଲି ଆସିଲି ।

ସେଦିନ ମୋ ଅଟୋଗ୍ରାଫ୍ ଖାତାରେ ଶ୍ରୀଅରବିନ୍ଦଙ୍କର ବାର୍ତ୍ତାଟିଏ ଲେଖି ଦେଇଥିଲେ ଶ୍ରୀଯୁକ୍ତ ମନୋଜ ଦାସ । ସେହି ବାର୍ତ୍ତାଟି ଥିଲା: An eternal perfection is moulding us into its own image. ପରବର୍ତ୍ତୀ ସମୟରେ ମୁଁ ଆହୁରି ଦୁଇଥର ତାଙ୍କ ଆଗରେ ମୋର ଅଟୋଗ୍ରାଫ୍ ଖାତାଟି ରଖିଛି ଥରେ ତା୧୦.୦୪.୧୯୯୪ରେ ଏବଂ ଆଉଥରେ ତା ୮.୧.୧୯୯୬ରେ । ଆଶ୍ଚର୍ଯ୍ୟ ହୋଇଛି ମୁଁ । ସେଇ ଗୋଟିଏ ବାର୍ତ୍ତା ହିଁ ପ୍ରତ୍ୟେକ ଥର ସେ ଲେଖିଛନ୍ତି ମୋ ପାଇଁ । ତୃତୀୟ ଥର ସେହି ବାର୍ତ୍ତାଟି ସେ ଲେଖିବା ପରେ ମୁଁ ବିସ୍ମିତ ହୋଇ ପଚାରିଥିଲି ଏହାର କାରଣ । ତାଙ୍କର ସ୍ୱାକ୍ଷର ଥିବା ସେହି  ବାର୍ତ୍ତା ଲିଖିତ ଡାଏରୀଟି ମଧ୍ୟ ଦେଖାଇଲି ତାଙ୍କୁ । ପ୍ରଥମେ ସେ ଟିକେ ଆଶ୍ଚର୍ଯ୍ୟ ହେଲେ । ତା'ପରେ ହସିହସି କହିଲେ, "ଯଦିଓ ମୋର ସମ୍ପୂର୍ଣ୍ଣ ଅଜାଣତରେ ମୁଁ ଏକଇ ବାର୍ତ୍ତା ବାରମ୍ବାର ଲେଖିଛି । ବର୍ତ୍ତମାନ ମନେ ହେଉଛି ଏହି ବାର୍ତ୍ତା ପଛରେ ଆପଣଙ୍କ ପାଇଁ  ନିର୍ଦ୍ଦିଷ୍ଟ କିଛି ଉଦ୍ଦେଶ୍ୟ ରହିଛି । ଏ କଥା ଆପଣ ଉପଲବ୍ଧି କରିବେ ବୋଲି ମୋର ବିଶ୍ୱାସ ।"

ଏତେବଡ଼ ଲେଖକଙ୍କୁ ଚିଠି ଲେଖିଲେ ସିଏ ଯେ ଉତ୍ତର ଦେବେ, ଏ ବିଶ୍ୱାସ ମୋର ନଥିଲା । ପୂର୍ବରୁ କୌଣସି ବିଶିଷ୍ଟ ଲେଖକ ଲେଖିକାଙ୍କର ଲେଖା ମନକୁ ଛୁଇଁଗଲେ ମୁଁ ଚିଠି ଲେଖୁଥିଲି । କିନ୍ତୁ କ୍ୱଚିତ୍ କାହା ପାଖରୁ ସୌଜନ୍ୟମୂଳକ ପତ୍ରଟିଏ ପାଉଥିଲି । ଇତିମଧ୍ୟରେ ମନୋଜ ଦାସଙ୍କ ଗଳ୍ପମାନଙ୍କୁ ଆହୁରି ନିବିଡ଼ ଭାବରେ ବୁଝିବା ପାଇଁ ପିଏଚ୍‌ଡି ଗବେଷଣା ନିମନ୍ତେ ଉତ୍କଳ ବିଶ୍ୱବିଦ୍ୟାଳୟରେ ମୋର ନାମ ପଞ୍ଜିକୃତ କରାଇଥିଲି । ପ୍ରଫେସର୍ ସଂଘମିତ୍ରା ମିଶ୍ର ଥିଲେ ମୋର ମାର୍ଗଦର୍ଶିକା । ମୋର ଗବେଷଣାର ଅୟମାରମ୍ଭରେ ମନୋଜ ଦାସଙ୍କର ଆଶୀର୍ବାଦ କାମନା କରି ମୁଁ ଚିଠିଟିଏ ଲେଖିଥିଲି । ପିମ୍ପୁଡ଼ିଟିଏ ପର୍ବତର ବିରାଟତ୍ୱ କଳନା କରିବାର ଦୁଃସାହସ କରିଛି ବୋଲି ଲେଖିଥିଲି ମୋ ଚିଠିରେ । ଖୁବ୍ ଶୀଘ୍ର ତାଙ୍କ ନିକଟରୁ  ଚିଠିଟିଏ ପାଇଲି । ତାଙ୍କ ଲେଖାର ଯେଉଁ ବିଷୟକୁ ନେଇ ମୋର ଗବେଷଣାର ଶୀର୍ଷକ ରଖିଥିଲି, ସେ ସମ୍ପର୍କରେ କିଛି ଦିଗ୍‌ଦର୍ଶନ ମଧ୍ୟ ଦେଇଥିଲେ ସେ ।

ଏଇଠୁ ଆରମ୍ଭ । ଯୋଉ କଥାସବୁ ପ୍ରତ୍ୟେକ୍ଷରେ ପଚାରି ପାରିନଥିଲି, ପତ୍ର ମାଧ୍ୟମରେ ତାହା ଲେଖି ଉତ୍ତର ପାଇଗଲି । ମନୋଜ ଦାସଙ୍କର ପ୍ରତ୍ୟେକ ଚିଠି ମୋ ଭିତରର ଆତ୍ମବିଶ୍ୱାସକୁ ସୁଦୃଢ଼ କରିବାରେ ସାହାଯ୍ୟ କରିଛି । ପରବର୍ତ୍ତୀ ସମୟରେ ତାଙ୍କ ସହିତ ବହୁବାର ସାକ୍ଷାତ ହୋଇଛି । ତାଙ୍କର ସ୍ନେହପୂର୍ଣ୍ଣ ବ୍ୟବହାରରେ ଧୀରେ ଧୀରେ ମୋର ସମସ୍ତ କୁଣ୍ଠା ଦୂର ହୋଇ ଯାଇଛି । ସୁଯୋଗ ପାଇବା ମାତ୍ରେ ମୁଁ ପ୍ରଶ୍ନ ପରେ ପ୍ରଶ୍ନ ପଚାରି ଚାଲେ । ଅତ୍ୟନ୍ତ ସହୃଦୟତାର ସହିତ ସେ ମୋର ସମସ୍ତ ପ୍ରଶ୍ନର ଉତ୍ତର ସହାସ୍ୟ ବଦନରେ ଦିଅନ୍ତି ।

▼ମନୋଜ ଦାସଙ୍କ ସହିତ ଲେଖିକା ପ୍ରବୀଣା ମହାନ୍ତି ଓ ତାଙ୍କ ସ୍ୱାମୀ ସୁରେନ୍ଦ୍ର ମହାନ୍ତି





ଥରେ ତାଙ୍କୁ ବିଦାୟ ଦେବା ପାଇଁ ଆମେ ଭୁବନେଶ୍ୱର ବିମାନ ବନ୍ଦରକୁ ଯାଇଥାଉ । ସେଇଠି ପହଞ୍ଚିବା ପରେ ଜାଣିବାକୁ ପାଇଲୁ ପ୍ଲେନ୍ ଦୁଇଘଣ୍ଟା ବିଳମ୍ବରେ ଆସିବ । ମନୋଜ ଦାସଙ୍କୁ ବିଦାୟ ସମ୍ଭାଷଣ ଜଣାଇ ଅନେକ ବ୍ୟକ୍ତି ଫେରିଗଲେ । ଆମେ ତିନି ଚାରିଜଣ ମାତ୍ର ରହିଲୁ ତାଙ୍କ ପାଖରେ । ଓଡ଼ିଶା ମାଟିର ଏଭଳି ସୁଯୋଗ୍ୟ ବରପୁତ୍ରଙ୍କୁ ଏକୁଟିଆ ଛାଡ଼ି ଦେଇ ଆସିବାକୁ ଚାହିଁନଥିଲୁ ଆମେ । ସେଇଠି ବସିଲୁ ଅପେକ୍ଷା ଗୃହରେ । ପ୍ରାୟ ଦୁଇଘଣ୍ଟା ଧରି ବିଭିନ୍ନ ପ୍ରସଙ୍ଗରେ ମୁଁ ପ୍ରଶ୍ନ ପଚାରି ଚାଲିଥାଏ । ସାହିତ୍ୟ ଠାରୁ ଆରମ୍ଭ କରି ରାଜନୀତି ତଥା ଆଧ୍ୟାତ୍ମିକତା ପର୍ଯ୍ୟନ୍ତ । ଯୋଉ ଯୋଉ ପ୍ରଶ୍ନ ସେତିକିବେଳେ ମୋ ମନକୁ ଆସିଲା, ଗୋଟିଏ ପରେ ଗୋଟିଏ ପଚାରି ଚାଲିଥାଏ । ଖୁବ୍ ଧୈର୍ଯ୍ୟର ସହିତ ଅକାତର ଭାବରେ ସେ ମୋର ସମସ୍ତ ଜିଜ୍ଞାସାର ପରିପୂର୍ତ୍ତି କରୁଥାଆନ୍ତି । ହଠାତ୍ ସଚେତନ ହେଲି ମୋ ନିଜ ଆଚରଣ ସମ୍ପର୍କରେ । କହିଲି, "ସାର୍, ଆପଣ ବିରକ୍ତ ହେଉ ନାହାନ୍ତି ତ ? ମୋତେ ଲାଗୁଛି ମୁଁ ଯେମିତି ରବି ଠାକୁରଙ୍କର 'କାବୁଲିଓ୍ୱାଲା' ଗପର 'ମିନି' ପାଲଟି ଯାଇଛି ଆପଣଙ୍କ ପାଖରେ ।" ଶ୍ରୀଯୁକ୍ତ  ମନୋଜ ଦାସ ତାଙ୍କର ସ୍ୱଭାବ ସୁଲଭ ଅମାୟିକ କଣ୍ଠରେ କହିଲେ, "ବାଃ- ତୁମେ ନିଜ ପାଇଁ ବଢ଼ିଆ ରୋଲଟେ ବାଛି ନେଇ ମାତେ କାବୁଲିଓ୍ୱାଲା ବନେଇଦେଲ ।" ତାଙ୍କର କହିବାର ଢଙ୍ଗଟି ଏଭଳି ମଜାଳିଆ ଥିଲା ଯେ ଆମେ ସମସ୍ତେ ହସି ଉଠିଥିଲୁ ଖୁବ୍ ଜୋର୍‌ରେ । ସେଇ ମୁହୂର୍ତ୍ତରେ ମୋର ମନେ ହୋଇଥିଲା ତାଙ୍କ ଗପମାନଙ୍କରେ ରୂପାୟିତ ହୋଇଥିବା ରୀନା, ମୀନା, ସୀତା, ଲକ୍ଷ୍ମୀ ଆଦି ଟିକି ଝିଅମାନଙ୍କ ସହିତ ମୁଁ ମଧ୍ୟ ସାମିଲ୍



▲ ମନୋଜ ଦାସଙ୍କ ସହିତ ଲେଖିକା ପ୍ରବୀଣା ମହାନ୍ତି

ହୋଇଯାଇଛି । ତାଙ୍କ ପାଖରେ ଥିବାବେଳେ ମୋର ମନେହୁଏ, ବିଶ୍ୱବିଖ୍ୟାତ କୌଣସି ସାହିତ୍ୟିକଙ୍କ ନିକଟରେ ନୁହେଁ, ମୁଁ ଯେମିତି ମୋର ପରମ ଶୁଭେଚ୍ଛୁ, ସ୍ନେହୀ ମୋର ବାପା କିମ୍ବା ବଡ଼ଭାଇଙ୍କୁ ଭେଟୁଛି । ଧୀରେ ଧୀରେ ଏମିତି ହେଲା ଯେ ମୋର ସୁଖଦୁଃଖ, ଭଲମନ୍ଦ ସମସ୍ତ ବିଷୟ ନିର୍ଦ୍ୱନ୍ଦ୍ୱରେ ତାଙ୍କୁ ଜଣାଇ ପାରିଲି । ମୋ ପାଇଁ ଯାହା ଅତ୍ୟନ୍ତ ଜଟିଳ ସମସ୍ୟା ଭଳି ମନେ ହେଉଥାଏ, ସେଇ ବିଷୟଟି ତାଙ୍କୁ ଜଣାଇ ଦେଇ ମୁଁ ଆଶ୍ୱସ୍ତ ହୋଇଯାଏ । ତାଙ୍କ ପତ୍ରରେ ଯେଉଁ ସ୍ନେହ ତଥା ସଦିଚ୍ଛାର ସ୍ପର୍ଶ ଥାଏ, ମୋର ସବୁ ସମସ୍ୟାର ସମାଧାନ ହୋଇଯାଏ ଆପେ ଆପେ ।

୧୯୯୩ ମସିହାରେ ମୋର ଗୋଟିଏ ଉପନ୍ୟାସ କୌଣସି ଏକ ପ୍ରତିଷ୍ଠିତ ସାହିତ୍ୟ ପତ୍ରିକାର ବାର୍ଷିକ ବିଶେଷାଙ୍କରେ ପ୍ରକାଶିତ ହେବା ପରେ ପାଠକପାଠିକାଙ୍କ ନିକଟରୁ ଅନେକ ପ୍ରଶଂସାଭରା ଚିଠି ପାଉଥାଏ । କେହି କେହି ପାଠକପାଠିକା ପତ୍ରିକାରୁ ମୋର ଠିକଣା ଦେଖି ମୋତେ ଭେଟିବାକୁ ଚାଲି ଆସୁଥାନ୍ତି ଆମ ଘରକୁ । ଦିନେ ଅପରାହ୍ଣ ସମୟରେ ତିନିଜଣ ଭାଇଭଉଣୀ ଆସି ପହଞ୍ଚିଲେ ଆମ ଘରେ । ସଂଭ୍ରାନ୍ତ ବଂଶଜ ଭଳି ମନେ ହେଉଥାଆନ୍ତି ସେଇ ସୁନ୍ଦର ପିଲାମାନେ । ସେମାନେ ମୋ ଲେଖାକୁ ଖୁବ୍ ପସନ୍ଦ କରନ୍ତି । ବିଭିନ୍ନ ପତ୍ରପତ୍ରିକା ଖୋଜି ସେମାନେ ମୋ ଲେଖା ପଢ଼ନ୍ତି ବୋଲି କହିଲେ । ଏଭଳି କଥା ଶୁଣି ଯେ କେହି ଲେଖକ ଆନନ୍ଦିତ ହେବ । ସେମାନେ କିନ୍ତୁ ଅଭିଯୋଗଟିଏ ନେଇ ମୋ ପାଖକୁ ଆସିଥିଲେ । "ଆମ ଭାଇଙ୍କ ବିଷୟରେ ଆପଣ ଏମିତି କାହିଁକି ଲେଖିଛନ୍ତି ? ଜାଣନ୍ତି, ଆପଣଙ୍କ ଉପନ୍ୟାସ ଯୋଗୁଁ ଆମ ଭାଇଙ୍କ ବାହାଘର ଭାଙ୍ଗିଗଲା ।" ସେମାନେ କହିଲେ । ମୁଁ ଆଶ୍ଚର୍ଯ୍ୟ ହୋଇ କହିଲି, "ତୁମ ଭାଇଙ୍କୁ ନେଇ ଲେଖିଛି ? କିଏ ତୁମ ଭାଇ କହିଲ ?" "ଜାଣି ନାହାନ୍ତି ? ଆପଣ ଯାହା ଯାହା ଲେଖିଛନ୍ତି, ବହୁତ କଥା ମିଶ ଯାଉଛି । ନିକଟରେ ଆଇ.ଏ.ଏସ୍. ପାଇବା, ଖବର କାଗଜରେ ତାଙ୍କର ନାଁ ବି ମିଶି ଯାଉଛି ।" କ୍ଷୋଭର ସହିତ କହିଲେ ସେମାନେ । "ଆମ ଭାଇଙ୍କ ବିଷୟରେ ଆପଣ ଯାହା ଲେଖିଛନ୍ତି, ସିଏ ଆଦୌ ସେମିତି ନୁହଁନ୍ତି ।"

ଭଦ୍ରଲୋକଙ୍କର ନାଆଁ ସେମାନଙ୍କ ଠାରୁ ଜାଣିବା ପରେ ମୋର ମନେପଡ଼ିଲା, ମୋ ଉପନ୍ୟାସରେ ସେଭଳି ନାଆଁଟିଏ ଅଛି । ଜଣେ ଚରିତ୍ରହୀନ ବ୍ୟକ୍ତି, ଯାହା ବିଷୟରେ ଉପନ୍ୟାସର ନାୟିକା କହୁଛି, "ଆଖି ତ ନୁହେଁ, କୁରୁସଭା ର ଦି'ଟା ଦୁଃଶାସନ ଯେମିତି ! ଥୁ... ।"

ମୋ ଅଜାଣତରେ ମୋର କୌଣସି ଲେଖା କାହାର ଏଭଳି କ୍ଷତି କରିଥିବ, ଏକଥା ମୁଁ କେବେ ଭାବି ନଥିଲି । ଅନିଚ୍ଛାକୃତ ମୋର ଏଭଳି ତ୍ରୁଟି ପାଇଁ ମୁଁ ଦୁଃଖ ପ୍ରକାଶ କରିଥିଲି । ମୁଁ ଯେ ଜାଣି ଜାଣି ତାଙ୍କ ଭାଇଙ୍କ ନାଆଁରେ କିଛି ଲେଖିନାହିଁ, ତା'ର ପ୍ରମାଣ ମଧ୍ୟ ଦେଖାଇଲି । ପ୍ରାୟ ପନ୍ଦର ବର୍ଷ ପୂର୍ବରୁ ସେହି ଉପନ୍ୟାସଟି ମୁଁ ଲେଖିଥିଲି । ଯାହାର କିଛି ଅଂଶ ସେ ସମୟରେ ପ୍ରକାଶିତ ହୋଇଥିବା ଗୋଟିଏ ସାହିତ୍ୟ ପତ୍ରିକାର ପ୍ରଥମ ସଂଖ୍ୟାରେ ବାହାରିଥିଲା, ଯୋଉ ପତ୍ରିକାର ଦ୍ୱିତୀୟ ସଂଖ୍ୟା ଆଉ ବାହାରି ନଥିଲା । ହଳଦିଆ ପଡ଼ି ଆସିଥିବା ସେଇ ଅଧାଲେଖା ପାଣ୍ଡୁଲିପି ଏବଂ ସେହି ପତ୍ରିକାଟିକୁ ସେମାନଙ୍କୁ ଦେଖାଇ କହିଥିଲି, "ପନ୍ଦରବର୍ଷ ତଳେ ମୁଁ ଯେତେବେଳେ ଏଇ ଉପନ୍ୟାସଟି ଲେଖିଥିଲି, ସେତେବେଳେ ତୁମମାନଙ୍କର ଭାଇ ସ୍କୁଲ୍‌ରେ ପଢୁଥିବେ । ଭବିଷ୍ୟତରେ ସିଏ କ'ଣ ହେବେ ମୁଁ କେମିତି ସେକଥା ଜାଣିବି ଯେ ଲେଖିବି ?" ସେ ପିଲାମାନେ ମୋ କଥାକୁ ଯଥାର୍ଥ ଭାବରେ ଉପଲବ୍ଧି କଲେ କି ନାହିଁ ମୁଁ ଜାଣିନାହିଁ । ତେବେ ଏକ ଭୟଙ୍କର ଅସ୍ୱସ୍ତିଭାବ ମୋତେ ଆବୋରି ବସିଲା । ସେ ଭଦ୍ରବ୍ୟକ୍ତିଙ୍କର ଠିକଣା ମୁଁ ରଖିଥିଲି ତାଙ୍କ ଭାଇଭଉଣୀଙ୍କ ପାଖରୁ । ତାଙ୍କ ପାଖକୁ ମୁଁ ଦୁଃଖ ପ୍ରକାଶ କରି ଚିଠିଟିଏ ଲେଖିଲି ଏବଂ ତା' ସହିତ ଏକଥା ମଧ୍ୟ ଲେଖିଲି ଯେ ସେ ଯଦି ଚାହିଁବେ ତ ସେହି ପତ୍ରିକାରେ ଗୋଟେ ବିବୃତ୍ତି ଛପାଇ ଦେବି ଯେ ମୋ ଉପନ୍ୟାସର ଘଟଣା, ଚରିତ୍ର ସବୁ କାଳ୍ପନିକ ବୋଲି । କିନ୍ତୁ ଏହାର ବିପରୀତ ପ୍ରତିକ୍ରିୟା ବି ହୋଇପରେ । ଯେଉଁମାନେ ଟିକେ ଟିକେ ସନ୍ଦେହ କରୁଥିବେ ସେମାନେ ଭାବିବେ ଏକଥାର ସତ୍ୟତା କିଛି ରହିଛି । ଭଦ୍ରଲୋକ ଯାହା କହିବେ ମୁଁ କରିବାକୁ ପ୍ରସ୍ତୁତ ବୋଲି ଜଣାଇ ଦେଲି ।

ସେ ଭଦ୍ରଲୋକ ମୋ ଚିଠିର ଉତ୍ତର ଦେଲେ ନାହିଁ । ମୋ ଲେଖା ଯେ କାହାର କିଛି ଅମଙ୍ଗଳ କରିଛି- ଏକଥା ଭାବି ମୁଁ ଖୁବ୍ ବିବ୍ରତ ହୋଇପଡ଼ିଲି । ଆଉ କିଛି ବି ଲେଖିବାକୁ ମୋର ଇଚ୍ଛା ହେଲା ନାହିଁ । କେମିତି ଏକ ବିଷର୍ଣ୍ଣତା ମୋତେ ଆବୋରି ବସିଲା । ସେହି ବିଷର୍ଣ୍ଣତା ମଧ୍ୟରୁ ବାହାରି ଆସିବା ପାଇଁ ମୋତେ ଦିଗ୍‌ଦର୍ଶନ ଦେବାକୁ ଅନୁରୋଧ କରି ଶ୍ରୀଯୁକ୍ତ ମନୋଜ ଦାସଙ୍କୁ ମୁଁ ଚିଠିଟିଏ ଲେଖିଲି । କଥା ପ୍ରସଙ୍ଗରେ ଥରେ ସେ ଆମକୁ କହିଥିଲେ ଏଭଳି ଏକ ଘଟଣାର କଥା । 'ଭାଇ ଭାଇ' ଚଳଚ୍ଚିତ୍ର ପାଇଁ ସଂଳାପ ଏବଂ ଗୀତ ରଚନା କରିଥିଲେ ସେ । ସେହି ଚଳଚ୍ଚିତ୍ରର କୌଣସି ଏକ ଦୃଶ୍ୟ ଗ୍ରହଣ ସମୟରେ ସଂପୃକ୍ତ କଳାକାର ଜଣେ ତାଙ୍କ ସଂଳାପରେ ଥିବା ଗୋଟିଏ ନାମକୁ ଠିକ୍ ଭାବରେ ଉଚ୍ଚାରଣ କରିପାରୁ ନଥିଲେ । ତେଣୁ ସେଇ ନାମଟିକୁ ସେଇଠି ପରିବର୍ତ୍ତିତ କରି ଦିଆଗଲା । ଶ୍ରୀଯୁକ୍ତ ମନୋଜ ଦାସ କିନ୍ତୁ ଜାଣି ନଥିଲେ ଖଳ ଚରିତ୍ରଟିର ପରିବର୍ତ୍ତିତ ନାମଧାରୀ କେହି ଜଣେ ବ୍ୟକ୍ତି ଅଛନ୍ତି ସେହିଭଳି ଏକ ଗ୍ରାମରେ । ଚଳଚ୍ଚିତ୍ରଟି ମୁକ୍ତିଲାଭ କରିବାର ଅଳ୍ପଦିନ ପରେ ସେହି ବ୍ୟକ୍ତି ଜଣକ ମୋକଦ୍ଦମା କଲେ ଚଳଚ୍ଚିତ୍ର ନାମରେ । ଫଳରେ ସବୁଦିନ ପାଇଁ ସେହି ଚଳଚ୍ଚିତ୍ରଟି ଦର୍ଶକମାନଙ୍କର ଦୃଷ୍ଟି ଅନ୍ତରାଳରେ ରହିଗଲା ।

ମୋର ଚିଠିର ଉତ୍ତରରେ ଶ୍ରୀଯୁକ୍ତ ଦାସ ଯାହା ଲେଖିଥିଲେ, ତାହା ଏଠାରେ ଉପସ୍ଥାପନା କରୁଛି:

*କଲ୍ୟାଣୀୟାସୁ, ୨୬ ସେପ୍ଟେମ୍ବର ୯୩*

*ନମସ୍କାର । ଚିଠି ପାଇ ଆନନ୍ଦିତ ହେବା ସଙ୍ଗେ ସଙ୍ଗେ ଅପ୍ରତ୍ୟାଶିତ ସମସ୍ୟା ଜନିତ ମନସ୍ତାପ କଥା ଜାଣି ଦୁଃଖିତ ହେଲି । ଏଭଳି ଘଟଣା ବହୁ ଲେଖକଙ୍କ ଜୀବନରେ ହୋଇଛି । ଆପଣ ଜାଣିଶୁଣି କାହାର ବଦନାମ କରିବା ନିମନ୍ତେ ନାମଟିଏ ବାଛି ନାହାନ୍ତି । ତେଣୁ ଆପଣ ମନସ୍ତାପ କରିବାର ଯୁକ୍ତି ନାହିଁ । ଏଭଳି ଯୋଗାଯୋଗ ଉପରେ କାହାରି ହାତ ନାହିଁ । ସେ ଯାହାହେଉ, ବାସ୍ତବ ଜୀବନରେ ଯେଉଁ ଭଦ୍ରଲୋକଙ୍କର ସେହି ନାମଟି, ତାଙ୍କୁ ଚିଠି ଲେଖି ଆପଣ ଏଭଳି ଅନିଚ୍ଛାକୃତ ଅବସ୍ଥା ପାଇଁ ଦୁଃଖିତ- ଏହା ଜଣାଇବା ସଙ୍ଗେ ସଙ୍ଗେ ଲେଖିବେ ଯେ ପତ୍ରପତ୍ରିକା କେହି ସାଇତି ରଖେ ନାହିଁ । ଦୁଇ ଚାରିମାସ ପରେ*



*ସମସ୍ତେ ତାହା ପାସୋରି ଦେବେ । ଭବିଷ୍ୟତରେ ଉପନ୍ୟାସଟି ଯଦି ସ୍ୱତନ୍ତ୍ର ବହି ଭାବରେ ପ୍ରକାଶ ପାଇବ, କିମ୍ବା ଆପଣଙ୍କର କୌଣସି ସଂକଳନରେ ରହିବ, ସେତେବେଳେ ସେ ନାମ ବଦଳାଇ ଦେବେ ।*

*ଏକ କାହାଣୀର ନାମ ସହ ଯୋଗାଯୋଗ ଯୋଗୁଁ ଯଦି ଜଣଙ୍କର ବିବାହ ପ୍ରସ୍ତାବ ଭାଙ୍ଗିଯାଏ, ସେଭଳି ପ୍ରସ୍ତାବ ଭାଙ୍ଗିବା ବର ପାଇଁ ଶୁଭ । କାରଣ ସେଭଳି କନ୍ୟାପକ୍ଷ ତାଙ୍କୁ ଅନ୍ୟ କୌଣସି ହାଲୁକା ହେତୁରୁ ବି ସନ୍ଦେହ କରନ୍ତେ ।*

*ଆପଣ ଏସବୁ ଉପରେ ବ୍ୟସ୍ତ ହେବେ ନାହିଁ । ଯେଉଁଠି ଆପଣଙ୍କର ଭୁଲ୍ ନଥିବା ସତ୍ତ୍ୱେ ଭୁଲ୍ ବୁଝାମଣା ହୋଇଯାଏ, ସେଠି ନିଜ ତରଫରୁ ସଚ୍ଚା କୈଫିୟତ୍ ଦେଇସାରିବା ପରେ ଏବଂ ସୌଜନ୍ୟ ଦୃଷ୍ଟିରୁ ଦୁଃଖ ପ୍ରକାଶ କରି ସାରିବା ପରେ ଆପଣଙ୍କର ଆଉ କିଛି କରିବାର ଆବଶ୍ୟକତା ନାହିଁ ।*

*ଶୁଭେଚ୍ଛା ଓ ଶ୍ରଦ୍ଧା ଗ୍ରହଣ କରନ୍ତୁ ।*

*ଇତି*

*ଆପଣଙ୍କର*

*ମନୋଜ ଦାସ*

ଏଭଳି ଆଶ୍ୱାସନାମୂଳକ ଚମତ୍କାର ଚିଠିଟି ପାଇବା ପରେ ମୋ ମନ ଶାନ୍ତ ହୋଇଗଲା । ବିଷର୍ଣ୍ଣତାବୋଧ ଭିତରୁ ନିଜକୁ ବାହାର କରି ପୁଣିଥରେ ମୋର ସୃଜନାତ୍ମକ କାର୍ଯ୍ୟରେ ମନୋନିବେଶ କଲି ।

ମୋର ଖୁବ୍ ଇଚ୍ଛା ଥିଲା ଗୁରୁ ଭାବରେ ସ୍ୱୀକାର କରିଥିବା ଏହି ମହାନ୍ ସାହିତ୍ୟିକଙ୍କୁ ମୋର ଖଣ୍ଡିଏ ବହି ଉତ୍ସର୍ଗ କରିବି । କିନ୍ତୁ ବିଶ୍ୱବିଖ୍ୟାତ ଏଡ଼େବଡ଼ ସାହିତ୍ୟିକଙ୍କୁ ଉତ୍ସର୍ଗ କରିବା ଯୋଗ୍ୟ ଲେଖା କାହିଁ ମୋର ? ମୋର ସବୁଠାରୁ ଭଲଲେଖାର ସଂକଳନଟିଏ କେବେ ଯଦି ପ୍ରସ୍ତୁତ କରିବି, ତା'ହେଲେ ତାଙ୍କୁ ହିଁ ଉତ୍ସର୍ଗ କରିବି, ଏହି ପ୍ରକାର ଭାବନା ମୋ ମନରେ ରହିଥାଏ । ହଠାତ୍ ଗୁରୁତର ଭାବରେ ଅସୁସ୍ଥ ହୋଇପଡ଼ିଲି । ସେତେବେଳେ ମନରେ ଆସିଲା- ଏ ଜନ୍ମରେ ଆଉ ହୁଏତ ମୋର ଇଚ୍ଛାଟି ପୂରଣ ହୋଇ ପାରିବ ନାହିଁ । କିନ୍ତୁ ଈଶ୍ୱରଙ୍କ କରୁଣାରୁ ପୂରାପୂରି ସୁସ୍ଥ ହୋଇଗଲି । ତା'ପରେ ମୋର ଯେଉଁ ଗଳ୍ପ ସଂକଳନଟି ପ୍ରକାଶିତ ହେଲା, ମନରେ କୌଣସି ଦ୍ୱନ୍ଦ୍ୱ ନରଖି ସେଇଟିକୁ ମୋର ପୂଜ୍ୟ ଗୁରୁଙ୍କୁ ଉତ୍ସର୍ଗ କରିଦେଲି । ବହିଟିକୁ ତାଙ୍କ ପାଖକୁ ପଠାଇବା ବେଳେ ଚିଠିରେ ଲେଖିଥିଲି- "ଛୋଟ ପିଲାମାନେ ତାଙ୍କ ଖେଳଘରରେ ମାଟି, ଗୋଡ଼ି, ବାଲିରେ ଭାତ, ତରକାରୀ ରାନ୍ଧି ବଡ଼ମାନଙ୍କୁ ପରଷି ଦିଅନ୍ତି ଶ୍ରଦ୍ଧାରେ । ପିଲାଙ୍କ ପ୍ରତି ସ୍ନେହପରବଶ ହୋଇ ବଡ଼ମାନେ ମଧ୍ୟ ଶ୍ରଦ୍ଧାର ସହିତ ସେହି ମିଛିମିଛିକା ଭାତ ତରକାରୀକୁ ଖାଇବାର ଅଭିନୟ କରନ୍ତି । ଆପଣଙ୍କର ବିରାଟ ପ୍ରତିଭା ନିକଟରେ ମୁଁ ତ ଖୁବ୍ ସାନ ଝିଅଟିଏ ମାତ୍ର । ଆପଣଙ୍କ ଅମୃତଲେଖନୀ ପ୍ରସୂତ ଅଜସ୍ର ସାରସ୍ୱତ କୃତି ନିକଟରେ ମୋ ଲେଖା ସେଇ ପିଲାଙ୍କ ଖେଳଘରର ମିଛିମିଛିକା ଭାତ ତରକାରୀ ପରି । ମୋର ଏହି ଆସ୍ପର୍ଦ୍ଧାକୁ ଆପଣ ସ୍ନେହପରବଶ ହୋଇ ଗ୍ରହଣ କରିବେ ଏବଂ ଆଶୀର୍ବାଦ କରିବେ ବୋଲି ଆଶା କରୁଛି । ବହିଟି ପାଇବା ପରେ ଥରେ ସମୟ କରି ତା' ଉପରେ ଆଖି ବୁଲାଇ ନେବେ ଏବଂ ଦୁଇଧାଡ଼ି ନିଶ୍ଚୟ ଲେଖିବେ ମୋ ପାଖକୁ । ଆପଣଙ୍କ ହାତରେ ବହିଟିର ଉନ୍ମୋଚନ ହେଉ ବୋଲି ମୋର ଖୁବ୍ ଇଚ୍ଛା ଥିଲା । ମାତ୍ର ଆପଣଙ୍କର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମମାନଙ୍କ ମଧ୍ୟରେ ତାହା ସମ୍ଭବ ପର ହୋଇ ପାରୁନାହିଁ । ଏଇ ଜୁନ୍ ୨୧ ତାରିଖରେ ଇଡ଼କଲ୍ ଅଡ଼ିଟୋରିୟମରେ 'ଜହ୍ନର ଠିକଣା' ଉନ୍ମୋଚିତ ହେବାର ଅଛି । ଜୁନ୍ ୬ ତାରିଖ ଦେବସ୍ନାନ ପୂର୍ଣ୍ଣିମାରେ ଏହି କାର୍ଯ୍ୟକ୍ରମ ହେବାର ସ୍ଥିର କରା ଯାଇଥିଲେ ମଧ୍ୟ କେତେକ ଅନିବାର୍ଯ୍ୟ କାରଣରୁ ହୋଇ ପାରିଲା ନାହିଁ । ପୂର୍ଣ୍ଣିମାରେ ନହେଲା ନାହିଁ ଜୁନ୍ ୨୧ ତାରିଖ ଉଭା ଅମାବାସ୍ୟାରେ 'ଜହ୍ନର ଠିକଣା' ଖୋଜିବା ନିଶ୍ଚୟ ଅର୍ଥପୂର୍ଣ୍ଣ ମନେ ହେବ । ତା' ପୂର୍ବରୁ ଆପଣଙ୍କ ଠାରୁ ଚିଠି ଖଣ୍ଡିଏ ପାଇବି ବୋଲି ଆଶା ରଖୁଛି ।

ଅପାଙ୍କୁ ଆମର ସାଦର ପ୍ରଣାମ ଜଣାଇ ଦେବେ । ଦିବ୍ୟ ଜନନୀଙ୍କର କରୁଣା ଆପଣମାନଙ୍କୁ ଆନନ୍ଦ ଏବଂ ନିରାମୟତା ମଧ୍ୟରେ ସର୍ବଦା ରଖିଥାଉ । ଆପଣଙ୍କର ସ୍ନେହଧନ୍ୟା ପ୍ରବୀଣା ତା ୫.୬.୨୦୦୧ରିଖ

ଖୁବ୍ ଶୀଘ୍ର ମୋ ଚିଠିର ଉତ୍ତର ପାଇଗଲି । ଶ୍ରୀଯୁକ୍ତ ମନୋଜ ଦାସ ଲେଖିଥିଲେ :


*୧୦ ଜୁନ୍, ୨୦୦୧*

*କଲ୍ୟାଣୀୟାସୁ,*

*ନମସ୍କାର- ଆପଣଙ୍କୁ ଏବଂ ସୁରେନ୍ଦ୍ର ବାବୁଙ୍କୁ । 'ଜହ୍ନର ଠିକଣା' ପାଇଲି । ଉତ୍ସର୍ଗ ପାଇଁ ଧନ୍ୟବାଦ ଦେବା ପରିବର୍ତ୍ତେ ଆନ୍ତରିକ କଲ୍ୟାଣ କାମନା କରୁଛି । ବହିର ପ୍ରଥମ ଗଳ୍ପ ପଢ଼ି ସାରିଛି । ମିତାଲି ଏକ ଚମତ୍କାର ଚରିତ୍ର- ସ୍ମୃତିରେ ସ୍ୱାକ୍ଷର ରଖିଗଲା ଭଳି । ଅନ୍ୟସବୁ ଗଳ୍ପ ପରେ ପଢ଼ିବି । ଲେଖନୀ ଆହୁରି ରସସିକ୍ତ ହେଉ- ଏହି ପ୍ରାର୍ଥନା ଜଣାଉଛି ଦିବ୍ୟଜନନୀଙ୍କ ପାଦପଦ୍ମରେ । ଶୁଭେଚ୍ଛା ଗ୍ରହଣ କରନ୍ତୁ । ଇତି ।*

*ମନୋଜ ଦାସ*

ଗଭୀର କୃତଜ୍ଞତାବୋଧରେ ଭରି ଯାଇଥିଲା ହୃଦୟ । ଏଭଳି କୃତଜ୍ଞ ହେବାର ସୁଯୋଗ ବାରମ୍ବାର ମିଳିଛି ମୋର ପୂଜ୍ୟ ଗୁରୁଙ୍କର ଆମ ପରିବାର ପ୍ରତି ରହିଥିବା ଅନାବିଳ ଶ୍ରଦ୍ଧା ଓ ଭଲ ପାଇବା ଯୋଗୁଁ । କେବେ ଆମ ଘରକୁ ଆସିବେ ବୋଲି କହିଥିବାରୁ ନିଜେ ନିଜେ ଘର ଖୋଜି ପହଞ୍ଚି ଯାଇଛନ୍ତି ଆମକୁ ବିସ୍ମିତ କରି । ହସି ହସି କହିଛନ୍ତି, "ତୁମେ ତ ଖୁବ୍ ପ୍ରସିଦ୍ଧ ଲୋକ ଏଠି ! ତୁମ ଘର କୋଉଠି ପଚାରିବା ମାତ୍ରେ ସମସ୍ତେ କହି ଦେଉଛନ୍ତି ।" ହେ ଭଗବାନ- କିଏ କହୁଛନ୍ତି ଏକଥା ! ସ୍କୁଲ୍ ପାଖାପାଖି ରହୁଥିବା ଶିକ୍ଷକଟିକୁ ଆମ ପାଖର ଲୋକମାନେ ଜାଣିବାରେ କୋଉ ନୂଆ କଥା ଅଛି ଭଲା ! ବିଶ୍ୱବିଖ୍ୟାତ ମଣିଷ ସେ- କେତେ ସହଜ, ସରଳ, ଅହଙ୍କାର ବର୍ଜିତ । କେତେ ବିନମ୍ରତା ତାଙ୍କର ଆଚରଣ ଆଉ ଉଚ୍ଚାରଣରେ । ଖୁବ୍ ଆନନ୍ଦର ସହିତ ମୋ ହାତରନ୍ଧା କ୍ଷୀରିପୀଠା ଖାଇଛନ୍ତି । ପ୍ରଶଂସା କରି କହିଛନ୍ତି, "ଯାହା ଯେମିତି, ଯେତିକି ହେବା କଥା ସବୁ ଏକଦମ୍ ପରଫେକ୍ଟ ।" ମୋ ପରିବାର ସହିତ ମିଶିବା ପରେ କହିଛନ୍ତି ସୁନାଝିଅ ପ୍ରବୀଣା, ବହୁତ ଭଲଝିଅ, ଭଲମାଆ ଆଉ ଯଥାର୍ଥ ସହଧର୍ମିଣୀ ।" ମୋ ସ୍ୱାମୀ ସୁରେନ୍ଦ୍ରଙ୍କୁ ସେ ଖୁବ୍ ଶ୍ରଦ୍ଧା କରନ୍ତି । ସବୁବେଳେ ଆମ ଦୁହିଁଙ୍କୁ ଏକାଠି ଦେଖିଲେ ଖୁସି ହୁଅନ୍ତି । ଦୁହିଁଙ୍କ ଭିତରୁ ଜଣଙ୍କୁ ଦେଖିଲେ ସାଙ୍ଗେ ସାଙ୍ଗେ ପଚାରନ୍ତି, ଅନ୍ୟ ଜଣକ କୁଆଡ଼େ ଗଲେ ? ତିନି ଦଶନ୍ଧିର ପରିଚୟ ଏବଂ ସମ୍ପର୍କ ମଧ୍ୟରେ ତାଙ୍କ ଠାରୁ ଯେଉଁ ସ୍ନେହ, ଶ୍ରଦ୍ଧା ତଥା ଆଶୀର୍ବାଦ ମିଳିଛି ତାହା ଆମକୁ ଆଜୀବନ ଧନ୍ୟ କରି ଦେଇଛି । ସ୍ମୃତିର ଗନ୍ତାଘରେ ସାଇତା ହୋଇ ରହିଛି ଅମୂଲ୍ୟ ମୁହୂର୍ତ୍ତସବୁ । ସତରେ କି ସୌଭାଗ୍ୟ ଆମର ! ମନୋଜ ଦାସ ଆମକୁ ଚିହ୍ନନ୍ତି !


ଅନୁଶୀଳନ
ପିଠାର ପସରା

# ନାନା ପର୍ବ ନାନା ପିଠା



**ଡକ୍ଟର ଜୟନ୍ତ କୁମାର ଦାସ**

ସହାୟକ ପ୍ରଫେସର, ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
ମୋ : ୯୫୫୬୫୯୭୭୭୩

ଫଟୋ ସୌଜନ୍ୟ : ଲେଖକ

ଓଡିଶାର ସଭ୍ୟତା, ସଂସ୍କୃତି ଓ ସମାଜଜୀବନ ସହିତ ଓଷାବ୍ରତ ଓ ପର୍ବପର୍ବାଣି ଓତପ୍ରୋତ ଭାବେ ଜଡିତ । କଥାରେ ଅଛି, ବାରମାସରେ ତେରପର୍ବ । ଅର୍ଥାତ୍ ଓଡ଼ିଶାର ଅଧିବାସୀମାନେ ପ୍ରତ୍ୟେକ ମାସରେ ଏକାଧିକ ପର୍ବପର୍ବାଣି ପାଳନ କରିଥାନ୍ତି । ଏହାଦ୍ୱାରା ମଣିଷର ସାମାଜିକ ଜୀବନରେ ଆଧ୍ୟାତ୍ମିକ ଭାବନା ସୃଷ୍ଟିହୁଏ । ଏହି ଆଧ୍ୟାତ୍ମିକ ଭାବନା ଦ୍ୱାରା ଧର୍ମ, ସଂସ୍କୃତି ଓ ଈଶ୍ୱର ବିଶ୍ୱାସ ପ୍ରତି ଲୋକମାନଙ୍କର ଆକର୍ଷଣ ବୃଦ୍ଧିପାଏ । ବିଭିନ୍ନ ପ୍ରକାର ଓଷା, ବ୍ରତ ଓ ପର୍ବପର୍ବାଣି ପାଳନ ପଛରେ ଓଡ଼ିଶାବାସୀଂକ ଧାର୍ମିକ ଜୀବନଚର୍ଯ୍ୟା ପ୍ରତିଫଳିତ । ଭକ୍ତି ହେଉ ବା ଭୟ ପ୍ରତ୍ୟେକ ଓଡ଼ିଆ ନିଜ ନିଜର ଆରାଧ୍ୟ ଦେବାଦେବୀଙ୍କୁ ସନ୍ତୁଷ୍ଟ କରିବାରେ ସର୍ବଦା ଚେଷ୍ଟିତ । ବ୍ୟକ୍ତିଗତ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ଦେବାଦେବୀଙ୍କ ପାଖରେ ମାନସିକ ରଖେ । ଏହି ମାନସିକକୁ ବାସ୍ତବାୟିତ କରିବା ପାଇଁ ଭିନ୍ନ ଭିନ୍ନ ପ୍ରକାର ପୂଜାବିଧିକୁ ଆପଣେଇନିଏ । ଯଥା- ପୂଜା କରିବାର ଶୈଳୀ, ପୂଜା ଅନୁସାରେ ଭୋଗର ପ୍ରକାରଭେଦ, ପୂଜାସ୍ଥାନ ସଜ୍ଜୀକରଣ ବିଧି, ଉପବାସ ରହିବାର ନିୟମ, କେଉଁ ପ୍ରକାର ଖାଦ୍ୟ ଖାଇହେବ ଇତ୍ୟାଦି ବିଭିନ୍ନ ନିୟମ ଏହି ପର୍ବପର୍ବାଣି ପାଳନ ଅବସରରେ ଗ୍ରହଣ କରିଥାଏ । ଭଗବାନଙ୍କ ଠାରେ ନିଜକୁ ପୂର୍ଣମାତ୍ରାରେ ସମର୍ପଣ କରି ଫଳପ୍ରାପ୍ତିର ଆଶାରେ ମାନସିକ ଶାନ୍ତି ଲାଭକରେ । ସବୁଠାରୁ ଗୁରୁତ୍ୱପୂର୍ଣ ହେଲା, ସାଧାରଣ ମଣିଷ ନିଜର ଭିନ୍ନ ଭିନ୍ନ ଉଦ୍ଦେଶ୍ୟ ସାଧନ ପାଇଁ ଭିନ୍ନ ଭିନ୍ନ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରେ । ସେଥିପାଇଁ ଅନ୍ୟାନ୍ୟ ଧର୍ମାବଲମ୍ବୀମାନେ ଜଣେ ଦେବତାଙ୍କୁ ପୂଜା ବା ବିଶ୍ୱାସ କରୁଥିବା ବେଳେ ହିନ୍ଦୁମାନେ ତେତ୍ରିଶ କୋଟି ଦେବତାଙ୍କୁ ବିଭିନ୍ନ ପ୍ରକାର ପୂଜା କରିଥାନ୍ତି । ସେମାନଙ୍କ ପାଖରେ ନିଜର ଦୁଃଖ ପ୍ରକାଶ କରିବା ସହିତ ନିଜ ଅନ୍ତରର ନୈବେଦ୍ୟ ଅଜାଡ଼ି ଦେଇଥାନ୍ତି ।

ମଣିଷ ସଭ୍ୟ ଓ ସଂସ୍କୃତି ସମ୍ପନ୍ନ ହେବା ପୂର୍ବରୁ ବଣ ଜଙ୍ଗଲରେ ଏଣେତେଣେ ଘୁରିବୁଲୁଥିଲା । ଭୋକ ଲାଗିଲେ ପଶୁପକ୍ଷୀଙ୍କୁ ମାରି ଖାଉଥିଲା, ଶୋଷ ଲାଗିଲେ ଝରଣା ବା ନଦୀ ଜଳ ପିଉଥିଲା, ଶୀତ ଓ ବର୍ଷାରୁ ରକ୍ଷା ପାଇଁ ଗୁାର ଆଶ୍ରୟ ନେଉଥିଲା । ସୂର୍ଯ୍ୟଙ୍କ ଦାଉରୁ, ବର୍ଷା-ବିଜୁଳି-ଘଡଘଡି ପ୍ରକୋପରୁ ଓ ପ୍ରଚଣ୍ଡ ଅଗ୍ନିର ଭୟଙ୍କରିତାରୁ ରକ୍ଷାପାଇବା ପାଇଁ ସେ ଏମାନଙ୍କ ସରଣାପନ୍ନ ହେଲା । ପ୍ରକୃତିର ଏହି ବିଭତ୍ସ ଓ ଭୟାବହ ରୂପ ଦେଖି ସେ ନିଜକୁ ଅସହାୟ ଅନୁଭବ କଲା ଏବଂ ଏହି ଶକ୍ତିର ଆଧାରମାନଙ୍କୁ ଭୟକରି ଭକ୍ତି କରିବାକୁ ଆରମ୍ଭ କଲା । ଧୀରେଧୀରେ ମଣିଷ ଗୋଷ୍ଠୀରେ ଜୀବନ ବଞ୍ଚିବାକୁ ଲାଗିଲା । ନିଜ ସହ ନିଜ ପରିବାର ଓ ଆତ୍ମୀୟମାନଂକର ସୁଖ, ଶାନ୍ତି ପାଇଁ ଦେବାଦେବୀଙ୍କୁ ପୂଜାର୍ଚ୍ଚନା ଓ ଯାଗଯଜ୍ଞର ଆୟୋଜନ କଲା । ମନୁଷ୍ୟ ଯେତେ ସଭ୍ୟ ଓ ମାର୍ଜିତ ହେଲା ମନସ୍କାମନା ପୂରଣ ପାଇଁ କରୁଥିବା ଓଷାବ୍ରତ ଓ ପର୍ବପର୍ବାଣିର ନିୟମାବଳୀ ମଧ୍ୟ ପରିମାର୍ଜିତ ହେଲା । ଏହି ନିୟମ ମଧ୍ୟରେ ରହିଲା, ତାର ଆଚରଣ, ଖାଦ୍ୟପେୟ, ପୋଷାକ ଓ ପରିବେଶ । ତଥାପି ନିଷ୍ଠା ପାଇଁ ହେଉ ବା ସାମାଜିକ ଦାୟବଦ୍ଧତା ପାଇଁ, ଯେଉଁମାନେ ଓଷାବ୍ରତ ପାଳନ କରୁଛନ୍ତି ସେମାନେ ସେହି ନିର୍ଦ୍ଦିଷ୍ଟ ଓଷାବ୍ରତର ବିଧି ପାଳନ କରିବାକୁ ଯଥାସାଧ୍ୟ ଚେଷ୍ଟା କରିଥାନ୍ତି ।

ଓଷା-ବ୍ରତ ଓ ପର୍ବପର୍ବାଣି ଅବସରରେ ପାଳନ ବିଧି ଓ ଆଚାର-ଆଚରଣ ପରି ଭୋଗ ବା ପ୍ରସାଦ ଓ ଖାଦ୍ୟପେୟର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସାଧାରଣତଃ ଯେକୌଣସି ପୂଜା ହେଉ ବା ପର୍ବପର୍ବାଣି, ଯାହା ପ୍ରସାଦ ହୋଇଥାଏ ତାହା ହିଁ ସେହି ଦିନର ଖାଦ୍ୟ ଭାବରେ ସମସ୍ତେ ଗ୍ରହଣ କରିଥାନ୍ତି । କୃଷିପ୍ରଧାନ ରାଜ୍ୟ ଓଡିଶା ହୋଇଥିବାରୁ ଅଧିକାଂଶ ପର୍ବରେ ପିଠାକୁ ଖାଦ୍ୟ ଓ ଭୋଗ ଭାବରେ ବ୍ୟବହାର କରାଯାଇଥାଏ । କାରଣ ପିଠା ଚାଉଳରୁ ପ୍ରସ୍ତୁତ କରାଯାଏ ଏବଂ ଓଡିଶାର ଘରେଘରେ ଚାଉଳ (ଧାନ) ଉତ୍ପାଦିତ ହୋଇଥାଏ । ତେଣୁ ଏହା ବେଶୀ ଲୋକାଦୃତ ହୋଇପାରିଛି । ଗୋଟିଏ ନିର୍ଦ୍ଦିଷ୍ଟ ପର୍ବପର୍ବାଣି ଓ ଓଷାର୍ବତ ପାଳନ ସମୟରେ ଗୋଟିଏ ନିର୍ଦ୍ଦିଷ୍ଟ ପିଠା ର୍ପସ୍ତୁତିର ପରମ୍ପରା ରହିଛି । ପିଠା ସହିତ କେଉଁ କେଉଁ ପର୍ବପର୍ବାଣି ସଂପୃକ୍ତ ତାହା ନିମ୍ନରେ ଆଲୋଚନା କରାଗଲା ।

**ରଜପର୍ବ ଓ ପୋଡ଼ାପିଠା :** ରଜପର୍ବ ଓଡିଶାର ବଡପର୍ବ । ଏହା ଓଡିଶାର ଜାତୀୟ ପର୍ବ ଭାବରେ ପରିଚିତ । ଜ୍ୟୈଷ୍ଠ ମାସ ଓ ଆଷାଢ ମାସ ସଂକ୍ରାନ୍ତିରେ ଏହି ପର୍ବ ପାଳିତ ହୋଇଥାଏ । ପହିଲି ରଜ, ରଜ ସଂକ୍ରାନ୍ତି, ଶେଷ ରଜ ଓ ଭୂଇଁ ଶୀତଳା ଏହିପରି ଚାରିଦିନ ଓଡିଶାର ଆବାଳ-ବୃଦ୍ଧ-ବନିତା ରଜପର୍ବକୁ ବଡ ଧୂମ୍‌ଧାମ୍‌ରେ ପାଳନ କରିଥାନ୍ତି । ରଜପର୍ବ ପୂର୍ବଦିନକୁ ହାଣ୍ଡିଧୁଆ ବା ସଜବାଜ ବୋଲି କୁହାଯାଏ । ଏହି ଦିନ ରଜପର୍ବ ପାଇଁ ପ୍ରସ୍ତୁତି କରାଯାଏ । ଏହି ପର୍ବର ମୁଖ୍ୟ ଆକର୍ଷଣ ପୋଡାପିଠା । ହାଣ୍ଡିଧୁଆ ଦିନ ରାତିରେ ମହିଳାମାନେ ଚାଉଳ, ଗୁଡ, ନଡିଆ ଇତ୍ୟାଦିର ମିଶ୍ରଣକୁ କଦଳୀ ପତ୍ରରେ ମୋଡି, ତାହାକୁ ଚୁଲିରେ ପୋଡି ଏହି ପିଠା ପ୍ରସ୍ତୁତ କରିଥାନ୍ତି । ତେଣୁ ଏହାର ନାମ ପୋଡାପିଠା । ପହିଲି ରଜ ଦିନ ସକାଳୁ ଉଠି ସମସ୍ତେ ଗାଧୁଆ-ପାଧୁଆ କରିବା ପରେ ନୂଆ ଲୁଗା ପିନ୍ଧିଥାନ୍ତି । ତାପରେ ପିଠାକୁ କାଟି ପ୍ରଥମେ ପୂର୍ବ ପୁରୁଷଙ୍କ ଉଦ୍ଦେଶ୍ୟରେ

▼ପୋଡ଼ପିଠା





▲ ପ୍ରଥମାଷ୍ଟମୀ ଓ ହଳଦୀପତ୍ର ପିଠା

ଦିଆଯାଇଥାଏ ଏବଂ ପରେ ସମସ୍ତେ ମହାଆନନ୍ଦରେ ପିଠାଖାଇ ଖୁସି ମନେଇଥାନ୍ତି । ଏହିଦିନ ସମସ୍ତଙ୍କ ଘରକୁ ଅତିଥିମାନେ ଆସିଥାନ୍ତି । ବିଶେଷକରି ବିବାହିତ ଭଉଣୀମାନଙ୍କ ଘରକୁ ଭାଇମାନେ ପୋଡାପିଠା, ଆମ୍ବ, ପଣସ ନେଇ ଯାଇଥାନ୍ତି । ଏହିଦିନ ଛୋଟପିଲା ଓ ମହିଳାମାନେ ଦୋଳି, ଲୁଡୁ ଖେଳିଥାନ୍ତି ଏବଂ ପୁରୁଷମାନେ ତାସ୍, ବାଗୁଡି ଓ କବାଡି ଖେଳିଥାନ୍ତି । ଭୂଇଁ ଶୀତଳା ଦିନ ମାଟିରେ ପାଣି ଢାଳି ଧରଣୀମାତାକୁ ଥଣ୍ଡା ବା ଶୀତଳ କରାଯାଇଥାଏ ।

**ପ୍ରଥମାଷ୍ଟମୀ ଓ ହଳଦୀପତ୍ର ପିଠା/ଏଣ୍ଡୁରି ପିଠା :** ପ୍ରଥମାଷ୍ଟମୀ ପ୍ରତ୍ୟେକ ପରିବାରର ସବୁଠାରୁ ବଡ ପୁଅ ବା ଝିଅମାନଙ୍କ ପାଇଁ ଖୁସିର ପର୍ବ । କାରଣ ପ୍ରଥମାଷ୍ଟମୀରେ ପରିବାରର ବଡ ପୁଅ ବା ଝିଅ ପାଇଁ ତା ମାମୁଁ ଘରୁ ନୂଆ ପୋଷାକ ଆସିଥାଏ । ତେଣୁ ପିଲାମାନଙ୍କ ପାଇଁ ଏହି ପର୍ବ ଆନନ୍ଦଦାୟକ ହୋଇଥାଏ । ଏହି ପର୍ବର ମୁଖ୍ୟ ଆକର୍ଷଣ ହଳଦୀପତ୍ର ପିଠା । ହଳଦୀପତ୍ର ପିଠାକୁ ଏଣ୍ଡୁରିପିଠା ମଧ୍ୟ କୁହାଯାଇଥାଏ । ପିଠା ଭିତରେ ପୁର ଦେଇ ତାକୁ ହଳଦୀପତ୍ରରେ ମୋଡି ପ୍ରସ୍ତୁତ କରାଯାଉଥିବାରୁ ଏହାକୁ ହଳଦୀପତ୍ର ପିଠା କୁହାଯାଏ । ପିଠା ପ୍ରସ୍ତୁତ ହୋଇସାରିବା ପରେ ସେଥିରୁ ବାହାରୁଥିବା ହଳଦୀପତ୍ରର ବାସ୍ନା ସମସ୍ତଙ୍କୁ ଆକର୍ଷିତ କରିଥାଏ । ମାମୁଁଘରୁ ବିଶେଷକରି ମାମୁଁ ଏହିଦିନ ନିଜ ବଡ ଭଣଜା ବା ଭାଣିଜୀ ପାଇଁ ନୂଆ ପୋଷାକ ନେଇ ସେମାନଂକ ଘରକୁ ଯାଇଥାଏ ।

**ମାର୍ଗଶୀର ମାସ ଗୁରୁବାର ଓ ଚକୁଳି ପିଠା-ମଣ୍ଡାପିଠା :** ମାର୍ଗଶୀର ମାସକୁ ଓଡିଶାରେ ସବୁଠାରୁ ପବିତ୍ର ମାସ ବୋଲି କୁହାଯାଏ । କାରଣ ଏହି ମାସରେ ମା ଲକ୍ଷ୍ମୀଙ୍କୁ ଆବାହନ କରାଯାଏ । ଲୋକବିଶ୍ୱାସ ଅନୁସାରେ ଏହି ମାସରେ ମା ଲକ୍ଷ୍ମୀ ଓଡିଶାର ଘରେଘରେ ପ୍ରବେଶ କରିଥାନ୍ତି । ତେଣୁ ପୁରପଲ୍ଲୀଠାରୁ ସହର ପର୍ଯ୍ୟନ୍ତ ସମସ୍ତେ ନିଜ ନିଜ ଘରକୁ ପରିଷ୍କାର ପରିଚ୍ଛନ୍ନ କରିବା ସହିତ ନିଜକୁ ଶୁଦ୍ଧ ରଖିବାକୁ ଚେଷ୍ଟା କରିଥାନ୍ତି । ମା ଲକ୍ଷ୍ମୀ ଶୁଦ୍ଧତାର ପ୍ରତୀକ । ମହିଳାମାନେ ମାର୍ଗଶୀର ମାସ ପ୍ରତ୍ୟେକ ଗୁରୁବାର ସକାଳୁ ଉଠି ଘରକୁ ଶୁଦ୍ଧକରି, ଝୋଟି ପକାଇ, ଧଳା ଶାଢୀ ପିନ୍ଧି, ମାଣ ବସାଇ ମା ଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରିଥାନ୍ତି । ଏଠାରେ ମାଣ ବା ସେରକୁ ମା ଲକ୍ଷ୍ମୀଙ୍କ ପ୍ରତୀକ ଭାବରେ ପୂଜା କରାଯାଇଥାଏ । ତେଣୁ ଏହାର ଅନ୍ୟନାମ ମାଣବସା ମଧ୍ୟ କୁହାଯାଏ ।

ଗୁରୁବାର ମାଣବସାରେ ବିଭିନ୍ନ ଫଳଭୋଗ କରାଯାଇଥାଏ ତା ସତ୍ତ୍ୱେ ଚକୁଳି ପିଠା ହିଁ ଏହି ପୂଜାର ମୁଖ୍ୟ ଆକର୍ଷଣ । ମହିଳାମାନେ ସାଧାରଣତଃ ଚକୁଳି ପିଠା ଖାଇଥାନ୍ତି । ମାତ୍ର ମାର୍ଗଶୀର ମାସ ଶେଷ ଅର୍ଥାତ୍ ଚତୁର୍ଥ ଗୁରୁବାର; ଯେଉଁଦିନ ମାଣବସାର ଶେଷହୁଏ, ସେଦିନ ମଣ୍ଡାପିଠା ଭୋଗ ଲଗାଇ ମାଣବସାର ପରିସମାପ୍ତି କରାଯାଇଥାଏ । ପ୍ରଥମ ତିନିପାଳି ଚକୁଳି ପିଠା ଓ ଶେଷ ପାଳିରେ ମଣ୍ଡାପିଠା ଭୋଗ ଲଗାଇବା ହେଉଛି ଏହି ପୂଜାର ବିଧି । ଓଡିଆ ମହିଳାମାନେ ଏହି ବିଧିକୁ ଯଥାସଂଭବ ପାଳନ କରିବାକୁ ଚେଷ୍ଟା କରିଥାନ୍ତି । ତେଣୁ ଗୁରୁବାର ମାଣବସା କଥା ଆସିଲେ ହିଁ ଚକୁଳି ପିଠା କଥା ସମସ୍ତେ କହିଥାନ୍ତି, ମାତ୍ର ମଣ୍ଡାପିଠାରେ ହିଁ ମାଣବସାର ପରିସମାପ୍ତି ହୋଇଥାଏ ।

▼ ଚକୁଳି ପିଠା



▼ ମଣ୍ଡାପିଠା



**କୁମାରପୂର୍ଣ୍ଣିମା ଓ ମଣ୍ଡାପିଠା :** କୁମାରପୂର୍ଣ୍ଣିମା ନାମକରଣ ହେଲେ ହେଁ ଏହା ଝିଅମାନଂକ ପାଇଁ ଉଦ୍ଦିଷ୍ଟ । ଝିଅମାନଙ୍କ ପାଇଁ ଏହା ଏକ ଆନନ୍ଦର ପର୍ବ । ଲକ୍ଷ୍ମୀପୂଜାରେ ହିଁ କୁମାରପୂର୍ଣ୍ଣିମା ହୋଇଥାଏ । ଏହିଦିନ ଜଗତଜନନୀ ମା ଲକ୍ଷ୍ମୀଙ୍କର ଆରାଧନା କରାଯାଇଥାଏ । ଓଡିଶାର ନରନାରୀ ଭକ୍ତିଭାବରେ ଏହି ପୂଜା କରିଥାନ୍ତି । ମାତ୍ର ଝିଅମାନେ ବେଶୀ ପରିମାଣରେ ଏଥିରେ ଅଂଶଗ୍ରହଣ କରିଥାନ୍ତି । ପ୍ରତ୍ୟେକ ଘରର ଝିଅମାନେ ନୂତନ ବସ୍ତ୍ର ପରିଧାନ କରିଥାନ୍ତି । କୁମାରୀମାନେ ଜହ୍ନିଫୁଲରେ କୋଠି ତିଆରି କରି ଚଉରା ମୂଳରେ ପୂଜାର୍ଚ୍ଚନା କରିଥାନ୍ତ । ଆକାଶରେ ଚନ୍ଦ୍ର ଆସିବା ପୂର୍ବରୁ ସେମାନେ ପ୍ରସ୍ତୁତ ହୋଇଥାନ୍ତି । ଚନ୍ଦ୍ରକୁ ଦେଖିବା ମାତ୍ରେ ପୂଜାର୍ଚ୍ଚନା ଓ ବନ୍ଦାପନା ଆରଂଭ ହୋଇଥାଏ । ମା



▲ (କାଳୀପୂଜା) ମଣ୍ଡାପିଠା

ଏବଂ ଅନ୍ୟାନ୍ୟ ସଧବା ମହିଳାମାନେ ଏହି ବନ୍ଦାପନା କାର୍ଯ୍ୟ କରିଥାନ୍ତି । ଏହି ସମୟରେ ମଣ୍ଡାପିଠା ଭୋଗ କରାଯାଇଥାଏ । ଅନ୍ୟାନ୍ୟ ଫଳମୂଳ ମଧ୍ୟ ଭୋଗ ଭାବରେ ବ୍ୟବହାର କରାଯାଇଥାଏ ମାତ୍ର; ମଣ୍ଡାପିଠା ଏହି ପୂଜାର ମୁଖ୍ୟ ଆକର୍ଷଣୀୟ ଭୋଗ ଏବଂ ଖାଦ୍ୟ । ଗାଁର ପିଲାମାନେ ପରସ୍ପର ଭୋଗ ଆଦାନ ପ୍ରଦାନ କରିଥାନ୍ତି ଆନନ୍ଦର ସହ ଏହି ପର୍ବକୁ ପାଳନ କରିଥାନ୍ତି ।

**ଚିତାଲାଗି ଅମାବାସ୍ୟା ଓ ଚିତୋଉ ପିଠା :** ଏହି ଅମାବାସ୍ୟାରେ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ନିକଟରେ ଚିତୋଉ ପିଠା ଲାଗି କରାଯାଇଥାଏ ବୋଲି ଏହାକୁ ଚିତାଲାଗି ଅମାବାସ୍ୟା କୁହାଯାଇଥାଏ । ଜଗନ୍ନାଥଙ୍କୁ କେନ୍ଦ୍ରକରି ଓଡିଶାର ପର୍ବପର୍ବାଣିଗୁଡିକ ପାଳନ କରାଯାଉଥିବାରୁ ଗାଁ ଗହଳୀରେ ମଧ୍ୟ

▼ଚିତୋଉ ପିଠା



ଏହା ପାଳନ କରାଯାଇଥାଏ । ଶ୍ରାବଣ ମାସରେ ହିଁ ଏହି ଅମାବାସ୍ୟା ପାଳନ କରାଯାଇଥାଏ । ଅଧିକାଂଶ ସ୍ଥାନରେ ତାଳରେ ମଧ୍ୟ ପିଠା ତିଆରି କରାଯାଇଥାଏ । ପାଚିଥିବା ତାଳ ଯେହେତୁ ଏହି ସମୟରେ ହିଁ ମିଳେ, ସେଥିପାଇଁ ଅଧିକାଂଶ ଲୋକ ତାଳରେ ପିଠା ପ୍ରସ୍ତୁତ କରିଥାନ୍ତି । କୃଷି ପ୍ରଧାନ ରାଜ୍ୟ ଓଡିଶାର ଭଲ ଧାନ ଚାଷ ପାଇଁ କ୍ଷେତକୁ ଚିତୋଉ ପିଠା ନେଇ ପୂଜା କରିଥାନ୍ତି । ଏଥିରେ ଗେଣ୍ଡା ପୂଜାର ମହତ୍ୱ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଚାଷୀଘରର ଝିଅ ବୋହୂମାନେ ଚିତୋଉ ପିଠାକୁ ପାଣିରେ ପକାଇ ନିଜ ବାପା ଭାଇଙ୍କ ଗୋଡ ନକାଟିବାକୁ ଗୀତ ମାଧ୍ୟମରେ ଗେଣ୍ଡାକୁ ଅନୁରୋଧ କରନ୍ତି । ଯଥା- ଗେଣ୍ଡେଇଶୁଣୀ ଲୋ ଗେଣ୍ଡେଇଶୁଣୀ, ମୋ ବାପା ଭାଇଙ୍କ ଗୋଡ କାଟିବୁ ନାହିଁ । ଚାଷ ପରିପ୍ରେକ୍ଷୀରେ ଏହି ଅମାବାସ୍ୟାର ଗୁରୁତ୍ୱ ଅଧିକ ।

**ରାକ୍ଷୀ ପୂର୍ଣ୍ଣିମା (ଗହ୍ମା ପୂର୍ଣ୍ଣିମା) ଓ ଚକୁଳି ପିଠା :** ଭଉଣୀମାନେ ଭାଇ ହାତରେ ରାକ୍ଷୀ ବାନ୍ଧିବାର ପରଂପରା ହେଉଛି ରାକ୍ଷୀ ପୂର୍ଣ୍ଣିମା । ଏହାର ଉଦ୍ଦେଶ୍ୟ ଭଉଣୀର ସମସ୍ତ ଅସୁବିଧାରେ ଭାଇ ତାକୁ ରକ୍ଷା କରିବ । ଏହା ଭାଇ ଭଉଣୀ ମଧ୍ୟରେ ଏକ ବନ୍ଧନ ଓ ମମତାର ଡୋର । ଏହା ମଧ୍ୟ ଗହ୍ମା ପୂର୍ଣ୍ଣିମା ନାମରେ ପରିଚିତ । ଗୋ ପୂର୍ଣ୍ଣିମାର ଅପଭ୍ରଂଶ ନାମ ହେଉଛି ଗହ୍ମା ପୂର୍ଣ୍ଣିମା । ସେଦିନ ମଧ୍ୟ ଗାଇ ଓ ବଳଦମାନଂକୁ ପୂଜା କରାଯାଏ । ଏହିଦିନ ଭଗବାନ ବଳରାମଙ୍କର ମଧ୍ୟ ଜନ୍ମଦିନ । ଏହି ଦିନ ଓଡିଶାର ଘରେଘରେ ଆନନ୍ଦ ଉତ୍ସାହ ପରିଲକ୍ଷିତ ହୋଇଥାଏ । ଭଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧିବା ସହିତ ଭାଇଠାରୁ କିଛି ଉପହାର ମାଧ୍ୟ ପାଇଥାଏ । ରାକ୍ଷୀ ପୂର୍ଣ୍ଣିମା ଅବସରରେ ପ୍ରତ୍ୟେକ ଘରେ ଚକୁଳି ପିଠା କରାଯାଇଥାଏ । ବିଶେଷକରି ସରୁ ଚକୁଳି ପିଠା ଏହି ପୂର୍ଣ୍ଣିମାର ମୁଖ୍ୟ ଆକର୍ଷଣ ।



ଚକୁଳି ପିଠା

**ଦୀପାବଳୀ ଓ କାଳୀପୂଜା ଓ ମଣ୍ଡାପିଠା :** ଦୀପାବଳୀ ଓ କାଳୀପୂଜା ଦେଶର ସବୁଠାରେ ପାଳିତ ହୋଇଥାଏ । ମା କାଳୀଙ୍କ ପୂଜା ଆରାଧନା ଖୁବ୍ ନିଷ୍ଠାର ସହିତ ଲୋକମାନେ କରିଥାନ୍ତି । କାରଣ ମା କାଳୀ ଖୁବ୍ ଉଗ୍ର ଓ ଭୟଂକର ବୋଲି ଲୋକବିଶ୍ୱାସ ରହିଛି । ତେଣୁ ତାଂକ ପୂଜାରେ ବିଧି ବିଧାନ ନିଷ୍ଠାର ସହ ପାଳନ କରାଯାଇଥାଏ । ଦୀପାବଳୀ ଦିନ ପ୍ରଦୀପ ପ୍ରଜ୍ୱୋଳନ କରିବା ସହିତ ବିଭିନ୍ନ ପ୍ରକାର ବାଣ ଫୁଟାଯାଇଥାଏ । ଏହିଦିନ ଆମର ପୂର୍ବ ପୁରୁଷଙ୍କ ଉଦ୍ଦେଶ୍ୟରେ ନୈବେଦ୍ୟ ଅର୍ପଣ କରାଯାଇଥାଏ । ବିଭିନ୍ନ ପ୍ରକାର ମିଠା ସହିତ ମଣ୍ଡା ପିଠା ବାଢିବାର ପରଂପରା ରହିଛି । ମଣ୍ଡାପିଠା ଓ ମିଠାର ଭୋଗକୁ ପଡୋଶୀଙ୍କୁ ଦିଆନିଆର ପ୍ରଥା ମଧ୍ୟ ରାହିଛି । ଲୋକମାନେ ଖୁବ୍ ଧୁମ୍ଧାମ୍ରେ ଏହି ପର୍ବ ପାଳିଥାନ୍ତି ।

**ମକର ସଂକ୍ରାନ୍ତି ଓ ପୋଡାପିଠା :** ମାଘ ମାସର ପ୍ରଥମ ଦିନ ହେଉଛି ମକର ସଂକ୍ରାନ୍ତି । ଏହା ହିନ୍ଦୁମାନଂକ ପାଇଁ ସ୍ମରଣୀୟ ଓ ପବିତ୍ର ଦିନ । ମକର ସଂକ୍ରାନ୍ତି ଦିନ ଘରଦ୍ୱାର ଲିପାପୋଛା କରି ପବିତ୍ର ମନରେ ମୁରୁଜରେ ଚିତା ପକାଇବା ସହିତ ଘରକୁ ସୁନ୍ଦର କରି ସଜାଯାଇଥାଏ । ଏହି ଦିନଠାରୁ ସୂର୍ଯ୍ୟଙ୍କର ଉତରାୟଣ ହୁଏ ଓ ଦିନ ବଡହୁଏ । ଏହିଦିନ ଆଖୁ, ଖଇ, ଗୁଡ, ଚୁଡା ସହିତ ପୋଡପିଠା ଭୋଗ କରାଯାଇଥାଏ । ସଂକ୍ରାନ୍ତି ଦିନ ବ୍ରାହ୍ମଣମାନେ ମକର ଚାଉଳ ଘରଘର ବୁଲି ବିତରଣ କରିଥାନ୍ତି । ସେମାନଂକୁ କିଛି ପରିମାଣରେ ଅର୍ଥ ଦେବା ସହିତ ସେମାନଂକୁ ପୋଡପିଠା ମଧ୍ୟ ଦିଆଯାଇଥାଏ । ଏହିଦିନ ବନ୍ଧୁବାନ୍ଧବମାନେ ଘରକୁ ଆସିଥାନ୍ତି ଓ ସେମାନଂକୁ ପିଠା ଓ ଅନ୍ୟାନ୍ୟ ଖାଦ୍ୟ ଦ୍ୱାରା ଆପ୍ୟାୟିତ କରାଯାଇଥାଏ । ଏହିପର୍ବ ସମଗ୍ର ଦେଶରେ ପାଳନ କରାଯାଏ ।

**ଦୋଳପୂର୍ଣ୍ଣିମା ଓ ଆରିଶା ପିଠା :** ଦୋଳପୂର୍ଣ୍ଣିମା ଆସିଲେ ସମସ୍ତେ ରୋମାଂଚିତ ହୋଇଥାନ୍ତି । ଏହି ପର୍ବରେ ଗାଁ ଠାରୁ ଆରଂଭ କରି ସହର ବଜାର ସର୍ବତ୍ର

ନୂତନ ଉତ୍ସାହ ଉଦ୍ଦୀପନା ପରିଲକ୍ଷିତ ହୋଇଥାଏ । ଅବିର ଖେଳିବା ସହିତ ରାଧାକୃଷ୍ଣଙ୍କୁ ମଧ୍ୟ ଅବିର ଅର୍ପଣ କରାଯାଇଥାଏ । ମେଳଣ ପଡିଆରେ ବିଭିନ୍ନ ପ୍ରକାର ସଜ୍ଜିତ ମେଢକୁ ନିଆଯାଇଥାଏ ଓ ସେଠାରେ ନାଚ, ଗୀତ, ବାଦ୍ୟ, ନୃତ୍ୟ ପରିବେଷଣ କରାଯାଇଥାଏ, ଯାହା ଅତି ଚିତାକର୍ଷକ ହୋଇଥାଏ । ଏହି ଦିନ ଘରେଘରେ ଆରିଶା ପିଠା ଏବଂ ଘି ପିଠା ପ୍ରସ୍ତୁତ କରାଯାଇଥାଏ । ଏହି ପିଠା ଅତ୍ୟନ୍ତ ସୁସ୍ୱାଦୁ ହୋଇଥାଏ କାରଣ ଏହା ଘିଅରେ ପ୍ରସ୍ତୁତ କରାଯାଇଥାଏ ।

**ଖୁଦୁରୁକୁଣୀ/ଭାଲୁକୁଣୀ ଓଷା ଓ ଖୁଦପିଠା :**ଖୁଦୁରୁକୁଣୀ ଓଷା ସାଧାରଣତଃ ଉପକୂଳବର୍ତ୍ତୀ ଓଡିଶାରେ ପାଳନ କରାଯାଇଥାଏ । ଏହା ପ୍ରାଚୀନ ଉତ୍କଳୀୟ ନୌବାଣିଜ୍ୟ ସହିତ ସଂପର୍କିତ । ଗାଁ ଗାଁରେ ପରିଚିତ ସାଧବଝିଅ ତଅପୋଇ କାହାଣୀ ଆଧାରରେ ଏହା ପାଳନ କରାଯାଇଥାଏ । ଭାଇମାନେ ବାଣିଜ୍ୟ କରିବାକୁ ଗଲାପରେ ଭାଉଜମାନେ ତାକୁ କଷ୍ଟ ଦେଇଛନ୍ତି ଏବଂ ଜଙ୍ଗଲକୁ ଛେଳି ଜଗେଇବାକୁ ପଠାଇଛନ୍ତି । ଜଙ୍ଗଲରେ ଛେଳି ହଜିଯିବାରୁ ସେ ଖୁଦୁରୁକୁଣୀ ଓଷାକରି ତା ଛେଳିକୁ ପାଇଲା ଏବଂ ତା ଭାଇମାନେ ମଧ୍ୟ ସକୁଶଳ ଘରକୁ ବାଣିଜ୍ୟ କାରବାର ସାରି ଫେରିଲେ । ଏହି ଓଷାରେ ଖୁଦ ଭଜା ବା ଖୁଦରେ ତିଆରି ପିଠା ଭୋଗ ଲଗାଯାଇଥାଏ, ତେଣୁ ଖୁଦ ପିଠା ନାମାନୁସାରେ ଏହାର ନାମ ଖୁଦୁରୁକୁଣୀ ଓଷା । ଖୁଦୁରୁକୁଣୀ ଶବ୍ଦ ଖୁଦରଂକୁଣୀ ଶବ୍ଦରୁ ଆସିଛି ।

**ସୁଦଶା ବ୍ରତ ଓ ମଣ୍ଡାପିଠା :** ଦଶା ମାନେ ଭାଗ୍ୟ । ସୁଦଶା ଅର୍ଥାତ୍ ଭଲ ଭାଗ୍ୟ ପାଇଁ ଏହା ପାଳନ କରାଯାଇଥାଏ । ଏହାର ଅରାଧ୍ୟ ଦେବୀ ହେଲେ ମା' ଲକ୍ଷ୍ମୀ । ଏହିଦିନ ମହିଳାମାନେ ଘରକୁ ଲିପା ପୋଛା କରି ପବିତ୍ର କରିଥାନ୍ତି । ଲକ୍ଷ୍ମୀପାଦ ପକାଇବା ସହିତ ମୁରୁଜ ପାକାଇ ସୁନ୍ଦର ଭାବୁ ଘରକୁ ସଜାଯାଇଥାଏ । କାରଣ ମା ଲକ୍ଷ୍ମୀ ପବିତ୍ରତାର ପ୍ରତୀକ । ସୂର୍ଯୋଦୟ ପୂର୍ବରୁ ଏହାର ରୀତିନୀତି ଆରଂଭ କରାଯାଇଥାଏ ଓ ସୂର୍ଯ୍ୟଙ୍କୁ ବନ୍ଦାପନା କରି ମା ଲକ୍ଷ୍ମୀଙ୍କ ବ୍ରତକୁ ହାତରେ ବନ୍ଧାଯାଇଥାଏ । ଏହି ବ୍ରତକଲେ ଧନ, ଜନ, ଗୋପ, ଲକ୍ଷ୍ମୀ ବଢେବୋଲି ଲୋକବିଶ୍ୱାସ ରହିଛି । ଏହି ବ୍ରତରେ ମଣ୍ଡାପିଠା ମୁଖ୍ୟ ଆକର୍ଷଣ । ଘରେଘରେ ମଣ୍ଡାପିଠା କରାଯାଇଥାଏ । ପୂଜା ସମାପନ ପରେ ପଡୋଶୀମାନଂକୁ ପିଠା ଦେବାର ପରଂପରା ମଧ୍ୟ ରହିଛି ।

ଓଡିଶା ଏକ ଧାର୍ମିକ ଓ କୃଷିପ୍ରଧାନ ରାଜ୍ୟ । ପୂଜା ଓ ପର୍ବପର୍ବାଣି ସହିତ ଲୋକମାନେ ଓତପ୍ରୋତ ଭାବେ ଜଡିତ । କାରଣ ଏଠାରେ ବାରମାସରେ ତେରପର୍ବ ପାଳନ କରାଯାଏ । କୃଷିପ୍ରଧାନ ରାଜ୍ୟ ଓଡିଶାର ପିଠା ହେଉଛି ମୁଖ୍ୟ ଆକର୍ଷଣ ଓ ଏହା ଅଧିକାଂଶ ପର୍ବପର୍ବାଣି ସହିତ ଜଡିତ । ଆହୁରି ଅନେକ ପର୍ବପର୍ବାଣି ରହିଛି ଯେଉଁଠାରେ ପିଠା ଭୋଗ ବା ଖାଦ୍ୟ ଭାବରେ ବ୍ୟବହୃତ ହୋଇଥାଏ; ମାତ୍ର ଏଠାରେ କିଛି ମୁଖ୍ୟ ପର୍ବପର୍ବାଣି ସହିତ ସଂବନ୍ଧିତ ପିଠା ସଂପର୍କରେ ଆଲୋଚନା କରାଗଲା । ପର୍ବପର୍ବାଣିରେ ପିଠା ପ୍ରସ୍ତୁତି କରିବାର ଅନ୍ୟ ଏକ କାରଣ ମଧ୍ୟ ରହିଛି । ଗାଁର ଲୋକମାନେ ସର୍ବଦା କର୍ମବ୍ୟସ୍ତ ରହିଥାନ୍ତି । ବିଶେଷକରି ମହିଳାମାନେ ସାରାଦିନ ପୁରୁଷମାନଙ୍କ ସହିତ କାମ କରିବା ସହିତ ରୋଷେଇ କରିବା, ସମସ୍ତଙ୍କ ସେବାଯତ୍ନ କରିବା, ପିଲାମାନଂକର ଦେଖାଶୁଣା କରିବା ଇତ୍ୟାଦି କାମ କରିଥାନ୍ତି । ଯାହା ସେମାନଂକ ପାଇଁ ଖୁବ୍ କଷ୍ଟକର ଓ ବିରକ୍ତିକର ହୋଇଥାଏ । ଏହି ବିଶେଷ ଦିନଗୁଡିକରେ ପୂଜା କରିବା ଦ୍ୱାରା ସେମାନେ ମାନସିକ ଶାନ୍ତି ଅନୁଭବ କରିଥାନ୍ତି ଓ ତାହା ସହିତ ପିଠା କରିବା ଫଳରେ ସେଦିନର ରୋଷେଇ ସମସ୍ୟାର ଆଂଶିକ ସମାଧାନ ମଧ୍ୟ ହୋଇଥାଏ । ରୋଷେଇ ନକରିବା ବା ଅନ୍ୟାନ୍ୟ ଘରୋଇ କାମ କମ୍ ଥିବାରୁ ମହିଳାମାନେ ମାନସିକ ଶାନ୍ତି ସହିତ ଶାରୀରିକ ଶାନ୍ତି ମଧ୍ୟ ପାଇଥାନ୍ତି । ସେ ଯାହା ବି କାରଣ ହେଉ ନା କାହିଁକି ପିଠା ଓଡିଶାର ପର୍ବପର୍ବାଣି ସହିତ ଅଙ୍ଗାଙ୍ଗୀ ଭାବେ ଜଡିତ ଓ ଏହା ସମସ୍ତ ଓଡିଶାବାସୀଙ୍କ ପ୍ରିୟ ଏକ ଖାଦ୍ୟ ଏହା ସମସ୍ତେ ସ୍ୱୀକାର କରିବେ ।


ଓଡ଼ିଶା ସାହିତ୍ୟ ଏକାଡେମୀ
ସଂସ୍କୃତି ଭବନ, ଭୁବନେଶ୍ୱର - ୭୫୧୦୧୪

ସଦ୍ୟ ପ୍ରକାଶିତ ପୁସ୍ତକ

୧. ଆତ୍ମଜୀବନୀ ପଣ୍ଡିତ ନୀଳକଣ୍ଠ ଦାସ (ହିନ୍ଦୀ)
ଅ. ସ୍ନେହଲତା ଦାସ ଟ. ୩୦୦.୦୦
୨. ଚଳନ୍ତି ଓଡ଼ିଆ ଅଭିଧାନ
ସଂ. ରାଜକିଶୋର ମିଶ୍ର, ଶୁଭେନ୍ଦୁ ମୁଣ୍ଡ ଓ
ଗୌରାଙ୍ଗ ଚରଣ ଦାଶ ଟ. ୫୦୦.୦୦
୩. ଚଉତିଶା ବିଚିତ୍ରା
ସଂ. ସଚ୍ଚିଦାନନ୍ଦ ମିଶ୍ର ଟ. ୨୦୦.୦୦
୪. ବଳରାମ ଦାସ ଲକ୍ଷ୍ମୀପୁରାଣ
ସଂ. ସୁଦର୍ଶନ ଆଚାର୍ଯ୍ୟ, ଗୌରାଙ୍ଗ ଚରଣ ଦାଶ ଓ
ଭାଗ୍ୟଲିପି ମଲ୍ଲ ଟ. ୧୫୦.୦୦
୫. ବୈକୁଣ୍ଠ ନାଥ ବ୍ରହ୍ମଚାରୀ
ଶିଶିର ବେହେରା ଟ. ୨୦୦.୦୦
୬. ଜାତୀୟବାଦି ଓଡ଼ିଆ କବିତା
ସଂ. ଶକୁନ୍ତଳା ବଳିୟାରସିଂହ ଟ. ୨୦୦.୦୦
୭. ଗପସପ (ହିନ୍ଦୀ)
ଅ. ରାଧାକାନ୍ତ ମିଶ୍ର ଟ. ୨୦୦.୦୦
୮. Rebellion
Tr. Narasingh Chandra Das ଟ. ୧୦୦.୦୦
୯. ଆଧୁନିକ ଓଡ଼ିଆ କାବ୍ୟଧାରା (ଆଦିଯୁଗ)
ନରେନ୍ଦ୍ର ନାଥ ମିଶ୍ର ଟ. ୨୦୦.୦୦
୧୦. ସାହିତ୍ୟିକ ଭାଗୀରଥି ପାତ୍ର
ବିଜୟ କୁମାର ମିଶ୍ର ଟ. ୨୫୦.୦୦
୧୧. ଶ୍ରୀଜଗନ୍ନାଥ ତଥ୍ୟଧାରିକା
ସୁରେନ୍ଦ୍ର କୁମାର ମିଶ୍ର ଟ. ୨୫୦.୦୦
୧୨. ସ୍ୱର୍ଯ୍ୟାଶୁ
ଅ. ଭାଗୀରଥି ମହାସୁଆର ଟ. ୬୦.୦୦
୧୩. The Three Plays
Prafulla Chandra Mohanty
Paresh Rout, Ramesh Panigrahi ଟ. ୧୦୦.୦୦
୧୪. ଆହତ ଆତ୍ମା
ଅ. ହରିପଦ ଶତପଥି ଟ. ୭୫.୦୦
୧୫. ଶ୍ରେଷ୍ଠ କବିତା
ଅ. ବିବେକାନନ୍ଦ ପାଣିଗ୍ରାହୀ ଟ. ୧୦୦.୦୦
୧୬. ପାଚେରି ସେପଟେ
ଅ. ଭାଗୀରଥି ମହାସୁଆର ଟ. ୧୦୦.୦୦
୧୭. ଜଗନ୍ନାଥ ଦାସ ଓ ଓଡ଼ିଆ ଭାଗବତ
ସୁନୀଲ ରଥ ଟ. ୨୩୦.୦୦
୧୮. ଅତିବଡ଼ୀ ପରମ୍ପରା ଦିଶା ଓ ଦର୍ଶନ
ସୁରେନ୍ଦ୍ର କୁମାର ମିଶ୍ର ଟ. ୧୨୦.୦୦
୧୯. ଇଭାନ୍ ବୁନିନ୍ ସାନ୍‌ଫ୍ରାନସ୍କୋର ଭଦ୍ରଲୋକ ଓ ଅନ୍ୟାନ୍ୟ ଗଳ୍ପ
ଅ. ଅରବିନ୍ଦ ବେହେରା ଟ. ୨୦୦.୦୦
୨୦. ଅଷ୍ଟାଦଶୀ
ଅ. ଶଙ୍କର୍ଷଣ ପଣ୍ଡା ଟ. ୧୬୦.୦୦
୨୧. Divine Discontent
Tr. Sarangadhar Raiguru ଟ. ୧୫୦.୦୦
୨୨. ଶିଶୁ ଅନନ୍ତ ଦାସ (ପୁନଃ ମୁଦ୍ରିତ ପୁସ୍ତକ)
ବାବାଜୀ ଚରଣ ପଟ୍ଟନାୟକ ଟ. ୧୦୦.୦୦
୨୩. ଉତ୍କଳ ଗ୍ରାମ୍ୟଗୀତ ଓ କଥା
ସଂ. ଚକ୍ରଧର ମହାପାତ୍ର ଟ. ୪୦୦.୦୦
୨୪. ପଣ୍ଡିତ ଗୋପବନ୍ଧୁ ଦାସ
ଅର୍ଚ୍ଚନା ନାୟକ ଟ. ୧୦୦.୦୦
୨୫. ପ୍ରବନ୍ଧାବଳୀ
ଶ୍ୟାମସୁନ୍ଦର ରାଜଗୁରୁ ଟ. ୧୫୦.୦୦
୨୬. କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତି
ଶଇଳେନ୍ଦ୍ର ଲେଙ୍କା ଟ. ୨୦୦.୦୦

ସ୍ୱତନ୍ତ୍ର ରିହାତି
୫୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ପୁସ୍ତକ ପାଇଁ - ୨୦%
୫୦୧ ଟଙ୍କାରୁ ୨୦୦୦ ଟଙ୍କା ମୂଲ୍ୟର ପୁସ୍ତକ ପାଇଁ - ୩୦%
୨୦୦୧ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ପୁସ୍ତକ ପାଇଁ - ୪୦%

ହରିହର ମିଶ୍ର
ସଭାପତି

ଜୟନ୍ତୀ ରଥ
ସଚିବ

Advt design : Rebati

# ପୀଡ଼ିତାର ପୃଥିବୀ

# ମେକ ଲଭ୍ ନଟ ସ୍କାର୍ସ



# 'ମେକ୍ ଲଭ୍ ନଟ୍ ସ୍କାର୍ସ'ରେ ଦିନେ


## ଅନନ୍ୟା ପ୍ରିୟଦର୍ଶିନୀ

ରୁମ୍ ନଂ-୨୦, ୟୁଜିବ୍ଲକ୍, ଲେଡିସ୍ ହଷ୍ଟେଲ, ଏସସିବି ମେଡ଼ିକାଲ କଲେଜ, ମଙ୍ଗଳାବାଗ, କଟକ-୭୫୩୦୦୧
ଫୋନ : ୮୭୬୩୭୧୧୭୫୫


ଫଟୋ ସୌଜନ୍ୟ : ଲେଖିକା ଓ ଗୁଗଲ୍

**ଏସିଡ୍ ଆକ୍ରମଣର କଳ୍ପନାତୀତ ଭୟାବହତା ସହ ଯୁଝୁଥିବା ପୀଡ଼ିତାମାନଙ୍କ ପାଇଁ ପୃଥିବୀ ପାଲଟି ଯାଇଛି 'ମେକ୍ ଲଭ୍ ନଟ୍ ସ୍କାର୍ସ' ବା MLNS ସଂଗଠନ । ନୂଆଦିଲ୍ଲୀର ଏ ସଂଗଠନ ଏସିଡ୍ ପୀଡ଼ିତାଙ୍କ ପାଇଁ ରାହା କହିଲେ ଭୁଲ୍ ହେବ ନାହିଁ । ରିଆ ଓ ତାନିଆ ନାମ୍ନୀ ଦୁଇଜଣ ଦରଦୀ ମହିଳାଙ୍କ ଦ୍ୱାରା ସଂସ୍ଥାପିତ ଏ ସଂଗଠନର କାର୍ଯ୍ୟାଳୟ ପରିଦର୍ଶନ କରି ଏହି ରିପୋର୍ଟ ପ୍ରସ୍ତୁତ କରିଛନ୍ତି ଡାକ୍ତରୀ ଛାତ୍ରୀ ତଥା କଥୟିତ୍ରୀ ଅନନ୍ୟା ପ୍ରିୟଦର୍ଶିନୀ ।**

'ଲାକ୍‌ମୀ ଫ୍ୟାଶନ୍ ୱିକ୍' ପ୍ରସାରିତ ହେଉଥିଲା କୌଣସି ଏକ ଟିଭି ଚ୍ୟାନେଲ୍‌ରେ । ମୋତେ ଗ୍ଲାମର୍ ଦୁନିଆ ଏତେ ବେଶୀ ଆକର୍ଷିତ କରେନାହିଁ । ହେଲେ ଏହି ଉପସ୍ଥାପନାଟି ଥିଲା କିଛିଟା ଭିନ୍ନ । କାଚ ପରି ଚିକ୍କଣ ଓ ଦାଗବିହୀନ ମୁହଁଟିମାନଙ୍କ ଭିତରେ ଗୋଟିଏ ଅଲଗା ଚେହେରା ଦିଶୁଥିଲା । ଗୋଟିଏ ଆଖି ନାହିଁ, ମୁହଁର ଚର୍ମ ଲୋଚାକୋଚା । ଯେମିତି କି ଜଳିଯାଇଛି । ଏପରି ଏକ ଭିଡ଼ ଭିତରେ ଅଲଗା ହେବା ମନୁଷ୍ୟର ସ୍ୱଭାବଗତ ସହଜାତ ପ୍ରତି ଏକ କଠିନ ଆହ୍ୱାନ । ଆଉ ସେ ଆହ୍ୱାନର ପ୍ରତ୍ୟୁତ୍ତରରେ ଯେଉଁ ଆତ୍ମପ୍ରତ୍ୟୟ ଓ ଗୌରବର ସହ ସେ ତରୁଣୀ ଜଣକ ର୍‌ୟାମ୍ପ୍‌ରେ ଚାଲୁଥିଲେ, ତାହା ମୋତେ ଅବାକ୍ କରିଦେଲା । ଚମକ୍‌ଦାର ପୋଷାକ ଓ ରୁଚିପୂର୍ଣ୍ଣ ପ୍ରସାଧନ ଠାରୁ ଅଧିକ ମାନୁଥିଲା ତାଙ୍କୁ ତାଙ୍କର ଆତ୍ମବିଶ୍ୱାସ-ସମ୍ପନ୍ନ ସ୍ମିତହାସ୍ୟ ।

ଗୁଗୁଲ୍‌ରୁ ଜାଣିଲି, ସେ ତରୁଣୀଙ୍କ ନାମ ରେଶ୍‌ମା କୁରେଶୀ । ସେ ଏସିଡ୍ ଆକ୍ରମଣର ଶିକାର ହୋଇଥିବା ଜଣେ ପୀଡ଼ିତା । ପଢ଼ିଲି ବି ତାଙ୍କ କାହାଣୀ । ହେଲେ ଯାହା ମୋତେ ଅଧିକ ପ୍ରଭାବିତ କଲା, ତାହା ହେଉଛି 'ମେକ୍ ଲଭ୍ ନଟ୍ ସ୍କାର୍ସ' ବା Make Love Not Scars ନାମକ ଏକ ବେସରକାରୀ ସଂସ୍ଥା ଯାହା ଏପରି ପୀଡ଼ିତ ଓ ପୀଡ଼ିତାମାନଙ୍କ ପାଇଁ କାର୍ଯ୍ୟରତ । ରେଶ୍‌ମାଙ୍କୁ ଡାକ୍ତରଖାନାରୁ ନେଇ ର୍‌ୟାମ୍ପ୍ ଶୋ'ରେ ପହଞ୍ଚାଇବାରେ ଏ ସଂସ୍ଥାର ରହିଛି ପ୍ରମୁଖ ଭୂମିକା । ଏହାର କିଛିଦିନ ପରେ ହିଁ ଏକ ଅଗ୍ରଣୀ ବହିଦୋକାନ ଥାକରେ ମୁଁ ପୁଣି ଆବିଷ୍କାର କଲି ରେଶ୍‌ମାଙ୍କୁ- 'ବିଇଙ୍ଗ୍ ରେଶ୍‌ମା' ନାମକ ଏକ ବହିରେ । ରେଶ୍‌ମାଙ୍କ ଜୀବନ-କାହାଣୀକୁ ନେଇ ଏ ବହି ରଚିତ । ଏଇ ଜୀବନୀ ବହିର ଲେଖିକା ହେଲେ ଏମ୍‌ଏଲ୍‌ଏନ୍‌ଏସ୍‌ର ସହ-ସଂସ୍ଥାପିକା । ବହିଟି ପଢିବା ପରେ ମୁଁ ଏକପ୍ରକାର ମନସ୍ଥ କରିନେଲି ଯେ ଯେମିତି ହେଲେ ଭେଟିବି ରେଶ୍‌ମାଙ୍କୁ, ଏ ଜଳି ଯାଇଥିବା ମୁହଁ ପଛର ମୁହଁଙ୍କୁ । ଭେଟିବି ତାଙ୍କୁ, ଯିଏ ଏ ପୀଡ଼ିତାର ମୁହଁରେ ଭରିଛନ୍ତି ସଂଘର୍ଷ ଓ ଆତ୍ମପ୍ରତ୍ୟେୟର ମୁଦ୍ରା । ରଖିଛନ୍ତି ଦୁନିଆ ଆଗରେ ସେ ମୁହଁକୁ ଏକ ନୂଆ ରୂପରେ । ଯିଏ ଜଣେ ପୀଡ଼ିତାର ପୀଡ଼ାକୁ ଅନୁଭବ କରି ତାକୁ ସଶକ୍ତ କରିଛନ୍ତି ଆଉ ତା ସ୍ୱରରେ ମିଶେଇଛନ୍ତି ପରିବର୍ତ୍ତନ । ନିଶ୍ଚୟ ଭେଟିବି । ଆରମ୍ଭ ହେଲା ପ୍ରକ୍ରିୟା । ପ୍ରଥମେ ଇ-ମେଲ୍ ଏବଂ ପରେ ଫୋନ୍ ମାଧ୍ୟମରେ ଯୋଗାଯୋଗ କଲି । ବାସ୍, ଏବେ ମୁଁ ଠିଆ ହୋଇଥିଲି ତାଙ୍କ ଆଗରେ, ତାଙ୍କ ଅଫିସ୍‌ରେ ।


## 'ମେକ୍ ଲଭ୍ ନଟ୍ ସ୍କାର୍ସ'

ଦିଲ୍ଲୀର ସାକେତ୍ ଅଞ୍ଚଳ । ଏକ ସରୁ ଗଳିରେ ଅଳ୍ପ ବାଟ ଗଲେ ପଡ଼ିବ ଏକ କୋଠା । ଏହାର ଦ୍ୱିତୀୟ ମହଲାରେ ଏସ୍‌ଏଲ୍‌ଏନ୍‌ଏସ୍‌ର କାର୍ଯ୍ୟାଳୟ । ମୋତେ ରାସ୍ତା ପାଇବାରେ ଅସୁବିଧା ହୋଇଥାଆନ୍ତା ଯଦି ସଂସ୍ଥାର ସଂସ୍ଥାପିକା ରିଆ ଶର୍ମା ଓ ସହ ସଂସ୍ଥାପିକା ତାନିଆ



◀ ଲେଖିକା ଅନନ୍ୟା ପ୍ରିୟଦର୍ଶିନୀ






ସିଂହ ଯଦି ମୋ ସହ ଫୋନ୍‌ରେ ବରାବର ସମ୍ପର୍କରେ ନଥା'ନ୍ତେ । ଜୁଲାଇର ଏକ ଅଳସ ଅପରାହ୍ନ । ମୁଁ ପହଞ୍ଚିଲି 'ଏମ୍‌ଏଲ୍‌ଏନ୍‌ଏସ୍' ଅଫିସରେ । ଦୁହେଁ ଥିଲେ କାର୍ଯ୍ୟରତ । ଆସିବା ଆଗରୁ ମୁଁ ସ୍ପଷ୍ଟ କହିଥିଲି ଯେ ମୋତେ ଜାଣିବାକୁ ଅଛି 'ଏମ୍‌ଏଲ୍‌ଏନ୍‌ଏସ୍'ର ଜନ୍ମଜାତକ, ଜଣାଇବାକୁ ବି ଚାହେଁ ଦୁନିଆକୁ । 'ରେବତୀ' ପତ୍ରିକା ମାଧ୍ୟମରେ । ଦୁହେଁ ସହର୍ଷେ ସମ୍ମତି ପ୍ରଦାନ କଲେ ।

'ଏମ୍‌ଏଲ୍‌ଏନ୍‌ଏସ୍' କାର୍ଯ୍ୟାଳୟରେ ପହଞ୍ଚି ଦେଖିଲି ଅତି ପାଖରୁ, କାନ୍ଥରେ ଏସିଡ୍ ଆକ୍ରମଣର ଶିକାର ହୋଇଥିବା ଅନେକ ମହିଳାଙ୍କର ବିକୃତ ଓ ହୃଦୟ ବିଦାରକ ଛବି । ତା ଭିତରୁ କିଛି କ୍ୟାମେରା ଦ୍ୱାରା ଉତ୍ତୋଳିତ ତ କିଛି କେଉଁ ଚିତ୍ରକରର ତୂଳୀସ୍ପର୍ଶରେ ଜୀବନ୍ତ । କିନ୍ତୁ ପ୍ରତ୍ୟେକଟି ଛବି ସମାନ ସଂଦେଶ ଦେଉଥାଏ ଯେ ମୁହଁର ତ୍ୱଚା ଜଳିଗଲେ ମୁହଁର ସୌନ୍ଦର୍ଯ୍ୟ ନଷ୍ଟ ହୋଇଯାଏନି, ବିଶ୍ୱାସ ମରିଯାଏନି କି ଜୀବନ ଶେଷ ହୋଇ ଯାଏନି । ମୁହଁ ଜଳିଯିବା ସତ୍ତ୍ୱେ ସେମାନେ ତଥାପି ସୁନ୍ଦର, ଖୁବ୍ ସୁନ୍ଦର । ଜୀବନକୁ ଆଉଥରେ ନୂଆ କରି ସାହସର ସହ ଜିଉଁଛନ୍ତି । ଅଫିସ୍‌ର ଚାରିଆଡ଼କୁ ନଜର ବୁଲାଇ ଆଣିଲି । ଥାକରେ ସଜା ହୋଇ ରହିଛି ଅନେକ ମାନପତ୍ର ଓ ସମ୍ମାନ ଫଳକ । ଏସିଡ୍ ଆକ୍ରମଣ ପୀଡ଼ିତାଙ୍କ ଉତ୍‌ଥାନ ପାଇଁ 'ଏମ୍‌ଏଲ୍‌ଏନ୍‌ଏସ୍'ର ଅବିରତ ଯୋଗଦାନ ପାଇଁ ମିଳିଛି ଏସବୁ ସମ୍ମାନ । କେଉଁ ପ୍ରକାର ଯୋଗଦାନ? କ'ଣ କରେ ଏମ୍‌ଏଲ୍‌ଏନ୍‌ଏସ୍? ମନ ଭିତରେ ଥିବା ଜିଜ୍ଞାସାକୁ ଅଜାଡ଼ି ଦେଲି । କଣ କହିଲେ ସଂସ୍ଥାପିକା ଦ୍ୱୟ ଆସନ୍ତୁ ଶୁଣିବା ।

## କେଉଁ ବିପତ୍ତିର ସାମ୍ନା କରନ୍ତି ଏସିଡ୍ ଆକ୍ରମଣ ପୀଡ଼ିତାମାନେ


ଯେଉଁ ସମାଜ ମୁହଁରେ ବ୍ରଣଟେ ଉଠିଲେ ତା' ଆଡ଼କୁ ଆଙ୍ଗୁଳି ଆପେ ଉଠାଏ, ଉପଦେଶ ଦିଏ ଆଉ ଉପହାସ ବି କରେ, ସେ ସମାଜ ମୁହଁ ଜଳିଯିବା କଥାରେ ତ ଆହୁରି କଟାକ୍ଷ କରିବ ଇ କରିବ । ଅବଶ୍ୟ ଆଜିର ସମାଜ ପୂର୍ବାପେକ୍ଷା ଅଧିକ ସମ୍ବେଦନଶୀଳ । ତଥାପି ପୀଡ଼ିତାଙ୍କୁ ବାରମ୍ବାର ପଚରା ଯାଏ ସେଇ ଘଟଣା ବିଷୟରେ, ଦୟା ଓ ଅନୁକମ୍ପା ଦେଖାଯାଏ ଯାହା ତାଙ୍କ ଦୋଦୁଲ୍ୟମାନ ଆତ୍ମାଭିମାନ ପ୍ରତି ଏକ କୁଠାରଘାତ । କେତେକ ସ୍ଥାନରେ ଦେଖାଯାଏ ଯେ ପୀଡ଼ିତାଙ୍କୁ ପରିବାରର ସାହାରା ବି ମିଳେନି । ବିଫଳ ପ୍ରେମିକଟେ ପ୍ରତିଶୋଧ ପରାୟଣ ହୋଇ ଏସିଡ୍ ଫିଙ୍ଗେ, କିନ୍ତୁ ଝିଅଟିକୁ ହିଁ ପଚରା ଯାଏ ସେ ଏପରି କାହିଁକି କଲା? ଆଙ୍ଗୁଠି ଉଠେ ତା'ରି ଚରିତ୍ର ଉପରେ । ଯଦି ବି ସାହସ କରି, ପରିବାର ସମାଜ ଠୁ ଅଲଗା ହେବା ପରେ ପୀଡ଼ିତା ନିଜ ଗୋଡ଼ରେ ନିଜେ ଠିଆ ହେବାକୁ ଚାହେଁ, ସ୍ୱାବଲମ୍ବୀ ହୋଇ ବଞ୍ଚିବାକୁ ଚାହେଁ, ତା' ପାଇଁ ଚାକିରୀଟିଏ ଖୋଜିବା କୌଣସି ଯୁଦ୍ଧରେ ଲଢ଼ିବା ସମ କାଠିକର ହୋଇଉଠେ । ଏପଟେ ପୁଣିଥାଏ ଚିକିତ୍ସାର ଖର୍ଚ୍ଚ । ମାସ-ମାସ ଧରି ଘା' ଶୁଖିବା ଯାଏଁ ଡାକ୍ତରଖାନା ବେଡ୍‌ରେ ପଡ଼ି ରହିବା ପରେ ମଧ୍ୟ ସରେନି ଏ ଚିକିତ୍ସା । ପ୍ଲାଷ୍ଟିକ୍ ସର୍ଜରୀର ବି ଥାଏ ଭୂମିକା- ଯାହାକି ଏକ ଆବଶ୍ୟକତା, ସଉକ୍ ନୁହେଁ । ଯଦି ଗୋଟିଏ ବା ଦୁଇଟି ଆଖି ନଷ୍ଟ ହୋଇ ଯାଇଥାଏ, ତେବେ ସେ ବିକଳାଙ୍ଗ ପାଲଟି ଯାଏ ।


MLNS ଦପ୍ତରରେ ଦୁଇ ସଂସ୍ଥାପିକା କାର୍ଯ୍ୟରତ

## କ'ଣ କରେ ଏମ୍‌ଏଲ୍‌ଏନ୍‌ଏସ୍

ଏମ୍.ଏଲ୍.ଏନ୍.ଏସ୍ ପୀଡ଼ିତାଙ୍କ ବିଷୟରେ ସାଧାରଣତଃ ଇ-ମେଲ୍ ମାଧ୍ୟମରେ ଜାଣିବାକୁ ପାଇଥାଏ, ଯାହା ପୀଡ଼ିତା ସ୍ୱୟଂ ବା ତାଙ୍କର କେହି ଶୁଭଚିନ୍ତକ ପଠାଇଥା'ନ୍ତି । ତାନିଆ କୁହନ୍ତି ଯେ, ସେ ଡାକ୍ତରଖାନା ଯାଇ ସାକ୍ଷାତ କରନ୍ତି ପୀଡ଼ିତାଙ୍କ ସହିତ । ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍ ଅଭିଯାନ ଚଳାଇ ଅର୍ଥ ଯୋଗାଡ଼ କରନ୍ତି ତାଙ୍କ ଚିକିତ୍ସା ପାଇଁ । ସେ ଧନ୍ୟବାଦ ଦିଅନ୍ତି କିଛି ବଦାନ୍ୟ ବ୍ୟକ୍ତିଙ୍କୁ ଯେଉଁମାନେ ଅକୁଣ୍ଠିତ ଚିତ୍ତରେ ବଢ଼ାନ୍ତି ଆର୍ଥିକ ସହାୟତାର ହାତ ।

୨୦୧୪ ମସିହାରେ ଗଢ଼ା ହେଲା 'ଏମ୍‌ଏଲ୍‌ଏନ୍‌ଏସ୍' ସଂସ୍ଥା । ଏହାର ଆଶ୍ରୟ ଗୃହ ଖୋଲିଲା କିନ୍ତୁ ୨୦୧୭ରେ, ଦିଲ୍ଲୀ ଠାରେ । ଚିକିତ୍ସା ପାଇଁ ଅନ୍ୟ ରାଜ୍ୟରୁ ଆସିଥିବା ପୀଡ଼ିତାମାନେ ଏଠାରେ ଆସ୍ଥାୟୀ ଭାବରେ ରହନ୍ତି । ଏଠାରେ ପୀଡ଼ିତାଙ୍କୁ କମ୍ପ୍ୟୁଟର୍ ଶିକ୍ଷା ସହିତ ଇଂରାଜୀ ଓ ଅନ୍ୟାନ୍ୟ ଶିକ୍ଷା ଦେବାର ବ୍ୟବସ୍ଥା ଅଛି । ସେମାନଙ୍କୁ ଜୀବିକା ମଧ୍ୟ ଦିଆଯାଏ, ଯେପରିକି ଅର୍ଥ ପାଇଁ ସେମାନଙ୍କୁ ବିଶେଷ ସଂଘର୍ଷ



◀ ସଂସ୍ଥାକୁ ମିଳିଥିବା ପୁରସ୍କାର ଓ ମାନପତ୍ର

ଏସିଡ୍ ଆକ୍ରମଣର ଶିକାର ହୋଇଥିବା କୌଣସି ବି ଝିଅ ପାଇଁ ଏ ଘଟଣାର ପୁନରାବୃତ୍ତି ନିଶ୍ଚିତ ଭାବେ ଅତ୍ୟନ୍ତ ପୀଡ଼ାଦାୟକ । ତେଣୁ 'ବିଇଙ୍ଗ୍ ରେଶ୍ମା' ବହି ଲେଖିବା ସମୟରେ ମୁଁ ରେଶ୍ମାଙ୍କୁ କମ୍‌ରୁ କମ୍ କଷ୍ଟ ଦେବା ପାଇଁ ସର୍ବଦା ଯତ୍ନଶୀଳ ଥିଲି । ମୁଁ ତାଙ୍କ ଡାକ୍ତରୀ ରିପୋର୍ଟ ପଢ଼ିଥିଲି, ତାଙ୍କ ମାତାପିତା, ଭାଇଭଉଣୀ ଓ ପଡ଼ୋଶୀମାନଙ୍କ ସହ କଥାବାର୍ତ୍ତା କରିଥିଲି । ତାଙ୍କର ସେହି ଦୁଃସମୟରେ ଯେଉଁମାନେ ବି ତାଙ୍କ ସହ ଠିଆ ହୋଇଛନ୍ତି ବା ତାଙ୍କ ସଂଘର୍ଷକୁ ନିହାତି ନିକଟରୁ ଦେଖିଛନ୍ତି, ତାଙ୍କ ଆଖିରେ ଦେଖିବାକୁ ଚେଷ୍ଟା କରିଥିଲି ରେଶ୍ମାଙ୍କ ଜୀବନର ଚିତ୍ର । ଦୁଇ ବର୍ଷର ପରିଶ୍ରମ ପରେ ସାକାର ହୋଇଥିଲା 'ବିଇଙ୍ଗ୍ ରେଶ୍ମା'ର ସ୍ୱପ୍ନ ।



■ **ତାନିଆ ସିଂ**
ସହ-ସଂସ୍ଥାପିକା : MLNS
Being Reshma ବହିର ଲେଖିକା

କରିବାକୁ ପଡ଼ିବନି ।

ଏସିଡ୍ କେବଳ ଜଣଙ୍କର ମୁହଁ ପୋଡ଼େନି, ପୋଡ଼ି ଦିଏ ମଧ୍ୟ ତା ଭିତରର ଇଚ୍ଛାଶକ୍ତି, ତା'ର ମନୋବଳ । ଏମିତିରେ ଅନେକେ ନିଜ ଜୀବନ ହାରିଦେବାକୁ ବି ପଛାନ୍ତିନି । ସେ ସମୟରେ ତାଙ୍କ ମନୋସ୍ଥିତି ବୁଝି ଆବଶ୍ୟକତାନୁସାରେ ଉତ୍ସାହପୂର୍ଣ୍ଣ କଥା କହିବା ଓ ସ୍ନେହପୂର୍ଣ୍ଣ ବ୍ୟବହାର ଦେଖାଇବା ସର୍ବାଗ୍ରେ ଉଚିତ । ମନସ୍ତତ୍ତ୍ୱବିତ୍‌ଙ୍କ ଦ୍ୱାରା ସେମାନଙ୍କୁ କାଉନ୍‌ସେଲିଂ କରାଯାଇ ପ୍ରସ୍ତୁତ କରାଯାଏ ଜୀବନକୁ ପୁଣିଥରେ ନୂଆ ଭାବେ ବଞ୍ଚିବା ପାଇଁ ।

ନ୍ୟାୟ ପାଇଁ ଲଢ଼େଇ ବି ଖୁବ୍ କଠିନ । ଭାରତୀୟ ନ୍ୟାୟତନ୍ତ୍ରରେ ଦୋଷୀକୁ ଦଣ୍ଡ ଦେବା ପାଇଁ ଜଣେ ପୀଡ଼ିତାକୁ ଯାହା ସହିବାକୁ ହୁଏ, ତାହା କୌଣସି ଦଣ୍ଡ ଠାରୁ କମ୍ ନୁହେଁ । ପ୍ରାୟତଃ, ଏ ଲଢ଼େଇ ପୀଡ଼ିତାଙ୍କର ନିଜର ହୋଇଥାଏ ବା ତାଙ୍କୁ ମିଳେ ପରିବାରର ସହଯୋଗ । ହେଲେ ଆବଶ୍ୟକ ସ୍ଥଳେ ଏଠିବି ଏମଏଲଏନ୍‌ଏସ୍ ପୀଡ଼ିତାଙ୍କ ସହ ଛିଡ଼ା ହୁଏ ।

ଏସିଡ୍ ଆକ୍ରମଣର ଶିକାର ହେବା ପରେ ବଦଳିଯାଏ ପୀଡ଼ିତାର ଜୀବନ । ଚିକିତ୍ସାଧୀନା ହୋଇ ସେ ଶଯ୍ୟାଶାୟୀ ହୁଏ ଅନେକ ମାସ । ତା'ପରେ ମଧ୍ୟ ତାକୁ ନେବାକୁ ହୁଏ ନିଜ ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନ । ସେଥିପାଇଁ ସେ ନେଇପାରେନି ତା' ପରିବାରର ଯତ୍ନ କି ନିର୍ବାହ କରିପାରେନି ତା' ଦାୟିତ୍ୱ ପୂର୍ବବତ୍ । ସେଥିପାଇଁ, ଏମ୍‌ଏଲ୍‌ଏନ୍‌ଏସ୍ ବାଣ୍ଟି ନିଏ ତା' ଦାୟିତ୍ୱ ଆଉ ବ୍ୟବସ୍ଥା କରେ ତା' ସନ୍ତାନର ଉପଯୁକ୍ତ ଶିକ୍ଷା ।

ମୁଁ ଦୁନିଆର ଦୁଇଟି ଚେହେରା ଦେଖିଛି । ପ୍ରଥମ, ଯେଉଁଟି ମୋତେ ସାହାରା ଓ ମନୋବଳ ଯୋଗାଇଥିଲା ଏବଂ ଦ୍ୱିତୀୟଟି, ଯିଏ ମୋ କୁତ୍ସିତ ମୁହଁକୁ ଦେଖି ନାକ ଟେକିଥିଲା । କଷ୍ଟ ଲାଗେ ଏବେ ବି । ହେଲେ ମୁଁ ଜନ୍ମିଛି ସ୍ୱାଭିମାନର ସହ ବଞ୍ଚିବାକୁ । ପଳାୟନପନ୍ଥୀ ସାଜିବାକୁ ନୁହେଁ । ମୁଁ ନିର୍ଦ୍ଦୋଷ, ଏ କଥା ମୁଁ ଓ ମୋତେ ଭଲ ପାଉଥିବା ପ୍ରତିଟି ମଣିଷ ଜାଣିବା ଦରକାର । ମୋ ପାଇଁ ଏତିକି ଯଥେଷ୍ଟ । ଏବେ ମଡେଲିଂ ମୋ ପାଇଁ ସର୍ବୋତ୍ତମ ବିକଳ୍ପ । ତେଣୁ ମୁଁ ସେଥିରେ ମନୋନିବେଶ କରୁଛି । ତେବେ ଭବିଷ୍ୟତରେ ମୋ ଗ୍ରାଜୁଏସନ ଶିକ୍ଷା ପୂରା କରିବା ସହ ଅନ୍ୟ ଏସିଡ୍ ଆକ୍ରମଣ ପୀଡ଼ିତାଙ୍କ ଉତ୍ଥାନ ଦିଗରେ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖିଛି ।



■ **ରେଶ୍ମା କୁରେସୀ**
ପୀଡ଼ିତା

▼ତାନିଆଙ୍କ ସହିତ ଲେଖିକା ଅନନ୍ୟା



ଶୃଙ୍ଗାର ପ୍ରତି ଥାଏ ନାରୀର ଦୁର୍ବଳତା । ନିଜ ରୂପଶୋଭାକୁ ଏକ ଭିନ୍ନ ଢଙ୍ଗରେ ଗଢି ତୋଳିବା ପାଇଁ ସବୁ ନାରୀ ପସନ୍ଦ କରନ୍ତି । ଅନ୍ୟ କାହାକୁ ପ୍ରଭାବିତ କରିବାକୁ ନୁହେଁ ବରଂ ନିଜ ଖୁସି ପାଇଁ । ଏସିଡ୍ ଆକ୍ରମଣର ଶିକାର ହେବା ଆଗରୁ ଯଦି ଝିଅଟିଏ ଆଖିରେ କଜଳ କି ଓଠରେ ଲିପ୍‌ଷ୍ଟିକ୍ ପିନ୍ଧୁଥିଲା, ତେବେ ଏସିଡ୍ ଆକ୍ରମଣ ପରେ ସେ କାହିଁକି ଏପରି କରିବନି, ଏହା ଏକ ପ୍ରଶ୍ନବାଚୀ । ସେ ନିଜକୁ ଯେମିତି ଚାହିଁବ ସେମିତି ସଜେଇ ପାରିବ । ତା' ନାରୀ ସୁଲଭ ଗୁଣ ଓ ଇଚ୍ଛାକୁ ମନରେ ଚପେଇ ରଖିବା ଅନ୍ୟାୟ । ହେଲେ ତା'ର ଅର୍ଥ କଦାପି ନୁହେଁ ଯେ ସେ ନିଜ ମୁହଁର ଦାଗ ଓ କ୍ଷତଚିହ୍ନକୁ ଘୋଡ଼େଇବାକୁ ଚାହେଁ ବା ତାକୁ ନେଇ ସେ ଲଜ୍ଜିତ । ବରଂ ଏହା ତା ସଂଘର୍ଷ ଓ ବିଜୟର ସ୍ମାରକୀ, ଯାହାକୁ ନେଇ ସେ ଗର୍ବିତ ।

■ ରିଆ ଶର୍ମା

ସଂସ୍ଥାପିକା : MLNS



ଏଠାରେ କହି ରଖିବା ଆବଶ୍ୟକ ଯେ,ସବୁବେଳେ ପୀଡ଼ିତାଟିଏ ନଥାଏ, ଅନେକ କ୍ଷେତ୍ରରେ ଥାଏ 'ପୀଡ଼ିତ'ଟିଏ ବି । ରିଆଙ୍କ କହିବା ମୁତାବକ ସେ ଦେଖିଥିବା ଭିତରେ ପ୍ରାୟ କୋଡ଼ିଏ ପ୍ରତିଶତ ଏସିଡ୍ ଆକ୍ରମଣର ଶିକାର ହେଉଛନ୍ତି ପୁରୁଷ । ଏମିତିରେ କୌଣସି ଭେଦଭାବ ନରଖି ଏମ୍ଏଲ୍ଏନ୍ଏସ୍ ସମସ୍ତଙ୍କୁ ବଢ଼ାଏ ସହଯୋଗ ଆଉ ସହାନୁଭୂତିର ହାତ- ନାରୀପୁରୁଷ ନିର୍ବିଶେଷରେ, ଏପରିକି ପଶୁଙ୍କୁ ବି ।

## 'ବିଇଙ୍ଗ୍ ରେଶ୍ମା'ର ପ୍ରୟୋଜନ

ଯେତିକି ପୀଡ଼ିତା ଏମ୍ଏଲ୍ଏନ୍ଏସ୍ ପାଖକୁ ପହଞ୍ଚନ୍ତି ତା'ଠୁ ବେଶି ସଂଖ୍ୟାରେ ଘଟେ ଏଇ ଜଘନ୍ୟ ଅପରାଧ । ସାମାଜିକ ପ୍ରତିଷ୍ଠାର ଦ୍ୱାହି ଏବଂ ସଠିକ୍ ତଥ୍ୟ ଅଭାବରୁ ଅନେକେ ଏବେ ଆସି ପାରୁନାହାନ୍ତି ଲୋକଲୋଚନକୁ, ପାଇ ପାରୁ ନାହାନ୍ତି ବିଭିନ୍ନ ଯୋଜନାର ଲାଭ, ଯାହା କେବଳ ତାଙ୍କ ପାଇଁ ଉଦ୍ଦିଷ୍ଟ । ସୁତରାଂ ତାନିଆ ଆରମ୍ଭ କଲେ ଲେଖିବା ରେଶ୍ମାଙ୍କ ଜୀବନ କାହାଣୀ । କାଗଜକଲମରେ । ଉଦ୍ଦେଶ୍ୟ : 'ନିଷେଧ' କହି ଯେଉଁ ସ୍ୱରକୁ ଦବାଇ ଦିଆ ଯାଇଛି ତାକୁ ପୁନର୍ଜୀବିତ କରି ଦୁନିଆକୁ ଶୁଣେଇବା । ସଂସାରକୁ ଜଣେଇବା ଯେ, ନାରୀର ଅସ୍ତିତ୍ୱ ତା' ସୁଖ ସୌନ୍ଦର୍ଯ୍ୟ ଠୁ ଯଥେଷ୍ଟ ଅଧିକ । ସର୍ବୋପରି, ଅନ୍ୟ ସମସ୍ତ ଏସିଡ୍ ଆକ୍ରମଣ ପୀଡ଼ିତାଙ୍କୁ ଜଣେଇବା ଯେ ସେମାନେ ଏକା ନୁହଁନ୍ତି ଏ ଜୀବନ ସଂଘର୍ଷରେ । ହୁଏତ ସେମାନେ ସାଧାରଣ ଲୋକଙ୍କ ଠାରୁ ଭିନ୍ନ, କିନ୍ତୁ ଏ ଭିନ୍ନତା ପାଇଁ ସେମାନେ ଦୋଷୀ ନୁହଁନ୍ତି । ଏଥିପାଇଁ ଗ୍ଲାନି ବା ଲଜ୍ଜାର କୌଣସି କାରଣ ନାହିଁ ।

'ବିଇଙ୍ଗ୍ ରେଶ୍ମା' ବହିଟି କେବଳ ପାଠକ ମହଲରେ ଆଦୃତ ହୋଇନି, ବରଂ ଏହି ସମୀକ୍ଷକଙ୍କ ଦ୍ୱାରା ହୋଇଛି ଉଚ୍ଚ ପ୍ରଶଂସିତ ।

## ରାସ୍ତା ଆହୁରି ବାକି

ତାନିଆ ଏବଂ ରିଆ ଯାହା କିଛି ବି କରିଛନ୍ତି ବା କରୁଛନ୍ତି, ତାହା ନିଶ୍ଚିତ ଭାବେ ପ୍ରଶଂସନୀୟ । ହେଲେ ଏହା ଯଥେଷ୍ଟ ନୁହେଁ । ବିଶ୍ୱରେ ସର୍ବାଧିକ ଏସିଡ଼୍ ଆକ୍ରମଣର ଘଟଣା ଭାରତରେ ହିଁ ଘଟେ । ୨୦୧୧ରୁ ୨୦୧୫ ଭିତରେ ଏହି ସଂଖ୍ୟା ୮୩ ରୁ ବଢ଼ି ୩୪୯ରେ ପହଞ୍ଚିଥିଲା । ୨୦୧୩ରେ ମାନନୀୟ ସୁପ୍ରିମକୋର୍ଟ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ । ଏହି ନିର୍ଦ୍ଦେଶ ଅନୁଯାୟୀ ଏସିଡ଼୍ ବିକ୍ରେତାମାନଙ୍କୁ ସରକାରୀ ଲାଇସେନ୍ସ ଦିଆଯିବ, ପ୍ରତି ବିକ୍ରେତାଙ୍କ ପାଖରେ କ୍ରେତାଙ୍କର ଫଟୋ ଓ ଠିକଣା ସମ୍ବନ୍ଧୀୟ ପ୍ରମାଣପତ୍ର ରହିବ, ପ୍ରତି ସପ୍ତାହରେ ବିକ୍ରେତାମାନେ ନିକଟସ୍ଥ ଥାନାରେ ଏସିଡ଼୍ ବିକ୍ରୟର ବିସ୍ତୃତ ବିବରଣୀ ଦେବେ ଏବଂ ନାବାଳକମାନଙ୍କୁ ଏସିଡ଼୍ ବିକ୍ରୟ କରାଯାଇପାରିବ ନାହିଁ । ଆଇପିସି ଧାରା ୩୨୬(ଏ) ଅନ୍ତର୍ଗତ ଏସିଡ଼୍ ଆକ୍ରମଣରେ ଦୋଷୀ ସାବ୍ୟସ୍ତ ହେଲେ, ୧୦ବର୍ଷ ସଶ୍ରମ କାରାଦଣ୍ଡ ହେବାର ମଧ୍ୟ ଆଇନ୍ ରହିଛି । ହେଲେ ଆଜି ବି ପାଇଖାନା ସଫା କରିବା ପାଇଁ ବ୍ୟବହୃତ ହେଉଥିବା ତରଳ ନାଁରେ ଆପଣଙ୍କୁ ଏ 'ତେଜାବ୍' ଲିଟର୍ ପିଛା ୧୦୦ କି ୫୦ଟଙ୍କା, ଏପରିକି ୩୦ ଟଙ୍କାରେ ମିଳି ପାରିବ । ଆଜି ବି ଆପଣ ଅନେକ ଆସାମୀଙ୍କୁ ରାସ୍ତାରେ ବୁଲୁଥିବାର ଦେଖିବେ । ଏସିଡ଼୍‌ର ଅବାଧ ବ୍ୟବସାୟ ଉପରେ କଟକଣା ଲଗାଯିବା ପାଇଁ ଅନେକ ଯାଚିକା ଦାଖଲ ହୋଇଛି, ହେଲେ ଚିତଅ ଯଥା ପୂର୍ବଂ ତଥା ପରଂ । ବାସ୍ତବ ଦୁନିଆ କାଗଜକଲମର ଦୁନିଆ ଠାରୁ ବହୁତ ଅଲଗା । ଏସିଡ଼୍‌ମୁକ୍ତ ଏକ ଭାରତ ନିର୍ମାଣ ପାଇଁ ଜଣେ ତାନିଆ ବା ଜଣେ ରିଆ ବା ଗୋଟିଏ ସଂସ୍ଥା ଯଥେଷ୍ଟ ନୁହେଁ, ଆବଶ୍ୟକ ଆମ ସମସ୍ତଙ୍କ ଜାଗ୍ରତ ଯୋଗଦାନ ।



ସଫଳତାର ଦସ୍ତାବିଜ୍



◀ ରେଶ୍ମା


ସୁଖ୍ୟାତ ଗାୟିକା ସରୋଜିନୀ ସାହୁ
ରେବତୀ ପାଇଁ ସ୍ୱତନ୍ତ୍ର ମୁଦ୍ରାରେ
ଫଟୋଗ୍ରାଫି : ଆଦିତ୍ୟ ରାଉତ
ଶୁଭେଚ୍ଛା ସହ...
ସରୋଜିନୀ ସାହୁ
SWARA • August & September 2019 Vol - 1 Issue - 10/11 • R.N.I. Title Code : ODIODI 07916 • Rs. 50
Total Page : 108
Style
FACILITY GYM
SWIMMING POOL
ROOFTOP GARDEN
BANQUET HALL
Contact For Booking
Call : 73810 36677 & 9040021003
SUPRATIK INFRAVENTURES
BRANCH OFFICE :
OT Road, Near Laxmi Narayan Temple, Balasore
Email : contactus@supratikgroup
Website :
ଅଗଷ୍ଟ-ସେପ୍ଟେମ୍ବର ୨୦୧୯ • ୫୦ ଟଙ୍କା
ରେବତୀ
ଆମ ମାଟିର ସ୍ୱର

# ମୋହନ ଦାସ କିଏ ଓ କାହିଁକି ?



▲ କବି ଅମରେନ୍ଦ୍ର ମାଧବ ଦାଶ

କେହି ଜଣେ ମୋହନ ଦାସ ଅଛନ୍ତି । ଏଇଠି କୋଉଠି । ଆମ ଭିତରେ, ତମ ଭିତରେ । ଯିଏ କିଛି ନକହି ବି ଅନେକ କଥା କହୁଛନ୍ତି । ପାକୁଆ ପାଟିରୁ ଝରି ପଡୁଛି ତାଙ୍କର ଯେଉଁ ନିରୁତା ହସ ସେଥିରେ ଲୁଚି ରହିଛି ଅୟୁତ ଯୁଗର ରହସ୍ୟ । ଯାହାକୁ ବୁଝିବା ଏତେ ସହଜ ହୋଇପାରେନା ଆମ ପାଇଁ । କଦାପି ବି ଆକଳନ କରାଯାଇ ପାରେନା ତାଙ୍କୁ । ସେ ଥାଇ ନଥିବା ଭଳି ଥାଆନ୍ତି । ସେ ଗୁଣୁଗୁଣୋଉ ଥା'ନ୍ତି କିଛି ଧୂନ୍ । ସେଇ ଧୂନ୍ କାହାକୁ ଶୁଭେ ନା ନାହିଁ କେଜାଣି ? ଯେତେଥର ବି ତାଙ୍କ ମାୟାରେ ପଡ଼ିଛି ନିଜକୁ ମୁକୁଳାଇଲା ବେଳକୁ ମୁଁ ଆଉ ମୁଁ ହେଇ ନାହିଁ । ପ୍ରତିଥର ପରାସ୍ତ ହୋଇଛି ନିଜ ପାଖରେ । ମୁଁ ଧାଇଁଛି ଗୋଟେ ଛାଇ ପଛରେ ବାତୁଳ ଭଳି । ଅବୁଝା ମାନସାଙ୍କ ପରି ଗୋଟେ ଚରିତ୍ରକୁ ଭିଡ଼ି ଧରିବାକୁ ପ୍ରୟାସ କରିଛି ଦିନଦିନ ରାତିରାତି । ତାଙ୍କୁ ଯେତିକି ବୁଝିବାକୁ ଚାହିଁଛି ସେ ସେତିକି ଅବୁଝା, ଅପହଂଚ ହେଇ ଯାଇଛନ୍ତି । କେତେ ଯେ ନେହୁରା ହୋଇଛି ଗୋଟେ ସମୟ ପାଖରେ ଅଟକି ଯିବାକୁ, ବାଟ ଦେଖାଇବାକୁ ଯେ କୋଉ ପାରିଛି ? ଥରକୁଥର ଦୂରେଇ ଦେଇଛି ଯେମିତି କିଏ ? ହାତ ଛାଡ଼ି ଦେଇଛି ମୋର । ଆଉ କହି ଦେଇ ଯାଉଛି ନିଜକଥା ନିଜେ ସମ୍ଭାଳ । ବାବୁରେ, ଏତେ ସହଜ ନୁହେଁ ଖଣ୍ଡାଧାରରେ ବାଟ ଚାଲିବା । ତ୍ୟାଗ, ତିତିକ୍ଷାକୁ ଆପଣାର କରି ନିଜ ରକ୍ତକ୍ଷରଣକୁ ନିଜେ ଦେଖିବା । ସତ୍ୟ ପାଇଁ ଧୂଳିକଣା ଭଳି ତଳେ ଦଳିଚକଟି ହେବା କ'ଣ ଶୋଭା ପାଇବ ତୋତେ ? ଯା' ବାଟ ଛାଡ଼... । ମୋ ମନ ମରିଯାଏ, ନିରବ ରୁହେ । ସମୟର ଏତେ ଏତେ ହେରେକାର...ଏତେ ଏତେ ତାଚ୍ଛଲ୍ୟ ମୋତେ ଭାଙ୍ଗିରୁଜି ପକାଏ । କାହିଁକି କେଜାଣି ହୋହଲ୍ଲା ଭିତରେ ମୋତେ ଏକୁଟିଆ ଏକୁଟିଆ ଲାଗେ । ସବୁ କିଛି ମୋ ପାଇଁ ତୁଚ୍ଛ ହୋଇଯାଏ । ନିଜକୁ ବାରମ୍ବାର ଧିକ୍କାରେ ! ରାଜଧାନୀର ଛାତି ଉପରୁ ରାତିସାରା ତାରା ଗଣେ.. ପେଚାର କୁହାଟ ମୋତେ ରାହା ଦିଏ । ମୋ ଘର ନିକଟ ୧ ୨ ୦ ବାଟାଲିୟନ୍ ସୀମାର ଘଂଚ ଗଛବୃଛ ଉହାଡ଼ରୁ କିଛି ଖସ୍‌ଖସ୍ ଶବ୍ଦ ମୋତେ ଆହୁରି ଶକ୍ତ କରେ, ଦମ୍ଭ ଦିଏ । ଉଡ଼ି ଯାଉଥିବା ରାତିପକ୍ଷୀ, ବାଦଲ, ଜହ୍ନ ମୋତେ କେଉଁ ଏକ ଭାଷାରେ ପ୍ରବୋଧନା ଦିଅନ୍ତି । ଅନ୍ଧାରରେ କାହାର ଏକ ହାତ ବଢ଼ି ଆସେ । ଲୋମ ଟାଙ୍କୁରି ଉଠେ ମୋର । ଏକ ଅଜବ ସମ୍ମୋହନ ମୋତେ ପୁଣି ହାତ ଠାରେ । ମୁଁ ନିଜକୁ ନିଜେ ପୁଣି ପ୍ରସ୍ତୁତ କରେ । ଆଉ ରାତି ସରିସରି ଆସେ...କାହାର ଧୂନ୍‌ରେ ନିଦ ଭାଙ୍ଗେ । ଏଥର ମୁଁ ଆଉ ଥରେ ନିଜକୁ ସଜାଡ଼େ । ଏମିତ ଚାଲେ ନିଜ ଭିତରେ ଥରକୁ ଥର । ଆଉ କିଏ ଜଣେ କହୁଥାଏ: ମୋହନ ଦାସ... ମୋହନ ଦାସ...। ଯାହା ମୋତେ ଶୁଭେ.. କାହାକୁ ଶୁଭେ କି ନାହିଁ ଜାଣେନା ।

'ମୋହନ ଦାସ' ପ୍ରେମରେ କେବେ ପଡ଼ିଲି ଠିକ୍‌ସେ ମନେନ ହିଁ । କିନ୍ତୁ ସେ ମୋ ଭିତରେ ଅହରହ ନିଜର ସ୍ଥିତି ଜାହିର କରି ଚାଲିଥିଲେ । ମୁଁ ବେଳେବେଳେ ତାଙ୍କୁ ଅସ୍ୱୀକାର କରୁଥିଲି । କିନ୍ତୁ ସେ ନିଜ ଜିଦ୍‌ରେ ଅଟଳ ଥିଲେ ପ୍ରତିଥର ଭଳି । ମୋର ହଁରେ ତାଙ୍କର ନା' ଥିଲା । ଆଉ ତାଙ୍କ ନା'ରେ ମୋର ବହୁ ସମୟ ହଁ ଥିଲା । ଆମ ଭିତରେ ଛକାପଞ୍ଝା ଲାଗି ରହିଥିଲା କିଛି ବର୍ଷ ଧରି । ମୁଁ ତାଙ୍କୁ ଯେତିକି ଜାଣିଥିଲି, ଯେତିକି ଶୁଣିଥିଲି ମୋତେ ସେତିକି ସେତିକି ନିରୀହ ନିରୀହ ଦିଶୁଥିଲେ ସେ । ଧୀରେ ଧୀରେ ସେ ମୋ ପାଇଁ ପାଲଟି ଯାଉଥିଲେ ଦୟାର ପାତ୍ର । ତା' ପରକୁ ପର ଜଣେ ମାନବରୁ ମହାମାନବ ରୂପେ ଉଭା ହେଇଥିଲେ ସେ । ତାଙ୍କ ସାମ୍ନାରେ ମୁଁ ହେଇ ଯାଉଥିଲି ସାମାନ୍ୟରୁ ସାମାନ୍ୟ ମଣିଷ । ତାଙ୍କର ନିଷ୍ଠା ଆଗରେ ମୁଁ ହେଇ ଯାଉଥିଲି ନିଷ୍ପ୍ରଭ । ମୁଁ ହେଇ ଯାଉଥିଲି ଆବୋଧ, ନିର୍ବୋଧ । ଏଥର ସେ ଦେଶ, ଜାତି ପରି ମୋ ପାଇଁ ହେଇଗଲେ ଚିରନମସ୍ୟ ।

# ମୋହନ ଦାସ

## ଅମରେନ୍ଦ୍ର ମାଧବ ଦାଶ

ବାସ୍, ଆରମ୍ଭ ହେଲା ଏଥର ତାଙ୍କ ସହ ଆଉ ଏକ ଯାତ୍ରା । ଯେଉଁଠି ସେ ଥିଲେ ମୂଳରେ...ମୁଁ ଥିଲି ବାହକ ମାତ୍ର । ସେ ବେଳ ଅବେଳରେ ଏଥର ଆସି ଯାଉଥିଲେ ମୋ ପାଖକୁ...ଖଟ୍‌ଖଟ୍ କରୁଥିଲେ ମୋ ଦୁଆର । ଫିଙ୍ଗି ଦେଉଥିଲେ ଆଞ୍ଜୁଳା ଆଞ୍ଜୁଳା ଫୁଲ ପରି ଶବ୍ଦ । ମୁଁ ଯେତିକି ପାରିଲି ସାଉଁଟି ଚାଲିଲି ଯାହା । ଅନେକ ସମୟ ସେ ଆସୁଥିଲେ କିଛି ନା କିଛି ବାହାନାରେ ବି । କେବେ ମୁଁ ମୁହଁମାଡ଼ି ପଡ଼ିଥିବା ବେଳେ ତ ଆଉ କେବେ ନିଘୋଡ଼ ନିଦ୍ରାରେ ଥିବା ବେଳେ । ଇସାରା କରି ଖସି ଯାଉଥିଲେ ସେ । ମୁଁ ଆଲ୍ଲାମାଲ୍ଲା ହେଉଥିଲି ଯାହା । ତେବେ ଅନେକ ସମୟ ଧରି ରଖି ନପାରିବା ଭଳି ପରିସ୍ଥିତିକୁ ଭେଟିଲା ବେଳେ ସେ ହସୁଥିଲେ କିରିକିରି । ମୋ ବିଫଳତା ମୋତେ ହିଁ ଅଟ୍ଟହାସ୍ୟ କରୁଥିଲା । ଥରେ ଥରେ ମୁହଁ ମୋଡ଼ି ଚାଲି ଯାଉଥିଲେ ଯେ ମୁଁ ଭିତରେ ଭିତରେ ଅଣନିଃଶ୍ୱାସୀ ହେଇ ପଡୁଥିଲି । ଅନ୍ୟମନସ୍କତାରେ କଟି ଯାଉଥିଲା କିଛି ଦିନ, କିଛି ଦଣ୍ଡ, କିଛି ପକ୍ଷ, କିଛି ମାସ । ତା'ପରେ ହଠାତ୍ ଧାରେ ହସ ନେଇ ସେ ଠିଆ ହେଉଥିଲେ । ପାଦରେ କଠଉ, ହାତରେ ପୁରୁଷେ ଉଁଚର ବାଡ଼ି, ଅଂଟାରେ ଘଡ଼ି ନେଇ । ଧାଡ଼ି ପରେ ଧାଡ଼ି ଲେଖି ଯାଉଥିଲି ମୁଁ ଯନ୍ତ୍ରବତ୍ । ମୁଁ ମୋ ଭିତରେ ହିଁ ହଜି ଯାଉଥିଲି ଯାହା । ମନ୍ତ୍ରମୁଗ୍ଧ ହେବା ଭଳି ମୁହୂର୍ତ୍ତକୁ କ'ଣ ଆଉ ଥରେ ଭୋଗି ହୁଏ ?

ଏଥର 'ମୋହନ ଦାସ' ନାଁରେ ଆତ୍ମପ୍ରକାଶ କଲା କବିତା । ଗୋଟିଏ ପରେ ଗୋଟିଏ କବିତା ସମ୍ଭ୍ରାନ୍ତ ପତ୍ରପତ୍ରିକାରେ ସ୍ଥାନ ପାଇଲା । ଦେଶବିଦେଶରୁ ବନ୍ଧୁଙ୍କ ଠାରୁ ମିଳିଲା ଢେରସାରା ପ୍ରଶଂସା । ସମଧର୍ମା କିଛି କବି ବନ୍ଧୁ 'ମୋହନ ଦାସ'କୁ ବେଶ୍ ଆପଣାର କଲେ । କିଛି ବରିଷ୍ଠ କବି ସ୍ନେହପୂର୍ଣ୍ଣ ପ୍ରଶଂସାରେ ପୋତି ପକାଇଲେ କବିତାକୁ ନେଇ । ଏପରି କି 'ମୋହନ ଦାସ' କବିତା କିଛି ସ୍ଥାନରେ ଆଲୋଚନା, ପର୍ଯ୍ୟାଲୋଚନା ହେଲା । କିଛି ଶୁଭାକାଂକ୍ଷୀ ଏହାର ସୁଦୂରପ୍ରସାରୀ ବିଷୟରେ ମୋତେ ସଚେତନ କଲେ । କିଛି ଏହାକୁ ନେଇ ମୋ ମନରେ ବୁଣିଲେ ନୂଆ ସ୍ୱପ୍ନ । 'ମୋହନ ଦାସ' ଶୀର୍ଷକରେ ଲେଖିଥିବା ସମସ୍ତ କବିତାକୁ ନେଇ ସଂକଳନଟିଏ କରିବାକୁ କେତେ ଜଣ ପ୍ରସ୍ତାବ ବି ଦେଲେ । ଆଉ କିଛି ଏହି କବିତା ମୋ ପାଇଁ ସରସ୍ୱତୀଙ୍କ ବରଦାନ ବୋଲି ଅଭିହିତ କଲେ । ଯଦିଓ ଏତେ କଥା ମୋ ମନକୁ କେବେ ବି ଆସିନଥିଲା । ସମସ୍ତଙ୍କ ପରି ଏବେ 'ମୋହନ ଦାସ' ମୋ ପାଇଁ କେବଳ 'ମୋହନ ଦାସ'।

ପ୍ରକାଶୋନ୍ମୁଖୀ କବିତା ସଙ୍କଳନ 'ମୋହନ ଦାସ'କୁ ନେଇ ମୋର ସେମିତି କିଛି ଯୋଜନା ନଥିଲା । ନଥିଲା ବି କିଛି ଯୋଜନାବଦ୍ଧ ଭାବେ ତାଙ୍କୁ ରୂପ ଦେବା । ସେ ତ ନିଜେ ଗୋଟେ ସ୍ୱୟଂସମ୍ପୂର୍ଣ୍ଣ କବିତା । ତାଙ୍କୁ ନେଇ କ'ଣ ବେଶି କିଛି ଲେଖି ହୁଏ ? କିନ୍ତୁ ଏତିକି କହି ପାରିବି ସେ ଯେମିତି ଆସିଲେ ମୁଁ ତାଙ୍କୁ ସେମିତି ଲେଖିଦେଇ ଗଲି ଯାହା । ଜାଣେନା ତାଙ୍କୁ ଲେଖିବା ପରେ କେତେ ମାତ୍ରାରେ ମୁଁ ଉତାରି ପାରିଛି ତାଙ୍କୁ ଠିକ୍ ରୂପେ ! ତଥାପି ମୋତେ ବେଶ୍ କିଛି ଯାଏଁ ବାଟ କଢ଼େଇ ନେଇଛି ତାଙ୍କ ଅହିଂସା । ତାଙ୍କର ସତ୍ୟର ପ୍ରୟୋଗ । ନୀତି, ନୈତିକତା, ସମୟାନୁବର୍ତ୍ତିତା । ଆନ୍ଦୋଳନ, ଅନଶନ, ଆତ୍ମମଗ୍ନ ହେବାର କୌଶଳ । କିନ୍ତୁ ଏହି ସଙ୍କଳନ 'ମୋହନ ଦାସ'ଙ୍କ ଜୀବନର ଏକ ଦଲିଲ୍ ନୁହେଁ, ଏକ ପ୍ରୟୋଗ । ଯଦି ଏହା କାହାକୁ ସାମାନ୍ୟତମ ପ୍ରଭାବିତ କରିବ ତେବେ ମୋର ଶ୍ରମ ସାର୍ଥକ ହେବ ।



ତୁମ ସରଳତାକୁ
ସହଜେ ଗ୍ରହଣ କରିପାରୁନା ଆମେ
ତୁମ ସତ୍ୟକୁ ବି
ସ୍ୱୀକାର କରିବାକୁ
ସାହସ କୁଳାଏନା ଅନେକ ସମୟରେ ଆମର...

କେଉଁ ଧାତୁରେ ଗଢ଼ା କେଜାଣି
ଯେଉଁ ମାଟିରେ କଦାପି ଦେଇ ହୁଏନି ପାଦ
ଅସମ୍ଭବ ଅସମ୍ଭବ ଲାଗେ ସବୁ କିଛି
ପ୍ରୟାସ ନିରର୍ଥକ ବୋଲି ପ୍ରତ୍ୟୟ ହୁଏ,
ତୁମେ ବେଶ୍ ଆରାମରେ
ସେଇ ରାସ୍ତାରେ ବାଟ ଚାଲ ବେଶ୍ ଦୂରଯାଏଁ...

ଅନେକ ଅସନ୍ତୋଷ, ଅନେକ ବିଦ୍ରୋହ
ଅନେକ ତିକ୍ତତା, ଅନେକ ଷଡ଼ଯନ୍ତ୍ର ପରେ ବି
କେମିତି ରୁହ ତୁମେ ଅବିଚଳିତ, ସ୍ଥିରଚିତ୍ତ ?
ମଗ୍ନମାଟିର ମଣିଷ ପରି କେଜାଣି ?
ବୁଝିବା ଶକ୍ତି ବାହାରେ ରହିଯାଅ
ସଦାକାଳ ତୁମେ,
ଆମେ ଥ' ହେଇ ସେମିତି ଦେଖୁଥାଉ ଯାହା...

ମାଟି ସହ ଆମେ ମାଟି ହେଲା ବେଳେ
ତୁମେ ବାଂଟି ଚାଲିଥାଅ
ବିଶ୍ୱ ଭାତୃତ୍ୱ, ମଣିଷପଣିଆର ବାର୍ତ୍ତା
କହି ଚାଲିଥାଅ ନିରୁତା ଜୀବନର
ସୂକ୍ଷ୍ମାତିସୂକ୍ଷ୍ମ ଗୁଢ଼ରହସ୍ୟ
ପଢ଼ାଇ ଚାଲିଥାଅ ସତ୍ୟ,
ଅହିଂସାର ସେ ଅବୁଝା ପାଠ
ଯାହା ଆମ ମଗଜର ଊର୍ଦ୍ଧ୍ୱରେ
ରହିଥାଏ ସେସବୁ...

ଆଉ ଯେତେ ଯେତେ
କବଳିତ କରି ଚାଲିଥାଏ
ମିଛ, ମାୟାର କୁଟିଳତା
ତୁମେ ସେତିକି ସେତିକି
ପରିଚ୍ଛନ୍ନ ହେଇ ଆସୁଥାଅ ସଦାକାଳ
(ସକାଳର ଉଦିତ ସୂର୍ଯ୍ୟ ପରି)
ଅନ୍ଧାରର ଗହଳି ଭିତରେ ସ୍ୱଚ୍ଛ ଦିଶ
ପଲକରେ ଉଦ୍‌ଭାସିତ ହୋଇଉଠେ
ତୁମ ପାକୁଆ ପାଟି ଓ ହସ ହସ ମୁହଁ
ନିଛକ ମାନବତା ଆଉ ସତ୍ୟର ପ୍ରତୀକ ହେଇ
ଆମ ସାମ୍ନାରେ ଠିଆ ହୁଅ...

ପ୍ଲଟ୍ ନଂ ୧୩୦୨/ଏ (ପ୍ରା)
ୟୁନିଟ୍-୪, ଶାସ୍ତ୍ରୀନଗର, ଭୁବନେଶ୍ୱର-୭୫୧୦୦୧
ଫୋନ : ୯୪୩୭୩୫୯୯୪୫



ରୂପାୟନ : ଭାସ୍ୱତୀ ବସୁ
ଫଟୋ : ଶୁଭଶ୍ରୀ ଶୁଭସ୍ମିତା ମିଶ୍ର

# ପୂର୍ଣ୍ଣଚ୍ଛେଦ

## ତପନ ପଟ୍ଟନାୟକ



କବି ତପନ ପଟ୍ଟନାୟକ

ପଉଷର ଶେଷ ଜହ୍ନ
ଆସ୍ତେ ଆସ୍ତେ
ହୋଇଆସେ କ୍ଷୟ

କୋଳାକୋଳି ହୁଏ ଆସି
ଟିକିଏ ଅନ୍ଧାର ଆଉ
ଟିକିଏ ଆଲୁଅ ।

ଗଛ ତଳେ ଶୋଇପଡ଼େ
କ୍ଳାନ୍ତ ହୋଇ
ଶେଫାଳି ଫୁଲଟି

କୁଆଁତାରା ନିଃଶେଷିତ
ହେଉଥାଏ ମାଗୁଥାଏ
ରାତି ଠୁ ବିଦାୟ ।

କେତେ କାହା ଜୀବନ ବି
ଘୁଣଖିଆ କାଠ ପରି
ଆସୁଥାଏ ସରି

ଚାଲିବା ବାଟରେ ଥାଏ
କେତେ ମୋଡ଼
କେତେ ଯେ ବୁଲାଣି

ଉଠାଣି ଗଡ଼ାଣି ଦେଇ
ପଡ଼ି ଉଠି ଚାଲୁ ଚାଲୁ
ନିଷ୍ଟେ ଧୂଳି ଧୂସରିତ ହେବା

କେତେ ଯେ ନିଟୋଳ ସତ୍ୟ
ମଣିଷର
ଜୀବନ କାହାଣୀ ।

ଏତିକି ଜାଣିବା ପାଇଁ
ପୃଥିବୀରେ
ଏତେ ଏତେ ଏକତ୍ରୀକରଣ

ଏତେ ଛକା ପଂଝା ଖେଳ
ଏତେ ବାଦବିବାଦର ତର୍କ
ଏତେ ଏତେ ବ୍ୟଭିଚାର
ଅନାଚାର
ଏତେଏତେ ନିର୍ମମ ଧୂର୍ତ୍ତତା

ଯାହାପାଇଁ ଦେଖିବାକୁ ହୁଏ ପୁଣି
ବଂଚିଥାଉ
ପାପ, ଭୋଗୀ ନର୍କ ।
ଏ ପଉଷ ସଂଜ ପୁଣି
ଭିଡ଼ ଲାଗେ
ଗୋଧୂଳିଟା
ଆସିଗଲେ ଜମି

ଶୀତର ବାସ୍ନାଟା ଲାଗେ
ମୁଲାଏମ୍
ନିଆରା ନିଆରା

ଲୁଚକାଳି ଖେଳିବାକୁ
ଇଚ୍ଛା ହୁଏ
ଘନୀଭୂତ ଅନ୍ଧାର ଭିତରେ

ତୁମର ଚୁମ୍ବନ ପରି
ସେମାନଙ୍କ
ଢେଉର ଫୁଆରା ।

ତୁମେ ଆଉ ନାହଁ ଯେଣୁ
ସବୁକିଛି
ମୂଲ୍ୟହୀନ ଲାଗେ ।

ଫୋ ଫା କଥା ପରି
ବଂଚିବାଟା
ତୀବ୍ର ତୁଚ୍ଛ ଭାରି

ଯେତେ ଲୋଭ ମୋହ ମାୟା
ଅଙ୍କ ସବୁ
କଷିବାର ଦୃଶ୍ୟ

ଦିଆନିଆ ମିଛ କଥା
ମରୀଚିକା
କିଆରି କିଆରି ।

ଅନେକ ଗହନ ତତ୍ତ୍ୱ
ବୁଝୁ ବୁଝୁ
ରାତି ପାହିଥାଏ
କିଏ ବା କଅଣ ଜାଣେ
ଜାଣିବାକୁ
ସମୟ ବା କାହିଁ ?

ଆୟୁଷର ସୂକ୍ଷ୍ମରେଖା
ଅତର୍କିତେ
ହୁଏ ପରା ଶେଷ
ଶେଷରେ ଅପେକ୍ଷା ଖାଲି
ମାତ୍ର ଏକ
ପୂର୍ଣ୍ଣଚ୍ଛେଦ ପାଇଁ ! !

ବାଲୁଗାଁ, ଖୋର୍ଦ୍ଧା-୭୫୨୦୩୦
ଫୋନ : ୮୨୪୯୦୩୪୫୦୪

# ପ୍ଲାଟ୍‌ଫର୍ମ

## ବଂଶୀଧର ଚୌଧୁରୀ

ତିରସ୍କୃତ ଏକାକୀତ୍ୱର
ମୁକୁଳା ଅହମିକା
ତଥାପି ଅଣ୍ଡାଳୁଥାଏ
କାଗଜ ଠୁଙ୍ଗାର ଗର୍ଭ
ସମୁଦ୍ର ଶାମୁକାର ମୁକ୍ତାଠାରୁ ମୂଲ୍ୟବାନ
ଦୁଇ ମୁଠା ଝାଲ୍‌ମୁଢ଼ି ।

ମୋର ବିଶ୍ୱାସ
ତା' ନିଃଶବ୍ଦ ଶବ୍ଦରେ ଥିଲା
ନିଶ୍ଚିତ ହିଁ
ଅନିଶ୍ଚିତତାର ନିରୋଳା ସନ୍ଧାନ
ଏବଂ ମୁଁ
ସଇତାନ ନୁହେଁ କି ଭଗବାନ
ମୁଁ ମଣିଷ ।

ମୋର କାକୁସ୍ଥ ଅତୀତ
ବିପର୍ଯ୍ୟସ୍ତ ବର୍ତ୍ତମାନ ଏବଂ
ଅଣାୟତ୍ତ ଭବିଷ୍ୟତ
ମୋ ମୁଠାରେ ।

ମୁଁ ଫୁଙ୍କିପାରେ
ଫଟା ବଇଁଶୀରେ
ଉଚ୍ଛୁଳା ସଂପ୍ରୀତିର ସୁମଧୁର ସ୍ୱର

ମୁଁ ଗାଇପାରେ
ନିଷ୍ଠୁର ସମୟର
ଉଦାର ସଂଗୀତ
ମୁଁ ଆଙ୍କିପାରେ

ଲହୁଭିଜା ମୋ ଅସ୍ଥିର ନିହାଣରେ
କାଳଜୟୀ କଳାର କୋଣାର୍କ ।

ପ୍ଲାଟଫର୍ମ ତ ପ୍ଲାଟଫର୍ମ ନୁହେଁ
ଗୋଟେ ପ୍ରତ୍ୟକ୍ଷ ପ୍ରମାଣ
ନିରାଟ ସତ୍ୟ କଠୋର ବାସ୍ତବ
ସଚେତ ସଜୀବ ସବାକ୍
ଜୀବନର ଅନନ୍ତ ଗତିର ।

ଦାଉ ଦାଉ ଭୋକର ତୁମୁଳ ସଂଘର୍ଷ ଓ
ଶସ୍ତା ହାର୍‌ଜିତ୍ ଭିତରେ
ସେ ତଉଲିଛି
ପୀଡ଼ିତ ପ୍ରତିବାଦୀର ପ୍ରାଣସ୍ପନ୍ଦନ ଏବଂ
ପ୍ରତିବିପ୍ଳବୀର ନିଷ୍ଠୁର ଆସ୍ଫାଳନ

ସେ ଅନୁଭବିଛି
ଡେଇଁ ଡେଇଁ ଅକ୍ଷାଂଶ ଦ୍ରାଘିମା
ପ୍ରତିଲିତା ଅମଡ଼ାରେ ଲୋହିତ ପାଦରେ
ଛୁଇଁବାକୁ ବିଜୟର ମେରୁ
ଜୀବନ ପାଇଁ ହିଁ ଧାଇଁଛି ଜୀବନ
ଜାଣିଛି ବି
ନିଛାଟିଆ ଅନ୍ଧାରରେ
ଭଙ୍ଗାଚୁଡ଼ି ଓ ଚିରାଶାଢ଼ିର ଦର
ଏବଂ ଦେଖିଛି
ମହୁବଦଳରେ କେମିତି
ବିକ୍ରିହୁଏ ମଦ
ଅଥଚ ଟୋପାଏ ପାଣି ପାଇଁ
ଅଠା ଅଠା ହେଉଥାଏ ତଣ୍ଟି
ତଥାପି
ଜୀବନ ଖୋଜୁଥାଏ
ଜୀବନର ଅର୍ଥ । ♥

**ମେଘଡମ୍ବରୁ, କୁରୁଡ଼ା
ବାଲେଶ୍ୱର-୭୫୬୦୫୬
ଫୋନ : ୯୯୩୭୪୧୩୫୪୩**






▲ ବଂଶୀଧର ଚୌଧୁରୀ

# ତମେ

## ମନୋଜ ମେହେର

ତମର କେଉଁଠି ମୁଁ ଦେଖି ପାରୁନାହିଁ
ଫୁଲ କି ପ୍ରଜାପତିର ରଙ୍ଗ
ପକ୍ଷୀର କାକଳି କି ନଦୀର କୁଳୁକୁଳୁ,
ଯେତେବେଳେ ଯେଉଁଠି ଦିଶିଛି
ଇନ୍ଦ୍ରଧନୁର ରଙ୍ଗ
ଆବିଷ୍କାର କରିଛି ତମକୁ
ଏକ ଆଶ୍ଚର୍ଯ୍ୟ ମରୀଚିକା ରୂପେ ।

ମାଆର ମମତ୍ୱ ଦୂରର କଥା
ଶିଶୁଟିଏର ହସର ଝଲକ ଯଦି ବି
ମୁଁ ପାଇଯାଆନ୍ତି ତମଠି,
ବୃକ୍ଷର ବିଶ୍ୱରୂପ ଦେଖିବା ପାଇଁ
ହରେକ ଦେଖଣାହାରୀ କିମ୍ୱା
ପଥିକ ହେବାର ଲକ୍ଷ୍ୟରେ
ଶିଖର ବିନ୍ଦୁରେ ଥିବା ମୂଳକୁ
ଯେପରି ହାଣି ଚାଲିଛି
ସେଥିରୁ ରହନ୍ତି କ୍ଷାନ୍ତ ।

କେଉଁ ଉପାଦାନରେ ଗଢ଼ା
ପ୍ରେମିକ ମୁଁ ଯେ
ସର୍ବପ୍ରଥମେ କାହାର କାନ୍ଦରେ
ଭିଜିବାକୁ ହୁଏ ଆଗଭର,
ତମର ଆମ୍ବୁଆଳୀ ଦେହ
ଗଢ଼ାଇ ପାରେନାହିଁ
ମୋର କୌଣସି ଲାଳ ।

ତମେ କାହା ପାଇଁ ହୋଇପାର
ଅଦ୍ୱିତୀୟ ରୂପସୀ,
କିଏ କିଏ କହିପାରନ୍ତି ସ୍ୱର୍ଗର ଅପସରାଠୁ ବି
ତମେ ଅଧିକ ମାରକ ।
ତମର ସଂସ୍ପର୍ଶରେ ଆସିବା ପରେ
'ତମେ ନୁହେଁ କାହାରି'କୁ ନେଇ
ଯେଉଁ ଦ୍ୱନ୍ଦ୍ୱ ଓ ସଂଶୟ
ମୋତେ ସାରିଦେବାକୁ ବସିଥିଲା
ପାଇଗଲି ଗୋଟାପଣେ ନିଷ୍କୃତି,
ନିଜର ପାରଦୀୟ ଅସ୍ତିତ୍ୱରେ
ସଦର୍ପ ଠିଆହୋଇ
କଲି ଅର୍ପଣ 'ମୁଁ'କୁ ।

ତମେ ମୋତେ ତମର ମାୟାବଗିଚାକୁ
ନୀଳ ଆମନ୍ତ୍ରଣ କରିବାର ଦ୍ରୋହ କରନା ।
ତମର ନିକଟ କି ଦୂରଠୁ
ଛାଡ଼ିଦେଇଛି ଆଶା
ଆଉ କିଛି ମହାଶିକ୍ଷା ଲଭିବା;
ତମେ ଚାହିଁଲେ ଅବଶ୍ୟ
ପରୀକ୍ଷା ନେଇପାରିବ
ଲୁହରେ ବତୁରାଇ ମୋ ପ୍ରେମିକତ୍ୱର ।
ତମର ରହସ୍ୟମୟ ଅଭିସାର
ତମକୁ କରିଦେଇଛି ଭଅଁରମାରୀ ଗଛ,
ବୟସ ନିର୍ବିଶେଷରେ


ଛବି ମନୋଜ ମେହେର

ସବୁ ଅନ୍ଧପ୍ରେମିକ ଧରିନିଅନ୍ତି ତମକୁ
ଶ୍ରେୟସ୍କର ମାର୍ଗ ରୂପେ
ଆତ୍ମହତ୍ୟା କରିବା ପାଇଁ;
କିପରି ସୁନ୍ଦରୀ ତମେ ??

'ସମାଜ' କାର୍ଯ୍ୟାଳୟ
ଗୋପବନ୍ଧୁ ଭବନ, କଟକ-୧
ଫୋନ : ୯୪୩୮୭୦୫୨୫୬


ରୂପାୟନ : ଭାସ୍ୱତୀ ବସୁ
ଫଟୋ : ଶୁଭଶ୍ରୀ ଶୁଭସ୍ମିତା ମିଶ୍ର


ଫଟୋ କୁଞ୍ଜବିହାରୀ ଧଳ

## ଅମୃତ ଲଗ୍ନ

**ଡକ୍ଟର କୁଞ୍ଜବିହାରୀ ଧଳ**

ଯେତେ ଭାବିଲେ ଇ ଭାଙ୍ଗିରୁଜି ଦେବାକୁ ତମକୁ
ଅନ୍ଧାରରେ ଅସ୍ପଷ୍ଟ ଛବିକୁ
ପାରି ନାଇଁ । ଛପେ ନାଇଁ ତୀକ୍ଷଣ ନଖ
ପାଦଚିହ୍ନ ପୋଛି ଦେବା ପାଇଁ ।
ପାରିଛି କି ?

ଯେତିକି ଛାଇର ଯେତେ ରଙ୍ଗ ଅଧାଗଢ଼ା
ଆମ କାହାଣୀର ।
ଧ୍ୱଂସର ପ୍ରମୂର୍ତ୍ତ ମୁହୂର୍ତ୍ତମାନଙ୍କ
ନିଉଛୁଣା ଶବ୍ଦଙ୍କୁ ନିଉଛାଳି ଦେବା ପରେ
ଅଭିମନ୍ତ୍ରିତ ପଦଗୁଡ଼ିକ ଅପାପବିଦ୍ଧ
ଅକ୍ଷରଙ୍କୁ ଏ ପଙ୍କ ଭିତରୁ ଅଭିଷିକ୍ତ କରାନ୍ତି
ଫୁଟାଇ ଦେବାକୁ ନୀଳ ପଦ୍ମଟିଏ ।
ମତୁଆଲା ଭଅଁରଟେ ପଦ୍ମକୋରକରୁ
ମାତିଯାଇ ବୁଣି ଯାଉଥାଏ
ପ୍ରୀତିର ମୁରୁଜ ।

ମନେହୁଏ : ନିଶ୍ଚିହ୍ନ ହେଇଯାନ୍ତା କି
କଅଁଳ ଭଅଁର ।
ଉତ୍ତର ଦିଏ: ଆପେ ଆପେ
ଜୀବନ ଦେବ ସେ, ସଂଜ ନଇଁଲେ
ପଦ୍ମପାଖୁଡ଼ା ମୁଦିଗଲା ପରେ ।

ମୋର ଦୁଃସାହସ ଯେ, ତମ ହସର
ପାଖୁଡ଼ା ଗୁଡ଼ିକୁ ଖତମ୍ କରିଦେବାକୁ ।
ଅଥଚ ତମେ କହୁଚ: ପାରିବ ନାହିଁ ।
କାରଣ ମୋ ଅହଂକାରର ବୀଜଗୁଡ଼ିକ
ବଶୀଭୂତ ହୋଇଯାଇଛି କୋଉକାଳରୁ
ପଙ୍କ ଭିତରେ । ♥

ବାଲେଶ୍ୱର, ଫୋନ:୯୮୬୧୩୯୩୫୬୦

## ତଥାପି ସେମାନଙ୍କ ଡର !

**ଅକ୍ଷୟ ସାମଲ**

ସେହି ନଦୀ ଯାହା ଛଡ଼େଇ ନେଲ ଆମଠୁ
ସେହି ଜଙ୍ଗଲ ଯେଉଁଠୁ
ବେଦଖଲ କଲ ଆମକୁ
ସେହି ମାଟି ଯେଉଁଠି
ଏବେ ବି ରହିଛି ବଳଦ ଖୁରାର ଚିହ୍ନ,
ଆଉ ଝରା ପତ୍ରର ଶବ୍ଦରୁ
ଏବେ ବି ବେଳେବେଳେ ଶୁଣାଯାଏ
ଗାଇଆଳର କୋହମିଶା ଗୀତ,
ଆକାଶରେ ଖେଳୁଥିବା ଜହ୍ନ
ଯାହାର ଜୋଛନାରେ ଗାଧୋଉଥିଲା
ଆମ ଛପର ଘର,
ସେସବୁ ଆମ ଦେଶର
ନକ୍ସାରୁ ଏବେ ନିଶ୍ଚିହ୍ନ ।

ଏବେ ଗାଁ'କୁ ଆମ ଗାଁ' କହିବା
ନଦୀକୁ ଆମ ନଦୀ କହିବା
ପାହାଡ଼କୁ ଆମ ପାହାଡ଼ କହିବା
ଜଙ୍ଗଲକୁ ଆମ ଜଙ୍ଗଲ କହିବା,
ଅଭିହିତ ହେବ
ରାଷ୍ଟ୍ର ବିରୁଦ୍ଧରେ ଷଡ଼ଯନ୍ତ୍ରର ସ୍ୱର,
ନହେଲେ ଆମ ମୁଣ୍ଡରେ ପିନ୍ଧେଇ ଦେବେ
ଶିରିପା ଆତଙ୍କବାଦ ଅବା ନକ୍ସଲର ।

ସେମାନେ ଏବେ ନିର୍ଦ୍ଧାରଣ କରିବେ
ଆମ ଦେଶର ସୀମା,
ଗଢ଼ିବେ ନୂଆ ଧର୍ମର ପରିଭାଷା,
ଆଉ ସ୍ଲୋଗାନ୍‌ରେ ବାନ୍ଧିଦେବେ
ଦେଶ ପ୍ରେମର ଗାଥା ।

ନିଜ ଦେଶରେ ଦେଶାନ୍ତର ହୋଇଯାଇଥିବା
ଆମେ ଗୋଟେ ଗୋଟେ ମେହନତୀ ମଣିଷ,
ବାରମ୍ବାର ଆମକୁ ତାଗିଦ୍ କରାଯାଏ
ଭୁଲିବାକୁ ଆମ ଘରଦ୍ୱାର,
ଆମକୁ ଜଳ ଘେରିରେ ସମାଧି ଦେଇ
ତିଆରି କରନ୍ତି ବଡ଼ବଡ଼ ନଦୀବନ୍ଧ,
ଖଣି ଖାଦାନ ଲୁଟ୍ ପାଇଁ
ଯୋଜନା କରନ୍ତି
ଚଞ୍ଚକତାର ନୂଆ ନୂଆ ବାଟ ।
ଗୋଳାବାରୁଦର ଅଭ୍ୟାସ
କିମ୍ବା ପରମାଣୁର ପରୀକ୍ଷଣ
ବା ପୁପତିର ସ୍ୱପ୍ନର ସାକାର ପାଇଁ
ଆମ ସ୍ୱପ୍ନକୁ ଦଳି ଚକଟି
ଉଜାଡ଼ି ଦିଅନ୍ତି ଆମ ଭିଟା ମାଟି ।

କେହି କେହି କହନ୍ତି
କେଉଁ ଏକ ମୁଖ୍ୟାଳୟରେ
କାଳେ ବନ୍ଧା ପଡ଼ିଛି ଆମ ଦେଶ,
ଯେଉଁଠି ନିଷ୍ପତ୍ତି କରାଯାଏ
ଆମ ଜାତୀୟତାର ମାପଦଣ୍ଡ,
ଧର୍ମ, ଅଧର୍ମର ଶ୍ରେଣୀ
ଆଉ ଦେଶ ଦ୍ରୋହର ରୂପରେଖ ।

ସତ୍ତା କିମ୍ବା ସଂସ୍କୃତି
ରକ୍ଷା ନାଁ'ରେ ସେମାନେ ତିଆରି କରନ୍ତି
ଲମ୍ପଟ ଗୋରକ୍ଷକ,
ରକ୍ତରିତ ଆଉ ବିକଳାଙ୍ଗ
କରନ୍ତି ଆମ ସୁନ୍ଦର ଭୂଖଣ୍ଡ,
ବନ୍ଦୀଶାଳରେ ବଦଳେଇ ଦିଅନ୍ତି ସାରା ଦେଶ,
ଶୁଖେଇ ଦିଅନ୍ତି ନଦୀନାଳ
ଜଳେଇ ଦିଅନ୍ତି ଜମି ଜଙ୍ଗଲ
ଛଡ଼େଇ ନିଅନ୍ତି ପିଲାଙ୍କ ଶୈଶବ
ଆଉ ଆମ ଅଧିକାର ।

ଏମିତି ଛଡ଼େଇ ନେବାକୁ ଚାହାନ୍ତି
ସେମାନେ ସବୁକିଛି ଆମର ।

ପୁଲିସ୍, ସେନା, ନ୍ୟାୟଳୟ
ବହୁଜାତୀୟ ଦଲାଲ୍
ସବୁ ତ ତାଙ୍କର,
ତଥାପି କ'ଣ ପାଇଁ ସେମାନଙ୍କର
ଆମକୁ ଏତେ ଡର ?

ବୋଧେ, ନିଜ ଦେଶରେ ଅସ୍ତିତ୍ୱ
ହରାଇଥିବାର ଆମ ଜ୍ୱାଳାକୁ,
ନିଜ ଘରୁ ବେଘର ହୋଇଯିବାର
ଯନ୍ତ୍ରଣାର ଝଡ଼କୁ,
ବ୍ୟବସ୍ଥାକୁ ବଦଳେଇ ଦେବାର
ଆମ ଆଶାର ଚିରସ୍ରୋତା ନଈକୁ,
ସଂଘର୍ଷ ଆଉ ବିପ୍ଳବର
ସୁନେଲୀ ସ୍ୱପ୍ନକୁ,
ନା' ଆମ ଦେହ ଭିତରର
ଜଙ୍ଗଲରେ ଲାଗିଥିବା ନିଆଁ ହୁଳାକୁ ? ♥

କଲଚରାଲ ଏକାଡ଼େମୀ
ସେକ୍ଟର-୫,
ରାଉରକେଲା-୭୬୯୦୦୨
ଫୋନ : ୮୯୫୦୯୩୭୨୪


ଫଟୋ ଅକ୍ଷୟ ସାମଲ

# ସ୍ତ୍ରୀଲୋକ

## ସଂଜିତ୍ କୁମାର ବଳ

ରାତି ନିଃଶବ୍ଦ ହେଲେ
କ'ଣ କରେ ସେ ସ୍ତ୍ରୀଲୋକ !

ଶେଷ ରୁଟିପଟକର ବାମ୍ଫରେ
ରଖିଦିଏ ଛାଇନିଦ,
ତା ନିଶ୍ୱାସର ପବନ
ଅନ୍ୟମନସ୍କ ହେବା ଆଗରୁ
ରାତି ଆଖିରେ
ଢ଼ଳଢ଼ଳ ସ୍ୱପ୍ନ ହାତକୁ
ଟେକିଦିଏ ତା' ଅବଶେଷ ।

ସାରାଦିନର ଅନେକ
ଦୀର୍ଘଶ୍ୱାସକୁ ଉଷୁମ ପାଣିରେ
କୁଳିକରେ ସେ ସ୍ତ୍ରୀଲୋକ,
ଚୁପ୍‌କିନା ହସିଦିଏ
ଯେବେ ମନେପଡ଼େ
କିଛି ପାଦରେ ସେ କେମିତି
ପିନ୍ଧାଇଛି ଶବ୍ଦ
ନିଜ ଗୋପନୀୟ ଶବ୍ଦଙ୍କୁ
ରଖିବାକୁ ନିରାପଦ ।

ଅନେକ ଯନ୍ତ୍ରଣାକୁ
ସେ ଶିଖାଏ ଆତ୍ମସମର୍ପଣ,
ତରଳି ସାରିଥିବା ଦୁଃଖକୁ
ଠୁଳକରି ଖଂଜିଦିଏ ସଳିତା
କେହି ନିଆଁ ଧରାଇଲେ
ସେ ଦେଖିପାରିବ ନିଜ ଲୁହ
ଯେମିତ ଆଉ କିଛିକ୍ଷଣ ।

ଲୁହ ତା'ର ସବୁଠୁ ନିଜର
ଯାହା ସବୁବେଳେ ଲାଖିଥାଏ
ତା'ଭିତରେ ଫୁଟିଥିବା
ଫୁଲପାଖୁଡ଼ାରେ ।
ଲୁହ ଝରେନାହିଁ
କାହା ଆଘାତରେ
ବରଂ ଫୁଲକୁ ପବିତ୍ର କରେ
ଯାହା ସମର୍ପିତ ହେଇ ପାରିବ
ସେ ସ୍ତ୍ରୀଲୋକ
ବୋହି ଚାଲିଥିବା
ଅଭିଶାପର ପାଦପଦ୍ମରେ ।

ସେ ଚିରି ହେଇଯାଏ
ରାତି ନିଃଶବ୍ଦ ହେଲେ ।
କେହିବି ଜାଣି ପାରନ୍ତିନି
ଭିନ୍ନ ଭିନ୍ନ ଅଂଶରେ ଥିବା
ତା' ଅଭାବବୋଧ ଓ
ଅବସୋସକୁ ଭେଟିବା ପାଇଁ ସେ
ଯା' ଆସ କରେ କେଉଁ ରାସ୍ତାରେ,
ସେତକ ନଜଣାଇବାକୁ
ସେ ଶପଥ କରାଇଥାଏ
ଈଶ୍ୱରଙ୍କୁ ସଂଜସଂଜିଆ ପ୍ରାର୍ଥନାରେ ।

ମୃଷାଙ୍ଗ, ତିହିଡ଼ି, ଭଦ୍ରକ
ଫୋନ : ୯୪୩୯୦୫୧୮୮୦



ଶ୍ରୀ ସଂଜିତ୍ କୁମାର ବଳ



# ଆଜି ବୋଧେ ଜହ୍ନର ଜନ୍ମଦିନ

## ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ର

ଆଜି ବୋଧେ ଜହ୍ନର ଜନ୍ମଦିନ
ମୋ ସ୍ମୃତି ଏବଂ ସ୍ୱପ୍ନର ମଧୁମୟ ବେଳ
ଶାନ୍ତିନିକେତନର ଏଇ ବର୍ଷା ଧୁଆ ଖରାବେଳ ।
ମୋ ସହିତ ସଙ୍ଗାତ ହୋଇ ଆସିଛି ବର୍ଷା
ଦେଖିବାକୁ ଶାନ୍ତିନିକେତନ ।

କେତେ ଆଲୋକବର୍ଷ, କେତେ ମନ୍ୱନ୍ତର ଡେଇଁ
ମୁଁ ଆସିଛି ଦେଖିବାକୁ
ମୋ ପ୍ରିୟ ଶାନ୍ତିନିକେତନ ।

ଆଗ ପରି ଭୀରୁ ଯୁଥିକାରେ, 'ଫାଗୁନ୍ ବଧୂର'ର
ସଲ୍ଲଜ ଓଠରେ
ଅନୁରାଗ, ଅନୁରାଗ, ମଧୁଝରା ସ୍ୱର
ଆଜି ଏଇ ଫୁଲଫୁଟା ବେଳ
ମୁଗ୍ଧ ଖରାବେଳ,
ବର୍ଷାରେ ଓଦା ହୋଇଯାଏ
ମୋ ପ୍ରିୟ ଶାନ୍ତିନିକେତନ ।

ଶାନ୍ତିନିକେତନ ବିଷୟରେ କବିତା ଲେଖିଲା ବେଳେ
ମୁଁ ଭୀଷଣ ଅସହାୟ ହୋଇଯାଏ ।
ଯେମିତିକି ଶାନ୍ତିନିକେତନ ଏକ ନାଁ ନୁହେଁ
ଚେତନାର ଭୂମୀ ।
ଯେଉଁଠି ମୁଁ କିଛିବେଳ
ଭୁଲି ଯାଇଥିଲି ପୃଥିବୀର ସମସ୍ତଙ୍କୁ ।
ଏଇ ଭୂମିରେ ମୁଁ ପୋତି ଦେଇଥିଲି ପ୍ରେମର ମଞ୍ଜିକୁ ।
ଆଜି ଆସି ଦେଖୁଛି ସେ ଗଛଟି ମହୀରୂହ
ପାଲଟି ଯାଇଛି ଏହା ଭିତରେ ।

ଶାଳପ୍ରାଂଶୁ ଡେଣାରେ ତାର
କେତେ ବିସ୍ମୟ ବସା ବାନ୍ଧିଛି ।
ଶାନ୍ତିନିକେତନ ଏକ ବିସ୍ମୟ
ଏକ ସ୍ୱପ୍ନମୟ ଭୂଖଣ୍ଡ । ♥

ପ୍ରୀତମପୁରୀ, ୧୨୫- ଆଚାର୍ଯ୍ୟ ବିହାର
ଭୁବନେଶ୍ୱର
ଫୋନ୍ :୯୪୩୭୦୧୧୦୦୩



▶ଫଟୋ ମନୋରମା ବିଶ୍ୱାଳ ମହାପାତ୍ର

# ଆଶ୍ୱାସନା

## ଶ୍ୱେତା ରାଉତ

ଆଶ୍ୱାସନାଟେ ଯଦି ହୋଇପାରନ୍ତା ଭାଗ୍ୟ
ମୁଁ ତ ଭିକାରୀକୁ ବି ଠିଆ କରି ଦିଅନ୍ତି
ମୋ ଦେଶର ସମ୍ରାଟ କରି,
କଙ୍କାଳକୁ ଗୁରୁ ବନାଇ ଦିଅନ୍ତି
ଅଜସ୍ର ସୁପ୍ତ ଶବମାନଙ୍କର ।

ବୈଶାଖରେ ବର୍ଷେଇ ପାରନ୍ତି ଶ୍ରାବଣକୁ
ମରୁଭୂମିକୁ କାଶ୍ମିର ବନେଇ ଦିଅନ୍ତି
ଆଶ୍ୱାସନାରେ... ।
ଠୋପାଠୋପା ଲୁହ ସବୁ ମୁକ୍ତା ପାଲଟି ଯାଆନ୍ତେ,
ସମୟକୁ ଗୋଲାମ ବନେଇ
ମୁଁ ସାଜୁଥାଆନ୍ତି ଭାଗ୍ୟ ଗଢୁଥିବା ଯାଦୁଗର ।

ଦ୍ୱାରବନ୍ଧରେ ତିନିମୁଣ୍ଡ ପରି
ଖୁଣ୍ଟ ହୋଇଯାଇଥିବା ଅପରାହ୍ନକୁ
ଆଶ୍ୱାସନାରେ ଉନ୍ମୁକ୍ତ କରି
ଯୁବକ ବନେଇ ପାରନ୍ତି ।
ବିବଶ କ୍ଷତ ସବୁ ଭରି ଯାଆନ୍ତା
କାଉଁରୀ ସ୍ପର୍ଶରେ ।

ଆଶ୍ୱାସନା କେବଳ ଗୋଟେ ସମ୍ବେଦନା ମାତ୍ର
ଭାଙ୍ଗି ପଡ଼ିଥିବା ମାଟି କାନ୍ଥରେ
ଲହକା ଠେକରାର ଉପସ୍ଥିତି ।

ଅଥଳ ସୁଅରେ ଭାସୁଥିବା ମଣିଷ ପାଇଁ କୁଟାଖିଅ,
କେବେ କେବେ ଆଶ୍ୱାସନା
ନିବୁଜ ଅନ୍ଧାର କୋଠରୀର
କଣାରେ ଦିଶୁଥିବା କ୍ଷୁଦ୍ର ଆଲୋକ ଧାରାଟେ ।
ମୁକ୍ତ ହେବାର ଅଭୀପ୍ସାଟେ
ନିଜକୁ ଦମ୍ଭ ଦେବାର ପ୍ରଚେଷ୍ଟାଟେ,
ହତବାକ୍ ମଣିଷର
ସଂକ୍ରମିତ ଜରାୟୁର
ଶୀତଳ ଉପଚାରଟିଏ । ♥

ରାଉତ କମ୍ପ୍ଲେକ୍ସ, କଟକ ରୋଡ଼
ଭୁବନେଶ୍ୱର
ଫୋନ : ୯୪୩୯୭୨୬୦୬୦



▶ଫଟୋ ଶ୍ୱେତା ରାଉତ



▶ ଡ଼ଃ ପ୍ରଣତି ବେହେରା

# ପିମ୍ପୁଡ଼ି, ବାଣୁଆ ଓ ଚଢ଼େଇ ଉପାଖ୍ୟାନ

## ପ୍ରଣତି ବେହେରା

ମୁଁ ପ୍ରସ୍ତୁତ କରୁଚି ଗୋଟେ ଭାଷଣ
ଓଡ଼ିଆ ଭାଷା-ସାହିତ୍ୟ ସଭା ପାଇଁ...
ପୁଅ ଆସି ପଚାରିଲା,
ମା', ଏକତ୍ରିଶ୍ ଯେ' କେତେ ?
କହିଲି- ଥ୍ରୀ-ଉଆନ୍ ଥାର୍ଟିଓ୍ୱାନ୍ ।

ଖେଳେଇ ଦେଖୁଚି ପୁରୁଣା ନଥିପତ୍ର
ମଧୁବାବୁଙ୍କ ଜୀବନୀ ଓ ଭାଷା-ବିକାଶର କ୍ରମ
ପୁଣି ଆସି ପଚାରିଲା, ମା'...
ଉପକାର ମାନେ କ'ଣ ?

ଖୁବ୍ ସହଜ ଗଳାରେ କହିଦେଲି-
ଏହସାନ୍...

ଖବରକାଗଜ ପଢୁଥିବା ତା'ର ଜେଜେବାପା
ପାନ ଛେପ ଥୁକି କହିଲେ
ଆରେ ମା', ଶବ୍ଦର ଅର୍ଥ ବୁଝାଯାଏ
କ'ଣ ଏମିତି...!!

ଖୁବ୍ ଗୋଟେ ବିରକ୍ତି ମିଶା ଗଳାରେ କହିଲି,
ଓହୋ ବାପା-
ଇଙ୍ଗ୍‌ଲିସ୍ ମିଡ଼ିୟମ୍ ଛୁଆ
କୋଉ ଓଡ଼ିଆ କହୁଛନ୍ତି ନା ବୁଝୁଛନ୍ତି...

ସଜବାଜ ହୋଇ ପ୍ରସ୍ତୁତ ସନ୍ଦର୍ଭକୁ ନେଇ
ଖୁବ୍ ଗାଟେ ଆତ୍ମତୃପ୍ତିରେ ବାହାରୁଚି
ସାହିତ୍ୟ-ସଭାକୁ
ଦେଖିଲି, ଉପକାର ଶବ୍ଦର ଆତ୍ମା ସହ

ପରିଚିତ କରେଇବାକୁ ଯାଇ
ଜେଜେ ନାତିକୁ ଶୁଣଉଛନ୍ତି-
ପିମ୍ପୁଡ଼ି, ବାଣୁଆ ଓ ଚଢ଼େଇ ଉପାଖ୍ୟାନ...

ଆଉ
ପୁଅ ମୋର ସେଇ ଗପଟି ଭିତରେ
ତଲ୍ଲୀନ...!

ଆହା
ମୁଁ କେମିତି ପାଶୋରି ଯାଇଥିଲି
ଶବ୍ଦମାନଙ୍କର ଆତ୍ମା ଅଛି, ଆତ୍ମୀୟତା ଅଛି
ଅଛି ପୁଣିଏତେ ସମ୍ମୋହନ...

ମୁଁ ଫେରି ସାରିଥିଲି
ପତ୍ର ଉପରେ ଭାସୁଥିବା ପିମ୍ପୁଡ଼ି
ଖଂଜରେ ଖଂଜରେ ଆସି
ତୀର ଯୋଖି ଛିଡ଼ାଥିବା ବାଣୁଆ
ଆଉ ଫୁର୍‌ର୍ କିନା ଉଡ଼ି ଯାଉଥିବା ପକ୍ଷୀଟିର
ବିସ୍ମୃତ ପୃଷ୍ଠାକୁ...

ବାତିଲ୍ କଲି
ସେଦିନର ସଭା କାର୍ଯ୍ୟକ୍ରମ
ଯାହା ଥିଲା ମୋ ଲାଗି
ଅନ୍ତଃସାରଶୂନ୍ୟ... । ♥

ଅଧ୍ୟାପିକା: ଓଡ଼ିଆଭାଷା ଓ ସାହିତ୍ୟ ବିଭାଗ,
ଭେଷଜ ରତ୍ନାବତୀ କନିଷ୍ଠ ମହାବିଦ୍ୟାଳୟ,
କୁଣ୍ଡୁକେଲା, ସୁନ୍ଦରଗଡ଼-୭୭୦୦୧୯
ଫୋନ : ୯୪୩୮୬୦୭୩୯୬

# ଅଟକେନି ଜୀବନର ଧାରା

## ପ୍ରଭାତ ନଳିନୀ ମହାପାତ୍ର

ଆକାଶରେ ଜହ୍ନ ନାହିଁ
ତମେ ଏବେ କେଉଁ ଏକ
ବ୍ୟଥାରେ ଅଧୀର,
ମନେକର ଆଜି ଗୋଟେ
ଉଆଁଶର ରାତି
ଚାରିଆଡ଼େ ଅନ୍ଧାର ଓ
ମେଘ ଘଡ଼ଘଡ଼ି ଆଉ
ବିଜୁଳିର ମେଳ
ତମେ କଣ ଅଟକିବ
ବାଟ ଚାଲୁ ଚାଲୁ ?
ତମେ ଜାଣ ତମ ଘର
ବେଶ୍ ଦୂର ଆଉ ପୁଣି
ପହଞ୍ଚିବ ଯେମିତି ବି ହେଉ ।

ଜହ୍ନ ଆସେ ଜହ୍ନ ଯାଏ
ତାରାମାନେ ରହିଥାନ୍ତି ଆକାଶରେ
ନିଜ ନିଜ ସାଧ୍ୟମତେ
ଆଲୁଅ ରୋଷଣି ଜାଳି
ଜହ୍ନ ପାଇଁ ଅଟକେନି
ଜୀବନୀ ଧାରା ।
ସୁଖ ଆସୁ ଦୁଃଖ ଆସୁ
ଚାଲିଥାଏ ଅହରହ
ସୃଜନ ସଙ୍ଗୀତ ।

ଜହ୍ନ କଣ ଧୋଇପାରେ
ଯେତେ ଦୁଃଖ, ଯେତେ ଲୁହ,
ତାରା ଭଳି ଅନ୍ଧକାର ରଜନୀରେ
ଧୈର୍ଯ୍ୟ ଧରି ଜଳିବାକୁ ହୁଏ
ଏକାକୀ ପଥିକ ପରି
ବାଟ ଚାଲି ଝଡ଼, ବର୍ଷା
ଅନ୍ଧାର ରାତିରେ ।

ସମୟର ନଈ ବହେ
ଜୀବନର ସୁଅ ଚାଲେ ଅବିରତ
ଜହ୍ନର ଦେଖା ନଥିଲେ
ତାରାର ଆଲୁଅ ନେଇ
ବାଟ ଯେତେ ଚାଲିବାକୁ ହୁଏ । ♥

ଅବସରପ୍ରାପ୍ତ ପ୍ରାଧ୍ୟାପିକା
ଓଡ଼ିଆ ବିଭାଗ
ସାମରାଇପୁର, ଭଦ୍ରକ
ଫୋନ : ୯୪୩୭୧୯୩୯୪୦



▶ ଡ଼ଃ ପ୍ରଭାତ ନଳିନୀ ମହାପାତ୍ର

# ଆସନ୍ତୁ ଦେଖିବା ନାଟକ 'ଦୈନନ୍ଦିନ'


## ଉମାଶଙ୍କର ପାଳ




କୁକୁଡାର ମାଙ୍ଗଳିକ ଶବ୍ଦରେ
ଅପସରି ଗଲା ପର୍ଦ୍ଦା
କ୍ରମ ଆଲୋକିତ ମଞ୍ଚରେ ଦେଖାଗଲା
ଆକାଶରୁ ଝଡି ଯାଇଛି ତାରାଫୁଲ
କାକରର ଛେରା ପକାଇ
ପହଁରା ଲଗାଉଛି ପବନ ।

କାଠି କୁଟା ସାଉଁଟିବାକୁ ଯାଉଛି ବାୟା
ତୋଳିବାକୁ ଘର
ଦିନ ମଜୁରିଆ ପିମ୍ପୁଡିଦଳ
ଖୋଜୁଛନ୍ତି ରୋଜଗାର
ଭିକମଗା ବିରାଡି ବୈଷ୍ଣବ
ବୁଲୁଛି ଏ ଘର ସେ ଘର
ଷଣ୍ଢ ବିଚରା ପାନ ଚୋବେଇ
ଛକରେ ବେକାର ।

ସୁଡଙ୍ଗରେ ମୂଷାଙ୍କ ଡକାୟତି ବିଚାର
ଠକେଇ ଅଭିଯୋଗରେ କୋକିଶିଆଳ
ଯାଉଛି ଦରବାର
ନ୍ୟାୟାଧିଶ ଭଲ୍ଲୁକ ପତିଙ୍କ
ପଣସଖିଆ ବିଚାର
ସୁଟିଂସେଟ୍‌ରେ ପିକ ଓ ମୟୂର
ସିଂହଦେବ ଗୁମ୍ଫାରେ
ରାଣୀ ସହ ଶୃଙ୍ଗାର ବିଭୋର ।

ପାର୍କରେ ଫୁଲ ପ୍ରଜାପତିଙ୍କ ଟହଲ
ହଂସମାନେ ମେଲି ଦେଲେଣି ବୋଇତମାଳ
ବିଚ୍ ରାସ୍ତାରେ କୁକୁରର ବଳାତ୍କାର
ଭାଇର ଶବ ପାଖରେ ରୁଣ୍ଡ କାଉପଲ
ହାତୀବାବୁ ଅଫିସର୍ ଠାଣିରେ ବୁଝୁଛି
ପ୍ରଜାଙ୍କ ହାଲ୍ ।

କ୍ରମଶଃ କ୍ଷୀଣ ହୋଇ ଆସିଲା ଆଲୋକ
ଅଫିସ୍ ଫେରନ୍ତା ସୂର୍ଯ୍ୟ କ୍ଳାନ୍ତ
ଆଖି ମଳି ମଳି ଡ୍ୟୁଟି ବାହାରୁଛି ଚାନ୍ଦ
ଆକାଶ ଗଛରେ
ଗୋଟି ଗୋଟି ଫୁଟିଉଠିଲା ଫୁଲ

ଏ ଥିଲା
ଭବଭୂମିରେ ମଞ୍ଚସ୍ଥ ନାଟକ 'ଦୈନନ୍ଦିନ'
ଭୂମିକାରେ ଥିଲେ ପିଚିଶି ପ୍ରକୃତି, ପାଞ୍ଚ ମନ
ଲୋକପ୍ରିୟତା ଦୃଷ୍ଟିରୁ
ଅଭିନୀତ ହେଉଥିଲା ଫିଂ' ଦିନ । ♥


ଜାଗମରା, ଭୁବନେଶ୍ୱର
ଫୋନ: ୯୪୩୭୭୫୭୩୧୭


# ଫଗୁଣର ବାଆ ବହୁଛି : ଦଗ୍ଧ କେତକୀ ହସୁଛି


## ମନସ୍ୱିନୀ ଦେବୀ


ଆଜିର ଫଗୁଣ ରୁଦ୍ଧଶ୍ୱାସରେ ଗୁମୁରି କାନ୍ଦୁଚି
ସଜ ଗୋଲାପ ସେ
ବ୍ୟାଧି ଶରାଘାତେ
ଶୋଣିତ ସିକ୍ତ ହୋଇଛି
କୃଷ୍ଣଚୂଡ଼ାର ଧୂସର ସୀମନ୍ତେ
ଫଗୁଣର ବାଆ ବହୁଛି
କେତକୀ ଲଟାରେ / ପଳାଶ ବନରେ
ନିଆଁର ଦିହୁଡ଼ି ଜଳୁଛି




ଅନ୍ଧକାରର ରୁଦ୍ଧ ଦୁଆରେ
ମୌନେ ବସିଛି ଏକା
ଅଳ୍ପଦିନର ଅସରା ଗଳ୍ପ
କପାଳେ ତା ଥିଲା ଲେଖା
ପ୍ରୀତି ରଂଗର ପୁଲକିତ ମନ
ଶାଖାରେ ଶାଖାରେ ପାଗଳା ପବନ
ମତୁଆଲା ହୋଇ କଅଁଳ ଡାଳରେ
ଯେମିତି ସେମିତି ନାଚୁଛି
କୃଷ୍ଣଚୂଡ଼ାର ଧୂସର ସୀମନ୍ତେ
ତଥାପି...
ଫଗୁଣର ବାଆ ବହୁଛି
ଦଗ୍ଧ କେତକୀ ହସୁଛି

କପାଳ ସିନ୍ଦୂର ଫଗୁଣ ଆକାଶେ
ଟୋପା ଟୋପା ହୋଇ ଝରୁଛି
ଓଦା ନୟନରେ କଜଳର ଗାର
ଆଖିକୁ ଝାପ୍‌ସା ଦିଶୁଛି
ପାହାଡ଼ ସେପଟେ ଦୂର ଦିଗନ୍ତରେ
ରୂପା ଜହ୍ନରେ ସୁନାର ଫସଲେ
ଫଗୁଣର ବାଆ ବହୁଛି
ଦଗ୍ଧ କେତକୀ ହସୁଛି...

ସ୍ନିଗ୍ଧ-କୁସୁମ ପଥପରେ ତାର
ଦଗ୍ଧ-ଅନଳ ଜଳୁଛି
ପ୍ରଣୟ-ମୁଗ୍ଧ ଜୀବନ ବେଦୀରେ
ମରଣର ନିଆଁ ଖେଳୁଛି
ପ୍ରୀତିର ଫୁଲରେ ଜୀବନର ମୂଲ କଷୁଛି

କାପାଳିକ କାଳ ସମୟକୁ ଚାହିଁ ହସୁଛି
ତଥାପି...
କୃଷ୍ଣଚୂଡ଼ାର ଧୂସର ସୀମନ୍ତେ
ଫଗୁଣର ବାଆ ବହୁଛି ।

ମିଳନ ଶେଯରେ ଜୀବନ-ରିକ୍ତ
କରୁଣ ରାଗିଣୀ ବଜାଇ
ଘନ ଅନ୍ଧାରେ ଚନ୍ଦ୍ର ଚୁମ୍ବନେ
ଶୀତଳ ଛାୟାରେ ଭିଜାଇ
ମଧୁମୟ କରି ଜୀବନକୁ ତାର
ନିରବେ ଶିହରି ଉଠୁଛି
କୃଷ୍ଣଚୂଡ଼ାର ଧୂସର ସୀମନ୍ତେ
ଫଗୁଣର ବାଆ ବହୁଛି
ଦଗ୍ଧ କେତକୀ ହସୁଛି...

ସରମୀ ହସରେ ନରମ ଅଧରେ
ଫଗୁଣ ଠୁଁ ଚୁମା ଆବୋରି
ଶରଶଯ୍ୟାରେ ଘନ ତମିସ୍ରା ଲିଭାଇ
ଲୁହ ବନ୍ୟାରେ ଜୀବନ ନୌକା ଭସାଇ
ପ୍ରେମ-ପ୍ରଣୟର ସ୍ୱର୍ଣ୍ଣ ଅନଳେ ଜଳୁଛି
ଦୂର ମଧୁବନେ ଏକାକୀ-ନିରବେ
ଦିଗନ୍ତର ପକ୍ଷୀ ବସିଛି
ତଥାପି...
ଫଗୁଣର ବାଆ ବହୁଛି
ଦଗ୍ଧ କେତକୀ ହସୁଛି । ♥


ଉପ ସଭାପତି, ରାଧାନାଥ ସାହିତ୍ୟ ପରିଷଦ,
ବାଲେଶ୍ୱର, ଫୋନ:୯୪୩୯୦୯୫୫୫୬

# ପ୍ରମେଥିୟସ୍‌ର ଆତ୍ମା

## ସଦାଶିବ ଦାଶ



ସେ ଆସିଛି ଜୀବନର ଶିଆଳୀ ଲତାରେ,
ଆନନ୍ଦର ସୂର୍ଯ୍ୟୋଦୟ ପରି ।
ପବନର ହାଲ୍‌କା ଫୁଲ୍‌କା ଚଳପ୍ରଚଳରେ
କିଏ ତୋଳିଛି ଶବ୍ଦର ସାତ ସ୍ୱର
ପ୍ରମେଥିୟସ୍‌ର ଜଡ଼ ବଂଚିଛି ହୃଦୟର ଅଳିନ୍ଦ୍ର ନିଳୟରେ ।

ଚିର ସଂଗ୍ରାମଶୀଳ, ପ୍ରାକୃତିକ, ସବୁଜିମାର ବୈତାଳିକ
ସଂଘର୍ଷର ପରିପୂରକ, ଆଲୋକର ଚିତ୍ରକଳ୍ପ ।
ସଂଯମର ଶୂନ୍ୟବାଦ, ସାଲିସ୍‌ବିହୀନ
ଜନ୍ମ ଠାରୁ ମୃତ୍ୟୁ ଯାଏଁ ଅବିଶ୍ରାନ୍ତ ଧୃତି ସତ୍ୟକାମ ।

ମାନବିକତା ଠାରୁ ଊର୍ଦ୍ଧ୍ୱଚେତା, ଦେବତ୍ୱର ନିୟାମକ
ଦାୟବଦ୍ଧ ଆତ୍ମବିଶ୍ୱାସର ।
ଅଙ୍ଗୀକାରବଦ୍ଧତାର ଅଖଣ୍ଡ ଅଜ୍ରେୟ ବ୍ରହ୍ମ ।
ଦଶ ଦିଗେ ଆଲୋକର ଚିତ୍ରକାର ଶିଳ୍ପୀ ଅବିଜୀତ ।

ମଣିଷ ପାଇଁ ହକ୍ ମାଗେ ଚିର ଆୟୁଷ୍ମାନ୍ ପ୍ରମେଥିୟସ୍ !
ଆତ୍ମାରେ ତାର ଚଟୁଳ ସୂର୍ଯ୍ୟୋଦୟର ସ୍ୱର୍ଣ୍ଣିମ ଖରା
ସମ୍ମୁଖରେ ସାମାଜିକ ଭେଦାଭେଦ, ଅଂଧାର ପ୍ରାଚୀର
ସବୁକୁ ସେ କାଟିପାରେ, ଆଣିପାରେ ସୃଜନ ଔଜ୍ଜ୍ୱଲ୍ୟ ।

ସମୟର ନିରବଚ୍ଛିନ୍ନ କଟାଳ, ବସନ୍ତର ଅକୁହା ପୁଲକ
ଇଚ୍ଛାର ସଂଗ୍ରାମୀ ଭ୍ରୁଣ ଦେଇପାରେ
ମଣିଷକୁ ସମୟର ନ୍ୟାର୍ଯ୍ୟ ଅଧିକାର ।

ଯୁଦ୍ଧ ନୁହେଁ ପ୍ରତିବନ୍ଧ, ହିଂସା ନୁହେଁ ପ୍ରତିରୋଧ
ହତ୍ୟା ନୁହେଁ ପ୍ରତିବାଦ, ମୃତ୍ୟୁ ନୁହେଁ ଜୀବନ ଜୀବନ ।
ମାଟିର ଭାଷାରେ ଲେଖା ସବୁଜିମା, ପ୍ରକୃତିର ଭାବପ୍ରବଣତା
କାଳର ଅଦୃଷ୍ଟ ମଥା, କଳାପଟା ଆଗାମୀ ଶବ୍ଦର ।

କିଏ ଏଇ ସମୟର ଜାଗରୁକ ସଜାଗ ପ୍ରହରୀ ?
କିଏ ଏଇ କାବ୍ୟକାର ଯୁଗ ଯୁଗାବ୍ଧିର
ପୁଣ୍ୟ ଶ୍ଳୋକ ସମୟର ଆଦି ନାଟ୍ୟକାର
ରଂଗ ମଂଚେ ପରିଦୃଶ୍ୟ ଶୋକାର୍ତ୍ତା ଭ୍ରମର ।

ପ୍ରତିଟି ହୃଦୟ ମଧ୍ୟେ ଚଂଚଳିତ ତା'ର ଆତ୍ମସତ୍ତା
ଉଦାତ୍ତ ଯୋଗୀଟି ପରି ବଜାଉଛି ବିଜ୍ଞାନୀ ତମ୍ବୁରା
ପ୍ରାଣର ଆହ୍ଲାଦ ଲଗ୍ନେ, ସତ୍ୟସିଦ୍ଧ ଚିର ରୂପାମ୍ବରା । ♥

ଆଡ଼ଭୋକେଟ, ବଟେଶ୍ୱର, ସାଲେପୁର, କଟକ-୭୫୪୦୨୦୨
ଫୋନ : ୮୨୮୦୧୩୩୭୧୨

# ଇଚ୍ଛାମତୀ ଋତୁ

## ସୁରଞ୍ଜନ ପାତ୍ର



ତୁମେ ମୋର ଭରାପଦ୍ମ ପୋଖରୀର
ଅପରୂପ କାନ୍ତି
ଛନ୍ଦଭରା, ସୁରଭରା
ଶ୍ୱେତ ସିକ୍ତ ହୃଦୟର
ଭୁରୁଭୁରୁ ଗୀତି ।

କଦମ୍ବିତ ସ୍ମୃତିର ନିଳୟେ
ପହିଲି ଫଗୁଣର
ମୃଦୁମୃଦୁ ସ୍ପର୍ଶ
ଛଳଛଳ ଶ୍ରାବଣର
ପ୍ରୀତି ଉପବନେ
ନିରିମାଖି କେତକୀର
ସୁମଧୁର ବାସ ।

ତୁମେ ମୋର ନୀଳାମ୍ବୁ ଚିଲିକାର
ପ୍ରଭାତୀ ସୁଷମା
ବିମୁଗ୍ଧ କବିତାର ମହମହ ଧାଡ଼ି
ଅଶିଣା ଆକାଶର ତପସ୍ୱିନୀ ସଞ୍ଜୀ
ଶୋଭାବତୀ ଶେଫାଳି
କଅଁଳ ଶାଖାରେ ଖେଳୁଥିବା
ଟିକି ଟିକି କଢ଼ି ।

ଶବ୍ଦର ସବୁଜ ବାହୁ ତଳେ
ତୁମେ ମୋର ପ୍ରେମ ପ୍ରଜାପତି
ବଢ଼ିଲା ରାତିର ନୀଳ ପଲଙ୍କରେ
ତୁମେ ମୋର ମିଠା ତାତି ।

କୁଢ଼ କୁଢ଼ ଅନୁଭୂତିର ସ୍ୱର୍ଗୀୟ ସଂଭାର
ତୁମ ଠୁ ମୁଁ ପାଏ
ନିଷ୍ପାପ କୁଆଁରୀ ମାଟି ଲାଗି ଗୀତ
ତୁମ ପାଇଁ ଗାଏ ।

ତୁମ ଅବର୍ତ୍ତମାନରେ ଧସିଯାଏ
ମୋ ପାଦ ତଳ ମାଟି
ସ୍ୱପ୍ନ ସତ ପାଲଟି ଯାଏ
ହତଶ୍ରୀ କବିତା

ତୁମେ ଥିଲେ ଗାଁ ମୋର ଲାଗେ
ଶ୍ରୀରାଧାର ଗାଁ
ବୟସର କୃଷ୍ଣଚୂଡ଼ା ସନ୍ଧିରେ ହସେ
ଭଲପାଇବାର ଇନ୍ଦ୍ରଧନୁ
ସୁଖର ସବିତା ।

ତୁମେ ଅଟ ମୋ ପାଇଁ ପବିତ୍ର ଜାହ୍ନବୀ
ଭୋଦୁଅ ଅପରାହ୍ନର ସୁନାରଙ୍ଗୀ ଖରା
ବୟସର ସୋହାଗୀ ଅରଣ୍ୟେ
ଚଂପାଫୁଲ, ହେନାର ବାସ୍ନା
ବିଭୋରିତ ରାତ୍ରିରେ
ମିଟିମିଟି ଆଖି ଠାର ମାରୁଥିବା
ଚୁନାଚୁନା ତାରା ।

ମୋ ଦେହର ଶିରା ପ୍ରଶିରାରେ
ତୁମେ ମୋର ଆଜ୍ଞାବାହୀ ସ୍ନାୟୁ
ଏମିତି ମହୁଫେଣା ତୁମେ
ଯେତେ ଚିପୁଡ଼ିଲେ
ସଦା ଝରୁଥାଏ ମହୁ ଖାଲି ମହୁ । ♥

ସମ୍ପାଦକ : ନିହାର କନ୍ୟା ସାହିତ୍ୟ ସଂସଦ,
ନୂଆଗାଁ, ଶିଙ୍ଗାଖୁଣ୍ଟା, ସୋର, ବାଲେଶ୍ୱର-୪୫,
ଫୋନ: ୯୫୮୩୯୩୬୭୫୬

# ଆଉଥରେ ସ୍ୱପ୍ନ

## ନରେନ୍ଦ୍ର କୁମାର ସେଠୀ

ପାନ ବରଜ ଝାଉଁଳି ପଡ଼ିଛି
ମୁଣ୍ଡରେ ହାତ ଦେଇ ବସିଥିଲେ ବାପା !

ବର୍ଷାରେ କୋହରେ ମିଳେଇ ଗଲା ଗଛତେର
ବୃଥା ଗଲା ବାପାଙ୍କ ପରିଶ୍ରମ ଝାଳ
ସକାଳୁ ସଞ୍ଜ ଯାଏଁ ଛନଛନ ପାନପତ୍ରକୁ ଦେଖି
ବାପା ବାନ୍ଧିଥିଲେ କିଛି ସ୍ୱପ୍ନ
ସାଇଁ ସାଇଁ ପବନରେ ମୁଣ୍ଡ ହଲେଇ
ଧାଡ଼ି ବାନ୍ଧି ଠିଆ ପାନ ଗଛମାନେ
ଟା-ଟା-ବାଏ-ବାଏ କରୁଥିଲେ

ମାଟି, ସାର, ପିଡ଼ିଆ, ଗୋବର ଖତ
ଅଜାଡ଼ି ଦେଉଥିଲା ବୋଉ
ପାନ ବରଜକୁ ନିଜର ଭାବି
ବାପା ଉପରେ କରିଥିଲେ ଛାଇ
ଚାରିପାଖରେ ବାଉଁଶ ତାଟି କବାଟ
ପାନ ଗଛମାନେ ହସୁଥିଲେ ଖିଲିଖିଲି
ସେଇଠି କଣ ମୁଣ୍ଡରେ ବାପା ପିଅନ୍ତି ନାଲି ଚାହା
ଚୋବାନ୍ତି ଚାଉଳ ଭଜା, ସଜ ପଖାଳ ଲୁଣ ଲଙ୍କା
ଫାଳେ ପିଆଜ, ବଡ଼ି ଚୁନା

ଦିନେ ବୋଡ଼ା ସାପ କାମୁଡ଼ିଲା
ବୋଉକୁ ବରଜ ଭିତରେ
ପୋଇତରା ବାଆଜି ଝାଡ଼ଫୁଙ୍କରେ ବଞ୍ଚିଗଲା ସେ
ଆମେ ବର୍ତ୍ତିଗଲୁ ଅଚାନକ ଅନାଥ ହେବାରୁ

କଡ଼ା କଡ଼ା ପାନକୁ ଟୋକେଇରେ
ଜବର କରି ବିଟିଣି ବାନ୍ଧି
ନୂଆ ହାଟରେ ବିକିବାକୁ ପଡ଼ିବ
ସଞ୍ଜ ପୂର୍ବରୁ ଫେରିଲେ ଘରେ ଜଳିବ ଚୁଲି
ବୋଉ ରାନ୍ଧିବ ଦହଡ଼ ଭାତ
ମାଛ ତରକାରି ଆମ୍ବୁଲ ଖଟା ଫାଳେ ଦେଇ
ପାନ ବରଜ ଝାଉଁଳି ପଡ଼ିଛି
ମୁଣ୍ଡରେ ହାତ ଦେଇ ବସିଥିଲେ ବାପା !

ବୋଉ କାଢ଼ିଲା କାନରୁ ପେଣ୍ଡି, ଗୋଡ଼ରୁ ପାଉଁଜି
ବନ୍ଧା ନେଲା ପୁନା ମାଷ୍ଟର ପାଆଁଶ ଟଙ୍କାରେ
ପୁଣି ରୁଆହେଲା ପାନ ଗଛ
ବାପା ଗଢ଼ିଲେ ଆଉଥରେ ସ୍ୱପ୍ନ । ♥

ବୈଜ୍ଞାନିକ ଅଧିକାରୀ, ଭାବା ପରମାଣୁ ଗବେଷଣା
କେନ୍ଦ୍ର, ପରିବେଶ ନିରୀକ୍ଷଣ ପରୀକ୍ଷାଗାର,
ଯାଦୁଗୁଡ଼ା, ପୂର୍ବ ସିଂଭୂମ୍, ଝାରଖଣ୍ଡ-୮୩୨୧୦୨
ଫୋନ : ୯୪୭୧୩୮୦୮୧୦



ଫଟୋ ନରେନ୍ଦ୍ର କୁମାର ସେଠୀ

# ପ୍ରିୟତମ ଗାଁର ଠିକଣା

## ସୁକୁମାର ଦାସ

ମୁଁ ତୁମ ଗାଁକୁ ନିଶ୍ଚୟ ଯିବି
ନିଶ୍ଚୟ ଯିବି ଦେଖିବାକୁ
ତୁମ ଗାଁର ବୁଢ଼ାବୁଢ଼ୀ, ଯୁବକଯୁବତୀ
ସ୍ତ୍ରୀପୁରୁଷଙ୍କ ମେଳାପି ହସ
ଯାତ୍ରାବେଳକୁ ଯାଇ ତୁମ ଗାଁ ମନ୍ଦିରରେ
ଠାକୁରାଣୀଙ୍କୁ ପୂଜା ଦେବି ।

ପ୍ରତ୍ୟେକ ଗାଁ ଖୁବ୍ ମିଠା ଲାଗେ
ପ୍ରାଣର ପୁଲକର ଓ ଆତ୍ମାର
ତୁମ ଗାଁ ବିଧବା ମାଆର ଆଖି କୋଣ ଲୁହକୁ
ମାପୁ ମାପୁ ମୁଁ ଥକିଗଲି
ଅଟକିଗଲା ମୋର ପାଦ ଓ ଚଞ୍ଚଳ ମନ ।

ତୁମ ଗାଁକୁ ମୁଁ ଯେତେବେଳେ ଯିବି
ଠିକ୍ ସେତେବେଳେ ଧଳା ବାଛୁରୀ ଛୁଆଟି
ତା ମା ପହ୍ନାରୁ ପିଉଥିବ କ୍ଷୀର
ଗାଁର ମାଇପିମାନେ ଜଳ କଳସୀ ଧରି
ପୋଖରୀ ତୁଠରୁ ଘରକୁ ଆସୁଥିବେ
ସ୍କୁଲ୍ ପିଲା ସ୍କୁଲ୍ ଯାଉଥିବେ ଓ କୃଷକ ଭାଇ ମୋର
କୃଷିକର୍ମକୁ ଆହ୍ଲାଦରେ ଯାଉଥିବ ।

ତୁମ ଗାଁର ସେଇ ଅପୂର୍ବ ସୁନ୍ଦରୀ ଝିଅଟିଏ
ଯାହାର ଗାଲରେ ସୁନ୍ଦର ଏକ କଳାଜାଇ ଥିଲା
ସେ କିପରି ବିଧବା ହେଲା,
ତା କଥା ଭାବିଲା ବେଳକୁ କବିତାର ଅକ୍ଷରଗୁଡ଼ିକ
ନିରବରେ ଲଟକି ଗଲେ ଆକାଶ ଛାତିରେ ।
ମୁଁ କିଛି ଲେଖିବା ପୂର୍ବରୁ
ହାତଗୋଡ଼ ମୋର ଥରୁଥିଲା, ମହାକାଳକୁ
ଭର୍ତ୍ସନା ଓ ଗାଳି ଦେବା ଛଡ଼ା ମୋ ପାଖରେ ଆଉ ଶବ୍ଦ ନଥିଲା ।

ତୁମ ଗାଁକୁ ମୁଁ ଯିବି ଆଉ ଥରେ ଜନ୍ମ ହେବାକୁ
ଯେଉଁ ମାଆର ଜୁଆନ୍ ପୁଅ ସୈନିକ ଥିଲା
ଗତ ସନ ଟଳି ପଡ଼ିଲା ଶତ୍ରୁପକ୍ଷ ଗୁଳିରେ
ତା ବାପା ମାଆଙ୍କୁ ପ୍ରାର୍ଥନା କରିବି
ସେଇ ମାଆର କୋଳରେ ଆଉ ଥରେ ଜନ୍ମ ନେବି । ♥

ଫରେଷ୍ଟ ରେଞ୍ଜ ଅଫିସର୍
ନୀଳଗିରି ରେଞ୍ଜ, ବାଲେଶ୍ୱର-୭୫୬୦୪୦
ଫୋନ : ୯୪୩୭୭୭୬୧୪୫



ଫଟୋ ସୁକୁମାର ଦାସ

# ଢେଙ୍କାନାଳ ବରା

ଓଡ଼ିଶାରେ ରହିଛି ଖାଦ୍ୟସଂସ୍କୃତିର ଏକ ଉନ୍ନତ ପରମ୍ପରା । ବିଭିନ୍ନ ସ୍ଥାନର ପ୍ରସିଦ୍ଧ ଖାଦ୍ୟ ଶୃଙ୍ଖଳାରେ ଏଥର ଢେଙ୍କାନାଳର 'ବରା' ଆମର ପ୍ରତିବେଦନ ।



# ଆସ କିଏ ଖାଇବ ହୋ ଆମ ଢେଙ୍କାନାଳ ବରା

**ନିରଞ୍ଜନ ପତି**

ବାଇଁଶିଆ, ମହିମାଗାଦି, ଢେଙ୍କାନାଳ-୭୫୯୦୧୪
ଫୋନ୍ : ୮୨୪୯୫୨୧୫୧୪

ଫଟୋ ସୌଜନ୍ୟ : ଲେଖକ



▶ ଲେଖକ ନିରଞ୍ଜନ ପତି

ସୁସ୍ଥ ନୀରୋଗ ଶରୀର ଧାରଣ ପାଇଁ ଖାଦ୍ୟର ଆବଶ୍ୟକତା ଯେ ନିହାତି ରହିଛି, ଏହା ସ୍ୱୀକାର୍ଯ୍ୟ । ଦୁଇବେଳା ଦୁଇବକ୍ତ ଖାଦ୍ୟ ଶରୀର ଆବଶ୍ୟକ କରେ । ଏଇ ଯେପରି ମଧ୍ୟାହ୍ନ ଭୋଜନ ଓ ରାତ୍ରି ଭୋଜନ । ତତ୍‌ସହିତ ଦୁଇଥର ଯେକୌଣସି ଜଳଖିଆ ନଖାଇଲେ ନଚଳେ । ପୂର୍ବେ ଆମର ପୂର୍ବ ପୁରୁଷମାନେ ଚୁଡ଼ା, ଚିନି, ସୁଜି ଇତ୍ୟାଦିରେ ଏ ଜଳଖିଆ ଚଳେଇ ନେଉଥିଲା ବେଳେ ଏବେ ଏହା ଫାଷ୍ଟ୍‌ଫୁଡ୍‌ରେ ରୂପାନ୍ତରିତ ହୋଇଛି । ଏବେ ତେଲଛଣା ଜଳଖିଆର ଆଦର ସହର, ଗାଁ ଗଣ୍ଡା, ସବୁଠି ସଦାସର୍ବଦା ରହି ଆସିଛି । ଯେତେ ପ୍ରକାର ତେଲଛଣା ଜଳଖିଆ ଖାଅନା କାହିଁକି ବରା କେତୋଟି ନହେଲେ ମନରେ ଶାନ୍ତି ଆସେନା । ଅନ୍ୟ ଜଳଖିଆ ଅପେକ୍ଷା ଏଇ ବିରିଚାଉଳ ତିଆରି ବରାର ଆଦର, ସ୍ୱାଦ ସର୍ବାଗ୍ରେ । ଜଳଖିଆ ଖାଉଥିବା ଲୋକଟି ବରା ପଡୁଛି ଶୁଣି ଅଧଘଣ୍ଟାଏ ଅପେକ୍ଷା କରିବାକୁ ବି ପଛାଏ ନାହିଁ । ତା ସାଥୀରେ ପୁଣି ଘୁଗୁନି, ଆଳୁଦମ୍, ସମ୍ବର କି ନଡ଼ିଆ ଚଟଣିର ସ୍ୱାଦ ନିଆରା । ଗରମ ଗରମ ବରା ହେଲେ ତ ତର୍କାରି ନହେଲେ ଚଳିଯିବ ଖାଲି ଛଣା କଞ୍ଚାଲଙ୍କା, ବିଟ୍‌ଲୁଣ ଟିକିଏରେ । ହଁ, ଆମେ ସେଇ ବରାର ରାଜା ଢେଙ୍କାନାଳ ବରା କଥା କହୁଛୁ । ଯାହାର ଖ୍ୟାତି ସାରା ଓଡ଼ିଶାରେ ।

## କଣ ଏ ଢେଙ୍କାନାଳର ବରା

ଛୋଟ ପିଲା ଠାରୁ ବୃଦ୍ଧ ପର୍ଯ୍ୟନ୍ତ ପ୍ରାୟ ସମସ୍ତଙ୍କର ପ୍ରିୟ ଓ ପରିଚିତ ଏ ବରା ସ୍ୱାଦରେ ଅତୁଳନୀୟ । ଢେଙ୍କାନାଳର ବରା ଭାବରେ ରହିଛି ଏହାର ସ୍ୱତନ୍ତ୍ର ପ୍ରସିଦ୍ଧି । ଆକାର ପ୍ରକାର ଓ ସ୍ୱାଦ ଦୃଷ୍ଟିରୁ ଖୁବ୍ ଆଦର ଏ ବରାର । ଢେଙ୍କାନାଳ ଜିଲ୍ଲାରେ ଅଧିକ ବିରି ବିଲ ଥିବା ସହିତ ଯଥେଷ୍ଟ ଦେଶୀ ବିରି ଉତ୍ପାଦିତ ହୋଇଥାଏ । ପୁନଶ୍ଚ ଏଠାକାର ମିସ୍ତ୍ରୀମାନଙ୍କୁ ବରା ପ୍ରସ୍ତୁତ କରିବାର ସୁନ୍ଦର କୌଶଳ ଜଣା । ଦେଶୀୟ ବିରି ସାଙ୍ଗକୁ କୁଶଳୀ ବରା ବନେଇବା ମିସ୍ତି ଯୋଗୁଁ ଏ ବରା ସ୍ଥାନୀୟ ଅବା ବାହାରର ସବୁ ଉପଭୋକ୍ତାମାନଙ୍କ ପାଇଁ ରୁଚିକର ହୋଇଥାଏ । ଦୀର୍ଘବର୍ଷ ଧରି ଢେଙ୍କାନାଳର ବରା ତାର ମାନ ବଜାୟ ରଖି ପାରିଥିବାରୁ,



## ଢେଙ୍କାନାଳ ବରାର ପୂର୍ବର ସେ ମାନ ଆଉ ନାହିଁ

ପ୍ରଥିତଯଶା ଔପନ୍ୟାସିକ ତଥା ପ୍ରସିଦ୍ଧ ଗାଳ୍ପିକ **ସୁନୀଲ ମିଶ୍ର** ‘ମୈତ୍ରେୟ’ କହନ୍ତି ଯେ, ଆମେ ୧୯୬୭/୬୮ ମସିହାରେ ବି.ବି. ହାଇସ୍କୁଲରେ ପଢ଼ିବା ବେଳୁ ଢେଙ୍କାନାଳର ସ୍ୱାଦିଷ୍ଟ ବରା ଖାଇ ଆସୁଛୁ । ସେତେବେଳେ ଝୁମ୍ପୁଡ଼ି ଚାଳଘର କେତୋଟିରେ ବରା ବିକ୍ରୟ ହେଉଥିଲା । ଗୋଟିଏ ବୁଢ଼ା ଟୋକେଇଟିରେ ଗରମ ବରା ଆଣି ପଦ୍ମପତ୍ରରେ ୧୦ପଇସାରେ ୪ଟି ବରା ଓ  ଡାଲ୍‌ମା ଦିଏ । ସେ ବୁଢ଼ାର ସ୍ନେହ ଆଦର ବରାର ସ୍ୱାଦ ବଢ଼େଇ ଦିଏ । ଭଦ୍ରକର ପାଳୁଆ ଲଡୁ, ସାଲେପୁର ଓ ପାହାଳର ରସଗୋଲା, ନିମାପଡ଼ାର ଛେନା ଝିଲ୍ଲୀ, କେନ୍ଦ୍ରାପଡ଼ାର ରସାବଳୀ, ଭୁବନେଶ୍ୱରର କୋରା, ଚନ୍ଦନପୁର, ସାକ୍ଷୀଗୋପାଳର ପୁରୀ-ଡାଲ୍‌ମା, ଚୁଡ଼ା ଘସା ପରି ଢେଙ୍କନାଳ ବରାର ଆଦର ଓ ଚାହିଦା ରହିଥିଲା, ରହିଛି ଓ ରହିବ ମଧ୍ୟ । ହେଲେ ପୂର୍ବର ସେ ମାନ ଆଉ ନାହିଁ । ଏବେ ବରାର କ୍ୱାଲିଟି ଓ କ୍ୱାଣ୍ଟିଟି କମି ଯାଇଛି । ବ୍ୟବସାୟୀମାନେ ଅଧିକ ଲାଭର ଆଶା ରଖୁଛନ୍ତି । ତଥାପି ଢେଙ୍କାନାଳର ବରା ଓଡ଼ିଶା ପ୍ରସିଦ୍ଧ ।





ଲୋକମୁହଁରେ ଶୁଣାଯାଏ : ବରା ଖାଇବ ତ ଢେଙ୍କାନାଳ ବରା । କୋରା ତ କୋରା ଭୁବନେଶ୍ୱର କୋରା । ଢେଙ୍କାନାଳରେ ଏଇ ବରାର ସ୍ୱାଦ ଓ ଚାହିଦାକୁ ଆଖି ଆଗରେ ରଖି ଏଇ ସହରରେ ପ୍ରତିଯୋଗିତା ଚାଲେ । ଯାହା ଫଳରେ ଢେଙ୍କାନାଳ ବିଖ୍ୟାତ ବରା, ଢେଙ୍କାନାଳ ପ୍ରସିଦ୍ଧ ବରା ନାମରେ ଏକାଧିକ ଦୋକାନ ଢେଙ୍କାନାଳ ସହରରେ ଦେଖିବାକୁ ମିଳେ । ଏଠା ଦୋକାନରେ ସକାଳ ଓ ସନ୍ଧ୍ୟାରେ ବରା ପାଇଁ ପ୍ରବଳ ଭିଡ଼ ଲାଗେ । ଅନେକ ଗ୍ରାହକ ଏଠାରେ ବରା ଖାଇ ତା’ର ସ୍ୱାଦ ଚାଖିଲା ପରେ ଖୁସି ହୋଇ ନିଜ ନିଜ ଘରକୁ ଅବା ବନ୍ଧୁବାନ୍ଧବଙ୍କ ଘରକୁ ବରା ପାର୍ଶଲ୍ ନେଇଯିବାର ଦେଖାଯାଏ ।

### ବରାର ଇତିହାସ

ଏବେ ଏଇ ବରା ପ୍ରସଙ୍ଗ ଆଲୋଚନା ବେଳେ ବରାର ଇତିହାସ ବିଷୟ ଜାଣିବାକୁ ଇଚ୍ଛା ହୁଏ । ସବୁଠାରୁ ବେଶ୍ ଚର୍ଚ୍ଚାର ବିଷୟ ଏହି ଯେ ବରାର ପ୍ରଥମ ମୁଖ୍ୟ ପ୍ରସ୍ତୁତି ସ୍ଥଳ ହିଁ ଆମର ଜନ୍ମଭୂମି ଭାରତ । ଇଂରାଜୀରେ ଏହାକୁ ଭଡ଼ା (Voda) କୁହାଯାଏ । ଅର୍ଥାତ୍ ଏହି ବରା ଶବ୍ଦ ଜର୍ମାନ୍ ଶବ୍ଦ ଭଡ଼ା(vada) ରୁ ଆସିଛି । ବୀର ସାଙ୍ଘ୍‌ଭୀ ନାମକ ଜନୈକ ଭାରତୀୟ ସାମ୍ବାଦିକଙ୍କ ତଥ୍ୟ ଅନୁସାରେ ବରା କର୍ଣ୍ଣାଟକ ସ୍ଥିତ ମଦୁର

## ଢେଙ୍କାନାଳ ବରା ଆଜି ବି ଲୋକମାନଙ୍କ ନିକଟରେ ଖୁବ୍ ଆଦୃତ

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପି.ଜି. (ସ୍ନାତକୋତ୍ତର) ଛାତ୍ରୀ **ସାଇକ୍ରିଷ୍ଣା ମାନିନୀ ପତି** ମତରେ, ଢେଙ୍କାନାଳରେ ଅଜାଘର ହୋଇଥିବାରୁ ପିଲାଦିନରୁ ଢେଙ୍କାନାଳ ବରା ଖାଇ ଆସୁଛୁ । ପ୍ରକୃତରେ ଢେଙ୍କାନାଳ ବରାର ସ୍ୱାଦ ନିଆରା । ଯାହା ଯେତେ ଜଳଖିଆ ଖାଇଲେ ବି ବରା ଖାଇବାକୁ ପାଟିରୁ ଲାଳ ଗଡ଼େ । ଏବେ ଆମେ ପ୍ରତିଦିନ ସାନ୍ଧ୍ୟଭ୍ରମଣରେ ସାଙ୍ଗସାଥୀମାନଙ୍କ ଗହଣରେ ବିଭିନ୍ନ ଛକରେ ଠେଲା ଗାଡ଼ି ହେଉ, ସ୍ଥାୟୀ ଦୋକାନ ହେଉ, ବରା ଖାଇ ଖୁବ୍ ଖୁସି ହେଉ । ବେଳେବେଳେ ଅଧିକ ଲାଭ ଆଶାରେ ଦୋକାନୀମାନେ ବରାରେ ବିରି ଭାଗ କମେଇ ଚାଉଳ ଓ ସୁଜି ଭାଗ ଅଧିକ ମିଶାଉଥିବାରୁ ଏବଂ ଶସ୍ତା ତେଲରେ ବରା ଛାଣୁଥିବାରୁ ଗ୍ରାହକମାନେ ପେଟ ଖରାପ ହେବା ଆଶଙ୍କାରେ ବେଶି ବରା ଖାଉନାହାନ୍ତି । ତଥାପି ଢେଙ୍କାନାଳ ବରା ଆଜି ବି ଲୋକମାନଙ୍କ ନିକଟରେ ଖୁବ୍ ସ୍ୱାଦିଷ୍ଟ ଓ ରୁଚିକର । ଆଜିକାଲି ଘରେ ଘରେ ଏଇ ବରା ପିଠାପଣା ସହିତ ପର୍ବପର୍ବାଣିରେ ଛଣା ହୋଇ ପର୍ବର ମାହୋଲ୍‌କୁ ବଢ଼େଇ ଥାଏ । ପରିବାର ସହିତ ବନ୍ଧୁବାନ୍ଧବମାନେ ଏହା ଖାଇ ଖୁବ୍ ଖୁସି ହୁଅନ୍ତି । ବରା ତିଆରି ହୋଇ ଦହି ସହିତ ମିଶଇ ଦହିବରା ପ୍ରସ୍ତୁତ ହୁଏ । ବରା ଓ ଦହିବରାର ସ୍ୱାଦ ଖୁବ୍ ମନଛୁଆଁ । ତେଣୁ କବିଙ୍କ ଭାଷାରେ-

“ଚକୁଳି ନୁହେଁ ଗୋଲ୍ ଆକୃତି / ବିରି ଚାଉଳରେ ଗଢ଼ା / ତେଲ କଡ଼େଇରେ ଛଣା ହୋଇଥାଏ
ପ୍ଲେଟ୍‌ରେ ହୁଏ ବଡ଼ା / କିଏ ଖାଇବ ହୋ ଆସ / ଦୋକାନ ବେଞ୍ଚରେ ବସ ।”






ସହରରୁ ଅନ୍ୟ ସହରମାନଙ୍କୁ ଆସିଛି । ପ୍ରଥମେ ମୁମ୍ବାଇର ଉଡୁପି ଭୋଜନାଳୟ ଦ୍ୱାରା ଏହା ଦକ୍ଷିଣ ଭାରତ ବାହାରେ ପ୍ରସିଦ୍ଧି ଲାଭ କରିଛି । ମଦ୍ଦୁର ସହରର ନାମାନୁସାରେ ବରା ମେଦୁଭଡ଼ା ବୋଲି ଲୋକମୁଖରେ ବିଦିତ । ମେଦୁ ଏକ କନ୍ନଡ଼ ଶବ୍ଦ ଯାହାର ଅର୍ଥ ନରମ । ଏହି ବରା ଦକ୍ଷିଣ ଭାରତରୁ ଅନ୍ୟ ରାଜ୍ୟ ଓ ଅନ୍ୟ ଜିଲ୍ଲାମାନଙ୍କୁ ଆସିଛି ।

ଅନ୍ୟ ଏକ ତଥ୍ୟରୁ ପ୍ରକାଶ ଯେ ୧୮୭୧ ମସିହାରେ ଏହାର ପ୍ରଥମ ପ୍ରସ୍ତୁତ କର୍ତ୍ତବ୍ୟ ଓ ବିକ୍ରେତା ଅଶୋକ ବୈଦ୍ୟ ଏହି ସ୍ୱାଦିଷ୍ଟ ବରାକୁ ମୁମ୍ବାଇର ଦାଦର ରେଳ ଷ୍ଟେସନରେ ବିକ୍ରୟ କରିଥିଲେ । ଏବେ ତାଙ୍କର ପୁତ୍ର ନରେନ୍ଦ୍ର ବୈଦ୍ୟ ଓ ସହକାରୀ ଅଭିଜିତ୍ ସାମଲ ଠେଲା ଗାଡ଼ି ମାଧ୍ୟମରେ ବରା ବିକ୍ରୟ କରି ନିଜର କୌଳିକ ବୃତ୍ତିକୁ ବଜାୟ ରଖିଛନ୍ତି । ଅଭିଧାନ ମତରେ ବଡ଼ାର ଅର୍ଥ ହେଲା ଗୋଲାକାର ପିଷ୍ଟକ ବିଶେଷ (a kind of cake) ବା ଘିଅ କିମ୍ବା ତେଲରେ ଛଣା ଯାଇଥିବା ପିଠା ବିଶେଷ । ଯାହା ବିରି ଓ ଚାଉଳର ବହଳିଆ ଚକଟା (ପିଠୋଉ / ଆଣ) ମଣ୍ଡରୁ ପ୍ରସ୍ତୁତ ହୋଇଥାଏ । ପଖାଳ ଖାଇବା ବେଳେ ଖୋଜା ପଡ଼ୁଥିବା ବିରି ବଡ଼ି ସହିତ ବଡ଼ାର ସମ୍ପର୍କ ଘନିଷ୍ଠ । ବଟା ବିରିର ଛୋଟ ଛୋଟ ଗୁଳି (ଗୁଳା)ରୁ ବଡ଼ି ହୁଏ ।

## ବରାର ଭାଷାଭିତ୍ତିକ ଅନ୍ୟାନ୍ୟ ନାମ

ଇଂରାଜୀରେ ବଡ଼ା ବା ଭଡ଼ା (Vada), କନ୍ନଡ଼ରେ ହଡ଼ିନା ଭଡ଼ା, ତାମିଲ ଭାଷାରେ ଭରଦ୍ ବଡ଼ା ବା ଉଲୁନ୍ଦୁ ଉଡ଼ାଇ, ତେଲୁଗୁ ଭାଷାରେ ଗରେଲୁ, ମାଲାୟଲମ୍ ଭାଷାରେ ଉଜୁନ୍ନୁ ଭଡ଼ା (Uzhunnu vada) ଓ ଆମ ପ୍ରିୟ ଭାଷା ଓଡ଼ିଆରେ ବରା । ବଙ୍ଗଳା ଓ ହିନ୍ଦୀ ଭାଷାରେ ବଡ଼ା (Vada) ।

## ଢେଙ୍କାନାଳରେ ବରା

ପ୍ରାୟ ୬୦/୭୦ ବର୍ଷରୁ ଅଧିକ ସମୟ ଧରି ଢେଙ୍କାନାଳ ବରା ତା'ର ମାନ ବଜାୟ ରଖି ଆସିଛି । ଏବେ ବୃଦ୍ଧବୟସର ଲୋକମାନେ ତାଙ୍କ ପିଲାବେଳ ବରାର ସ୍ୱାଦ ଓ ଚାହିଦା ଅଧିକ ଥିବାର ପ୍ରକାଶ କରନ୍ତି । ସଂପ୍ରତି ଅତ୍ୟାଧୁନିକ ରୁଚିକୁ ଆଖି ଆଗରେ ରଖି ବିଭିନ୍ନ ପ୍ରକାର ସ୍ନାକ୍ସ ଆଇଟମ୍, ବିସ୍କୁଟ୍,ଫାଷ୍ଟଫୁଡ଼ ଓ ଦକ୍ଷିଣ ଭାରତୀୟ ଜଳଖିଆର ଚାହିଦା ବୃଦ୍ଧି ପାଉଥିବାରୁ ସ୍ୱତଃ ଢେଙ୍କାନାଳ ବରା ତା'ର ବହୁଳ ଆଦୃତ ଗୁଣକିଛି ମାତ୍ରାରେ ହରେଇଛି । ତଥାପି ଏବେ ମଧ୍ୟ ବେପାର ଠିକ୍‌ଠାକ୍ ଚାଲିଛି ବୋଲି ବରା ବିକ୍ରେତାମାନେ ଦାବି କରନ୍ତି । ବରା ବ୍ୟବସାୟ ରବିବାର ଦିନ ଖୁବ୍ ଅଧିକ ହୁଏ । ଢେଙ୍କାନାଳ ପ୍ରସିଦ୍ଧ ବରା ଓ ବିଖ୍ୟାତ ବରା ଦୋକାନରେ ରବିବାର ଦିନ ଖୁବ୍ ଭିଡ଼ ପରିଲକ୍ଷିତ ହୁଏ । ଏହା ଲେଖକ ନିଜେ ଉପଲବ୍ଧି କରନ୍ତି । ଢେଙ୍କାନାଳରେ ଏଇ ପ୍ରଖ୍ୟାତ ବରା ବ୍ୟବସାୟ କରି ବ୍ୟବସାୟୀମାନେ ଭଲ ଲାଭବାନ ହୋଇ ସମାଜରେ ଧନ ନେଇ ଢେର୍ ଖ୍ୟାତି ଅର୍ଜନ କରିଛନ୍ତି । କେବଳ ବରା ନୁହେଁ, ଏହି ବ୍ୟବସାୟୀମାନେ ମଧ୍ୟ ଗ୍ରାହକଙ୍କ ଚାହିଦା ଏବଂ ରୁଚିକୁ ଦୃଷ୍ଟିରେ ରଖି ରାଶିଲଡୁ ମିଠା, ଛେନାପୋଡ଼, ଆଳୁଚପ୍, ସିଙ୍ଗଡ଼ା ଆଦି ବିକ୍ରୟ କରିଥାନ୍ତି । ମାତ୍ର କେବଳ ବରାରୁ ବିକ୍ରିଲବ୍ଧ ଅର୍ଥରାଶି ଦୈନିକ ଅନ୍ୟ ଦ୍ରବ୍ୟ ବିକ୍ରୟ ଅପେକ୍ଷା ଢେର୍ ଅଧିକ ।

## ବରା ପ୍ରସ୍ତୁତି ରହସ୍ୟ

ବରା ସହିତ କଟା ପିଆଜ, ବାସ୍ନା ଯୁକ୍ତ କଟା ଲଙ୍କା, ଲୁଣ, ଲଙ୍କା ଗୁଣ୍ଡ, ମସଲା ଅଦା ଓ ଆମ୍ବକସି ଅଦା ଛେଚା, ଜିରା ଗୁଣ୍ଡ, ଭୃଷଙ୍ଗ ପତ୍ର, ଧନିଆ ପତ୍ର ଆବଶ୍ୟକୀୟ ପରିମାଣର ମିଶାଇ ବରାର ସ୍ୱାଦ ବର୍ଦ୍ଧନ କରାଯାଇଥାଏ । ବରା ବ୍ୟବସାୟ କେନ୍ଦ୍ରର ମିସ୍ତ୍ରୀମାନେ କହନ୍ତି : "ଭଲ ତେଲ ଓ ଭଲ ମସଲାରେ ବରା ସ୍ୱାଦିଷ୍ଟ ହୁଏ । ଜଣେ ବୃଦ୍ଧ ମିସ୍ତ୍ରୀଙ୍କ ମତରେ ଆମେ ୧୦ ପଇସାରେ ୪ଟା ବରା ମିଳିବା ଦିନରୁ ବରା ଛାଣି ଆସୁଛୁ ଓ ବିକ୍ରି ହୋଇ ଆସୁଛି । ଏବେ ବିରି, ତେଲ ଓ ମସଲାର ଦାମ୍ ବୃଦ୍ଧି ହେବା ଯୋଗୁଁ ବରା ଗୋଟାକ ୫ଟଙ୍କା ହୋଇଛି । ଆମେ ୨୦ଟଙ୍କାରେ ୩ଟା ବରା ଓ ତର୍କାରୀ ବିକ୍ରି କରୁଛୁ ।"



## ଆମ ବରାର ମାନ ପୂର୍ବପରି ବଜାୟ ଅଛି



ବିଖ୍ୟାତ ବରା ବ୍ୟବସାୟ କେନ୍ଦ୍ରର ମାଲିକ **ସଦାଶିବ ସାହୁ ଏବଂ ତାଙ୍କ ପୁତ୍ର ଶିବାନନ୍ଦ ସାହୁ କହନ୍ତି : "ଏବେ ବିରି, ଚାଉଳ, ମସଲା, ତେଲର ଦାମ୍ ବୃଦ୍ଧି** ହୋଇଥିବାରୁ ଆମକୁ ବାଧ୍ୟ ହୋଇ ଏହାର ଦାମ୍ ଅଧିକ କରିବାକୁ ପଡୁଛି । କିନ୍ତୁ ଆମ ବରାର ମାନ ପୂର୍ବପରି ବଜାୟ ରଖିବାକୁ ଚେଷ୍ଟା କରି ଆସୁଛୁ । ଏବେ ମଧ୍ୟ ସକାଳେ ଓ ସନ୍ଧ୍ୟାରେ ଆମ ଦୋକାନରେ ଗ୍ରାହକଙ୍କ ଭିଡ଼ ଲାଗି ରହୁଛି । ଗ୍ରାହକ ଏଠାରେ ବରା ଖାଇ ତାର ସ୍ୱାଦ ବାରି ଘରକୁ ପାର୍ଶଲ୍ ନେଇ ଯାଆନ୍ତି । ଏଇ ବରାର ସ୍ୱାଦ ନଥିଲେ ଆମ୍ଭ ଦୋକାନରେ ଏତେ ଭିଡ଼ ହେଉ ନଥାନ୍ତା । ଆମେ ମଧ୍ୟ ଏକାଧିକ ମିସ୍ତ୍ରୀ, ହେଲ୍‌ପର୍, ସପ୍ଲାୟର୍ ରଖି ପାରନ୍ତୁ ନାହିଁ ।"

## ଢେଙ୍କାନାଳ ବରା ନଖାଇଲେ ମନ ଶାନ୍ତି ହୁଏନି



ଢେଙ୍କାନାଳ, ଗୁଡ଼ିଆନାଳିର ବାସିନ୍ଦା **ସତ୍ୟନାରାୟଣ ମିଶ୍ର କହନ୍ତି: "ପ୍ରତି** ଶନିବାର ଓ ରବିବାର ବିଦେଶରୁ ଆସିଲେ ଆମ ଢେଙ୍କାନାଳର ବରା ଖାଇବାକୁ ମନ ଉଚ୍ଛନ୍ନ ହୁଏ । ଯେତେ ଫାଷ୍ଟଫୁଡ୍ ଖାଇଲେ ବି ବରା ନଖାଇଲେ ମନ ଶାନ୍ତି ହୁଏନି । ଗଲାବେଳେ ବରା ନେଇ ସାଙ୍ଗସାଥୀମାନଙ୍କୁ ଖୁଆଇ, ବାଃ ବାଃ ଶୁଣିଲେ ଖୁସି ଲାଗେ । ବରାର ପଇସା ଉଠିଯାଏ ।"

## ବରାର ଚାହିଦା ପୂର୍ବାପେକ୍ଷା କମି ଯାଇଛି



ପ୍ରସିଦ୍ଧ ବରା ଦୋକାନର ମାଲିକ ପ୍ରସନ୍ନ କୁମାର ସାହୁଙ୍କ ପୁତ୍ର ପ୍ରସିତ୍ କୁମାର ସାହୁ କହନ୍ତି ଯେ, ଆମ ଦୋକାନରେ ବରାର ଚାହିଦା ପୂର୍ବାପେକ୍ଷା କମି ଯାଇଛି, ହେଲେ ଏବେ ସୁଦ୍ଧା ଆମର ବେପାର ଠିକ୍‌ଠାକ୍ ଚାଲିଛି ।

# କିଚିରି ମିଚିରି ଘରଚଟିଆ



**ସଂଗ୍ରାମ କେଶରୀ ପୃଷ୍ଟି**
ରାଜକିଶୋରନଗର, ଅନୁଗୋଳ-୭୫୯୧୨୬
ଫୋନ : ୯୪୩୭୫୪୭୧୪୬

ଫଟୋ ସୌଜନ୍ୟ : ଲେଖକ

ଘର ଅଗଣାରେ ଶୁଖା ଯାଇଥାଏ ଧାନ । ତା' ଉପରେ ନିଜର ପ୍ରଭାବ ଜାହିର କରୁଥାନ୍ତି ଟିକିଟିକି ଚଢ଼େଇମାନେ । ଧୂସର ଓ ଈଷତ୍ ବାଦାମୀ ରଙ୍ଗ ଶୋଭିତ ଏହି ଚଢ଼େଇଙ୍କ ସମ୍ମିଳିତ କିଚିରିମିଚିରି କଳରବ ପରିବେଶକୁ କରୁଥାଏ ମୁଖରିତ । ତାଙ୍କର ନଥାଏ ଡର କି ଭୟ । ମଣିଷଙ୍କ ସହିତ ଆତ୍ମୀୟତା କାରଣରୁ ସେମାନେ ନିର୍ଭୟରେ ତାଙ୍କ ଚାଳଘରେ ହିଁ ନିଜ ପାଇଁ ଆଶ୍ରା ଖୋଜନ୍ତି । ବସା ବାନ୍ଧନ୍ତି । ସମ୍ଭବତଃ ଏହି କାରଣରୁ ସରଳ ନିରୀହ ଅଥଚ ଆକର୍ଷଣୀୟ ଚଢ଼େଇର ନାଁ : ଘରଚଟିଆ ।

ମଣିଷ ସହିତ ଘରଚଟିଆର ଏ ସମ୍ପର୍କ ଆଜିର ନୁହେଁ, ଶହ ଶହ ବର୍ଷ ତଳର । ଯେଉଁ ପରିବେଶରେ ମଣିଷ ବଞ୍ଚିଛି ସେଇ ପରିବେଶରେ ଘରଚଟିଆ ମଣିଷ ସହିତ ମିଶିକି ଅଛି । କେହି କାହାର କ୍ଷତି କରନ୍ତି ନାହିଁ । ମଣିଷ ତାକୁ



ଦେଖି ଘୃଣା କରେ ନାହିଁ କି ଘଉଡ଼ାଇ ଦିଏ ନାହିଁ । ବରଂ ତା' କିଚିରିମିଚିରି ରାବରେ ଆମୋଦିତ ହୁଏ । ଶଯ୍ୟା ତ୍ୟାଗ କରେ । ଦେଖିଦେଲେ ଖୁସି ଲାଗେ । ଘରଚଟିଆ ସବୁବେଳେ ଏ ଚାଳରୁ ସେ ଚାଳ, ଏ ଗଛରୁ ସେ ଗଛ ଖାଦ୍ୟ ପାଇଁ ଘୂରି ବୁଲୁଥାଏ । ଗାଁର ଶାନ୍ତ ସୁନ୍ଦର ପରିବେଶ ଓ ଗାଁ ମଣିଷଙ୍କ ସହିତ ଘରଚଟିଆର ଏ ଆତ୍ମୀୟତା ସତରେ ନିଆରା ।

ଏବେ ଚାରିଆଡ଼େ କଂକ୍ରିଟ୍ ଜଙ୍ଗଲ ଓ ସୁଉଚ୍ଚ ଅଟ୍ଟାଳିକା କାରଣରୁ ଘର ହରାଇଛି ଏହି ଘରଚଟିଆ । ସାର, କୀଟନାଶକ ଦ୍ରବ୍ୟର ବ୍ୟବହାର ଓ ପ୍ରାକୃତିକ ଜଙ୍ଗଲ ନଷ୍ଟ ତା ମୁହଁରୁ ଛଡ଼େଇ ନେଇଛି ଆହାର । ସୁତରାଂ ସେ କ୍ରମଶଃ ଦୂରେଇ ଯାଉଛି ଗାଁ ଠାରୁ । ବର୍ତ୍ତମାନ ସମୟରେ ତା କିଚିରିମିଚିରି ରାବ ଶୁଣିବା ଏକ ପ୍ରକାର ବିରଳ ହୋଇଗଲାଣି । ଧୀରେ ଧୀରେ ଲୋପ ପାଇବାକୁ ଯାଉଥିବା ଘରଚଟିଆର ସୁରକ୍ଷା ଓ ସଂରକ୍ଷଣର ଏକାନ୍ତ ଆବଶ୍ୟକତା ରହିଛି ।

## ପରିଚୟ

ଘରଚଟିଆର ବୈଜ୍ଞାନିକ ନାମ ହେଉଛି ପାସେରିଡ଼ୁ । ୧୮୧୫ ମସିହାରେ ଫ୍ରାନ୍ସର ବୈଜ୍ଞାନିକ ରାଫିନେସ୍କ ଏହି ପକ୍ଷୀଟିକୁ ଲୋକଲୋଚନକୁ ଆଣିଥିବାର ଜଣାଯାଏ । ଏହାର ଉତ୍ପତ୍ତିସ୍ଥଳ ହେଉଛି ଭୂମଧ୍ୟ ସାଗରୀୟ ଅଞ୍ଚଳ । ଘରଚଟିଆକୁ ସଂସ୍କୃତରେ 'ଚିଟିକା', ହିନ୍ଦୀରେ 'ଗୋରାଇଆ', ତାମିଲ ଓ କେରଳୀରେ 'କୁରୁହି', ତେଲୁଗୁରେ 'ପିଚୁକା', କନ୍ନଡ଼ରେ 'ଗୁଇକଚି', ପଞ୍ଜାବୀରେ 'ଚିରି', ଗୁଜୁରାଟୀରେ 'କେଲ' ଓ ଇଂରାଜୀରେ House Sparrow ବୋଲି କୁହାଯାଏ । ସେହିପରି ଜାମ୍ମୁ-କାଶ୍ମୀରରେ ସେ 'ଚଏର୍' ତ ମହାରାଷ୍ଟ୍ରରେ 'ଚିମାନି' ଓ ବଙ୍ଗଳାରେ 'ଚଡ଼ାଇପାଖୀ' ନାଁରେ ସେ ସୁପରିଚିତ ।



## ରଙ୍ଗ, ଆକୃତି ଓ ପ୍ରଜାତି

ଘରଚଟିଆ ଦେଖିବାକୁ ଧୂସର ରଙ୍ଗର ପୁଣି ଚିତ୍ରିତ ଚେହେରା । ତା ଶରୀରର ଲମ୍ବ ପ୍ରାୟ ଛଅରୁ ସାତ ସେଣ୍ଟିମିଟର ହୋଇଥିବା ବେଳେ ଓଜନ ହୋଇଥାଏ ପ୍ରାୟ ୨୫ରୁ ୩୫ ଗ୍ରାମ୍ । ଏକର ଦେଢ଼ଇଞ୍ଚ୍ ଲମ୍ବ ବିଶିଷ୍ଟ ତା ଥଣ୍ଟ । ପୁରୁଷ ଘରଚଟିଆର ବେକତଳୁ ଆଖି ଓ ଥଣ୍ଟଧାର ମଝିରେ ତଥା ଥଣ୍ଟ ଚାରିପଟେ କଳାଦାଗ ଥାଏ । ସେହିପରି ତା ପିଠି ପଛପାଖରେ ଛୋଟ ଧଳାଚିହ୍ନ ଥାଏ । ଏହା ତା ସାମର୍ଥ୍ୟ ଓ ପୌରୁଷର ପ୍ରମାଣ ଦେଇଥାଏ ବୋଲି ପକ୍ଷୀ ବିଶାରଦମାନେ ମତ ଦିଅନ୍ତି । ବୟସ ବୃଦ୍ଧି ଅନୁପାତରେ ଏ ଚିହ୍ନଟି ମଧ୍ୟ ବଢ଼ିଥାଏ ।

ମାଈ ଘରଚଟିଆର ଦେହସାରା ଧୂସର ଓ ଈଷତ୍ ବାଦାମୀ ରଙ୍ଗର ଗାରର ଥାଏ । ଦେହର ଠାଏ ଠାଏ ଧଳାଚିହ୍ନ ଓ ଦେହସାରା ହାଲ୍କା ଧୂସର ରଙ୍ଗର ପରରେ ଆଚ୍ଛାଦିତ ହୋଇ ରହିଥାଏ । ଘରଚଟିଆର ଲାଞ୍ଜର ଲମ୍ବ ଦୁଇଟି ସାଢ଼େ ଦୁଇ ଇଞ୍ଚ୍ ଓ ଡେଣା ତିନିରୁ ସାଢ଼େ ତିନିଇଞ୍ଚ୍ ଓସାର ବିଶିଷ୍ଟ ହୋଇଥାଏ । ତା ଏକ ଇଞ୍ଚ ବିଶିଷ୍ଟ ପଂଝାରେ ସେ ଗଛଡାଳକୁ ଖୁବ୍ ମଜବୁତ ଭାବରେ ଧରିପାରେ । ଏମାନେ ବେଶି ବାଟ ପର୍ଯ୍ୟନ୍ତ ଉଡ଼ିଯାଇ ପାରନ୍ତି ନାହିଁ ।

ସାଧାରଣତଃ ଦୁଇଟି ଜାତିର ଓ ବାରଟି ପ୍ରଜାତିର ଘରଚଟିଆ ଦେଖାଯାଏ । ତେବେ ସମଗ୍ର ପୃଥିବୀରେ ପଚିଶ୍ଟି ପ୍ରଜାତିର ଘରଚଟିଆ ଥିବାର ପକ୍ଷୀ ବିଶାରଦମାନେ ମତ ଦିଅନ୍ତି । ଭାରତ ସମେତ ବ୍ରିଟେନ, ଜର୍ମାନୀ, ଫ୍ରାନ୍ସ, ନେଦରଲ୍ୟାଣ୍ଡ, ଇଟାଲି ଓ ଫିନ୍ଲ୍ୟାଣ୍ଡରେ ମଧ୍ୟ ଏମାନେ ଦେଖାଯାଆନ୍ତି ।

## ଘରଚଟିଆର ଘର

ସାଧାରଣତଃ ଚାଳଛପର ଘରେ  ନିଜ ବସା ବାନ୍ଧିବାକୁ ଘରଚଟିଆ ବେଶ୍ ପସନ୍ଦ କରେ । ଏତଦ୍ବ୍ୟତୀତ ଆଜ୍‌ବେଷ୍ଟସ୍ ଘରକାନ୍ଥ ସନ୍ଧିରେ, କୋଠାଘରର ସ୍କାଏଲାଇଟ୍ କିମ୍ବା କୌଣସି ଗଛରେ, ଏପରିକି ବିଜୁଳିବତୀ ଖୁଣ୍ଟରେ ମଧ୍ୟ ସେ ଛୋଟ ଘରଟିଏ କରି ରହିଥାଏ ।

ନିରାପଦ ଜାଗାଟିଏ ଖୋଜି ଘର ତିଆରି କରିବାରେ ଲାଗିଯାଏ ପୁରୁଷ ଘରଚଟିଆ । ଶୁଖିଲା ଘାସ, କୁଟାକାଠି, ପାଳ, କୁକୁଡ଼ାଚୂଳ- ଏସବୁକୁ ନେଇ ଆରମ୍ଭ ହୁଏ ତା' ଘରତୋଳା । ମାଈ ଘରଚଟିଆକୁ ଏହି ଘରଟି ପସନ୍ଦ ଆସିଲେ ସେଠାରେ ସେ ରହେ । ଦୁହିଁଙ୍କର ମିଳନ ହୁଏ । ଦୁହେଁ ମିଶି ସୁନ୍ଦର ଭାବେ ଘରକୁ ସଜାନ୍ତି । ବର୍ଷରେ ୩/୪ଥର ସେମାନେ ବିଭିନ୍ନ ଜାଗାରେ ବସା ବାନ୍ଧନ୍ତି ।

## ଆଣ୍ଡାମାନ ଓ ଯତ୍ନ

ବସାବାନ୍ଧି ଏକାଠି ରହିବାର କିଛିଦିନ ପରେ ମାଈ ଘରଚଟିଆ ଅଣ୍ଡା ଦିଏ । ସାଧାରଣତଃ ୩ ରୁ ୫ଟି ଅଣ୍ଡା ଦେଇଥାଏ । ଏହାପରେ ଦୁହେଁ ମିଶି ଅଣ୍ଡାଗୁଡ଼ିକର ଯତ୍ନ ନିଅନ୍ତି । ଜଣେ ବସାରେ ଅଣ୍ଡା ଜଗିଥିବା ବେଳେ ଆରଜଣକ ଖାଦ୍ୟ ଖୋଜିବାକୁ ବାହାରକୁ ଯାଏ । ସେ ଫେରି ଆସିଲା ପରେ ଆର ଚଢ଼େଇଟି ଖାଦ୍ୟ ପାଇଁ ଉଡ଼ିଯାଏ । ସେମାନେ କେବେ ମଧ୍ୟ ଅଣ୍ଡା ଛାଡ଼ି ଯାଆନ୍ତି ନାହିଁ । ଅଣ୍ଡାରୁ ଛୁଆ ଫୁଟିବା ପାଇଁ ପ୍ରାୟ ୨୦/୨୧ ଦିନ ଲାଗେ । ଘରଚଟିଆ ଶାବକମାନଙ୍କର ଖାଦ୍ୟ ହେଉଛି କୀଟପତଙ୍ଗ । ସାଧାରଣତଃ ସଜନାଗଛ, ବରକୋଳି ଗଛ, ବଉଳଗଛ ଓ ନିମ୍ବଗଛମାନଙ୍କରେ ପର୍ଯ୍ୟାପ୍ତ ପରିମାଣରେ ପୋକଜୋକ ମିଳିଥାଏ । ଘରଚଟିଆ ଦୁହେଁ ସେସବୁ ସ୍ଥାନରୁ  ପୋକଜୋକ, କୀଟପତଙ୍ଗ ଆଣି ଶାବକମାନଙ୍କୁ ଖାଇବାକୁ ଦିଅନ୍ତି । ଏମିତି ଭାବରେ ଶାବକମାନେ ପ୍ରାୟ ୨୦ଦିନ ଯାଏଁ ବସାରେ ରହିଥାନ୍ତି । ମା ଓ ବାପା ଘରଚଟିଆ ସେମାନଙ୍କ ଖାଦ୍ୟ ଯୋଗାଡ଼ରେ ଲାଗି ରହନ୍ତି । ୨୦ଦିନ ପରେ ଘରଚଟିଆ ଶାବକମାନେ ଖଣ୍ଡିଉଡ଼ା ଦେଇ ଉଡ଼ିବା ଶିଖନ୍ତି । ସେତେବେଳକୁ ତାଙ୍କୁ ମଣିଷର ଅଇଣ୍ଠା ଭାତ, ଫଳ, କୋଳି ଆଣି ଖାଇବାକୁ ଦିଆଯାଏ । ମାଈଘରଚଟିଆ ଏହିପରି ଭାବରେ ବର୍ଷକୁ ୩/୪ଥର ଅଣ୍ଡାଦାନ କରି ତା'ର ଯତ୍ନ



ନେଇଥାଏ ।

## ଘରଚଟିଆର ଖାଦ୍ୟ

କୋଳି ଜାତୀୟ ଖାଦ୍ୟ ଘରଚଟିଆମାନଙ୍କର ବେଶି ପସନ୍ଦ । ଏତଦ୍‌ବ୍ୟତୀତ ଧାନ, ଗହମ, ବିରି, ମାଣ୍ଡିଆ ଆଦି ଡାଲି (ମଞ୍ଜି) ମଧ୍ୟ ଖାଆନ୍ତି । ପକ୍ଷୀମାନେ ଧାନକୁ ଗିଳି ଦେଉଥିବା ବେଳେ ଘରଚଟିଆ ଧାନରୁ ଚାଉଳକୁ ଛଡ଼େଇ ଖାଇଥାଏ । କୀଟପତଙ୍ଗ ଖାଇବାରେ ଏମାନେ ଧୁରନ୍ଧର । କ୍ଷେତବାଡ଼ିରୁ ଖାଦ୍ୟ ସଂଗ୍ରହ ସମୟରେ ଘରଚଟିଆମାନେ ଫସଲକୁ ଅନିଷ୍ଟ କରୁଥିବା କୀଟପତଙ୍ଗଙ୍କୁ ଖାଇଯାଆନ୍ତି । ଘରେ ସଂରକ୍ଷଣ କରି ରଖା ଯାଇଥିବା ଖାଦ୍ୟଶସ୍ୟ ମଧ୍ୟରୁ ପୋକଜୋକ ଖୋଜି ଖାଆନ୍ତି । ଫଳରେ ଫସଲ ଓ ଖାଦ୍ୟଶସ୍ୟ ସୁରକ୍ଷିତ ରହେ । ଏଣୁ ଘରଚଟିଆକୁ 'କୃଷକର ବନ୍ଧୁ' ବୋଲି କୁହାଯାଏ । ଘରଅଗଣା ହେଉ ବା ଗାଁ ଦାଣ୍ଡ, ସବୁଠି ଏମାନଙ୍କ ସମ୍ମିଳିତ ଖାଦ୍ୟ ଗ୍ରହଣର ଦୃଶ୍ୟ ଅତୀବ ମନମୁଗ୍ଧକର । ଏଥିରୁ ଏମାନଙ୍କର ଏକତା ଓ ଭାଇଚାରାର ପ୍ରମାଣ ମିଳେ । ଘରଚଟିଆ ତା ଟିକି ଥଣ୍ଟରେ ଟିକି ଛୁଆକୁ ଖୁଆଇ ଦେବାର ଦୃଶ୍ୟ ଦେଖିଲେ ମନରେ ଖେଳିଯାଏ ଅଜଣା ପୁଲକ ।

## ଲୋକ ବିଶ୍ୱାସରେ ଘରଚଟିଆ

ଆମ ବିଶ୍ୱାସ ଭିତରେ ବସାବାନ୍ଧି ରହିଛି ଘରଚଟିଆ । ଏହି ପକ୍ଷୀଟି ମଣିଷଙ୍କ ଘରେ ବସବାସ କଲେ ଘରର ଇଷ୍ଟ ଖଣ୍ଡନ ହୋଇଥାଏ ବୋଲି ପୁରାଣରେ ବର୍ଣ୍ଣିତ ହୋଇଛି । ତେଣୁ ତାକୁ ସଭିଏଁ ଆଦର କରିଥାନ୍ତି । ପୁଣି କୁହାଯାଏ ଯେ, ଘରଚଟିଆକୁ ଛୁଇଁଲେ ଛୁଆମାନଙ୍କୁ ପାଳିଜ୍ୱର ହୋଇଥାଏ । ଘରଚଟିଆ ବି ଗାଧାଏ । କେତେବେଳେ ପାଣିରେ ତ କେତେବେଳେ ଧୂଳିରେ । ଖରାଦିନେ ଡହ ଡହ ଖରାକୁ ଘରଚଟିଆ ବିଚରା ସହିପାରେ ନାହିଁ । ଏଣୁ ତାତିରୁ ରକ୍ଷା ପାଇବା ପାଇଁ ସେ ଧୂଳିରେ ଖେଳେ । ସେଥିରେ ଗାଧାଏ । ଏହି ସୁନ୍ଦର ଦୃଶ୍ୟଟି ଦେଖିଲା ମାତ୍ରକେ ମନରେ ଭାବନା ଆସିଯାଏ, ଆଜି ନିଶ୍ଚୟ ବର୍ଷା ହେବ । ଅନେକ ଅଞ୍ଚଳରେ ଘରଚଟିଆକୁ ଶୁଭର ପ୍ରତୀକ ବୋଲି ବିଚାର କରାଯାଏ । ରାୟଗଡ଼ା, ଗଜପତି ଓ କୋରାପୁଟ ଅଞ୍ଚଳର ସଉରାଜାତିର ଲୋକମାନେ ଏବଂ ମହାରାଷ୍ଟ୍ରର ଓରାଳି ଆଦିବାସୀ ସଂପ୍ରଦାୟର ଲୋକମାନେ ଏହାକୁ ଶୁଭ ବୋଲି ମନେକରନ୍ତି । ଏଣୁ ସେମାନଙ୍କର ବିବାହ, ଜନ୍ମଦିନ ପରି ଶୁଭ ଉତ୍ସବମାନଙ୍କରେ ଘରକାନ୍ଥରେ ଘରଚଟିଆ ଚିତ୍ର ଅଙ୍କନ କରିଥାନ୍ତି ।

## କୁଆଡ଼େ ଗଲେଣି ହଜି

'ବିଶ୍ୱ ଜୈବ ସଂରକ୍ଷଣ ସଂସ୍ଥା' ସର୍ଭେ ରିପୋର୍ଟ ଅନୁଯାୟୀ ବିଗତ ୪୦ବର୍ଷ ମଧ୍ୟରେ ସମଗ୍ର ବିଶ୍ୱରେ ଘରଚଟିଆଙ୍କ ବଂଶ ୯୦ ପ୍ରତିଶତ ହ୍ରାସ ପାଇଛି । ସୁତରାଂ ଏବେ ଆମେ ଦେଖୁଥିବା ଏହି ପକ୍ଷୀଙ୍କ ସଂଖ୍ୟା ହେଉଛି ଶତକଡ଼ା ଦଶ ଭାଗ ମାତ୍ର । ଘରଚଟିଆର ଦ୍ରୁତ ଅବନତି ପଛରେ ମୁଖ୍ୟତଃ ମଣିଷ ଦାୟୀ ବୋଲି ଜଣା ପଡ଼ିଛି । କୃଷି କ୍ଷେତ୍ରରେ ବ୍ୟବହୃତ ସାର ଓ କୀଟନାଶକ ଔଷଧର ବିଷକ୍ରିୟା କାରଣରୁ ଘରଚଟିଆମାନଙ୍କର ଅକାଳ ମୃତ୍ୟୁ ଘଟୁଛି । ବିକାଶ ନାଁରେ ମାଟିରାସ୍ତା ବଦଳରେ ସବୁଠି ଏବେ ପକ୍କାରାସ୍ତା । ସେହିପରି ଚାଳଘର ବଦଳରେ ମୁଣ୍ଡ ଟେକି ଛିଡ଼ା ହେଉଛି ସୁଉଚ୍ଚ ଅଟ୍ଟାଳିକା । ଏଥିଯୋଗୁଁ ଘର ହରାଇଛି ଘରଚଟିଆ । ସହର ତ ଛାଡ଼, ଗାଁ ବି ଏବେ ତା ପାଇଁ ଏକରକମ ମନା ହୋଇ ଯାଇଛି । ପ୍ରଦୂଷିତ ବାତାବରଣ ପ୍ରଦୂଷଣ ଏମାନଙ୍କ ବଂଶ ଲୋପର ଅନ୍ୟ ଏକ ପ୍ରମୁଖ କାରଣ । ସୁଉଚ୍ଚ ମୋବାଇଲ ଟାୱାର୍‌ର ବୈଦ୍ୟୁତିକ ତରଙ୍ଗ, ଯାନବାହାନ ତଥା କଳକାରଖାନାର ବିଷାକ୍ତ ଧୂଆଁ ହିଁ ଘରଚଟିଆ ପାଇଁ ସାଜିଛି ନୀରବ ଘାତକ । ଫସଲ କ୍ଷେତରେ ପାଳଭୂତଟିଏ ଛିଡ଼ା କରାଇ ମଣିଷ ତାକୁ ଡରାଉଛି । ଘଉଡ଼ାଇ ଦେଉଛି । ବିଚରା ଚଟିଆର ଆଉକି ଚାରା ଅଛି ଯେ ।

## ପ୍ରାକୃତିକ ବୃକ୍ଷ କାହିଁ:

ଘରଚଟିଆ ପାଇଁ ଉପଯୋଗୀ ପ୍ରାକୃତିକ ବୃକ୍ଷର ଅଭାବ ହିଁ ଏକ ବିଷମ ପରିସ୍ଥିତି ସୃଷ୍ଟି କରିଛି । ବରକୋଳି ଗଛ, ନିମ୍ବଗଛ, ସଜନାଛୁଇଁ ଗଛ ଓ ବଉଳଗଛ ପରି ଗଛର ଫଳକୁ ହିଁ ଘରଚଟିଆ ଖାଦ୍ୟ ଭାବରେ ବ୍ୟବହାର କରିଥାଏ । କୋଳି ଜାତୀୟ ଖାଦ୍ୟକୁ ବେଶ୍ ପସନ୍ଦ କରୁଥିବା ଏହି ପକ୍ଷୀ ପାଇଁ ସେପରି ଫଳ ଆଉ ପର୍ଯ୍ୟାପ୍ତ ପରିମାଣରେ ମିଳୁନାହିଁ । ଏହିସବୁ ବୃକ୍ଷର ବିକାଶ ପରେ ଏବେ ରୋପଣ କରାଯାଉଥିବା କୃତ୍ରିମ ବୃକ୍ଷ ଘରଚଟିଆକୁ ସୁହାଉନାହିଁ । କଦମ୍ବ, କୃଷ୍ଣଚୂଡ଼ା ପରି ଅନେକ ବୃକ୍ଷ ଦୃଢ଼ଭାବରେ ବୃଦ୍ଧି ପାଇ ସବୁଜିମା ବୃଦ୍ଧି କରୁଛି ସତ, ହେଲେ ସେଥିରୁ ଏହି ଚଢ଼େଇ ଖାଦ୍ୟ ପାଇପାରୁନି କି ସେଥିରେ ବସା ବାନ୍ଧି ପାରୁନି । କୀଟପତଙ୍ଗ ସେମାନଙ୍କ ପ୍ରିୟ ଖାଦ୍ୟ ହୋଇଥିଲେ ମଧ୍ୟ କୀଟନାଶକ ପ୍ରଭାବରେ ସେମାନଙ୍କ ମୃତ୍ୟୁ ହୋଇଯାଉଥିବାରୁ ଘରଚଟିଆ ପାଇଁ ଖାଦ୍ୟର ଅଭାବ ଦେଖା ଦେଇଛି ।

## ବିଲୁପ୍ତପ୍ରାୟ ପକ୍ଷୀ ତାଲିକାରେ 'ଘରଚଟିଆ'

ଲଣ୍ଡନର ରୟାଲ୍ ସୋସାଇଟି ଅଫ୍ ପ୍ରୋଟେକ୍‌ସନ ଅଫ୍ ବାର୍ଡ଼ ଦେଇଥିବା ସର୍ବେକ୍ଷଣ ତଥ୍ୟ ଅନୁଯାୟୀ ବିଲୁପ୍ତ ପ୍ରାୟ ପକ୍ଷୀ ତାଲିକାରେ ଘରଚଟିଆର ନାଁ ରହିଛି । ହାଇଦ୍ରାବାଦ, ବେଙ୍ଗାଲୁର, ଚେନ୍ନାଇ, ମୁମ୍ବାଇ, ଦିଲ୍ଲୀ ପରି ସହରରୁ ଘରଚଟିଆ ବିଲୁପ୍ତ ହୋଇ ଯାଇଥିବା କଥା 'ବିଶ୍ୱ ଜୈବ ସଂରକ୍ଷଣ ସଂସ୍ଥା' ମତ ଦେଇଛନ୍ତି । ଏଥିସହିତ ଅନ୍ୟ ଅଞ୍ଚଳ ପରି ବ୍ରିଟେନ, ପ୍ୟାରିସ୍, ଫ୍ରାନ୍ସ, ଜର୍ମାନୀ, ବେଲ୍‌ଜିୟମ, ଇଟାଲୀ, ନେଦରଲ୍ୟାଣ୍ଡ ଓ ଫିନ୍‌ଲ୍ୟାଣ୍ଡରେ ମଧ୍ୟ ଏମାନଙ୍କ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଉଥିବାର କଥା ରିପୋର୍ଟରେ ଉଲ୍ଲେଖ ଅଛି । ଏହା ମଣିଷ ସମାଜ ପାଇଁ ଅତ୍ୟନ୍ତ ଦୁଃଖର ବିଷୟ ।

## ଘରଚଟିଆ ପାଇଁ ଦିନଟିଏ

ନାସିକ୍‌ର ଜଣେ ପ୍ରସିଦ୍ଧ ପକ୍ଷୀପ୍ରେମୀ ଥିଲେ ମହମ୍ମଦ ଦିଲାବର୍ । ଥରେ ତାଙ୍କର ନଜର ପଡ଼ିଲା ଇଂଲଣ୍ଡରୁ ପ୍ରକାଶିତ ଏକ ପତ୍ରିକା ଉପରେ । ସେଥିରେ ଏକ ଗବେଷଣାତ୍ମକ ନିବନ୍ଧ ପ୍ରକାଶିତ ହୋଇଥିଲା । ଏହା ତାଙ୍କୁ କରି ଦେଇଥିଲା ମର୍ମାହତ । ତେଣୁ ସେ ଏ ଦିଗରେ ଅନୁସନ୍ଧାନ ଚଳାଇଲେ । ପରିଶେଷରେ ବାସ୍ତବତାକୁ ହୃଦୟଙ୍ଗମ କରି ପାରିଥିଲେ । ଘରଚଟିଆର ସୁରକ୍ଷା ପାଇଁ ପ୍ରଥମେ





ସେ ବ୍ୟକ୍ତିଗତ ପ୍ରୟାସ ଜାରି ରଖିଲେ । ପରବର୍ତ୍ତୀ ସମୟରେ ଆରମ୍ଭକଲେ ସଚେତନତା କାର୍ଯ୍ୟକ୍ରମ । କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ଏବଂ ଘରଚଟିଆ ପ୍ରତି ଲୋକଙ୍କ ମନରେ ସମବେଦନା ତଥା ସକରାତ୍ମକ ଭାବନା ଜାଗ୍ରତ କରିବା ଲକ୍ଷ୍ୟରେ ସେ ଉଦ୍ୟମ ଜାରି ରଖିଲେ ।

ଏହାପରେ ସେ ଭାରତର Nature Forever Society, ଫ୍ରାନ୍ସର Eco-Sys Action Foundation ଓ ବିଶ୍ୱର ଅନ୍ୟାନ୍ୟ ସଂଗଠନର ସହଯୋଗ ଲୋଡ଼ିଥିଲେ । ସମସ୍ତଙ୍କ ସହଯୋଗର ଫଳସ୍ୱରୂପ ୨୦୧୦ ମସିହା ମାର୍ଚ୍ଚ ମାସ ୨୦ ତାରିଖ ଦିନଟିକୁ 'ବିଶ୍ୱ ଘରଚଟିଆ ଦିବସ' ଭାବରେ ପ୍ରଥମ ଥର ପାଇଁ ପାଳନ କରାଗଲା । ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଏହି ବିଲୁପ୍ତପ୍ରାୟ ପକ୍ଷୀଟିର ସୁରକ୍ଷା ପାଇଁ ସାଧାରଣରେ ସଚେତନତା ସୃଷ୍ଟି କରିବା । ସତକୁସତ ଏହା ଲୋକଙ୍କ ଉପରେ ବିଶେଷ ପ୍ରଭାବ ପକାଇ ପାରିଥିଲା । ସେହିଦିନ ଠାରୁ ପ୍ରତିବର୍ଷ ମାର୍ଚ୍ଚ ୨୦ ଦିନଟିକୁ 'ବିଶ୍ୱ ଘରଚଟିଆ ଦିବସ' ଭାବରେ ପାଳନ କରାଯାଉଛି ।

## ସରକାରୀ ସ୍ୱୀକୃତି

ଘରଚଟିଆର ମହତ୍ତ୍ୱକୁ ଉପଲବ୍ଧି କରି ୨୦୧୨ ମସିହାରେ ଦିଲ୍ଲୀ ସରକାର ଏହାକୁ 'ରାଜ୍ୟପକ୍ଷୀ'ର ମାନ୍ୟତା ପ୍ରଦାନ କରିବା ସହିତ ପାଠ୍ୟପୁସ୍ତକରେ ସାମିଲ କରିଥିଲେ । କେବଳ ସେତିକି ନୁହେଁ, ଦିଲ୍ଲୀର ସରକାରୀ କାର୍ଯ୍ୟାଳୟ ଓ ସ୍କୁଲ୍ କଲେଜ୍‌ମାନଙ୍କରେ କୃତ୍ରିମ ଭାବରେ ଘରଚଟିଆ ବସା ତିଆରି କରାଯାଇ ସେମାନଙ୍କ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ଏ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଶୀଲା ଦୀକ୍ଷିତଙ୍କ ଅବଦାନ ବେଶ୍ ପ୍ରଶଂସନୀୟ । ସେହିପରି ବିହାର ରାଜ୍ୟର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଆଗ୍ରହ କ୍ରମେ ୨୦୧୪ ମସିହାରେ ଘରଚଟିଆକୁ 'ରାଜ୍ୟପକ୍ଷୀ'ର ମାନ୍ୟତା ପ୍ରଦାନ କରାଯାଇଛି ।

## ସଚେତନତା ଓ ସଫଳତା

ଘରଚଟିଆ ବଂଶର ଦ୍ରୁତ ଅବକ୍ଷୟକୁ ହୃଦୟଙ୍ଗମ କରି ଅନେକ ପକ୍ଷୀପ୍ରେମୀ ଏହାର ସୁରକ୍ଷା ପାଇଁ ଅଣ୍ଟାଭିଡ଼ି ବାହାରିଛନ୍ତି, ଯାହା ଅତ୍ୟନ୍ତ ଆନନ୍ଦର ବିଷୟ । ସେମାନଙ୍କ ମଧ୍ୟରୁ ଗଞ୍ଜାମ ଜିଲ୍ଲା ପୁରୁଣାବନ୍ଧ ଗାଁର ପରିବେଶବିତ୍ ତଥା ଘରଚଟିଆ ଗବେଷକ ରବୀନ୍ଦ୍ର ନାଥ ସାହୁଙ୍କ ଉଦ୍ୟମ ଅତୀବ ପ୍ରଶଂସନୀୟ । ୨୦୦୭ ମସିହାରେ ସେ ଓ ତାଙ୍କର କିଛି ସାଥୀ ମିଶି ପ୍ରଥମେ ନିଜ ଗାଁରୁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଘରଚଟିଆର ପ୍ରାକୃତିକ ବସା ମଣିଷର ଚାଳଘରେ କିପରି ସୁରକ୍ଷିତ ରହିପାରିବ, ସେଥିପାଇଁ ସେ ଲୋକଙ୍କୁ ପ୍ରବର୍ତ୍ତାଇ ମାଗଣାରେ ଛଣ (ନଡ଼ା) ବଣ୍ଟନ କରିଥିଲେ । ଉଦ୍ଦେଶ୍ୟ, ଗାଁରୁ ଚାଳଘର ଲୋପ୍ ପାଇ ନଯାଉ । ପରବର୍ତ୍ତୀ ସମୟରେ ସେ ଗାଁ କୁମ୍ଭାରଙ୍କ ଠାରୁ ଛୋଟ ଛୋଟ ଦଶଟି କଳସୀ ଆଣି ସେଥିରେ ଘରଚଟିଆ ବସା ନିର୍ମାଣ କରିଥିଲେ ଏବଂ ଆଶ୍ଚର୍ଯ୍ୟ ଜନକ ଭାବରେ ଏଥିରେ ସଫଳତା ପାଇଥିଲେ ।


ଏହାପରେ ଶ୍ରୀ ସାହୁ ଓ ତାଙ୍କ ସାଥୀମାନେ ପରୀକ୍ଷାମୂଳକ ଭାବରେ ମାଟି, ବାଉଁଶ, ନଡ଼ିଆ ଖୋଳପା, ପ୍ଲାଇଉଡ଼, ଶୁଖିଲା ଲାଉତୁମ୍ବା ତଥା ମୋଟା କାଗଜରେ ଘରଚଟିଆ ବସା ତିଆରି କରି ବିଭିନ୍ନ ସ୍ଥାନରେ ଲଗାଇଲେ । ତା ସହିତ କେତେକ ସ୍ଥାନରେ ଖାଦ୍ୟମୁଣା ମଧ୍ୟ ଦେଲେ । ସେମାନଙ୍କ ନିଷ୍ଠାପର ଉଦ୍ୟମ ଫଳରେ ବର୍ତ୍ତମାନ ସୁଦ୍ଧା ଗଞ୍ଜାମ, ସୋନପୁର, ରାଉରକେଲା, ବଣାଇ, ଟେନ୍‌ସା, ସୁନ୍ଦରଗଡ଼, ମାଲକାନାଗିରି, ପାରାଦୀପ, କଟକ, ବଡ଼ମ୍ବା, ନରସିଂହପୁର, ଗୋପାଳପୁର, ବ୍ରହ୍ମପୁର ଆଦି ଅଞ୍ଚଳର ଅନେକ ସ୍ଥାନରେ କୃତ୍ରିମ ବସା ଲଗାଇ ଘରଚଟିଆମାନଙ୍କୁ ଆକୃଷ୍ଟ କରାଯାଇ ପାରୁଛି । ୧୧ଟି ଜିଲ୍ଲାରେ ଏହା କାର୍ଯ୍ୟକାରୀ ହୋଇଥିବା କଥା ଶ୍ରୀ ସାହୁ ମତ ଦିଅନ୍ତି । ଘରଚଟିଆ ସୁରକ୍ଷା ପାଇଁ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ତାଙ୍କୁ ୨୦୧୪ ମସିହାରେ Nature forever Society (ମୁମ୍ବାଇ) ତରଫରୁ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି ।

ଘରଚଟିଆ ସୁରକ୍ଷା କ୍ଷେତ୍ରରେ ଅଭିଯାନ ଜାରି ରଖିଥିବା ଅନ୍ୟ ଏକ ସଂଗଠନ ହେଲା

### ରବୀନ୍ଦ୍ର ନାଥ ମାଝୀ



**ଚଢ଼େଇ ନାଁରେ ବହିଟିଏ: ଘରଚଟିଆକୁ ନେଇ ନିଜ ମଧୁର ଅନୁଭୂତିକୁ ପୁସ୍ତକ ଆକାରରେ ପ୍ରକାଶ କରିଛନ୍ତି ବିଶିଷ୍ଟ ଶିଶୁ ସାହିତ୍ୟିକ ତଥା ପକ୍ଷୀପ୍ରେମୀ ରବୀନ୍ଦ୍ରନାଥ ମାଝୀ । ଦେଶବିଦେଶରେ ଘରଚଟିଆକୁ ନେଇ ସମୃଦ୍ଧ ହୋଇଥିବା ଲୋକକଥା, ତା ଜୀବନ ବୃତ୍ତାନ୍ତକୁ ସାଉଁଟି ଏହି ପକ୍ଷୀଟି ପ୍ରତି ସମସ୍ତଙ୍କ ସମବେଦନା ଜଣାଇବା ଉଦ୍ଦେଶ୍ୟରେ ସେ ରଚନା କରିଛନ୍ତି ପୁସ୍ତକଟିଏ । ଯା'ର ନାଁ ହେଉଛି 'ଆ' ଫେରିଆ ଘରଚଟିଆ' । ସଚେତନତାଧର୍ମୀ ଏହି ପୁସ୍ତକର ପ୍ରକାଶନ ପଛରେ ଲେଖକ ରବୀନ୍ଦ୍ର ନାଥ ମାଝୀ କୁହନ୍ତି:-**




**"ଯେଉଁଠିଆ ଘରଚଟିଆ, ଟିକିଏ ଆଦର ପାଇଲେ / ସେ ଫେରିଆସିବ । ସେଇ ଆଦର ବଢ଼େଇବା ପାଇଁ / ଏ ବହିଟିର ପରିକଳ୍ପନା । କେବଳ ଘରଚଟିଆ / ନୁହେଁ ସକାଳୁ ଉଠି କଳକୂଜନ କରୁଥିବା ସବୁ / ପକ୍ଷୀମାନଙ୍କ ପ୍ରତି ଆମର ଆଦର ରହୁ । ସଦା ଚଞ୍ଚଳ ଚଟିଆ ପାଇଁ ଗୀତ ଗପ ଅସରନ୍ତି । ତା'ରି କଥା... 'ଆ' ଫେରିଆ ଘରଚଟିଆ ।'**




ବ୍ରହ୍ମପୁର, ଗୁଣ୍ଡବନ୍ଧ ଗାଁର ଆଞ୍ଚଳିକ ବିକାଶ ପରିଷଦ। ୨୦୧୧ ମସିହାରେ ଆରମ୍ଭ ହୋଇଥିବା ଏହି ସ୍ୱେଚ୍ଛାସେବୀ ସଂଗଠନ ମାଟିହାଣ୍ଡି, ଶୁଖିଲା ନଡ଼ିଆ ଖୋଳ, ଲାଉତୁମ୍ବା ଓ ପ୍ଲାଇଉଡ଼ରେ କୃତ୍ରିମବସା ତିଆରି କରି ଲୋକଙ୍କ ଘର ଆଗରେ ବାଣ୍ଟିଥିଲେ। ଏହା ମାଧ୍ୟମରେ ଘରଚଟିଆଙ୍କୁ ଫେରାଇ ଆଣିବାକୁ ସମର୍ଥ ହୋଇଥିଲେ। ସେମାନଙ୍କ ଉଦ୍ୟମ ଫଳରେ ବର୍ତ୍ତମାନ ସୁଦ୍ଧା କୃତ୍ରିମବସା ମାଧ୍ୟମରେ ବାଘଚିରି ଗାଁରେ ୨୦୦, ଲାଞ୍ଜିଆ ଗାଁରେ ୮୦, ବିରିବାଡ଼ିଆ ଗାଁରେ ୧୧୦, ଗୁଣ୍ଡବନ୍ଧ ଗାଁରେ ୩୦, ଧର୍ମନଗର ଗାଁରେ ୧୦୦ ଘରଚଟିଆଙ୍କୁ ଆଶ୍ରୟ ଦିଆଯାଇ ପାରିଛି। ସଫଳତା ସହିତ ଘରଚଟିଆଙ୍କ ବଂଶବୃଦ୍ଧି କାରଣରୁ ଗୁଣ୍ଡବନ୍ଧ ଗାଁ ଓଡ଼ିଶାର ପ୍ରଥମ 'ପ୍ରବାସୀ ଘରଚଟିଆ ଗାଁ'ର ମାନ୍ୟତା ଲାଭ କରିଛି।

ଘରଚଟିଆଙ୍କ ସୁରକ୍ଷା ପାଇଁ ସଚେତନତାର ବାର୍ତ୍ତା ପ୍ରଚାର କରୁଥିବା ଆଉଜଣେ ବ୍ୟକ୍ତିତ୍ୱ ହେଲେ ଗଞ୍ଜାମ, କବିସୂର୍ଯ୍ୟ ନଗରର ଏ. ବ୍ରହ୍ମାନନ୍ଦ ଆଚାରୀ। ଆଞ୍ଚଳିକ ବିକାଶ ପରିଷଦ ସହଯୋଗରେ ସେ ବିଭିନ୍ନ ଗାଁ ଗଣ୍ଡା ବୁଲି କୃତ୍ରିମ ଚଢ଼େଇବସା ବଣ୍ଟନ କରିବା ସହିତ ମୁଣ୍ଡରେ ଘରଚଟିଆ ଓ ହାତରେ ତା ବସା ଧରି ସଂରକ୍ଷଣ ଅଭିଯାନର ବାର୍ତ୍ତା ଦେଉଛନ୍ତି। ତାଙ୍କ ମତରେ- "ଏହି ସରଳ, ନିରୀହ ଚଢ଼େଇଟି ପ୍ରତି ସମସ୍ତଙ୍କ ମନରେ ସମବେଦନା ରହିବା ଏକାନ୍ତ ଆବଶ୍ୟକ। ଘରଚଟିଆର ଖାଦ୍ୟ ଓ ପ୍ରାକୃତିକ ବସା ପାଇଁ କୋଳିଜାତୀୟ ବୃକ୍ଷରୋପଣର ଏକାନ୍ତ ଆବଶ୍ୟକତା ରହିଛି। ପ୍ରାକୃତିକ ପରିବେଶ ହିଁ ଘରଚଟିଆଙ୍କୁ ପୁଣି ଥରେ ତା ଘରକୁ ଫେରି ଆସିବାରେ ସାହାଯ୍ୟ କରିପାରିବ।"

ଏମାନଙ୍କ ବ୍ୟତୀତ ମୁମ୍ବାଇର ଅଧିକା ଚୋପ୍ରା ଓ ଦିଲ୍ଲୀର ନିନ୍‌ଜପିତ୍ ତେନେଜା ସେମାନଙ୍କ ବାଲ୍‌କୋନିରେ ଖାଦ୍ୟ ପକେଇ ସୃଷ୍ଟି କରି ପାରିଛନ୍ତି ଘରଚଟିଆ ଅଭୟାରଣ୍ୟ। ସେହିପରି କଟକସ୍ଥିତ ସିଡ଼ିଏ କାର୍ଯ୍ୟାଳୟର ଜଣେ ଅଧିକାରୀଙ୍କ ଉଦ୍ୟମ ଫଳରେ ଅଫିସ୍ ଛାତ ଉପରେ ଗହମ, ଚାଉଳ ଓ ସୋରିଷଦାନା ସହିତ ପାଣିକୁଣ୍ଡର ବ୍ୟବସ୍ଥା କରି ଏକ ନିଆରା ଉଦାହରଣ ସୃଷ୍ଟି କରି ପାରିଛନ୍ତି।

### ଏନ୍‌ଏଫ୍‌ଏସ୍ ସଂଗଠନ

ଘରଚଟିଆଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ନିଃସ୍ୱାର୍ଥପର ସେବା ଜାରି ରଖିଥିବା ବ୍ୟକ୍ତିବିଶେଷଙ୍କୁ ଉତ୍ସାହିତ ତଥା ସହଯୋଗ କରିବା ନିମିତ୍ତ NFS (Nature Forever Society) ନାମକ ଏକ ସଂଗଠନ ଉଦ୍ୟମ ଜାରି ରଖିଛି। ଏହି ସଂଗଠନ ଦ୍ୱାରା ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖ ଦିନ 'ଘରଚଟିଆ ପୁରସ୍କାର ସମାରୋହ' ଆୟୋଜନ କରାଯାଇଥାଏ। ଯୋଗ୍ୟ ବ୍ୟକ୍ତି ବିଶେଷଙ୍କୁ ଏଥିରେ ସମ୍ମାନିତ କରାଯାଏ। ସଂଗଠନ ପକ୍ଷରୁ ପ୍ରଥମ 'ଘରଚଟିଆ ପୁରସ୍କାର ସମାରୋହ' ୨୦୧୧ ମସିହା ମାର୍ଚ୍ଚ ମାସ ୨୦ ତାରିଖ ଦିନ ଅହମ୍ମଦାବାଦ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମଥର ପାଇଁ ଭାବିନ୍ ଶାହା, ନରେନ୍ଦ୍ର ସିଂହ ଚୌଧୁରୀ, ଏଲ୍ ଶ୍ୟାମ୍‌ଲାଲ୍‌ଙ୍କ ସମେତ The Sparrow Companyଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ୨୦୧୮ ମସିହାରେ ତରିକ୍ ଅଦୀବ୍, ଅଶୋକ ସୋନୁଲ ଓ ବିଲାଲ ଅହମ୍ମଦ ଏହି ସମ୍ମାନଜନକ ପୁରସ୍କାର ଲାଭ କରିଥିଲେ।

### କବିତାରେ 'ଘରଚଟିଆ'

କିଚିରି ମିଚିରି ସଙ୍ଗୀତ ଗାଇ
ସଭିଙ୍କ ମନକୁ ନିଏ ଯେ ମୋହି।
ନାଆଁଟି ତାହାର ଘରଚଟିଆ
ରଙ୍ଗଟି ତାହାର ଧଳା-ମାଟିଆ।
କାଠି, କୁଟା, ଘାସ ଥଣ୍ଟରେ ଧରି
ପବନ ବେଗରେ ଯାଏ ସେ ଉଡ଼ି।
ଧୂଳିରେ ବୁଡ଼େ ସେ ଧୂଳିରେ ଖେଳେ
ଡେଉଁଥାଏ ସଦା ସାଥୀଙ୍କ ମେଳେ।
ଦିନ କେଇଟାରେ ସବୁ ସରିଲା
ପରିବେଶ ଆଜି ବଦଳିଗଲା।
ନାହିଁ ଆଜି ଚାଳ ନାହିଁ ଚଟିଆ
ଲଗାଇ ଦେବାକୁ ମନେ କିମିଆଁ।

## ମତାମତ ରଖିଛନ୍ତି ଏମାନେ...



ଶ୍ରୀ ରବୀନ୍ଦ୍ରନାଥ ସାହୁଙ୍କ ମତରେ- "ଘରଚଟିଆର ସୁରକ୍ଷା ପାଇଁ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ। ଅନ୍ତତଃପକ୍ଷେ ନିଜଘରେ କୃତ୍ରିମବସା ଓ ଖାଦ୍ୟପେଡ଼ି ରଖିବାର ବ୍ୟବସ୍ଥା କଲେ ଘରଚଟିଆଙ୍କୁ ପୁଣି ଫେରାଇ ଆଣିହେବ। ତାନହେଲେ ଆମ ଆଖିଆଗରୁ ଶାଗୁଣା, ଡାଇନୋସର ବଂଶ ଲୋପ ପାଇଲାପରି ଏମାନଙ୍କ ବଂଶ ଲୋପ ପାଇଯିବାର ଆଶଙ୍କା ରହିଛି।''



ନିଜର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନାଦେଇ ଅନୁଷ୍ଠାନର ସଭାପତି ସାଗର କୁମାର ପାତ୍ର କୁହନ୍ତି- "ବର୍ତ୍ତମାନ ସୁଦ୍ଧା ଆମେ ବିଭିନ୍ନ ସ୍ଥାନରେ ୨୫୦ଟି କୃତ୍ରିମ ଘରଚଟିଆ ବସା ଓ ୧୫୦ଟି ଖାଦ୍ୟ ପେଡ଼ି ଲଗାଇ ଘରଚଟିଆଙ୍କୁ ଆଣିବାକୁ ସମର୍ଥ ହୋଇପାରିଛୁ। ଗଞ୍ଜାମ ଜିଲ୍ଲାର ୨୨ଟି ବ୍ଲକର ଗୋଟିଏ ଲେଖାଏଁ ଗାଁକୁ 'ଘରଚଟିଆ ସୁରକ୍ଷା ଗାଁ' ଭାବରେ ଅବିହିତ କରି କାର୍ଯ୍ୟକୁ ତ୍ୱରାନ୍ୱିତ କରିଛୁ। ଆଗାମୀ ଦିନରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଏ ଅଭିଯାନ ଜାରି ରହିବ।''



କୋଠାଘର ଆଜି ମାଳକୁ ମାଳ
ଚଟିଆ ପାଇଁ କି ହୋଇଛି କାଳ ।
ପରିବେଶବିତ୍ ଏକଥା ଭାବି
ଚଟିଆ ସୁରକ୍ଷାର ଖୋଜନ୍ତି ଚାବି ।”

**- ଡକ୍ଟର ବସନ୍ତ କିଶୋର ସାହୁ**

**(ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ଶିଶୁ ସାହିତ୍ୟିକ)**

ଘରଚଟିଆ ପ୍ରତି ଆକର୍ଷିତ ହୋଇ ପ୍ରସିଦ୍ଧ ହିନ୍ଦୀ କବି ତଥା ଜ୍ଞାନପୀଠ ପୁରସ୍କାର ବିଜୟିନୀ ମହାଦେବୀ ବର୍ମା ତାଙ୍କର ଏକ କବିତାରେ ଲେଖିଛନ୍ତି:

“ରାତି ଆସିଲାଣି ଘନଘୋର
ଡାଳ ଭାଙ୍ଗିପଡ଼େ ଗଛଟିର... ।
ବସା ଭାଙ୍ଗିଯାଏ ବିଚାରୀର
ଆଶା ତୁଟିଯାଏ ଜୀବନର ।
ମନକଥା କାହା ଆଗେ କହିବ
ଟିକି ଚଢ଼େଇଟି କାହିଁ ରହିବ ?
ଯୋଡ଼ିଦେବ ଭଙ୍ଗା ଅଣ୍ଡା କିଏ ?
କାହା ଆଗେ ମନକଥା କହିବ
ଟିକି ଚଢ଼େଇଟି କାହିଁ ରହିବ ?”


**- ଅନୁବାଦକ ରବୀନ୍ଦ୍ର ନାଥ ମାଝୀ**

**(ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ଶିଶୁ ସାହିତ୍ୟିକ)**

ଏବେ ଅଦାୟିତ୍ୱ ଆମର । ଲୁପ୍ତପ୍ରାୟ ଘରଚଟିଆକୁ ପ୍ରାଣଭରି ଭଲପାଇବା । ତା ପାଇଁ ନିରାପଦ ଜାଗାରେ ତୋଳିଦେବା  ଘରଟିଏ । ସଞ୍ଜ-ସକାଳେ ଘର ଅଗଣା ବା ଛାତ ଉପରେ ବୁଣିଦେବା କିଛି ଖାଦ୍ୟ । ଛାଇଦେଖି ତା ପାଇଁ କୁଣ୍ଡରେ ପାଣି ସାଇତି ରଖିବା । କୋଳି ଜାତୀୟ ବୃକ୍ଷ ରୋପଣ କରି ତା ପାଇଁ ଖଞ୍ଜିଦେବା ଆହାର, ସୃଷ୍ଟି କରିବା ସୁରକ୍ଷା ବଳୟ । ଆମ ସହାନୁଭୂତି ଓ ସମବେଦନା ତା ପାଇଁ ଆଣିଦେବ ଆଶ୍ୱସ୍ତି । ତେବେ ହିଁ ଶୁଭିବ ଘରଚଟିଆର କିଚିରିମିଚିରି ରାବ । ମନରେ ଭରିଯିବ ଅପୂର୍ବ ପ୍ରଶାନ୍ତି ।



# ଇଚ୍ଛାପୂରର ଈଶ୍ୱର



ଏକା ଏକା ବାଦ୍‌ଶା ସେ । କୁଳୁକୁଳୁ ନଇଟିଏ ବହୁଥାଏ ସଦା ତାଙ୍କ ଭିତରେ । ସେ କବି କମଳାକାନ୍ତ ଲେଙ୍କା ।
ସେ ଜଣେ ବାଦ୍‌ଶାହା ବାପା ବି । ତାଙ୍କର ସୁପୁତ୍ର କବି ସିତାଂଶୁଙ୍କ ସ୍ମରଣାର୍ଘ୍ୟ ଆମର ଉପସ୍ଥାପନା ।

# ଯେମିତି ଜାଣେ ମୋ ବାପାଙ୍କୁ




**ସିତାଂଶୁ ଲେଙ୍କା**

ମେଘଡମ୍ବରୁ, କୁରୁଡ଼ା, ବାଲେଶ୍ୱର-୭୫୬୦୫୬
ଫୋନ : ୯୪୩୭୧୫୯୬୭୯

ଫଟୋ ସୌଜନ୍ୟ : ଲେଖକ

ଏଇ ଗାଁ । ଗାଁର ନା ଇଚ୍ଛାପୁର । ସାହିର ନାଁ ଡାଙ୍ଗୁଆସାହି । ଯେଉଁଠି ସାଳନ୍ଦୀର ୪ର ସରୁନଈ ହେଇ ବହିଯାଇଚି । କୁଣ୍ତିନଈ । ଆମ ଘର ପଛ ପଟରେ । ଏଇ ନଈକୁ ଲାଗି ଦି'ପଟରେ  ମଶାଣି ଓ ବିସ୍ତୀର୍ଣ୍ଣ ପଡ଼ିଆ । ସେଇଠି ମୋ ବାପା **କବି କମଳାକାନ୍ତ ଲେଙ୍କଙ୍କ** ଜନ୍ମ ଓ ମୋର ବି । କହିଲେ ଖାଲି ପାଣି ଜାଗାରେ ଘର । ସାହିମଝିରେ ତିନି ଚାରିଟି ବଡ଼ବଡ଼ ଗଡ଼ିଆ । ଯେଉଁ ରାସ୍ତା ଏବେ ଗ୍ରାମ ସଡ଼କ ଯୋଜନାରେ ପକ୍କା ହେଇଚି ତାହା ଥିଲା ଗୋହିରୀ । ସେଇଥିରେ ଆମେ ଯା'ଆସ କରୁ । ପାଣିଖାଇ ଯାଏ ଗୋଡ଼ । ଗେଣ୍ଡା କାଟି ଦିଏ ।

ପଞ୍ଚମ ଶ୍ରେଣୀଯାଏଁ ମାମୁଘରେ ଥିଲି । ଷଷ୍ଠ ଶ୍ରେଣୀ ବେଳକୁ ଲୋକ ପଠେଇ ବାପା ନେଇ ଆସିଲେ । ମୋର ବରହମ୍‌ପୁର (ବ୍ରହ୍ମପୁର) ଏମ୍‌ଇ ସ୍କୁଲ୍‌ରେ ନାମ ଲେଖାଗଲା । ସେତେବେଳେ ମୁଖ୍ୟ ରାସ୍ତାରୁ ଗଡ଼ିଗଲେ ଦୁଇଟି ବାଉଁଶରେ ତିଆରି ପାହାଡ଼ିରେ ଆମେ ଯା'ଆସ କରୁ ବର୍ଷକରେ ଛଅ ମାସ । ଗାଁ ସ୍କୁଲ୍‌କୁ ସେତେବେଳେ ଗଢ଼ିଥିଲେ ବାପା, ଆଉ କିଛି ତାଙ୍କ ସମସାମୟିକ ଯୁବକ । ରାଜକନିକା ରାଜା ସାହାଯ୍ୟ କରିଥିଲେ ।


ଆମଘର ପାଖ ରାସ୍ତାରେ ଗୋଟେ ଚାଳଘରେ ସରସ୍ୱତୀ ପାଠାଗାର ଥିଲା । ବାପା ଗଢ଼େଇଥିଲେ । ସେ ପାଠାଗାର ଆଉ ନାହିଁ । ଏବେ ଯେଉଁ ପକ୍କାଘର ଖଣ୍ଡେ ଅଛି ତାହା ସରସ୍ୱତୀ କ୍ଲବ୍ । ବାପା ତାଙ୍କ ବାପାଙ୍କୁ 'ବାଆ' ବୋଲି ଡାକୁଥିଲେ ତ ଆମେ ତିନି ଭାଇ ତିନି ଭଉଣୀ ସେୟା ଡାକୁଥିଲୁ ବାଆ ବୋଲି । ବଡ଼ଭାଇ, ମଝିଆ ଭାଇ ଓ ମୁଁ, ମୋ ପରେପରେ ତିନି ଭଉଣୀ । ସେମାନେ ଏବେ ତାଙ୍କ ତାଙ୍କ ଜାଗାରେ । ମୁଁ ଗାଁ ଛାଡ଼ି ପୁଣି ଗୋଟେ ଗାଁ : ବାଲେଶ୍ୱରରେ ।

କାହିଁକି କେଜାଣି ମୁଁ ଷଷ୍ଠ ଶ୍ରେଣୀରୁ କବିତା ଲେଖି ପକଉଥିଲି ଖାତାରେ ! ମୋର ମନେଅଛି ବାପା ଛୋଟ ଛୋଟ ବହି ଆଣି ଦେଇଥିଲେ । "ଦେଲୋ ଠୁକୁଲି କବାଟ କିଳି / ସୂରୁଯଙ୍କୁ ଦେଲା କିମିଆ ଗିଳି ।" ଏଇସବୁ ପଢ଼ି ମୋର ମନ ଉଚ୍ଛନ୍ନ ହେଇ ଯାଉଥିଲା । ସେତେବେଳକୁ ବାପା କବି ବୋଲି ମୁଁ ନିଜେ ଜାଣିନଥିଲି ।

ବାପା ଛୁଟିଦିନରେ ଘରକୁ ଆସୁଥିଲ । କଦବା କେମିତି ଆସୁନଥିଲେ, ମନି ଅର୍ଡ଼ର କରି ଡାକରେ ପଇସା ପଠଉଥିଲେ । ବାଆ ପାଖକୁ ଅଲଗା ପଇସା ପଠଉଥିଲେ । ବାଆକୁ ଖୋଜୁଥିଲେ- ପ୍ରଥମେ ସେ ଘରକୁ ଆସିଲେ । ଜୁହାର ହଉଥିଲେ ପାଦ ଧରି । ବାଆ ପାଠ ପଢ଼ିନଥିଲା ଜମ୍ମା । ପରନ୍ତୁ ବହି ପଢ଼ି ପାରୁଥିଲା । ଗୀତା, ରାମାୟଣ, ଭାଗବତ, ସବୁ ରଖିଥିଲା । ତିଳକ ଲଗଉଥିଲା । ବାଆ ତେଲଭାଜି ଦୋକାନଟିଏ କରିଥିଲା ଆମ ଛକରେ ।

ବାପାଙ୍କ ମା'ଙ୍କୁ ଆମେ ଦେଖିନୁ । ବାପାଙ୍କ ମା'ର ମା'ଙ୍କୁ, ତାଙ୍କ ବୁଢ଼ୀମା'କୁ ମୁଁ ଦେଖିଚି ଯଦିଓ ମୋର ଏତେ ମନେପଡୁନି । ବାପା ତାଙ୍କ ବୁଢ଼ୀମା' ପାଖରେ ବଡ଼ ହେଇଚନ୍ତି । ସେତେବେଳେ ବୁଢ଼ୀମା' ଛେଳି, ଘଇି, ଗାଈ ରଖିଥିଲି ।

ବହୁତ ଗରିବ ଅବସ୍ଥା ସେତେବେଳେ, ମା' ଆମର ପନ୍ଦର ବର୍ଷ ବୟସରୁ ବାହାହେଇ ଆସିଥିଲା ଆମ ଘରକୁ । ବାପା ବେଳେବେଳେ କୁହନ୍ତି ସରୁନାକୀ, ଟେରୀ, ସୁନ୍ଦରୀ । ଆଉ ବେଳେବେଳେ ପାନରୁ ଚୁନଖସିଲେ କୋପେବର । ଅଲଣା ହେଇଥିଲେ ତରକାରୀ ତାଟିଆ ଠେଲି ଦିଅନ୍ତି । ମା'ଙ୍କ ପାଖକୁ ଇନ୍‌ଲ୍ୟାଣ୍ଡ୍‌ରେ ଚିଠି ଦିଅନ୍ତି ବାପା । ମା' କହେ ତୋ ବାପାଙ୍କ ଚିଠି ତୁ ପଢ୍ । ମୁଁ ରାଜି ହୁଏନି । ମୁହଁକୁ ଫୁଲେଇ ଦିଏ ମା', କୁହେ କି କବିମବି ହେଇଚି ଯେ । ସେ ଚିଠିରୁ ମିଳିବ କ'ଣ ! ଆଜି ଏଟା ନାହିଁ । କାଲି ସେଟା ନାହିଁ । କେତେ କଉଠୁ ବୁଝିବି ! ସହଜେ ତ ତମମାନଙ୍କ ଜ୍ୱାଳା, ତାଙ୍କର ଅଦୌତି । ସେ କବିତାରୁ ମିଳିବ କ'ଣ ! ଆମର ପୁରୁଷ କୈନ୍ଦ୍ରୀକ ପରିବାର । ସେଇଥିପାଇଁ





ମା' ପ୍ରାୟ କଥାରେ ଚୁପ୍ ରହେ । ଅଭିମାନ କରେ ।

ବାପା ଖଣ୍ଡେ ଜାଗା ବହୁକଷ୍ଟରେ କିଣିଥିଲେ ଗୋଲକ ଦାଦାକୁ ଧରି । ପିଚୁ ରାସ୍ତା ଠୁ ୨୫/୩୦ କଦମ୍ ହବ । ବାଉଁଶ, କିଆବଣ, ତାଳ, ଖଜୁରୀ ଗଛ ବଣରେ ଭର୍ତ୍ତି ହେଇଥିଲା ସେ ଜାଗା । ସେଇଟା ତାଙ୍କ ହାତ ତିଆରି ବଗିଚା । ନଡ଼ିଆ, ଆମ୍ବ, ପଣସ, ପିଜୁଳି, ସପେଟା, ପୋଖରୀ । ଗୋଟେ ସୁନ୍ଦର ବଗିଚା । ଅଗଣା ଦାଦା ସେ ବଗିଚା କଥା ବୁଝୁଥିଲା । ତାଙ୍କୁ ବି ମନିଅର୍ଡ଼ରରେ ପଇସା ପଠଉଥିଲେ ବାପା । ଛାଡ଼ନ୍ତୁ ସେ କଥା । ଏବେ ଆସିବା କବିତା, କବି, ମୋ ବାପା ଓ ଜୀବନ–

ଜୀବନ କହିଲେ ବାପା ବାଜିଗର । ଜୀବନ କହିଲେ ବାପା ଗୋଟେ ପାଗଳ ଘୋଡ଼ା, ଜୀବନ କହିଲେ ବାପା ଗୋଟେ ଇଗଲ୍, ଜୀବନ କହିଲେ ବାପା ଜହ୍ନମାମୁ ଗପର ବେତାଳ, ଚିହ୍ନି ଚିହ୍ନେଇବା ଭାରି କଷ୍ଟ । କମଳାକାନ୍ତ : ଲୁଙ୍ଗି, ପାଇଜାମା, ଫୁଲଗଂଜି, ଘରୁଆ ପୋଷାକ ।

ନାଲି ଗାମୁଛା, ପାଣିନୋଟା, ଗୁଡ଼ାଖୁଡବା, ପାନ–ଶାଗ ପଖାଳ ଠୁ ଆରମ୍ଭ କରି ପୋଡ଼ାଛେଚା, ଯାବତୀୟ ଖାଦ୍ୟ ତାଙ୍କର ପସନ୍ଦ । ବାହାରକୁ ଗଲେ ଧୋତି, ପଞ୍ଜାବୀ, କଳାଚଷମା, କଳା ମଚମଚ ଗୋଜିଆ ନାଗରା ଜୋତା, ହାତରେ ବହିଖାତା, ଡାଏରୀ । ଗୋରା ତକ୍ ତକ୍ ଲମ୍ବା ଚଉଡ଼ା ଛାତି, ଟଣାଟଣା ଆଖି ଓ ସୁନ୍ଦର ନାକଥିବା କମଳାକାନ୍ତ ସାଇକେଲ୍ କି ଗାଡ଼ି ଚଲଉ ନଥିଲେ । ସବୁବେଳେ ରିକ୍ସାରେ । କଦବା କେମିତି ଟ୍ରେକର୍, ନହେଲେ ବସ୍‌ରେ ଯା'ଆସ କରୁଥିଲେ ।

କମଳାକାନ୍ତ ଗୋଟେ ଅଜବ ଖିଆଲ୍‌ର ସକାଳ ଓ ସନ୍ଧ୍ୟାର ସନ୍ଧ୍ୟାତାରା । ରାତି ଅନ୍ଧାରର ପୁଳେ ଜହ୍ନ, ଧୁଆଁଧାର ଝୁମ୍ପୁଡ଼ି ଘରର ଚାଳଛପରର ଉଆସ ।

କମଳାକାନ୍ତ ବେଫିକର୍ । ଉସ୍‌ମାନ୍ ବକର୍ ବକର୍ ଗୋଟେ ଡାମରା କାଉ । କବିତା କହିଲେ ଚାଷକ୍ଷେତ, ଖାଲଢିପ, ଜଙ୍ଗଲଝରଣା, କିଆଗୋହିରୀ ସବୁକୁ ଡେଇଁ ପଡ଼ିବାର ଗୋଟେ ଝଡ଼ବାତ୍ୟା, ଗୋଟାଯାକ ଜୀବନ ।

ମୁଁ ଜାଣିଚି କମଳାକାନ୍ତ ଦୂରେଇ ଦବାର ଦୂର୍‌ଦୂର୍ ଖିନ୍‌ଖିନ୍‌ର ଗୋଟେ ପ୍ରେମଫାଶ । ଦିକ୍‌ଦାର୍ ମଣିଷର ଆଂଜୁଳା ଆଂଜୁଳା ଫୁଲଫୁଟା ହୃଦୟର ବିଶ୍ୱାସ । ଏ ରିକ୍‌ସାବାଲା, ଗାଡ଼ିବାଲା ଆସ ଆସ । ଏ ପରିବାବାଲା, ମାଛବାଲା, ଚୁଡ଼ିବାଲା ହାଣ୍ଡିବାଲା, ସାପୁଆ କେଳା ବାଲା, ମାଟିହାଣ୍ଡି ବାଲା, ଶୁଖୁଆ ବାଲା, ଖେଳଣା ବାଲା, ଚକୁଳିଆ ପଣ୍ଡା ଗୀତବାଲା... ସଭିଏଁ ଆସ ମୋ ପିଣ୍ଡାରେ ବସ ।

ବେଳେ ବେଳେ ମୁଣ୍ଡରେ ପଗଡ଼ି ବାନ୍ଧି ଗଛକୁ କୁଣ୍ଢେଇ ଧରୁଥିବା, ଡେଣ୍ଡାରେ ପାଣି ବୋହୁଥିବା, ଧାନକ୍ଷେତରେ ବୁଲୁଥିବାର ଦୃଶ୍ୟ ଓ ଫୁଟ୍‌ବଲ୍ ଖେଳୁଥିବା, କ୍ରିକେଟ୍ ବ୍ୟାଟ୍ ଛଡ଼େଇ ନେଇ ନିଜେ ଠିଆ ହେଇ ଯାଉଥିବା କମଳାକାନ୍ତ ଗାଁକୁ ଗାଁ ଚହଳ । ନିଜକୁ ନିଜେ କାନ୍ତକବି କହି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର 'ଆରେ ମୋର ବାୟାରଜା ଦେ ମୋତେ ବାୟାକରି...' ଗୀତ ବୋଲୁଥିବା, ରବୀନ୍ଦ୍ରନାଥଙ୍କର 'ଆମାର୍ ମାଥା ନତ କରେ ଦାଓ ହେ ତୋମାର୍ ଚରଣ୍ ଧୂଲାର୍ ତଲେ...' ବଂଶୀ ଫୁଙ୍କୁଥିବା, ନିଜ ପଢ଼ାଘରେ ନିଜେ ହୋମ କରୁଥିବାର ଦୃଶ୍ୟ ଯେ ଦେଖିଚି ସେ ଅବାକ୍ । ଆମ ପୁରୋହିତ ଗୋପିଆ ନନା କୁହନ୍ତି: "ମୁଁ ହୋମ କରି ସରସ୍ୱତୀଙ୍କୁ ଆରାଧନା କରୁଚି । ତମକୁ ଶ୍ଳୋକ ଆସେନି ଖାଲି ଓଁ ସ୍ୱାହା । ସଂକ୍ରାନ୍ତି କି ସଂକ୍ରାନ୍ତି, ମଲାଗଲା, ବାହାଘରକୁ ଦି' ପଇସା ହେନେ ଗଲା । ନା କ'ଣ ନନା । ହଉ ନିଅ ତମ ପାଉଣା ନିଅ । ମୋ ଜୁହାର ନିଅ ।" ନନା ଖୁସିରେ ମୁଣ୍ଡରେ ହାତମାରି ଦିଅନ୍ତି ।

ଆମ କୁଟୁମ୍ବର ବୟସ୍କ ବୁଢ଼ୀମା– ନିମା ମା' ବୋଲି ଡାକନ୍ତି ସେ ବାପାଙ୍କୁ । ବେଙ୍ଗ ବୋଲି ଡାକେ । ବାପା ଆସିଲେ ମୋ ମା'ଙ୍କୁ ପଚାରେ ବେଙ୍ଗ ଆସିଚି କି ? ନୋଇଲେ ଆଉ ସମସ୍ତେ କମଳା । ଅନ୍ୟମାନେ ସାର୍ ସାର୍ ଡାକନ୍ତି ।

ରିଟାୟାର୍ଡ଼ ପରେ ଖଣ୍ଡେ ଘର କଲେ ସେ ବଗିଚାରେ । ଆଗରୁ ସେ ବଗିଚାରେ ଛୋଟ କୁଡ଼ିଆଟେ ଥିଲା, ବା' ରହୁଥିଲା । ବା' ଚାଲିଗଲା ପରେ ସେଇଟି ବି ଭାଙ୍ଗିଗଲା । ଆମେ ସବୁ ଲଣ୍ଠନ, ଲ୍ୟାମ୍ପ୍, ଟିଣା ବା ଡ଼ିବି ଆଲୁଅରେ ଚଳୁଥିଲୁ, ପାଠ ପଢୁଥିଲୁ । ଗୋଟେ ଲମ୍ବା ଦାଣ୍ଡିଘର, ସେଥିରେ ତିନୋଟି ଘର । ବଡ଼ଭାଇ ଶ୍ରୀମନ୍ତ ବାହାରେ ରହୁଥିଲା । ଗୋଟେ ବାପାଙ୍କର, ଗୋଟେ ମୋର ଆଉ ଗୋଟେ ମଝିଆ ଭାଇ ଦୀପୁର । ସେଇଟା ବି କାଦୁଅ ଘେରା ଚାଳଛପର । ବଡ଼ଭାଇ ବାପାଙ୍କୁ କହି ଆମ ସାହିକୁ ଲାଇନ୍ ଅଣା କରେଇଲେ ଯେଉଁଦିନ, ସେଦିନ କି ଖୁସି ! ଆମେ ଦି'ଭାଇ ଅଲଗା ଅଲଗା ରୁମ୍‌ରେ ରହୁଥିଲୁ– ବାପାଙ୍କ ତାଗିଦ୍ କେହି କାହା ରୁମ୍‌କୁ ଯିବୁନୁ । ବିଲକୁ ଯିବା, ଖେଳିବା, ସ୍କୁଲ୍ ଯିବା, ସଉଦା ପନିପରିବା କିଣିବା, ଗାଇବଳଦ ଗୋଡ଼େଇ ଆଣି ବାନ୍ଧିବା, ହାଟକୁ ଯିବା, ଘରକୁ ଆଇଲେ ଅଲଗା । ବାପା ଲୁଚି ଲୁଚି କବାଟ ଫାଙ୍କରେ ଦେଖନ୍ତି ଆମେ ପଢୁଚୁ କି ନାହିଁ । ଯଦି କିଛି ଅଘଟଣ କରୁ ସବୁ ରାଗ ମା' ଉପରେ ଶୁଝାନ୍ତି ।

ବାପା ସବୁବେଳେ ରେଡ଼ିଓ ଶୁଣନ୍ତି । ରାତିରେ ବେଶି ଶୁଅନ୍ତି ନାହିଁ । ଦିନରେ ଯା' ଅଳ୍ପବହୁତେ ଶୁଅନ୍ତି । କ୍ଲବ୍ ଘରେ ଯାଇ ପିଲାଙ୍କ ସାଙ୍ଗରେ କ୍ୟାରେମ୍ ଖେଳନ୍ତି । ପିଲାଙ୍କୁ ଡାକି କ୍ଲବ୍‌ଘର ରାସ୍ତାକଡ଼ରେ ଗଛ ଲଗାନ୍ତି, ରାସ୍ତାରେ ମାଟି

## କମଳାକାନ୍ତଙ୍କ କବିତା ବହି

**ସମାଲୋଚନା ଗ୍ରନ୍ଥ:**

୧. ଜୀବନ ତୀର୍ଥରେ କବି କମଳାକାନ୍ତ
: ଡକ୍ଟର ମଥୁରା ନାଥ ହୋତା

୨. କବି କମଳାକାନ୍ତ ମତ ଅଭିମତ ଭିନ୍ନମତ
: ସମ୍ପାଦନା– ଅପୂର୍ବ ରଂଜନ ରାୟ, ଅଭୟ ଦ୍ୱିବେଦୀ ସୀତାଂଶୁ ଲେଙ୍କା

୩. ସାଂପ୍ରତିକ ଯୁଗଚେତନା ଓ କବି କମଳାକାନ୍ତ
: ଡକ୍ଟର ରମେଶ ଚନ୍ଦ୍ର ପାଣି

୪. କବି କମଳାକାନ୍ତଙ୍କ କବିତାରେ ସ୍ଥିତିବାଦୀ କାବ୍ୟ ଚେତନା
: ଡକ୍ଟର କାନନ ମହାନ୍ତି

୫. କବି କମଳାକାନ୍ତ ସୀମା ଓ ସମୀକ୍ଷା
: ସମ୍ପାଦନା– ସିତାଂଶୁ ଲେଙ୍କା

ପକାନ୍ତି । ସେମାନଙ୍କୁ ଜଳଖିଆ ଖାଇବା ପାଇଁ ପଇସା ଦିଅନ୍ତି । କ୍ରିକେଟ୍ ବଲ୍, ଫୁଟ୍‌ବଲ୍, ବ୍ୟାଟ୍, ପେଡ୍ ପାଇଁ ସେମାନେ ଚାନ୍ଦା କରନ୍ତି ବାପାଙ୍କ ଠାରୁ ।

ବାପାଙ୍କ ତକିଆ ପାଖରେ ଶରତ ମହାନ୍ତିଙ୍କର 'ଅସ୍ତିତ୍ୱବାଦର ମର୍ମକଥା', ଗୀତା, ରେଡ଼ିଓ ସବୁବେଳେ ଥାଏ । ପୁରୀରେ ଥିଲାବେଳେ ହରିହର ମିଶ୍ରଙ୍କ କଥା କହି ହସନ୍ତି: କେଉଁନାମ ଧରି ଡାକିବି ତୁମକୁ ତୁମେ ଯେ ସର୍ବନାମ ଓ ଖୁସିରେ କୁହନ୍ତି ହରିଭାଇନା । ଚିନ୍ତାମଣି ବେହେରା, କୃଷ୍ଣଚରଣ ବେହେରା, ସରୋଜ ରଂଜନ ମହାନ୍ତି, ଦୀପକ ମିଶ୍ର, ଅକ୍ଷୟ ମହାନ୍ତି, ବାଦଲ ଭାଇନା (ଅମରେଶ ପଟ୍ଟନାୟକ), ଅସିତ୍ ମହାନ୍ତି, ବାଲୁବଜାରର ସହଦେବ ପ୍ରଧାନଙ୍କ ବହି ଦୋକାନରେ । ରେଡ଼ିଓ ସେଣ୍ଟର୍‌ରେ କୁଆଡ଼େ ମେଳି ହୁଏ ସେମାନଙ୍କର । ନାଟ୍ୟକାର ରତ୍ନାକର ଚଇନି ଓ ଆହୁରି ଅନେକଙ୍କ ସହ ।



ବାପା ରେଡ଼ିଓରେ ଗୋପାଳ ଛୋଟରାୟଙ୍କ ନାଟକ ଆମକୁ ଫୁଲ୍ ସାଉଣ୍ଡ୍‌ରେ ଶୁଣାନ୍ତି । ପାଲା, ବଙ୍ଗଳା ନାଟକ, କିଶୋର କୁମାର, ଆଶା ଭୌଁଷଲି, ଲତାଙ୍କ ଗୀତ ଶୁଣାନ୍ତି । ବଂଶୀ ବଜାନ୍ତି ବାପା । ବୈଷ୍ଣବ ପାଣିଙ୍କ କଥା କୁହନ୍ତି । ରଘୁନାଥ ପଣ୍ଡାଙ୍କ ଘରକୁ ବେଳେବେଳେ ଚାଲିଯା'ନ୍ତି ଟ୍ରେକର୍‌ରେ । ବାପା ଚାନ୍ଦା ଦେଲା ବେଳେ କାର୍ପଣ୍ୟ କରନ୍ତିନି । ଖରାବେଳେ ଜଣେ ଅଧେ ଭିକାରୀ ଆସନ୍ତି । ମା'କୁ କହି ତାକୁ ଖାଇବାକୁ ଦିଅନ୍ତି ।

ମୁଁ ଗୋଟେ କୁକୁର ପାଳିଥିଲି । ସିଏ ବାପାଙ୍କର ଦୋସ୍ତ୍ ହେଇଗଲା । ତା'ପରେ ଆଉ କିଛି ମାଈ କୁକୁର ଓ ତାଙ୍କ ଛୁଆପିଲା ମିଶି ସାତ ଆଠଟି କୁକୁର । ବାପା ତାଙ୍କର ଦୋସ୍ତ୍ । ଯୁଆଡ଼େ ଯିବେ ପଛେ ପଛେ । କଲେଜ୍ ଗଲେ, ମାର୍କେଟ୍ ଗଲେ । କଟକ ଭୁବନେଶ୍ୱର ଗଲେ ପିଚୁରାସ୍ତା ଯାଏଁ ଯାନ୍ତି ପୁଣି ଫେରି ଆସନ୍ତି । ନାଲୁ ବୁଢ଼ା ହେଇ ଯେଉଁଦିନ ମରିଗଲା, ତାକୁ ନଈକୂଳରେ ପିଲାଙ୍କୁ ଡାକି ପୋତି ଦେଲେ । ନଣ୍ଡା ହେଲେ । ଖାଇବା ବ୍ୟବସ୍ଥା କରାଗଲା । ବାପା କିଛିଦିନ ମନ ଦୁଃଖରେ ରହିଲେ ।

## କବି କମଳାକାନ୍ତଙ୍କ କବିତା ବହି

୧. ସୁନାଫସଲ-୧୯୫୮, ୨. ପ୍ରୀତି ଓ ପ୍ରତୀତି-୧୯୬୩, ୩. ଉତ୍ତରଣ (ଦୀର୍ଘ କବିତା) ୧୯୬୬, ୪. ସ୍ମରଣ ବିସ୍ମରଣ-୧୯୭୩, ୫. କବିତାର ମୁହଁ- ୧୯୭୪, ୬. ଅଂତତଃ ନିଶ୍ଚୁପ-୧୯୭୫, ୭. ସ୍ରୋତର ନାମ ରତ-୧୯୭୮ (ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କୃତ), ୮. ନିତ୍ୟ ନିୟମିତ-୧୯୭୮, ୯. ନିଜ ସହ ଗୋଟେ ସାକ୍ଷାତକାର-୧୯୭୮, ୧୦. କବିତା ଶ୍ରୀରାଧା(ସମ୍ପାଦନା)-୧୯୭୭, ୧୧. କମଳାକାନ୍ତଙ୍କ ଶ୍ରେଷ୍ଠ କବିତା-୧୯୮୯ ୧୨. ଖସିବାର ବେଳ-୧୯୮୦, ୧୩. WHAT I LOOK LIKE – ୧୯୮୧, ୧୪. ଗୀତ ଗାନାରେ ପକ୍ଷୀ-୧୯୮୧, ୧୫. ଚିତାଅଙ୍କା କାନ୍ଥର ଛବି ଓ ପରିଧି ବାହାରେ ଅପେକ୍ଷାରତ ପୃଥିବୀ-୧୯୮୬, ୧୬. ଦୁଃଖ ସହ କଥାବାର୍ତ୍ତା-୧୯୮୭, ୧୭. ଉନ୍ମୋଚନ-୧୯୯୧, ୧୮. ଚିରାୟତ-୧୯୯୧, ୧୯.ଏକାଏକା ବାଦଶା(ସାକ୍ଷାତକାର)-୧୯୯୧, ୨୦. ପାଦେ ଆଗକୁ-୧୯୯୪, ୨୧. କବିର ଡାଏରୀ-୧୯୯୭, ୨୨. ଡାଏରୀ କବିତା-୧୯୯୭, ୨୩. ନିର୍ବାଚିତ କବିତା-୨୦୦୦, ୨୪. ଅର୍ଥାନ୍ତର-୨୦୦୧ ୨୫. କାନ୍ତ ପଦାବଳୀ-୨୦୦୬



ଥରେ ନୁହେଁ ଦୁଇ ଥର ମୋତେ ମଶାଣି ପାଖ ଅଶ୍ୱସ୍ତ ଗଛ ପାଖକୁ ଡାକି ନେଇଛନ୍ତି ରାତିରେ । ଗାମୁଛା ଗୁଡ଼ାଖୁ ଡ଼ବା, ପାଣିନୋଟା ସାଙ୍ଗରେ । ଗାମୁଛା ବିଛେଇ ବାପା ଗୋଟେ ପଟରେ ଆଉ ଆରପଟରେ ମୁଁ ବସେ । ସେ କଥା ଆରମ୍ଭ କରନ୍ତି: "ବୁଝିଲୁ ଏଇ ସମୟରେ ଆମେ ସାଙ୍ଗ (ବାପ ପୁଅ ନୁହେଁ) କ'ଣ ସବୁ କହନ୍ତି । କାନ୍ଦନ୍ତି । ମୋର ମନେଅଛି । ସେଠି ହାତୀମାନେ ଆସି ରହନ୍ତି । ଯାଯାବର ମାନେ, ଘୁଷୁରିଆ, ଶିଆଳିଆ, କିଛିଦିନ ରହିଲା ପରେ ପଳାନ୍ତି । ମୋତେ ଟିକେ ଟିକେ ଡର ଲାଗେ । ବାପା ଅଛନ୍ତି ପୁଣି ଡରେନି । କବିତା କଥା, ତାଙ୍କ ଦୁଃଖ କଥା, ଶାନ୍ତିନିକେତନ କଥା, ଚାଲି ଚାଲି ନାରାୟଣ ଚନ୍ଦ୍ର ହାଇସ୍କୁଲ୍‌କୁ ଯିବା କଥା । ଏବେ ନୂଆ ନୂଆ ଯେଉଁମାନେ ଲେଖୁଚନ୍ତି ଆମ ସମୟର ଶକ୍ତିଶାଳୀ ବୋଲି କହନ୍ତି । ତାଙ୍କ ବହି ଘର ଭିତରକୁ ମୋ ମା' ପଶି ପାରେ ନାହିଁ । ବାହାରେ ଛିଡ଼ା ହୁଏ । ଆମ ପରିବାର ଭିତରୁ ମୁଁ କେବଳ ଅବାଧ ପ୍ରବେଶ କରିପାରେ । ରୀତିମତ ଗୋଡ଼ ଦେଇ ଉପରେ ଚଢ଼ି ଘସି ଦିଏ । ତେଲ ମାଲିସ୍ କରେ । ବହି ପଢେ । ବାପା ନିଜେ ଧୋତି ପଞ୍ଜାବି ସଫା କରନ୍ତି । ଘରସାରା ବହି, ଗୁଛାଗୁଛା କଲମ, ଦିସ୍ତାଦିସ୍ତା କାଗଜ । ସାହିତ୍ୟିକମାନେ ଆସିଲେ ତାଙ୍କ ପାଇଁ ଦୁଆର ମେଲା । ମୋ ଜାଣିବାରେ ଗଛ ଓ ବହି ତାଙ୍କର ଏତେ ପ୍ରିୟ ଯେ ବହିରେ ହାତ ମାରିତେ ଦେବେନି କାହାକୁ । ଗଛର ପତ୍ର ଛିଡ଼େଇତେ ଦେବେନି କାହାକୁ ।

ଜୀବନ ଗୋଟେ ପାହାଡ଼ ସେପାଖର ମଣିଷ । ଜୀବନ ଗୋଟେ ଝର୍କା ସେପାଖର ପକ୍ଷୀ । ଜୀବନ ଗୋଟେ ଘାସ ବୁନ୍ଦାରେ ଟୋପେ କାକର । ଜୀବନ ନାଲି ଟୁକୁଟୁକୁ ସାଧବ ବୋହୂ ।

କବି କମଳାକାନ୍ତ ଗୋଟେ ସାମ୍ନାସାମ୍ନି କଳା ମୁଗୁନି ପଥର । କଳାକାହ୍ନୁ । ଅସଂପୂର୍ଣ୍ଣ ଦିଅଁ । କବି କମଳାକାନ୍ତ ସରୁନଥିବା କବିତା । ନିଜେ ପୋଡ଼ିହେଇ ତିଆରି କରିଦେଇ ଯାଇଥିବା ସ୍ୱର୍ଣ୍ଣ ଅଳଙ୍କାର, ଆଲୁଅର ବର୍ଣ୍ଣାଳି ।

# Zaika International

**Tariff**

Luxurious Hospitality at a New Address



## Individual Room Tariff

| Room Type | Double |
|---|---|
| Suite Room | 3500 |
| Deluxe Room | 2000 |
| Extra Bed | 500 |

*Taxes as applicable.

**Check Out Time 11 A.M.**

## Other Facilities

- Travel Desk
- Welcome Drink on Arrival
- Zaika - The Multi Cuisine Family
- Restaurant
- 24 Hrs. Room Service Facilities
- Express Check in/Check out
- Banquet Hall for 50-300 Pax
- Wi-Fi Internet Connectivity
- All Major Cards Accepted
- Car Parking Facilities in front of Hotel
- Open Terrace Garden for 200 Pax

O.T. Road, Near Laxminarayan Mandir, Balasore, Odisha-756001

Ph : 06782-262864, Mob: 8480915125, 8658465895

Email: zaikainternationalbls@gmail.com

www.hotelzaikainternational.com



# ବିରଜା କ୍ଷେତ୍ର ଯାଜପୁର

# ମନ୍ଦିର ମାଳିନୀ ଯାଜପୁର




**ନାରାୟଣ ରାଉତରାୟ**

ଉପୁଲାଇ, ନଗୁଆଁ, ଯାଜପୁର ରୋଡ଼
ଫୋନ : ୯୯୩୭୧୨୮୫୮୪


ଫଟୋ ସୌଜନ୍ୟ : ଲେଖକ ଓ ଗୁଗୁଲ୍

**ଯାଜପୁରରେ ଦ୍ୱିତୀୟ ଶତାବ୍ଦୀରୁ ରହିଛି ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ବିରଜାଙ୍କ ମନ୍ଦିର । ବିରଜା ମନ୍ଦିରକୁ ଛାଡି ଦେଲେ ଯାଜପୁରରେ କୋଟିଏରୁ ଗୋଟିଏ କମ୍ ଶିବଲିଙ୍ଗ, ଗଙ୍ଗବଂଶର କୀର୍ତ୍ତି ତ୍ରିଲୋଚନେଶ୍ୱର, ବିଶ୍ୱ ବିରଳ ଚାମୁଣ୍ଡା, ଭାରତରେ କେଉଁଠାରେ ପୂଜା ପାଉନଥିବା ବରାହ ମନ୍ଦିର, ଜଗନ୍ନାଥ ମନ୍ଦିର, ସପ୍ତମାତୃକା, ଭୌମକର ରାଜୁତି ସମୟର ବହୁ କୀର୍ତ୍ତୀରାଜି ସୋମବଂଶ ରାଜାଙ୍କର ନିର୍ମିତ ବହୁ ଶୈବପୀଠ, ଯଯାତି କେଶରୀଙ୍କ ଅଶ୍ୱମେଧ ଯଜ୍ଞର ସ୍ମାରକୀ ଦଶ୍ୱାଶମେଧଘାଟ ପ୍ରାଚୀନ କାଳରୁ ଦଣ୍ଡାୟମାନ । ଏଠାକୁ ଭାରତ ବର୍ଷର ବହୁ ତୀର୍ଥଯାତ୍ରୀ ନାଭିଗୟାରେ ପିଣ୍ଡଦେବା ପାଇଁ ବାରୁଣୀ ମେଳାରେ ବୈତରଣୀରେ ବୁଡଦେବାକୁ ଆସି ଥାଆନ୍ତି । ଭାରତର ଅସ୍ଥିକ୍ଷେପଣ ତୀର୍ଥ ରୂପେ ସିଦ୍ଧେଶ୍ୱର ପ୍ରସିଦ୍ଧ । ସେ ସମ୍ପର୍କରେ ଯାଜପୁର ଜିଲ୍ଲା ଦେବଦେବୀଙ୍କ ସମ୍ପର୍କରେ ଗବେଷଣା କରୁଥିବା ଗବେଷକ ନାରାୟଣ କୁମାର ରାଉତରାୟଙ୍କ ପ୍ରତିବେଦନ ।**

ଯାଜପୁରରେ ଯେତେଗୁଡିଏ ମନ୍ଦିର ରହିଛି ତନ୍ମଧ୍ୟରୁ ସର୍ବପୁରାତନ ମନ୍ଦିର ଭାବେ ପରିଚିତ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା’ ବିରଜା । ସେ ଦ୍ୱିତୀୟ ଶତାବ୍ଦୀର ମା’ ବିରଜାଙ୍କ ମୂର୍ତ୍ତି କଳାମୁଗୁନି ପଥରରେ ନିର୍ମିତ ତିନି ଫୁଟ ଉଚ୍ଚତା ବିଶିଷ୍ଟ ଏହାର ଦ୍ୱିଭୁଜ, ବାମ ହସ୍ତରେ ମହିଷାରୂପୀ ମହିଷାସୁରର ପୁଚ୍ଛ ଧାରଣ କରି ଦକ୍ଷିଣ ଭୁଜରେ ଅସୁରର ବକ୍ଷସ୍ଥଳକୁ ଶୂଳବିଦ୍ଧ କରୁଛନ୍ତି । ମସ୍ତକରେ ଗଣପତି, ନାଗରାଜ ବାସୁକି, ଯୋନି, ଲିଙ୍ଗ, ଚନ୍ଦ୍ର, ପାଞ୍ଚଟି ମୁଦ୍ରା ଶୋଭା ପାଉଛି । ଏହାର ତାତ୍ପର୍ଯ୍ୟ ଗବେଷଣା କଲେ ଜଣାଯାଏ ଯେ ପ୍ରଥମରେ ଯୋନି, ଚରାଚର, ଜୀବଜଗତ, ଉତ୍ପତ୍ତିର ହେତୁ ଅର୍ଥାତ୍ ବୀଜାଙ୍କୁ ରୋପ୍ତାଧିକ ଶକ୍ତି । ଏହା ଦ୍ୱାରା ଦେବୀ ସର୍ବବିଜୟର ଉତ୍ପତ୍ତି କ୍ଷେତ୍ର ଅଟନ୍ତି । ଦ୍ୱିତୀୟରେ ଲିଙ୍ଗ ସର୍ବ ଜଗତର ବୀଜ ରୂପକ ଚିହ୍ନ । ଏହି ଅଚୈତନ୍ୟ ଜଡ ପୁରୁଷ ପ୍ରକୃତି ସାହଚର୍ଯ୍ୟରେ ଜୀବଜଗତର ସୃଷ୍ଟି । ଏଣୁ ଦେବୀ ଜଗତର ଆଧାର ଭୂତ ଅଟନ୍ତି । ତୃତୀୟରେ ଜୀବଜଗତର ଶୁଦ୍ଧ ଚୈତନ୍ୟ ଉଜ୍ଜୀବିତ କରି ଏହାଙ୍କ ଠାରେ କାର୍ଯ୍ୟକାରିଣୀ ଶକ୍ତି ସଂଚାର କରିବା ପାଇଁ ଚନ୍ଦ୍ର ବିଦ୍ୟମାନ । ଚତୁର୍ଥରେ ଲୋକମାନଙ୍କ ଭିତରେ ପାରମ୍ପରିକ ଗଣତାନ୍ତ୍ରିକ ଭାବ ଜଗ୍ରତ କରି ଐକ୍ୟ ସ୍ଥାପନ କରିବା ଦେବତାଙ୍କ କାର୍ଯ୍ୟ ହେତୁ ତାଙ୍କ ମସ୍ତକରେ ଗଣପତି ବିଦ୍ୟମାନ ।

**ତ୍ରିଲୋଚନେଶ୍ୱର** : ପୁରାତନ କାଳରୁ ଏହି କ୍ଷେତ୍ର ଶୈବକ୍ଷେତ୍ର ରୂପେ ପ୍ରସିଦ୍ଧି ଲାଭ କରିଥିଲେ ମଧ୍ୟ ଭୌମକରମାନଙ୍କ ରାଜତ୍ୱ ସମୟରେ ଏ କ୍ଷେତ୍ରର ମହିମା ସୁଖ୍ୟାତିର ସୀମା ସ୍ପର୍ଶ କରିଥିଲା । ଭୌମକରମାନଙ୍କ ରାଜଧାନୀ ବିରଜା ବା ବିରଜାକ୍ଷେତ୍ର ଆଧୁନିକ ଯାଜପୁରରେ ପ୍ରତିଷ୍ଠିତ ଥିଲା । ଏହି ବଂଶର ପ୍ରତିଷ୍ଠାତା ହେଉଛନ୍ତି କ୍ଷମାକରଦେବ । ଏହି ବଂଶର ଶାସକମାନେ ପ୍ରଥମେ ବୌଦ୍ଧ ଧର୍ମାବଲମ୍ବୀ ଥିଲେ ମଧ୍ୟ ଶୈବଧର୍ମ ପ୍ରତି ଆକୃଷ୍ଟ ହୋଇଥିଲେ । ଭୌମକର ବଂଶର ରାଣୀମାନରେ ଶୈବାଚର୍ଯ୍ୟମାନଙ୍କ ପ୍ରଭାବରେ ରାଜାମାନଙ୍କୁ ଶୈବଧର୍ମ ପ୍ରତି ଆକୃଷ୍ଟ କରାଇବା ସଙ୍ଗେ ସଙ୍ଗେ ନିଜେ ଶିବମନ୍ଦିର ପ୍ରତିଷ୍ଠା ଓ ପ୍ରସାର ଲାଗି ମନୋନିବେଶ କରିଥିଲେ । ଭୌମକର ରାଜା ପ୍ରଥମ ଶୁଭକରଦେବଙ୍କ ରାଣୀ ମାଧବୀ ଦେବୀମାଧବେଶ୍ୱର ମନ୍ଦିର ନିର୍ମାଣ କରି ଯାଜପୁରକୁ ଶୈବକ୍ଷେତ୍ରରେ ପରିଣତ କରିଥିଲେ । ବିରଜା କ୍ଷେତ୍ର ମାହାତ୍ମ୍ୟରୁ ଜଣାଯାଏ ଯେ କୁସୁମେଶ୍ୱର, ଲଳିତେଶ୍ୱର ଓ ଦଣ୍ଡୀଶ୍ୱର ଶିବମନ୍ଦିରମାନ କୁସୁମହର, ଲଳିତହର ଓ ଦଣ୍ଡି ମହାଦେବୀଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ଏମାନେ ଭୈମକର ରାଜବଂଶ ସମ୍ଭୁତ । ଯାଜପୁରରେ ଏକଶତ ଆଠ ଶିବଲିଙ୍ଗ ଥିବା କୁହାଯାଏ । ସେଥିମଧ୍ୟରୁ ଯାଉଁଳି ବନ୍ଦର ମହାଦେବ ଗଙ୍ଗବଂଶର କୀର୍ତ୍ତି ତ୍ରିଲୋଚନେଶ୍ୱର ଅନ୍ୟତମ । ମନ୍ଦିରଟିର ଉଚ୍ଚତା ୬୬ ଫୁଟ ଓ ଏହା ନବରଥ ଶୈଳୀରେ ନିର୍ମିତ । ମୁଖଶାଳାରେ ପାର୍ବତୀ, କାର୍ତ୍ତିକେୟ, ଗଣେଶ, ବୈତାଳିକ, ଶିବତାଣ୍ଡବ, ଭୈରବ ଆଦି ମୂର୍ତ୍ତି ରଖାଯାଇଛି । ସପ୍ତମ ଓ ଅଷ୍ଟମ ଶତାବ୍ଦୀରେ ପ୍ରସିଦ୍ଧ ନାଥଗୁରୁ ଗୋରେଖନାଥ ଏବଂ ତାଙ୍କର ଶିଷ୍ୟ ବିରୂପାକ୍ଷନାଥ ଏଠାରେ କେତେଦିନ ଅବସ୍ଥାନ କରିଥିଲେ । ମନ୍ଦିର ପରିସର ମଧ୍ୟରେ ଭୈମକର ରାଣୀ ଦଣ୍ଡୀ ମହାଦେବଙ୍କ ଦ୍ୱାରା ନିର୍ମିତ ଦଣ୍ଡେଶ୍ୱର ମନ୍ଦିର ଜରାଜୀର୍ଣ୍ଣ ଅବସ୍ଥାରେ

▼ବୌଦ୍ଧ ମନ୍ଦିର



ଦେଖିବାକୁ ମିଳୁଛି । ଆହୁରି ମଧ୍ୟ ତିଳ ଭାଣ୍ଡେଶ୍ୱର ଶିବଲିଙ୍ଗ (ବୁଢ଼ାଲିଙ୍ଗ ନାମରେ ଖ୍ୟାତ) ଏଠାରେ ବିଦ୍ୟମାନ । ଏହି ମନ୍ଦିର ପରିସର ମଧ୍ୟରେ ଭାରତର ବିରଳ ଅଠରଭୂଜା ଚାମୁଣ୍ଡା ମୂର୍ତ୍ତି ମହାକାଳୀ ନାମରେ ପୂଜା ପାଉଛନ୍ତି । ତାଙ୍କୁ ୯ ହାତ ଦେଉଳରେ ୧୮ ହାତ କାଳୀ କୁହାଯାଏ । ବିରଜା କ୍ଷେତ୍ରରୁ ସୂର୍ଯ୍ୟମୂର୍ତ୍ତି, ଚାରିଭୂଜା ମହିଷାମର୍ଦ୍ଦିନୀ, ଅଷ୍ଟଭୂଜା ଚାମୁଣ୍ଡା, ଚାରିଭୂଜା ଚାମୁଣ୍ଡା, ପାର୍ବତୀ ମୂର୍ତ୍ତି, ଗଣେଶ ମୂର୍ତ୍ତି, ପ୍ରାଚୀନ ମନ୍ଦିରର ବକ୍ରମଣ୍ଡକ, ଆମଳକ ଶିଳା, କେତେକ ପ୍ରାଚୀନ ସ୍ତମ୍ଭର ଉପରି ଭାଗ ମିଥୁନ ମୂର୍ତ୍ତି, କ୍ଷୁଦ୍ର କ୍ଷୁଦ୍ର ବୌଦ୍ଧସ୍ତୂପ ଭଳି ପଥରଖଣ୍ଡ ଓ ତାନ୍ତ୍ରିକ ମନ୍ଦିରର ଉପରିଭାଗ ଓ ତାନ୍ତ୍ରିକ ମନ୍ଦିରର ଉପରିଭାଗ ମିଳୁଅଛି । ଏପର୍ଯ୍ୟନ୍ତ ୧୪ଟି ଶିଳାଲିପି ଉଦ୍ଧାର କରାଯାଇଛି । ସେଥିମଧ୍ୟରୁ ୧୩ଟି ପ୍ରାଚୀନ କୁଟିଳ ଲିପି । ଅନ୍ୟ ଗୋଟିଏ ଓଡ଼ିଆ ଶିଳାଲିପି ।

**କୁଆଁସ ମଙ୍ଗଳା** : ବିରଜାକ୍ଷେତ୍ରର ଅନ୍ୟ ଏକ ପ୍ରାଚୀନ କଳାକୃତି ହେଉଛି ପାଞ୍ଚଫୁଟ ଉଚ୍ଚତା ବିଶିଷ୍ଟ ଅଷ୍ଟଭୁଜା ଦୁର୍ଗାମୂର୍ତ୍ତି । ଏହି ମୂର୍ତ୍ତି ମହିଷାସୁର ମହିଷ ଶରୀରରୁ ବାହାରି ଆସି ସୁନ୍ଦର ବକ୍ର ଶୈଳୀରେ ଦେବୀଙ୍କ ସହ ଯୁଦ୍ଧ କରୁଛି । ଦେବୀଙ୍କର ମୂର୍ତ୍ତି ଅତି ସୁନ୍ଦର ଓ କମନୀୟ । ମୁଗୁନି ପଥରେ ନିର୍ମିତ ତିନୋଟି ହାତ ଭାଙ୍ଗି ଯାଇଛି । ଅନ୍ୟ ହାତଗୁଡ଼ିକ ବିଭିନ୍ନ ଆୟୁଧ୍ୟରେ ଭୂଷିତ । ମନ୍ଦିର ଭିତରେ ଥିବା ଶିବଲିଙ୍ଗ ଭୂଷିତ । ମନ୍ଦିର ଭିତରେ ଥିବା ଶିବଲିଙ୍ଗ ଷଡେଶ୍ୱର ମହାଦେବ ନାମରେ ପରିଚିତ । ଏଠାରେ ପାର୍ବତୀ ଓ କାର୍ତ୍ତିକେୟଙ୍କ ଦୁଇଟି ମୂର୍ତ୍ତି ରହିଥିବା ବେଳେ ଗଣେଶ ମୂର୍ତ୍ତିଟି ନଥିବା ଦେଖାଯାଏ । ମୁଗୁନି ପଥରର ସୁନ୍ଦର କାରୁକାର୍ଯ୍ୟରେ ବିମଣ୍ଡିତ ପାର୍ବତୀ ଓ କାର୍ତ୍ତିକେୟଙ୍କ କମନୀୟ ମୂର୍ତ୍ତି ଅତୀବ ମନୋରମ । ପାର୍ବତୀଙ୍କର ମୂର୍ତ୍ତିଟି ଦଣ୍ଡାୟମାନ । ଚାରିଭୂଜ ମଧ୍ୟରୁ ବାମତଳ ଭୁଜଟିରେ ଦେବୀ କିଛି ଧରି ନାହାନ୍ତି । ଗୋଟିଏ ପଟେ ସିଂହ, ଦୁଇପାଖେ ଦୁଇଜଣ ସଖୀ । ମସ୍ତକର ତିନି ପାଖରେ ତୋରଣ ପରି କାରୁକାର୍ଯ୍ୟ । କାର୍ତ୍ତିକେୟ ମଧ୍ୟ ଦଣ୍ଡାୟମାନ । ଏକ ତୃତୀୟାଂଶ ତଳୁ ଭାଙ୍ଗି ପଡ଼ିଛନ୍ତି । ବାମହାତଟି ରହିଛି, ଡାହାଣ ହାତଟି ପୂରା ଭଙ୍ଗି ଯାଇଛି । ଷଷ୍ଠୀ ଦେବୀ ବୋଲି କୁହା ଯାଇଥିବା ମୂର୍ତ୍ତିଟି ଉପରେ ରହିଛି । ତା ତଳକୁ





▲ ମହାବିନାୟକ ମନ୍ଦିର

ଚାରିଧାଡ଼ିରେ ଦୁଇପଟେ ମୋଟ ଅଠାବନ ଜଣ ବୀର ଠିଆ ହୋଇଛନ୍ତି । ମନ୍ଦିର ବାହାର ପଟେ ଅନେକ କାରୁକାର୍ଯ୍ୟପୂର୍ଣ୍ଣ ପ୍ରସ୍ତର ଖଣ୍ଡ ପଡ଼ିଛି । ପ୍ରାୟ ଚଉଦପନ୍ଦର ଖଣ୍ଡରୁ ଊର୍ଦ୍ଧ୍ୱ । ସେଥିରୁ ଚାରିଟି କେବଳ ସିଂହମୂର୍ତ୍ତି । ଅନ୍ୟ ଗୋଟିଏ ମନ୍ଦିରର ଚୂଳ ଏଠାରେ ପଡ଼ି ରହିଛି । ଯାହା ଜଣାପଡେ ପଛପଟେ ଥିବା ଦେଉଳଟି ଭାଙ୍ଗି ପଡ଼ିବା ପରେ ତାହାର ଅନେକ ପଥର ଚାରିପଟେ ପଡ଼ିରହିଛି । ଆହୁରି ଅନେକ ପଥର କେହି ନେଇ ଯାଇଥିବା ଅନୁମାନ କରାଯାଉଛି । ଏଠାରେ ଏକ ପ୍ରତ୍ନତାତ୍ତ୍ୱିକ ଖନନ କରାଗଲେ ଅନେକ ଐତିହାସିକ ତଥ୍ୟ ଓ ବିଭବ ମିଳିପାରିବ । ବେଲେଶ୍ୱର-ପାଞ୍ଚନମ୍ବର ଜାତୀୟ ରାଜପଥର ଷଠିପୁର ଠାରୁ ୧୦ କିଲୋମିଟରର ପୂର୍ବକୁ ଗଲେ ବୈତରଣୀ କୂଳରେ ପଡ଼ିବ ବେଲେଶ୍ୱର ମନ୍ଦିର । ୧୯୮୦ ମସିହାରେ ସ୍ଥାନୀୟ ଯୁବକମାନଙ୍କ ଦ୍ୱାରା ମନ୍ଦିରଟିକୁ ଲୋକଲୋଚନକୁ ଅଣାଯାଇପାରିଛି । ଏଠାରେ ବର୍ତ୍ତମାନ ଦୁଇଟି ନୂତନ ମନ୍ଦିର । ଗୋଟିଏ ପ୍ରାଚୀନ ମନ୍ଦିରର ଭଗ୍ନାବଶେଷ (ପଥରଖଣ୍ଡ) ନଦୀଗର୍ଭରେ ପଡ଼ିରହିଛି । ମିଳିଥିବା ପ୍ରାଚୀନ ଇଟା, ପଥରକୁ ନେଇ ଏକ କାନ୍ଥ ତିଆରି କରାଯାଇଛି । ସେହି କାନ୍ଥରେ ଥିବା ନରସିଂହ ମୂର୍ତ୍ତି, ଗଣେଶ ମୂର୍ତ୍ତି, ମହାକାଳ ମୂର୍ତ୍ତି, ଘୋଡ଼ା ଉପରେ ବସିଥିବା ମହାକାଳ ମୂର୍ତ୍ତି, ବୌଦ୍ଧଧର୍ମର ସଂକେତ ବହନ କରେ । ଏଠାରେ ସବୁଠୁର ଆକର୍ଷଣୀୟ ମୂର୍ତ୍ତି ହେଲା କାର୍ତ୍ତିକେୟ ମୂର୍ତ୍ତି । ଏହି ମୂର୍ତ୍ତିଟି ଦଶମ ଶତାବ୍ଦୀର ବୋଲି ଅନୁମାନ କରାଯାଏ । ଏହି ମନ୍ଦିର ଓ ତାର ପରିସର ମଧ୍ୟରେ ଥିବା ମୂର୍ତ୍ତିଗୁଡ଼ିକର ରକ୍ଷଣାବେକ୍ଷଣ ପ୍ରତି କାହାରି ନଜର ନାହିଁ ।

**ଦଶାଶ୍ୱମେଧ ଘାଟ**: ବୈତରଣୀ ତଟରେ ଥିବା ଦଶାଶ୍ୱମେଧ ଘାଟ ଯଯାତି କେଶରୀଙ୍କର କୀର୍ତ୍ତି । ଏହି ଘାଟ ନିକଟରେ ବାରୁଣୀ ସ୍ନାନ ଯୋଗ ପଡ଼ିଥାଏ । ଏଠାରେ ଅନେକ ଦେବଦେବୀ ମନ୍ଦିର ରହିଛି । ଦଶାଶ୍ୱ ମେଧ ଘାଟ ଉପରେ ଅବସ୍ଥିତ ସପ୍ତମାତୃକା ମନ୍ଦିରରେ ଥିବା ମାତୃକାମାନେ ହେଲେ ଚାମୁଣ୍ଡା ବାରାହୀ, ଇନ୍ଦ୍ରାଣୀ, ବୈଷ୍ଣବୀ ବ୍ରାହ୍ମୀ, କୌମାରୀ, ମାହେଶ୍ୱରୀ, ନାରସିଂହୀ । ଦେବୀ ଚାମୁଣ୍ଡା ପ୍ରେତାସନା । ତାଙ୍କ ପାଦ ତଳେ ଗୋଟିଏ ପ୍ରେତ ବା ଶବ ବା ଶବ ବିଦ୍ୟମାନ । ଏହି ଦେବୀ ଚଣ୍ଡ ଓ ମୁଣ୍ଡକୁ ବଧ କରିଥିବାରୁ ତାଙ୍କର ନାମ ଚାମୁଣ୍ଡା ।

**ଜଗନ୍ନାଥ ମନ୍ଦିର:** ବିରଜାକ୍ଷେତ୍ର ଦେବ ଦେବ ମହାଦେବଙ୍କର ଅତ୍ୟନ୍ତ ପ୍ରିୟ କ୍ଷେତ୍ର ବୋଲି ପୁରାଣରେ ବର୍ଣ୍ଣିତ ହୋଇଛି । ଏହି କ୍ଷେତ୍ର ଛୁଇଁ ପ୍ରବାହିତ ଚିରସ୍ରୋତା ବୈତରଣୀ ଏହାର ମହିମାକୁ ଦ୍ୱିଗୁଣିତ କରୁଛି । ଏହାର ତଟରେ ରହିଛି ବାରୁଣୀ ତୀର୍ଥ, ଗୋକର୍ଣ୍ଣତୀର୍ଥ, ସୋମତୀର୍ଥ, କପିଳତୀର୍ଥ ଓ ଶଚୀ ତୀର୍ଥ ଆଦି ବହୁ ତୀର୍ଥ । ପରଂବ୍ରହ୍ମ ନାରାୟଣ ଏଠାରେ ଦ୍ୱାଦଶ ମାଧବ ରୂପରେ ଅବସ୍ଥାନ କରୁଛନ୍ତି । ଯମ ମାଆ ସାତଭଉଣୀ, ବରାହ, ସିଦ୍ଧଗଣେଷ ପ୍ରଭୃତି ଦେବଗଣଙ୍କ ଅବସ୍ଥିତି ସ୍ଥାନଟିକୁ ଆହୁରି ପବିତ୍ର କରୁଛି । ଯାଜପୁରର ହର ଓ ବରାହ ତୀର୍ଥର ମଧ୍ୟବର୍ତ୍ତୀ ସ୍ଥାନରେ ଚୈତ୍ରମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ଯଦି କୌଣସି ବ୍ୟକ୍ତି ଗଙ୍ଗା ରୂପିଣୀ ବୈତରଣୀରେ ସ୍ନାନ କରନ୍ତି,ତେବେ ତାଙ୍କୁ ଶତସୂର୍ଯ୍ୟ

ଦର୍ଶନର ଫଳ ମିଳେ ବୋଲି ବିଶ୍ୱାସ ରହିଛି । ଏହାକୁ ବାରୁଣୀ ଯୋଗ କୁହାଯାଏ । ପୁଣ୍ୟତୋୟା ବୈତରଣୀର ତଟ ଦେଶରେ ଜଗନ୍ନାଥ ମନ୍ଦିର ଅବସ୍ଥିତ । ଜଗନ୍ନାଥ ମନ୍ଦିର କେବେ ନିର୍ମିତ ହୋଇଥିଲା ସେ ସମ୍ପର୍କରେ କୌଣସି ଐତିହାସିକ ତଥ୍ୟ ନାହିଁ । କେହି କେହି ଏହି ମନ୍ଦିରକୁ ମରହଟ୍ଟାମାନେ ନିର୍ମାଣ କରିଛନ୍ତି ବୋଲି କହୁଥିବା ବେଳେ କେହି କେହି କହନ୍ତି ଯଯାତି କେଶରୀ ଏହା ନିର୍ମାଣ କରିଥିଲେ । ମନ୍ଦିରର ଗଠନଶୈଳୀରୁ ଜଣାପଡୁଛି ଯେ ଏହା ବହୁ ପୁରାତନ । ମନ୍ଦିରର ବେଢା ମଧ୍ୟରେ ମୁକ୍ତେଶ୍ୱର ଶିବ ମନ୍ଦିର । ସ୍ନାନମଣ୍ଡପ ସହ ମନ୍ଦିରର ଦକ୍ଷିଣରେ ବରାହ, ପଶ୍ଚିମରେ ନୃସିଂହ, ଉତ୍ତରରେ ଏକପାଦ ଦୁର୍ଗା ପୂଜା ପାଉଛନ୍ତି ।

**ସିଦ୍ଧେଶ୍ୱର :** ଏହି କ୍ଷେତ୍ରରୁ ପାଞ୍ଚ କିଲୋମିଟର ଦୂରରେ ସିଦ୍ଧେଶ୍ୱର ମନ୍ଦିର ଅବସ୍ଥିତ । ମନ୍ଦିର ବେଢାର ପୂର୍ବରେ ଦୁଇଟି ମନ୍ଦିର, ଦକ୍ଷିଣରେ ଗୋଟିଏ ମନ୍ଦିର, ପଶ୍ଚିମରେ ସିଦ୍ଧେଶ୍ୱରୀ ଦେବୀଙ୍କର ମନ୍ଦିର ଅବସ୍ଥିତ । ବେଢା ଭିତରେ ଗୋଟିଏ ମନ୍ଦିରରେ ଭଗ୍ନଗଣେଶ ମୂର୍ତ୍ତି ଓ ବୁଦ୍ଧମୂର୍ତ୍ତି ରହିଛି । ମନ୍ଦିର ବେଢାରେ ରହିଛି ଗଙ୍ଗବଂଶର ରାଜା ନରସିଂହ ଦେବଙ୍କର ଶିଳାଲିପି । ମନ୍ଦିର ଚାରିପାଖରେ ବହୁ ଭଗ୍ନମୂର୍ତ୍ତି ବିକ୍ଷିପ୍ତ ଭାବରେ ପଡିଥିବାର ଦେଖାଯାଏ । ସେଗୁଡ଼ିକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ମନ୍ଦିରଟି ଭୌମ ରାଜତ୍ୱ କାଳର । ମନ୍ଦିରର ଗଠନ ପ୍ରଣାଳୀ ଓ ସ୍ଥାପତ୍ୟ ସମ୍ପର୍କରେ ଗବେଷଣା କରାଗଲେ ଏହାର ନିର୍ମାଣ କାଳ ଜଣାପଡନ୍ତା । ବର୍ଷାଦିନେ ନଦୀବଢି ସମୟରେ ମନ୍ଦିରଟି ସମ୍ପୂର୍ଣ୍ଣ ପାଣିରେ ବୁଡିଯିବାରୁ ଠାକୁରଙ୍କୁ ଦର୍ଶନ କରିବା କଷ୍ଟକର ହୋଇପଡେ । ମନ୍ଦିର ଚାରିପଟେ ଏକ ଉଚ୍ଚ ପଥର ବନ୍ଧର ଆବଶ୍ୟକତା ରହିଛି । ଅଶୋକାଷ୍ଟମୀରେ ଏଠାରେ ହେଉଥିବା ମେଳାକୁ ରସିକାକଢି ବୋଲି ଲୋକ ମତରେ ପ୍ରଚଳିତ । ପୁରାଣରେ ଅଛି ସାତଥର ଯିବ ପୁରୀ ଥରେ ଯାଇଥିଲେ ରସିକକଢି ପାପ ସବୁ ଯାଏ ଛାଡି । ଏହି ଉକ୍ତି ପ୍ରମାଣିତ କରେ ଶ୍ରୀକ୍ଷେତ୍ର ଠାରୁ ଏହାର ମହିମା ବହୁ ଊର୍ଦ୍ଧ୍ୱରେ ।

**ବରାହ ମନ୍ଦିର:** ବିରଜା କ୍ଷେତ୍ରଟି ତ୍ରିକୋଣାକାର । ଏହାର ତିନି କୋଣରେ ବିଲେଶ୍ୱର, ଖିଲାଟେଶ୍ୱର, ବରୁଣେଶ୍ୱର ନାମରେ ତିନି ଲିଙ୍ଗ ବିଦ୍ୟମାନ । ପ୍ରତ୍ୟେକ ଲିଙ୍ଗ ଠାରୁ ପ୍ରତ୍ୟେକ ଲିଙ୍ଗ ଦୂରତ୍ୱ ପାଞ୍ଚ କୋଶ । ଏହି ପାଞ୍ଚ କୋଶ ମଧ୍ୟରେ ବହୁ ଦେବାଦେବୀ ଓ ଶିବଲିଙ୍ଗ ପ୍ରତିଷ୍ଠିତ ହୋଇଛନ୍ତି ।

ପ୍ରଥମରେ ବରାହ, ଦ୍ୱିତୀୟରେ ବିରଜା, ତୃତୀୟରେ ବେଦ, ଚତୁର୍ଥରେ ବିପ୍ର, ପଞ୍ଚମରେ ବୈତରଣୀ ନଦୀ । ଏହି ପାଞ୍ଚୋଟି ଦୁର୍ଲ୍ଲଭ ରତ୍ନ ଅନ୍ୟ



▲ ତ୍ରିଲୋଚନେଶ୍ୱର ମନ୍ଦିର

କେଉଁଠାରେ ଦେଖା ଯାଏ ନାହିଁ । ଯାଜପୁରକୁ ବରାହକ୍ଷେତ୍ର ନାମରେ ଅଭିହିତ କରିବା ସମ୍ପର୍କରେ ସର୍ବପ୍ରଥମେ ପ୍ରାମାଣିକ ତଥ୍ୟ ମିଳେ ଭୌମକର ବଂଶୀୟ ରାଜା ୨ୟ ଶାନ୍ତିକରଦେବଙ୍କ (ଖ୍ରୀ.ଅ. ୮୬୫-୮୮୫) ଅନୁକୂଳ ତାମ୍ର ଶାସନରୁ । ଉକ୍ତ ଦାନପତ୍ରରେ ଉଲ୍ଲେଖ ଅଛି ଯେ ରାଜା ଶାନ୍ତିକରଦେବ ବିରଜା ନଗରରେ ଅବସ୍ଥାନ କରୁଥିବା ବେଳେ ଯମଗର୍ତ୍ତ ମଣ୍ଡଳର ତାଳଚେର ବିଷୟ ଅନ୍ତର୍ଗତ କାକୁର ଗ୍ରାମ ଦାନ କରିଥିଲେ ଏବଂ ଚରାହ ତୀର୍ଥରୁ ଉକ୍ତ ତାମ୍ର ଶାସନ ପ୍ରଦତ୍ତ ହୋଇଥିଲା । ଏହି ତାମ୍ର ଶାସନରୁ ପ୍ରମାଣିତ ହୁଏ ଯେ ଯଯାତି ଯଜ୍ଞର ପ୍ରାୟ ଦୁଇ ଶହ ବର୍ଷ ପୂର୍ବରୁ ବରାହ ବିଷ୍ଣୁ ଅବସ୍ଥିତ ଥିଲେ ଓ ବରାହ କ୍ଷେତ୍ରର ଖ୍ୟାତି ଥିଲା । ଭୌମକର ଶାସନ କାଳ ହେଉଛି ବୌଦ୍ଧ ବିଷୟ । ଏହି ସମୟରେ ହିନ୍ଦୁ ଧର୍ମ ଧାରାକୁ ଅବଦମିତ କରି ତନ୍ତ୍ର ଉପାସନା ପ୍ରବଳ ହୋଇ ଉଠିଥିଲା । ତନ୍ତ୍ର ସାଧକମାନେ ଯାଜପୁର ଅଞ୍ଚଳରେ ପଞ୍ଚମକାର ତନ୍ତ୍ର ପୂଜା ପଦ୍ଧତିର ପ୍ରଚଳନ କରିବା ସଙ୍ଗେ ସଙ୍ଗେ ହିନ୍ଦୁ ଦେବାଦେବୀଙ୍କ ତାନ୍ତ୍ରିକ ମତରେ ପୂଜାର୍ଚ୍ଚନା କରିବା ଆରମ୍ଭ କରି ଦେଇଥିଲେ । ସେତେବେଳେ ଦେବୀ ବିରଜା ବସ୍ତୁତଃ ବୌଦ୍ଧ ଦେବୀ ପରିଣତ ହେଉଥିଲେ । ତନ୍ତ୍ର ପୀଠର କାତ୍ୟାୟନୀ ଭୈରବ ରୂପରେ ପୂଜିତ ହେଲେ । ବିଭିନ୍ନ ତନ୍ତ୍ର ଗ୍ରନ୍ଥରେ ବିରଜା ମତାନ୍ତରେ ବିମଳା, ଭୈରବୀ ରୂପେ ଓ ଜଗନ୍ନାଥ ଭୈର ରୂପେ ପରିଚିତ । ଚଉଷଠି ତନ୍ତ୍ର ମଧ୍ୟରୁ ଯାଜପୁର ହେଲା ଉଡ୍ଡୀୟାନ ପୀଠ ତନ୍ତ୍ରରେ ବିରଜାଙ୍କ ଭୈରବୀ ଓ




ବରାହଙ୍କୁ ଭୈରବ ରୂପେ କଳ୍ପନା କରାଯାଇଛି । ନାଭି ପୀଠ ଯାଜପୁରର ପୀଠ ଦେବୀ ବିରଜା ଓ ଜୟ ବା ଜଗନ୍ନାଥ ଭୈରବ ରୂପରେ କେତେକ ସ୍ଥଳରେ ବର୍ଣ୍ଣନା କରାଯାଇଛି । ପରବର୍ତ୍ତୀ କାଳରେ ଅବଶ୍ୟ ଯାଜପୁରରୁ ତନ୍ତ୍ରମନ୍ତ୍ରକୁ ଲୋପ କରିବାକୁ ଯାଇ ବିରଜାଙ୍କ ସମର୍ଥ ବାଚକ ବିମଳା ବା ବିମଳା ଦେବୀଙ୍କ ଭୈରବୀ ରୂପେ ଓ ଜଗନ୍ନାଥଙ୍କୁ ଭୈରବ ରୂପେ କଳ୍ପନା କରାଯାଇ ପୁରୁଷୋତ୍ତମ କ୍ଷେତ୍ରରେ ଆରୋପ କରାଯାଇଛି । ବାସ୍ତବରେ ଯାଜପୁରର ଜୟ ହେଉଛି ବରାହ ବିଷ୍ଣୁ ଯେ କି ତନ୍ତ୍ରମନ୍ତ୍ରରେ ଭୈରବ ରୂପେ ପୂଜିତ ହେଉଥିଲେ । ୨ୟ ଯଯାତିଙ୍କ ଉଦ୍ୟମ ଫଳରେ ଯାଜପୁରରୁ ତନ୍ତ୍ରର ପ୍ରାଧାନ୍ୟ କମିଗଲା । ସେ ଦଶାଶ୍ୱମେଧ ଯଜ୍ଞ କରି ବ୍ରାହ୍ମଣ ଧର୍ମ ପରମ୍ପରାରର ପୁନଃ ସଂସ୍ଥାପନ କରିଥିଲେ ଓ ଯଜ୍ଞ ବରାହଙ୍କ ସ୍ଥାପନା କରିଥିଲେ ।

**ଶେଷକଥା** : ଏହି ମନ୍ଦିରମାନଙ୍କୁ ଛାଡିଦେଲେ ଅନେକ ବୌଦ୍ଧ ମୂର୍ତ୍ତିକୁ ବିଭିନ୍ନ ଦେବଦେବୀଙ୍କ ନାମରେ ପୂଜା କରାଯାଉଛି । ଯାଜପୁରରେ ବିକ୍ଷିପ୍ତ ଭାବରେ ପଡି ରହିଛି ବହୁ ଚାମୁଣ୍ଡା ମୂର୍ତ୍ତି କୋଦଣ୍ଡ ପୁର ଗ୍ରାମରେ । ଦ୍ୱିଭୁଜା ଚାମୁଣ୍ଡା ସୋମେଶ୍ୱର ନିକଟରେ ଷଡଭୁଜା ଚାମୁଣ୍ଡା ତରାଙ୍ଗ ସାଗରପୁର ଓ ସିଦ୍ଧେଶ୍ୱର ଗ୍ରାମରେ ଅଷ୍ଟଭୁଜା ଚାମୁଣ୍ଡା, ବରୁଆଡି ଗ୍ରାମରେ ଦଶଭୁଜା ଚାମୁଣ୍ଡା ଥିବା ଜଣାପଡିଛି । ଏହାଛଡା ବହୁ ଚାମୁଣ୍ଡା ମୂର୍ତ୍ତି ରାସ୍ତାକଡରେ ବିଭିନ୍ନ ଗ୍ରାମ ମାନଙ୍କରେ ଗ୍ରାମ ଦେବତୀ ରୂପେ ପୂଜା ପାଉଛନ୍ତି । ବିରଜା କ୍ଷେତ୍ରରେ ଅଷ୍ଟଭୈରବ, ଅଷ୍ଟଚଣ୍ଡୀ, ଦ୍ୱାଦଶମାଧବ, ତ୍ରୟୋଦଶ ରୁଦ୍ର, ସୂର୍ଯ୍ୟ ମନ୍ଦିର, ଶୁଭସ୍ତମ୍ଭ ସହିତ ୬୮ ଟି ଯାଜପୁର ଉପଜିଲ୍ଲାପାଳଙ୍କ ହତା ମଧ୍ୟରେ ଏକ ବୁଦ୍ଧମୂର୍ତ୍ତି ସଂରକ୍ଷିତ ହୋଇ ରହିଥିବା ବେଳେ ଯାଜପୁରର ପାଖାପାଖି ଅଞ୍ଚଳ ଷୋଳମପୁର, ଧାମନଗର, ଖଡିପଦା ଠାରେ ବୌଦ୍ଧକୀର୍ତ୍ତିମାନ ରହିଛି । ଅନେକ ବୌଦ୍ଧମୂର୍ତ୍ତିକୁ ବିଭିନ୍ନ ଦେବଦେବୀଙ୍କ ନାମରେ ପୂଜା କରାଯାଉଛି । ଯାଜପୁରରେ ବିକ୍ଷିପ୍ତ ଭାବରେ ପଡି ରହିଛି ବହୁ ଚାମୁଣ୍ଡା ମୂର୍ତ୍ତି । ସେଥିମଧ୍ୟରୁ କୋଦଣ୍ଡପୁର ଗ୍ରାମରେ ଦ୍ୱିଭୂଜା ଚାମୁଣ୍ଡା, ସୋମେଶ୍ୱର ମନ୍ଦିର ନିକଟରେ ଷଡଭୁଜା ଚାମୁଣ୍ଡା, ତରାଙ୍ଗସାଗର ପୁର ଓ ସିଦ୍ଧେଶ୍ୱର ଗ୍ରାମରେ ଅଷ୍ଟଭୁଜା ଚାମୁଣ୍ଡା, ବରୁଆଡି ଗ୍ରାମରେ ଦଶଭୁଜା ଚାମୁଣ୍ଡା ଥିବା ଜଣାପଡିଛି ।

ଏହାଛଡା ବହୁ ଚାମୁଣ୍ଡା ମୂର୍ତ୍ତି ରାସ୍ତାକଡରେ ବିଭିନ୍ନ ଗ୍ରାମମାନଙ୍କରେ ଗ୍ରାମଦେବତୀ ରୂପେ ପୂଜା ପାଉଛନ୍ତି । ବିରଜା କ୍ଷେତ୍ରରେ ଅଷ୍ଟଭୈରବ, ଅଷ୍ଟମ ଚଣ୍ଡୀ, ଦ୍ୱାଦଶ ମାଧବ, ଦଶାଶ୍ୱମେଧ ଘାଟ, ସପ୍ତମାତୃକା, ସୂର୍ଯ୍ୟମନ୍ଦିର, ଜଗନ୍ନାଥ ମନ୍ଦିର, ସିଦ୍ଧଗଣେଶ ତ୍ରୟୋଦଶ ରୁଦ୍ର, ସିଦ୍ଧେଶ୍ୱର, ବରୁଣେଶ୍ୱର, ଖିଲାଟେଶ୍ୱର, ବରାହ ମନ୍ଦିର, ଶୁମ୍ଭସ୍ତମ୍ଭ ସହିତ୬୮ ଟି ପୀଠ ରହିଛି । ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ହାତକୁ ନେବାକୁ ଦାବୀ ହେଉଛି । ବିରଜାକ୍ଷେତ୍ରରେ ଥିବା ପ୍ରାଚୀନ କୀର୍ତ୍ତି ସବୁ ଅନେକାଂଶରେ ଧ୍ୱଂସ ପାଇଯାଇଛି । ବର୍ତ୍ତମାନ ଯାହା ଦେଖିବାକୁ ମିଳୁଛି ସେ ସବୁର ସଂରକ୍ଷଣ ପ୍ରାୟ ଶହେରୁ ଦେଢଶହ ବର୍ଷ ଭିତରେ ହୋଇଥିବା ଅନୁମାନ କରାଯାଏ । ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଖରାବର୍ଷାରେ ପଡିରହି କ୍ରମଶଃ ଏସବୁର ପ୍ରାଚୀନତା ଓ କଳାନୈପୁଣ୍ୟ ନଷ୍ଟ ହୋଇଯାଉଛି । ଶକ୍ତି ଉପାସନା ଓ ବିରଜା କ୍ଷେତ୍ରର ମହିମା ସମ୍ପର୍କରେ ବହୁ ପୁରାଣରେ ବର୍ଣ୍ଣନା ମିଳେ । ମାତ୍ର ଐତିହାସିକ ଗବେଷଣା କ୍ଷେତ୍ରରେ ଏହା ସମ୍ପୂର୍ଣ୍ଣ ଅବହେଳିତ । ତେଣୁ ବିରଜାକ୍ଷେତ୍ର ସମ୍ପର୍କରେ ନିର୍ଭରଯୋଗ୍ୟ ଐତିହାସିକ ତଥ୍ୟ ସଠିକ୍ ଭାବେ ଏଯାବତ୍ ଲୋକଲୋଚନକୁ ଆସି ପାରୁନାହିଁ । ଫଳରେ ବର୍ଷର ବିଭିନ୍ନ ସମୟରେ ଓଡିଶା ସମେତ ଭାରତରେ ବିଭିନ୍ନ ଅଞ୍ଚଳରୁ ଆସୁଥିବା ପର୍ଯ୍ୟଟକମାନେ ଏହିସବୁ ପ୍ରାଚୀନ କୀର୍ତ୍ତି ସମ୍ପର୍କରେ ଜାଣିବା ପାଇଁ ଚାହିଁଲେ ନିରାଶ ହେବାକୁ ପଡୁଛି । ଏ ସମ୍ପର୍କରେ ପ୍ରତ୍ନତାତ୍ତ୍ୱିକ ବିଭାଗ ଦୃଷ୍ଟି ଦେଲେ ବିରଜାକ୍ଷେତ୍ରକୁ ରାଜ୍ୟ ତଥା ରାଜ୍ୟବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇପାରନ୍ତା ବୋଲି କହି ହେବ ।



▲ ଭରହନ୍ତା ମନ୍ଦିର










# ପ୍ରଜାପତିର ଦୁଃଖ



କୈଶୋରରେ ପାଦ ରଖି ସାରିବା ପରେ ଦେହରେ ଖଞ୍ଜି ଯାଏ ଡେଣା । ପ୍ରଜାପତି ହୁଏ ଉନ୍ମନା । ମିଠାମିଠା ବୟସ କେତେବେଳେ କାହା ସ୍ପର୍ଶ ପାଇଁ ଉତ୍ତଳା ହୁଏ ପ୍ରଜାପତି । ଯେତେବେଳେ କେବେ ନଦେଖିଥିବା ଦୃଶ୍ୟଟିଏ, କେବେ ଅନୁଭବ କରିନଥିବା କଷ୍ଟଟିଏ ତା' ଦେହ ମନରେ ଚରିଯାଏ, ସେ ଯନ୍ତ୍ରଣା ଜର୍ଜରିତ ହୋଇ ବର୍ବର ହାତମୁଠାରୁ ମୁକୁଳି ଯିବାକୁ ଚାହେଁ । ହେଲେ ଚାରିଆଡ଼େ ଅନାହତ ନିଆଁ । ସେଇଠି ହିଁ ପ୍ରଜାପତିର ଦୁଃଖ ।




**ଝରଣା ପଟ୍ଟନାୟକ**

କୁଆଁସ, ଭଦ୍ରକ-୭୫୬୧୦୦
ଫୋନ : ୯୪୩୭୫୪୪୦୪୫


ଚିତ୍ର : ରଂଜନ ମଲ୍ଲିକ



ଆଖି ପିଛୁଳାକେ ଜୟନ୍ତ ସାର୍ ବାହାରିଗଲେ ସୋନାଲୀର ପଢ଼ାଘରୁ । ପାଦ ଦୁଇଟି ଯେମିତି ରେସ୍‌ରେ ଥିଲା ତାଙ୍କର । ଚପଲ୍ ହଳଟା ଦାଣ୍ଡ ପିଣ୍ଡାର ବେଞ୍ଚ୍ ତଳେ ସେମିତି ପଡ଼ି ରହିଥିଲା । ଗୋଟେ ମିନିଟ୍‌ରେ ଯାଇ ଦାଣ୍ଡଗେଟ୍ ପାଖରେ ଜୟନ୍ତ ସାର୍ । ଯେମିତି ଖବର ଆସିଛି କ୍ଷେତ ଉଜୁଡ଼ିବାର । ବାପ ଦାଦିଙ୍କର ମଲା ଖବର । ନିଜ ପ୍ରେମିକା ଆଉ କାହା ସହିତ ପଳେଇ ଯିବାର । କୋଉ ଖବର ତାଙ୍କୁ ଏତେ ବ୍ୟତିବ୍ୟସ୍ତ କଲା ! ଚପଲ୍ ହଳକ ଛାଡ଼ି ବାହାରିଗଲେ ସେ !

ସୋନାଲୀ ଅତର୍କିଆ ଡାକ ପକେଇଲା । ସ୍ନିଗ୍ଧା ସ୍କୁଲ୍‌କୁ ଯିବ ବୋଲି ଶାଢ଼ି ପିନ୍ଧୁଥିଲା । ସୋନାଲୀ ପାଖକୁ ଯାଇ ତାକୁ ଭୟଭୀତ ହେବାର ଦେଖି ପଚାରିଲା, "କାହିଁକି ରଡ଼ିଟେ ଛାଡୁଛୁ ?" ଯା ବାହାରି ପଢ଼ । ଏବେ ସ୍କୁଲ୍‌ଭ୍ୟାନ୍ ଆସିଯିବ । ମୋର ବେଳ ହୋଇଗଲାଣି । ବେଜାଏ କାମ ଦେଉଛନ୍ତି ସ୍କୁଲ୍‌ରେ । ତୋ କଥା ତୁ ବୁଝ୍ । ବାହାରି ପଢ଼ । ସତରେ ଭାଉଜ ଭାରି ଫୁଲାଫାଙ୍କିଆ ସାତଦିନ ହେଲାଣି ବାପଘରେ ।

ସେଇ କିଛି ସମୟ କେହି କାହାକୁ ଶୁଣିବା ଅବସ୍ଥାରେ ନଥିଲେ । ପଢ଼ା ଟେବୁଲ୍ ଉପରେ ବଡ଼ଲାଲ ଗୋଲାପଟି ଜଳଜଳ ଚାହିଁଥିଲା । ରୂପରଙ୍ଗ ନେଇ ମହା ବିହ୍ୱଳ ସେ । କାହା ଶ୍ରୀଅଙ୍ଗରେ, କାହା ଛାତି ପକେଟରେ, କାହା ଗଳାରେ, କାହା ଶେଜରେ । ଝର୍କା ଫାଙ୍କରେ ଅକ୍ଟୋବରର ଆକାଶ । ଆକାଶ ଆଉ ମେଘ ଜଡ଼ାଜଡ଼ି । ମେଘ ଫାଙ୍କ ଦେଇ ପାତଳ ଆଲୁଅ ପଶି ଆସୁଛି ରୁମ୍ ଭିତରକୁ । ଗୋଲାପଟି ଅଧା ଛାତି ଉପରକୁ କରି ଚାହିଁଛି କାହାର ଆଉଁସା ପାଇଁ ।

ଜୋର୍ ପାଟିଟେ କଲା ସୋନାଲୀ । "ପିଉସୀ ନାନୀ ! ମୋ କଥା ନଶୁଣି ତମେ ସ୍କୁଲ୍ ପଳଉଛ !" ଟେବୁଲ୍ ଉପରେ ଭାତ ଥାଳିଟାକୁ ରଖିଦେଇ ସ୍ନିଗ୍ଧା କହିଲା; "ଖା ଜଲଦି" ବାଲିଙ୍ଗି କାଢୁଛି । ପଢ଼ାରେ ମନ ନାଇଁ । ମୋବାଇଲ୍‌ଟା ଧରି କ'ଣ ଦେଖା ଚାଲିଛି ? ଏବେ ଫୋନ୍ କରୁଛି ତୋ ମାକୁ ।

ସ୍ନିଗ୍ଧା ତରତର ହୋଇ ସ୍କୁଲ୍ ବାହାରିଗଲା । ସ୍କୁଲ୍‌ଭ୍ୟାନ୍ ଆସିବା ପରେ ସୋନାଲୀ ମଧ୍ୟ ବାହାରିଗଲା ସ୍କୁଲ୍‌କୁ । ଭ୍ୟାନ୍‌ରେ ଛଅଜଣ ଜାଗାରେ ଦଶ ଜଣ । ଠେଲାପେଲା । ସୋନାଲୀ ତା' ଡାହାଣପଟ ବାହାକୁ ଆଉଁସି ପକେଇଲା । କହିଲା ଜୁଲି ଦୟାକର । ବଡ଼ ବଥା ହାତଟା । ଠେଲିହୋଇ ବସ୍‌ନା । ଏତିକି କହି ଦେଇ କପାଳରେ ହାତ ଦେଇ ତଳକୁ ଝୁଙ୍କି ବସିଲା । ଜୟନ୍ତ ସାର୍ କାହିଁକି ତା ବାହାକୁ ଜୋର୍ ଖଟେଇ ଚିପି ଧରି କାଖତଳକୁ ଚିମୁଟି ଦେଲେ ! ସେ ତ ସବୁପାଠ ଠିକ୍ କରିଥିଲା । ବହିର ଗୀତ ମଧ୍ୟ ମୁଖସ୍ଥ କରିଥିଲା । ଆସି ସଙ୍ଗେ ସଙ୍ଗେ ଫୁଲଟା ବଢ଼େଇ ଦେଲେ । ପରେ ପରେ ଚିମୁଟିଲେ କାହିଁକି । ସୋନାଲୀ ଆଖିଆଗରେ ଜୟନ୍ତ ସାର୍‌ଙ୍କର ସେତେବେଳର ଚାହାଣୀ ଭାସି ଉଠିଲା । ଆଖିବନ୍ଦ୍ କରି ଥରିଉଠିଲା ସେ ।

ପୃଥିବୀର ଆବର୍ତ୍ତରେ ସକାଳ, ସନ୍ଧ୍ୟା, ରାତି ତାର କରାମତି ଦେଖେଇ ଚାଲିଛି । ନିଃଶ୍ୱାସ ଉନ୍ମୁକ୍ତ କରିଦେଲେ ଏ ଦୁନିଆର ସବୁକିଛି ସହିତ ଘୋଳିଯିବାର ବାଟ ଫିଟିଯାଏ । ଜୟନ୍ତ ସାର୍ ଏମିତି ଏକ ପୃଥିବୀ ଖୋଜି ଲାଗିଛନ୍ତି ଯୋଉଠି କୁନି ପ୍ରଜାପତି ଖୋଜୁଥାଏ ଟିକିଏ ଆଉଁସା । ସେଇ ପ୍ରଜାପତିକୁ ଧରିବାରେ ମଜା । ଭିନ୍ନ ଭିନ୍ନ ଋତୁରେ ଖରା କାକରକୁ ଅନୁଭବ କରିବାର ଇଚ୍ଛା ସତରେ ନିଆରା । କିଛିଦିନ ହେଲାଣି ଜୟନ୍ତ ସାର୍ ଟ୍ୟୁସନ୍ କରିବାକୁ ଆସିବାରେ ହେଳା କରୁନାହାନ୍ତି । ତାଙ୍କର କୋଉ ବୟସ ହୋଇଛି କି ! ଏକୋଇଶ ନପୂରୁଣୁ ଏମ୍.ଏ.ପାସ୍ କଲେଣି । ଏବେ ତ ହିମାଳୟ ଚଢ଼ିବାର ବୟସ । ସୋନାଲି ତାଙ୍କୁ ମୋହଗ୍ରସ୍ତ କରିଦେଲାଣି । ନିଜେ ନିଜ ଭିତରେ ହଜିବାକୁ ଆରମ୍ଭ କଲେଣି । ଷଷ୍ଠ ଶ୍ରେଣୀରେ ପଢୁଥିବା ଝିଅ କି ଫୁଲୁଫୁଲିଆ ଦିଶୁଛି ସତରେ । ରସଗୋଲା ପରି ଚମ୍‌ଚମ୍ । ହେଲେ ବୋକୀଟା । ବୁଝି ପାରୁନି କିଛି ।

ସୋନାଲୀ ଏବେ ସାର୍ ଆସିବା ଆଗରୁ ପଢ଼ାଘରେ ବସି ଯାଉଛି । ଅଙ୍କ, ବିଜ୍ଞାନ, ଇଂରାଜୀ ପରି ବିଷୟମାନ ତାର ମୁଖସ୍ଥ । ଜୟନ୍ତ ସାର୍ ଗାଳି ଦିଅନ୍ତିନି । ପିଠି ଥାପୁଡ଼େଇ ଗେଲଗେଲରେ ପାଠ ପଢ଼ାନ୍ତି । ସକାଳ ସାଢ଼େ ସାତରୁ ସାଢ଼େ ନଅ । ସୋନାଲୀ ବେଳେବେଳେ ଅସ୍ଥିର ହୋଇପଡ଼େ ସାର୍‌ଙ୍କର ହାବଭାବ ଦେଖି । ଅଙ୍କଖାତାରେ କଲମ ଥିବ ସାର୍ ଚାହିଁଥିବେ ତା ମୁହଁକୁ । ବେଳେବେଳେ ଚିଡ଼ିଯାଏ ସୋନାଲୀ । ପରୀକ୍ଷା ନଭେମ୍ବର ଶେଷରେ । ଅଧାବହି ରିଭିଜନ୍ ହୋଇନି । ଅନ୍ୟବେଳେ ସୋନାଲୀକୁ ଲାଗେ କେଡ଼େ ନରମ ସାର୍ ସତରେ ! ପାଣି ଠୁ ବି ନରମ । ମନଟା ତାଙ୍କର ସବୁବେଳେ ହାଲୁକା । ଦିନେ ପଢ଼େଇବାକୁ ନଆସିଲେ ମୁଣ୍ଡ ବଥେଇ ଯାଏ ସୋନାଲୀର ।

ସାର୍ ଆସି ଘରେ ପଶିଲେ । ସୋନାଲୀର ମାମା ସ୍ନିଗ୍ଧାକୁ କହିଲେ; ଟିକିଏ ନଜର ଦେଉଥିବ ସ୍ନିଗ୍ଧା ! ସକାଳୁ କାମଧନ୍ଦାରେ ଧନ୍ଦି ହୋଇ ଠାକୁର ବ୍ରାହ୍ମଣ ମୁଁ ଭୁଲିଗଲିଣି । ଝିଅର ମାଷ୍ଟର ଉପରେ ନିଘା ରଖି ପାରୁଛି କୋଉଠି ?

ଫିକ୍ କିନି ହସିଦେଲା ସ୍ନିଗ୍ଧା । କହିଲା: ଭାଇଙ୍କ କଥାମାନି ମୋ ଯିବାଆସିବା ବାଟରେ ଦୃଷ୍ଟି ଫିଙ୍ଗୁଥିଲ ତମେ । କାଳେ ବାଟରେ ଚାଲିକି ଆସିଲେ ସାଙ୍ଗସାଥୀ ମେଳରେ ଭଟ୍‌କି ଯିବି ସେଇଟା ଏକମାତ୍ର ଭୟ ଥିଲା ଭାଇଙ୍କର । ତାଙ୍କ ସୁନ୍ଦରୀ ଭଉଣୀ ଉପରେ କାଳେ କିଏ ଆଖି ପକେଇବ ସେଇ



ଭୟରେ ସେ ମୋତେ ଗୋଟେ ସ୍କୁଟି କିଣି ଦେଇଥିଲେ । ଆମ ଝିଅ ବଡ଼ କ୍ଲାସ୍‌କୁ ଗଲେ କାର୍‌ରେ ଯିବା ଆସିବା କରିବ । ମୁଁ ଭଲକରି ଜାଣିଛି ଭାଉଜ, ସୋନାଲୀ ଆମର କାହାକୁ ବି ଦୁଃଖ ଦବନି । କ୍ଷଣ କ୍ଷଣକେ ଚମତ୍କାର ଦେଖେଇବ । ଏଇ ଦେଖୁନ, ଟ୍ୟୁସନ୍ ସାର ଘୋଷେଇ ଥିଲେ ବୋଲି ଡିବେଟ୍‌ରେ ଫାଷ୍ଟ୍ ହେଲା ସେ । ଖାଲି ଅପେକ୍ଷା କର । ଫୁଲ ଫୁଟେଇ ଦବ ସେ । ନଣନ୍ଦ ଭାଉଜ ଏତେଦିନ ପରେ ମନଖୋଲି ଗପ କରିବାର ସୁଯୋଗ ପାଇଲେ । ପୂଜା ଛୁଟି । ସ୍କୁଲ୍ ଛୁଟି । ଟ୍ୟୁସନ୍ ସାରଙ୍କୁ ମନା କରିଦେଲେ ପୂଜା ଦଶ ଦିନ ଯାକ ଆସିବେନି । ଘରକୁ କୁଣିଆ ମଇତ୍ର ଆସିବେ । ଆଜିକାଲି ତ ସାର୍‌ଙ୍କୁ ସମୟ ଜଣା ପଡୁନି । ଦୁଇଘଣ୍ଟା ଜାଗାରେ ତିନିଘଣ୍ଟା ସାର୍ ପିଲା ପାଇଁ ଅଧିକ ସମୟ ଦଉଛନ୍ତି । ଘର ଅଭାବ ହେବ । ସେ ମାଷ୍ଟରଟା ସତରେ ବଡ଼ ଅଭୁଲା । ଚଉକି ମାଡ଼ି ଘଣ୍ଟା ଘଣ୍ଟା ବସୁଛି । ଭାରି ସଚେତନ ଛାତ୍ରୀ ଲାଗି । ଯେମିତି କିଛି ଗୋଟେ ନୂଆ ଦେଖେଇବ ଅଗମ୍ୟ ଅରଣ୍ୟରେ ନୂଆ ଫସଲ ଦେଖେଇବା ପରି ।

ସେଦିନ ଆଶ୍ୱିନ ଶୁକ୍ଳ ସପ୍ତମୀ ଥିଲା । ଭାଇ ଅଫିସ୍‌ରୁ ଆସି କହିଲେ, ଏବେ ଟିକିଏ ମଣିଷ ଶାନ୍ତି ପାଇଲା । ଏଇ ତିନିଟା ଦିନ ଦେଶ ଦୁନିଆ ସବୁ ଛୁଟି । କୁଆଡ଼େ ଟିକେ ଯିବା । ମଣିଷ କାମ ଦାଉରେ କଙ୍କାଳ ପାଲଟିବାକୁ ବସିଲାଣି ।

ସୋନାଲୀ କୋଉଠି ଥିଲା ଝପଟି ଆସି କହିଲା: ନା, ନା । ସେକଥ ହେବନି । ମୋ ପାଠ ବନ୍ଦ୍ ହେବନି । ତମେମାନେ ଯାଅ । ମୁଁ ଏକା ରହିବି ।

ସ୍ନିଗ୍ଧା ଚମକି ପଡ଼ିଲା । ଭାବିଲା ଖଣ୍ଡିଉଡ଼ା ଦେଉଥିବା ଚଢ଼େଇର ଉଡ଼ିବା ପାଇଁ ଯେମିତି ପ୍ରବଳ ଇଚ୍ଛା । ଏ ଟୋକୀ ଖଣ୍ଡକର ସେମିତି ଇଚ୍ଛା । ହାତ ପାଆନ୍ତାରେ ଯେମିତି ଆକାଶଟା ଥୋପା ହୋଇଛି । କ'ଣ ଓଲଟେଇବ ଦେଖିବାନି କି ।

ଜୟନ୍ତ ମାଷ୍ଟର୍‌ଙ୍କୁ ଗୋଟିଏ ସପ୍ତାହ ଲାଗି ଛୁଟି ଦିଆଗଲା । ପଢ଼େଇ ନଆସିବା କଥା ଶୁଣି ତାଙ୍କ ମୁହଁଟା ହାଣ୍ଡି ପରି ହୋଇଗଲା । ଘୁମର, ଘୁମର, କଳାଘୁମର ମୁହଁ । ସେ ମୁହଁରୁ ପାଣି ଉତୁରିଗଲା । ଲାଗିଲା ଯେମିତି ଧୂଳିଆ ପବନ ତାଙ୍କ ପାଖରେ କିଏ ଛାଡ଼ିଦେଇ ଖୋଲା ପବନ ଲୁଟି ନେଇଛି ।

ମାଷ୍ଟ୍ରେ ଚାଲିଗଲେ । ଭାଉଜ କହିଲେ: ସ୍ନିଗ୍ଧା ! ଏତେ କଳା ଲୋକ ଦୁନିଆରେ ଥାଆନ୍ତି ! ନାକପାଟି ବାରି ହଉନି । ସୋନାଲୀ ଦୌଡ଼ି ଆସିଲା । କହିଲା: ହେଇ ! ମୋ ସାର୍‌ଙ୍କୁ କାହିଁକି ସେମିତି କହୁଛ ? କାନ୍ଥରେ ଯୋଉ ଇସ୍କନ୍ କ୍ୟାଲେଣ୍ଡର୍ ଟଙ୍ଗା ହୋଇଛି ଦେଖୁନ ! କୃଷ୍ଣ ଭଗବାନ କେତେ କଳା ।

ସ୍ନିଗ୍ଧା ଚମକି ପଡ଼ିଲା ସୋନାଲୀ କଥାରେ । ଝିଅଟା ଅଦ୍ଭୁତ ! କିଛିଦିନ ହେଲାଣି ଜୟନ୍ତ ସାର୍‌ଙ୍କ ବିଷୟରେ ପଦେ ଶୁଣିଲେ ବ୍ୟସ୍ତ ହୋଇ ପଡୁଛି । ଲାଗୁଛି ନିଜ ଭିତରେ ସାର୍‌ଙ୍କ ପାଇଁ ଦରଦଟେ ସୃଷ୍ଟି କଲାଣି । ଘାଣ୍ଟି ହେବା ଲାଗି ବି ତାର ଇଚ୍ଛା ।

ପୂଜାଛୁଟି ତା ସହିତ ରବିବାର, ଏମିତି ଚାରିଦିନ ଛୁଟି ପାଇ ପରିବାରଟି ଚାଲିଗଲେ ଶିମିଳିପାଳ । ସ୍ନିଗ୍ଧା କହିଲା, ଭାଇ ! ଆମ ଓଡ଼ିଶା ସବୁଜ ସମ୍ପଦ ନେଇ ଗର୍ବ କରିବା କଥା । ଆମ ଓଡ଼ିଆମାନେ କିନ୍ତୁ ବାହାରକୁ ଯାଇ ବୁଲି ଆସିଲେ କୃତକୃତ୍ୟ ହୋଇଯାଆନ୍ତି । ଏଭଳି ଅଭୟାରଣ୍ୟ ପୃଥିବୀରେ ବିରଳ । ଓଡ଼ିଶା ପାଇଁ ଓଡ଼ିଆଙ୍କର ଦରଦ ନାଇଁ । ଆମ ଝିଅକୁ ଆମେ ଏଇ ଓଡ଼ିଶାରେ ହିଁ ପଢ଼େଇବା । ଡେଣାରେ ରଙ୍ଗ ଲାଗିଗଲା ସୋନାଲୀର । ପ୍ରଜାପତି ପରି ଉଡ଼ିଲା ।

ଖୁସ୍‌ମୁସ୍ ହୋଇ ନାଚି ପକେଇଲା । କହିଲା, ସ୍କୁଲ୍‌ପଢ଼ା ମୁଁ ଡି.ଏ.ଭି.ରେ ହିଁ ଶେଷ କରିବି । ଜୟନ୍ତ ସାର୍ ହିଁ ମୋତେ ପଢ଼େଇବେ ।

ସ୍ନିଗ୍ଧାକୁ ସୋନାଲୀର କଥାଗୁଡ଼ା ଅଲଗା ଲାଗିଲା । ମନକଥା ବି ତାର ସାର୍‌ଙ୍କ ସପକ୍ଷରେ । ଆକଟ କଲେ କାନ୍ଦିକାଟି ଉଛାଳିବ । ଭକ୍ତିରେ ଯେମିତି ବିଗଳିତ ହୋଇ ପଡୁଛି ସେ । ଲାଗୁଛି ମନକଥା ରଖିବାକୁ ବାକ୍ସଟେ କି ଥାକଟେ ସେ ପାଉନି । ସବୁ ପବନ ମୁହାଁ ହୋଇଛନ୍ତି । ଜୟନ୍ତ ସାର୍‌ଙ୍କ କଥା ପଡ଼ିଲେ ସେ ଉତ୍‌ଫୁଲ୍ଲ ହୋଇ କିଛିନା କିଛି ଗୋଟେ କହିବ । କିଛି ବୁଝିହେଉନି । ନଅ ବର୍ଷ ପୁରିନି ତାକୁ । ଏତେ ଅକଲ୍ କୋଉଠୁ ସାଉଁଟିଲା କେଜାଣି । ଉତ୍ତର ଦେଲାବେଳେ ଜ୍ଞାନୀ ଲୋକଟେ ଯେମିତି ।

**ଆଖି ପିଛୁଳାକେ ଜୟନ୍ତ ସାର୍ ବାହାରିଗଲେ ସୋନାଲୀର ପଢ଼ାଘରୁ । ପାଦ ଦୁଇଟି ଯେମିତି ରେସ୍‌ରେ ଥିଲା ତାଙ୍କର । ଚପଲ୍ ହଳଟା ଦାଣ୍ଡ ପିଣ୍ଡାର ବେଞ୍ଚ୍ ତଳେ ସେମିତି ପଡ଼ି ରହିଥିଲା । ଗୋଟେ ମିନିଟ୍‌ରେ ଯାଇ ଦାଣ୍ଡଗେଟ୍ ପାଖରେ ଜୟନ୍ତ ସାର୍ । ଯେମିତି ଖବର ଆସିଛି କ୍ଷେତ ଉଜୁଡ଼ିବାର । ବାପ ଦାଦିଙ୍କର ମଲା ଖବର । ନିଜ ପ୍ରେମିକା ଆଉ କାହା ସହିତ ପଳେଇ ଯିବାର । କୋଉ ଖବର ତାଙ୍କୁ ଏତେ ବ୍ୟତିବ୍ୟସ୍ତ କଲା ! ଚପଲ୍ ହଳକ ଛାଡ଼ି ବାହାରିଗଲେ ସେ !**

ଛୁଟି ସରିଲା ଯେଯାହା କାମରେ ମଜ୍ଜିଲେ । ଭାଉଜ ସକାଳୁ ରୋଷେଇ ଘରେ । ସ୍ନିଗ୍ଧାର ସ୍କୁଲ୍ ଯିବା ଲାଗି ପ୍ରସ୍ତୁତି । ସୋନାଲୀର ବାପା ବିଭିନ୍ନ ଫୋନ୍ କଲ୍ ନେଇ ବ୍ୟସ୍ତ । ଜୟନ୍ତ ସାର୍ ନିୟମିତ । କାମରେ ଖିଲାଫ୍ ନାହିଁ । ସୋନାଲୀ ସକାଳୁ ରେଡି ହୋଇ ପଢ଼ା ଟେବୁଲ୍‌ରେ । ସମୟ ବି ସମସ୍ତଙ୍କ ସାଥୀରେ ଯାଆସ କରୁଥାଏ ।

ସୋନାଲୀ ସକାଳୁ ସକାଳୁ ମା'କୁ ତାଗିଦ୍ କରୁଛି କୋଉ କଥାରେ ଗୋଟେ । ସ୍ନିଗ୍ଧା ପାଖକୁ ଆସି ଭାଉଜ କହିଲେ, ଦେଖ ! ତମ ଝିଅାରି କେମିତି ଜିଦ୍ କରୁଛି । ସାର୍‌ଙ୍କୁ ପରା ମୁଁ କୁଆଡ଼େ ତା ସାଙ୍ଗରେ ଜଳଖିଆ ବି ଦେବି । ବାପ୍‌ରେ ! ଏ ଝିଅଟା କ'ଣ ? ମା ଦୁଃଖ ବୁଝୁନି । ସକାଳୁ ଭାତ ଦି'ଟା ନ ଫୁଟେଇଲେ ସମସ୍ତେ ଉପାସରେ ଯିବେ । ଗୋଟେ ରୋଷେଇ କରିବାକୁ ଲୋକ ରଖ । ଭଳିକି ଭଳି ଜଳଖିଆ କରି ମାଷ୍ଟରକୁ ବାଢ଼ିବ ।

ଏ ଭିତରେ ଜୟନ୍ତ ସାର୍ ନିଜ ଭେକ ବଦଳେଇଲେଣି । ଗୋଲାପୀ, ସବୁଜ ରଙ୍ଗର ଟି-ସାର୍ଟ ସହିତ ଜିନ୍ସ ପିନ୍ଧିଲେଣି । ଆଉ ଛିଡ଼ା ଚପଲ ନାହିଁ । ଗୋଟାଏ ଟ୍ୟୁଟୋରିଆଲ୍ ସେଣ୍ଟର୍‌ରେ ଅଙ୍କ ପଢ଼ଉଛନ୍ତି । ପାଞ୍ଚ ହଜାର ତ ପାଉଥିବେ ! ସବୁ ଯଦି ଲୁଗାପଟାରେ ଖର୍ଚ୍ଚ କରୁଛନ୍ତି ଖାଉଛନ୍ତି କ'ଣ ?

ସ୍ନିଗ୍ଧା କାହିଁକି ଏତେ କଥା ଭାବୁଛି ! ଯେତେ ଚାହିଁଲେ ବି ମନରୁ ବାଦ ଦେଇ ପାରୁନି କିଛି କଥା । ଜୟନ୍ତ ମାଷ୍ଟର ପ୍ରତି ସୋନାଲୀର ଗୋଟେ ଆକର୍ଷଣ ! ନା, ନା । ଛୋଟ ଛୁଆଟା ଗଲା ପରୀକ୍ଷାରେ ସବୁ ବିଷୟ ପୁରାକୁ ପୁରା ନମ୍ବର ରଖିଛି । ଚତୁର୍ଥ ଶ୍ରେଣୀରେ ପଚାଶ ତଳକୁ ନମ୍ବର ରଖି ମାଡ଼ ଖାଇଥିଲା ଘରେ ।

ଭାଇ ବାହାରୁଥିଲେ ଅଫିସ୍‌କୁ । ଜୟନ୍ତ ମାଷ୍ଟର ଭାଇଙ୍କ ପାଖକୁ ଆସି କହିଲା, "ଆଜ୍ଞା ! କିଛି ଆଡ୍‌ଭାନ୍ସ ମାଗୁଥିଲି । ପୁରୁଣା ସାଇକେଲ୍‌ଟା ବାଟରେ ସମସ୍ୟା କଲାଣି । ବାଇକ୍‌ଟେ କିଣିବି । ସୋନାଲୀ ଉବୁଜିପଡ଼ି ତା ବାପା କାନ୍ଧରେ ଝୁଲିପଡ଼ି କହିଲା; "ପାପା ! ପାପା ! ଦେଇ ଦିଅନା ସାର୍‌ଙ୍କୁ ପଇସା । ଯିବା ଆସିବା ବଡ଼ କଷ୍ଟ ଦଉଛି ସାର୍‌ଙ୍କୁ । ସାଇକେଲ୍‌ରେ ସମୟ ନଷ୍ଟ । ମୋତେ ଆଉ ପନ୍ଦର ମିନିଟ୍ ପଢ଼ାନ୍ତେ ।"

ସ୍ନିଗ୍ଧା ଲକ୍ଷ୍ୟ କରୁଥିଲା ଭାଇଙ୍କ ମୁହଁକୁ । ରୁକ୍ଷ ପବନଟେ ଖେଳିଗଲା ତାଙ୍କ ମୁହଁରେ । ଶାଣିତ ଚାହାଣୀଟେ ଫିଙ୍ଗି ଭାଇ ଚାଲିଗଲେ ଅଫିସ୍‌କୁ । ଯେ ଯାହା କାମ ନେଇ ବ୍ୟସ୍ତ ରହିଲେ । ସୋନାଲୀ ସ୍କୁଲ୍‌ରୁ ଆସି ତା ମା'କୁ ବ୍ୟସ୍ତ କରି ପକେଇଲା । ତା ପାପା କାହିଁକି ସାର୍‌ଙ୍କ କଥାର ଉତ୍ତର ଦେଲେ ନାହିଁ ସେଇ କଥା ନେଇ ମା'ଙ୍କ ସହିତ ଝଗଡ଼ା ଆରମ୍ଭ କଲା । ସ୍ନିଗ୍ଧା ସ୍କୁଲ୍‌ରୁ ଫେରିବା ପରେ ତାକୁ କିଛି କଥା ଅଜବ ଲାଗିଲା । ବାୟୁମଣ୍ଡଳରେ ଯେମିତି ପହଁରୁଥିଲା ଗୋଟେ ଅସନ୍ତୋଷର ଭାବ । ସୋନାଲୀ ନଖାଇ ବସିଥିଲା ଭାଉଜ ଘରର ପରିସ୍ଥିତି ବିଷୟରେ କ'ଣ କଣ କହି ଚାଲିଥିଲେ । କୋଉ ପୃଥିବୀରେ ଥିଲା ସୋନାଲୀ ହଠାତ୍ ଲୁହ ପୋଛି ଦେଇ କହିଲା: ପିଉସୀ ନାନୀ ! ତମେ ତ ଦରମା ପାଉଛ, ମୋ ସାର୍‌ଙ୍କୁ କିଛି ଟଙ୍କା ଦେଇ ଦିଅନା ! କେତେ ଖୁସି ହେବେ ସେ !

ସୋନାଲୀ ତା ମନକଥା ଖାଲି ଉହଲ ବିକଳ ହୋଇ ବିନତି କରି ଚାଲିଥିଲା ସମସ୍ତଙ୍କୁ । ସାର୍‌ଙ୍କର ଗାଡ଼ିଟେ ଦରକାର । ଦିନେ ବି ସାର୍ ନଆସି ରହନ୍ତି ନାହିଁ । ଯେତେ ଅଙ୍କ ଭୁଲ୍ କଲେ ବି ପିଠି ଛାତି ଆଉଁସି ପକେଇ ପୁଣି ପୁଣି ବୁଝାନ୍ତି । କେବେ ବି ହାତ ଉଠାନ୍ତି ନାହିଁ । ରାଗିଗଲେ ଗାଲ ଟିପି ଦିଅନ୍ତି । ଭଲ ଲାଗେ । ଭାରି ଭଲ ଲାଗେ । ମା'ଟା ତ ଖୋଲି ଚାପୁଡ଼ାରେ ପିଠି ନାଲ୍ କରିଦିଏ । କାନଫାସିଆ ହଜେଇ ଦେଇଥିଲା ବୋଲି ତାକୁ ବେଲଣାବାଡ଼ିରେ ପିଟି ପକେଇଲା । ପିଉସୀ ନାନୀଙ୍କର ସବୁକଥାରେ ନାଲି ଆଖି । ପାପା ତ ଝିଅ ସାଙ୍ଗେ କଥା କହିବାକୁ ବେଳ ପାଆନ୍ତି ନାହିଁ । ମା' ଆଉ ପାପା ପାଖରେ କେହି ନଥିଲେ ସୋଫା ଉପରେ ନଦାନଦି ହୋଇ ବସିଥିବେ । ସୋନାଲୀକୁ ଦେଖିଲେ ଛଡ଼ାଛଡ଼ି ଲାଗିବେ । ହସିବେ । ଝିଅକୁ କହିବେ ଯା' । ପାଣି ଗିଲାସେ ଆଣିବୁ । ସୋନାଲୀ ତୀର ବେଗରେ ଉଭାନ୍ ହେଇଯାଏ । ପାଣି ଆଣିବା ଭୁଲିଯାଏ ।

ସ୍ନିଗ୍ଧା ଝିଅଟା ପାଇଁ ବଡ଼ ବିଚଳିତ । ସ୍କୁଲ୍‌ରେ କମନ୍‌ରୁମ୍‌ରେ ଅନ୍ୟମନସ୍କା ଭାଉଜ ସୋନାଲୀର ହାବଭାବରୁ କିଛି ବି ବୁଝି ପାରୁ ନାହାନ୍ତି । ବୁଝିବାକୁ ମନ ବି ବଳଉ ନାହାନ୍ତି । ଛୋଟ ପିଲା । କେତେବେଳେ କ'ଣ କହୁଛି ସେଥିକି ସେ କାହିଁକି ବା ନିଘା ଦେବେ । ଭାରି ଅସ୍ଥିର ସ୍ନିଗ୍ଧା । ସକାଳର ଖବର କାଗଜ ସନ୍ଧ୍ୟାର ଟିଭି ନ୍ୟୁଜ୍‌ରେ ଯାହା ପଢ଼ା ଯାଉଛି, ଦେଖା ଯାଉଛି ସେଗୁଡ଼ା ତ ଅସତ୍ୟ ନୁହେଁ । ଏ ମଉନ ମୁହିଁ ଯେବେଠୁ ଗୀତ ଗାଇବାକୁ ଆରମ୍ଭ କଲାଣି ଲୟ, ସ୍ୱର, ତାନ ସେଇ ଗୋଟାଏ । ସାର୍ ଏମିତି । ସାର୍ ସେମିତି । ସାର୍‌ଙ୍କ ପରି ଟିଚର୍ ତାଙ୍କ ସ୍କୁଲ୍‌ରେ ନାହାନ୍ତି । ସ୍କୁଲ୍‌ରେ ମା'ମ୍ ମାନେ ଭାରି କଡ଼ା । କଥା ଶୁଣନ୍ତିନି । ପିଲାମାନେ ଅନ୍ୟ କାହାର ଟିଫିନ୍ ବକ୍ସ ଚୋରି କରି ଖାଇଲେ ବି ତାଙ୍କର ଯାଏ ଆସେ କେତେ । ଏଇକଥା ଗୁଡ଼ା ଗପୁଥାଏ ସୋନାଲୀ । କଥାଗୁଡ଼ା କଳାମେଘ ପରି ଢାଙ୍କି ରଖିଥାଏ ସ୍ନିଗ୍ଧା ମନକୁ । ଅଧିକା ଭାବନା କୋଉଠି ନେଇ ଥୋଇବ ସେ । ମନକୁ ସମ୍ଭାଳି ପାରେନି । ଅନାଦି କାଳରୁ ଏଯାବତ୍ ଉଚ୍ଚାରିତ ସେଇ ସେଇ ଅଘଟଣ ଶବ୍ଦ ତାକୁ ବାଉଳା କରେ । ଆଶଙ୍କା ଘେରିଯାଏ । ସାରା ଆକାଶ ସଂଶୟ ଆଉ ଭୟରେ ଖଣ୍ଡ ଖଣ୍ଡ ହୋଇଯାଏ । ନା । ଯେମିତି ହେଲେ ସେ ସୋନାଲୀର ପଢ଼ାଘର ପ୍ରତି ନଜର ରଖିବ । ଭାଉଜଙ୍କୁ ବି ସତର୍କ କରିଦେବ ।



ସକାଳୁ ସକାଳୁ ସ୍ନିଗ୍ଧା ଲକ୍ଷ୍ୟ କଲା ସୋନାଲୀକୁ । ଶୀତଦିନଟାରେ ମୁହଁରେ କ୍ରିମ୍ ନମାରି ସୋନାଲୀ ମାରିଛି ପାଉଡ଼ର । ସ୍ନିଗ୍ଧା ହଡ଼ବଡ଼େଇ ଗଲା । ତାକୁ ଟାଣି ଆଣିଲା ପାଖକୁ । ରୁମାଲ୍ ଓଦା କରି ତା ମୁହଁ ପୋଛିଲା ବେଳକୁ ସୋନାଲୀ ଛାଟିପିଟି ହେଲା । କହିଲା; ସାର୍ ମନା କରିଛନ୍ତି, ମନା କରିଛନ୍ତି । ବ୍ୟସ୍ତ ହୋଇଯାଇ ସ୍ନିଗ୍ଧା ପଚାରିଲା, କ'ଣ ମନା କରିଛନ୍ତି ? ସାର୍ କହିଛନ୍ତି, ପାଉଡ଼ର ଲଗେଇବି । ଝିଅମାନେ ପାଉଡ଼ର ଲଗେଇଲେ ସୁନ୍ଦର ଦିଶନ୍ତି ।

ସ୍ନିଗ୍ଧାର ମୁଣ୍ଡ ବୁଲେଇ ଦେଲା । ପଡ଼ିଗଲା ପରି ହେଲା । ମେଘଟେ ଢାଙ୍କି ଦେଲା । ବର୍ଷା ଯେମିତି ଏଇନେ କି ଆଉ ଟିକକୁ ଢାଳିବ । ଡୁବେଇ ଦେବ ସଚରାଚର । ଶନିବାର । ସକାଳ ସ୍କୁଲ୍ । ମୁଣ୍ଡକୁ ଚାପିଧରି ସ୍ନିଗ୍ଧା ସ୍କୁଲ୍ ବାହାରିଗଲା ।


ରବିବାର ସକାଳ । ଜୟନ୍ତ ମାଷ୍ଟର ଆସି ହାଜର । ସୋନାଲୀ ଖୁସି ଖୁସି ପଢ଼ାଘରେ ପଶିଗଲା । ଭାଉଜ ରୋଷେଇ ଘରେ ବଡ଼ ପାଟିକରି କାମବାଲୀ ସାଙ୍ଗେ ଯୁକ୍ତିତର୍କ କରୁଛନ୍ତି । ଭାଇ ଦାଣ୍ଡପିଣ୍ଡାରେ । ଟି-ଟେବୁଲ୍ ଉପରେ ଥାକେ ଅଫିସ୍ ଫାଇଲ୍ । ଭାଉଜଙ୍କ ପାଟି ଜୋର୍ ଶୁଭିବାରୁ ସୋନାଲୀ ଆସି ଦୁଆର ଆଉଜେଇ ଦେଲା ।

କିଛି ବ୍ୟବସ୍ଥିତ ଇଚ୍ଛା ପଢ଼ାଘର ଭିତରେ ଲହର ପହର ହେଉଥିଲା ଜୟନ୍ତ ସାର୍‌ଙ୍କର । ସେ ଘରର ପବନ କହୁଥିଲା ସବୁକିଛି ବାକି ରହି ଯାଇଛି । ସମାପ୍ତ କରିବାକୁ ହେବ । ମହାକାଳ ସବୁ ନିଜ ଆବର୍ତ୍ତକୁ ଟାଣିନେବ ।

ମାଷ୍ଟରଟା ସୋନାଲୀକୁ ଜଂଘରେ ବସେଇ ତା ଗାଲରେ ଗାଲ ଘସୁଥିଲା । ସୋନାଲୀ ଛାଟିପିଟି ହୋଇ କହୁଥିଲା, ତମେ ଭାରି ଖରାପ, ତମ ପାଖେ ଆଉ ପଢ଼ିବିନି । ଇସ୍ । ଛାଡ଼ ମୋତେ ।

ଦୁଆର ଠେଲି ପଶୁ ପଶୁ ହାତରୁ ଚା' କପ୍‌ଟା ଖସି ପଡ଼ିଲା ସ୍ନିଗ୍ଧାର ।

# ପୁନଶ୍ଚ ଈଶପ୍



ଈଶପ୍ କାହାଣୀମାଳାରେ ରହିଛି ଏକ ଅସରନ୍ତି ସତେଜପଣ । ସବୁବର୍ଗର ପାଠକଙ୍କୁ ଭଲ ଲାଗୁଥିବା ସେହି କାହାଣୀମାଳାରୁ କେତୋଟିକୁ ପୁନର୍କଥନ ମାଧ୍ୟମରେ ପରଷିଛନ୍ତି କଥାକାର **କଇଳାଶ ପଟ୍ଟନାୟକ** ।

# କୋକି ଓ ଛେଳିକଥା

**ଡ. କଇଳାଶ ପଟ୍ଟନାୟକ**

ବିଭାଗୀୟ ମୁଖ୍ୟ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଶାନ୍ତିନିକେତନ, ପଶ୍ଚିମବଙ୍ଗ
ଫୋନ୍ :



▶ଲେଖକ କଇଳାଶ ପଟ୍ଟନାୟକ

**କୋକି ଓ ଛେଳି କଥା :**

ବୁଦ୍ଧି ନଥିଲେ ଏମିତି ଚମତ୍କାରିତା ହୁଏ ନାଇଁ । ଅକସ୍ମାତ୍ ପଡ଼ିଯାଇଥିଲି ମୁଁ କୂଅରୋ ଉଠିପାରୁ ନଥିଲି । ମେଁ ମେଁ ଶବ୍ଦ ଶୁଣି ବୁଝିଲି ଛେଳିଟେ ଯାଉଚି । ଡାକିଲି । ଏ କୂଅରେ ମୋ ଉପସ୍ଥିତି ଦେଖି ବିସ୍ମିତ ହେଲା ସେ । ମୋ ପରି କୋକିଶିଆଳିମାନଙ୍କୁ ସେ କେବେ ଏମିତି କୂଅ ଭିତରେ ଦେଖି ନଥିଲା ! ମୁଁ ବଡ଼ ସହଜ ଭାବେ କହିଲି, ଚାରିଆଡ଼େ ଏଡ଼େ ଦୁର୍ଭିକ୍ଷ । ପାଣିର ହାହାକାର । ମୁଁ ସେଇଥିଲାଗି ଏଠି ରହିଚି । ଏ ପାଣିର ସ୍ୱାଦ ଭଲ । ହଠାତ୍ ସରିଯିବ ନାଇଁ । ଆସ ତମେ ବି ରହ । ତାକୁ ଆଉ କିଛି ଭାବିବାର ଅବସର ନ ଦେଇ ମୁଁ କହିଲି, ଆସ ଆସ ଶୀଘ୍ର ଡେଇଁପଡ଼ । ଆଉ କେହି ଆସିଗଲେ ତମକୁ ଆଉ ଜାଗା ହବନି ! ମୋର ଏ କଥାବାର୍ତ୍ତାରେ ସେ ତାର ଚିନ୍ତାକୁ ଅନ୍ୟ ଆଡ଼କୁ ଦଉଡ଼ାଇ ପାରିଲା ନାଇଁ, ଡେଇଁପଡ଼ିଲା । ମୁଁ ତ ସୁଯୋଗର ଅପେକ୍ଷାରେ ଥିଲି । କୂଅ ଭିତରକୁ ସେ ଡେଇଁବା ସଙ୍ଗେ ସଙ୍ଗେ ତା ପିଠି ଉପରେ କୁଦିପଡ଼ି ମୁଁ ମାରିଦେଲି ଡିଆଁଟେ ଯେ ମାଟିରେ ଠିଆ ! ! ସାଧାରଣ ମାନେ ତ ମୂର୍ଖ । ତାଙ୍କ ପିଠିରେ ପାଦ ରଖି ଉପରକୁ ଉଠିବା ତ ମୋ ପରି ଚତୁରଙ୍କ ନୀତି ! ଚିରକାଳ ଏମିତି ହିଁ ହେଇ ଆସିଛି ।

ସରଳ ବିଶ୍ୱାସୀମାନେ କାହିଁକି ଅସୁବିଧାରେ ପଡନ୍ତି ବାରମ୍ବାର ? ଚତୁର କୋକିଶିଆଳିର ମିଠା କଥାର ଯାଦୁରେ କେଡ଼େ ସହଜରେ ମୁଁ ଭୁଲିଗଲି ? ଛେଳି କୁଳର କଳଙ୍କ ହେଲି ! କାହିଁକି ମୁ ପ୍ରୟୋଗ କଲି ନାଇଁ ମୋର ସାଧାରଣ ବିଚାର ବୁଦ୍ଧି ? କଥାର କୁହୁକରେ ଭୁଲି ନିଜର ଦୁର୍ଦ୍ଦିନକୁ ଡାକି ଆଣିବା କଣ ସାଧାରଣଙ୍କ ଭବିତବ୍ୟ ? ସେଇଥିଲାଗି କଣ କପଟତା ଆଗରେ ବାରମ୍ବାର ପରାଜିତ ହେଉଥାଏ ସରଳତା !

**ଜମିଦାର ଓ ଅଙ୍ଗୁର ବଗିଚା କଥା:**

ବାପାଙ୍କ ମୃତ୍ୟୁପରେ ଜମିଦାର ପୁତ୍ର ପାଇଥିଲେ ବିପୁଳ ସଂପତ୍ତି ସହ ପ୍ରିୟ ଅଙ୍ଗୁର ବଗିଚାଟି ।

ଈଶ୍ୱର କହିଲେ ହେ ମଣିଷ ତତେ ମୁଁ ବରଟିଏ ଦେବି ।

ଜମିଦାର ପୁତ୍ର ଯେ କି ନୂଆ ଜମିଦାର, ମୂଲିଆଙ୍କୁ କହିଲା, ସାରାବଗିଚାରେ ବାଡ଼ ଦେଇ ଅକାରଣ ଏତେ ଜାଗା ନଷ୍ଟ କରିଚ । ଉପାଡ଼ ତାକୁ । ଲଗାଅ ତା ଜାଗାରେ ନୂଆ ଅଙ୍ଗୁର ଚାରା ।

ମଣିଷ କହିଲା, ବିବେକ ଦ୍ୱାରା ବଡ଼ ହନ୍ତ ସନ୍ତ ହେଇଯାଉଚି । ତାକୁ ପ୍ରଭୋ ଦୂରେଇ ନିଅ ମୋ ଠାରୁ ।

ବାଡ଼ରହିତ ଅଙ୍ଗୁର ବଗିଚାକୁ ଦେଖି ଖୁସି ହେଲେ ନବଜମିଦାର । ଏଥର କିନ୍ତୁ ନିର୍ବିରୋଧରେ ପଶିଲେ ତା ଭିତରେ ନାନା ପଶୁ, ନାନା ମଣିଷ ।

ଈଶ୍ୱର କହିଲେ ତଥାସ୍ତୁ । ବିବେକ ରହିତ ହେଲା ମଣିଷ । ପ୍ରଥମେ ଆନନ୍ଦରେ ଓ ପରେ ସନ୍ତାପରେ ଦିନ କଟାଇଲା ।

ଜମିଦାର ନିଜ ଭୁଲ ବୁଝିପାରିଲେ । ପୁଣି ବାଡ଼ ଘେରାର ଆଦେଶ ଦେଲେ ।

ମଣିଷ ଈଶ୍ୱରଙ୍କୁ ବର ଫେରାଇ ନେବାକୁ ପ୍ରାର୍ଥନା କଲା । ଈଶ୍ୱର କିନ୍ତୁ ଆଉ ଆସିଲେ ନାଇଁ !

**କଇଁଚ କଥା :**

-ମତେ ଟିକେ ଉଡ଼ିବା ଶିଖାଇ ଦିଅନ୍ତ ନାଇଁ !

ପକ୍ଷୀମାନଙ୍କ ଭିତରୁ କିଏ ହସେ, କିଏ ନଶୁଣିଲା ପରି ପଳାଏ, କିଏ ଚୁପ୍ ରହେ, କିଏ ବା ପରିହାସ କରେ ।

-ମତେ ଟିକେ ଉଡ଼ିବା ଶିଖେଇ ଦିଅନ୍ତ ନାଇଁ । କଇଁଚ କିନ୍ତୁ ଯୋଉ ପକ୍ଷୀକୁ ଦେଖୁନା କାହିଁକି ଏଇ ପଦକ ଦଇନି ହଉଥାଏ ।

ତା କୁଳର ବୁଢ଼ାବୁଢ଼ୀ ବି କହିଲେ, ଯାହା ଆମର ହବନାଇଁ ତାକୁ କାହିଁକି ଝୁରି ହଉଚୁ ? ପ୍ରକୃତି ଯାହାକୁ ଯାହା ଦେଇଚି ସେଇଥିରେ ସନ୍ତୁଷ୍ଟ ହବାକଥା ... । କଇଁଚ କିଛି କହେ ନାଇଁ କିନ୍ତୁ ସେ କଥାକୁ ସ୍ୱୀକାର ବି କରେ ନାଇଁ ।

'ହବନାଇଁ' ବୋଲି କହି କାହିଁକି ନିଶ୍ଚେଷ୍ଟ ହେଇ ବସିରହିବି ? ଉଡ଼ିବା ତ ମୋର ସ୍ୱପ୍ନ । ସେ ସ୍ୱପ୍ନ ମୋ ଆଖିରୁ ପୋଛି ଦେଲେ ମୁଁ ତ ମରିଯିବି । ନିଶ୍ଚେଷ୍ଟ ହେବା ମାନେ ତ ମରିଯିବା ! ଏ ସ୍ୱପ୍ନ ତ ମୋ ଆଖିରୁ ନିଦ ହଜେଇ ଦେଇଚି ! ମତେ ଜାଗ୍ରତ



କରେଇଚି । ଏ ସ୍ୱପ୍ନ ପୂରଣକୁ ଯେତେ ଦରକାର ସେତେ ଉଦ୍ୟମ ମୁଁ କରୁଥିବି, କରୁଥିବି !

ଦିନେ କଇଁଚ କଥାରେ ରାଜି ହେଇଥିଲା ଚିଲଟିଏ । ତାର ଦୁଇ ଗୋଡ଼ରେ ଉଠେଇ ନେଇଥିଲା କଇଁଚକୁ !

ବହୁବର୍ଷ ପରେ ଉତ୍ତର ପୀଢ଼ିକୁ ବୁଢ଼ାବୁଢ଼ୀମାନେ କହୁଥିଲେ ଏପରି, ସେ କଇଁଚ ନିଖୋଜ ହେଇଚି ହେଲେ ପୁଣି ଫେରି ଆସିବ । ପୁଣି କରିବ ତା ସ୍ୱପ୍ନ ପୂରଣର ଉଦ୍ୟମ । ଉଦ୍ୟମର ସମାପ୍ତି ନଥାଏ, ଉଦ୍ୟମର ମୃତ୍ୟୁ ନଥାଏ ! !

**ଛୁଆ ହରିଣ କଥା :**

ବଳିଆ କୁକୁରଙ୍କ ଚିତ୍କାରରେ ମୁହଁର ତୃଣ ମୁହଁରେ ରହିଲା ମା ହରିଣୀର । ଛନକା ପଶିଲା ଛାତିରେ । ଦେ ଦୌଡ଼େ କି କଣ... !

ଛୁଆ ଦେଖୁଥିଲା ମା ର ଏ ଅବସ୍ଥା । କହିଲା, ଏତେ ଡରିବାର କଣ ଅଛି ? ତାଙ୍କ ଠୁ ତୁ ତ ଜଲ୍‌ଦି ଦୌଡ଼ିପାରୁ । ଆସନ୍ତୁ ସେମାନେ ଆଗେ । ଏବେ ଠୁ ଭୟ କାତର କାହିଁକି ହଉଚୁ ?

ଏଇ ଆଖପାଖରେ ବୋଧେ । ବଳିଆ କୁକୁର ଦଳଙ୍କ ରଣ ଦୌଡ଼ ଆରମ୍ଭ ହୋଇଯାଇଥିଲା । ମା ସତର୍କ କରିଦେଲା ଛୁଆକୁ । ଛୁଆ ନିର୍ଭୀକ । ମା ବିରକ୍ତ । ଛୁଆ ସ୍ଥିର । ମା ପଳାୟନ ମୁଖୀ । ଛୁଆ କିନ୍ତୁ ଅଟଳ; ବିପଦକୁ ସାମ୍ନା କରିବା ମୁଦ୍ରାରେ !

ମାକୁ ଆଶ୍ୱାସନା ଦେଇ ଛୁଆ କହିଲା, ତୁମ ଜେନେରେସନ ବିପଦକୁ ଡରି ପଳେଇ ଯାଉଥିଲ ବୋଲି 'ବିପଦ' ତୁମ ଉପରେ ଶାଶୁଭାବେ, ସମାଜଭାବେ, ପରଂପରାଭାବେ କର୍ତ୍ତୃତ୍ୱ ଜମାଇ ବସୁଥିଲା ତମମନ ସେ କର୍ତ୍ତୃତ୍ୱକୁ ସ୍ୱୀକାର କରିନଉଥିଲା । ଆମ ଜେନେରେସନ ଶିଖିଚି ବିପଦକୁ ସାମ୍ନା କରିବାକୁ ।

ମା ଜାଣିଥା, ତାକୁ ସାମ୍ନା କରିବାର ସାହସ ରଖିଥିବା ପ୍ରାଣୀଙ୍କୁ ବିପଦ କେବେବି ଜୟ ପରିପାରେ ନାଇଁ !

**ବାରଶିଙ୍ଗା ଓ ଶିକାରୀଙ୍କ କଥା :**

ସାତ ଆଠ ଯୋଡ଼ା ଆଖିରେ ଧୂଳି ପକେଇ ବାରଶିଙ୍ଗାଟି କୌଣସିମତେ ଖସିଆସି ଲୁଚିଗଲା ଗୋଟେ ଅଙ୍ଗୁର ବଗିଚାରେ । ଶିକାରୀମାନେ ଘୂରିଘୂରି ନିରାଶ ହେଇ ଫେରିଗଲେ । ହରିଣମାଂସର ମଜା ଅଲଗା !

ବାରଶିଙ୍ଗା ଲୁଚିବା ଜାଗାରୁ ନିର୍ଭୟରେ ବାହାରି ଆସିଲା । ଆସନ୍ନ ମୃତ୍ୟୁ ଟଳିଯାଇଥିବାର ପ୍ରଫୁଲ୍ଲତାରେ ଅଙ୍ଗୁରଲତାର ଛନଛନିଆ କଅଁଳ ପତ୍ର ଖାଇବାକୁ ମୁହଁ ବଢ଼ାଉ ବଢ଼ାଉ ଅଟକିଗଲା । ଏକଦା ତାର ପୂର୍ବଜ କେହି ସେ ଭୁଲ କରିଥିଲା । ଶିକାରୀମାନେ ଅଙ୍ଗୁରଲତାର ହଲିଉଠିବାରେ ସନ୍ଦେହ କରି ଶରବିନ୍ଧି ମାରିଦେଇଥିଲେ ତାକୁ ।

ବାରଶିଙ୍ଗା ନିଜ ଲୋଭ ସମ୍ବରଣ କଲା । ଲୋଭ ସମ୍ବରଣ ମାନେ ଜୀବନପ୍ରାପ୍ତି । ସତର୍କ ଭାବେ ଚାରିଆଡ଼କୁ ଦେଖିଦେଇ ଅଙ୍ଗୁର ବଗିଚାରୁ ଧୀରେ ଧୀରେ ବାହାରି ଆସିଲା । ଶିକାରୀମାନେ ଜାଣିଥିଲେ ସଫଳତା ଆସେ ଧୈର୍ଯ୍ୟରୁ । ବାରଶିଙ୍ଗାକୁ ଛକି ସେମାନେ ଲୁଚି ବସିଥିଲେ ।

'ବନ୍ୟପ୍ରାଣୀ ଶିକାର ଏକ ଦଣ୍ଡନୀୟ ଅପରାଧ' ଲେଖା ବୋର୍ଡ଼ଟି କେଉଁ ଏକ ଗଛଗଣ୍ଡିରେ ଝୁଲୁଥିଲା !

**ଦେବତାଙ୍କ କଥା:**

ସ୍ୱର୍ଗରୁ ବିତାଡ଼ିତ ହେଲେ ବିଚାରକ । ବିତାଡ଼ନର ଆଦେଶ ଦେଇଥିଲେ ସେଇ ତିନି ଦେବତା ଯେଉଁମାନେ ତାଙ୍କୁ ଡାକିଥିଲେ ବିଚାର ପାଇଁ ।

ଜଣେ ଦେବତା ଗଢ଼ିଥିଲେ ମଣିଷ ମୂର୍ତ୍ତିଟିଏ, ଅନ୍ୟଜଣେ ବଳଦ ଓ ତୃତୀୟ ଜଣକ ଘରଟିଏ । ନିଜ ନିଜର ସୃଷ୍ଟି ସବୁଠାରୁ ଭଲ ବୋଲି ଯୁକ୍ତି କରିଥିଲେ ସେମାନେ । ସେଇଥିଲାଗି ଲୋଡ଼ା ହେଇଥିଲା ଜଣେ ବିଚାରକ ।

ବିଚାରକ ଦେଖିଲେ ମଣିଷ ମୂର୍ତ୍ତୀକୁ, କହିଥିଲେ ଛାତିରେ ଝରକାଟିଏ ଥିଲେ ମନଭିତରର କଥାସବୁ ବାହାରୁ ଜଣାପଡ଼ିଥାନ୍ତା । ବଳଦର ଶିଙ୍ଗ ଦୁଇଟି ମୋଡ଼ି ହୋଇ ତଳକୁ ନଇଁ ଆସିଥିଲା ସେ କାହାକୁ ଆଘାତ ଦେଇପାରି ନ ଥାନ୍ତା । ଆଉ ଘରେ ଯଦି ଚକ ଲାଗିଥାନ୍ତା ତାକୁ ଯୋଉଠି କି ଇଚ୍ଛା ସେଠିକି ନିଆଯାଇ ପାରିଥାନ୍ତା । ଖୁଣ ଥିଲେ ଶିଳ୍ପରେ ଶ୍ରେଷ୍ଠତ୍ୱର ବିଚାର କାହିଁ ?

ଦେବତାମାନେ କଣ ଭୁଲ କରିପାରନ୍ତି ? ତିନିଦେବତା କ୍ଷୁବ୍‌ଧ ହୋଇଥିଲେ । ଚୋଟ ବସିଥିଲା ଅହଂକାରରେ । ମଣିଷ ହେଉ ବା ଦେବତା, କ୍ରୋଧିତ ହେବା ସ୍ୱାଭାବିକ । ସ୍ୱର୍ଗରୁ ବିତାଡ଼ିତ ହୋଇଥିଲେ ବିଚାରକ ।

ବିଚାରକ ଭାବିହେଲେ ଅଲଗା କରି ଦେଖି ଦେଖାଇବାର ବାଗତ ସମସ୍ତେ ଜାଣିନଥାନ୍ତି । ଯିଏ ଜାଣିଥାଏ ଇତିହାସରେ ସେ ଚିରକାଳ ଅପାଂକ୍ତେୟ !

**ଶଗଡ଼ିଆ କଥା :**

ଶଗଡ଼ଚକର କେଁ କଟର ଶବ୍ଦରେ ଅତଡ଼ା ପଡ଼ିଯାଉଥିଲା କାନ । ଆଖପାଖର ପକ୍ଷୀଙ୍କ କୂଜନ, ପତ୍ରର ଦୋଳନ, କିଛି ବି ଶୁଣି ହେଉନଥିଲା । ଗାଡ଼ି ଟାଣୁଥିବା ବଳଦଙ୍କ ଲାରେ ମାଛି ଘଉଡ଼ା ଶବ୍ଦତ ଶୁଣି ନ ହେବା କଥା !

ଶଗଡ଼ଚକର ଧ୍ୱନି ଏଡ଼େ ପ୍ରବଳ ଥିଲା ଯେ, ଅନ୍ୟ ଶବ୍ଦସବୁ ଉପରେ ସେ ନିଜର କର୍ତ୍ତୃତ୍ୱ ଜାହିର କରୁଥିଲା । ଯେମିତି ବେଶୀ ଲୋକ କହୁଥିବା ଭାଷା, କମ ଲୋକ କହୁଥିବା ଭାଷା ଉପରେ ନିଜର ପ୍ରଭାବ ବିସ୍ତାର କରିଥାଏ। ଶଗଡ଼ିଆଟି ଭାବି ହଉଥିଲା, ଶଗଡ଼ଚକର ପ୍ରଭାବରେ ଥରେ ପ୍ରଭାବିତ ହେଇଗଲେ ପକ୍ଷୀର କୂଜନ, ପତ୍ରର ଦୋଳନ, ଲାର ଚାଳନ ସବୁ ହଜିଯିବ । ସେମାନେ ବି ସେ ଗର୍ଜନ ଅନୁରୂପ ଶବ୍ଦ କରିବସିବେ ।

ଭାଷା ଆଉ ଖାଲି ଖାଲି ମରିଯାଏ ! !

**ଝିଅକଥା :**

ଦୁଧ ବିକି ଯାଉ ଯାଉ କୁନି ଝିଅଟି ଭାବିଲା ଦୁଧ ବିକ୍ରି ଟଙ୍କାରେ ମୁଁ ଅଣ୍ଡା କିଣିବି, ଅଣ୍ଡା ବିକିବି । ଅଣ୍ଡା ବିକ୍ରି କରି କରି ଲାଭ ଟଙ୍କାରେ ମୁଁ ମୋର ପ୍ରିୟ ରଙ୍ଗର ଡ୍ରେସଟେ କିଣିବି । ସେଇ ଡ୍ରେସ ପିନ୍ଧି ମେଳାକୁ ଯିବି । ମୋର ସେ ଡ୍ରେସ ଲାଗି ମୁଁ ସୁନ୍ଦର ଦିଶୁଥିବି । ପୁଅମାନେ ମୋତେ ଘୂରିଘୂରି ଦେଖୁଥିବେ । କେହି ଜଣେ ହାତ ବଢ଼ାଇ ତା ସହିତ ମେଳା ଦେଖିବାକୁ ଡାକେ ତ ମୁଁ .... ନା, ମୁଁ ମୁଣ୍ଡ ହଲେଇ ତାକୁ ମନା କରିବି ନାଇଁ ! ମୁଣ୍ଡ ହଲେଇଲେ ମୁଁ ଜାଣେ ମୋ ମୁଣ୍ଡ ଉପର ଦୁଧ କଳସୀ ତଳେ ପଡ଼ି ଚୂନା ହେଇଯିବ । ଖାଲି ଦୁଧ କଳସୀ କାହିଁକି, ମୋ ସ୍ୱପ୍ନ, ମୋ ବଡ଼ତିର ସବୁ ପରିକଳ୍ପନା ଭାଙ୍ଗିଯିବ !

ଝିଅମାନେ କଣ ଖାଲି ଦୁଧ ବିକି ଯାଉ ଯାଉ ବୋକାଙ୍କ ପରି ମୁଣ୍ଡ ହଲାଇ କ୍ଷୀର କଳସୀ ଭାଙ୍ଗୁଥିବେ ! ନିଜ ଗୋଡ଼ରେ କେବେ ଛିଡ଼ା ହେବେ ନାଇଁ ! ! ନିଜ ସ୍ୱପ୍ନକୁ କେବେ ବି ସାକାର କରିବେ ନାଇଁ ! ! !

ଗୃହ ସମସ୍ୟା

# ହସଖୁସିର ପରିବାର - ୮

**ହସଖୁସିର ପରିବାରଟିଏ ଆମ ସମସ୍ତଙ୍କର ସ୍ୱପ୍ନ । ସମସ୍ତେ ଚାହାନ୍ତି, ପରିବାରରେ ସୁଖଶାନ୍ତି ଓ ସଫଳତା ବିରାଜୁ । କିନ୍ତୁ ହୁଏନା । କଳହ, ହିଂସା, ମତଭେଦ, ଗର୍ବ, ଅହଂକାର ଯୋଗୁଁ ଅନେକ ପରିବାର ଭାଙ୍ଗିଯାଏ ଅଥବା ଅଶାନ୍ତି ଓ ଦୁଃଖରେ ପେଷି ହେଉଥାନ୍ତି । ସେତେବେଳେ ସେମାନେ ସେସବୁ ସମସ୍ୟାର ସମାଧାନ ପାଇଁ ବାଟ ଖୋଜନ୍ତି । ସେପରି ନାନାଦି ପାରିବାରିକ ସମସ୍ୟାରେ ସଢ଼ୁଥିବା ପରିବାର ବା ପରିବାରର ଯେକୌଣସି ସଦସ୍ୟସଦସ୍ୟା ଏହି ବିଭାଗରେ ଆମକୁ ଜଣାଇ ପାରିବେ ସେମାନଙ୍କ ସମସ୍ୟା । ଆପଣମାନଙ୍କ ପାରିବାରିକ ତଥା ବ୍ୟକ୍ତିଗତ ସମସ୍ୟା ପାଇଁ ସମାଧାନର ସୂତ୍ର ବତାଇବୁ ଆମେ ।**

## ଆପଣଙ୍କ ସମସ୍ୟା : ସମାଧାନର ସୂତ୍ର ଆମର

**ସମସ୍ୟା : ୧**

ମୁଁ ଜଣେ ଗୃହିଣୀ, ମୋର ବୟସ ୫୨ ବର୍ଷ । ମୋର ସ୍ୱାମୀ ସରକାରଙ୍କର ଜଣେ ଉଚ୍ଚ ପଦସ୍ଥ କର୍ମଚାରୀ । ଆମର ଗୋଟିଏ ପୁଅ ଓ ଗୋଟିଏ ଝିଅ । ଝିଅର ବାହାଘର ବହୁତ ଭଲ ଜାଗାରେ ହୋଇ ଯାଇଛି ଓ ସେ ଖୁସିରେ ଅଛି । କିନ୍ତୁ ମୋର ସବୁ ଚିନ୍ତା ଏବେ ମୋର ପୁଅ ପାଇଁ । ମୋର ପୁଅ ଦୁଇ ବର୍ଷ ତଳେ ଭଲପାଇ ବିବାହ କରିଛି । ଗୋଟିଏ ପୁଅ ବୋଲି ବହୁତ ଗେହ୍ଲା ହୋଇଥିଲା । ସେ ବହୁତ ଭଲ ବି ପଢୁଥିଲା ଓ ପାଠ ପରେ ଚାକିରି ବି କରିଥିଲା । ସେହି ସମୟରେ ତାର ସେ ଝିଅ ସହିତ ସଂପର୍କ ଗଢ଼ି ଉଠିଲା । ସେ ବି ମୋତେ ବିବାହ ଆଗରୁ ପଚାରିଥିଲା । କିନ୍ତୁ ତାର ସବୁବେଳେ ଦେହ ଖରାପ ରହୁଥିବାରୁ ମୁଁ ତାକୁ ମନା କରି ପାରିଲିନି । ସେ ଯେଉଁଠି ଠିକ କଲା ସେହିଠାରେ ହିଁ ତାର ବାହାଘର କରିଦେଲି । କିଛି ଦିନ ଯାଏ ଦୁଇ ଜଣଙ୍କ ଭିତରେ ସବୁ କିଛି ଠିକ ଥିଲା । କିନ୍ତୁ ତା ପରେ ହଠାତ ସବୁ ଓଲଟପାଲଟ ହୋଇଗଲା । ପୁଅବୋହୂ ଦୁଇ ଜଣଯାକ ଚାକିରି ଛାଡ଼ିଦେଲେ । ଏପରିକି ବୋହୂ ବି ଘରର କିଛି କାମ କରିଲାନି । ସବୁବେଳେ ଘର କବାଟ ବନ୍ଦ କରି ରଖିଲା । କାହାରି ସହିତ ମିଶିଲାନି କି ପୁଅକୁ ବି ଆମ ସହିତ କଥା ହେବାକୁ ଛାଡ଼ିଲାନି । ଛୋଟ ଛୋଟ କଥାରେ ମନୋମାଳିନ୍ୟ ଆରମ୍ଭ ହୋଇଗଲା । ଯେତେ ଯାହା ପଚାରିଲେ କିଛି ବି କହୁନି । ତାର ଗୋଟିଏ ଜିଦି ଯେ ସେମାନେ ଓଡ଼ିଶା ବାହାରକୁ ପଳାଇବେ । ମୋର ଚିନ୍ତା ଯେ ଦୁଇ ଜଣଙ୍କ ଭିତରେ ତ ଏମିତି ବି ଭଲ ପଡୁନି । ସବୁବେଳେ ଝଗଡ଼ା ଲାଗୁଛି । ଏବେ ବାହାରକୁ ଗଲେ କଣ ହେବ ଦୁଇ ଜଣଙ୍କର ଚାକିରି ବି ନାହିଁ । ମୁଁ କଣ କରିବି ମୋତେ କିଛି ବୁଦ୍ଧି ଦିଶୁନି ।

**ସୁଭାଷିନୀ ପଲେଇ,** ସମ୍ବଲପୁର

**ସମାଧାନର ସୂତ୍ର**

ଏହିପରି ଘଟଣା ଆଜିକାଲି ଅଧିକାଂଶ ପରିବାରରେ ଦେଖା ଦେଉଛି । ଏଥିପାଇଁ ଆପଣ ଆଦୌ ବିଚଳିତ ହୁଅନ୍ତୁ ନାହିଁ ଅବା ବିଭିନ୍ନ ଲୋକମାନଙ୍କ ସହିତ ଆଲୋଚନା କରି ଅଯଥା ଚିନ୍ତିତ ହୁଅନ୍ତୁ ନାହିଁ । ପରିବାରରେ ଯେତେବେଳେ ଏହିପରି ଘଟଣା ଘଟିଥାଏ ସେତେବେଳେ କାହାକୁ ଜଣଙ୍କୁ ଦୋଷ ଦେଲେ ସମସ୍ୟାର ସମାଧାନ ହୁଏ ନାହିଁ । ବରଂ ପରିସ୍ଥିତି ଅଧିକ ଜଟିଳ ହୋଇଯାଏ । ମା ହିସାବରେ ଆପଣ ଟିକେ ଥଣ୍ଡା ମୁଣ୍ଡରେ ଭାବନ୍ତୁ ଓ ବିଚାର



ଶୁଭଲକ୍ଷ୍ମୀ ଦାଶଙ୍କ ହସଖୁସିଭରା ପରିବାର




**ଡକ୍ଟର ହରପ୍ରସନ୍ନ ଦାସ**

ମୁଖ୍ୟ କୋଚ୍

ମ୍ୟାକ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍

ଭୁବନେଶ୍ୱର


ପ୍ରବୀଣ ବକ୍ତା ଓ ପରାମର୍ଶଦାତା ହିସାବରେ ଡକ୍ଟର ହରପ୍ରସନ୍ନ ଦାସଙ୍କର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ରହିଛି ୪୩ ବର୍ଷର ଅଭିଜ୍ଞତା । ମନସ୍ତାତ୍ତ୍ୱିକ ପଦ୍ଧତିରେ ବ୍ୟକ୍ତିଗତ ତଥା ପାରିବାରିକ ସମସ୍ୟା ପାଇଁ ସମାଧାନର ସୂତ୍ର ଯୋଗାଇ ଦେବାରେ ସେ ଦେଶ ଭିତରେ ଓ ବାହାରେ ବେଶ୍ ସୁପରିଚିତ । ଜଣେ ଲେଖକ, ନାଟ୍ୟକାର, ଅଭିନେତା ତଥା ଟେଲିଭିଜନ ଓ ରେଡିଓ କଳାକାର ହିସାବରେ ମଧ୍ୟ ସେ ବେଶ୍ ବିଖ୍ୟାତ । ଜୀବନ ଦକ୍ଷତାର ବିକାଶ ସମ୍ପର୍କୀୟ ତାଙ୍କର ଅନେକ ଇଂରାଜୀ ତଥା ଓଡିଆ ପୁସ୍ତକ ପ୍ରକାଶ ପାଇଛି । ଏବେ ସେ ମ୍ୟାକ୍ ଗ୍ରୁପର ମୁଖ୍ୟ କୋଚ୍ । 'ରେବତୀ' ପୃଷ୍ଠାକୁ ଆମେ ତାଙ୍କୁ ନେଇ ଆସିଛୁ କେବଳ ଆପଣମାନଙ୍କ ପାଇଁ ।

www.drhpdas.com

**ସମସ୍ୟା ପଠାଇବାର ଠିକଣା**


ଡ. ହରପ୍ରସନ୍ନ ଦାସ

ମୁଖ୍ୟ କୋଚ୍, ମାନବ ଅଧ୍ୟୟନ କେନ୍ଦ୍ର

ପୋଖରୀପୁଟ, ଭୁବନେଶ୍ୱର

ଫୋନ : ୯୪୩୭୦୧୧୦୨୨

କିମ୍ବା

ସମ୍ପାଦକ

'ରେବତୀ ଆମ ମାଟିର ସ୍ୱର'

ଓ.ଟି. ରୋଡ୍

ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ଆଳୁପୁର

ବାଲେଶ୍ୱର-୭୫୬୦୦୧

ଫୋନ୍ : ୭୦୦୮୮୪୫୯୨୦

କରନ୍ତୁ । ଏହି ପରିସ୍ଥିତିକୁ କିପରି ସଜଡା ଯାଇ ପାରିବ । କେବଳ ଉପଦେଶ ଦେଲେ ଅବା ଦୋଷ କାଢ଼ିଲେ ଏହାକୁ ନିୟନ୍ତ୍ରଣ କରାଯାଇ ପାରିବ ନାହିଁ । ଅନେକ ପରିବାରରେ ପୁଅକୁ ନିର୍ଦ୍ଦୋଷ ଭାବି ବୋହୂ ଉପରେ ସବୁ ଦୋଷ ଲଦି ଦିଆ ଯାଇଥାଏ । ସେ ଭୁଲ୍ ଆପଣ କରିବେ ନାହିଁ । ଆମେ ଯେପରି ଚାହିଁବା ଅନ୍ୟମାନେ ଯେ ସେପରି କରିବେ ସେକଥା ଭାବିବା ଠିକ ନୁହେଁ । ସେ ପୁଅ ହେଉ ଅବା ଝିଅ ସମସ୍ତେ ନିଜ ନିଜ ଭାବନା ଅନୁସାରେ କାମ କରିବେ । ଆମର ଭାବଧାରାକୁ ତାଙ୍କ ଉପରେ ଲଦିଦେବା ଠିକ ହେବ ନାହିଁ । ବରଂ ସେମାନେ ପ୍ରତିକ୍ରିୟାଶୀଳ ହୋଇଯିବେ । ମୁଁ ଯାହା ଜାଣି ପାରୁଛି ଏଥିରେ ଆପଣ ସମସ୍ତଙ୍କର କିଛି କିଛି ଦୋଷ ରହିଛି । ସେମାନେ ଯଦି ବାହାରକୁ ଯାଇ ଚାକିରି କରିବାକୁ ଚାହୁଁଛନ୍ତି ବାପାମା ହିସାବରେ ଆପଣ ସେମାନଙ୍କୁ ଅନୁମତି ଦିଅନ୍ତୁ ଓ ଆଶୀର୍ବାଦ କରନ୍ତୁ । ସେ ଦୁହେଁ ପରସ୍ପରକୁ ଭଲ ପାଇ ବାହା ହୋଇଛନ୍ତି । ତେଣୁ ସେ ଦୁହେଁ ନିଜ ନିଜ ଭିତରେ କଥା ହୋଇ ସେମାନଙ୍କର ଭବିଷ୍ୟତ ଗଢ଼ନ୍ତୁ । ସେଥିରେ ଆପଣ ହସ୍ତକ୍ଷେପ କରନ୍ତୁ ନାହିଁ । ଆପଣଙ୍କ ପରିବାରର ଏହି ଘଟଣା ବିଷୟରେ ଆପଣ ବାହାର ଲୋକମାନଙ୍କ ସହିତ ଆଲୋଚନା କରନ୍ତୁ ନାହିଁ । ନିଜ ଉପରେ ତଥା ଭଗବାନଙ୍କ ଉପରେ ବିଶ୍ୱାସ ରଖନ୍ତୁ ସବୁ କିଛି ଠିକ ହୋଇଯିବ ।

**ସମସ୍ୟା : ୨**

ମୁଁ ବିବାହିତ । ଭଲ ପାଇ ବିବାହ କରିଛି । ମୁଁ ମୋ ସ୍ତ୍ରୀଙ୍କୁ ବି ବହୁତ ଭଲ ପାଏ । ଯେତେବେଳେ ଆମେ ଭଲ ପାଉଥିଲୁ ସେ ମୋ ସହିତ ଗୋଟିଏ ଦିନ ବି କଥା ନହୋଇ ରହି ପାରୁ ନଥିଲେ। ସବୁବେଳେ ଫୋନ୍‌ରେ କଥା ଓ ଦେଖା ସାକ୍ଷାତ ହେଉଥିଲା । ଦୁଇଜଣଙ୍କ ଘରେ ବି ଏଥିରେ ସମ୍ମତି ଥିଲା । ଆମର ବିବାହ ଧୁମ୍‌ଧାମ୍‌ରେ ହୋଇଗଲା । ଆମେ ଦୁହେଁ ପୁଣି ମୋର ଚାକିରି ସ୍ଥାନକୁ ଆସିଲୁ । ମୁଁ ମୋ କାମରେ ମନ ଦେଲି । କିନ୍ତୁ ସେବେଠାରୁ ହିଁ ଆରମ୍ଭ ହେଲା ସବୁ କଳହର ସୂତ୍ରପାତ । ମୋର ଅଫିସରେ ଡେରି ହେଲେ ସେ ଅସନ୍ତୁଷ୍ଟ ହେଉଥିଲେ। କିନ୍ତୁ ମୁଁ ଜାଣିଥିଲି ମୁଁ ଯଦି କାମରେ ମନ ନ ଦେବି ମୋର ପ୍ରମୋଶନ ହେବ ନାହିଁ । ତେଣୁ ସେହି କଥା ମୁଁ ମୋ ସ୍ତ୍ରୀଙ୍କୁ ବୁଝାଇବାକୁ ଚେଷ୍ଟା କଲି । କିନ୍ତୁ ସେ ତାଙ୍କ ଜିଦ୍‌ରେ ଅଟଳ ଥିଲେ । ସେ ସବୁବେଳେ ଚାହୁଁଥିଲେ ବାହାରେ ବୁଲିବେ, ହୋଟେଲରେ ଖାଇବେ, ମୁଁ ତାଙ୍କ ସହିତ ଅଧିକରୁ ଅଧିକ ସମୟ ଦେବି ଏହିପରି ଅନେକ କିଛି । କିନ୍ତୁ ମୁଁ ସେ ସବୁ ନ କରିପାରିବାରୁ ସେ ଅଶାନ୍ତି ହେଉଥିଲେ ଓ ମୋ ସହିତ ଝଗଡା କରୁଥିଲେ । ଧୀରେ ଧୀରେ ତାହା ଏତେ ବଡ ହୋଇଗଲା ଯେ ଘର ଲୋକ ଆମ ପାଖକୁ ଆସି ବୁଝାଇବାକୁ ଚେଷ୍ଟା କଲେ । ତଥାପି କିଛି ସମାଧାନ ନ ହେବାରୁ ଶେଷରେ ମୁଁ ଚାକିରି ଛାଡିଦେଲି । ଆମେ ଘରକୁ ପଳାଇ ଆସିଲୁ । ଏବେ ବିବାହ ପାଂଚ ବର୍ଷ ହୋଇ ଗଲାଣି । ଘରର ଭରଣପୋଷଣ ପାଇଁ ମୁଁ ଗୋଟିଏ ସ୍ଥାନରେ ଚାକିରି କରିଛି । ଯାହା ମୋର ଯୋଗ୍ୟତା ତୁଳନାରେ ବହୁତ କମ । ତଥାପି ମୋ ସ୍ତ୍ରୀଙ୍କୁ ସମୟ ଦେବି ବୋଲି ଘର ପାଖରେ ହିଁ ଚାକିରିଟିଏ ଖୋଜି କରିଛି । ଏପରିକି ଆମର ପିଲାଛୁଆ ହେଉ ବୋଲି ବି ସେ ଚାହାନ୍ତି ନାହିଁ । ସବୁବେଳେ ସେ ମୋ ଉପରେ ଅସନ୍ତୁଷ୍ଟ। କିନ୍ତୁ ଅସନ୍ତୋଷର କାରଣ ବି ସେ ଖୋଲିକରି କହୁ ନାହାନ୍ତି। ମୁଁ କିପରି ଏସବୁ ସମ୍ଭାଳିବି ଜାଣି ପାରୁନି।

**ରମେଶ ସାହୁ,** କୋରାପୁଟ


ସସ୍ମିତା ବେହେରାଙ୍କ ହସଖୁସିର ପରିବାର

### ସମାଧାନର ସୂତ୍ର

ଭଲ ପାଇ ବିବାହ କରିଥିବା ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଅଧିକାଂଶ ସମୟରେ ଏହିପରି ଛୋଟ ଛୋଟ କଥାକୁ ନେଇ ଅଶାନ୍ତି ସୃଷ୍ଟି ହୋଇଥାଏ । ଭଲ ପାଇବା ବେଳର ବ୍ୟବହାର ଓ ବାହା ହୋଇ ଘରସଂସାର କରିବା ପରେ ବ୍ୟବହାର ମଧ୍ୟରେ ଅନେକ ତଫାତ ରହେ । ଭଲ ପାଇଲା ବେଳେ ଉଭୟ ପୁଅ ଓ ଝିଅ ଉଭୟ ଉଭୟଙ୍କୁ ବହୁତ ପ୍ରକାରର ପ୍ରତିଶ୍ରୁତି ଦେଇଥାନ୍ତି । ଯାହା କି ବାହାଘର ପରେ ପରିବାରର ଜଞ୍ଜାଳ ଭିତରେ ସବୁ କିଛି ଆଶା ମୁତାବକ ହୋଇ ପାରେ ନାହିଁ । ଫଳରେ ମତଭେଦ ହୁଏ ଏବଂ ଯୁକ୍ତିତର୍କରୁ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇଥାଏ । ଆପଣ ନିଜ ମତାମତ ଏଠାରେ ଜଣାଇଛନ୍ତି, ଯାହା ଆପଣଙ୍କ ସ୍ତ୍ରୀଙ୍କର ସବୁ ଦୋଷ ଦର୍ଶାଉ ଅଛି । ସବୁ ଘଟଣାରେ ଦୁଇ ପକ୍ଷର କିଛି କିଛି ଦୋଷ ଥାଏ । ଆପଣଙ୍କ ସ୍ତ୍ରୀଙ୍କର ମତାମତ ନ ଜାଣି କେହି ବି ଏ କ୍ଷେତ୍ରରେ ନିରପେକ୍ଷ ବିଚାର କରି ପାରିବ ନାହିଁ । ତଥାପି ଆପଣ ବୁଝିବା ଦରକାର ଯେ ଆପଣ ତାଙ୍କୁ ଭଲ ପାଇ ବିବାହ କରିଛନ୍ତି । ତାଙ୍କର ନିଶ୍ଚିତ ଭାବେ କିଛି ଭଲ ଗୁଣ ଥିବ ଯାହା କି ଆପଣଙ୍କୁ ଆକୃଷ୍ଟ କରିଥିଲା । ଏଣୁ ଏବେ ତାଙ୍କର ଖାଲି ଦୋଷ ନ କାଢ଼ି ଏକ ସଚ୍ଚୋଟ ବନ୍ଧୁ ରୂପେ ତାଙ୍କ ଅଶାନ୍ତିର କାରଣ ଜାଣିବାକୁ ଚେଷ୍ଟା କରନ୍ତୁ । ସବୁ ଅଶାନ୍ତିର କିଛି ନା କିଛି କାରଣ ଲୁଚି ରହିଥାଏ । ଆପଣ ଗଭୀର ଭାବେ ଅନୁଧ୍ୟାନ କରି ପ୍ରକୃତ କାରଣ ଜାଣିବାକୁ ଚେଷ୍ଟା କରନ୍ତୁ । ତାଙ୍କ ପ୍ରତି ମନରେ ଘୃଣା ଭାବ ନରଖି ତାଙ୍କର ଭଲ ଗୁଣକୁ ପ୍ରଶଂସା କରନ୍ତୁ । ବାହାଘର ପୂର୍ବରୁ ଆପଣଙ୍କର ତାଙ୍କ ପ୍ରତି ବ୍ୟବହାର ଯେପରି ଥିଲା ଠିକ ସେହିପରି ରଖନ୍ତୁ । ଏ ବିଷୟରେ ଆପଣ ବାହାର ଲୋକମାନଙ୍କ ସହିତ ଆଲୋଚନା କରନ୍ତୁ ନାହିଁ । ଏପରିକି ଆପଣଙ୍କର ଓ ତାଙ୍କର ବାପାମାଙ୍କୁ ବି ଏଥିରେ ଜଡିତ କରାନ୍ତୁ ନାହିଁ। ଆପଣ ଏ ଭଳି ବ୍ୟବହାର କରନ୍ତୁ ଯେପରି ସେ ଆପଣଙ୍କ ଉପରେ ଅଧିକରୁ ଅଧିକ ବିଶ୍ୱାସ କରିବେ ଏବଂ ମନଖୋଲି ସବୁ କଥା କହିବେ । ପରସ୍ପର ମଧ୍ୟରେ ବୁଝାମଣାକୁ ଠିକ ରଖିଲେ ସବୁ ସମସ୍ୟାର ସମାଧାନ ହୋଇ ପାରିବ। ଏଥିପାଇଁ ଆପଣଙ୍କୁ ନେତୃତ୍ୱ ନେବାକୁ ହେବ । ଯଦି ସୁବିଧା ହୁଏ ଆପଣଙ୍କ ସ୍ତ୍ରୀଙ୍କର ମତାମତ ଲେଖି ପଠାନ୍ତୁ ।

ଫିଚର୍

# ହାତପାଆନ୍ତାରେ ହସ୍ତତନ୍ତ



# ଚାହିଦାରେ ହସ୍ତତନ୍ତ

**ଆଧୁନିକ ଫ୍ୟାଶନ୍ ଭିତରକୁ ଏବେ ପଶି ଆସିଛି ହ୍ୟାଣ୍ଡଲୁମ୍ ବା ହସ୍ତତନ୍ତ ପରିଧାନର ନାନା ଶୈଳୀ । ଏବେ ଏହାର ଆଦର ଆକାଶଛୁଆଁ । ନୂଆ ସ୍ୱରୂପରେ ହସ୍ତତନ୍ତ ବସ୍ତ୍ରର ଆଦରକୁ ନେଇ ଆମର ଏଇ ବିଶ୍ଳେଷଣ ।**



**ସ୍ନିଗ୍ଧା ତ୍ରିପାଠୀ**
ପୁନେ, ମହାରାଷ୍ଟ୍ର
ଫୋନ : ୯୩୦୯୧୧୯୬୨୫

ଆମ ଇଂରାଜୀରେ ଏକ କଥା ଅଛି: 'ଓଲ୍ଡ ୱାଇନ୍ ଇନ୍ ଏ ନ୍ୟୁ ବୋଟଲ୍' । ଠିକ୍ ସେମିତି ବହୁବର୍ଷ ପୁରୁଣା ପରିଧାନରେ ନୂତନ ଶୈଳୀ ବ୍ୟବହୃତ ହୋଇ ତାହା ବର୍ତ୍ତମାନ ଫ୍ୟାଶନ୍‌ର ପରିଧିକୁ ଧସେଇ ହୋଇ ପଶିଛି । ଫ୍ୟାଶନ୍ ମଧ୍ୟରେ ବର୍ତ୍ତମାନ ହସ୍ତତନ୍ତ ଫ୍ୟାଶନ୍ ଜୋର୍‌ଦାର୍ ମାର୍କେଟ ନେଉଛି । ହସ୍ତତନ୍ତ ବର୍ତ୍ତମାନ ନୂଆ ରୂପରେ, ନୂଆ ଢଙ୍ଗରେ ପରିବେଶିତ ହୋଇ ସଭିଙ୍କ ଦୃଷ୍ଟିଗୋଚର ହେଉଛି ।

ଆମ ଦେଶର ଅର୍ଥ ବ୍ୟବସ୍ଥାରେ ହସ୍ତତନ୍ତର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ହସ୍ତତନ୍ତ କ୍ଷେତ୍ରରେ ୬୫ ଲକ୍ଷରୁ ଅଧିକ ବୁଣାକାର ପ୍ରତ୍ୟକ୍ଷ ଭାବରେ ରୋଜଗାର କରିବାରେ ସକ୍ଷମ ହେଉଛନ୍ତି । ହସ୍ତତନ୍ତର ଡିଜାଇନ୍ ଏବଂ ବୁଣାକାରଙ୍କ କଳାତ୍ମକତା ଆମ ଦେଶର ସବୁଠୁ ବଡ଼ ପରିଚୟ ।

### ହସ୍ତତନ୍ତ ଓ ଆଧୁନିକତା :

ହସ୍ତତନ୍ତର ବ୍ୟବହାର ବହୁ ଆଗରୁ ପ୍ରଚଳିତ ଥିଲା । ସମୟକ୍ରମରେ ଏହାକୁ ଅତ୍ୟାଧୁନିକ କରିବା ପାଇଁ ବୁଣାକାରଙ୍କ ସହ ଡିଜାଇନର୍‌ମାନଙ୍କ ସହଯୋଗରେ









## ହସ୍ତତନ୍ତ ସମ୍ପର୍କରେ ଡିଜାଇନର୍‌ର ଯାହା କୁହନ୍ତି

ଯୁଗସହ ତାଳ ଦେଇ ଆମେ ହସ୍ତତନ୍ତରେ ମଡର୍ଣ୍ଣ ଲୁକ୍ ପାଇଁ ୱେଷ୍ଟର୍ଣ୍ଣ ଡ୍ରେସ୍ ପ୍ରସ୍ତୁତ କରୁଛୁ । ଏହାର ଡିମାଣ୍ଡ୍ ଆଗରୁ ଯେମିତି ଥିଲା ଏବେ ମଧ୍ୟ ସେମିତି ଅଛି, ଆଗକୁ ମଧ୍ୟ ରହିବ । ବଲିଉଡ୍‌ରୁ ହଲିଉଡ୍ ପର୍ଯ୍ୟନ୍ତ ପ୍ରାୟ ସମସ୍ତେ ହସ୍ତତନ୍ତ ଡିଜାଇନ୍ ଦେଖି ପାରିବେ । ଆଗରୁ ଯେତିକି ଆଗ୍ରହ ଥିଲା ବର୍ତ୍ତମାନ ମଧ୍ୟ ସେତିକି ଆଗ୍ରହ ଲୋକଙ୍କ ମଧ୍ୟରେ ଅଛି । ରାଜନୀତି ଲୋକ ହେଉ କି ବଲିଉଡ୍ ସୁପରଷ୍ଟାର୍ ସମସ୍ତେ ହସ୍ତତନ୍ତକୁ ପସନ୍ଦ କରୁଛନ୍ତି । ମୁଁ ନିଜେ ହେମାମାଳିନୀ, ସ୍ମୃତି ଇରାନୀଙ୍କୁ ଲାକ୍‌ମୀ ଫ୍ୟାଶନ୍ ୱିକ୍ ପରି ସବୁଠୁ ବଡ଼ ଫ୍ୟାଶନ୍ ଶୋ'ରେ ଏହାର ଗୁରୁତ୍ୱ ଉପରେ ବୁଝାଇବାର ଦେଖିଛି । ତେବେ ଏତିକି କହିବି ହସ୍ତତନ୍ତର ସମ୍ମାନ ଆମ ଦେଶର ସମ୍ମାନ ।

**ଦେବବ୍ରତ ପାଲ୍,** ଫ୍ୟାଶନ୍ ଡିଜାଇନର୍, ମୁମ୍ବାଇ

ଏହା ଭିନ୍ନ ରୂପରେ ପରିବେଷଣ ହେଉଛି । ଆମ ଦେଶର ଡିଜାଇନର୍‌ମାନେ ଏହି ହସ୍ତତନ୍ତକୁ ଦେଶ ବାହାରେ ପହଞ୍ଚାଇବା ପାଇଁ ସତଚେଷ୍ଟିତ ଅଛନ୍ତି । ହସ୍ତତନ୍ତରେ ୱେଷ୍ଟର୍ଣ୍ଣ ଆଉଟ୍‌ଫିଟ୍ ବର୍ତ୍ତମାନ ବେଶ୍ ଆଦୃତ ହେଉଛି । ସମୟ ସହ ତାଳ ଦେଇ ହସ୍ତତନ୍ତର ୱେଷ୍ଟର୍ଣ୍ଣ ଆଉଟ୍‌ଫିଟ୍‌କୁ ବିଭିନ୍ନ ସିନେ-ତାରକା, ଟପ୍ ସେଲିବ୍ରିଟି ବେଶି ପସନ୍ଦ କରୁଛନ୍ତି । ଏହା କେବଳ ଶାଢ଼ି ଫ୍ୟାଶନ୍‌ରେ ସୀମିତ ନହୋଇ ଏଥିରେ ଫ୍ରକ୍, ସ୍କର୍ଟ, ୱେଷ୍ଟକୋର୍ଟ, ସ୍ରମ୍, ଷ୍ଟୋଲ୍, କୁର୍ତ୍ତା, ସାର୍ଟ ଏପରିକି ବ୍ଲେଜର ମଧ୍ୟ ଦେଖିବାକୁ ମିଳୁଛି । ବର୍ତ୍ତମାନ ଡିଜାଇନର୍‌ଙ୍କ ପ୍ରଚେଷ୍ଟାରେ ବେଡ୍‌ସିଟ୍ ମଧ୍ୟ ଦେଖିବାକୁ ମିଳୁଛି । କ୍ରମାଗତ ଭାବେ ଏହାର ଡିମାଣ୍ଡ୍ ବଢ଼ିବାରେ ଲାଗିଛି ।

**ପ୍ରକାର ଭେଦରେ ହସ୍ତତନ୍ତ :**

ହସ୍ତତନ୍ତ ବିଭିନ୍ନ ପ୍ରକାର ରହିଛି, ଆମ ଦେଶର ଭିନ୍ନ ଭିନ୍ନ ଭାବରେ ଭିନ୍ନ ଭିନ୍ନ ହସ୍ତତନ୍ତ ପରିଦର୍ଶିତ ହୁଏ । ଯଥା- ଓଡ଼ିଶାର ଇକତ୍, ଟସର, ଖଦୀ, ଆନ୍ଧ୍ରପ୍ରଦେଶର କଲମକାରୀ, ଗୁଜୁରାଟର ବନ୍ଧନୀ ଏବଂ ଟାଏ ଓ ଡାଏ, ଉତ୍ତରପ୍ରଦେଶର ବ୍ରୋକେଡ, ମଧ୍ୟପ୍ରଦେଶର ଜରିୱାର୍କ, ତାମିଲନାଡୁର କାଞ୍ଚିବରମ୍ ଆଦି ଅନ୍ୟତମ ।

# ସସ୍ମିତାଙ୍କ ସୌନ୍ଦର୍ଯ୍ୟଶାଳା



# ପାର୍ବଣର ମେକ୍ଅପ୍




**ସସ୍ମିତା ମେହେର**

ବିୟୁଟିସିଆନ୍, ସୋନ୍ପୁର

ଫୋନ : ୯୪୩୭୯୭୭୩୮୭


ଫଟୋ ସୌଜନ୍ୟ : ଲେଖିକା ଓ ଗୁଗୁଲ୍

**ଦଶହରା ଆଉ ଦୀପାବଳି ପରି ଗୋଟିଏ ଗୋଟିଏ ସ୍ୱତନ୍ତ୍ର ପର୍ବରେ ନିଜକୁ କିଛିଟା ଭିନ୍ନ ଲୁକ୍ ଦେବାକୁ କାହାର ବା ଇଚ୍ଛା ନହୁଏ ! ଆମ ଚେହେରା ପ୍ରତି କିଛିଟା ଯତ୍ନଶୀଳ ହେଲେ ଆମେ ଏମିତି ସବୁ ପର୍ବରେ ସୁନ୍ଦର ତ୍ୱଚାର ଅଧିକାରିଣୀ ହେବା ସଙ୍ଗେ ସଙ୍ଗେ ଠିକ୍ ମେକ୍ଅପ୍ ନେଇ ଆହୁରି ଆକର୍ଷଣୀୟା ହେଇପାରିବା ।**




**ପ୍ରଥମେ ତ୍ୱଚାର ଯତ୍ନ**

ଆମେ ନିତିଦିନିଆ ରୁଟିନ୍‌ରେ ସବୁବେଳେ କ୍ଲିନ୍‌ଜିଙ୍ଗ୍, ଟୋନିଙ୍ଗ୍ ଆଉ ମଏଶ୍ଚରାଇଜିଙ୍ଗ୍‌କୁ ରଖିବା । ବିଉଟିସିଆନ୍‌ଙ୍କ ପରାମର୍ଶ ନେଇ ହାଇବ୍ରାଣ୍ଡର ପ୍ରଡକ୍ଟସ୍ ସବୁବେଳେ ବ୍ୟବହାର କରିବା । ମାସରେ ଥରେ ନିଜ ସ୍କିନ୍ ଆଉ ଏଜ୍ ଅନୁଯାୟୀ ଫେସିଆଲ୍ କରେଇ ନେବା । ପଇଁତିରିଶ୍‌ରୁ ଅଧିକ ବୟସ୍କ ମହିଳାଙ୍କୁ ମାସରେ ଦୁଇଥର ଫେସିଆଲ୍ କରାଇ ନେବା ଭଲ(ଆହୁରି ଭଲ ରେଜଲ୍ଟ ପାଇଁ) । ଏଇ ବୟସରେ ମହିଳାମାନେ ଆଣ୍ଟି ଏଜିଙ୍ଗ୍ ଫେସିଆଲ ସହିତ ଆଣ୍ଟିଏଜିଙ୍ଗ୍‌ର ମସାଜ୍ ପ୍ରୋସେସ୍ ଦେଇ ଅଭିଜ୍ଞ ବିଉଟିସିଆନ୍‌ଙ୍କ ଠୁ ଫେସିଆଲ୍ କରିନେବା ଭଲ । କମ୍ ବୟସର ମହିଳା, ଯେଉଁମାନେ ନର୍ମାଲ୍ ତ୍ୱଚାର ଅଧିକାରିଣୀ ସେମାନେ ଖାଲି କ୍ଲିନ୍ ଅପ୍ ବି କରେଇ ପାରିବେ । ସବୁବେଳେ ମନେ ରଖିବା ଯେତେ ସମ୍ଭବ ବ୍ଲିଚ୍‌କୁ ଏଭଏଡ୍ କରିବା । ନିହାତି ଜରୁରୀ ମନେହେଲେ ଛଅମାସ କି ବର୍ଷରେ ଥରେ ସ୍ୱେଶିଆଲ୍ ଅକେଜନ୍‌ରେ ବ୍ଲିଚ୍ କରିବା । ସବୁଠୁ ଭଲ ଘରୋଇ ଉପାୟରେ ବ୍ଲିଚ୍ କରିବା । ଭଲ ବ୍ଲିଚ୍ ହିସାବରେ ସପ୍ତାହରେ ଥରେ ଲେମ୍ବୁରସ ଗୋଟିଏ ଚାମଚ ଆଉ ଗୋଟିଏ ଚାମଚ ଆଳୁ ରସକୁ ମୁହଁ ଆଉ ବେକରେ ଲଗାଇବା ପୂର୍ବରୁ କ୍ଲିନ୍‌ଜିଙ୍ଗ୍ ହୋଇଥିବା ତ୍ୱଚାରେ, ପନ୍ଦର ମିନିଟ୍ ପରେ ମୁହଁ ଧୋଇଦେବା ।




**୨.** ଆଗପରି ସବୁ ପ୍ରୋସେସ୍ କିନ୍ତୁ ଏଥିରେ ଆମେ ହେୟାର୍ ଷ୍ଟାଇଲ୍ ଅଲଗା ସାଙ୍ଗକୁ, ବଡ଼ ବିନ୍ଦିର ବି ବ୍ୟବହାର କରି ପାରିବା । ଆଖି ମେକ୍ଅପରେ ତଳ ଆଉ ଉପର ଲିଡ୍‌ରେ ଜେଲ୍ ଆଇଲାଇନର୍ ଲଗେଇ ଆଖିକୁ ସୁନ୍ଦର ଆକୃତି ଦେବା । ଜେଲ୍ ଆଇଲାଇନ୍‌ର ଟିକେ ବୟସ୍କ ମହିଳାଙ୍କ ପାଇଁ ବେଶ୍ ଉପଯୋଗୀ, ଯାହାଙ୍କର ଆଖିରେ ରିଙ୍କିଲ୍ ଆସି ଯାଇଛି ।

**୩.** ଶେଷରେ ତୃତୀୟ ମେକ୍ଅପ୍ ଶୈଳୀକୁ ଯିବା । ଏଥିରେ ଆମେ ପୂର୍ବବତ୍ ମେକ୍ଅପ କରି ଅଧିକ ଗ୍ଲୋଇଙ୍ଗ୍ କରିବା ପାଇଁ ଅଧିକ ହାଇଲାଇଟର୍ ଆଉ ସିମର୍ ପାଉଡ଼ର ବ୍ୟବହାର କରିବା କପାଳ, ନାକ ଉପର ଲାଇନ୍‌ରେ ଟିକିଏ ଥୋଡ଼ିର ଉପର ଭାଗରେ ଆଉ ଗାଲର ପଲ୍‌ପି ଜାଗାରେ । ଚେହେରା ଅନୁଯାୟୀ ଆଗରୁ କଣ୍ଟୁରିଙ୍ଗ୍ କରିନେବ ଟିକେ ଡାର୍କସେଡ୍‌ର ଫାଉଣ୍ଡେସନ୍ ଆଉ ଫେସ୍ ପାଉଡ଼ର ଦେଇ । ସ୍ମୋକି ଆଖି ପାଇଁ ଆଇ ସେଡ୍‌ର୍ ବ୍ଲାକ୍ ରଙ୍ଗ ବ୍ୟବହାର କରିବା ଉଇଙ୍ଗ୍ ଡିଜାଇନ୍‌ରେ । ପୁଣି ହାଇଲାଇଟର୍ ଦେବା ଆଖିର ପ୍ରଥମ କୋଣରେ । ପୁଣି ଚାହିଁଲେ ଆମେ ଆଖି ତଳ ଲିଡ୍‌ରେ ପତଳା ଲାଇନ୍ ଆଇସେଡ୍ରୋରୁ ଦେଇ ଅଧିକ ଗ୍ଲେମର୍ ଲୁକ୍ ପାଇଁ ଉପର ତଳ ଦୁଇ ସାଇଡ୍‌ରେ ଆଇଲାଇନ୍‌ର୍ ଲଗେଇ ପାରିବା ।

ଯଦି ଆମର ଆଖିପତା ହାଲ୍‌କା ଅଛି, ତେବେ ଆମେ ଡୁପ୍ଲିକେଟ୍ ଆଖିପତା, ଯେଉଁଟା କି ମାର୍କେଟ୍‌ରେ ସହଜରେ ଉପଲବ୍ଧ ତାକୁ ଲଗେଇ ପାରିବା ।




**୧.** କ୍ଲିନ୍‌ଜିଙ୍ଗ୍ ଆଉ ଟୋନିଙ୍ଗ୍ କଲା ପରେ ଟିକେ ବରଫ ଘଷି ମଏଶ୍ଚରାଇଜର୍ ଲଗାଇବେ । କାରଣ ଏବେ ବି ଗରମ ଆଉ ହ୍ୟୁମିଡିଟି ପାଇଁ ଝାଳ ବହିବା ଆଉ ତ୍ୱଚା ତେଲିଆ ହେବାର ଆଶଙ୍କା ଅଛି ।

ଏବେ ଆମେ ଭଲ ବ୍ରାଣ୍ଡର ଫାଉଣ୍ଡେସନ୍ ଲଗାଇବା । ତା'ପରେ ଦାଗ ଥିବା ଅଂଶରେ ବେଶି କନ୍‌ସିଲର୍ ଲଗେଇ ଧିରେ ଧିରେ ମିଶେଇବା ପରେ ବାକି ଜାଗାରେ ହାଲ୍‌କା କରି ଲଗେଇବା । ଆପଣ ଚାହିଁଲେ ଖାଲି ଓରିଫେମ୍‌ର ସିସି କ୍ରିମ୍ ବ୍ୟବହାର କରି ପାରିବେ, କନ୍‌ସିଲର୍ ଆଉ ଫାଉଣ୍ଡେସନ୍ ଜାଗାରେ, ଯଦି ମୁହଁରେ ଦାଗ କମ୍ ଅଛି । ଯେମିତି କି ମୁଁ ବ୍ୟବହାର କରିଛି ଫଟୋରେ । ତା'ପରେ ହାଲ୍‌କା କରି ଫେସ୍ ପାଉଡ଼ର ଥାପି ଥାପି ଲଗେଇବେ । ଆଗରୁ ପାର୍ଲର୍‌ରେ ଶେପ୍ ହେଇଥିବା ଆଇବ୍ରୋକୁ ଆହୁରି ଭଲ ଲୁକ୍ ଦେବା ପାଇଁ ଏବେ ବ୍ରୋସ୍କାରା ଲଗେଇବେ । ନିଜ ପୋଷାକର ରଙ୍ଗ ଅନୁଯାୟୀ ଆଇସ୍ୟାଡ୍ରୋ ଲଗେଇବେ । ଆଖିର ଉପର ଲିଡ୍‌ରେ ଖାଲି ବି ଛୋଟ ଛୋଟ ଓ୍ୱିଙ୍ଗସ୍ କରି ପାରିବେ, ତା'ପରେ ଆଖିପତାରେ ମସ୍କାରା ଲଗେଇବେ ଆହୁରି ଆକର୍ଷଣୀୟ ଲାଗିବା ପାଇଁ । ଲିପ୍ ଲାଇନର୍‌ରେ ନିଜ ଓଠକୁ ସେପ୍ ଦେଇ ନିଜ ପସନ୍ଦର ଲିପ୍‌ଷ୍ଟିକ୍ ପୋଷାକ ରଙ୍ଗ ଅନୁଯାୟୀ ଲଗେଇବେ । ହାଲ୍‌କା ହାଲ୍‌କା ହାଇଲାଇଟର୍ ଦେବେ ଆଉ ଶେଷରେ ମେକ୍ଅପ୍ ଫିକ୍ସର ଦ୍ୱାରା ମେକ୍ଅପ୍‌କୁ ଫିକ୍ସ କରିବେ । ପାର୍ବଣରେ ଚେହେରାକୁ ଆହୁରି ଆକର୍ଷଣୀୟ କରିବା ପାଇଁ ଭଲ ଗହଣା ମଧ୍ୟ ଜରୁରୀ ।

# ସୁଆଦିଆ ଓଡ଼ିଆ ବ୍ୟଞ୍ଜନ



# ଦୁଇଟି ବ୍ୟଞ୍ଜନ




**ରାଜଲକ୍ଷ୍ମୀ ସାମଲ**

୧୪୭୯/ଏ, ଆର୍. କେ. ପୁରମ୍, କୋଟା,
ରାଜସ୍ଥାନ, ପିନ - ୩୨୪୦୧୦
ଫୋନ : ୮୨୯୫୫୬୮୮୦୨


ଫଟୋ ସୌଜନ୍ୟ : ଲେଖିକା

## ଲାଉ କୋଫ୍ତା



**ଆବଶ୍ୟକ ସାମଗ୍ରୀ:** ଗୋଟେ ମଧ୍ୟମ ଆକାରର ଲାଉ (ଲମ୍ବା ଲାଉ ହେଲେ ଭଲ, ଗୋଲ୍ ହେଲେ ମଞ୍ଜି ପ୍ରତି ଧ୍ୟାନ ଦେବେ), ଗୋଟେ ବଡ଼ ଧରଣର ଆଳୁ, ବେସନ ୪ ବଡ଼ ଚାମଚ, ଲୁଣ ପରିମାଣ ଅନୁସାରେ, ୨ଟି କଞ୍ଚାଲଙ୍କା (ଛୋଟ ଛୋଟ ଖଣ୍ଡରେ କଟା), ୨ଟି ପିଆଜ (ଛୋଟ ଛୋଟ ଖଣ୍ଡରେ କଟା), ମସଲା ପାଇଁ ଅଦାରସୁଣ ବଟା ୨ଚାମଚ, ୨ ଚାମଚ ପିଆଜ ପେଷ୍ଟ୍, ଦୁଇଟି ଟମାଟୋର ପେଷ୍ଟ୍, ଗରମ ମସଲା ଗୁଣ୍ଡ ୧ଚାମଚ, ଲୁଣ, ହଳଦୀ ଓ ଲଙ୍କାଗୁଣ୍ଡ ସ୍ୱାଦ ଅନୁଯାୟୀ ନେବେ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଲାଉକୁ ଧୋଇ ତା ଉପର ଚୋପାକୁ ଛଡ଼ାଇ ଦେବେ । ତାପରେ ତାକୁ କୋରି ଦେବେ ଖୁବ୍ ପତଳା କରି । ସେଥିରେ ଲୁଣ, ହଳଦୀ, କଂଚା ଲଙ୍କା, ପିଆଜ ଖଣ୍ଡ ଦେଇ ଗୋଲ୍ ଆକାରର ବଲ୍ ଭଳି କରି ରଖିବେ । ଏବେ କଡ଼େଇରେ ତେଲ ପକେଇ ତେଲ ଗରମ ହେଲେ ସେଇ ଗୋଲ୍ ଗୋଲ୍ ବଲ୍ ସବୁକୁ ଛାଣିବେ ମଧ୍ୟମ ଆଞ୍ଚରେ । ପରେ ପରେ ଆଳୁକୁ ମଧ୍ୟ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ସେଇ ତେଲରେ ଭାଜି ନେବେ । ଏବେ କଡ଼େଇରେ ଅଳ୍ପ ତେଲ ଦେଇ ସେଥିରେ ତେଜପତ୍ର ଗୋଟାଏ, ଶୁଖିଲା ଲଙ୍କା ଦୁଇଟା ପକେଇ ଭାଜିବେ । ଲଙ୍କା ଲାଲ୍ ହେଲେ ପିଆଜ, ଅଦା, ରସୁଣ ପେଷ୍ଟ୍ ପକେଇ କଷିବେ । ତାପରେ ଟମାଟୋ ପେଷ୍ଟ୍ ଦେବେ । ଲୁଣ, ହଳଦୀ ଲଙ୍କାଗୁଣ୍ଡ ଦେଇ ମସଲାରୁ ତେଲ ଛାଡ଼ିଲା ଯାଏଁ କଷିବେ । ଏହାପରେ ଗରମ ପାଣି ଦେଇ ଝୋଳ ବନେଇବେ । ଝୋଳ ଫୁଟି ଆସିଲେ ଆଳୁ ପକେଇ ଶିଝେଇବେ । ତାପରେ କୋଫ୍ତା ସବୁ ପକେଇ ଢାଙ୍କୁଣି ଘୋଡ଼େଇ ଦେବେ । ୨ମିନିଟ ଫୁଟିଲା ପରେ ଗରମ ମସଲା (୨ଟି ଛୋଟ ଅଳେଇଚ, ୨ଟି ଲବଙ୍ଗ, ଦୁଇ ଇଞ୍ଚର ଡାଲ୍‌ଚିନି, ୫ଟି ଗୋଲମରିଚ ଏସବୁକୁ ପାଉଡ଼ର କରି) ଦେବେ । ୨ ମିନିଟ୍ ଫୁଟେଇ ଗ୍ୟାସ୍ ବନ୍ଦ କରିଦେବେ । ଧନିଆ ପତ୍ରରେ ସଜେଇ ଭାତ ସାଙ୍ଗରେ ପରଷିବେ ।

## କଲରା ଚିଲ୍ଲୀ



**ଆବଶ୍ୟକ ସାମଗ୍ରୀ:** ୨୫୦ଗ୍ରାମ କଲରା, ୧ଟା ଆଳୁ, ୪/୫ଟା କଂଚା ଲଙ୍କା, ୨ଟି ବଡ଼ ପିଆଜ, ୨ଟି ଟମାଟୋ, ଏଭରେଷ୍ଟ୍ ଗରମ ମସଲା ଓ ଚିକେନ୍ ମସଲା । ପରିମାଣ ଅନୁଯାୟୀ ଲୁଣ ଓ କାଶ୍ମିରୀ ଲାଲ୍ ଲଙ୍କା ଗୁଣ୍ଡ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କଲରାକୁ ଧୋଇ ଫାଳ କରିଦେବେ । ସେଥିରେ ଲୁଣ ଦୁଇ ଚାମଚ ଦେଇ ଗୋଳେଇବେ ଓ ୨ଘଣ୍ଟା ରଖି ଦେବେ । ପରେ କଲରାକୁ ଭଲକି ଧୋଇ ଦେବେ । ଏହା ଫଳରେ ଅଧିକା ଲୁଣଭାଗ ଓ ପିତା ବି କମିଯିବ (ଧୋଇବାଟା ଇଚ୍ଛା ଅନୁଯାୟୀ) । ପରେ ଗ୍ୟାସ୍‌ରେ କଡ଼େଇ ବସେଇ, ୨ବଡ଼ ଚାମଚ ତେଲ ଦେବେ । ତେଲ ଗରମ ହେଲେ ଆଳୁ କଲରାକୁ ଖଣ୍ଡ ଖଣ୍ଡ କାଟି ତେଲରେ ଭାଜିବେ । ହାଲ୍‌କା ଭାଜି ହେଇଗଲେ ଲୁଣ, ପିଆଜ, କଂଚାଲଙ୍କା ପକେଇ ଆଉ୨ମିନିଟ ଭାଜିବେ ଓ ଢାଙ୍କୁଣି ଘୋଡ଼େଇ ଦେବେ । ସିଝି ଆସିଲେ ସେଥିରେ ଟମାଟୋ ଓ ବାକି ମସଲା ଗୁଣ୍ଡ ଦେଇ ଘୋଡ଼େଇ ଦେବେ । ୨ ମିନିଟ୍ ପରେ ରେଡ଼ି ହେଇଯିବ । ପରଟା ସହ କିମ୍ବା ଭାତ ସହ ଏହା ବେଶ୍ ସ୍ୱାଦିଷ୍ଟ ଲାଗେ ।

ଛାୟାଚିତ୍ର

# ଆକାଶିନୀ ଅନୁ



# ଚରିତ୍ରକୁ ବୁଝି ରିଏଲ୍ ଅଭିନୟ କରିବାକୁ ମୁଁ ଚେଷ୍ଟା କରିଥାଏ






ସାକ୍ଷାତ୍ : **ଶ୍ରୀଗୋବିନ୍ଦ ଓ କୃଷ୍ଣ କୁମାର ମହାନ୍ତି**

ଫଟୋ ସୌଜନ୍ୟ : ଗୁଗୁଲ୍



**ଆକାଶ ସାରା ଉଡ଼ାଣ ତାଙ୍କର । ଧରା ଓ ଧରଣୀର ଅନିନ୍ଦ୍ୟା ଅପ୍‌ସରୀ ସେ । ଆଖିରେ ଆଇନା ପରି ଆପଣାକୁ ଫୁଟେଇ ଦେବାର ଅଭୀପ୍‌ସା । ରୂପରେ ରାଜକୁମାରୀ । ଗୁଣରେ ଗରିମାମୟୀ । ସେ ହେଲେ ଆମ ସିନେମାର ଆଦରଣୀୟା ଅନୁ । ହଁ, ଅନୁ ଚୌଧୁରୀ । ସମାନ୍ତରାଳ ସିନେମା ଠୁଁ ଆରମ୍ଭ କରି ବାଣିଜ୍ୟିକ ସିନେମା, ଥିଏଟର୍‌ରୁ ଠୁଁ ଆରମ୍ଭ କରି ସିରିଏଲ୍ ପର୍ଯ୍ୟନ୍ତ ପରିବ୍ୟାପ୍ତ ତାଙ୍କ ଯାତ୍ରା । ସୁନିପୁଣା, ସୁନୟନା । ଅଭିନୟର 'ଫ୍ରେମ୍' ଭିତରେ ଥାଇ ବାସ୍ତବତାକୁ ଫୁଟେଇ ପାରନ୍ତି ସେ, ତାଙ୍କୁ ମିଳୁଥିବା ଚରିତ୍ରରେ । ସେଥିପାଇଁ ସେ ଆକାଶିନୀ, ଆକାଶ ପରି ବ୍ୟାପ୍ତ । ନୀଳ ସୁନୀଳ ସୁଦୂର ପ୍ରସାରୀ ତାଙ୍କ ଅଭିନୟର ଗାଥା । ଅର୍ଦ୍ଧଶତକ ସିନେମାର ଶତରୂପା ସେ । 'ମାଆ ଗୋଜବାୟାଣୀ'ରୁ ଆରମ୍ଭ ହୋଇଥିଲା ତାଙ୍କର ଏ ଯାତ୍ରା । ଅବଶ୍ୟ ତା' ପୂର୍ବରୁ 'ବଧୂ ନିରୂପମା'ରେ ଶିଶୁ କଳାକାର ଭାବେ ଦେଖା ଦେଇଥିଲେ । ପାଖାପାଖି ଦୁଇ ଦଶନ୍ଧି ଧରି ଓଡ଼ିଆ ଚଳଚ୍ଚିତ୍ରରେ ସେ ରାଜ୍ କରିଛନ୍ତି ରାଣୀ ପରି । ନିଜର ନିଖୁଣ ଅଭିନୟ ପାଇଁ ତାଙ୍କୁ ଅନ୍ୟ ଅଭିନେତ୍ରୀଙ୍କ ସହ ତୁଳନା କରାଯାଏନା, ସେ ତେଣୁ ଅତୁଳନୀୟା । ସିନେମାରେ ସିଦ୍ଧାନ୍ତ-ଅନୁଙ୍କ ଯୋଡ଼ି ବେଶ୍ ସଫଳ ଓ ସ୍ୱୀକୃତ । ସଦା ଖୁସିରେ ରହୁଥିବା ଅନୁ ସବୁବେଳେ ସକରାତ୍ମକ ସତ କିନ୍ତୁ ସ୍ୱଭାବତଃ ଚୁଳି । 'ଅଭିନୟ ମୋ ପାଇଁ ଅମ୍ଳଜାନ' କହୁଥିବା ଅଦ୍ୱିତୀୟା ଅନୁଙ୍କ ସହିତ 'ରେବତୀ'ର ସ୍ୱତନ୍ତ୍ର ଆଳାପ ।**





▲ଫିଲ୍ମ 'ତୁହି ସାଥି ମୋର'ରେ ମିହିର ଦାସଙ୍କ ସହିତ ଅନୁ ଚୌଧୁରୀ

**▲ସିନେମାରେ ଅଭିନୟ କରିବାର ରୁଚି ପିଲାବେଳୁ ରଖିଥିଲେ ନା ଏମିତି ଅଭିନୟ କରିବାକୁ କାହା ଦ୍ୱାରା ପ୍ରଭାବିତ ହୋଇ ଅଭିନୟ କରିବାକୁ ଚାହିଁଲେ ?**

▶ସିନେମାରେ ଅଭିନୟ କରିବାର ସେମିତି କିଛି ପ୍ଲାନିଂ ନଥିଲା । ଯଦିଓ ପିଲାବେଳୁ ସ୍କୁଲ୍‌ରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିଲି । କିନ୍ତୁ ଏହାକୁ ନେଇ ଅଭିନୟ କଥା କେବେ ଭାବି ନଥିଲି । ମୋର ଶିକ୍ଷକ ଓ ଗୁରୁଜନମାନେ ସବୁବେଳେ ମୋତେ ପ୍ରୋତ୍ସାହିତ କରୁଥିଲେ । କେମିତି ଭଲ ଅଭିନୟ କରିହେବ,ସେଥିପାଇଁ ସବୁବେଳେ ମୋତେ ଅନେକ ପ୍ରେରଣା ମଧ୍ୟ ଦେଉଥିଲେ । ପଢ଼ାପଢ଼ି କରିବା ଭିତରେ ମୋତେ ସ୍କୋପ୍‌ଟିଏ ମିଳିଥିଲା । ଯେଉଁଥିପାଇଁ ଅଭିନୟ ଦୁନିଆରେ ପାଦ ଦେଇଥିଲି ।

**▲ଆପଣ ଆଜି ଯଦି ଅଭିନେତ୍ରୀ ହିସାବରେ ଦର୍ଶକଙ୍କ ସାମ୍ନାରେ ଛିଡ଼ା ହୋଇଛନ୍ତି, କାହା ପ୍ରେରଣାରେ ଏସବୁ ସମ୍ଭବ ହୋଇଛି ବୋଲି କହିବେ ?**

▶ମୋ ବାପା ସିନେମା ଇଣ୍ଡଷ୍ଟ୍ରୀରେ ଜଣେ ଜଣାଶୁଣା ବ୍ୟକ୍ତିତ୍ୱ ଥିଲେ । ସେ ଥରେ ମୋତେ ଛୋଟ ରୋଲ୍‌ଟିଏ ଅଛି, କରିବି କି ନାହିଁ ପଚାରିଥିଲେ । ମୁଁ ସେତେବେଳେ ହଁ କହି ଦେଇଥିଲି । ତାପରେ ସେହି ଛୋଟ ରୋଲ୍‌ଟିକୁ କେମିତି ଭଲ ଭାବରେ ଅଭିନୟ କରିପାରିବି ଅନେକ ଚେଷ୍ଟା କରିଥିଲି । 'ବଧୂ ନିରୂପମା' ଓ 'ମମତା ମାଗେ ମୂଲ' ସିନେମାରେ ଚାଇଲ୍ଡ୍ ଆର୍ଟିଷ୍ଟ ହିସାବରେ ଅଭିନୟ କରିବା ସହ ଡ଼ବିଂ ଆର୍ଟିଷ୍ଟ୍ ଭାବେ ଅନେକ କାମ କରିବାର ସୁଯୋଗ ପାଇଥିଲି । ମୋର ଅଭିନୟ ବା ମୋ ଭିତରେ ଥିବା କଳାକୁ ସେମାନେ ବିଶ୍ୱାସକୁ ଆଣି ପାରିଥିଲେ । ସେହି ଆତ୍ମବଳ ମୋତେ ଭବିଷ୍ୟତରେ ଅଭିନୟ କରିବାର ପ୍ରେରଣା ଯୋଗାଇଥିଲା ।



**▲ଆପଣ ଅଭିନୟରେ ଅନେକ ପଥ ଅତିକ୍ରମ କରି ଆସିଛନ୍ତି, କୁହନ୍ତୁ ସିନେମା ଓ ଅଭିନୟ ଆପଣଙ୍କୁ କେତେ ସନ୍ତୁଷ୍ଟ କରି ପାରିଛି ?**

▶ମୁଁ ଅଭିନୟରେ କେତେବାଟ ଅତିକ୍ରମ କରି ଆସିଛି, ତାହା ତ ଜାଣିନି । ଏହା ମୋର ବୃତ୍ତି ଓ ପ୍ରବୃତ୍ତି । ବହୁତ ନାମୀଦାମୀ, ଗୁଣୀ ନିର୍ଦ୍ଦେଶକଙ୍କ ସହ ଭଲ ବ୍ୟାନର୍‌ରେ କାମ କରିଛି । ଏବେ ବି ଅନେକ କାମ କରିବାକୁ ବାକି ଅଛି । ପ୍ରଥମରୁ ଯେମିତି କଠିନ ପରିଶ୍ରମ କରିବାକୁ ପଡୁଥିଲା ଆଜି ବି ସେମିତି କରିବାକୁ ଚେଷ୍ଟା କରୁଛି । ମୋତେ ସନ୍ତୁଷ୍ଟ କଣ ମିଳିଛି ଅଲଗା କଥା କିନ୍ତୁ ଅଭିନୟରେ ବାସ୍ତବତାକୁ ଅଧିକ ଗୁରୁତ୍ୱ ଦେଇ ହେବ ସବୁବେଳେ ଚେଷ୍ଟା କରିଛି । ଯେତେବେଳେ କୌଣସି ସିନେମାରେ ଚରିତ୍ରକୁ ଠିକ୍ ଭାବରେ ବୁଝି ରିୟେଲ୍ ଭାବେ ଅଭିନୟ କରିବାକୁ ଚେଷ୍ଟା କରେ ସେତେବେଳେ ମୋତେ ଅଧିକ ସନ୍ତୁଷ୍ଟି ମିଳେ ।

**▲ଓଡ଼ିଆ ଇଣ୍ଡଷ୍ଟ୍ରିରେ ଏତେ ଭଲ ଅଭିନେତ୍ରୀ ଥାଉ ଥାଉ କାହିଁକି ଅନ୍ୟରାଜ୍ୟରୁ ନାୟିକାଙ୍କୁ ଅଣାଯାଇ ସିନେମା ତିଆରି କରାଯାଉଛି ?**

## ପୁରସ୍କାର ଓ ସମ୍ବର୍ଦ୍ଧନା



୨୦୦୧ : ରାଜ୍ୟ ଚଳଚିତ୍ର ପୁରସ୍କାର :
**ଗାରେ ସିନ୍ଦୁର ଧାରେ ଲୁହ**

୨୦୦୨ : ରାଜ୍ୟ ଚଳଚିତ୍ର ପୁରସ୍କାର :
**ରାକ୍ଷୀ ବାନ୍ଧିଲି ମୋ ରଖିବ ମାନ**

୨୦୦୪ : ରାଜ୍ୟ ଚଳଚିତ୍ର ପୁରସ୍କାର :
**ଓମ୍ ଶାନ୍ତି ଓମ୍**

୨୦୦୫: ରାଜ୍ୟ ଚଳଚିତ୍ର ପୁରସ୍କାର :
**ଶାଶୁଘର ଚାଲିଯିବି**

୨୦୦୭: ଚଳଚ୍ଚିତ୍ର ଜଗତ ପ୍ରତିଭା ସମ୍ମାନ :
**ଲାଲ୍ ଟୁକୁଟୁକୁ ସାଧବ ବୋହୂ**

ଆର୍ନ୍ତଜାତୀୟ ସମ୍ମାନ:୨୦୦୬ ଶ୍ରେଷ୍ଠ ଅଭିନେତ୍ରୀ :
**କଥାନ୍ତର** (ଓଡ଼ିଆ)

୨୦୦୧ : ଶ୍ରେଷ୍ଠ ଅଭିନେତ୍ରୀ :
ନିର୍ବାଣ (ହିନ୍ଦୀ)

ଲସ୍ ଏଞ୍ଜେଲସ୍ ଚଳଚ୍ଚିତ୍ର ପୁରସ୍କାର

▶କିଛି ସମୟ ପାଇଁ ଓଡ଼ିଆ ଇଣ୍ଡଷ୍ଟ୍ରିରେ ସେମିତି ଅବସ୍ଥା ଥିଲା । ଏବେ କିନ୍ତୁ ଆଉ ସେ ସମୟ ଆଉ ନାହିଁ । ଜଣେ ନିଜ ଦକ୍ଷତା ବଳରେ ବିଭିନ୍ନ ଭାଷାର ସିନେମାରେ ଅଭିନୟ କରିପାରିବ । ଯଦି ଆମେ ଅନ୍ୟ ରାଜ୍ୟରେ କି ଅନ୍ୟ ଭାଷାରେ କାମ କରି ପାରୁଛୁ, ସେମାନେ କାହିଁକି କରି ପାରିବେନି ? କେହିଜଣେ ବାହାରୁ ଆସି କାମ କରିବା କିଛି ଖରାପ କଥା ନୁହେଁ । କିନ୍ତୁ ପ୍ରଥମେ ନିଜ ରାଜ୍ୟର ପିଲାମାନଙ୍କୁ ସୁଯୋଗ ଦିଆଯିବା ଦରକାର । ଯଦି ଆମ ପିଲାମାନେ ସେତିକି କରିପାରୁନାହାନ୍ତି, ତାହେଲେ ଆମେ ବାହାରୁ ଖୋଜିବା ଦରକାର ।

▲ସିନେମାରେ ଅଶ୍ଳୀଳତା ସୀମା ଟପି ଯାଉଛି କି ?

▶ଅଶ୍ଳୀଳତା ତ କାହାକୁ ଭଲ ଲାଗେ ନାହିଁ ।

▲ଆପଣ ଅଭିନୟ କରିବାକୁ କୌଣସି ବିଧିବଦ୍ଧ ଶିକ୍ଷାଗ୍ରହଣ କରିଛନ୍ତି କି ?

▶ନା, କୌଣସି ଶିକ୍ଷାଗ୍ରହଣ କରି ନାହିଁ । ପ୍ରଥମ ଦିନରୁ ଯେମିତି ଶିଖିବାର ଥିଲା, ଆଜି ବି ସେମିତି ଶିଖୁଛି । ସେଥିପାଇଁ ସମୟ ଦେଇଛି, ଚରିତ୍ରକୁ ବୁଝିଛି, ନିଖୁଣ ଅଭିନୟ କରିବାକୁ ଦରକାର ପଡ଼ିଲେ ନିର୍ଦ୍ଦେଶକଙ୍କ ଠାରୁ ଆହୁରି ଅଧିକ କିଛି ଜାଣିବାକୁ ଚାହିଁଛି । ଶେଷରେ ସେ ଚରିତ୍ରକୁ ଜଷ୍ଟିସ୍ ଦେବାକୁ ସବୁବେଳେ ଚେଷ୍ଟା କରିଛି । ଅଭିନୟରେ ସବୁବେଳେ କିଛି ନା କିଛି କାହା ଠାରୁ ବି ହେଉ ଶିଖିବାକୁ ପଡ଼େ । ଶିଖିବା ଜଣେ କଳାକାର ପାଇଁ କେବେ ଶେଷ ନଥାଏ ।

▲ଓଡ଼ିଆ ସିନେମାରେ ଏମିତି ଏବେ କିଛି ଅଭାବବୋଧ ରହୁଛି କି ଦର୍ଶକ ଦୂରେଇ ଯାଉଛନ୍ତି ?

▶ରହିଛି ତ ନିଶ୍ଚୟ । ଏ ପ୍ରଶ୍ନ ବହୁତ ଗୁରୁତ୍ୱପୂର୍ଣ୍ଣ ନିଶ୍ଚିତ ଭାବରେ । ସିନେମା ଓ ଦର୍ଶକଙ୍କ ମଧ୍ୟରେ ଗୋଟେ ଦୂରତା ତିଆରି ହୋଇ ଚାଲିଛି । ସେଥିପାଇଁ ବର୍ତ୍ତମାନ ସମୟରେ ଆମେ ଦାୟୀ । ଆମ ସିନିୟରମାନେ ଆମକୁ ଅନେକ କିଛି ଦେଇଛନ୍ତି, ତାକୁ ଅନୁକରଣ କଲେ ହୁଏତ କିଛି ଫଳ ମିଳି ପାରିବ । ସମୟର ପରିବର୍ତ୍ତନ ଅନୁସାରେ ନିଶ୍ଚିତ ଭାବେ ଦର୍ଶକଙ୍କ ରୁଚି ବଦଳିଛି । ତାହାର ଅର୍ଥ ନୁହେଁ କାହାଣୀର ଗୁରୁତ୍ୱକୁ ଛାଡ଼ି ଦେବା । ସିନେମା ଗୋଟେ ଟିମ୍‌ୱାର୍କ, ପ୍ରଡ୍ୟୁସର୍ ଠାରୁ ଆରମ୍ଭ କରି ଡ଼ାଇରେକ୍ଟର୍, ଟେକ୍‌ସିଆନ୍, ଆର୍ଟିଷ୍ଟ୍ ପର୍ଯ୍ୟନ୍ତ ସବୁ ବିଭାଗର କାର୍ଯ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ । ସିନେମାର ଆତ୍ମା ହେଉଛି ତାହାର କାହାଣୀ । ଭଲ ସିନେମା ତିଆରି କରିବାକୁ ସମୟ ଅଧିକ ଦେବାକୁ ପଡ଼ିବ । ତା ସହିତ ପ୍ରତ୍ୟେକ କୋଣ ବା ଆଙ୍ଗେଲ୍‌କୁ ପ୍ରାଧାନ୍ୟ ଦେବାକୁ ପଡ଼ିବ । ଏବଂ ସିନେମା କିପରି ବ୍ୟବସାୟିକ ସଫଳତା ଆସିବ, ତା ଉପରେ ବି ସେ ଦିଗରେ କାମ କରିବାକୁ ପଡ଼ିବ । ମୋର ବିଶ୍ୱାସ ଓଡ଼ିଆ ସିନେମା ପୁଣିଥରେ ଦର୍ଶକଙ୍କ ହୃଦୟ ଜୟ କରିବ ।

▲ଓଡ଼ିଆ ସିନେମା ଅଧିକ ଲଭ୍ ଷ୍ଟୋରୀକୁ ନେଇ ନିର୍ମାଣ କରାଯାଉଛି, ଏହାଦ୍ୱାରା ଅଧିକ ଦର୍ଶକ ଆକୃଷ୍ଟ ହେବେ ବୋଲି ଭାବିଛନ୍ତି କି ?

▶ସିନେମା ସୋସାଇଟିର ରିଫ୍ଲେକସନ୍ । ଯେକୌଣସି ଭଲ ବିଷୟକୁ ନେଇ ସିନେମା ତିଆରି କରାଯାଇପାରେ । ସେ ଲଭ୍ ଷ୍ଟୋରୀ, ଫ୍ୟାମିଲି କି ଥ୍ରୀଲର ହେଉ, ସିନେମାର କାହାଣୀ ଓ ତାହା କିଭଳି ତିଆରି ହେଉଛି ତାହା ମୁଖ୍ୟକଥା ।

▲ଆପଣ ଅନ୍ୟଭାଷାର ମଧ୍ୟ ସିନେମାରେ ଅଭିନୟ କରିଛନ୍ତି, କଣ ଫରକ ଦେଖିଛନ୍ତି ?

▶ମୋତେ ଅନେକ କିଛି ଶିଖିବାକୁ ମିଳିଛି । ପ୍ରଫେସନାଲିଜିମ୍ ସହିତ କାମ କରିବାର ଶୈଳୀ, ସମୟାନୁବର୍ତ୍ତିତା, ଶୃଙ୍ଖଳା ମଧ୍ୟ ସେମାନଙ୍କ ଠାରୁ ଶିଖିବାକୁ ମିଳିଛି ।

▲କାଷ୍ଟିଂ କାଉଚ୍‌କୁ କିଭଳି ଦୃଷ୍ଟିରେ ଦେଖନ୍ତି ?

▶ମୁଁ ତ କେବେ ଏମିତି ଫେସ୍ କରିନି, ଯାହା ଖାଲି ଶୁଣିଛି । ତା ମାନେ ନୁହେଁ ଏମିତି ହେଉ ନଥିବ । ଏମିତି ବି ହେଉଥାଇପାରେ । କିନ୍ତୁ ଗୋଟେ କଥା କହିବି ନିଜ ଉପରେ ଭରସା ରଖିଲେ, ଏହି ଆଶଙ୍କାକୁ ଏଡ଼େଇ ଦିଆ ଯାଇପାରେ । ଯଦି ବି ସେମିତି ହେଉଥିବ, ଦୋଷୀକୁ କଠୋର ଦଣ୍ଡ ମିଳିବା ଉଚିତ ।

▲ନୂଆ ପିଢ଼ିର ଅଭିନେତ୍ରୀଙ୍କୁ କଣ କହିବେ ?

▶କଠିନ ପରିଶ୍ରମ, ତ୍ୟାଗ, ଶୃଙ୍ଖଳା ରଖି ସମସ୍ତେ କାମ କରିବା ଦରକାର । ଏହାଦ୍ୱାରା ସଫଳତା ମିଳି ପାରିବ ।


ପରିବାର ସହିତ ଅନୁ ଚୌଧୁରୀ

## ସଂକ୍ଷେପରେ ଅନୁ



ନାମ : ଅନୁ ଚୌଧୁରୀ
ଜନ୍ମ : ୩୦ ଅଗଷ୍ଟ
ଡ଼ାକ ନାମ : ମୁନୁ
ପ୍ରଥମ ସିନେମା : ମା ଗୋଜବାୟାଣୀ
ପିତା : ରବି ଚୌଧୁରୀ
ମାତା : ସୌଦାମିନି ଚୌଧୁରୀ
ଶିଶୁ କଳାକାର ଭାବେ ଅଭିନୀତ ସିନେମା : ବଧୂ ନିରୁପମା ଓ ମମତା ମାଗେ ମୂଲ
ଜନ୍ମସ୍ଥାନ : ଭୁବନେଶ୍ୱର
ଜନ୍ମ ତାରିଖ : ୩୦ ଅଗଷ୍ଟ
ପ୍ରିୟ ଖାଦ୍ୟ : ନିରାମିଷ ଖାଦ୍ୟ
ପ୍ରିୟ ମଣିଷ : ବାପା,ବୋଉ
ପ୍ରିୟ ହବି : ସିନେମା ଦେଖିବା, ବହି ପଢ଼ିବା, ଗୀତ ଶୁଣିବା
ପ୍ରିୟ ରଙ୍ଗ : ଧଳା, ବେବି ପିଙ୍କ୍
ପ୍ରିୟ ଶବ୍ଦ : ସ୍ମାଇଲ୍
ପ୍ରିୟ ଦିବସ : ସବୁଦିନ
ପ୍ରିୟ ମୁହୂର୍ତ୍ତ : ପ୍ରକୃତି କୋଳରେ ହଜିଯିବା



# ଲେଖକର ପର୍ବ

ଲେଖାଲେଖି ପରି ସୃଜନକର୍ମରେ ଲିପ୍ତ ଲେଖକର ସୁଖସମ୍ପଦ କହିଲେ କେବଳ ସେଇ 'ଲେଖା'କୁ ହିଁ ବୁଝାଏ । ଧନଜନ ଗୋପଲକ୍ଷ୍ମୀର ପ୍ରତ୍ୟାଶୀ ଏ ବିଶାଳ ମାନବସମାଜ ଭିତରେ 'ଲେଖକ' ଏକ ଭିନ୍ନଜଗତର ନିବାସୀ । ଲେଖକର ମନ ଓ ହୃଦୟକୁ ବୁଝିବା ସାଧାରଣ ମଣିଷ ପକ୍ଷରେ ଜଟିଳ ବ୍ୟାପାର । ସେ କେତେବେଳେ କେଉଁଥିରେ ଥାଏ, କେତେବେଳେ କେଉଁଥିରେ ବଞ୍ଚୁଥାଏ, କେତେବେଳେ କେମିତି ଜୁଝୁଥାଏ, ସେକଥା ତା' ଭିନ୍ନ ଆଉ କେହି କଳନା ସୁଦ୍ଧା କରି ପାରିବେ ନାହିଁ । ଲେଖକ, ସୁତରାଂ ଏକ ଅସାଧାରଣ ପ୍ରାଣୀ । ଆମେ କସ୍ମିନ୍‌କାଳେ ଲେଖକଟିଏକୁ ଅସମ୍ମାନ ବା ହେୟଜ୍ଞାନ କରିବା ଅନୁଚିତ । କାରଣ, ଲେଖକଟି ଜନ୍ମରୁ ପ୍ରାପ୍ତ ହୋଇଥାଏ 'ସୃଜନକଳା' ରୂପକ ପ୍ରତିଭା । ଏହା ଈଶ୍ୱରଦତ୍ତ । ଏହାକୁ ପ୍ରାପ୍ତ କରି ହୁଏନା ଇଚ୍ଛା କରି । ହଜାର ହଜାର ମଣିଷଙ୍କ ଭିତରୁ କତିପୟଙ୍କ ଭିତରେ ଏ 'ସୃଜନ-ପ୍ରତିଭା'ଟିକୁ ପ୍ରତିରୋପିତ କରିଥାନ୍ତି ଈଶ୍ୱର । ତେଣୁ ସେ ମଣିଷଟି ସାଧାରଣ କିପରି ହେବ ! ଅନ୍ୟ ଅନେକ ସାଧାରଣ ମଣିଷ, ଦୈନନ୍ଦିନ ତେଲଲୁଣସଂସାର ବା ବିଳାସବ୍ୟସନ ଭିତରେ ଜୀବନକୁ ବସ୍ତୁବାଦୀ କରି ଗଢ଼ି ତୋଳନ୍ତି ଏବଂ ସେଇପରି ହିଁ ସେମାନଙ୍କର ଦେହାବସାନ ଘଟେ । ସେମାନଙ୍କ ଠାରୁ 'ଲେଖକ'ଟି ତେଣୁ ଅସାଧାରଣ ।


ଯିଏ ଲେଖେ ସେ ଲେଖକ- ଏଇ ମର୍ମରେ ମୋର ଏଇ ଆଲୋଚନାଟିକୁ ନବୁଝିଲେ ଭଲ । ମୋ ବିଚାରରେ ଲେଖକୀୟ ସତ୍ତା ସହ ଜନ୍ମଗ୍ରହଣ କରିଥିବା ଜଣେ ସତ୍ ଲେଖକ ହିଁ କେବଳ 'ଅସାଧାରଣତ୍ୱ'ର ଅଧିକାରୀ । ଜଣେ ଅଲେଖକ କଦାଚିତ୍ ନୁହେଁ । ଲେଖକର ଧର୍ମ ପାଳନ କରୁଥିବା, ପ୍ରକୃତ ଅର୍ଥରେ ସୃଜନର ଲାଳନପାଳନ କରୁଥିବା ଜଣକୁ ଆମେ ଲେଖକର ଆସନରେ ରଖି ପାରିବା । ଅନ୍ୟଥା 'ତାକୁ ଯେବେ ଜ୍ଞାନୀ ଗୁଣୀରେ ଗଣିବା ଅଜ୍ଞାନ ରହିବେ କାହିଁ' ପରି କଥା ହେଇଯିବ ।

ଲେଖକଟି ଆଜୀବନ ଲେଖିବା କର୍ମରେ ଥାଇ ନିଜର ଆନନ୍ଦ ଓ ସନ୍ତୁଷ୍ଟି ପ୍ରାପ୍ତ ହେଇଥାଏ । କିନ୍ତୁ ଏଇ ଆନନ୍ଦ ବା ସୁଖସନ୍ତୁଷ୍ଟି କ'ଣ ତାକୁ ସହଜରେ ପ୍ରାପ୍ତ ହୋଇଯାଏ? ନା, ଏଥିପାଇଁ ତାକୁ ସାଧନାର ସୋପାନରେ ଚାଲିବାକୁ ପଡ଼େ । ଗଛରୁ ଫଳ ତୋଳି ଆଣିବା ପ୍ରାୟେ ସାହିତ୍ୟ- କର୍ମ ନୁହେଁ । ଏଥିପାଇଁ ଅବିଚ୍ଛିନ୍ନ ସାଧନାର ଆବଶ୍ୟକତା ରହିଛି । ତାହା ପୁଣି ସତ୍-ମାର୍ଗରେ । ସାହିତ୍ୟରେ ସିଦ୍ଧି ସେତିକି ବେଳେ ମିଳେ, ଯେତେବେଳେ ଲେଖକଟିର ଚାରିପାଖରେ ଏକ ନିଦା ବଳୟ ତିଆରି ହୋଇଯାଏ, ପାଠକର । ପାଠକ ବିନା ଲେଖକର ସ୍ଥିତି ହିଁ ନଥାଏ । ତେଣୁ ଲେଖକଟି ପାଠକ ପାଇଁ ହିଁ ଲେଖେ ଓ ପାଠକ ଦ୍ୱାରା ତାହା ଯେତେ ଯେତେ ଆଦୃତ ହୁଏ, ତହିଁରୁ ସମୁଦ୍ର ମନ୍ଥନ ପରି ମିଳେ ଅମୃତ ।

ଏଇ ଅମୃତର ସନ୍ଧାନରେ କ'ଣ ଥାଏ ପ୍ରତିଟି ଲେଖକ? ବୋଧହୁଏ ହଁ । କିନ୍ତୁ ସବୁ ଲେଖକର କପାଳରେ ନଥାଏ ଅମୃତ-ପ୍ରାପ୍ତି । ସେତିକିବେଳେ ପାଠକ-ବର୍ଜିତ ଲେଖକଟି ଅସତ୍ ମାର୍ଗରେ ନିଜକୁ ପରିଚାଳିତ କରିପାରେ । କିନ୍ତୁ ତାହା ଅକରଣୀୟ । ଏହା ଜାଣି ସୁଦ୍ଧା ଅନେକ ଲେଖକ ସେହି ମାର୍ଗଗାମୀ ହୋଇଥାନ୍ତି । ଜାଣେନା, ସେ ମାର୍ଗର ଶେଷରେ କ'ଣ ଥାଏ- ଅଳିକ ଆନନ୍ଦ ନା ଅଳିଭା ପ୍ରସିଦ୍ଧି ! ସେଇ ଲେଖକମାନେ ଜାଣିଥିଲେ ଜାଣିଥିବେ ।

ଲେଖକର ଆନନ୍ଦ ବୋଧହୁଏ ନିଜ ଲେଖାଟିର ପ୍ରକାଶ ବେଳେ ମିଳିଥାଏ । ତା'ପରେ ପାଠକର ଗ୍ରହଣଶୀଳତା ଲେଖକକୁ ଦିଏ ଦ୍ୱିବାର ଆନନ୍ଦ । ଲେଖା ପ୍ରକାଶନ ପାଇଁ ଲେଖକଟି ସବୁବେଳେ ଆତୁରତାର ସହ ଅପେକ୍ଷା କରିଥାଏ । ଏହାର ବେଗ ବରିଷ୍ଠଙ୍କ କ୍ଷେତ୍ରରେ ବି କିଛି କମ୍ ନୁହେଁ କନିଷ୍ଠଙ୍କ ବେଗ ଠାରୁ । ତେବେ ନୂଆପିଢ଼ିଙ୍କ ଆତୁରତାର ବେଗ ସାମାନ୍ୟ ଅଧିକ । ଏହା ସ୍ୱାଭାବିକ । ତେବେ ଆଜିର ସମୟରେ ଶାରଦୀୟ ଋତୁ ହିଁ ଲେଖକଙ୍କ ପାଇଁ ଅମଳର ଋତୁ ବୋଲି ଧରାଯାଉଛି । ଧରାଯାଉନି, କାର୍ଯ୍ୟତଃ ସେପରି ହିଁ ଘଟୁଛି । ସାରାବର୍ଷ ଲେଖାଲେଖି ଜାରି ରଖିବା ପରିବର୍ତ୍ତେ ଲେଖକମାନେ ପୂଜା ସମୟକୁ ହିଁ ଅନେଇ ବସିଥାନ୍ତି । ତେଣୁ ସେମାନେ ଗୋଟିଏ ସମୟରେ ଏକାଧିକ ଗଳ୍ପ, କବିତା, ଉପନ୍ୟାସ ଇତ୍ୟାଦି ଲେଖନ୍ତି ଓ ପୂଜାପତ୍ରିକାକୁ ଦିଅନ୍ତି । ଏ ଯେଉଁ ପୂଜା-ଅମଳର ଅଭ୍ୟାସ, ଏହା ବୋଧହୁଏ ଆମ ସମ୍ପାଦକମାନଙ୍କ ଠାରୁ ଆସିଛି । କାରଣ କେବଳ ପୂଜାବେଳେ ମୋଟା କଳେବର ସହିତ ୮୦ରୁ ୧୦୦ଟି ଓଡ଼ିଆ ସାହିତ୍ୟ ପତ୍ରିକା ପ୍ରକାଶ ପାଉଥିବା ହେତୁ ସମ୍ପାଦକମାନେ ଲେଖକଙ୍କୁ ଆଗୁଆ ବରାଦ ଦେଇ ଲେଖାଇ ନିଅନ୍ତି । ଏହା ବର୍ଷ ପରେ ବର୍ଷ ଚାଲିବା ଫଳରେ ଆଜିର ଦିନରେ ଏକ ଅଭ୍ୟାସରେ ପରିଣତ ହୋଇଗଲାଣି । ଅର୍ଥାତ୍ ପୂଜା ନ ଆସିଲେ ଲେଖା ଆସିବନି । ତା'ଛଡ଼ା ନିୟମିତ ଗୋଟେ ଯୋଡ଼େ ପତ୍ରିକାକୁ ଛାଡ଼ିଦେଲେ ମାସକୁ ମାସ ବାର ମାସ ପତ୍ରିକା ପ୍ରକାଶ କରନ୍ତି କିଏ? ଲେଖକର ଲେଖାଟି ଶାରଦୀୟ ଅବକାଶରେ ପ୍ରକାଶ ପାଇ ପାଠକୀୟ ସ୍ୱୀକୃତି ପାଏ କି ନା, ତାହା ପଛକୁ ରହିଯାଏ । ଲେଖକ କିନ୍ତୁ ଗୋଟେ ପରେ ଗୋଟେ ପୂଜାପତ୍ରିକାର ସୂଚୀପତ୍ରକୁ ଦେଖୁଥାଏ ଓ ଗଣୁଥାଏ ତା'ର ଲେଖା ସଂଖ୍ୟା କେତେ ! ସେଇଥିରେ ତା'ର ଆନନ୍ଦ । ତାହା ହିଁ ତାର ଖୁସି । ଆଉ ଆଜିର ସମୟରେ ଲେଖକର ପର୍ବ କହିଲେ ବର୍ଷକୁ ଥରେ: ଦୁର୍ଗାପୂଜା । ଅନ୍ତତଃ ମୁଁ ଏହା ହିଁ ଭାବେ । ଆପଣମାନେ କଣ ଭାବନ୍ତି ?

ସମସ୍ତଙ୍କୁ ଶାରଦୀୟ ଅଭିନନ୍ଦନ ।





www.cutm.ac.in



# Become an industry expert before entering the industry.

For more details, call: 8260077222

**B.Tech COURSES OFFERED:** Aerospace | Civil | Mechanical | Computer Science Agriculture | Electrical | Mining | Electronics & Communication | Biotechnology Electrical & Electronics | Dairy Technology

**OTHER COURSES:** B.Sc | B.Sc (Agriculture) | B.Sc (Horticulture) | B.Sc (Fishery Sciences) B.Sc (Lab Technology) | B.Sc (Radiology) | B.Sc (Optometry) | B.Sc (Ayurveda Science) MBA | MBA (Agri Business) | MBA (Development Management) | MBA (Data Analytics) BBA | BA (Media Studies) | M.Sc | M.Sc (Agriculture) | M.Sc (Forensic Science) | M.Phil MA (Media Studies) | Diploma | M.Tech

LEARN THE WORLD

Centurion UNIVERSITY

NAAC "A" GRADE, UGC & AICTE APPROVED

**Campuses:** Bhubaneswar, Paralakhemundi, Visakhapatnam, Bolangir, Chatrapur & Rayagada

**Industry Partners:**

सीडेक CDAC | DASSAULT SYSTEMES | unity | Schneider Electric | TATA | vedanta | YAMAHA | FESTO | HYUNDAI | ACME Leading Through Innovation | HP | SELCO | ASHOK LEYLAND | Godrej | VOLVO | GE | VOLVO EICHER | FELDER GROUP

The **REBATI AMA MATIRA SWARA** • October 2019 Vol - 1 Issue - 12 • R.N.I. Title Code : ODIODI 07916 • Rs. 50
Total Page : 108




Associate editor : **Krushna Kumar Mohanty**
Editor : **Subasini Jena**